# ୟୁରୋପ ଯାତ୍ରୀର ଡାଏରୀ

ମନମୋହନ ଚୌଧୁରୀ

ଉତ୍କଳ ଖଦୀ ମଣ୍ଡଳ
ଭୁବନେଶ୍ୱର

ପ୍ରକାଶକ : ଉତ୍କଳ ଖଦୀ ମଣ୍ଡଳ
ଭୁବନେଶ୍ୱର-୨

ମୁଦ୍ରକ : ନିକୁଞ୍ଜ କିଶୋର ଦାସ
ଗ୍ରାମସେବକ ସମବାୟ ପ୍ରେସ
କଟକ-୨

ମୁଦ୍ରଣ ସଙ୍ଖ୍ୟା—୨୦୦୦
୧୯୭୨

ମୂଲ୍ୟ--ଆଠଟଙ୍କା ମାତ୍ର

Publisher : Utkal Khadi Mandal
Bhubaneswar-2

*Printer : Nikunja Kishore Das*
Gramasevak Samabaya Press
Cuttack-2

Number of Printing—2000
1972

**Price—Rupees Eight Only**

ଓଣେଇଶଶହ ସତୁରୀର ଖରାଦିନେ ପଶ୍ଚିମ ବର୍ଲିନ୍‌ରେ ଏକ ଟେଲିଭିଜନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାପାଇଁ ମୁଁ ସେଠାକୁ ଯାଇଥିଲି ଓ ସେହି ସୁଯୋଗରେ ଦୁଇମାସ ପାଇଁ ୟୁରୋପର କେତେଗୁଡ଼ିଏ ଦେଶରେ ମୁଁ ବୁଲି ଆସିଥିଲି । ଏ ବହିଖଣ୍ଡି ସେହି ଭ୍ରମଣର ପରିଣାମ । ଦୁଇମାସ ସମୟ କୌଣସି ଗୋଟିଏ ଦେଶ ବିଷୟରେ ବି କୌଣସି ପ୍ରକାରର ନିର୍ଭରଯୋଗ୍ୟ ଧାରଣା ହାସଲ କରିବା ପାଇଁ ଯଥେଷ୍ଟ ନୁହେଁ, ଆଉ ସେତିକି ସମୟରେ ଜଣକେ ଦେଶ ବିଷୟରେ ମତାମତ ଦେବାକୁ ଯିବା କଥା ତ ଛାଡ଼ିନ୍ତୁ । ତାହାଛଡ଼ା ୟୁରୋପକୁ ଏହା ପୂର୍ବରୁ ମୋ'ଠାରୁ ଢେର ବେଶୀ ଯୋଗ୍ୟ ବ୍ୟକ୍ତି ଏଠୁ ଯାଇଛନ୍ତି । ସେଠି ଢେର ବେଶୀ ସମୟ କଟେଇଛନ୍ତି ଓ ସେ ସବୁ ଅଭିଜ୍ଞତା ଉପରେ ବହି ଲେଖିଛନ୍ତି । ସେ ସବୁକୁ ବଳିଯିବାର ସାମର୍ଥ୍ୟ ଯେ ମୋର ଅଛି ତାହା ବି ନୁହେଁ । ତେବେ ୟୁରୋପରେ ଗାନ୍ଧୀ ବିଚାର ପ୍ରତି ଆକୃଷ୍ଟ ହୋଇଥିବା ବା ତଦନୁରୂପ ବିଚାର ପୋଷଣ କରୁଥିବା ଗୋଷ୍ଠୀ ଓ ବ୍ୟକ୍ତିଙ୍କ ସହିତ ତଥା ଶାନ୍ତି ଆନ୍ଦୋଳନ ସହିତ ନିକଟ ପରିଚୟରେ ଆସିବା ଏ ଯାତ୍ରାରେ ମୋର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓ ଏ ଉଦ୍ଦେଶ୍ୟ କେତେକାଂଶରେ ସଫଳ ହୋଇଥିଲା । ଏହି ଅନୁଭୂତିକୁ ଓଡ଼ିଶାର ଜନସାଧାରଣଙ୍କ ଆଗରେ ରଖିବା ଏ ବହି ଖଣ୍ଡିକର ମୁଖ୍ୟ ଉଦ୍ଦେଶ୍ୟ । ବାକୀତକ ତୁଚ୍ଛା ଭ୍ରମଣ କାହାଣୀ, ଯାହା ମୋ ଆଖିରେ ପଡ଼ିଛି, ଯାହା ଭଲ ଲାଗିଛି ବା ମନ୍ଦ ଲାଗିଛି ସେ ସବୁ ଏକାଠି ଗୁନ୍ଥି ଦେଇଛି । ଏଥିରୁ ପାଠକମାନେ କିଛି ଆନନ୍ଦ ପାଇଲେ ଏ ପରିଶ୍ରମ ସାର୍ଥକ ହେଲା ବୋଲି ବୁଝିବି ।


ଏ ବହିଖଣ୍ଡି ପ୍ରକାଶ କରିବା ଦାୟିତ୍ୱ ଉତ୍କଳ ଖଦୀ ମଣ୍ଡଳ ତୁଲାଇଥିବାରୁ ମୁଁ ତାଙ୍କଠାରେ କୃତଜ୍ଞ ।

**ଲେଖକ**

# ସୂଚୀପତ୍ର


| କ୍ରମିକ | ବିଷୟ | ପୃଷ୍ଠାଙ୍କ |
|---|---|---|
| ୧ | କାଗଜ ଭେଲା ଓ ଅର୍ଗଲ ପାର | ୧ |
| ୨ | ବିଦେଶ ଭୂଇଁରେ ପ୍ରଥମ ପ୍ରଭାତ | ୭ |
| ୩ | ଭିଏନାରେ | ୧୨ |
| ୪ | ପଶ୍ଚିମ ଜର୍ମାନୀରେ ଗାନ୍ଧୀ ଆଶ୍ରମ | ୨୧ |
| ୫ | ରାଇନ୍ ନଦୀର କୂଳେ | ୨୮ |
| ୬ | ବର୍ଲିନ୍‌ରେ ବିଶ୍ୱର ଚନ୍ଦ | ୩୨ |
| ୭ | ବିଭକ୍ତ ନଗରୀ, ବିଭକ୍ତ ଦେଶ | ୩୭ |
| ୮ | ବର୍ଲିନ୍‌ର ଅନୁଭୂତି | ୪୧ |
| ୯ | ମଧ୍ୟ ରାତ୍ରିର ସୂର୍ଯ୍ୟର ଦେଶ | ୪୭ |
| ୧୦ | ସ୍ୱୀଡ଼େନର ହ୍ରଦ, ଉଦ୍ୟାନ ଓ ଶାନ୍ତିବାଦୀ | ୫୩ |
| ୧୧ | ଭାଇକିଂଗ୍ ଭୂଇଁରେ ଶାନ୍ତି ଉଦ୍ୟମ | ୫୯ |
| ୧୨ | ମାନବିକତା ଓ ପରାକ୍ରମର ଉପାସନା | ୬୩ |
| ୧୩ | ଡେନମାର ଦେଶ | ୬୮ |
| ୧୪ | ଜନତା ବିଦ୍ୟାଳୟ ଓ ପ୍ରାଥମିକ ଶିକ୍ଷା | ୭୪ |
| ୧୫ | ଡେନ୍‌ମାର୍କର ଗାଁ ଓ କୃଷି | ୮୦ |
| ୧୬ | ଲଣ୍ଡନ | ୮୩ |
| ୧୭ | ଲଣ୍ଡନର ଶାନ୍ତି ଆନ୍ଦୋଳନ | ୮୭ |
| ୧୮ | ସମାଜବାଦ ଓ ଗାନ୍ଧୀ ବିଚାରର ଅନୁଭୂତି | ୯୧ |
| ୧୯ | ଲଣ୍ଡନରେ ଆଉ କେତେ କଥା | ୯୭ |
| ୨୦ | ପଶ୍ଚିମ ଇଂଲଣ୍ଡରେ ମିତ୍ର ସମାଗମ | ୧୦୦ |
| ୨୧ | ଏଠାର ନୂଆ ଶିକ୍ଷା ବ୍ୟବସ୍ଥା | ୧୦୩ |
| ୨୨ | ବରମିଂହାମ୍ ଓ ସେକ୍‌ସପୀୟର୍ ତୀର୍ଥ | ୧୦୮ |
| ୨୩ | ହ୍ରଦ ଅଞ୍ଚଳ ଓ ଶାନ୍ତି ଗୋଷ୍ଠି | ୧୧୨ |

| | | |
|---|---|---|
| ୨୪ | ଫରାସୀ ଭୂଇଁର ପ୍ରଥମ ଅନୁଭୂତି | ୧୧୭ |
| ୨୫ | ନବଜୀବନ କେନ୍ଦ୍ରରେ ଦିନେ | ୧୨୦ |
| ୨୬ | ପ୍ୟାରିସ୍‌ରେ ସର୍ବସମିତି ଓ ଭକ୍ତିମାର୍ଗ | ୧୨୬ |
| ୨୭ | ମାନବ ପ୍ରେମିକ ଆବେ ପୀୟର | ୧୩୧ |
| ୨୮ | ପ୍ୟାରିସ୍‌ର ଆଉ ସବୁ କଥା ଓ ଷ୍ଟ୍ରାସ୍‌ବର୍ଗ | ୧୩୭ |
| ୨୯ | ହ୍ରଦ ପର୍ବତର ଦେଶରେ | ୧୪୩ |
| ୩୦ | ମିଲାନର ଶାନ୍ତିପ୍ରେମୀ | ୧୪୮ |
| ୩୧ | ଇଟାଲୀର ଗାନ୍ଧୀଙ୍କ ଆଶ୍ରମରେ | ୧୫୧ |
| ୩୨ | ତୀର୍ଥ-ନଗରୀ ରୋମ୍ | ୧୫୬ |
| ୩୩ | ମେରିଆ ଜୋମ୍‌ବର୍ତ୍ତୀ | ୧୬୦ |
| ୩୪ | ନବସାମ୍ୟବାଦୀ ଦେଶରେ | ୧୬୩ |
| ୩୫ | ଯୁଗୋସ୍ଲାଭିଆରେ ବିପ୍ଳବ | ୧୬୮ |
| ୩୬ | ଯୁଗୋସ୍ଲାଭିଆ ବିଷୟରେ ଆହୁରି | ୧୭୪ |
| ୩୭ | ବେଲ୍‌ଗ୍ରେଡ୍‌ରେ ବିନୋବା ଭକ୍ତ | ୧୮୦ |
| ୩୮ | ଏକ ସରକାରୀ କୃଷିକ୍ଷେତ୍ର | ୧୮୪ |
| ୩୯ | ଏଥେନ୍‌ସରେ ଦିନେ | ୧୯୩ |
| ୪୦ | ଘରମୁହାଁ | ୧୯୫ |



ପଶ୍ଚିମ ବର୍ଲିନ୍‌ରେ ଟେଲିଭିଜନ୍ ଆଲୋଚନା ଚକ୍ର




ବାମରେ—
ଡମ୍ ହେଲ୍ଡର୍ କାମାରା
ତଳେ—
ଓଡେରେକ୍ ଲୁଣ୍ଡ
(ନରୱେ)






ରେକେଙ୍କର ଦମ୍ପତି
(ଡେନ୍‌ମାର୍କ)

ଭିଗେଲଣ୍ଡ୍ ନିର୍ମିତ ଭାସ୍କର୍ଯ୍ୟ
(ନରଓ୍ୱେ)






କଣ୍ଡବୋ ଦମ୍ପତି ଓ ଲେଖକ (କୋପେନ୍‌ହେଗେନ୍)



ଡେନ୍‌ମାର୍କର ବଦ୍ୟାଳୟ

ଇଂଲଣ୍ଡର ଗାଁ






(ଇଂଲଣ୍ଡର ବଦ୍ୟାଳୟ ଡ୍ରୟୁଡ୍‌ଓ୍ୱିନ)

ଶ୍ରୀମତୀ ଓ ଶ୍ରୀ ବାର୍ଥେଲ୍‌ମୀ ( ଫ୍ରାନ୍‌ସ )









ରାମକୃଷ୍ଣ ମିଶନ, ଗ୍ରେଜ୍,
ବାମରୁ : ଲେଖକ, ସ୍ୱାମୀଜୀ,
ଶ୍ରୀ ବାଁସମ୍ଁ, ଶ୍ରୀ ରାଓ

"ହରେକୃଷ୍ଣ"


ଉଡାଜାହାଜରୁ ପ୍ୟାରିସ୍ ଓ ସୀନ୍ ନଦୀ





ଉଡ଼ାଜାହାଜରୁ ଆଲ୍ପସ୍ ପର୍ବତମାଳା

ଆବେ ପିଦ୍ଦର୍ ( ଫ୍ରାନ୍ସ୍ )






ଡ୍ର ମିଣ୍ଟି କ୍ରମ୍ ଓ ତାଙ୍କର ଭଉଣୀ ତାମାର୍ (ଷ୍ଟୁଟ୍‌ଗାର୍ଟ)

ମିଲାନ୍‌ରେ ଶାନ୍ତିବାଦୀ ବନ୍ଧୁଗଣ । ବାଁପାଖରୁ ପ୍ରଥମ ପିଏରୋ, ଦ୍ୱିତୀୟ ମେରିଆ ସୋରେସିନା, ତାଙ୍କ ଡାହାଣରୁ ପ୍ରଥମ ମିକେଲନୋ







ଶ୍ରୀମତୀ ମେରିଆ ଜୋମ୍ବର୍ଗ (ଫ୍ଲୋରେନ୍ସ)

ରବର୍ଟ ଏବ୍ନସ୍ଥର୍ (ଜୁରିଖ୍)






ଡନ୍ କାର୍ଲୋ ଝୋନେଲ (ରୋମ୍)



ନେନାଦ୍ ଷ୍ଟୋୟନର୍ (ବେଲ୍‌ଗ୍ରେଡ୍)



ଯୁଗୋସ୍ଲାଭିଅର ହାଟ




ୟୁରୋପରେ
ରହଣୀର ସ୍ଥାନ ଓ ଯାତ୍ରାପଥ

## ଏକ

### କାଗଜ ଭେଳା ଓ ଅର୍ଗଳ ପାର

ବିଦେଶ ଯାତ୍ରା ପାଇଁ ଉଡ଼ାଜାହାଜ ବା ଜାହାଜରେ ସବାର ହେବା ପୂର୍ବରୁ ଆୟତ୍ତ କରିବାକୁ ହୁଏ ପାସ୍‌ପୋର୍ଟ, ପି ଫର୍ମ ଓ ଭିସାର କାଗଜ ଭେଳା ଓ ସେଥିପାଇଁ ପାର ହେବାକୁ ହୁଏ ନାଲିଫିତାର ଅର୍ଗଳ ।

ପଶ୍ଚିମ ବର୍ଲିନରେ ଏକ ଟେଲିଭିଜନ୍ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ମତେ ନିମନ୍ତ୍ରଣ ମିଳିଥିଲା ଆଠ ନଅ ମାସ ପୂର୍ବରୁ ଏବଂ ପାସ୍‌ପୋର୍ଟ ଆଦି ସଂଗ୍ରହ କରିବା ଉଦ୍ୟମ ମୁଁ ଆରମ୍ଭ କରିଥିଲି ଯାତ୍ରାର ଚାରି ମାସ ପୂର୍ବରୁ । ଭାବିଥିଲି ଯେ ରୱାନା ହେବାର ଯଥେଷ୍ଟ ପୂର୍ବରୁ ସବୁ ଅଡୁଆ ଛିଣ୍ଡେଇ ନିଶ୍ଚିନ୍ତ ହୋଇଥିବି । କାରଣ, କୌଣସି ଦୀର୍ଘ ଯାତ୍ରା ଆରମ୍ଭ କରିବାର ଶେଷ ମୁହୂର୍ତ୍ତଯାଏ ନାନା ଅନିଶ୍ଚିତତା ଓ ଆୟୋଜନର ଅସମ୍ପୂର୍ଣ୍ଣତାରେ ଧନ୍ଦି ହେବା ଭଳି ଅଶାନ୍ତିକର ଓ ରକ୍ତଚାପ ବୃଦ୍ଧି ସୃଷ୍ଟି କରିବା ଭଳି କଥା ଆଉ କିଛି ନାହିଁ । ଅଥଚ ଯୋଗ ଏପରି ଯେ ସେହି ଶେଷ ମୁହୂର୍ତ୍ତ ଯାଏ ଅଡୁଆ ଓ ଦୁଶ୍ଚିନ୍ତାରେ ଧନ୍ଦି ହେବାକୁ ହେଲା ।

ଆମ ଦେଶର ଢିଲାଢାଲା କାରବାର ଏଥିପାଇଁ ଦାୟୀ । ଗୋଟିଏ ବିଖ୍ୟାତ ଟ୍ରାଭେଲ୍ ଏଜେନ୍‌ସୀର ଯେଉଁ କର୍ମଚାରୀ ମୋର ପାସପୋର୍ଟ ଭିସାର ଦାୟିତ୍ୱ ନେଇଥିଲେ ସେ ମତେ ବରାବର ଆଶ୍ୱାସ ଦେଇ ଚାଲିଲେ "ଦାଦା ! କିଛୁ ଭାବବେନ୍ ନା, ସବ୍ ହୟେଯାବେ । ଯଥେଷ୍ଟ ସମୟ ଆଛେ ।" ଏହିପରି ପାସପୋର୍ଟ ଚାରି ପାଞ୍ଚ ଦିନରେ ମିଳିବ କ'ଣ ଷାଠିଏ ଦିନରେ ମିଳିଲା । ଅଷ୍ଟ୍ରିଆ, ଇଟାଲି, ଫ୍ରାନ୍‌ସ ଓ ବେଲ୍‌ଜିୟମ୍‌ର ଭିସା ପାଇଁ ଦରଖାସ୍ତ ପୂରଣ କରିଦେଇ କଲିକତାରୁ କଟକ ଫେରିଲି । କଥା ଥିଲା ଯେ ଆଠଦିନ ପରେ ମୁଁ ପୁଣି କଲିକତା ଯିବାବେଳକୁ ଏ ସବୁ ଭିସା ମିଳି ସାରିଥିବ । ମାତ୍ର ଆଠଦିନ ପରେ ଯେତେବେଳେ ଯାଇ ପହଞ୍ଚିଲି, ଶୁଣିଲି, "ଦାଦା, ଆପନାର ସବ୍ କାଗଜପତ୍ର ଆମାର ଡେସ୍କେର ମଧ୍ୟେ ଯତ୍ନେ ରାଖା ଆଛେ । ଆଜ୍‌କେଇ ସବ୍ ଡକେଟ୍ କରେ ଅଫିସେ ଜମା ଦେବୋ ।" ଦାଦା ଏ ଘୋଷଣାଟା ଏଭଳି ନିରୁଦ୍‌ବିଗ୍ନ ଭାବରେ ଓ ସତେକି ଗୋଟାଏ ଖୁବ୍ କଠିନ କାର୍ଯ୍ୟ

ସାଧ କରିବାର ସନ୍ତୋଷର ସହ ସହାସ୍ୟ ବଦନରେ କଲେ ଯେ ମୁଁ ହସିବି କି କାନ୍ଦିବି ସ୍ଥିର କରିପାରିଲି ନାହିଁ । ମୋତେ ରମାନା ହେବାକୁ ହେବ ଦଶ ଦିନ ପରେ ଏବଂ ମୋର ପ୍ରଥମ ରହଣୀ ଭିଏନା । ସେଥିପାଇଁ ଅଷ୍ଟ୍ରିଆର ଦିଲ୍ଲୀ ଦୂତାବାସରୁ ଭିସା ମିଳିବ । ସ୍ୱିଜରଲଣ୍ଡ୍‌ର ଭିସା ମଧ୍ୟ ସେହି ଦିଲ୍ଲୀରୁ ହିଁ ମିଳିବା କଥା ।

ଏ ସବୁ ଦରଖାସ୍ତ ଭିତରେ ପୁଣି ମୋର 'ପି' ଫର୍ମ ପାଇଁ ଦରଖାସ୍ତ ରହିଛି । ତେଣେ ରିଜର୍ଭ ବ୍ୟାଙ୍କର କର୍ମଚାରୀମାନେ 'ଗୋ ସ୍ଲୋ' ବା ନିୟମ ମୁତାବକ କାମ କରିବା ଆନ୍ଦୋଳନ ଚଳେଇଥାନ୍ତି । କୌଣସି ଖଣ୍ଡେ ଦଲିଲ, ଚେକ୍, ଦରଖାସ୍ତ, ବିଲ୍ ଆଦି ପାଇଲେ କର୍ମଚାରୀମାନେ କିଭଳି ତାକୁ ନଉଠେଇ କରି ଆମୂଳଚୂଳ ତନ୍ନ ତନ୍ନ କରି ପଢ଼ୁଥାନ୍ତି, କାଗଜଟା ଠିକ ଖାଣ୍ଟି କି ନାହିଁ ତାହା ଆଲୁଅକୁ ଟେକିଧରି ବାରମ୍ବାର ପରୀକ୍ଷା କରୁଥାନ୍ତି, ରୁଲ୍ ବହି ଖୋଲି ସେ ଦଲିଲ ଉପରେ ଯାହା କାର୍ଯ୍ୟାନୁଷ୍ଠାନ କରାଯିବ ସେ ବିଷୟକ ନିୟମ ଓ କାର୍ଯ୍ୟବିଧିର ଯଥାର୍ଥତା ବିଷୟରେ ନିଜର ସ୍ମୃତିକୁ ଉଝାଳୁଥାନ୍ତି ଓ ଏଣେ ପାଞ୍ଚ ମିନିଟର କାମ ପାଇଁ ଦୁଇଘଣ୍ଟା ଛଡ଼ାହେବା ଯୋଗୁଁ ଗରାଖ ବିଚରାଙ୍କର ଗୋଡ଼ମାନ ଝାଇଁ ଝାଇଁ ଡାକୁଥାନ୍ତି, ତାହାର ସରସ ବର୍ଣ୍ଣନା ଜଣେ ବନ୍ଧୁଙ୍କଠାରୁ ଅଳ୍ପ ଦିନ ତଳେ ଶୁଣି ଖୁବ୍ ଆମୋଦ ଅନୁଭବ କରିଥିଲି । ଏବେ ସେ ଦୃଶ୍ୟ କଳ୍ପନା କରି ଲୋମ ଟାଙ୍କୁରି ଉଠିଲା ।

ଏ 'ପି' ଫର୍ମର ବ୍ୟାପାର ମଧ୍ୟ ଭାରତ ସରକାରଙ୍କର ନାଲିଫିତାରାଜର ଅଯୌକ୍ତିକତାର ଆଉ ଏକ ହାସ୍ୟାସ୍ପଦ କାହାଣୀ । ଏପ୍ରିଲ ମାସରେ ଭାରତସରକାରଙ୍କର ଇସ୍ତାହାର ବାହାରିଲା ଯେ ଯେଉଁମାନେ ପୂର୍ବ ତିନିବର୍ଷ ଭିତରେ ବିଦେଶ ଯାଇ ନାହାନ୍ତି ସେମାନଙ୍କର ଏଣିକି 'ପି' ଫର୍ମ ଲୋଡ଼ା ହେବ ନାହିଁ ଓ ସେମାନେ ଏୟାର-ଇଣ୍ଡିଆର ବିମାନରେ ଯାତ୍ରା କଲେ ଶହେ ଡଲାର ବିଦେଶୀ ମୁଦ୍ରା ମଧ୍ୟ ପାଇବାର ହକ୍‌ଦାର ହେବେ । ଏଥିରେ ମୋର ଖୁବ୍ ସୁବିଧା ହୋଇଗଲା ବୋଲି ମୁଁ ବିଚାର କଲି ଓ ଟ୍ରାଭେଲ ଏଜେନ୍‌ସୀବାଲା ମଧ୍ୟ ସେୟା କହିଲେ । ମୁଁ ନିଶ୍ଚିନ୍ତ ହୋଇ ବସିଛି । ଯିବାର ମାତ୍ର ଦୁଇ ସପ୍ତାହ ଅଛି । ହଠାତ୍ ଟ୍ରାଭେଲ୍ ଏଜେନ୍‌ସୀର ଦାଦା କହିଲେ ଯେ ଆପଣଙ୍କର ତ 'ପି' ଫର୍ମ ଲାଗିବ ଓ ଆପଣ ଶହେ ଡଲାର୍ ପାଇବେ ନାହିଁ । କାହିଁକି ? ଆପଣଙ୍କର ରାସ୍ତାଖର୍ଚ୍ଚ ବାହାରୁ ଦିଆଯାଉଛି ବୋଲି ।

ଏହାର ଯୌକ୍ତିକତା ଆଜଯାଏ ମତେ କେହି ବୁଝାଇ ପାରି ନାହାନ୍ତି । ମୁଁ ଯଦି ଅଣ୍ଟିରୁ ପଇସା ଖର୍ଚ୍ଚ କରି ଯାଇଥାନ୍ତି ତେବେ ମତେ 'ପି' ଫର୍ମର ଝାମେଲା ମୁଣ୍ଡେଇବାକୁ ହୋଇ ନ ଥା'ନ୍ତା । ବାହାରୁ କେହି ଖର୍ଚ୍ଚ ଦେଲା ତ ସେଥିରେ ସରକାରର ହାନିଟା କ'ଣ ହେଲା ? ବରଂ ସେତିକି ବିଦେଶୀ ବିନିମୟ ମୁଦ୍ରା ତା'ର ଆୟ ହେଲା । କିନ୍ତୁ ନା, ସେୟା ନିୟମ । କ'ଣ କରାଯିବ ?

ପୁଣି ସେତିକି ନୁହେଁ । ରିଜର୍ଭ ବ୍ୟାଙ୍କର କୌଣସି ମାଛିମରା କିରାଣୀ ମୋର ଦରଖାସ୍ତ ଉପରେ ପ୍ରଶ୍ନ ଉଠେଇଲେ, "ପଶ୍ଚିମ ଜର୍ମାନୀରୁ ନିମନ୍ତ୍ରଣ ଆସିଛି ତ ପୁଣି ଅନ୍ୟ

ଦେଶମାନଙ୍କୁ ଚାହିଁକି ଯିବେ ? କେଉଁ ଦେଶରେ କେତେ ଦିନ ରହିବେ ? ସେଠୁ କିଛି ଟଙ୍କା ପାଇବେ ତ ଏ ଦେଶକୁ ଆଣିବେ ତ ? ଇତ୍ୟାଦି ।" ମଜାର କଥା ହେଉଛି ଯେ ମୁଁ ଯଦି କେବଳ ବର୍ଲିନ ପର୍ଯ୍ୟନ୍ତ ଯିବାପାଇଁ ଅନୁମତି ମାଗିଥା'ନ୍ତି ତେବେ ଏସବୁ ପ୍ରଶ୍ନ ଉଠି ନ ଥା'ନ୍ତା ଓ ବାହାରେ ପହଞ୍ଚି ମୁଁ କୌଣସି ଜାଗାରେ ଯେ କୌଣସି ଉଡ଼ାଜାହାଜ କମ୍ପାନୀର ଅଫିସ ବା ଟ୍ରାଭେଲ୍ ଏଜେନସୀର ଅଫିସକୁ ଯାଇ ମୋର ଟିକେଟ୍ ଯେପରି ଇଚ୍ଛା ବଦଳେଇ ନେଇ ପାରିଥା'ନ୍ତି । କୌଣସି ଅସୁବିଧା ହୋଇ ନ ଥା'ନ୍ତା । ଟ୍ରାଭେଲ୍ ଏଜେନ୍ସୀ-ବାଲା ମଧ୍ୟ ସେହିପରି ପରାମର୍ଶ ଦେଇଥିଲେ । ମାତ୍ର ବିଦେଶ ବିଷୟରେ ପୂର୍ବ ଅଭିଜ୍ଞତା ନ ଥିବାରୁ ଏ ଅନିଶ୍ଚିତତା ମୁଣ୍ଡାଇବା ପରିବର୍ତ୍ତେ ଏଇଠୁ ସବୁ ବ୍ୟବସ୍ଥା କରି ଯିବା ଶ୍ରେୟ ମଣିଲି ।

ଯାହା ହେଉ କଲିକତାରେ ରିଜର୍ଭ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ସାକ୍ଷାତ କରିବାରୁ ସେ ଅନୁଗ୍ରହ କରି ତୁରନ୍ତ 'ପି' ଫର୍ମ ଦେବାର ବ୍ୟବସ୍ଥା କରିଦେଲେ । ଇତିମଧ୍ୟରେ କେବଳ ଅଷ୍ଟ୍ରିଆର ଭିସାଟି ସଂଗ୍ରହ ହୋଇଥିଲା । ଶେଷଦିନ ଇଂଲଣ୍ଡରେ ପ୍ରବେଶ କରିବାର ଅନୁମତିପତ୍ର ସଂଗ୍ରହ କରି ଅବଶିଷ୍ଟ ଭିସା ବର୍ଲିନରେ ସଂଗ୍ରହ କରିବାର ନିଷ୍ପତ୍ତି ନେଇ ଯାତ୍ରା ପାଇଁ ପ୍ରସ୍ତୁତ ହେଲି । ଶେଷ ପର୍ଯ୍ୟନ୍ତ 'ଦାଦା'ଙ୍କର ସହାସ୍ୟ ଆଶୀର୍ବାଦର ହିଁ ଜୟ ହେଲା । ହୁଏ ତ ମୁଁ ଅନଭିଜ୍ଞ ମଫସଲିଆ ବୋଲି ହିଁ ଏତେ ବେଶୀ ଉଦ୍‌ବିଗ୍ନ ହେଉଥିଲି ।

ଏଠି ବିଲାତରେ ପ୍ରବେଶର ଅନୁମତିପତ୍ରର ତାମସା ବିଷୟରେ କିଛି କହି ରଖିବା ଉଚିତ । ଭାରତ କମନୱେଲ୍‌ଥର ସଦସ୍ୟ ଓ ଆଇନତଃ କମନୱେଲ୍‌ଥ ଦେଶମାନଙ୍କୁ ଯିବା ପାଇଁ ଅନୁମତି ବା ଭିସା ଲୋଡ଼ା ନ ହେବା କଥା । ମାତ୍ର ଇଂଲଣ୍ଡରେ କଳା ଲୋକଙ୍କ ନିୟନ୍ତ୍ରଣ ପାଇଁ ଏଂଟ୍ରି ପରମିଟ୍ ବ୍ୟବସ୍ଥାର ପ୍ରଚଳନ କରାଯାଇଛି । ଏଥିରେ ଝାମେଲା ବହୁତ । କୌଣସି ଫୀସ୍ ଅବଶ୍ୟ ଲାଗେ ନାହିଁ, ମାତ୍ର ନିଜେ ଯାଇ ଚେହେରା ଦେଖାଇବାକୁ ହୁଏ । ଅନ୍ୟାନ୍ୟ ଦେଶପରି କୌଣସି ଟ୍ରାଭେଲ ଏଜେନ୍ସୀ ଜରିଆରେ ସଂଗ୍ରହ କରି ହୁଏ ନାହିଁ । ଲଣ୍ଡନରେ ପହଞ୍ଚି ମଧ୍ୟ ଯେତେ ହାନସ୍ତା ହେବାକୁ ପଡ଼ିଥିଲା ତାହା ଅନ୍ୟ କୌଣସି ଦେଶରେ ଭୋଗିବାକୁ ହୋଇନାହିଁ । ଇଂଲଣ୍ଡରେ ଏବେ ତିରିଶ ଲକ୍ଷ କଳା ଲୋକ ବସବାସ କରୁଛନ୍ତି । ଏଥିଭିତରୁ ତିନି ଲକ୍ଷ ଭାରତବାସୀ, ବାକୀ ସବୁ ପାକିସ୍ତାନ, ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ ଓ ଆଫ୍ରିକାର ବିଭିନ୍ନ ଦେଶରୁ ଯାଇଛନ୍ତି । କଳା ଲୋକଙ୍କ ସଂଖ୍ୟା ବୃଦ୍ଧି ସାଙ୍ଗେ ସାଙ୍ଗେ ସେ ଦେଶରେ ଲୋକଙ୍କ ଭିତରେ ବର୍ଣ୍ଣବିଦ୍ୱେଷ ମଧ୍ୟ ପୁଣି ମୁଣ୍ଡ ଟେକୁଛି । ଏଥର ସାଧାରଣ ନିର୍ବାଚନରେ ସେଠାରେ କାଠ ଦଳର ବିଜୟ ପଛରେ ଏହି ରଙ୍ଗଭେଦର ମଧ୍ୟ କିଛି ପ୍ରଭାବ ରହିଛି । × × ×

ଯାହାହେଉ ଶେଷ ପର୍ଯ୍ୟନ୍ତ ସବୁ ଅଡୁଆ ତୁଟିଲା ଓ ବାକ୍ସ ପେଟରା ବନ୍ଧାଛନ୍ଦା କରି ମେ ତେଇଶ ତାରିଖ ରାତି ସାଢ଼େ ଆଠଟାରେ କଲିକତାର ଦମଦମ ବିମାନଘାଟିରେ ଉଡ଼ାଜାହାଜ ଚଢ଼ିଲୁ । ଏୟାର ଇଣ୍ଡିଆର ଜାହାଜ । ଅଷ୍ଟ୍ରେଲିଆର ସିଡ୍‌ନୀରୁ ଆସି ପହଞ୍ଚିଥାଏ । ଏହା ଆମକୁ ବମ୍ବେ ଯାଏ ନେବ । ସେଠୁ ଆମେ ଦିଲ୍ଲୀରୁ ଆସୁଥିବା ଅନ୍ୟ ଏକ ବିମାନରେ ସବାର ହେବା ।

ଏଇଟି ବୋଇଙ୍ଗ 707 ଜେଟ୍ ବିମାନ । ଗତି ଘଣ୍ଟାକୁ ଛଅଶହ ମାଇଲ । ଉଡ଼ିବାର ଉଚ୍ଚତା ୩୫,୦୦୦ରୁ ୪୦,୦୦୦ ଫୁଟ । ଅର୍ଥାତ୍ ଏଭେରେଷ୍ଟ ଶୃଙ୍ଗର ଦେଢ଼ମାଇଲ ଉପରକୁ । ହିମାଳୟର ଏକ ଶୃଙ୍ଗ ଅନୁସାରେ ଏହାର ନାମକରଣ ହୋଇଛି 'ମାକାଲୁ' । ବମ୍ବେରୁ ଯେଉଁ ବିମାନ ଆମକୁ ରୋମ୍ ନେଲା ତା'ର ନାମ ହେଲା 'ଧବଳଗିରି' ।

ନଅଟା ବାଜିବାକୁ କେତେ ମିନଟ୍ ଥାଇ ବିମାନର ମାଇକ୍‌ରେ ଘୋଷଣା ହେଲା— "ଏ ବିମାନ ଚାଳକ କ୍ୟାପେଟନ୍ ମଣ୍ଡଳ । ତାଙ୍କର ଓ ବିମାନର ସମସ୍ତ କର୍ମଚାରୀଙ୍କ ପକ୍ଷରୁ ଆପଣଙ୍କୁ ଏ ବିମାନକୁ ସ୍ୱାଗତ ଜଣାଉଛୁଁ । ଏଠାରୁ ବମ୍ବେ ପର୍ଯ୍ୟନ୍ତ ଉଡ଼ାଣ ଦୁଇଘଣ୍ଟାରେ ପୂରା ହେବ । ଆପଣମାନେ ଦୟାକରି ସିଟ୍‌ବେଲ୍‌ଟ ବାନ୍ଧନ୍ତୁ ଓ ସିଗାରେଟ ଲିଭାନ୍ତୁ ।"

ଦେଢ଼ ମାଇଲ ଝଣ୍ଟେ ଦଉଡ଼ି ଘୋର ଗର୍ଜ୍ଜନ କରି ବିରାଟ ବିମାନ ଆକାଶକୁ ଉଠି ପଶ୍ଚିମ ଆଡ଼କୁ ମୁହାଁଇଲା । ଦୁଇ ତିନି ମିନଟ୍ ମଧ୍ୟରେ ଗଙ୍ଗାନଦୀ ଓ ତା'ର ଦୁଇ କୂଳର ଜନପଦମାନଙ୍କର ଆଲୋକମାଳା ପଛରେ ପଡ଼ିଗଲା । ନିରନ୍ଧ୍ର ଅନ୍ଧକାର । ମଝିରେ ମଝିରେ ସହରମାନଙ୍କର ବିଦ୍ୟୁତ୍ ଦୀପମାଳା ଅନ୍ଧାର ଭିତରେ ଆଲୋକର ଦ୍ୱୀପ ପରି ଭାସିଉଠି ପୁଣି ମିଳେଇ ଯାଉଛି । କୋଡ଼ିଏ ମିନଟ୍ ପରେ ଟାଟାନଗରର ବୃହତ୍ତର ଆଲୋକ-ଦ୍ୱୀପ ଭାସି ଉଠିଲା । ଦଶଟାର କିଛି ପରେ ନାଗପୁର । ଠିକ୍ ଏଗାରଟାରେ ବିମାନ ବମ୍ବେର ସାନ୍ତାକ୍ରୁଜ୍ ଘାଟିରେ ଓହ୍ଲାଇଲା । ଏଠୁ ପୁଣି ରାତି ଗୋଟାଏ ବେଳେ ବିମାନ ଛାଡ଼ିବ । ସମସ୍ତେ ବିମାନରୁ ଓହ୍ଲାଇ ବସ୍‌ରେ ଚଢ଼ି ବିମାନଘାଟିର ବିଶ୍ରାମଗାରକୁ ଆସିଲୁଁ ।

ବିମାନରୁ ଓହ୍ଲାଇଲା ବେଳେ ଦେଖିଲି ଜଣେ ଅଳ୍ପବୟସ୍କା ଭାରତୀୟ ମହିଳା। ଦୁଇଟି ସାନ ପିଲା ସାଙ୍ଗରେ ଧରି ଓହ୍ଲାଇଲେ । ଲୁଗାପିନ୍ଧା ଢଙ୍ଗରୁ ଓଡ଼ିଆର ଝିଅ ବୋଲି ସନ୍ଦେହ ହେଲା । ଶୁଣିଲି—ପିଲାଙ୍କୁ କହିଲେ "ବାପ୍ରେ ! ଦେଖ କେତେ ବଡ଼ ଜାହାଜ !" ଏ'ତ ସତରେ ଓଡ଼ିଆ ! କେଉଁଠୁ ଆସିଲେ ? କୁଆଡ଼େ ଯାଉଛନ୍ତି ? କୌତୂହଳ ହେଲା । ପଚାରି ବୁଝିଲି ଯେ ତାଙ୍କର ଘର ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ପାଖରେ । ତାଙ୍କର ସ୍ୱାମୀ କ୍ୟାନଡ଼ାର ଏକ ସହରରେ କାରଖାନାରେ ମେକାନିକ । ପାଞ୍ଚ ଛଅ ବର୍ଷ ହେଲା ସେଠାରେ କାମ କରୁଛନ୍ତି । ଭଦ୍ରମହିଳା ଏବେ ପିଲା ଦୁଇଟିକୁ ଧରି ସ୍ୱାମୀଙ୍କ ପାଖକୁ ଯାଉଛନ୍ତି ।

ଲଣ୍ଡନରେ ବିମାନ ବଦଳାଇ କାଲ ଉପରଓଲି ଓନ୍ଟାରିଓରେ ପହଞ୍ଚିବେ । ଏହା ପୂର୍ବରୁ ଓଡ଼ିଶା ବାହାରକୁ କ'ଣ ମୟୂରଭଞ୍ଜ ଜିଲା ବାହାରକୁ ବାହାରି ନ ଥିଲେ । ଏବେ ଏକା-ଥରକେ ସାତ ସମୁଦ୍ର ପାରି ପୃଥିବୀର ଆରପାଖକୁ ଖେପ । ଗାଉଁଲି ଝିଅ, ଇଂରେଜୀ ଜାଣନ୍ତି ନାହିଁ···ଏତେ ଦୂରର ଅଚିହ୍ନା ଦେଶକୁ ଯାତ୍ରା । ଅପରିଚିତ ଓ ଅନଭ୍ୟସ୍ତ ପରିବେଶ । ଭଦ୍ରମହିଳା ଟିକିଏ ବିବ୍ରତ ଜଣାପଡ଼ୁଥାଆନ୍ତି । ଜଣେ ଓଡ଼ିଆ ସହଯାତ୍ରୀ ପାଇ ଖୁବ୍ ଖୁସି ହେଲେ । ଅବଶ୍ୟ ଚିନ୍ତାର କୌଣସି କାରଣ ନ ଥାଏ । ଦେଖିଲି—ଉଡ଼ାଜାହାଜର ପରିଚାରିକାମାନେ ତାଙ୍କର ଖୁବ୍ ଯତ୍ନ ନେଉଛନ୍ତି, ବରାବର ତତ୍ତ୍ୱ ବୁଝୁଛନ୍ତି, କେଉଁଠି କ'ଣ କରିବାକୁ ହେବ ବୁଝାଇ ଦେଉଛନ୍ତି ।

ନାହିଁ ରାଇରଙ୍ଗପୁର କାହିଁ ଓନ୍ଟାରିଓ ! ଏଠାର ଗାଉଁଲି ଝିଅ ଯାଇ ସେଠି ଚବିଶ ଘଣ୍ଟାରୁ କମ୍ ସମୟରେ ପହଞ୍ଚି ଘରକରଣା ପତେଇବ ! ପୃଥିବୀଟା କେଡେ ଛୋଟ ହୋଇ ଗଲଣି ।

ବମ୍ବେରେ ବିଦେଶଯାତ୍ରୀଙ୍କ ବିଶ୍ରାମାଗାର ଏକ ଜେଲ୍‌ଖାନା । ସେଠି ବସିବା ପାଇଁ ଆରାମଦାୟକ ବ୍ୟବସ୍ଥା ଅଛି । ଖାଦ୍ୟପାନୀୟର ଭଣ୍ଡାର ମଧ୍ୟ ରହିଛି । ମାତ୍ର ଏକ ପୁଲିସ୍ କନେଷ୍ଟବଲ ମଧ୍ୟ ଦରଜା ପାଖରେ ଟୁଲ୍ ଉପରେ ବସି ବସି ଢୁଳାଉଛି । ବିଦେଶ ଯାତ୍ରୀମାନଙ୍କୁ ବିମାନରେ ସବାର ହେବା ପୂର୍ବରୁ କଷ୍ଟମ୍‌ସ ବା ଶୁଳ୍‌କବିଭାଗର ବେଢା ପାର ହେବାକୁ ହୁଏ । କୌଣସି ନିଷିଦ୍ଧ ବସ୍ତୁ ଓ ସରକାର ଯେତିକି ନେବାପାଇଁ ଅନୁମତି ଦେଇଥିବେ ତାହାଠାରୁ ଅଧିକ ମୁଦ୍ରା ଯେପରି କେହି ନ ନେଇ ପାରନ୍ତି ତାହା ଦେଖିବା ହେଲା ଏହାର ଉଦ୍ଦେଶ୍ୟ । ତେଣୁ ଥରେ ବେଢ଼ା ପାର ହେଲେ ଆଉ ବାହାର ଲୋକଙ୍କ ସଂସ୍ପର୍ଶରେ ଆସିବାକୁ ଦିଆଯାଏ ନାହିଁ । ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପୁଣି ସେ ଦେଶର ବେଢ଼ା ପାର ହୋଇ ପଦାକୁ ଯିବାକୁ ହୁଏ ।

ବମ୍ବେରେ କେତେଜଣ ବନ୍ଧୁ ଦେଖା କରିବା ଆଶାରେ ବିମାନଘାଟିକୁ ଆସିଥିଲେ । ମାତ୍ର ବହୁତ ସାଧ୍ୟ-ସାଧନା ପରେ ମଧ୍ୟ ସେମାନଙ୍କ ଦେଖା ପାଇବା ସମ୍ଭବ ହେଲା ନାହିଁ । ଟେଲିଫୋନ୍‌ରେ କଥା କହିବାର ସୁବିଧା ଅଛି ବୋଲି କୁହାଗଲା । ମାତ୍ର ସେ ଟେଲିଫୋନ୍ ମଧ୍ୟ ଅଚଳ ।

ଗୋଟାଏ ଅଠତିରିଶରେ 'ଧବଳଗିରି' ବମ୍ବେ ଛାଡ଼ି ସମୁଦ୍ର ଉପର ଦେଇ ଉତ୍ତର-ପଶ୍ଚିମ ଦିଗକୁ ଉଡ଼ି ଚାଲିଲା । ତଳେ ଆରବ ସାଗରର ଅସରନ୍ତି ବିସ୍ତାର । ଚଉକୀକୁ ପଛକୁ ଢଳେଇଦେଇ ଆଖିକୁ ବୁଜିଲି । ପରବର୍ତ୍ତୀ ରହଣୀ କୁଏତ୍ । ବମ୍ବେରୁ ୨୭୦୦ କିଲୋମିଟର । ତିନିଘଣ୍ଟା କୋଡ଼ିଏ ମିନିଟରେ ପହଞ୍ଚିବ । ଅଢ଼େଇ ଘଣ୍ଟା ପରେ ନିଦ ଭାଙ୍ଗିଲାରୁ ଦେଖିଲି ସେ ସ୍ଥଳଭାଗ ଉପର ଦେଇ ଚାଲିଛୁଁ । କିଛି ସମୟ ପରେ ଦୂରରେ ଗୋଟିଏ ଜନବସତିର ଆଲୋକମାଳା ଦେଖାଗଲା । ତା' ଆଖପାଖରେ କେତେକ ନିଆଁ ହୁଳା । ଏଥିରୁ ତେଲଖଣି ବୋଲି ଅନୁମାନ କଲି । ତେଲଖଣି ବା ତେଲ ଶୋଧନାଗାରର କେତେକ ଅପ୍ରୟୋଜନୀୟ

ବାକ୍ସକୁ ଏକ ଚମନୀ ଉପରେ ଜକେଇ ଦିଆଯାଏ । ଏହା କଅଁ ହୁଲା ପରି ଦେଖାଯାଏ । କୁଏଟ୍‌ରେ ବହୁତ ତୈଳ ଭଣ୍ଡାର ରହିଛି । ଏସବୁ ଆମେରିକାନ୍ ତେଲ କମ୍ପାନୀମାନଙ୍କ କବଳରେ । କୁଏଟ୍ ଗୋଟିଏ ଅତି ସାନ ଦେଶ । ହୁଏତ ଏହି ତେଲ ଖଣି ମାଲିକମାନଙ୍କର ସ୍ୱାର୍ଥଦୃଷ୍ଟିରୁ ଏହାକୁ ଏକ ସ୍ୱତନ୍ତ୍ର ଦେଶ ଭାବରେ ସୃଷ୍ଟି କରାହୋଇଛି । ମଧ୍ୟପ୍ରାଚ୍ୟରେ ଇରାକ୍, ଇରାନ୍ ଆଦି ଅନ୍ୟ ଦେଶମାନଙ୍କରେ ମଧ୍ୟ ପ୍ରଚୁର ତୈଳ-ସମ୍ପଦ ରହିଛି । ଏସବୁ ଇଂଲଣ୍ଡ ଓ ଆମେରିକାର ଆୟତ୍ତରେ ରହିଛି । ଏହା ଭିତରେ ରୁଷ୍ ମଧ୍ୟ ମୁଣ୍ଡ ଗଳାଇବା ଚେଷ୍ଟାରେ ଅଛି । ଏହି ତୈଳ ସମ୍ପଦ ଉପରେ କର୍ତ୍ତୃତ୍ୱ ପାଇ ବୃହତ୍ ଶକ୍ତିମାନଙ୍କର ଧସ୍ତାଧସ୍ତି ହୁଏ ହେଲା । ମଧ୍ୟପ୍ରାଚ୍ୟର ରାଜନୀତି ଓ ସେ ଅଞ୍ଚଳର ସମସ୍ତ ଯୁଦ୍ଧ ବିଗ୍ରହ ପଛରେ ଥିବା ପ୍ରଚ୍ଛନ୍ନ ମୌଳିକ କାରଣ ।

★ ★

# ଦୁଇ

## ସ୍ୱଦେଶ ଭୁଇଁରେ ପ୍ରଥମ ପ୍ରଭାତ

ମୋର ଘଣ୍ଟା ଅନୁସାରେ ଠିକ୍ ପାଞ୍ଚଟାରେ ଆମେ କୁଏତ୍‌ରେ ଓହ୍ଲାଇଲୁ । କିନ୍ତୁ ସେତେବେଳେ ସେଠାର ସ୍ଥାନୀୟ ସମୟ ହେଲା ଅଢେଇଟା । ଘଣ୍ଟାକୁ ଅଢେଇ ଘଣ୍ଟା ପଛେଇ ଦେବାକୁ ହେଲା । କୁଏତ୍‌ରେ ଘଣ୍ଟାଏ ରହଣୀ ପରେ ପୁଣି ଯାତ୍ରାରମ୍ଭ । ଏଥରକର ଖେପ ଏକଦମ୍ ରୋମ୍ ଯାଏ । ୩୭୩୫ କିଲୋମିଟର । ପାଞ୍ଚଘଣ୍ଟା ଦଶ ମିନିଟ୍‌ରେ ଅତିକ୍ରମ କରିବ ବୋଲି ଘୋଷଣା ହେଲା ।

ବିମାନ କିଛି ବାଟ ଦକ୍ଷିଣମୁହାଁ ଯାଇ ପୁଣି ପଶ୍ଚିମକୁ ବୁଲିଲା । ଆକାଶରେ ତ ବାଟ ଅବାଟର ସମସ୍ୟା ନାହିଁ । ତେଣୁ ବିମାନ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବିଲ୍‌କୁଲ୍ ସରଳରେଖା ଧରି ଉଡୁଥିବ ବୋଲି ସହଜ ବୁଦ୍ଧି କହେ । ମାତ୍ର ତାହା ସବୁଠାରେ ଏଭଳି ସିଧା ବାଟରେ ଯାଏ ନାହିଁ । ରାଡାର୍ ଯନ୍ତ୍ରଦ୍ୱାରା ବିମାନଘାଟି ସହିତ ସଂଯୋଗ ରକ୍ଷାର ସୁବିଧା ପାଇଁ ଓ ବେଳେ ବେଳେ କୌଣସି ସାମରିକ ଘାଟି ସ୍ଥାନ ଏଡ଼େଇବା ପାଇଁ ତାହା ବଙ୍କେଇ ବଙ୍କେଇ ଉଡ଼େ । ବମ୍ବେରୁ ବେରୁଟ୍‌କୁ ସିଧା ଉଡ଼ାବାଟ ଅଛି । ଆମ ବିମାନ ସେହି ବାଟ ଧରିବାପାଇଁ କୁଏତ୍‌ରୁ ଦକ୍ଷିଣକୁ ଆସିଲା । ପ୍ରାୟ ଦେଢ଼ ଘଣ୍ଟା ପରେ ରାତି ପାହିଲା । ସାତ ମାଇଲ୍ ତଳେ ଥିବା ସ୍ଥଳଭାଗ ପାଣ୍ଡୁର ଦେଖାଯାଉଥାଏ । ମନେ ହେଉଥାଏ, କେବଳ ବାଲି, ମଝିରେ ମଝିରେ ବାଲିର ସ୍ତୂପ ବା ସାନ ବଡ଼ ପାହାଡ଼ ।

ଆରବ୍ୟ ଉପନ୍ୟାସର ରୋମାଞ୍ଚପୂର୍ଣ୍ଣ ସ୍ମୃତିଜଡ଼ିତ ଦାମାସ୍କସ୍ ନଗରୀକୁ ଡାହାଣରେ ରଖି ଆମେ ଲେବାନନ୍ ଉପକୂଳ ଅତିକ୍ରମ କରି ଆସି ପୁଣି ସମୁଦ୍ର ଉପରେ ପଡ଼ିଲୁଁ । ଭୂମଧ୍ୟସାଗର । ଡାହାଣ ପାଖ ଦୂରରେ ଏସିଆ ମାଇନର୍‌ର ତଟଭୂମି ଓ ପର୍ବତମାଳା କିଛି ସମୟ ପରେ ଦେଖାଗଲା । ଗ୍ରୀକ୍ ଓ ଆରବ୍‌ମାନଙ୍କ ଭିତରେ ରକ୍ତ ସଂଘର୍ଷର ଇତିହାସ ଭୂମି ସାଇପ୍ରସ୍ ବା କୁବ୍ରୁସ୍ ଦ୍ୱୀପର ଠିକ୍ ମଝି ଦେଇ ଉଡ଼ି ଚାଲିଲୁ । କେତେ ସମୟ ପରେ ଗ୍ରୀସ୍‌ର ଦ୍ୱୀପପୁଞ୍ଜ ଡାହାଣ ପଟରେ ଦେଖାଗଲା । ଗ୍ରୀସ୍ ଦେଶର ସବ ଦକ୍ଷିଣ ଭାଗର ବଡ଼ ଦ୍ୱୀପ ପେଲୋପୋନେସସ୍ ଉପର ଦେଇ ଆଗେଇ ଚାଲିଲୁଁ । ଏକାବେଳକେ ପାହାଡ଼ିଆ

ରୋମ ପହଞ୍ଚିଲି ଓ ଗ୍ରୁଡ଼ିଲବେଳେ ୟୁରୋପର ଭୂମିର ପ୍ରଥମ ଦର୍ଶନ ମିଳିଲା । ଦକ୍ଷିଣ ଇଟାଲୀର ସମତଳ ଭୂମି, କୃଷିକ୍ଷେତ୍ର, ଫଳବଗିଚା, ଗାଁ ଗଣ୍ଡା । ଶ୍ୟାମଳ କ୍ଷେତ ଓ ବଗିଚା ସାଙ୍ଗକୁ ସାନ ସାନ ଗାଁମାନଙ୍କର ଘରର ନାଲିଛାତ ମନୋରମ ବର୍ଣ୍ଣବୈଚିତ୍ର୍ୟ ସୃଷ୍ଟି କରୁଥାଏ । କ୍ଷେତଗୁଡ଼ିକ ବେଶୀ ବଡ଼ ନୁହେଁ । ଦକ୍ଷିଣ ଇଟାଲୀର ଚାଷୀମାନେ ପଶ୍ଚିମ ୟୁରୋପ ମାପକାଠି ଅନୁସାରେ ଦରିଦ୍ର ଓ ସେଠାରେ ମୁଣ୍ଡପିଛା ଜମି ପରିମାଣ ଅପେକ୍ଷାକୃତ କମ । ଇଟାଲୀର ମଝିସାରା ପାର୍ବତ୍ୟ ଅଞ୍ଚଳ । ଆଲ୍‌ପସ୍ ପର୍ବତମାଳାର ଗୋଟାଏ ଶାଖା । କୌଣସି କୌଣସି ଶୃଙ୍ଗ ଉପରେ ଏବେ ବି ତୁଷାର ମୁକୁଟର ଅବଶିଷ୍ଟାଂଶ ଦେଖାଯାଉଥାଏ । ଉତ୍ତର ଇଟାଲୀରେ ପୁଣି ପୋ ନଦୀର ଉପତ୍ୟକା ସମତଳ ଭୂମି । ରୋମର ଭିଏନା ଯିବାବେଳେ ନେପୋଲିୟନ୍ ବୋନାପାର୍ଟିଙ୍କର ନିର୍ବାସନ ସ୍ଥଳ ଏଲବା ଦ୍ୱୀପ ପଡ଼ିଲା । ଏକ ରୁକ୍ଷ ଶୁଷ୍କ ଟାଙ୍ଗର ମୁଣ୍ଡିଆ । ବୃକ୍ଷଲତାର କୌଣସି ଚିହ୍ନ ଦିଶିଲା ନାହିଁ । ସମୁଦ୍ର କୂଳରେ ଦୁଇଗୋଟି ସାନ ସାନ ଗାଁ, ମଝିରେ ଏକ ଦୁର୍ଗର ଭଗ୍ନାବଶେଷ । ପ୍ରକୃତରେ ନିର୍ବାସନର ଉପଯୁକ୍ତ ସ୍ଥାନ ।

ଇଟାଲୀ ଓ ଅଷ୍ଟ୍ରିୟା ମଝିରେ ଯୁଗୋସ୍ଲାଭିଆର କେତେକ ଅଂଶ ପଡ଼ିଲା । ଏଇଟି ସମ୍ପୂର୍ଣ୍ଣ ପାର୍ବତ୍ୟ ଅଞ୍ଚଳ । ପାହାଡ଼ ମଝିରେ ଛୋଟ ଛୋଟ ନଈ, ସାନ ସାନ ଗାଁ । ମନେ ହେଉଥାଏ ଯେ କୋରାପୁଟ ଜିଲା ମଧ୍ୟ ଉଡ଼ାଜାହାଜରୁ ଏଇପରି ଦିଶୁଥିବ । ତେବେ ଜଣାପଡ଼ୁଥାଏ ଯେ ଏଠାର ଗାଁ ଘରଗୁଡ଼ିକ ସବୁ ପକ୍କା ଏବଂ ପ୍ରତି ଗାଁକୁ ପକ୍କା ରାସ୍ତା ରହିଛି । ଅଷ୍ଟ୍ରିୟା ଉପରେ ପହଞ୍ଚିଲା ବେଳକୁ ଭୂମିର ରୂପ ବଦଳିଗଲା । ସମତଳ ଭୂମି, କ୍ଷେତଗୁଡ଼ିକ ଖୁବ୍ ବଡ଼ ବଡ଼ ଓ ଚଉଖୁଣିଆ । ପଟି ପଟି ହଳ ହୋଇ ହୋଇଛି ଓ ଫସଲ ଲାଗି ହୋଇଛି । ବିଭିନ୍ନ ଫସଲର ବିଭିନ୍ନ ସବୁଜ ଆଭା ଓ ଚଷାଭୂଇଁର ପାଟଳ ବର୍ଣ୍ଣ ଏଭଳି ପ୍ୟାଟର୍ଣ୍ଣ ସୃଷ୍ଟି କରିଛି ଯେପରି କି ବିରାଟ ବଡ଼ ବଡ଼ ହରରଙ୍ଗୀ ସତରଞ୍ଜି ବିଛା ହୋଇଛି । ଏଠାର ଗାଁଗୁଡ଼ିକ ବଡ଼ ବଡ଼, ଛୋଟ ସହର କହିଲେ ଚଳେ । ଘରସବୁ ପ୍ରାୟ ଦୋତାଲା ତେତାଲା । ଛାତ ଗଡ଼ାଣିଆ, ଟାଇଲ୍‌ର ।

ଭିଏନା ସହର ଡାନ୍ୟୁବ୍ ନଈ କୂଳରେ ଅବସ୍ଥିତ । ଡାନ୍ୟୁବ୍ ଏଠି ବେଶୀ ପ୍ରଶସ୍ତ ନୁହେଁ । ଗଙ୍ଗା, ଯମୁନା, ମହାନଦୀ, ଗୋଦାବରୀରେ ଅଭ୍ୟସ୍ତ ମତେ ତ ଏହା ଗୋଟାଏ ବଡ଼ ଧରଣର ନାଳ ପରି ମନେ ହେଲା । ତେବେ ଆହୁରି ତଳକୁ, ବେଲଗ୍ରେଡ୍‌ର ତଳକୁ ଡାନ୍ୟୁବ୍ ତା'ର ବିରାଟ ରୂପ ପ୍ରକାଶ କରିଛି । ସେଠି ତା'ର ତୁଳନା ମହାନଦୀ ସହିତ ହେବ । ତେବେ ଏ ନଈରେ ସବୁବେଳେ ପାଣି ଭରପୂର ଓ ଅନ୍ତର୍ରାଷ୍ଟ୍ରୀୟ ନୌ-ବାଣିଜ୍ୟର ଏହା ଏକ ପ୍ରଧାନ ମାଧ୍ୟମ ।

ୟୁରୋପର ସହରରେ ମୋର ପ୍ରଥମ ପଦାର୍ପଣ ଭିଏନାରେ ଏବଂ କଟକ, କଲିକତା, ବମ୍ବେର ଅପରିଚ୍ଛନ୍ନତାରୁ ଆସି ଏଠି ପହଞ୍ଚିବା ବେଳକୁ ମନ ଉପରେ ପ୍ରଥମ ଛାପ ପଡ଼ିଲା ଏହାର ରାସ୍ତାଘାଟର ପରିଚ୍ଛନ୍ନତା ଓ ପ୍ରଶସ୍ତତାର ଏବଂ ରାସ୍ତା ଓ ବଜାରରେ ଲୋକ ଚଳାଚଳର ବିରଳତାର । ୟୁରୋପର ସମସ୍ତ ସହର ଭାରତର ସହରମାନଙ୍କ ତୁଳନାରେ ପରିଚ୍ଛନ୍ନ; କିନ୍ତୁ ଭିଏନା ବୋଧହୁଏ ସବୁଠାରୁ ବେଶୀ ।

ଏଠି ଚାରିଦିନ ରହିବା ଭିତରେ ମୁଁ ରାସ୍ତାରେ ମାତ୍ର ଦୁଇ ତିନି ଥର ସିଗାରେଟ୍ ଥୁଣ୍ଟା ଓ ଚିରା କାଗଜ ପଡ଼ିଥିବାର ଦେଖିଛି । ଭିଏନା ଏକ ସମୟରେ ଏକ ବିରାଟ ସାମ୍ରାଜ୍ୟର ରାଜଧାନୀ ଥିଲା । ତେଣୁ ଏହାର ଲେ-ଆଉଟ୍ ଏକାବେଳକେ ମହାରାଜକୀୟ ଶୈଳୀରେ । ରାସ୍ତାଘାଟ ଖୁବ୍ ପ୍ରଶସ୍ତ ଓ ସହର ଭିତରେ ବହୁତ ବଡ଼ ବଡ଼ ପାର୍କ ଓ ଖୋଲା ଜାଗା ରହିଛି । ଏହାଛଡ଼ା ସାମ୍ରାଜ୍ୟ ଯୁଗର ବହୁ ବିରାଟ ରାଜପ୍ରାସାଦ ଓ ଅନ୍ୟ ଭବନବାନ ତ ରହିଛି । ଏସବୁ ଭିତରୁ କେତେଗୁଡ଼ିଏ ପ୍ରକୃତରେ ସୁନ୍ଦର । ଏସବୁ ଭବନର ପ୍ରବେଶ ପ୍ରାଙ୍ଗଣ, ପାର୍କ ଓ ଅନ୍ୟ ସାଧାରଣ ସ୍ଥାନ ସବୁ ବିଖ୍ୟାତ ଭାସ୍କରମାନଙ୍କ ଦ୍ୱାରା ନିର୍ମିତ ବିଶାଳ ମୂର୍ତ୍ତିମାନଙ୍କ ଦ୍ୱାରା ସୁସଜ୍ଜିତ । ମୁଁ ତ ସେଠି ବର୍ ଖରାଦିନେ ପହଞ୍ଚିଲି । ସେତେବେଳେ ଯେଉଁଠି ଦେଖିବ ସେଠି ନାନାରଙ୍ଗର ଫୁଲ ଭରି ରହିଛି । ସୌଭାଗ୍ୟକୁ ସେ ସମୟରେ ପାଗ ମଧ୍ୟ ଭଲ, ଖରାଟିଆ ଥାଏ । ଏସବୁ ମିଶି ଏକ ଉଜ୍ଜ୍ୱଳ, ଆନନ୍ଦମୟ ଓ ନିରାମୟ ପରିବେଶ ସୃଷ୍ଟି କରୁଥାଏ ।

ଏ ସମୟରେ ଲୋକଙ୍କର ମନରେ ମଧ୍ୟ ଏଇ ପରିବେଶର ରଙ୍ଗ ଲାଗିଥାଏ । ଖରା ଛୁଟିର ଆରମ୍ଭ । ସମସ୍ତେ ଦୀର୍ଘ ଛୁଟି ଉପଭୋଗ କରିବା ପାଇଁ ପ୍ରସ୍ତୁତ ହେଉଥାନ୍ତି । ଆମ ଦେଶରେ ଖରାଛୁଟିର ଉପଭୋଗଟା ବହୁ ଅଧିକ ସଂଖ୍ୟକ ଲୋକଙ୍କ ପକ୍ଷରେ ସମ୍ପୂର୍ଣ୍ଣ ନେତିମୂଳକ । ଅସହ୍ୟ ଗରମ ସମୟରେ ଦାୟିତ୍ୱପୂର୍ଣ୍ଣ କାମରୁ ମୁକ୍ତି ହିଁ ଯେତିକି ସନ୍ତୋଷ ଦିଏ । ଛୁଟିରେ କୌଣସି ଆରାମପ୍ରଦ ଓ ଆନନ୍ଦଦାୟକ ସ୍ଥାନକୁ ବୁଲି ଯିବାର ସମ୍ବଳ ଓ ସୁଯୋଗ ଶତକଡ଼ା ଦୁଇତିନି ଜଣ ଲୋକଙ୍କର ଥାଏ । ବାକି ଖଟିଖିଆ ଲୋକଙ୍କ ଭାଗ୍ୟରେ ଖରାଛୁଟି ବି ଥାଏ କାହିଁ ?

କିନ୍ତୁ ୟୁରୋପରେ ତ ଖରାଦିନଟା ପ୍ରକୃତିକୁ ଉପଭୋଗ କରିବାର ପ୍ରକୃଷ୍ଟ ସମୟ । ପଶ୍ଚିମ ୟୁରୋପର ଦେଶମାନଙ୍କରେ ପ୍ରାୟ ସମସ୍ତ ଲୋକ, ସାଧାରଣ ଶ୍ରମିକ ସୁଦ୍ଧା, ଖରାଛୁଟି ପାଆନ୍ତି । କାରଖାନା ଆଦିରେ ପାଳି କରି ଛୁଟି ଦିଆଯାଏ । ଛୁଟିରେ କେହି ଘରେ ରହନ୍ତି ନାହିଁ । ପାହାଡ଼, ବଣ ବା ସମୁଦ୍ର କୂଳକୁ ବୁଲିଯା'ନ୍ତି । ସମୁଦ୍ରରେ ଗାଧୁଅନ୍ତି, ପହଁରନ୍ତି ଓ ବାଲିରେ ଦିନଯାକ ପଡ଼ିରହି ଖରା ପୁହାନ୍ତି ।

ଜୀବନକୁ ନିଶ୍ଚିନ୍ତରେ ଉପଭୋଗ କରିବାର ସୁଯୋଗ ଓ ସମ୍ବଳ ଏଠି ଅଧିକାଂଶ ଲୋକଙ୍କର ରହିଛି ।

ଅଷ୍ଟ୍ରିୟା ସେତେ ବେଶୀ ଧନାଢ୍ୟ ନୁହେଁ । ଏଠି ଶିଳ୍ପର ପ୍ରସାର ଅପେକ୍ଷାକୃତ କମ ଓ କୃଷିର ପ୍ରାଧାନ୍ୟ ଅଧିକ । ତଥାପି ସାଧାରଣ ଲୋକଙ୍କ ଅବସ୍ଥା ସଚ୍ଛଳ । ସାଧାରଣ ମଜୁରିଆର ମାସକୁ ଦେଢ଼ ହଜାର ଟଙ୍କା ହେବ ।

ଅଷ୍ଟ୍ରିୟାରେ କେତେ ବର୍ଷ ହେଲା ଗୋଟାଏ ପ୍ରକାରର ସମାଜବାଦୀ ସରକାର ଅଛି ଓ ଏଠି ପ୍ରତ୍ୟେକ ନାଗରିକ ପାଇଁ ବେଶ ସନ୍ତୋଷଜନକ ସାମାଜିକ ସୁରକ୍ଷାର ବ୍ୟବସ୍ଥା ରହିଛି । ବେକାରମାନଙ୍କୁ ଭତ୍ତା ମିଳେ । ଚିକିତ୍ସା ମଧ୍ୟ ମାଗଣାରେ କରାଯାଏ । ତେଣୁ ଅନ୍ନବସ୍ତ୍ରର ସମସ୍ୟା ଆମ ଦେଶରେ ଯେଉଁ ସ୍ଥୂଳ ଓ ଉତ୍କଟ ରୂପରେ ଅନୁଭବ କରିବାକୁ ହୁଏ ଏଠି ତାହା ନାହିଁ ।

★★

# ତିନି

## ଭିଏନାରେ

ଭିଏନାରେ ମୁଁ ଡକ୍ଟର କୁର୍ଟ ସ୍ମିଟ୍‌ଙ୍କର ଅତିଥି ହୋଇଥିଲି । କୁର୍ଟ ଗତବର୍ଷ ଭାରତ ଭ୍ରମଣରେ ଆସିଥିଲେ ଓ ଭୁବନେଶ୍ୱର ମଧ୍ୟ । ସେତେବେଳେ ତାଙ୍କ ସହିତ ପରିଚୟ ହୋଇଥିଲି । ଅତି ଅମାୟିକ ଭଦ୍ରଲୋକ । ମୁହଁରେ ସବୁବେଳେ ହସ ଲାଗି ରହିଛି । ଭିଏନାର ଏକ ଫୋକ୍ ହାଇସ୍କୁଲ ବା ଜନତା ଉଚ୍ଚ ବିଦ୍ୟାଳୟର ପରିଚାଳକ । ମାତ୍ର ତାଙ୍କର ବଡ଼ ପରିଚୟ ହେଲା ଯେ ସେ ସର୍ଭିସ୍-ଇଣ୍ଟର୍‌ନାଶନାଲ୍ ନାମକ ଏକ ଆନ୍ତର୍ଜାତୀୟ ସେବା ସଂସ୍ଥାର ମୁଖ୍ୟ ସଂଯୋଜକ । ପୃଥିବୀର ଅନ୍ୟୂନ କୋଡ଼ିଏଟି ଦେଶରେ ଏ ସଂସ୍ଥାର ବହୁ ଶତ ସଦସ୍ୟ ଅଛନ୍ତି । ଦେଶ ଦେଶର ଲୋକମାନଙ୍କ ଭିତରେ ପରିଚୟ ଓ ସୌହାର୍ଦ୍ଦ୍ୟ ବଢ଼ାଇ ବିଶ୍ୱଶାନ୍ତିର ବାଟ ପ୍ରଶସ୍ତ କରିବା ଏ ସଂସ୍ଥାର ଉଦ୍ଦେଶ୍ୟ । ଏଥିପାଇଁ ଏ ସଂସ୍ଥା ପକ୍ଷରୁ ବିଭିନ୍ନ ଦେଶରେ ସେବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ । ତାହାଛଡ଼ା ଏହାର ସଦସ୍ୟମାନେ ଅନ୍ୟ ଦେଶର ଆଗନ୍ତୁକମାନଙ୍କୁ ଆତିଥ୍ୟ ଦେବାର ବ୍ରତ ନେଇଥାନ୍ତି । ସର୍ଭିସ ସଦସ୍ୟଙ୍କ ଘରର ଦ୍ୱାର ବିଦେଶୀ ଅତିଥିଙ୍କ ପାଇଁ ମୁକ୍ତ ଥାଏ । ୟୁରୋପର ବହୁସ୍ଥାନରେ ଏହି ସଂସ୍ଥାର ବନ୍ଧୁମାନଙ୍କର ଆତିଥ୍ୟର ସୌଭାଗ୍ୟ ମତେ ମିଳିଥିଲା ।

କୁର୍ଟ, ତାଙ୍କର ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅ ଗୋଟାଏ ତିନି ବଖରିଆ ଫ୍ଲାଟ୍‌ରେ ରହନ୍ତି । ପିଲାଙ୍କର ଘରଟି ସେମାନେ ମୋ ପାଇଁ ଖାଲି କରିଦେଇଥିଲେ । ପିଲାଏ ସଂଯୁକ୍ତ ବସିବା ଓ ଖାଇବା ଘରେ ସୋଫା ଉପରେ ଶୋଉଥିଲେ । ଶ୍ରୀମତୀ ସ୍ମିଟ୍ ସ୍ନେହଶୀଳା ସୁଗୃହିଣୀ । ସ୍ୱାମୀ ସ୍ତ୍ରୀ ଉଭୟେ ମୋର ଟିକି ନିଖି ଖବର ବରାବର ବୁଝୁଥାନ୍ତି । ଯେପରି ଟିକେ ହେଲେ ଅସୁବିଧା ନ ହେବ ସେଥିପ୍ରତି ଦୃଷ୍ଟି ରଖିଥାନ୍ତି ।

ଅଷ୍ଟ୍ରିୟାର ଗାଁ ଓ ଚାଷୀ ମୁଁ ଦେଖିବାକୁ ଚାହେଁ ବୋଲି ପୂର୍ବରୁ କୁର୍ଟଙ୍କୁ ଲେଖିଥିଲି । ପ୍ରଥମ ଦିନ ଉପରଓଳି ଭିଏନାରୁ ତିରିଶ ମାଇଲ ଦୂର ଏକ ସାନ ଗାଁକୁ କୁର୍ଟ, ଶ୍ରୀମତୀ ସ୍ମିଟ୍ ମତେ ତାଙ୍କ ମଟରରେ ନେଇଗଲେ । ସେଠି ସର୍ଭିସର ସଦସ୍ୟ ତାଙ୍କର ଏକ ମହିଳା ବନ୍ଧୁଙ୍କୁ ଧରି ଆମେ ଦୁଇଟି ଚାଷୀ ପରିବାରକୁ ଭେଟିଲୁ । ଭଦ୍ରମହିଳା ପୂର୍ବତନ

ସମ୍ଭ୍ରାନ୍ତ ପରିବାରର କନ୍ୟା । ଘରଟା ବହୁତ ପୁରୁଣା ମାତ୍ର ବେଶ୍ ବଡ଼ । ରାଜସ୍ଥାନ,
ସୌରାଷ୍ଟ୍ର ପ୍ରଭୃତିରେ ଯେପରି ଖୁବ୍ ଉଚ୍ଚ ମେହେରାବ ଦିଆ ଫାଟକ ଓ ଜାଉଁଳି କବାଟ
ମଫସଲର ଅବସ୍ଥାପନ୍ନ ଲୋକଙ୍କ ଘରେ ଦେଖିବାକୁ ମିଳେ ସେହିଭଳି ଏକ ବିରାଟ କାଠ
ଫାଟକ ଓ ଅଗଣା । ଭଦ୍ର ମହିଳାଙ୍କର ଦେଢ଼ଶହ ଏକର ଖଣ୍ଡେ ଜମି ଅଛି । ଚାଷୀମାନଙ୍କୁ
ଖଜଣାରେ ଚଷିବାକୁ ଦେଇଥାନ୍ତି । ନିଜେ ଶିକ୍ଷୟିତ୍ରୀ ଥିଲେ । ଏବେ ଘରୋଇ ଭାବରେ
ଲୋକଙ୍କୁ ପଢ଼ାନ୍ତି । ଏହି ଶିକ୍ଷୟିତ୍ରୀ ହିସାବରେ ତାଙ୍କର ପାଖ ଆଖରେ ସବୁ ଲୋକଙ୍କ ସହ
ପରିଚୟ ଓ ଖାତିର ରହିଛି । ବୁଢ଼ୀଙ୍କ ପାଇଁ ଗାଁର ସମସ୍ତ ଘର ଅବାରିତ ଦ୍ୱାର ।

ପ୍ରଥମ ଚାଷୀ ଜଣକ ବୁଢ଼ା, ବୟସ ପଚାଶରି ହେବ । ଆମେ ଗଲାବେଳକୁ ଦ୍ୱିତୀୟ
ମହାଯୁଦ୍ଧର ଜଣେ ସୈନିକ ସାଥୀଙ୍କ ସହିତ ବସି ବିୟର ପିଇ ଦୁଃଖସୁଖ ହେଉଥିଲେ । ମୁଁ
ଭାରତରୁ ଆସିଛି ଶୁଣି ଖୁବ୍ ଆଦର ଅଭ୍ୟର୍ଥନା କଲେ । ବୁଢ଼ାଙ୍କର ଘରଟି ଆମ ଦେଶର
ସହରର ମଧ୍ୟବିତ୍ତ ଲୋକଙ୍କ ପରି । ସବୁ ପ୍ରକାରର ଆସବାବ ପତ୍ର, ରେଡ଼ିଓ ଆଦି ରହିଛି ।
ବୁଢ଼ାଙ୍କ କାନକୁ ଭଲ ଶୁଭେ ନାହିଁ । ବୁଢ଼ୀ ସବୁ କଥାବାର୍ତ୍ତା କଲେ । ମସ୍ତ ମୋଟୀ, କିନ୍ତୁ
ଖୁବ୍ କର୍ମଠ । ନସରପସର ହୋଇ ସବୁ କାମ କରୁଥାନ୍ତି । ଆମକୁ ନେଇ ତାଙ୍କର ଗୋରୁ,
ଘୁଷୁରି, କୁକୁଡ଼ା ଆଦି ଦେଖେଇଲେ ।

ବୁଢ଼ାଙ୍କର କୋଡ଼ିଏ ହେକ୍ଟର ମାନେ ପଚାଶ ଏକର ଜମି । ବୁଢ଼ା ଓ ସାନପୁଅ
ମିଶି ଯନ୍ତ୍ର ସାହାଯ୍ୟରେ ଚାଷ କରନ୍ତି । ବଡ଼ ପୁଅ ଚାକିରି କରନ୍ତି । ବୁଣାବୁଣି କଟାକଟି
ସମୟରେ କିଛି ଅସ୍ଥାୟୀ ମୂଲିଆ ଲଗାନ୍ତି । ଅବଶ୍ୟ ଏଠି ଫସଲ କଟା ଓ ବିଡ଼ା ବନ୍ଧା
ମଧ୍ୟ ଯନ୍ତ୍ର ସାହାଯ୍ୟରେ ହୁଏ । ଏମାନେ ଗହମ, ଜଅ, ବାର୍ଲି, ଓଟ୍, ଅଙ୍ଗୁର ଆଦି ସବୁ
ରକମର ଫସଲ କରନ୍ତି । ମୋଟ ଆୟ କେତେ ପଚାରିବାରୁ ଟିକିଏ ଇତସ୍ତତଃ ହେଲାପରି
ଜଣା ପଡ଼ିଲେ । ଠିକ୍ କହିପାରିବେ ନାହିଁ ବୋଲି କହିଲେ । ଏମାନେ ତ ଆମ ଦେଶ
ଚାଷୀଙ୍କ ପରି ହିସାବ ରଖିବାରେ କଞ୍ଚା ହୋଇ ନ ଥିବେ । କିନ୍ତୁ ହୁଏତ ଆମରି ଚାଷୀଙ୍କ ପରି
କହିବାକୁ ଅନିଚ୍ଛୁକ । ତେବେ ବର୍ଷକୁ ହଜାରେ ଶିଲିଂ—ତିନିଶହ ଟଙ୍କାରୁ କିଛି କମ୍
ଆୟକର ଦିଅନ୍ତି । ଗହମ ଆମଦାନୀ ଏକରକୁ ୧୬୦୦ କିଲୋ ଅର୍ଥାତ୍ ୪୩-୪୪ ମହଣ
ହୁଏ । ମଦ ବର୍ଷକୁ ଚାରି ପାଞ୍ଚ ହଜାର ଲିଟର ତିଆରି କରି ବିକନ୍ତି ।

ଷଣ୍ଢ ସବୁ ପୋଷିଛନ୍ତି, ମୋଟାକରି ମାଂସ ପାଇଁ ବିକିବେ । କିଲୋ ଷୋଳ ଶିଲିଂ
ବା ମାତ୍ରେ ଚାରି ଟଙ୍କା ପାଇବାକୁ ଦର । ଷଣ୍ଢେ ଗୋଟାକରୁ ଛଅଶହ କିଲୋ ମାଂସ ହାରାହାରି
ହୋଇଥାଏ । ଘୁଷୁରି ଗୁଡ଼ାକ ଲମ୍ବ ଲମ୍ବ ଓ ଲମ୍ବ ତୁଳନାରେ ଉଚ୍ଚତା କମ୍ ହୋଇଥିବାରୁ
ଚଳନ୍ତା ବେଞ୍ଚ ପରି ଦେଖାଯାଉଥାନ୍ତି । ଘୁଷୁରି ଗୋଟାଏ ଅନ୍ତତଃ ଶହେ କିଲୋ ହୁଏ ।
କୁକୁଡ଼ାଙ୍କଠାରୁ ଦୈନିକ ଚାଳିଶ ପଚାଶ ଅଣ୍ଡା ହୁଏ । ଗୁହାଳ, କୁକୁଡ଼ା ଘର, ଘୁଷୁରି ଖୁଆଡ଼
ଆଦି ଅବଶ୍ୟ ସବୁ ପକ୍କାଘର, ତେବେ ଆମ ଦେଶପରି ଛଣକୁଟା ଗୋବର ଆଦି ଲେସି
ହୋଇଛି । ତଥାପି ବେଶୀ ଅଳିଆ ନୁହେଁ ।

ଦ୍ୱିତୀୟ ଚାଷୀଜଣକ ଯୁବକ । ଖୁବ୍ କର୍ମଠ ଓ ବୁଦ୍ଧିମାନ ଜଣାପଡ଼ିଲେ । ଏହାଙ୍କର ନିଜର ଚବିଶ ଏକର ଜମି । ଆଉ ପଚିଶ ଏକର ଜମି ଖଜଣାରେ ନେଇ ଚାଷ କରନ୍ତି । ଏକର ପିଚ୍ଛା ଖଜଣା ଚାରିଶହ ଟଙ୍କା ଯାଏ ଦିଅନ୍ତି । ଏ ଖୁବ୍ ଭଲ ଚାଷୀ । ଉନ୍ନତ ଧରଣର ଯନ୍ତ୍ରପାତି ସବୁ ରଖିଛନ୍ତି । ମଞ୍ଜି ବୁଣିବା ଓ ଫସଲ କାଟିବା ଯନ୍ତ୍ରର ଦାମ ବହୁତ, ଗୋଟାକ ଲକ୍ଷେ ଶିଲିଂ ବା ଅଠେଇଶ ହଜାର ଟଙ୍କା । ଅଥଚ ଏ ଯନ୍ତ୍ର ତାଙ୍କର ବର୍ଷକରେ ମୋଟେ ତିନି ଚାରିଘଣ୍ଟା ବ୍ୟବହାରରେ ଆସେ । ସେଥିପାଇଁ ଅନ୍ୟ ଜଣେ ଚାଷୀଙ୍କ ସହିତ ଭାଗୁଆଳୀ ହୋଇ ଏ ଯନ୍ତ୍ର କିଣିଛନ୍ତି । ମୋଟ ପ୍ରାୟ ତିନି ଲକ୍ଷ ଟଙ୍କାର ଯନ୍ତ୍ର ଏମାନଙ୍କର ରହିଛି । ଏଠି ଜମି ଦାମ୍ ମଧ୍ୟ ଖୁବ୍ ଚଢ଼ା । ଏକର ପ୍ରାୟ ବାର ହଜାର ଟଙ୍କା ।

ଏ ମହାଶୟ ଦୁଧ ପାଇଁ ଆଠୋଟି ସ୍ୱିଜରଲଣ୍ଡର ଗାଈ ରଖିଛନ୍ତି । ଦିନକୁ ପ୍ରତି ଗାଈ ପଚିଶରୁ ତିରିଶ ଲିଟର ଦୁଧ ଦିଅନ୍ତି । ଭଲ ଖାଇଲେ ଆହୁରି ବେଶୀ ଦୁଧ ଦେବେ ବୋଲି ଚାଷୀଭାଇ କହିଲେ । କିନ୍ତୁ ଦୁଧ ଲିଟରକୁ ପାଇକାରିରେ ମୋଟେ ଦୁଇ ଶିଲିଂ ପଞ୍ଚାବନ ଛପନ ପଇସା - ମିଳେ । ଖୋଇବା ଖର୍ଚ୍ଚ ଲିଟରେ ପିଚ୍ଛା ଏହାର ଦୁଇଗୁଣ ପଡ଼ିବ । ତେଣୁ ସେ ଗାଈଙ୍କୁ ବିଶେଷ ଖାଦ୍ୟ ନ ଦେଇ କେବଳ ଘାସ, ଛଣ, ଭୁଷି ଆଦି ସାଧାରଣ ଖାଦ୍ୟରେ ଚଳେଇ ନିଅନ୍ତି । ଏ ମଧ୍ୟ ମାଂସ ପାଇଁ ଅଣିରି ବାଛୁରି ପୋଷିଛନ୍ତି । ସେଗୁଡ଼ିକୁ କେବଳ ଦୁଧ ଦିଆଯାଏ ଗୋଟାକେ ଦିନକୁ ଷୋଳ ସତର ଲିଟର ଟେଖାଏ । ଏହାଦ୍ୱାରା କୁଆଡ଼େ ମାଂସ ଖୁବ୍ ଉତ୍କୃଷ୍ଟ ପ୍ରକାରର ହୁଏ । ଦାମ୍ ମଧ୍ୟ ବେଶୀ ମିଳେ ।

ଏହାଙ୍କର ଫଳ ବଗିଚାରେ ଆପେଲ, ଚେରି, ପିଅର, ପ୍ଲମ୍, ନଟ୍ସ ଆଦି ନାନା ଫଳ ଗଛ ଅଛି । ଏହାଙ୍କ ବୁଢ଼ାବାପ ଫଳ ଗଛମାନଙ୍କର ଯତ୍ନ ନେବାରେ ଲାଗିଥାନ୍ତି ।

ଏ ଚାଷୀଭାଇଙ୍କର ଚଢ଼େଇ ପୋଷିବାରେ ଭାରି ସଉକ । ଦୋତାଲା ଉପରେ ତିନି ବଖରା ବଡ଼ ବଡ଼ ଘରେ ନାନା ଦେଶର ବହୁ ଜାତିର ରଙ୍ଗବେରଙ୍ଗର ଚଢ଼େଇ ପୋଷିଛନ୍ତି । ଚଢ଼େଇଙ୍କର ଘର ଶୀତ ଦିନରେ ଗରମ ରଖିବାପାଇଁ ହିଟର୍ର ବ୍ୟବସ୍ଥା ରହିଛି । ଏହାଙ୍କର ଫୁଲର ସଉକ ବି ଖୁବ୍ । ନାନା ଜାତି ଫୁଲରେ ବଗିଚା ପୂର୍ଣ୍ଣ । ଘରକୁ ବି ଫୁଲରେ ସଜେଇଛନ୍ତି ।

ଏହାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ । ପୁଅଟି ବାରବର୍ଷର ଓ ଝିଅଟି ଆଠବର୍ଷର ହେବ । ଶାଶୁ ମଧ୍ୟ ଏହାଙ୍କ ସାଙ୍ଗରେ ଥାଆନ୍ତି । ଭଦ୍ରଲୋକଙ୍କ ମନରେ ଚିନ୍ତା, ଯଦି ପୁଅ ଚାଷ ଧନ୍ଦା ନ ଧରି ଅନ୍ୟ ଧନ୍ଦା ଧରିବ ତେବେ ଏ ସବୁ ଆୟୋଜନ କ'ଣ ହେବ ? ସବୁ ଦେଶରେ ଏଇ ସମସ୍ୟା । ପିଲାଏ ଗାଁ ଛାଡ଼ି ସହରକୁ ଯିବାକୁ ବ୍ୟଗ୍ର ।

ପୂର୍ବରୁ ଅଷ୍ଟ୍ରିୟା ଦେଶର ସାମାଜିକ ସୁରକ୍ଷା ବ୍ୟବସ୍ଥା କଥା ଲେଖିଛି । ଏହାର ସୁବିଧା ଚାଷୀମାନେ ବି ପାଆନ୍ତି । ତେବେ ସେମାନେ ମାଗଣା ଚିକିତ୍ସା ପୁରାପୁରି ପାଆନ୍ତି ନାହିଁ । ହାସପାତାଲରେ ଭର୍ତ୍ତି ହେବାକୁ ହେଲେ ଆଂଶିକ ଖର୍ଚ୍ଚ ନିଜେ ଦେବାକୁ ହୁଏ ।

ଏଇ ଗାଁଟିର ନାମ ବ୍ରୁକ୍ ଅର୍ଥାତ୍ ସେତୁ । କେଉଁ ସମ୍ରାଟଙ୍କ ଅମଳରୁ ଏଠି ଡାନ୍ୟୁବ ନଈ ଉପରେ ଏକ ପୋଲ ରହିଥିଲା ଓ ସାମରିକ ଦୃଷ୍ଟିରୁ ଏହା ଏକ ଘାଟି ଜାଗା ଥିଲା । ସେଇଥିରୁ ଏହାର ନାମକରଣ ହୋଇଯାଇଛି । ଗାଁଟି ପାଦରେ ଚାଲି ଚାଲି ବୁଲି ଦେଖିଲୁ । ସବୁ ଘର ଦୋତାଲା ବା ତେତାଲା । ରାସ୍ତାଗୁଡ଼ିକ ପକ୍କା ଓ ଓସାର । ଖୁବ୍ ପରିଷ୍କାର ପରିଚ୍ଛନ୍ନ । ରବିବାର ଯୋଗୁଁ ଦୋକାନ-ବଜାର ବନ୍ଦ ଥିଲା । ତେବେ ଏଠାର ବଡ଼ ବଡ଼ ସହର ପରି ଦୋକାନର କାଚ ଝରକାରେ ଜିନିଷ ସବୁ ସଜା ହୋଇ ରହିଥାଏ । ପ୍ରତ୍ୟେକ ଜିନିଷରେ ଦାମ ଲେଖାଥାଏ । ଦେଖିଲି ଯେ ଦରଦାମ୍ ସେମିତି ଚଢ଼ା ନୁହେଁ ।

ଏଠି ଏକ ପୁରୁଣା ଜମିଦାର ବଂଶର ଏକ ଗଡ଼ ରହିଛି । ଏ ବଂଶର ଏଠି ଏବେ ବି ବାର ତେର ହଜାର ଏକର ଜମି ଅଛି । ସବୁ ପ୍ରଜାମାନେ ଖଜଣାରେ ନେଇ ଚାଷ କରନ୍ତି । ଏହାଙ୍କ ଗଡ଼ ବା ପ୍ରାସାଦଟା ପ୍ରକାଣ୍ଡ, ତାର ଉଦ୍ୟାନ ମଧ୍ୟ ବିରାଟ । ପ୍ରାସାଦର ଗୋଟାଏ ଅଂଶ ଛ' ସାତ ଶହ ବର୍ଷର ପୁରୁଣା । ପ୍ରାସାଦର ଉଦ୍ୟାନର ଏକ ସାନ ଅଂଶ ଛଡ଼ା ବାକିସବୁ ସାଧାରଣ ଲୋକଙ୍କ ପାଇଁ ଖୋଲା । ରବିବାର ସନ୍ଧ୍ୟା, ବହୁତ ଲୋକ ସଜବାଜ ହୋଇ ବୁଲି ଗଲେ ।

ଛୋଟିଆ ଗାଁଟିଏ; କିନ୍ତୁ ଲୋକଙ୍କର ସେଠା ବିଷୟରେ ଖୁବ୍ ଗର୍ବ । ଏଠା ଦେଇ କେଉଁ ସମ୍ରାଟଙ୍କ ଅମଳରେ କେଉଁ ଅଭିଯାନ ଯାଇଥିଲା, କ୍ରୁଜେଡ୍—ମଧ୍ୟଯୁଗୀୟ ଧର୍ମଯୁଦ୍ଧ ଅଭିଯାନ ବେଳେ କେଉଁ ଦଳ ଏବାଟେ ଯାଇଥିଲେ; ଏସବୁ ଇତିବୃତ୍ତ ଆମକୁ ସେ ଭଦ୍ର ମହିଳା ଶୁଣାଇଲେ । ଏଠି କେତେକ ପ୍ରାଚୀନ ବାରୋକ୍ ସ୍ଥାପତ୍ୟର ନିଦର୍ଶନ ଅଛି । ତାହା ମତେ ନେଇ ଦେଖାଇଲେ । × × ×

ଭିଏନାରେ ଦୁଇଟି ସଭାର ଆୟୋଜନ ହୋଇଥିଲା । ଗୋଟିଏ ସଭା କୁର୍ଟଙ୍କର ହାଇସ୍କୁଲରେ ଓ ଅନ୍ୟଟି କ୍ୱେକରମାନଙ୍କର କେନ୍ଦ୍ରରେ । ସ୍କୁଲ ସଭାରେ ପନ୍ଦର ଷୋଳ ଜଣ ଲୋକ ଯୋଗ ଦେଇଥିଲେ । ଏଠାର ଭାରତୀୟ ଦୂତାବାସରୁ ଗାନ୍ଧୀଜୀ ଓ ବିନୋବାଜୀଙ୍କର ଜୀବନୀ ବିଷୟରେ ଦୁଇଟି ଫିଲ୍ମ ଆଣି ଏଠି ଦେଖାଯାଇଥିଲା । ଗ୍ରାମଦାନ ଆନ୍ଦୋଳନ ବିଷୟରେ ହିଁ ମୁଖ୍ୟତଃ ଆଲୋଚନା ହେଲା । ଶ୍ରୋତାମାନଙ୍କ ଭିତରୁ ଅଧିକାଂଶ ଶାନ୍ତି-ଆନ୍ଦୋଳନ ସହିତ ସମ୍ପୃକ୍ତ । ଗାନ୍ଧୀଜୀଙ୍କ ପ୍ରତି ଶ୍ରଦ୍ଧାବାନ୍ ଓ ବିନୋବାଙ୍କ ନାମ ଶୁଣିଛନ୍ତି । ପ୍ରଥମେ ଫିଲ୍ମ ଦୁଇଟି ଦେଖାହେବାରୁ ଗାନ୍ଧୀଜୀଙ୍କର ବିଚାରଧାରା ଓ ସର୍ବୋଦୟ ଆନ୍ଦୋଳନ ବିଷୟରେ ପରେ କହିବା ସହଜ ହୋଇଥିଲା । ଏ ସଭାରେ ବକ୍ତୃତା ଜର୍ମାନ୍ ଭାଷାରେ ଅନୁବାଦ କରିବାକୁ ହେଲା । କୁର୍ଟ ଏହା ବେଶ୍ ଦକ୍ଷତାର ସହିତ କରିଥିଲେ । ବକ୍ତୃତା ପରେ ଅନେକ ସମୟ ଧରି ପ୍ରଶ୍ନୋତ୍ତର ଚାଲିଥିଲା । କେତେକ ପ୍ରଶ୍ନ ସର୍ବୋଦୟ ଆନ୍ଦୋଳନ

ବିଷୟରେ ଅଧିକ ସ୍ପଷ୍ଟ ଧାରଣା ହାସଲ କରିବା ଉଦ୍ଦେଶ୍ୟରେ କରାଯାଇଥିଲା ଓ ଅନ୍ୟ କେତେକ ପ୍ରଶ୍ନ ଭାରତ ବିଷୟରେ ସାଧାରଣ ତଥ୍ୟ ଜାଣିବା ଉଦ୍ଦେଶ୍ୟରେ ।

ଗୋଟାଏ ପ୍ରଶ୍ନ ବେଶ କେତେ ଜାଗାରେ ପଚରା ଯାଇଥିଲା ଯେ ଭାରତରେ ଏତେ ସାମ୍ପ୍ରଦାୟିକ ଓ ଅନ୍ୟ ଧରଣର ହିଂସାକାଣ୍ଡ ଘଟୁଛି ବୋଲି ଖବର ବାହାରୁଛି । ଏଥିରୁ ମନେ ହେଉଛି ଯେ ସେଠା ଲୋକେ ଗାନ୍ଧୀଜୀଙ୍କ କଥା ଭୁଲିଗଲେଣି । ଗାନ୍ଧୀଜୀ ଯାହା କିଛି କଲେ ସେ ସବୁ କଣ ତେବେ ବ୍ୟର୍ଥ ହୋଇଗଲା ? ଦ୍ୱିତୀୟତଃ, ଯେଉଁଠି ଏତେ ସଂଘର୍ଷ ସେ ଦେଶ ଶେଷ ପର୍ଯ୍ୟନ୍ତ ଏକ ହୋଇ ରହିପାରିବ ତ ?

ଏ ପ୍ରଶ୍ନ ଯେ କେବଳ ୟୁରୋପର ଲୋକେ ପଚାରିଲେ ତାହା ନୁହେଁ, ଏଠି ମଧ୍ୟ ଆମ ନିଜ ମନରେ ଏ ପ୍ରଶ୍ନ ଓ ସନ୍ଦେହ ଉଠିଥାଏ । ତେବେ ସେଠି ପହଞ୍ଚି ଦୂରରୁ ଏକ ବ୍ୟାପକ ପରିପ୍ରେକ୍ଷିତରେ ନିଜର ଦେଶକୁ ଦେଖିବାର ସୁଯୋଗ ମିଳିଲା ।

ପ୍ରଥମତଃ ଭାରତର ଆକାର ଓ ତା'ର ଦେଶବାସୀଙ୍କର ସ୍ୱରୂପ । ପୂର୍ବରୁ ଭୂଗୋଳ ଇତିହାସ ତ ପଢ଼ା ହୋଇଥିଲା ଓ ସେଥିରୁ କିଛି କିଛି ଅବଶ୍ୟ ବି ଥିଲା । ମାତ୍ର ଏ ଜେଟ୍ ଯୁଗରେ ୟୁରୋପରେ ପହଞ୍ଚିଲାରୁ ଯାଇ ୟୁରୋପଟା ଯେ କେତେ ଛୋଟ ଜାଗା ଓ ମୋଟ ଉପରେ ପୃଥିବୀଟା ମଧ୍ୟ ଏହା ଭିତରେ କେତେ ସାନ ହୋଇଗଲାଣି ତାହାର ଦର୍ଶନ ଚମକ-ପ୍ରଦ ଭାବରେ ମିଳିଲା । ଗୋଟାଏ ରାଜଧାନୀରୁ ଆଉ ଗୋଟାକୁ ଉଡ଼ିଯିବା ଚାଳିଶ, ପଚିଶ ବା ଅତି ବଡ଼ରେ ସତୁରି ପଚସ୍ତରି ମିନିଟ୍ ର ମାମଲା । ରୋମ୍ ରୁ ଭିଏନା ପଚସ୍ତରି ମିନିଟ୍ । ଲଣ୍ଡନରୁ ପ୍ୟାରିସ୍ ଚାଳିଶ ମିନିଟ୍ । ଷ୍ଟକହୋମ୍ ରୁ ଓସଲୋ ପଚିଶ ମିନିଟ୍ । ଏହିଭଳି ସବୁ ।

ମାନଚିତ୍ର ଉପରେ କିଛି ଦେଖିଲେ ଜଣାଯିବ ଯେ ସ୍ୱିଡେନ୍ ର ଉତ୍ତରତମ ଅଂଶରୁ ରୋମ୍ ଯେତିକି ଦୂର କାଶ୍ମୀରର ଲଦାଖରୁ ତାମିଲନାଡ଼ୁର କନ୍ୟାକୁମାରୀ ସେତିକି ଦୂର । ଲିସବନ୍ ରୁ ୱାର୍ସ ଯେତିକି ଦ୍ୱାରକାରୁ ଡିବ୍ରୁଗଡ଼ ସେତିକି । ଏଇ ଏତେ ବଡ଼ ଭାରତ ଦେଶ ଭିତରେ ରହିଛି ତେର ଚଉଦଟି ସୁବିକଶିତ ସମୃଦ୍ଧ ଭାଷା ସାଙ୍ଗକୁ ଆହୁରି କେତେ ଉପଭାଷା ଓ ଆଞ୍ଚଳିକ ଭାଷା । କଳା, ଧଳା, ହଳଦିଆ, ଲାଲ୍, ମାଟିଆ ଆଦି ପୃଥିବୀରେ ଯେତେ କିସମର ଯେତେ ଜାତିର ଲୋକ ଅଛନ୍ତି ସେସବୁ ଭାରତରେ ଦେଖିବାକୁ ମିଳିବେ ଏବଂ ପୃଥିବୀର ସମସ୍ତ ବଡ଼ ବଡ଼ ଧର୍ମର ଅନୁଯାୟୀ ମଧ୍ୟ ।

ଏଭଳି ଅବସ୍ଥାରେ ଇଂରେଜୀ ଶାସନର ଅବସାନ ଘଟିବା ବେଳକୁ ଯଦି ଭାରତ ମାତ୍ର ଦୁଇଖଣ୍ଡରେ ବିଭକ୍ତ ନ ହୋଇ ପନ୍ଦର ସତର ଖଣ୍ଡରେ—ସେତୋଟି ସ୍ୱାଧୀନ ଦେଶରେ—ବିଭକ୍ତ ହୋଇଥାନ୍ତା ତେବେ ୟୁରୋପର ମାପକାଠି ଅନୁସାରେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନ ଥାନ୍ତା ।

ମାତ୍ର ଏଇଟା ରବୀନ୍ଦ୍ରନାଥ, ଗାନ୍ଧୀଜୀ ଓ ଅନ୍ୟ ମହାପୁରୁଷମାନଙ୍କର ବିଗ୍ରହ ଓ କର୍ମର ପରିଣାମ ଯେ ପାକିସ୍ତାନ ଛଡ଼ା ଅବଶିଷ୍ଟ ଭାରତ ଏକ ହୋଇ ରହିଲା । ଏହାର ତାତ୍ପର୍ଯ୍ୟ ବୁଝାଇବା ପାଇଁ ମୁଁ କଥାଟା ଏହିପରି ରଖୁଥିଲି :

ମୁଁ କହୁଥିଲି ଯେ, ଧରନ୍ତୁ ୟୁରୋପ—ରୁଷ୍ ଛଡ଼ା—ଗୋଟାଏ ଦେଶ ହୋଇ ରହିଆନ୍ତା ଓ ଯେଉଁ ଦୁଇ ଦୁଇଟା ମହାଯୁଦ୍ଧ ଫଳରେ କୋଟି କୋଟି ଲୋକଙ୍କର ପ୍ରାଣନାଶ ଘଟିଲା, ସହସ୍ର କୋଟି ଟଙ୍କାର ସମ୍ପତ୍ତି ବରବାଦ ହେଲା ଓ ସାରା ପୃଥିବୀର ଲୋକ ଦହଗଞ୍ଜ ହେଲେ ତାହା ପରିବର୍ତ୍ତେ କେତେବେଳେ କେମିତି କେତେକ ଇଂରେଜ ଓ ଜର୍ମାନଙ୍କ ମଧ୍ୟରେ ବା ଫରାସୀ ଓ ଇଟାଲୀୟାନ୍‌ଙ୍କ ମଧ୍ୟରେ ଦଙ୍ଗାହାଙ୍ଗାମା ଘଟି ପାଞ୍ଚ ପଚାଶଜଣ ଲୋକ ମୃତାହତ ହେଉଆନ୍ତେ । ଅବଶ୍ୟ କୌଣସି ଅବସ୍ଥାରେ କୌଣସି ସମାଜରେ ଜଣେ ବି ଲୋକ ଦୁଃଖ ପାଇବା ବାଞ୍ଛନୀୟ ନୁହେଁ ଓ ସମସ୍ତଙ୍କ ପକ୍ଷରେ ଜଣକର ଦୁଃଖ, ଜଣକ ପ୍ରତି ଅନ୍ୟାୟ ବି ଚିନ୍ତାର ବିଷୟ ହେବା ସଭ୍ୟତାର ଲକ୍ଷଣ । ମାତ୍ର ଉପରୋକ୍ତ କାଳ୍ପନିକ ପରିସ୍ଥିତି ୟୁରୋପର ବାସ୍ତବ ପରିସ୍ଥିତି ଏ ଦୁଇଟି ମଧ୍ୟରୁ କେଉଁଟିକୁ ଆପଣ କମ୍ ଅବାଞ୍ଛନୀୟ ବୋଲି ମନେ କରନ୍ତେ ?

ଦ୍ୱିତୀୟ କଥା ହେଲା ଯେ ଗାନ୍ଧୀଜୀ ଯେଉଁ ଅହିଂସାର ପ୍ରଚାର କରୁଥିଲେ ତାହା ପରମ୍ପରାରୁ ଚଳି ଆସୁଥିବା ଅହିଂସାରୁ ଏକାବେଳକେ ଭିନ୍ନ । ଉପରଠାହାଁ ଭାବରେ ଦେଖିବାକୁ ଗଲେ ଗାନ୍ଧୀଙ୍କ ପୂର୍ବରୁ ଭାରତରେ ଅଧିକ ଶାନ୍ତି ଥିଲା । ମାତ୍ର ଏ ଶାନ୍ତିକୁ ଗାନ୍ଧୀଜୀ ଶ୍ମଶାନର ଶାନ୍ତି ଆଖ୍ୟା ଦେଇଥିବେ । କାରଣ ଏହାର ଗର୍ଭରେ ଅସଂଖ୍ୟ ଅକଥ୍ୟ ଅନ୍ୟାୟ, ଅତ୍ୟାଚାର, ଦମନ ଓ ଶୋଷଣ ଲୁଚି ରହିଥିଲା । କୋଟି କୋଟି ଲୋକ ଭୋକ ଉପାସରେ ପଡ଼ିଥିଲେ ଓ ଅନାହାରରେ ମରୁଥିଲେ ମଧ୍ୟ ସେମାନଙ୍କର ଟିକେ ହେଲେ ପାଟି ଫିଟାଇବାର ସାହସ ନ ଥିଲା । ଗାନ୍ଧୀଜୀ ଏହି ଦଳିତ ଲାଞ୍ଛିତ ଜନତାକୁ ଜାଗିଉଠିବା ପାଇଁ, ଅନ୍ୟାୟ ସଲାଖ କରି ଛିଡ଼ା ହେବାପାଇଁ ଅହ୍ୱାନ ଦେଇଥିଲେ । ସେ ଜାଣୁଥିଲେ ଯେ ଲୋକେ ଜାଗିଉଠିଲେ ସେମାନଙ୍କର ଅସନ୍ତୋଷ ରୁଦ୍ର ରୂପ ଧରିପାରେ । କିନ୍ତୁ ସେ ଏହାକୁ ଭୟ କରୁ ନ ଥିଲେ । ସେ ଲୋକଙ୍କୁ ଅହିଂସାର ବାଟ ଦେଖାଉଥିଲେ ମାତ୍ର କାଳେ ଅଶାନ୍ତି ବା ହିଂସା ଘଟିଯିବ ଏହି ଭୟରେ ଜନତାର ଜାଗରଣକୁ ଚାପିଦେବାକୁ ଚାହୁଁ ନ ଥିଲେ । ଗାନ୍ଧୀଜୀ ଭାରତରେ ବ୍ୟାପକ ଅଶାନ୍ତି ସୃଷ୍ଟି କରୁଛନ୍ତି ବୋଲି ସେ ବଞ୍ଚିଥିବାବେଳେ ଆକ୍ଷେପ ହେଉଥିଲା । ବାସ୍ତବରେ ଗାନ୍ଧୀଜୀଙ୍କ ଯୋଗୁଁ ଭାରତରେ ଯେଉଁଭଳି ବ୍ୟାପକ ଆକାରରେ ବିକ୍ଷୋଭ ଓ ଅଶାନ୍ତି ସୃଷ୍ଟି ହେଉଥିଲା ତା'ର ତୁଳନା କେବଳ ପୃଥିବୀର ବିଶାଳ ରାଷ୍ଟ୍ରବିପ୍ଳବ ଗୁଡ଼ିକ ସହିତ ହିଁ ହୋଇପାରେ ।

ଗାଂଧୀଜୀ ଭାରତର ଜନତା ଭିତରେ ଯେଉଁ ଜାଗରଣର ପ୍ରକ୍ରିୟା ଆରମ୍ଭ କରିଥିଲେ ତାହା ଆଗେଇ ଚାଲିଛି । ଜନତା ନିଜର ସମସ୍ୟା ଓ ଅଧିକାର ବିଷୟରେ, ତାହାକୁ ଘେରି ରହିଥିବା ନାନାବିଧ ଅନ୍ୟାୟ ଓ ଅନୀତି ବିଷୟରେ, କ୍ରମେ ଅଧିକ ଜାଗ୍ରତ ହେଉଛି ।

୧ ଦରଦାମ ବୃଦ୍ଧି, ଭୂମି ସମସ୍ୟା, ଶ୍ରମିକମାନଙ୍କର ଦାବୀ ଆଦି ଯୋଗ ଘଟୁଥିବା ବିକ୍ଷୋଭ ଓ ସେଥିରୁ ବେଳେ ବେଳେ ଉପୁଜୁଥିବା ହିଂସା ଏହି ଜାଗରଣର ପରିଣାମ । ତେବେ ଅଶାନ୍ତି ଯେ ଘଟୁଛି ଏହା ଆଶ୍ଚର୍ଯ୍ୟର କଥା ନୁହେଁ, ଆଶ୍ଚର୍ଯ୍ୟର କଥା ହେଲା ଯେ ଯେତେ ଅନ୍ୟାୟ, ଶୋଷଣ ଓ ଦୁଃଖ ରହିଛି ତାହା ତୁଳନାରେ ଅଶାନ୍ତି ଓ ହିଂସା ବହୁତ କମ ଘଟୁଛି । ଏହା ଗାଂଧୀଜୀଙ୍କର ପ୍ରଭାବର ପରିଣାମ ଯେ କେବଳ ନକ୍ସଲବାଦୀଙ୍କ ଛଡ଼ା ବାକି ସମସ୍ତ ବାମପନ୍ଥୀ ରାଜନୀତିକ ଦଳମାନେ ମୋଟ ଉପରେ ଶାନ୍ତିପୂର୍ଣ୍ଣ ଭାବରେ ହିଁ କାମ କରୁଛନ୍ତି ଏବଂ ସମାଜରୁ ଏହିସବୁ ଅନ୍ୟାୟ, ଶୋଷଣ, ବିଷମତା ଆଦି ବିରୋଧରେ ଅହିଂସ ପନ୍ଥାରେ ଯୁଝିବାର ଉଦ୍ୟମ ସର୍ବୋଦୟ ଆନ୍ଦୋଳନ କରୁଛି ଓ ତାହାକୁ ଯେଉଁ ପରିମାଣରେ ସଫଳତା ମିଳିଛି ତାହା ମଧ୍ୟ ଭୁଲିବା ଉଚିତ ନୁହେଁ ।

ଏହିଭଳି ପରିପ୍ରେକ୍ଷିତରେ କଥାଟାକୁ ରଖିଲେ ଶ୍ରୋତାମାନଙ୍କ ପକ୍ଷରେ ବୁଝିବା ସହଜ ହେଉଥିଲା ଓ ଭାରତର ପରିସ୍ଥିତିର କଳନା ମଧ୍ୟ କରିବାରେ ସେମାନଙ୍କୁ ସାହାଯ୍ୟ ମିଳୁଥିଲା ।

× × ×

କ୍ୱେକର୍ ଏକ ପ୍ରାଚୀନ ଖ୍ରୀଷ୍ଟୀୟ ସଂପ୍ରଦାୟ । ସାତ-ଶହ ବର୍ଷ ତଳେ ଜର୍ଜ ଫକ୍ସ୍ ଇଂଲଣ୍ଡରେ ଏହାର ସ୍ଥାପନା କରିଥିଲେ । ଏମାନେ ପ୍ରୋଟେସ୍ଟାଣ୍ଟ । ଯୀଶୁଙ୍କର ବାଣୀର ସାରମର୍ମ ପ୍ରେମ ଓ ଅହିଂସା ବୋଲି ଏମାନେ ବିଶ୍ୱାସ କରନ୍ତି । ବ୍ୟକ୍ତିଗତ ଓ ସାମାଜିକ ଜୀବନରୁ ହିଂସା ଲୋପ କରିବାର ଉଦ୍ୟମ ଏମାନେ କରିଆନ୍ତି ଓ ଏମାନେ ଯୁଦ୍ଧ-ବିରୋଧୀ ମଧ୍ୟ । ସାମାଜିକ ଅହିଂସାର କ୍ଷେତ୍ରରେ କ୍ୱେକର୍ ସଂପ୍ରଦାୟ ଲୋକଙ୍କର ବହୁତ ମହତ୍ତ୍ୱପୂର୍ଣ୍ଣ ସାଫଲ୍ୟ ରହିଛି । ଏହାର ଗୋଟିଏ ଉଦାହରଣ ହେଲା ଆମେରିକାରେ ଉପନିବେଶ ସ୍ଥାପନ ବେଳେ ଏମାନଙ୍କର ଆଚରଣ । କେତେକ କ୍ୱେକର୍ ଉଇଲିୟମ୍ ପେନ୍‌ଙ୍କ ନେତୃତ୍ୱରେ ଆମେରିକା ଯୁକ୍ତରାଷ୍ଟ୍ରର ଗୋଟିଏ ଅଞ୍ଚଳରେ ଯାଇ ବସବାସ କଲେ ଯାହା ପରେ ପେନ୍‌ଙ୍କ ନାମାନୁସାରେ ପେନ୍‌ସିଲ୍‌ଭାନିଆ ରାଜ୍ୟ ନାମରେ ପରିଚିତ ହେଲା । ଆମେରିକାର ଅନ୍ୟ ସବୁଠି ଗୋରାମାନେ ସ୍ଥାନୀୟ ଆଦିବାସୀମାନଙ୍କୁ ସବୁମନ୍ତେ ଠକିବା, ଶୋଷଣ କରିବା, ଦମନ କରିବା ଓ ଶେଷକୁ ମାରି କାଟି ନିର୍ମୂଳ କରିବା ଉଦ୍ୟମ କରୁଥିବା ବେଳେ ପେନ୍‌ସିଲ୍‌ଭାନିଆରେ କ୍ୱେକର୍‌ମାନେ ସେମାନଙ୍କ ସହିତ ନ୍ୟାୟ ଓ ସମ୍ମାନଯୁକ୍ତ ବ୍ୟବହାର କରୁଥିଲେ । ଯାହା ଫଳରେ ସେ ଅଞ୍ଚଳରେ ଉଭୟ ଗୋଷ୍ଠୀ ଭିତରେ ପୂର୍ଣ୍ଣ ସଦ୍ଭାବ ରହିଥିଲା ଓ ଅନ୍ୟ ସବୁଠି ସର୍ବଦା ଯୁଦ୍ଧ ବିଗ୍ରହ ଲାଗି ରହିଥିବା ବେଳେ ଏ ଅଞ୍ଚଳରେ ଏକ ପ୍ରକାର ପୂର୍ଣ୍ଣ ଶାନ୍ତି ରହିଥିଲା ।

ଏବେ ୟୁରୋପର ପ୍ରାୟ ସମସ୍ତ ଦେଶରେ ଉତ୍ତର ଆମେରିକାରେ ଏ ସଂପ୍ରଦାୟର ଲୋକ ରହିଛନ୍ତି । ଏମାନେ ବିଶ୍ୱଶାନ୍ତି ଆନ୍ଦୋଳନରେ ଅଗ୍ରଣୀ ଓ ବିଭିନ୍ନ ସେବା ଅନୁଷ୍ଠାନ ମାଧ୍ୟମରେ ପୃଥିବୀର ବହୁ ଦେଶରେ ସମାଜ ସେବା କରିଆନ୍ତି । ସର୍ବଶ୍ରୀ ଡୋନାଲ୍‌ଡ୍ ଗ୍ରୁମ୍, ମାର୍ଜୋରୀ ସାଇକ୍‌ସ ପ୍ରଭୃତି ବହୁ କ୍ୱେକର୍ ବନ୍ଧୁ ବିଲାତରୁ ଏ ଦେଶକୁ ଆସି ଗାଂଧୀଜୀଙ୍କର ରଚନାତ୍ମକ କାମରେ ସାହାଯ୍ୟ କରୁଥିଲେ ଓ ଏବେ ବି କରୁଛନ୍ତି । ସମ୍ବଲପୁର ଜିଲ୍ଲାର

ବରପାଲିଠାରେ ଆମେରିକାନ୍ କ୍ୱେକର୍ ବନ୍ଧୁମାନେ ୧୯୫୦ରୁ ୧୯୬୦ ଯାଏ ଦଶ ବର୍ଷ କାଳ ଏକ ସେବାକେନ୍ଦ୍ର ଚଳାଇଥିଲେ ।

ଏମାନଙ୍କର ନାମକରଣର ରହସ୍ୟ ହେଉଛି ଯେ ପ୍ରାର୍ଥନା କରିବାବେଳେ ଏମାନେ ଭାବାବେଗର ଆତିଶଯ୍ୟରେ ଥରୁଥିଲେ ବା କମ୍ପୁଥିଲେ । ଏହି କମ୍ପିବାର ଇଂରେଜୀ ପ୍ରତିଶବ୍ଦ 'କ୍ୱେକ୍'ରୁ ଏମାନଙ୍କୁ ଲୋକେ କ୍ୱେକର୍ ବୋଲି କହିବାକୁ ଲାଗିଲେ । ଆମର ଭକ୍ତିଶାସ୍ତ୍ରରେ ବି ତ ପୁଲକ, ସ୍ୱେଦ, ସ୍ତମ୍ଭ ଆଦି ଭକ୍ତର ଆଠ ପ୍ରକାର ଲକ୍ଷଣ ଭିତରେ କମ୍ପ ବି ରହିଛି ।

ଭିଏନାରେ ଏହି କ୍ୱେକର୍‌ମାନଙ୍କ କେନ୍ଦ୍ରରେ ସେମାନଙ୍କ ପକ୍ଷରୁ ଏକ ସଭାର ଆୟୋଜନ ହୋଇଥିଲା । ଏଠି ସମସ୍ତେ ଇଂରେଜୀ ଜାଣିବା ଲୋକ ଥିବାରୁ ଅନୁବାଦ ଲୋଡ଼ା ହେଲା ନାହିଁ । ଏଠି ଅନ୍ୟାନ୍ୟମାନଙ୍କ ଭିତରେ ଡଃ ସ୍ୱାର୍ଟସ୍ ନାମକ ଭଦ୍ରଲୋକଙ୍କ ସହିତ ପରିଚୟ ହେଲା । ଏ ମହାଶୟ ଗୋଟିଏ ପୁସ୍ତକ ପ୍ରକାଶନ ସଂସ୍ଥାର ମୁଖ୍ୟ । ଏ ଦେଶରେ ଗାନ୍ଧୀ ସାହିତ୍ୟ ପ୍ରକାଶ କରିବା ଦିଗରେ ଏହି ସଂସ୍ଥା ଅଗ୍ରଣୀ । ସେହି ସମୟରେ ଭୂଦାନ ଆନ୍ଦୋଳନ ଉପରେ ହ୍ୟାଲମ୍ ଟେନିସନଙ୍କ ଲିଖିତ 'ସେଣ୍ଟ୍ ଅନ୍ ମାର୍ଚ୍ଚ' ବହିର ଜର୍ମନ ଅନୁବାଦର ପ୍ରକାଶନରେ ଏ ମହାଶୟ ବ୍ୟସ୍ତ ଥା'ନ୍ତି । × × ×

ଭିଏନାର ଏକ ବିଶେଷତ୍ୱ ହେଲା ତାକୁ ଲାଗି ରହିଥିବା ବିରାଟ ବଣ । ଏହାର ଆୟତନ ଛଅ ସାତ ବର୍ଗ ମାଇଲ ବା ତହିଁରୁ ଅଧିକ ହେବ । ବଣରେ ବିରାଟ ବିରାଟ ଓକ, ଚେଷ୍ଟନଟ୍, ପପ୍‌ଲର, ପାଇନ ପ୍ରଭୃତି ଗଛ ଖରିଦାନର ପତ୍ର ସମ୍ଭାରରେ ଭରପୂର ହୋଇ ମନୋରମ ଶୋଭା ସୃଷ୍ଟି କରୁଥାଏ । ବଣ, କିନ୍ତୁ କଣ୍ଟାଝଟା ଅରମା ନାହିଁ । ଗଛ ତଳ ମୋଟାମୋଟି ପରିଷ୍କାର । ଘାସର ବହଳିଆ ଗାଲିଚା । ଏ ବଣରେ ଜନ୍ତୁ ଭିତରେ ଠେକୁଆ ଓ କୋକିଶିଆଳୀ ତଥା ନାନା ଜାତିର ଅଜସ୍ର ଚଢ଼େଇ ।

ବଣ ଭିତରେ ଗାଡ଼ିଆଡ଼କୁ ଯିବା ଆସିବା ପାଇଁ ବହୁତ ରାସ୍ତା ତିଆରି କରାହୋଇଛି । ଠାଏ ଠାଏ ହୋଟେଲ ରେସ୍ତୋରାଁ ମଧ୍ୟ ରହିଛି । ଛୁଟି ଉପଭୋଗକାରୀଙ୍କ ପାଇଁ ଅଜସ୍ର ସୁବିଧା । ବଣ ଭିତରେ ଗୋଟାଏ ପାହାଡ଼ିଆ ମୁଣ୍ଡିଆ ଅଛି । ତାହା ଉପରେ ଏକ ହୋଟେଲ । ଦିନେ ରାତିରେ କୁର୍ଟ ଓ ତାଙ୍କ ସ୍ତ୍ରୀ ମତେ ବଣ ଭିତରକୁ ବୁଲେଇ ନେଇଗଲେ ଓ ସେ ମୁଣ୍ଡିଆ ଉପରୁ ଭିଏନା ସହରର ଆଲୋକମାଳା ଦେଖାଇଲେ । ଏ ବଣ ଏତେ ପ୍ରସିଦ୍ଧ ଯେ ଏହା ଅନୁସାରେ ଗୋଟାଏ ହୋଟେଲ କମ୍ପାନୀ ନିଜର ନାମକରଣ କରିଛି ଓ ଏ "ଭିନର୍ ୱାଲ୍ଡ" ହୋଟେଲ ବର୍ଲିନ, ଲଣ୍ଡନ, ପ୍ୟାରିସ୍ ପ୍ରଭୃତି ପ୍ରାୟ ସବୁଠି ଆଖିରେ ପଡ଼ିଲା ।

କେବଳ ଭିଏନା ନୁହେଁ ୟୁରୋପର ପ୍ରାୟ ସବୁଠି ପ୍ରଚୁର ବନ-ସମ୍ପଦ ରହିଛି । ମାତ୍ର ଜର୍ମାନୀରେ ହିଁ ଏହା ସବୁଠାରୁ ଅଧିକ ବୋଲି ବନ୍ଧୁମାନେ କହିଲେ । ଏମାନେ

ଦେଇଥିବା ହିସାବ ଅନୁସାରେ ପଶ୍ଚିମ ଜର୍ମାନୀର ଉନପା' ଭୂମିରେ ବଣ ରହିଛି । ଉଡ଼ାଜାହାଜରୁ ଯାହା ଦେଖିଲି ସେଥିରେ ଏ ହିସାବ ଭୁଲ ବୋଲି ମନେ ହେଲା ନାହିଁ । ଆଉ ଏକ ବିଶେଷତ୍ୱ ହେଲା ଯେ ଏଠାରେ ବଣ ବଡ଼ ବଡ଼ ସହରକୁ ଲାଗିକରି ରହିଛି । ବର୍ଲିନ, ଫ୍ରାଙ୍କଫର୍ଟ, ଷ୍ଟକହଲ୍ମ, ଓସଲୋ ସବୁଠି ସହରର ଜନବସ୍ତି ସରିବା ମାତ୍ରେ ବଣ ଆରମ୍ଭ । ୟୁରୋପର ଯାନ୍ତ୍ରିକ ଓ ନଗରାଶ୍ରୟୀ ସଭ୍ୟତା ବିଷୟରେ ଏତେ କଥା ପୂର୍ବରୁ ଶୁଣା ହୋଇଥିଲା ଯେ ସେଠି ପ୍ରାକୃତିକ ପରିବେଶର ଏଭଳି ପ୍ରାଚୁର୍ଯ୍ୟ ଥିବ ବୋଲି କଳ୍ପନା ନଥିଲା । ତେବେ ଏ କଥା ଠିକ୍ ଯେ ଏଠି ମଣିଷର ପ୍ରାକୃତିକ ପରିବେଶକୁ ଯାନ୍ତ୍ରିକ ସଭ୍ୟତା ଲୁପ୍ତ ଓ କଳୁଷିତ କରି ଚାଲିଛି ଓ ଏବେ ଏଠି ତାହା ଗୁରୁତର ଚିନ୍ତାର ବିଷୟ ହୋଇ ପଡ଼ିଛି । ଏ ବିଷୟରେ ଅଧିକ କଥା ପରେ ।

ଭିଏନାରେ ଅନେକଗୁଡ଼ିଏ କଳା ସଂଗ୍ରହାଳୟ ରହିଛି । ସେଥିଭିତରୁ ରାଷ୍ଟ୍ରୀୟ କଳା ଇତିହାସ ସଂଗ୍ରହାଳୟ ଓ ଶୋଏନବ୍ରୁନ୍ ପ୍ରାସାଦ, ଏହି ଦୁଇଟି ଦେଖିବାକୁ ସମୟ ମିଳିଲା । ପ୍ରଥମଟିରେ ୟୁରୋପର ପ୍ରସିଦ୍ଧ ଚିତ୍ରକର ଓ ଭାସ୍କରମାନଙ୍କର କୃତି ରହିଛି । ଏ ସବୁ ଭଲଭାବରେ ଦେଖି ଉପଭୋଗ କରିବାକୁ ପ୍ରଚୁର ଅବସର ଲୋଡ଼ା । ଦୁଇ ଘଣ୍ଟାରେ ଠିକେ ଠିକେ ଦେଖିନେଇ ଗୋଟାଏ ମୋଟାମୋଟି ଧାରଣା କରିବା ଛଡ଼ା ଆଉ ଅଧିକ କିଛି ସମ୍ଭବ ନ ଥିଲା ।

ଶୋଏନ୍‌ବ୍ରୁନ୍ ପ୍ରାସାଦ ସମ୍ରାଟ ଫ୍ରାନ୍‌ଜ୍ ଜୋସେଫ୍, ସାମ୍ରାଜ୍ଞୀ ମାରିଆ ଥେରେସା ଆଦିଙ୍କର ବାସ ଭବନ ଥିଲା । ବିରାଟ ଭବନ, ତତୋଽଧିକ ବିରାଟ ଉଦ୍ୟାନ । ଏ ରାଜଭବନ ଏବେ ଏକ ଐତିହାସିକ ସଂଗ୍ରହାଳୟରେ ପରିଣତ ହୋଇଛି । ସାମ୍ରାଜ୍ୟ ଯୁଗରେ ଘରଗୁଡ଼ିକର ସାଜସଜ୍ଜା ଯେପରି ଥିଲା ସେହିପରି ରଖା ହୋଇଛି । ଆମର ଗଡ଼ଜାତ ରାଜାମାନଙ୍କର କୋଠାରେ ଯେଉଁ ପ୍ରକାରର ସୁନା-ରୂପାର ପାତ ଲଗା ହୋଇଥିବା ପୁରୁଣାକାଳିଆ କାରୁକାର୍ଯ୍ୟପୂର୍ଣ୍ଣ ଆରାମହୀନ ଆସବାବ ଦେଖିବାକୁ ମିଳୁଥିଲା ସେହିଭଳି ଆସବାବରେ ଘର-ଗୁଡ଼ିକ ପୂର୍ଣ୍ଣ । ପ୍ରଚୁର ସାନବଡ଼ ଚିତ୍ର ରହିଛି । ସେଥିରୁ ଅଧିକାଂଶ ସମ୍ରାଟବଂଶର ଲୋକଙ୍କର ଓ ବିଭିନ୍ନ ଯୁଦ୍ଧ ଆଦି ଘଟଣାର । ଏ ସବୁ ମଧ୍ୟ ଉଚ୍ଚଦରର ଶିଳ୍ପୀଙ୍କର କୃତି ବୋଲି ମନେ ହେଲା ନାହିଁ । ମଝିରେ ମଝିରେ ଖ୍ୟାତନାମା ଶିଳ୍ପୀଙ୍କର ଉଚ୍ଚଦରର କୃତି ପାଞ୍ଚ ଦଶଟି ଦେଖିବାକୁ ମିଳିଲା । ଚୀନ, ଜାପାନ ଓ ଭାରତୀୟ ରାଜପୁତ, କାଙ୍ଗଡ଼ା ପ୍ରଭୃତି ପ୍ରାଚୀନ ଶୈଳୀର କେତେକ ଉତ୍ତମ ଚିତ୍ର ମଧ୍ୟ ବିଭିନ୍ନ ବିଭାଗରେ ରହିଥିବାର ଦେଖିଲି ।

★ ★

# ଚାରି

## ପଶ୍ଚିମ ଜର୍ମାନୀରେ ଗାନ୍ଧୀ ଆଶ୍ରମ

ଭିଏନାରେ ସୁଖ ଦିନ ରହଣୀ ପରେ ଫ୍ରାଙ୍କଫର୍ଟ, ପଶ୍ଚିମ ଜର୍ମାନୀ । ସକାଳ ସାଢ଼େ ସାତଟାରେ ପ୍ଲେନ୍ । ସେଠାକାର କାରବାର ଅନୁସାରେ ବଡ଼ଭୋର । ଯଦିଓ ଖରା ସେତେବେଳକୁ ଦି'ଘଡ଼ି ହୋଇ ଉଠିଲାଣି । ସାତଟା ସାଢ଼େ ସାତଟାରେ ତ ଏଠି ଲୋକେ ଉଠିବା ଆରମ୍ଭ କରନ୍ତି । ଯାହା ହେଉ ଶ୍ରୀମତୀ ସ୍ମୀଥ୍ ଭୋରରୁ ଉଠି ମତେ ଗରମ କୋକୋ ପିଆଇ ଗାଡ଼ିରେ ନେଇ ଉଡ଼ାଜାହାଜ ଘାଟିରେ ଛାଡ଼ିଦେଇ ଆସିଲେ । ସହରରୁ ବିମାନ-ଘାଟିକୁ ଆସିବା ବାଟରେ ଶ୍ରୀମତୀ ସ୍ମିଥ୍‌ଙ୍କ ସହିତ ଖୁବ୍ ଘରୋଇ ଗପ ହେଲା । ସେତିକି-ବେଳେ ତାଙ୍କଠାରୁ ଜାଣିଲି ଯେ ତାଙ୍କର ଜନ୍ମ ସ୍ୱିଡ଼େନ୍ ଦେଶରେ । କୌଣସି ଏକ ଶାନ୍ତି ସମ୍ମିଳନୀରେ ତାଙ୍କର ସ୍ମିଥ୍‌ଙ୍କ ସହିତ ପରିଚୟ ହୁଏ ଓ ଏ ପରିଚୟ ପରିଣତ ହୁଏ ପ୍ରଗାଢ଼ ପ୍ରଣୟରେ । ଏ ସ୍ନେହଶୀଳା ସୁଗୃହିଣୀଙ୍କଠାରୁ ବିଦାୟ ନେବାବେଳେ ମନଟା ବିଷର୍ଣ୍ଣ ହୋଇଗଲା ।

ଭିଏନାରୁ ଫ୍ରାଙ୍କଫର୍ଟ ଜେଟ୍ ବିମାନରେ ପଞ୍ଚାବନ ମିନିଟ୍‌ର ବାଟ । ବହୁତ ଦୂର ପର୍ଯ୍ୟନ୍ତ ମେଘ ଓ କୁହୁଡ଼ି ବସୁନ୍ଧରାର ବକ୍ଷକୁ ଆଚ୍ଛାଦିତ କରି ରଖିଥିଲା । ଯେତେବେଳେ ବାଦଲର ଆବରଣ ଶେଷ ହୋଇଗଲା ତଳେ ଦେଖାଗଲା ପଶ୍ଚିମ ଜର୍ମାନୀର ଭୂମି । ଛୋଟ ବଡ଼ ଗାଁ, କୃଷିକ୍ଷେତ୍ର ଓ ବଣ । ଏଇ ବଣର ପ୍ରାଚୁର୍ଯ୍ୟ ମତେ ବିସ୍ମୟମିଶ୍ରିତ ଆନନ୍ଦ ଦେଇଥିଲା ।

ଫ୍ରାଙ୍କଫର୍ଟ ଉଡ଼ାଜାହାଜ ଘାଟିରେ ଏୟାର ଇଣ୍ଡିଆର ଏୟାରପୋର୍ଟ ମେନେଜର ମତେ ଭେଟି ପାଛୋଟି ନେଲେ ଓ କଷ୍ଟମସ୍, ପାସପୋର୍ଟ ଆଦିର ବେଢ଼ା ପାର କରେଇ ଦେଲେ । ଅବଶ୍ୟ ଏ ବାବଦରେ ୟୁରୋପରେ ସାଧାରଣତଃ କୌଣସି ଝଂଝଟ ନାହିଁ । କଷ୍ଟମ୍‌ସରେ କୌଣସି ଠାରେ ବାକ୍ସ-ପେଟରା ଖୋଲି ଦେଖି ନାହାନ୍ତି, କେବଳ ଲଣ୍ଡନ ଓ ଏଥେନ୍ସ ଛଡ଼ା । ପାସ୍‌ପୋର୍ଟ ଯାଞ୍ଚ୍ କରି ଛାପା ମାରିବାକୁ ମଧ୍ୟ ଅଧମିନିଟ୍‌ରୁ ବେଶୀ ଲାଗେ ନାହିଁ । ତେବେ ଏୟାର ଇଣ୍ଡିଆ ମେନେଜରଙ୍କ ସାହାଯ୍ୟ ଯୋଗୁଁ ଅପରିଚୟର

ଉଦ୍‌ବେଗ ବହୁତ ଊଣା ହୋଇଗଲା । ଏସ୍ସାର ଇଣ୍ଡିଆର କଲିକତା ଅଫିସର ମେନେଜରଙ୍କ ସହୃଦୟତା ଯୋଗୁଁ ଏତକ ସୁବିଧା ହୋଇଥିଲା । ସେ ୟୁରୋପର ସବୁ ଏସ୍ସାର୍ ଇଣ୍ଡିଆ ଅଫିସକୁ ଏକ ବାର୍ତ୍ତା ପଠେଇ ଦେଇଥିଲେ ଓ ଫଳରେ ଯିବାବେଳେ ଯେଉଁଠି ଯେଉଁଠି ଏସ୍ସାର ଇଣ୍ଡିଆର ଅଫିସ ଥିଲା ସେଠି ସେମାନେ ମତେ ଏଭଳି ସାହାଯ୍ୟ କରିଥିଲେ ।

ଫ୍ରାଙ୍କଫର୍ଟରୁ ମୋର ଯିବାର କଥା ବେଲେନ୍‌ହାଉଜନ୍‌-ଉଏବର୍‌-ଗ୍ଲାଡ଼େନବାଖ ନାମକ ଏକ ଛୋଟ ଗାଁକୁ । ଏଠୁ ସତୁରି ମାଇଲ ଦୂର, ଯେଉଁଠି ଡଃ ରଲଫ ହୁଣ୍ଡର୍ ଏକ ଆଶ୍ରମ ଭଳି ସଂସ୍ଥା ଆରମ୍ଭ କରିଛନ୍ତି । ସେଠୁ ଶ୍ରୀମତୀ ଇରେନେ କାସ୍ପର, ରଲ୍‌ଫଙ୍କ ସହକର୍ମୀ ଡେଲମାନ୍ ଓ ଆଉ ଜଣେ ଝିଅ ମତେ ନେବାକୁ ବିମାନଘାଟିକୁ ଆସିଥିଲେ । ସେମାନେ ପ୍ରସ୍ତାବ ଦେଲେ ଯେ ବେଲନ୍‌ହାଉଜେନ୍ ଯିବା ପୂର୍ବରୁ ଦୁଇଘଣ୍ଟା ଖଣ୍ଡେ ଫ୍ରାଙ୍କଫର୍ଟ ସହର ବୁଲି ଦେଖିନେବା । ଉଡ଼ାଜାହାଜ ଘାଟିରୁ ଫ୍ରାଙ୍କଫର୍ଟ୍ ବାର ମାଇଲ ହେବ । ବିରାଟ ରାଜପଥ -"ଆଉଟୋବାନ୍", ଏକା ସାଙ୍ଗରେ ଏ ଦିଗକୁ ଆଠଧାଡ଼ି ଓ ସେ ଦିଗକୁ ଆଠଧାଡ଼ି ଗାଡ଼ି ଚାଲିବା ଭଳି ଓସାର ଏବଂ ରାସ୍ତାର ଦୁଇ ପାଖରେ ପୁଣି ସେଇ ଘଞ୍ଚ ଜଙ୍ଗଲ । ସତୁରି ଅଶୀ ମାଇଲରେ ଗାଡ଼ି ଛୁଟେଇ ଆମେ ଦଶ ପନ୍ଦର ମିନିଟ୍‌ରେ ଫ୍ରାଙ୍କଫର୍ଟ ପହଞ୍ଚିଗଲୁ ଓ ରାସ୍ତାରେ ଗୋଟାଏ ଜାଗାରେ ଗାଡ଼ି ରଖିଦେଇ ବୁଲି ବୁଲି ସହର ଦେଖି ବାହାରିଲୁ ।

ଫ୍ରାଙ୍କଫର୍ଟର ପୁରା ନାମ ଫ୍ରାଙ୍କଫୁର୍ଟ-ଅମ୍-ମାଇନ୍ । ବିଖ୍ୟାତ ମାଇନ୍ ନଦୀ ଏହି ସହର ମଝି ଦେଇ ବହିଯାଇଛି । ବେଶ୍ ପ୍ରଶସ୍ତ ଭରା ନଈ । ନଈ ଉପରେ ଅନେକ ପୋଲ ତେବେ ରୋମାନ୍ ଯୁଗର ଗୋଟାଏ ପାଦଚଲା ପୋଲ ଦର୍ଶନୀୟ । ଫ୍ରାଙ୍କଫର୍ଟ ସହରର ପ୍ରଧାନ ଦର୍ଶନୀୟ ବସ୍ତୁ, ଅନ୍ତତଃ ମୁଁ ଯାହା ଦେଖିଲି, ତାହା ହେଲା ସେଠାର ପ୍ରଧାନ ଗୀର୍ଜା ଓ ମହାକବି ଗେଟେଙ୍କ ଜନ୍ମସ୍ଥାନ । ଏଠି ବିଭିନ୍ନ ଯୁଗର ଅନେକଗୁଡ଼ିଏ ଗୀର୍ଜା ରହିଛି ଓ ରୋମାନ୍, ଗଥିକ୍, ବାରୋକ୍, ରେନେସାଁସ ଆଦି ଏ ସବୁର ବିଭିନ୍ନ ନିର୍ମାଣଶୈଳୀ ଶିଳ୍ପ-ରସିକମାନଙ୍କ ପକ୍ଷରେ ଖୁବ୍ ଆକର୍ଷଣ ଓ ଅନୁଧ୍ୟାନର ବିଷୟ । ତେବେ ଏଠାର ପ୍ରଧାନ ଗୀର୍ଜାର ବିଶାଳତା ଓ ଗମ୍ଭୀର ଶାନ୍ତ ବାତାବରଣ ମତେ ଖୁବ୍ ଭଲ ଲାଗିଥିଲା । ଗୀର୍ଜାର ଗୋଟାଏ ବିଶେଷତ୍ୱ ହେଲା ଯେ ଆମ ମନ୍ଦିରମାନଙ୍କ ଭଳି ଏହା ଭିତରେ ହଇଚଗୋଳ ନଥାଏ । ଶହ ଶହ ଲୋକ ବୁଲି ଦେଖୁଥାନ୍ତି । ଅନେକ ଲୋକ ବସି ପ୍ରାର୍ଥନା କରୁଥାନ୍ତି ବା ହୁଏତ ବସି ବିଶ୍ରାମ କରୁଥାନ୍ତି । କିନ୍ତୁ କୌଣସି ପ୍ରକାରର ପାଟିତୁଣ୍ଡ ନ ଥାଏ । କଥା କହିଲେ ଅତି ଅନୁଚ୍ଚ ସ୍ୱରରେ କହୁଥାନ୍ତି । ଏ ଗୀର୍ଜାରେ ଏକ ଆଧୁନିକ ବାଦ୍ୟଯନ୍ତ୍ର ଅର୍ଗାନ୍ ଖଞ୍ଜା ହୋଇଛି ଓ ତା'ର ଉଦାତ୍ତ ଗମ୍ଭୀର ସଙ୍ଗୀତ ଶୁଣିବାର ସୌଭାଗ୍ୟ ସେଠି ହେଲା । ମହାକବି ଗେଟେଙ୍କ ଘରଟି କେବଳ ବାହାରୁ ଯାହା ଦେଖିଲୁ । ଆମେ ପହଞ୍ଚିବା ବେଳକୁ ତାହା ଦ'ପହର ଛୁଟି ପାଇଁ ବନ୍ଦ ହେବାକୁ ଯାଉଥିଲା ଓ ପାଞ୍ଚ ଦଶ ମିନିଟ୍‌ରେ ତରତର ହୋଇ ଆଖି ବୁଲାଇବା ଅପେକ୍ଷା ନ ଦେଖିବା ଭଲ ବୋଲି ଆମେ ସ୍ଥିର କଲୁଁ ।

ଏଠୁ ବେଲ୍‌ନ୍‌ହାଉଜନ୍ ଷାଠିଏ ମାଇଲରୁ ଅଧିକ, ଘଣ୍ଟାଟାଏ ସମୟ ଲାଗିଲା । ଅଧିକାଂଶ ଅଉଟୋବାନ, ଅଳ୍ପ ବାଟ ଏକ ଶାଖା ରାସ୍ତାରେ ଗଲୁ । ସମସ୍ତ ରାସ୍ତା ପକ୍କା । ସତୁରି ମାଇଲରୁ କମରେ କେହି ଗାଡ଼ି ଚଳାନ୍ତି ନାହିଁ । ନବେ ଶହେ ମାଇଲ ସାଧାରଣ । ରାସ୍ତାରେ ଇଲେକ୍‌ଟ୍ରିକ୍ ସିଗନାଲ୍ ବ୍ୟବସ୍ଥା । ପୁଣି ଆଗକୁ ସିଗନାଲ ଆସୁଛି ବୋଲି ଦୁଇ ତିନି କିଲୋମିଟର ଆଗରୁ ସତର୍କ ସଙ୍କେତ । କୌଣସି ଛକ ବା ବସତି ଆସିବାର ଦେଢ଼ କିଲୋମିଟର ଆଗରୁ ଖୁବ୍ ବଡ଼ ବଡ଼ କରି ଲେଖା ସଙ୍କେତ ଯଥା – "ମାରବର୍ଗ ୧୫୦୦ ମିଟର" । ପୁଣି "ମାରବର୍ଗ ୧୦୦୦ ମିଟର" ଓ "ମାରବର୍ଗ ୫୦୦ ମିଟର" । ବଡ଼ ବଡ଼ ଛକଠାରେ ଗୋଟାଏ ରାସ୍ତା ଅନ୍ୟଟିର ଉପର ଦେଇ ଯାଇଛି, ଯେପରି ଉଭୟ ରାସ୍ତାରେ ଯାନ ଚଳାଚଳ ଅବ୍ୟାହତ ରହିବ । ଗୋଟାଏ ରାସ୍ତାରୁ ବାଙ୍କ ବୁଲି ବାଁ ବା ଡାହାଣକୁ ଅନ୍ୟ ରାସ୍ତାରେ ଗିବାକୁ ହେଲେ ଅନ୍ୟ ଦିଗରେ ଯାଉଥିବା ଯାନ ଚଳାଚଳରେ ବ୍ୟାଘାତ ନ ଦେଇ ସେ ରାସ୍ତାରେ ପହଞ୍ଚିବାପାଇଁ ବିଶେଷ ଚକ୍ରାକାର ରାସ୍ତା ରହିଛି । × × ×

ଡଃ ହଣ୍ଟରଙ୍କ ବୟସ ସତୁରି ବର୍ଷାଳିଶ ହେବ । ପୂର୍ବରୁ ସେ ଏକ ପୁସ୍ତକ ପ୍ରକାଶନ ସଂସ୍ଥା ଚଳାଉଥିଲେ । ଅଢ଼େଇ ତିନି ବର୍ଷ ତଳେ ପଶ୍ଚିମ ଜର୍ମାନୀର ରାଜଧାନୀ ବୋନ୍‌ଠାରେ ଆୟୋଜିତ ଏକ ସଭାରେ ଗାନ୍ଧୀଜୀଙ୍କ ବିଷୟରେ ଏକ ବକ୍ତୃତା ସେ ସଂଯୋଗ କ୍ରମେ ଶୁଣିଲେ । ଏହାଦ୍ୱାରା ଗାନ୍ଧୀଜୀଙ୍କ ବିଷୟରେ ଅଧିକ ଜାଣିବା ପାଇଁ ତାଙ୍କର ଆଗ୍ରହ ଜନ୍ମିଲା ଓ ଫଳରେ ସେ ଯାହା ଗାନ୍ଧୀ ସାହିତ୍ୟ ପାଇଲେ ପଢ଼ିବାକୁ ଲାଗିଲେ । କେବଳ ଗାନ୍ଧୀଜୀଙ୍କ ବିଷୟରେ ନୁହେଁ, ଭାରତୀୟ ଦର୍ଶନ ବିଷୟରେ ମଧ୍ୟ ସେ ଅଧ୍ୟୟନ ଆରମ୍ଭ କରି ଗୀତା, ବ୍ରହ୍ମସୂତ୍ର ଆଦି ପଢ଼ିଲେ । ଗାନ୍ଧୀଜୀଙ୍କର ଆଦର୍ଶରେ ତାଙ୍କର କ୍ରମେ ବିଶ୍ୱାସ ଦୃଢ଼ ହେଲା ଓ ନିଜ ଜୀବନରେ ସେହି ଆଦର୍ଶ ଅନୁସରଣ କରିବା ଓ ତଦନୁରୂପ ସମାଜ ଗଢ଼ିବା ପାଇଁ ସେ ବଦ୍ଧପରିକର ହୋଇ ସହର ଛାଡ଼ି ଆସି ଏ ସାନ ଗାଁରେ ବସିଛନ୍ତି । ତାଙ୍କର ପ୍ରକାଶନ ସଂସ୍ଥାର ସାଥୀ ଡେଲ୍‌ମାନ୍ ମଧ୍ୟ ତାଙ୍କ ସାଙ୍ଗରେ ଅଛନ୍ତି । ଏଠି ସେମାନେ ପ୍ରକାଶନ କାମ ଶ୍ରେଷ୍ଠ ଆକାରରେ ଚଳାଉଛନ୍ତି, କେବଳ ଉଚ୍ଚ ସ୍ତରର ବିଚାରମୂଳକ ଓ ବୈପ୍ଳବିକ ସାହିତ୍ୟ ହିଁ ପ୍ରକାଶ କରୁଛନ୍ତି; ଯଥା : ଗାନ୍ଧୀଜୀଙ୍କର ଲେଖାର ଏକ ସଙ୍କଳନ 'ସର୍ବୋଦୟ'ର ଅନୁବାଦ, କ୍ୟୁବାର ବିପ୍ଳବୀ ନେତା ଫିଡ଼େଲ କାସ୍ତ୍ରୋଙ୍କର ବିଚାରଧାରାର ସଙ୍କଳନ, ଟଲଷ୍ଟୟଙ୍କର ବନ୍ଧ, ଇତ୍ୟାଦି । ବିନୋବାଙ୍କର "ସ୍ଥିତପ୍ରଜ୍ଞ ଦର୍ଶନ"ର ଜର୍ମାନ ଅନୁବାଦ ମଧ୍ୟ ମୁଁ ଯାଇଥିବା ବେଳେ ହୋଇ ସାରିଥିଲା ଓ ଦୁଇମାସ ଭିତରେ ପ୍ରକାଶିତ ହେବାର ଥିଲା ।

ଏଠି ସେ ତାଙ୍କର ପରିବାର, ଡେଲମାନ୍‌ଙ୍କ ପରିବାର ଓ ଅନ୍ୟ କେତେକ ସ୍ତ୍ରୀ ଓ ପୁରୁଷ ସ୍ୱେଚ୍ଛାସେବକଙ୍କ ସମେତ ମୋଟରେ ଷୋଳ ସତର ଜଣ ଲୋକ ଏକାଠି ରହିଛନ୍ତି । ବେଲନ୍‌ହାଉଜନ୍‌ରେ ପ୍ରଥମେ ଗୋଟାଏ ଘରେ ରହୁଥିଲେ । ସେଠି ଏବେ ପ୍ରକାଶନ ସଂସ୍ଥା

ଓ ତାଙ୍କର ଦାଦାପୁଅ ଭାଇଙ୍କ ପରିବାର ରହନ୍ତି । ଏମାନେ ଟିକିଏ ଦୂରରେ ଗୋଟିଏ ପୁରୁଣା ଖମାର ଘର କିଣି ସେଠାରେ ରହୁଛନ୍ତି । ସେ ଘରର ଗୁହାଳ, ଅମାର ପ୍ରଭୃତିକୁ ବଦଳାଇ ରହିବା ଘର, ଖାଇବାଘର, ସଭାଘର ଆଦିରେ ପରିଣତ କରିବାରେ ଲାଗିଥାନ୍ତି । ଏ କାମରେ ସେମାନେ ଜଣେ ଦୁଇଜଣ ବାହାର କାରିଗରଙ୍କୁ ଧରି ନିଜେ ନିଜେ ସାରା ଦିନ ପରିଶ୍ରମ କରୁଥାନ୍ତି ।

ଏ ଗାଁଟି ଛୋଟ । ମାତ୍ର ସତୁରିଟି ପରିବାର, ଅଢ଼େଇଶହ ଲୋକ ହେବେ । କହିବା ବାହୁଲ୍ୟ ଯେ ଗାଁରେ ସବୁ ଆଧୁନିକ ସୁବିଧା : ପାଣିବ୍ୟବସ୍ଥା, ବିଜୁଳି ଯୋଗାଣ, ପକ୍କା ରାସ୍ତା, ଟେଲିଫୋନ୍ ସଂଯୋଗ, ସବୁ ରହିଛି । ଜର୍ମାନ କୃଷୀମାନଙ୍କର ଅବସ୍ଥା ମଧ୍ୟ ଖୁବ୍ ସଚ୍ଛଳ । କୃଷି ବାସ ସବୁ ଯନ୍ତ୍ର ସାହାଯ୍ୟରେ ।

ଗାଁ ବାହାରକୁ ବୁଲିକି ବୁଲିଗଲୁ । ଗହମ, ମକ୍କା ପ୍ରଭୃତି ଫସଲ ବିଲରେ ଥାଏ । ଅଞ୍ଚଳଟି ସମତଳ ନୁହେଁ । ଉଚ୍ଚ ନୀଚ ଢେଉ ଖେଳିଲା ପରି । ଗୋଟାଏ ଉଚ୍ଚ ସ୍ଥାନ ଉପରକୁ ଚଢ଼ିଲୁ । ଗାଁଟି ଗଛ ପତ୍ରରେ ଢାଙ୍କି ହୋଇ ଖୁବ୍ ସୁନ୍ଦର ଦେଖାଯାଉଥାଏ । ମୁଣ୍ଡିଆ ଉପରେ ଖଣ୍ଡେ ଜମି ଗୋରୁ ଚରିବା ପାଇଁ ଥାଏ । ସେଥିରେ ପନ୍ଦରଟା ଖଣ୍ଡେ ଗାଈ ଚରୁଥାନ୍ତି । ଜମି ଚାରି ପାଖରେ ଗୋଟିଏ ବିଦ୍ୟୁତବାହୀ ତାର ଘେରେଇ ଦିଆ ହୋଇଥାଏ । ଗାଈମାନଙ୍କୁ ଆଟକରେ ରଖିବା ପାଇଁ ସେତିକି ଯଥେଷ୍ଟ । ଏଠି ଗାଈଗୋରୁଙ୍କ ପାଇଁ ଜମିରେ ଘାସ ଓ ଅନ୍ୟ ଚାରା ଖାଦ୍ୟମତ ଚାଷ କରାଯାଏ । ଗାଈଗୁଡ଼ିକ ଖୁବ୍ ହୃଷ୍ଟପୁଷ୍ଟ । ଦୈନିକ ପନ୍ଦରରୁ ପଚିଶ ଲିଟର ଦୁଧ ଦିଅନ୍ତି । ପଶ୍ଚିମ ଜର୍ମାନୀରେ ଦୁଧ ଉତ୍ପାଦନ ଚାହିଦାରୁ ବହୁତ ବେଶୀ ଅଧିକ ହେଉଛି । ସେଥିପାଇଁ ତାହା ଊଣା କରିବାର ନାନା ଉପାୟ ବିଚାର ହେଉଛି ।

ୟୁରୋପରେ ଦୁଧ ପାଇଁ ଓ ମାଂସ ଖାଇବା ପାଇଁ ଭିନ୍ନେ ଭିନ୍ନେ ଜାତିର ଗାଈ ପୋଷା ହୁଅନ୍ତି । କୁଆଡ଼େ ବେଶୀ ଦୁଧ ଦେବା ଜାତିର ମାଂସ ଭଲ ନୁହେଁ ଓ ମାଂସ ଭଲ ଥିବା ଜାତିରୁ ସେପରି କିଛି ଦୁଧ ମିଳେ ନାହିଁ । ଶୁଣିବାକୁ ପାଇଲି ଯେ ଦୁଧଦେବା ଜାତିର ଗାଈକୁ ଖାଇବା ପାଇଁ କାଟିଲେ ପଶ୍ଚିମ ଜର୍ମାନୀ ସରକାର ଗାଈ ଗୋଟିକି ଚାରିଶହ ମାର୍କ ଲେଖା ଅନୁଦାନ କାଟିବା ବାଲାଙ୍କୁ ଦିଅନ୍ତି । ଏହାର ଉଦ୍ଦେଶ୍ୟ ଦୁଧ ଉତ୍ପାଦନ ଊଣା କରିବା । × × × ×

ଡଃ ହିଣ୍ଟରଙ୍କ ସହିତ ତାଙ୍କର ଆଶ୍ରମର ଉଦ୍ଦେଶ୍ୟ ବିଷୟରେ ସବିସ୍ତାରେ ଆଲୋଚନା ହେଲା । ତାଙ୍କର ବିଚାର ହେଲା ଯେ ଯୁଦ୍ଧ ବିଗ୍ରହ ଓ ଶୋଷଣରୁ ମୁକ୍ତ ବାସ୍ତବ ଶାନ୍ତିପୂର୍ଣ୍ଣ ସମାଜ ଗଢ଼ିବା ପାଇଁ ହେଲେ ସମାଜ ଭିତରେ ପରସ୍ପର ପ୍ରତି ଚିନ୍ତା, ପରସ୍ପର ପାଇଁ ତ୍ୟାଗ ଓ ପରସ୍ପର ସହଯୋଗ ରହିବା ଦରକାର । ସେଥିପାଇଁ ଲୋକେ ଛୋଟ ଛୋଟ ଗାଁ ଭଳି ଗୋଷ୍ଠୀ-ମାନଙ୍କର ରହିବା ଦରକାର ଓ ତାହା ଭିତରେ ଏହିଭଳି ଗ୍ରାମଭାବନା ବା ପରିବାର ଭାବନା ରହିବା ଦରକାର ।

ଏହିଭଳି ଏକ ଗୋଷ୍ଠୀ ବା କମ୍ୟୁନିଟି ଜୀବନର ସାଧନା କରିବା ଡଃ ହ୍ୱିଣ୍ଟରଙ୍କର ଲକ୍ଷ୍ୟ । ଏ ଗୋଷ୍ଠୀର ନାମ ସେ ଦେଇଛନ୍ତି—ଭାରତ-ଜର୍ମାନ ସୁହୃଦସମାଜ । କାରଣ ଭାରତୀୟ ଚିନ୍ତାଧାରା, ଖାସ କରି ଗାନ୍ଧୀଜୀଙ୍କ ବିଚାରଧାରା ତାଙ୍କର ପ୍ରେରଣାର ମୂଳ ଉତ୍ସ । ଭାରତର ଗାଁ ଗୁଡ଼ିକ ଏହି ଦୃଷ୍ଟିରୁ ସମାଜ ସଂଗଠନର ଏକ ଅନୁକୂଳ ଢାଂଚା ଯୋଗାଏ ବୋଲି ସେ ବିଚାରନ୍ତି ।

ମଣିଷ ସହିତ ମଣିଷର ସଂପର୍କ କ୍ଷୀଣ ହୋଇ ଶେଷକୁ ଏକାବେଳକେ ଉଭେଇଯିବା ଆଧୁନିକ ସଭ୍ୟତାର ଗୋଟାଏ ପରିଣାମ ଯାହା ଏବେ ଦୁନିଆର ବହୁ ବିଚାରବାନ ଲୋକଙ୍କ ମନରେ ଚିନ୍ତାର ଉଦ୍ରେକ କରୁଛି । ବଡ ବଡ ସହରମାନଙ୍କରେ ଗୋଟାଏ ଗୋଟାଏ ବହୁତଳ ଭବନରେ ଶହ ଶହ ପରିବାର ରହୁଛନ୍ତି, କିନ୍ତୁ ସେମାନଙ୍କର କାହାରି ସହିତ କାହାର ସମ୍ପର୍କ ନାହିଁ । ପାଖ ଘରେ କେହି ରୋଗରେ ପଡ଼ିଲେ ବା ମରିଗଲେ ବି ପଡ଼ୋଶୀ ଘର ଜାଣିବେ ନାହିଁ ବା ଜାଣିଲେ ବି ପରବାଏ କରିବେ ନାହିଁ ଏହିପରି ଅବସ୍ଥା । ସେ ଯାହାର ନିଜ ଧନ୍ଦା, ନିଜ ଚିନ୍ତା, ନିଜ ଆମୋଦପ୍ରମୋଦରେ ବ୍ୟସ୍ତ । ରୋଗ, ବୃଦ୍ଧାବସ୍ଥା, ବେକାର ଅବସ୍ଥା ଆଦିରେ ଆର୍ଥିକ ସାହାଯ୍ୟ ଦେବାର ଅତି ଉତ୍ତମ ବ୍ୟବସ୍ଥା ଅଧିକାଂଶ ୟୁରୋପୀୟ ଦେଶରେ ରହିଛି । ଏ ବ୍ୟବସ୍ଥା ସରକାରୀ ବିଭାଗ ଦ୍ୱାରା ପରିଚାଳିତ । ଏହାଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ସୁରକ୍ଷିତ ରହୁଛି । ଭୋକ ଉପାସ ବା ରୋଗ କବଳରେ ଅସହାୟ ଭାବରେ ପଡ଼ିବାର ଭୟ ନାହିଁ । କିନ୍ତୁ ଏହା ସାଙ୍ଗକୁ ମାନବିକ ହୃଦୟର ଉଷ୍ମସ୍ପର୍ଶ ନାହିଁ ।

ଏହି ପ୍ରସଙ୍ଗରେ ଲଣ୍ଡନରେ ଭେଟ ହୋଇଥିବା ଜଣେ ପାକିସ୍ଥାନୀ ଯୁବକଙ୍କର କଥା ମନେ ପଡ଼ୁଛି । ଗୋଟିଏ ଫଟୋ ଦୋକାନରେ ସେ କାମ କରନ୍ତି । ଛଅ ସାତ ବର୍ଷ ହେଲା ଲଣ୍ଡନରେ ରହିଲେଣି । ଫଟୋ ଧୋଇବାକୁ ଦେବାକୁ ଯାଇ ତାଙ୍କ ସହିତ ସାକ୍ଷାତ ଓ ପରିଚୟ । ଆଲାପ ପ୍ରସଙ୍ଗରେ ସେ କହିଲେ "ଏ ଦେଶଟା ଯୁବକଙ୍କ ପାଇଁ ଖୁବ୍ ଭଲ । ବୟସ ଥିବାଯାଏ ଖୁବ୍ ଖଟ, ଖୁବ୍ କମାଅ ଓ ଖୁବ୍ ମଉଜ କର । କିନ୍ତୁ ବୁଢ଼ା ହେଲେ କେହି ପଚାରିବେ ନାହିଁ ।

"ଏଠି ବୁଢ଼ା ବୁଢ଼ିଙ୍କ ପାଇଁ ସରକାରୀ ଭବନ ଅଛି । ସେଠି ଯାଇ ରହିବ, କିନ୍ତୁ ପୁଅ ଝିଅ ବି ଦେଖିବାକୁ ଆସିବେ ନାହିଁ ।" ସେ ପୁଣି କହିଲେ ଯେ ତାଙ୍କର ଜଣେ ଜଣା ଲୋକଙ୍କର ନିକଟ ଆତ୍ମୀୟ କେହି ନ ଥିବାରୁ ତାଙ୍କର ଜଣେ ଅତି ଅନ୍ତରଙ୍ଗ ବନ୍ଧୁଙ୍କୁ ନିଜର ସମସ୍ତ ସମ୍ପତ୍ତି ଉଇଲ କରିଦେଇ ଥିଲେ । କିନ୍ତୁ ସେ ମୃତ୍ୟୁ ଶଯ୍ୟାରେ ପଡ଼ିଥିବା ବେଳେ ଏ ବନ୍ଧୁ ଜଣକ ଜାଣି ମଧ୍ୟ ତାଙ୍କୁ ଦେଖିବାକୁ ଗଲେ ନାହିଁ, ଯଦିଓ ସେ ବୁଢ଼ା ତାଙ୍କୁ ଦେଖିବାକୁ ଅତି ବ୍ୟାକୁଳ ହେଉଥିଲେ । ଏପରି କି ସେ ମରିବା ପରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାକୁ ସୁଦ୍ଧା ସେ ସମ୍ପତ୍ତି ପାଇଥିବା ଭଦ୍ରଲୋକ ଗଲେ ନାହିଁ ।

ଆଧୁନିକ ଶିଳ୍ପ ସଂଗଠନର ସ୍ୱରୂପ, ବଡ ବଡ ସହରର ଯାନ୍ତ୍ରିକ ଜୀବନର ପ୍ରଭାବ ଆଦି ନାନା କାରଣରୁ ଏଭଳି ଘଟୁଛି । ହୁଏତ ଗୋଟାଏ କିଛି ମୂଲ୍ୟ ବୋଧର ଅଭାବ ବା

ଏକାଂଗୀତା ମଧ୍ୟ ରହିଛି । ଡଃ ହିଣ୍ଟର୍‌ଙ୍କ ସହିତ ଆଲୋଚନା ପ୍ରସଙ୍ଗରେ ଏହା ଉପରେ କିଛି ଆଲୋକପାତ ହେଲା ।

ଗ୍ରେଟ ଗୋଷ୍ଠୀର ଗୁଣ ଯେ ସେଥିରେ ମାନବିକ ସମ୍ପର୍କ ପାଇଁ ବେଶୀ ଅନୁକୂଳତା ଥାଏ । ମାତ୍ର ଆଜିଯାଏ ସାନ ସାନ ଗାଁ ସବୁ ଯେଭଳି ଭାବରେ ସଂଗଠିତ ହୋଇ ଆସିଛି, ଯେଭଳି ଚାଲି ଆସିଛି ସେଥିର ଦୋଷ ହେଲା ଯେ ତାହା ବ୍ୟକ୍ତିସ୍ୱାତନ୍ତ୍ର୍ୟର ବିକାଶ ପାଇଁ ବହୁତ କମ ସୁଯୋଗ ଦିଏ । ପ୍ରତ୍ୟେକ ଲୋକର ସମସ୍ତ ଗତିବିଧି ସର୍ବଦା ସମସ୍ତଙ୍କ ଆଖି ଆଗରେ ଥାଏ ଓ ଫଳରେ ଲୋକମତର ଚାପ ଅତି ପ୍ରବଳ ଭାବରେ କାମ କରେ । ଏହା ଛଡ଼ା ଆଜିଯାଏ ଗାଁର ସମାଜ ସାମନ୍ତବାଦୀ ଢଙ୍ଗରେ ସଂଗଠିତ ହୋଇ ଆସିଛି । ଏଥିରେ ପରିବାରରେ ବୟସରେ ବଡ଼ ବାପ ଗୋସେଇବାପଙ୍କର ତଥା ସମାଜରେ ଜାତି,ରେ ଓ ସମ୍ପତ୍ତିରେ ବଡ଼ ପରିବାରଙ୍କର କର୍ତ୍ତୃତ୍ୱ ସ୍ୱୀକୃତ ହୋଇ ଆସିଛି । ଏହି ପରଂପରା ଗାଁ ସମାଜର ଜୀବନକୁ ସ୍ଥିତିଶୀଳ ଓ ରକ୍ଷଣଶୀଳ କରିଛି ।

ଆଧୁନିକ ନଗର ସଭ୍ୟତା ବ୍ୟକ୍ତିକୁ ସମାଜର ନିଗଡ଼ ବନ୍ଧନରୁ ମୁକ୍ତିର ସୁଯୋଗ ଦେଇଛି । ସେଥିଯୋଗୁଁ ବ୍ୟକ୍ତି ସ୍ୱାତନ୍ତ୍ର୍ୟର ବିକାଶର ଇତିହାସରେ ନଗର ସଭ୍ୟତାର ବିଶେଷ ଅବଦାନ ରହିଛି । ମାତ୍ର ଏ ସ୍ୱତନ୍ତ୍ରତା ସାଙ୍ଗେ ସାଙ୍ଗେ ଘଟୁଛି ପରସ୍ପର ସମ୍ପର୍କ, ସ୍ନେହ, ସହାନୁଭୂତି, ସହଯୋଗର ମଧ୍ୟ ବିଲୟ । ପରସ୍ପର ଚିନ୍ତା ଓ ମାନବିକ ସମ୍ପର୍କର ବିକାଶ ପାଇଁ ସାନ ସାନ ଗୋଷ୍ଠୀ ଗଢ଼ିବାବେଳେ ବ୍ୟକ୍ତି ସ୍ୱାତନ୍ତ୍ର୍ୟର ବିକାଶ ପାଇଁ ମଧ୍ୟ ଯେପରି ସେଥିରେ ପୂର୍ଣ୍ଣ ଅବକାଶ ମିଳେ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ । ଭାରତରେ ଗ୍ରାମଦାନ ମାଧ୍ୟମରେ ଏହିଭଳି ଏକ ପ୍ରୟୋଗ ଚାଲିଛି ବୋଲି ମୁଁ ତାଙ୍କୁ ଜଣାଇଥିଲି ।

ଜର୍ମାନୀ ପୃଥିବୀର ଶିଳ୍ପ ପ୍ରଧାନ ଦେଶମାନଙ୍କ ଭିତରେ ଅଗ୍ରଗଣ୍ୟ ହେଲେ ମଧ୍ୟ ଏଠାରେ ହସ୍ତଶିଳ୍ପ ଓ ତାହାର ଚାହିଦା ପୁରାପୁରି ଲୋପ ପାଇନାହିଁ । ଚୀନାମାଟି, ପଥର, ବେତ, ଚମଡ଼ା ଓ କାଠର ହାତ ତିଆରି ସାମଗ୍ରୀ ଓ ହାତ ତିଆରି କାର୍ପେଟ୍, କମ୍ବଳ ଆଦିର ଏଠି ବେଶ୍ ଚାହିଦା ଅଛି ଓ ପୂର୍ବ ୟୁରୋପର ଦେଶମାନଙ୍କରୁ ଏଭଳି ଜିନିଷ ଏଠାକୁ ଆମଦାନୀ ହୁଏ । ଏସବୁ ଜିନିଷର କଳାତ୍ମକ ସୌନ୍ଦର୍ଯ୍ୟ ନିମନ୍ତେ ହିଁ ଏଭଳି ଚାହିଦା । ହିଣ୍ଟର୍‌ଙ୍କର ବାପା ଓ ଦାଦା ଏକ ହସ୍ତଶିଳ୍ପ ବସ୍ତ୍ରର ଦୋକାନ ଆରମ୍ଭ କରିଥିଲେ । ଏବେ ତାଙ୍କର ଖୁଡ଼ୁତାପୁଅ ଭାଇ ଏହାକୁ ଚଳାଉଛନ୍ତି । ଜର୍ମାନୀର ସ୍ଥାନୀୟ ହସ୍ତଶିଳ୍ପର ବିକାଶ ଓ ପ୍ରସାର ଘଟାଇବା ଏହାଙ୍କର ଲକ୍ଷ୍ୟ । ଜର୍ମାନୀର ଅନ୍ୟ ଅଞ୍ଚଳର ସାମଗ୍ରୀ ଆଣି ବିକିବା ଛଡ଼ା ସେ ସେଠି ପଶମର ଗାଲିଚା, କମ୍ବଳ, ପୋଷାକ କପଡ଼ା ବୁଣିବା କାମ ମଧ୍ୟ କରନ୍ତି । ହାତ ତନ୍ତରେ ନାନା ପ୍ରକାରର ଅତି ସୁନ୍ଦର ଡ଼ିଜାଇନ୍ ବୁଣା ହୋଇଥାଏ । ଏ ତନ୍ତ ବିଭାଗରେ ଦଶ ଜଣ ଝିଅ କାମ କରନ୍ତି । ଏମାନଙ୍କର ମଜୁରି ଘଣ୍ଟାକୁ ତିନ ବା ଚାରି ମାର୍କ : ଛଅରୁ ଆଠ ଟଙ୍କା । ଅର୍ଥାତ୍ ମାସିକ ଆୟ ଦେଢ଼ରୁ ଦୁଇ ହଜାର ଟଙ୍କା । ଆମ ଦେଶର କାଶ୍ମୀର ସମ୍ବଲପୁର, ସୌରାଷ୍ଟ୍ର ଆଦିରେ ଅତି ଉଚ୍ଚକୋଟିର କଳାତ୍ମକ ସାମଗ୍ରୀ ତିଆରି କରୁଥିବା

ବୟନଶିଳ୍ପୀ ବର୍ଷଟା ସାରାରେ ବି ଏତେକ ରୋଜଗାର କରି ପାରନ୍ତି ନାହିଁ । ଅବଶ୍ୟ ଏହାର କାରଣ ହେଲା ଯେ ସେ ସବୁ ଦେଶରେ ଯାଂତ୍ରିକ ଶିଳ୍ପର ବ୍ୟାପକ ବିକାଶ ଫଳରେ ଉତ୍ପାଦନ ଓ ତାହା ସହିତ ଜୀବନଯାତ୍ରାର ମାନ ବହୁତ ବଢ଼ି ଯାଇ ଥିବାରୁ ମୋଟ ଆୟର ପାଞ୍ଚଯାତ ଭାଗ କଳାତ୍ମକ ଅଥଚ ମହଙ୍ଗା ହାତ ତିଆରି ଜିନଷ ପାଇଁ ଖର୍ଚ୍ଚ କରିବାକୁ ଲୋକେ ଇତସ୍ତତ କରନ୍ତି ନାହିଁ । ମୁଁ ଗୋଟିଏ ଛୋଟ ଚୀନାମାଟି ତିଆରି ମେଣ୍ଢା ସେଠୁ ଆଣିଲି । ଏଭଳି ଏକ କଣ୍ଢେଇର ଦାମ ଏଠି ବଡ଼ ଜୋର ଆଠ ଅଣା ହେବ । ସେଠି ଆଠ ଟଙ୍କା ।

ପରେ ଷ୍ଟକହଲମ ରେ ଗୋଟିଏ ଦୋକାନରେ ତାଳପତ୍ର ପରି କୌଣସି ଗୋଟାଏ ଜାତିର ପତ୍ରରେ ତିଆରି ଏକ ମାଳ ଦେଖିଲି । ତାଳପତ୍ରରେ ଆମର ଯେପରି କରନ୍ତି ସେପରି ତିନି କୋଣିଆ ଓ ଚାରି କୋଣିଆ ଛୋଟ ଛୋଟ ଭାଗ କରି ବୁଣି ସେ ସବୁକୁ ଗୁନ୍ଥି ଏକ ମାଳ କରାହୋଇଛି । ଆମର ଏଠି ଦାମ ପଚିଶ ତିରିଶ ପଇସା ହୁଅନ୍ତା । ସେଠି ଆଠ ସୁଇଡ଼ିଶ୍ କ୍ରାଉନ୍ ବା ପ୍ରାୟ ବାର ଟଙ୍କା ।

★ ★

# ପାଞ୍ଚ

## ରାଇନ୍ ନଦୀର କୂଳେ

ବେଲ୍‌ନ୍‌ହାଉଜେନ୍‌ରୁ ହଣ୍ଟରଙ୍କ ସହିତ ମଟରରେ ବୋନ୍ ଗଲୁ । ଶହେ ମାଇଲ ଉପରେ । ପଶ୍ଚିମ ଜର୍ମାନୀର ଏକ ବିରାଟ ଓ ବିଖ୍ୟାତ ବଣ ଭେସ୍‌ଟରୱାଲ୍‌ଡ ବାଟରେ ପଡ଼ିଲା । ଏଇ ଅଞ୍ଚଳରେ ଜର୍ମାନୀର ଗରୀବ ଚାଷୀମାନଙ୍କର ବାସ ବୋଲି ହଣ୍ଟର କହିଲେ । ବାଟରେ ସାନ ସାନ ଗାଁ ପଡ଼ିଲା, ପୁରୁଣାଢଙ୍ଗର ଛୋଟ ଛୋଟ ଘର । ତେବେ ପ୍ରତ୍ୟେକ ଘର ଉପରେ ଟେଲିଭିଜନ୍‌ର ଏରିୟଲ ଥାଏ । ଟେଲିଭିଜନ୍ ଓ ଖଣ୍ଡେ ମୋଟରଗାଡ଼ି ରଖିବା ଭଳି ସଙ୍ଗତି ଏ ପ୍ରତ୍ୟେକ ଗରୀବ ଚାଷୀର ଅଛି । ତଥାପି ଏମାନେ ଜର୍ମାନୀର ଅନ୍ୟ ଅଞ୍ଚଳର ଚାଷୀ ଓ ଅନ୍ୟ ଶ୍ରେଣୀର ଲୋକଙ୍କ ତୁଳନାରେ ଗରୀବ । ସେଥିପାଇଁ ଏବେ ଜର୍ମାନ ସରକାର ଏ ଅଞ୍ଚଳର ବିକାଶ ପାଇଁ ବିଶେଷ ଦୃଷ୍ଟି ଦେଉଛନ୍ତି ।

ବୋନ୍ ପଶ୍ଚିମ ଜର୍ମାନୀର ରାଜଧାନୀ । ଏଠି ପହଞ୍ଚିବା ପାଇଁ ରାଇନ୍ ନଈ ପାରି ହେବାକୁ ପଡ଼ିଲା । ନଈ ଉପରେ ଅନେକ ପୋଲ ଅଛି, ମାତ୍ର ଏହାର ସୌନ୍ଦର୍ଯ୍ୟ ପୂରା ଉପଭୋଗ କରିବା ଉଦ୍ଦେଶ୍ୟରେ ଆମେ ବୋନ୍‌ର କୋଡ଼ିଏ ମାଇଲ ଖଣ୍ଡେ ଉପରକୁ ଏକ ଘାଟରେ ଫେରି ଦ୍ୱାରା ପାରି ହେଲୁ । ରାଇନ ନଦୀ ୟୁରୋପର ମାପକାଠି ଅନୁସାରେ ରୀତିମତ ପ୍ରଶସ୍ତ । ଜଳପୂର୍ଣ୍ଣ ଓ ଖରସ୍ରୋତା । ଏଥିରେ ନୌବାଣିଜ୍ୟ ଚଳାଚଳ ପ୍ରଚୁର ପରିମାଣରେ ହୁଏ । ରାଇନ୍ ନଦୀର ଅବବାହିକା ରାଇନଲ୍ୟାଣ୍ଡ୍ ଜର୍ମାନୀର ସବୁଠାରୁ ସୁନ୍ଦର ଅଞ୍ଚଳ । ନଈ କୂଳେ କୂଳେ ବୋନ୍ ଓ ସେଠୁ ପୁଣି କୋଲନ୍ ଯାଏ ଯିବା ବାଟରେ ବେଶ୍ କିଛି ସମୟ ଧରି ଏ ଅଞ୍ଚଳ ଦର୍ଶନ କରିବାର ସୁଯୋଗ ମିଳିଲା । ସହର ପାଖରେ ଓ ସହର ବାହାରେ ମଧ୍ୟ ଅନେକ ଦୂରଯାଏ ନଈ କୂଳରେ ପାଦଚାରୀଙ୍କର ବୁଲିବା ପାଇଁ ରାସ୍ତା ରହିଛି ! ଗଛପତ୍ର ଲଗା ହୋଇ ଉଦ୍ୟାନ ଭଳି କରାଯାଇଛି । ଆଲୋକର ବ୍ୟବସ୍ଥା ତ ରହିଛି ହିଁ ।

ବୋନ୍ ଅପେକ୍ଷାକୃତ ଛୋଟ ସହର । ସେଥିରେ ସରକାରୀ କୋଠାବାଡ଼ି, ପାର୍ଲାମେଣ୍ଟ ଭବନ ଆଦି ସବୁ ନୂଆ ନୂଆ ଆଧୁନିକ ଶୈଳୀରେ ଗଢ଼ା । ବାକୀ ସବୁ ସହର ତ ଆଜିକାଲି ଏକା ପ୍ରକାରର । ଏକା ପ୍ରକାରର କୋଠାବାଡ଼ି, ରାସ୍ତାଘାଟ । ତେବେ କୋଉଁଠା ଏଠିକା ପରି

ଖୁବ୍ ପରିଚ୍ଛନ୍ନ, କେଉଁଠା ଅବା କମ୍ । ବୋନ୍‌ରୁ କୋଲନ୍ ବେଶୀ ଦୂର ନୁହେଁ । ଏଠାର ବିଶେଷତ୍ୱ ହେଲା ତା'ର ବଡ଼ ଗୀର୍ଜା, କ୍ୟାଥେଡ୍ରାଲ । ଏଇଟି ନ ଦେଖିଥିଲେ ଗୋଟାଏ ଅଭାବ ରହିଯାଇଥାନ୍ତା । ମଧ୍ୟ ଯୁଗରେ ତିଆରି ଏ ଗୀର୍ଜା ଶହେ ଷାଠିଏ ମିଟର ବା ପାଞ୍ଚଶହ ଚବିଶ ଫୁଟ ଉଚ୍ଚ, ପୁରୀ ମନ୍ଦିରର ଅଢ଼େଇ ଗୁଣରୁ ବେଶୀ । ବାହାର ଓ ଭିତରର କାରୁକାର୍ଯ୍ୟ ଅତି ଚମତ୍କାର, ବିଶେଷ କରି ବହୁସଂଖ୍ୟକ ରଙ୍ଗୀନ କାଚର ଝରକାଗୁଡ଼ିକ । ବିଭିନ୍ନ ରଙ୍ଗର କାଚର ଟୁକୁରା ଦ୍ୱାରା ଯୀଶୁଙ୍କର ଜୀବନର ଘଟଣା ଓ ଖ୍ରୀଷ୍ଟୀୟ ସାଧୁ ମହାତ୍ମାମାନଙ୍କର ପ୍ରତିକୃତି ଝରକାମାନଙ୍କରେ ଅଙ୍କିତ ହୋଇଛି । ଦ୍ୱିତୀୟ ମହାଯୁଦ୍ଧ ବେଳେ ବୋମାର ଆଘାତରେ ଏ ଗୀର୍ଜାର କେତେକାଂଶ କ୍ଷତଗ୍ରସ୍ତ ହୋଇଥିଲା । ଅନେକଗୁଡ଼ିଏ ରଙ୍ଗୀନ ଝରକା ମଧ୍ୟ ଭାଙ୍ଗି ଯାଇଥିଲା । କୋଠାର ଭଙ୍ଗା ଅଂଶ ମରାମତି ସରିଲାଣି; ମାତ୍ର ଝରକାଗୁଡ଼ିକରେ ଚିତ୍ରିତ ରଙ୍ଗୀନ କାଚ ବସାଇବା କାମ ଏବେ ବି ପୂରା ହୋଇ ନାହିଁ । ଏ ଗୀର୍ଜାର ଠିକ୍ ସାମନାରେ ମାଟି ଖୋଳା ହୋଇ ଦୁଇ ହଜାର ବର୍ଷ ପୂର୍ବର ରୋମାନ ଯୁଗର କେତେକ କୋଠାବାଡ଼ି, ବୋଧହୁଏ ଏକ ଦୁର୍ଗର, ଅଂଶ ବାହାରିଛି । ଖୋଳା କାମ ଏବେ ବି ଚାଲିଛି ।

କୋଲନ୍‌ର ହୋଟେଲ୍‌ରେ ରାତି ଭୋଜନ ସାରି ଡୁସେଲ୍‌ଡର୍ଫ ଦେଇ ଏସେନ୍ ନିକଟରେ ଏକ ଛୋଟ ସହରରେ ଡେଲ୍‌ମାନଙ୍କ ବାପା ମା'ଙ୍କ ଘରେ ରାତି ରହଣି ହେଲା । ବୁଢ଼ା ଡେଲମାନ୍ ରେଳବାଇରେ ଲାଇନ୍ ମରାମତି କାମ କରୁଥିଲେ । ଆମର ଯାହାକୁ କହନ୍ତି ଗ୍ୟାଙ୍ଗ୍ କୁଲି । ଏବେ ଅବସର ନେଇଛନ୍ତି । ବଡ଼ପୁଅ ତ ଆଶ୍ରମବାସୀ, ସାନପୁଅ ବାପମା'ଙ୍କ ପାଖରେ ଥାନ୍ତି । ମଟରଗାଡ଼ି ବିକ୍ରେତା କାମ କରନ୍ତି । ଘରଟି ସାନ, ଦୋତାଲା । ଆମର ଉଚ୍ଚ ମଧ୍ୟବିତ୍ତ ଲୋକଙ୍କ ଘର ପରି ସୁସଜ୍ଜିତ । ରାତିରେ ବୁଢ଼ୀ ଉଠି ପୁଅକୁ ଓ ଆମମାନଙ୍କୁ ସ୍ୱାଗତ ଜଣାଇଲେ । ବୁଢ଼ାଙ୍କ ସହିତ ସକାଳେ ଦେଖା ହେଲା । ବୁଢ଼ା ଏବେ ବି ବେଶ୍ ଟାଣ ଅଛନ୍ତି ଓ ଖୁବ୍ ହସଖୁସି । ସକାଳ ଜଳଖିଆ ଟେବୁଲ୍‌ରେ ଗୋଟାଏ ସାନ ଟୋକେଇରେ ଚାରି ପାଞ୍ଚ ଗୋଟା ପାଉଁରୁଟି ରଖା ହୋଇଥିଲା । ମୋଟରେ ଛଅ ଜଣ ଲୋକ । ବୁଢ଼ା ଯାଇ ଆଉ ଦୁଇ ଚାରିଟା ନେଇ ଆସିଲେ । ମୁଁ ଭାବୁଥାଏ ଯେ ଏତେ ରୁଟି କିଏ ଖାଇବ ? ମାତ୍ର ବୁଢ଼ା ସେସବୁକୁ ବେକନ୍ ଓ ସସେଜ୍ ସଂଯୋଗରେ ଚାହୁଁ ଚାହୁଁ ସାଫ୍ କରିଦେଲେ ।

ବୁଢ଼ାବୁଢ଼ୀ ଭାରତ ବିଷୟରେ କୌତୂହଳୀ ହୋଇ ଅନେକ ପ୍ରଶ୍ନ ପଚାରିଲେ । ବିଶେଷତଃ ମୋର ନିରାମିଷ ଖାଇବା ଅଭ୍ୟାସ ସେମାନଙ୍କୁ ନୂଆ ଲାଗୁଥାଏ । ଭାରତରେ କେତେ ଲୋକ ନିରାମିଷାଶୀ, କାହିଁକି ଓ ପୁଣି ଆମ ଦେଶର ଗୃହସ୍ଥଙ୍କ ପରି ତମର ଘରେ କିଏ କିଏ ଅଛନ୍ତି, ପୁଅ ଝିଅ କେତୋଟି, କ'ଣ କରନ୍ତି ଆଦି ଖବର ନେବାରେ ବୁଢ଼ାବୁଢ଼ୀ ଲାଗିଥାନ୍ତି । ନିରାମିଷାହାର ୟୁରୋପରେ ଅତି ଅଳ୍ପ ପ୍ରଚଳିତ ହେଲେ ମଧ୍ୟ ନିରାମିଷାହାରୀ ପକ୍ଷରେ ଏଠି କୌଣସି ଅସୁବିଧା ହୁଏ ନାହିଁ । ଦୁଧ, ଦହି, ମଖନ, ଫଳ, ପରିବା ଆଦି ପ୍ରଚୁର ପରିମାଣରେ ମିଳେ, ବିଶେଷ କରି ଖରାଦିନେ । ଏଠାର ଦହି ଖୁବ୍ ବଢ଼ିଆ; ନାମ – ୟୋଗୁର୍ଟ ବା ୟୋଗର୍ । ଏ ନାମ ପୂର୍ବ ୟୁରୋପରୁ ଆସିଛି । ଦୁଧରେ ରାସ୍ପବେରି, ବ୍ଲାକ୍‌ବେରି,

ଷ୍ଟ୍ରବେରୀ, ଏପ୍ରିକଟ୍, ପ୍ଲମ୍, ସପୁରି ଆଦି ନାନା ଫଳର ରସ ମିଶେଇ ଦହି ବସାଇଥାନ୍ତି ଓ କାଗଜ କପ୍‌ରେ ତାହା ବନ୍ଦୀ ହୁଏ । ଦାମ ଦେଢ ଶହ ଗ୍ରାମ ସକେ ପ୍ରାୟ ସତୁରି ପଚସ୍ତରି ପଇସା । ଦୁଧ ବି କାଗଜ ଖୋଳରେ ବନ୍ଦୀ ହୁଏ । କଲେ ଦେଢଟଙ୍କା ମଣକେ ହେବ । ଏଣେ ସାଧାରଣତଃ ଥଣ୍ଡା ଦୁଧ ପିଇବା ହିଁ ଅଭ୍ୟାସ । ଦୁଧ କିଣି ଫ୍ରିଜ୍‌ରେ ରଖି ଦେଇଥାଆନ୍ତି, ବାହାର କରି ଥଣ୍ଡା ଥଣ୍ଡା ହିଁ ପିଅନ୍ତି ।

ବୁଢ଼ାବୁଢ଼ୀଙ୍କଠାରୁ ବିଦାୟ ନେଇ ଆମେ ଗଲୁ ଗେଲ୍‌ଜେନ୍-କାର୍‌ଚେନ୍ । ଏ ଗୋଟିଏ ଶ୍ରେଷ୍ଠ ଶିଳ୍ପନଗରୀ । ଏଠି ଦୁଇଜଣ ଓଡ଼ିଆ ଇଞ୍ଜିନିୟର ଶ୍ରୀ ରାଜେନ୍ଦ୍ର ପ୍ରସାଦ ଦାସ ଓ ଶ୍ରୀ ଅପରାଜିତ ରାୟ ରହନ୍ତି । ଶ୍ରୀ ରାଜେନ୍ଦ୍ର ଏକ ବଡ କାରଖାନାରେ ଉଚ୍ଚପଦାଧିକାର ଦାୟିତ୍ୱରେ ଥିବା ସଙ୍ଗେ ସଙ୍ଗେ ଡକ୍ଟରେଟ୍ ପାଇଁ ଗବେଷଣା ମଧ୍ୟ କରୁଛନ୍ତି । ଉଭୟେ ଏଠି ସପରିବାରେ ଥା'ନ୍ତି । ଏମାନଙ୍କ ଛଡ଼ା ଏ ଅଞ୍ଚଳରେ ବହୁ ଭାରତୀୟ ଓ ବିଶେଷ କରି ଓଡ଼ିଆ ଇଞ୍ଜିନିୟର ଅଛନ୍ତି । ପଶ୍ଚିମ ଜର୍ମାନୀର ଯୁଦ୍ଧୋତ୍ତର ଶିଳ୍ପବିକାଶ ଏତେ ଦ୍ରୁତ ଗତିରେ ଘଟୁଛି ଯେ ଏଠି କାମ କରିବା ଲୋକଙ୍କ ଅଭାବ ରହୁଛି । ସେଥିପାଇଁ ଇଟାଲି, ଗ୍ରୀସ୍ ପ୍ରଭୃତି ଦକ୍ଷିଣ ୟୁରୋପର ଦେଶମାନଙ୍କରୁ ଏଠାକୁ ବହୁ ସଂଖ୍ୟାରେ ସାଧାରଣ ଶ୍ରମିକ ଆସିଛନ୍ତି ଓ ଆସୁଛନ୍ତି । ଆଫ୍ରିକାର ଉତ୍ତର ଉପକୂଳରୁ କେତେକ ନିଗ୍ରୋ ମଧ୍ୟ ଆସିଛନ୍ତି ଏବଂ ଭାରତ ଓ ପାକିସ୍ଥାନରୁ ଇଞ୍ଜିନିୟର ଆଦି ଶିକ୍ଷିତ ବିଶେଷଜ୍ଞ ।

ଶ୍ରୀ ରାଜେନ୍ଦ୍ର ପ୍ରଭୃତିଙ୍କ ସହିତ ଆଲୋଚନା କରି ଜଣାଗଲା ଯେ ସେମାନେ ଏଠି କୌଣସି ପ୍ରକାରର ବର୍ଣ୍ଣବୈଷମ୍ୟର ମନୋଭାବ ଥିବାର ଲକ୍ଷ୍ୟ କରୁନାହାନ୍ତି, ଅବଶ୍ୟ ଜର୍ମାନୀ ଦେଶରେ ଜର୍ମାନମାନଙ୍କର ପ୍ରାଧାନ୍ୟ ରହିବା ସ୍ୱାଭାବିକ ଓ ନିଜ ଦେଶବାସୀଙ୍କ ସ୍ୱାର୍ଥକୁ ସେମାନେ ଜଗିଥାନ୍ତି, ତଥାପି ଅଧିକ ଦାୟିତ୍ୱ ଅର୍ପଣ, ପଦୋନ୍ନତି ଆଦି ବ୍ୟାପାରରେ ଆମର ଭାରତୀୟ ଇଞ୍ଜିନିୟରମାନେ କୌଣସି ପ୍ରକାରର ରଙ୍ଗଗତ ଭେଦଭାବର ସମ୍ମୁଖୀନ ହୋଇ ନାହାନ୍ତି ବୋଲି ପ୍ରକାଶ କଲେ ।

ଏଠି ଆମେ ଗୋଟିଏ ହାଟ ଦେଖିବାକୁ ଗଲୁଁ । ଗେଲ୍‌ଜେନ୍ କାର୍‌ଚେନ୍‌ରେ ଏ ହାଟ ହପ୍ତାରେ ଦୁଇଥର —ଶନିବାର ଓ ବୁଧବାର ବସେ । ଆଖପାଖର ଚାଷୀମାନେ ପନି-ପରିବା, ଫଳ, ଅଣ୍ଡା, ମାଂସ, ମାଛ ଓ ଶୁଖୁଆ ଆଦି ଆଣି ବିକ୍ରୀ କରନ୍ତି । ଅମ ଦେଶର ହାଟ ପରି ଧାଡ଼ି ଧାଡ଼ି ଚାଳିଆ ରହିଥାଏ । ପ୍ରଭେଦ ଏତିକି ଯେ ଚାଳିଆର ଛପର ରଙ୍ଗବେରଙ୍ଗ କେରପାଲ ବା ପ୍ଲାଷ୍ଟିକର । ପିଣ୍ଡାଗୁଡ଼ିକ ପକ୍କା ଓ ଜିନିଷପତ୍ର ସଜେଇ ରଖିବା ପାଇଁ ଟେବୁଲ ବା କାଉଣ୍ଟର ଓ ବସିବା ପାଇଁ ଚୌକି, ବେଞ୍ଚ ଆଦି ରହିଛି । କେତେକ ଚାଷୀ ଟ୍ରେଲର-ଭ୍ୟାନ୍‌ରେ ଜିନିଷପତ୍ର ଆଣିଥାନ୍ତି, ସେହି ଭ୍ୟାନ୍‌ର ଝରକା ଖୋଲିଦେଇ ଜିନିଷପତ୍ର ବିକ୍ରୀ ପାଇଁ ସଜେଇ ଦେଇଥାନ୍ତି । ବାକିସବୁ କାରବାର ଆମରି ଏଠା ହାଟ ପରି । ଆମ ବାଇଗଣ-ବାଲି ବୁଢ଼ି ପରି ସେଠି ବି ସ୍ତ୍ରୀ ଓ ପୁରୁଷବିକାଳୀମାନେ ପାଟିକରି ଡାକୁଥାନ୍ତି "ଆସ ଆସ ନିଅ ଟଟକା ପିଆଜ, ଫୁଲକୋବି ।" "ନିଅ ନୂଆ ଆଳୁ, ଟଟକା ପ୍ଲମ୍ ।" ବୁଝିଲି ଯେ ଏଠି

ସମସ୍ତେ ଉତ୍କାହ୍ନା କରି ଗରାଖ ଯୁଟାଇଲେ ମଧ୍ୟ ଦର କଷାକଷିର ଅବକାଶ ନାହିଁ । ପ୍ରତି ହାଟପାଳରେ ହାଟ ଆରମ୍ଭରୁ ଦର ନିର୍ଦ୍ଦିଷ୍ଟ କରି ଦିଆଯାଏ ଓ ସମସ୍ତେ ସେହି ଦରରେ ବିକନ୍ତି । ଏଭଳି ହାଟ ଜର୍ମାନୀର ସବୁ ଶ୍ରେଷ୍ଠ ଶ୍ରେଷ୍ଠ ସହରରେ ଲାଗେ ବୋଲି ଶୁଣିଲି । ଯୁଗୋସ୍ଲାଭିଆରେ ମଧ୍ୟ ଏକ ସାପ୍ତାହିକ ହାଟ ଦେଖିଥିଲି । ସେଠି ବି ସବୁ କାରବାର ଏହିପରି । ସେଠି ଦେଖିଲି ଯେ ପରିବା ତୌଲିବା ପାଇଁ ଆମ ଗାଁମାନଙ୍କରେ ପୂର୍ବରୁ ଚଳୁଥିବା ବିଶା ଜାତି ଏବେ ବି ଚଳୁଛି ।

ଏସେନ୍ ଚତୁଃପାର୍ଶ୍ୱର ରୁର୍ ଅଞ୍ଚଳ ଜର୍ମାନୀର ଓ ବୋଧହୁଏ ପୃଥିବୀର ସବୁଠାରୁ ଅଧିକ ଶିଳ୍ପସମୃଦ୍ଧ କ୍ଷେତ୍ର । ଏ ଅଞ୍ଚଳର ନାମ ଏଠା ଦେଇ ବହିଯାଇଥିବା ରୁର୍ ନଦୀ ଅନୁସାରେ ହୋଇଛି । ସନ୍ଧ୍ୟାରେ ପ୍ରାୟ ଶହେ ମାଇଲ ଖଣ୍ଡେ ମଟରରେ ଚକ୍କର କାଟି ଏ ଅଞ୍ଚଳ ଉପରେ ଥରେ ଆଖି ପକାଇ ନେଲୁଁ । ଅସଂଖ୍ୟ ସାନ ବଡ଼ କାରଖାନା, କିନ୍ତୁ ଆମ ଦେଶର କାରଖାନା ପାଖ ଆଖରେ ଯେପରି ସ୍ତୂପୀକୃତ ଆବର୍ଜନା ଓ ମାଳିନ୍ୟ ଦେଖିବାକୁ ମିଳେ ସେଭଳି ଆଦୌ ନାହିଁ । ସବୁ ବେଶ୍ ପରିଷ୍କାର ପରିଚ୍ଛନ୍ନ । ଅନେକ କ୍ଷେତ୍ରରେ କାରଖାନା ଚାରିପଟେ ସୁନ୍ଦର ବଗିଚା ରହିଛି । ଏଠି ଆମର ଇଞ୍ଜିନିୟର ବନ୍ଧୁମାନେ ଗୋଟାଏ ସ୍ଥାନରେ ଥିବା ଚାରି ପାଞ୍ଚଟା ଶ୍ରେଷ୍ଠ ଇସ୍ପାତ୍ କାରଖାନା ପ୍ରତି ମୋର ଦୃଷ୍ଟି ଆକର୍ଷଣ କଲେ । ଏଥିରୁ ପ୍ରତ୍ୟେକଟିରେ ମାତ୍ର ଅଳ୍ପ କେତେ ହଜାର ଟନ୍ ଇସ୍ପାତ୍ ଉତ୍ପନ୍ନ ହୁଏ ମାତ୍ର ତାହା ଖୁବ୍ ଉଚ୍ଚକୋଟିର ହୋଇଥାଏ । ସେମାନଙ୍କ ବିଚାରରେ ଭାରତରେ ଏହିଭଳି ଶ୍ରେଷ୍ଠ ଶ୍ରେଷ୍ଠ ଇସ୍ପାତ୍ ଓ ଅନ୍ୟ କାରଖାନା ସ୍ଥାପନ କରିବା ହିଁ ଯୋଜନାର ଲକ୍ଷ୍ୟ ହେବା ଉଚିତ, ଅଳ୍ପ କେତେଟା ଅତି ବୃହତ୍ କାରଖାନା ନୁହେଁ । ମୁଁ ମଧ୍ୟ ସେମାନଙ୍କ ସହ ଏକମତ ହେଲି ।

ଏହା ଭିତରେ ଦୁଇଟି ଉଦ୍ୟାନ ମଧ୍ୟ ଦେଖିଲୁ । ଗୋଟିଏ ରୁର୍ ନଦୀକୂଳରେ । ଏଥିରୁ ଉଦ୍ୟାନର ଏଠା ମୁନିସିପାଲଟି ରକ୍ଷଣାବେକ୍ଷଣ କରନ୍ତି । ବିରାଟ ଆୟତନ । ଖୁବ୍ ସୁନ୍ଦର ଭାବରେ ସଜ୍ଜିତ । ଖରାଦିନ ବୋଲି ନାନା ଜାତିର ନାନାରଙ୍ଗର ଫୁଲ ଗଛଆଡ଼େ ରଙ୍ଗର ନିଆଁ ଲଗାଇ ଦେଇଥାନ୍ତି । ପିଲାଙ୍କର ଖେଳିବା ପାଇଁ ମଧ୍ୟ ଏଠି ନାନା ପ୍ରକାରର ବ୍ୟବସ୍ଥା, ବିରାଟ ନାଗର-ଦୋଳା ଆଦି ରହିଥାଏ । ଗୋଟାଏ ପାର୍କରେ ପ୍ରବେଶ କରିବାକୁ ଟିକେଟର ବ୍ୟବସ୍ଥା ଥାଏ । ଶହ ଶହ ବା ହଜାର ହଜାର ଲୋକ ତାହା ଭିତରେ ଗ୍ରୀଷ୍ମ ସନ୍ଧ୍ୟାର ଆନନ୍ଦ ଉପଭୋଗ କରି ବୁଲୁଥାନ୍ତି ।

★ ★

# ଛଅ

## ବର୍ଲିନରେ ବିଶ୍ୱର ଚର୍ଚ୍ଚା

ମଇ ୩୧ ତାରିଖ । ଡୁସେଲ୍‌ଡର୍ଫରୁ ପଶ୍ଚିମ ବର୍ଲିନ୍, ପଚିଶ ମିନିଟ୍ । ଏଠି ଆଠ ଦିନ ରହଣୀ ହେବ । ମୋର ୟୁରୋପ ଯାତ୍ରାର ପ୍ରଧାନ ଉଦ୍ଦେଶ୍ୟ ଯେଉଁ ଟେଲିଭିଜନ୍ କାର୍ଯ୍ୟକ୍ରମରେ ଯୋଗ ଦେବା, ତାହା ଏଇଠି ଚାଲିବ । ଏଠି ରହିବାର ବ୍ୟବସ୍ଥା ଟେଲିଭିଜନ୍ ସଂସ୍ଥା ପକ୍ଷରୁ ବର୍ଲିନ୍ ହିଲ୍‌ଟନ୍ ହୋଟେଲରେ ହୋଇଥିଲା । ବିରାଟ ହୋଟେଲ୍, ବ୍ୟବସ୍ଥାରେ ଆଧୁନିକ ଆଭିଜାତ୍ୟର ଚରମ । ତାହା ଭିତରେ ପଶନ୍ତି ମୋ ଭଳି ମଫସଲି ଓ ବଣୁଆ ଲୋକ ତ ପ୍ରଥମେ ବଣା ହୋଇଗଲା । କ୍ରମେ ତାର ବାଗବର୍ଗ ସବୁ ଜଣା ପଡ଼ିଲା ପରେ ମଣିଷ ଟିକେ ସ୍ୱସ୍ତି ଅନୁଭବ କଲା ।

ପ୍ରଥମ ଦିନ ସନ୍ଧ୍ୟାରେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ଆସିଥିବା ସମସ୍ତ ନିମନ୍ତ୍ରିତ ଅତିଥିମାନଙ୍କ ପାଇଁ ଟେଲିଭିଜନ୍ ସଂସ୍ଥା ପକ୍ଷରୁ ଏକ ସାନ୍ଧ୍ୟ ଭୋଜନର ଆୟୋଜନ କରାଯାଇଥିଲା । ନିମନ୍ତ୍ରିତମାନେ ଓ ଟେଲିଭିଜନ୍ କର୍ମୀମାନେ ପରସ୍ପର ପରିଚିତ ହେବାର ଏହା ପ୍ରଥମ ସୁଯୋଗ ଯୋଗାଇଲା । ଏହାଛଡ଼ା କାର୍ଯ୍ୟକ୍ରମର ରୂପରେଖ ଓ ତାହା ରେକର୍ଡ କରିବାର ପଦ୍ଧତି, ସମୟ ନିର୍ଘଣ୍ଟ ଆଦି ବିଷୟରେ ମଧ୍ୟ ସୂଚନା ଏଠି ଦିଆଗଲା ଓ ପରସ୍ପର ଆଲୋଚନା ପରେ ସେ ସବୁଥିରେ କିଛି କିଛି ପରିବର୍ତ୍ତନ କରିବା ମଧ୍ୟ ସ୍ଥିର ହେଲା ।

ଟେଲିଭିଜନ୍ କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା ବିଶ୍ୱର ସମସ୍ୟା, ବିଶ୍ୱଧର୍ମ : ଏକ ମୁକାବିଲା । ଏଥିରେ ସେମାନେ ପୃଥିବୀର ବର୍ତ୍ତମାନର ସବୁଠାରୁ ଉତ୍କଟ ସମସ୍ୟାସବୁ, ଦାରିଦ୍ର୍ୟ, ଶୋଷଣ, ବେକାରି, ଅନାହାର, ଲୋକସଂଖ୍ୟା ବୃଦ୍ଧି, ରଙ୍ଗଭେଦ, ସଙ୍କୀର୍ଣ୍ଣ ରାଷ୍ଟ୍ରୀୟତା, ଜାତିଭେଦ, ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଉପରେ ଆକ୍ରମଣ, ହିଂସା, ସମାଜରେ ସ୍ତ୍ରୀପୁରୁଷଙ୍କର ସମ୍ପର୍କ ଓ ଅଧିକାର ଭେଦ ଆଦିକୁ ନେଇଥିଲେ । ଏବଂ ଏ ସବୁର ପ୍ରତିକାର ବିଷୟରେ ପୃଥିବୀର ପ୍ରଧାନ ପ୍ରଧାନ ଧାର୍ମିକ ବିଚାରଧାରା ଭିତରେ ଅଦ୍ୟତନ ବିଚାର ଓ ଉଦ୍ୟମ କଣ ଚାଲିଛି ତାହାର ପରିଚୟ ଦେବାକୁ ପୃଥିବୀର ପାଞ୍ଚଟି ମୁଖ୍ୟ ଧର୍ମ ତଥା ମାର୍କସବାଦର ପ୍ରତ୍ୟେକର ଦୁଇଜଣ ଲେଖାଁ ପ୍ରବକ୍ତାଙ୍କୁ ନିମନ୍ତ୍ରଣ ଦେଇଥିଲେ । ଟେଲିଭିଜନ୍‌ରେ ପ୍ରଥମେ

କୋଡ଼ିଏ ମିନଟ୍ ଏସବୁ ସମସ୍ୟାର ଚିତ୍ରଣ କରୁଥିବା ତଥ୍ୟମୂଳକ ଫିଲ୍ମ ଦେଖାଇ ତା'ପରେ ସେ ସବୁ ବିଷୟରେ ଆମନ୍ତ୍ରିତ ବ୍ୟକ୍ତିମାନଙ୍କର ମତାମତ ପଚରାଯାଉଥିଲା ଓ ଆଲୋଚନା କରାଯାଉଥିଲା ।

ପୃଥିବୀର ପାଞ୍ଚଟି ପ୍ରଧାନ ଧର୍ମ : ହିନ୍ଦୁ, ବୌଦ୍ଧ, ଇସ୍‌ଲାମ, ଖ୍ରୀଷ୍ଟ ଓ ଇହୁଦୀ ଧର୍ମମାନଙ୍କ ବିଷୟରେ କହିବା ପାଇଁ ପ୍ରତ୍ୟେକରୁ ଦୁଇଜଣ ଲେଖାଁ ଦଶଜଣ ଓ ମାର୍କସବାଦ ବିଷୟରେ କହିବା ପାଇଁ ଦୁଇଜଣ, ମୋଟ ବାରଜଣ ଏଥିପାଇଁ ନିମନ୍ତ୍ରିତ ହୋଇଥିଲେ । ଏମାନେ ସବୁ ହେଲେ, ଜାପାନର ଟୋକିଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡଃ ହାଜିମେ ନାକାମୁରା, ଲଙ୍କା ବିଶ୍ୱବିଦ୍ୟାଳୟର ଓ ଏବେ ପ୍ୟାରିସ୍‌ରେ ଥିବା ଡଃ ରାହୁଲ ଗୁଣବର୍ଦ୍ଧନ, ଇସ୍‌ରାଏଲର ଅଧ୍ୟାପକ ଭେର୍‌ବ୍ଲୋସକୀ ଓ ପ୍ୟାରିସ୍‌ର ରବ୍‌ବୀ ଆଇଜେନ୍‌ବର୍ଗ (ଇହୁଦୀମତ), ପାକିସ୍ଥାନର ଅଧ୍ୟାପକ ଫଜଲୁର୍ ରହମାନ୍ ( ବର୍ତ୍ତମାନ ଯୁକ୍ତରାଷ୍ଟ୍ରର ଶିକାଗୋ ବିଶ୍ୱବିଦ୍ୟାଳୟରେ ) ଓ ଟ୍ୟୁନିସିଆ ବିଶ୍ୱବିଦ୍ୟାଳୟର ଡଃ ବୁର୍‌ହିବା, ପଶ୍ଚିମ ବର୍ଲିନ୍‌ର ଡଃ ହେଲମୁଟ୍‌ଗୋଲ୍‌ୱିଟ୍‌ଜର, ବ୍ରାଜିଲ୍‌ର କାମାରାର ଆର୍କବିଶପ' (ପ୍ରଧାନ ଧର୍ମଯାଜକ) ଡମ୍ ହେଲ୍‌ଡର୍, ଯୁଗୋସ୍ଲାଭିଆର ଜାଗ୍ରେବ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ବୋସ୍‌ନିୟାକ୍, ଫ୍ରାନ୍‌ସର ପ୍ରଫେସର ଗାରୋଦୀ ଏବଂ ଭାରତରୁ କଲିକତା ବିଶ୍ୱବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗର ପ୍ରଧାନ ଅଧ୍ୟକ୍ଷ ଡ: ଜିତେନ୍ଦ୍ରନାଥ ମହାନ୍ତି ଓ ମୁଁ ।

ଡ: ନାକାମୁରା, ଦର୍ଶନଶାସ୍ତ୍ରର ଅଧ୍ୟାପକ । ସଂସ୍କୃତରେ ପଣ୍ଡିତ । 'ବ୍ରହ୍ମସୂତ୍ର'ର ଅନୁବାଦ ଜାପାନୀ ଭାଷାରେ କରିଛନ୍ତି । ଅନେକ ଥର ଭାରତ ଆସିଛନ୍ତି । ଭାରତ ପ୍ରତି ତାଙ୍କର ପ୍ରଗାଢ଼ ପ୍ରୀତି ରହିଛି, କାରଣ ଭାରତ ହିଁ ଜାପାନକୁ ବୌଦ୍ଧଧର୍ମ ଦେଇଛି ।

ଡ: ରାହୁଲ ମଧ୍ୟ ଦର୍ଶନଶାସ୍ତ୍ରବିଦ୍, ପ୍ରଗତିଶୀଳ ବିଚାରର ପରିପୋଷକ । ଶ୍ରୀମତୀ ସିରିମାଓ ଭଣ୍ଡାରନାୟକେଙ୍କର ସମର୍ଥକ । ଶ୍ରୀମତୀ ଭଣ୍ଡାରନାୟକେଙ୍କର କ୍ଷମତାରୁ ପତନ ଯୋଗୁଁ ଲଙ୍କାରେ ତାଙ୍କର ଅବସ୍ଥାନ ଟଳମଳ ହୋଇଥିଲା । ବର୍ଲିନ୍‌ରେ ଥିବାବେଳେ ଶ୍ରୀମତୀ ଭଣ୍ଡାରନାୟକେଙ୍କର ପୁଣି ବିଜୟ ହେବାର ସମ୍ବାଦ ପାଇ ଉତ୍‌ଫୁଲ୍ଲ ହେଲେ ।

ଡ: ଭେର୍‌ବ୍ଲୋସ୍‌କୀଙ୍କୁ ତୁଳନାମୂଳକ ଧର୍ମର ଅଧ୍ୟାପକ, ଖୁବ୍ ବିଦ୍ୱାନ ଓ ଖୁବ୍ ରସିକ ମଧ୍ୟ । ଅତି ଗୁରୁଗମ୍ଭୀର ଶୁଷ୍କପାଣ୍ଡିତ୍ୟର ବାତାବରଣକୁ ରସିକତାପୂର୍ଣ୍ଣ ମନ୍ତବ୍ୟଦ୍ୱାରା ହାଲୁକା ଓ ସରସ କରିଦେବାରେ ସିଦ୍ଧହସ୍ତ । ଅଧ୍ୟାପକ ଫଜଲୁର ରହମାନ୍ ପାକିସ୍ଥାନର ପୂର୍ବତନ ଶାସକ ସେନାପତି ଆୟୁବ୍ ଖାଁଙ୍କର ପରାମର୍ଶଦାତା ଥିଲେ । ଆୟୁବଙ୍କ ପତନ ପରେ ଏକରକମ ଦେଶତ୍ୟାଗୀ ହୋଇଯାଇ ଆମେରିକାରେ ରହିଛନ୍ତି । ଡ: ଗୋଲ୍‌ୱିଟ୍‌ଜର ଜଣେ ପ୍ରଗତିଶୀଳ ଚିନ୍ତକ, ୟୁରୋପରେ ସୁପରିଚିତ । ଖ୍ରୀଷ୍ଟଧର୍ମରେ ଚର୍ଚ୍ଚସଂଗଠନର ବ୍ୟକ୍ତିସ୍ୱାତନ୍ତ୍ର୍ୟ ବିରୋଧୀ ପ୍ରଭାବର ସମାଲୋଚକ, ସାମାଜିକ ଅସମାନତାର ମଧ୍ୟ ବିରୋଧୀ । ପ୍ରଫେସର ଗାରୋଦୀ ଫରାସୀ କମ୍ୟୁନିଷ୍ଟ ପାର୍ଟିର ଜଣେ ମୁଖ୍ୟ ସଦସ୍ୟ ଥିଲେ । ଲେଖକ ଓ ଚିନ୍ତକ ଭାବରେ ମଧ୍ୟ ସାରା ୟୁରୋପରେ ସୁପରିଚିତ । ଚେକୋସ୍ଲୋଭାକିଆରେ ରୁଷ୍ ଆଦି ପଞ୍ଚଶକ୍ତିର ହସ୍ତକ୍ଷେପର

ତୀବ୍ର ସମାଲୋଚନା କରିବା ଫଳରେ ତାଙ୍କୁ ଏବେ ସରକାରୀ କମ୍ୟୁନିଷ୍ଟ ଦଳରୁ ଅଲଗା ହେବାକୁ ପଡ଼ିଛି, କାରଣ ଉପରୋକ୍ତ ଦଳ ରୁଷିଆର ନୀତିର ଆଖିବୁଜା ସମର୍ଥକ । ଅନ୍ୟମାନେ ମଧ୍ୟ ବିଶିଷ୍ଟ ବିଦ୍ୱାନ ଓ ଏ ମଣ୍ଡଳୀର ବିଶେଷତ୍ୱ ହେଲା ଯେ ଏଥିରେ ପ୍ରାୟ ସମସ୍ତଙ୍କର ବିଶ୍ୱବ୍ୟାପୀ ଉଦାରଦୃଷ୍ଟି ରହିଥିଲା । ଧର୍ମଗତ ବା ରାଷ୍ଟ୍ରଗତ ସଂକୀର୍ଣ୍ଣତାର ଦର୍ଶନ କ୍ୱଚିତ୍ ମିଳୁଥିଲା ।

ତେବେ ସମସ୍ତଙ୍କ ଭିତରେ ଜଣେ ମନିଷ ପରି ମଣିଷ ହେଲେ କାମାରାର ଆର୍କବିଶପ୍ ଡମ୍ ହେଲ୍ଡ଼ର୍ । ଏଇ ଜଣେ ମହାନ୍ ବ୍ୟକ୍ତିଙ୍କର ଦର୍ଶନ ପାଇବାଦ୍ୱାରା ହିଁ ଜାଣି ମୋର ବର୍ଲିନ ଯାତ୍ରା ସାର୍ଥକ ହୋଇଗଲା । କ୍ଷୀଣକାୟ, ବାଙ୍ଗରା, ସୌମ୍ୟଦର୍ଶନ ବୃଦ୍ଧ, ବୟସ ଅଠଷଠି ସତୁରି ହେବ । ବିଶପ୍ଙ୍କର ପରଂପରାଗତ ପୋଷାକ ପାଦଯାଏ ଲମ୍ବ କଳା ଆଲ୍‌ଖାଲ୍ଲାରେ ଭୂଷିତ । ମୁହଁରେ ସବୁବେଳେ ସ୍ମିତହାସ୍ୟ ଲାଗି ରହିଛି । କଥାବାର୍ତ୍ତା ଓ ଅପର ଲୋକଙ୍କ ସହ ବ୍ୟବହାରରେ ସ୍ନେହ ଓ ବିନମ୍ର ଝରିପଡ଼ୁଛି । ଅଥଚ ହୃଦୟ ଭିତରେ ବିପ୍ଳବର ନିଆଁ । ବିନୋବା ଓ ଜୟପ୍ରକାଶଙ୍କର ଜୋଡ଼ି ।

ଦକ୍ଷିଣ ଆମେରିକାର ଅନ୍ୟ ଅଧିକାଂଶ ଦେଶ ଭଳି ବ୍ରାଜିଲ୍‌ର ସମସ୍ତ ଜମିବାଡ଼ି ସମ୍ପତ୍ତି ମୁଷ୍ଟିମେୟ ବଡ଼ଲୋକଙ୍କ ହାତରେ ଏବଂ ଏମାନେ ପୁଣି ହେଲେ ଯୁକ୍ତରାଷ୍ଟ୍ରର ମୁଷ୍ଟିମେୟ ସୁବୃହତ୍ ବ୍ୟବସାୟ ପ୍ରତିଷ୍ଠାନଙ୍କର ନିୟନ୍ତ୍ରଣରେ । ଏଇ ବ୍ୟବସାୟ ପ୍ରତିଷ୍ଠାନମାନେ ହିଁ ଏସବୁ ଦେଶର ଅର୍ଥନୀତି ଓ ରାଜନୀତି ନିଜ ସ୍ୱାର୍ଥରେ ପରିଚାଳିତ କରନ୍ତି । ଆମେରିକାର ନିର୍ଦ୍ଦେଶରେ ହିଁ ଏ ସବୁ ଦେଶର ସରକାର ଗଢ଼ା ହୋଇଥାଏ । ଗଣତନ୍ତ୍ରର ଚିହ୍ନ ସୁଦ୍ଧା ନାହିଁ କିମ୍ବା ଅଛି ତ କେବଳ ଉପରଦେଖାଣିଆ ଲୋକଭୁଲାଣିଆ ଭାବରେ । ସରକାର ସାଧାରଣତଃ ବଦଳେ ସଶସ୍ତ୍ର ବିଦ୍ରୋହ ଦ୍ୱାରା ଏବଂ ସାଧାରଣତଃ ପରସ୍ପର ବିବଦମାନ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ସାମରିକ ବାହିନୀର ସାହାଯ୍ୟ ନେଇ ଏଭଳି ବିଦ୍ରୋହ କରିଥାନ୍ତି । କେତେବେଳେ କେମିତି ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଜଗିବା ଭଳି ସରକାର କ୍ଷମତାକୁ ଆସିଲେ ଓ ଜନତାର ସ୍ୱାର୍ଥଦୃଷ୍ଟିରୁ ବଡ଼ ଧନୀ ଓ ଆମେରିକାନ ବ୍ୟବସାୟ ପ୍ରତିଷ୍ଠାନମାନଙ୍କର ସ୍ୱାର୍ଥ ଟିକେମାତ୍ର ଖର୍ବ କରିବାକୁ ଚାହିଁଲେ ସେ ସରକାର ମୁଣ୍ଡରେ ଛଞ୍ଚାଣ ଉଡ଼ନ୍ତି ଓ ଚବିଶ ଘଣ୍ଟା ଭିତରେ ତା'ର ପତନ ହୁଏ । ଏହାର ଅଦ୍ୟତନ ଦୃଷ୍ଟାନ୍ତ ଆମେରିକାର କ୍ଷୁଦ୍ର ଦେଶ ଡୋମିନିକାନ୍ ଗଣତନ୍ତ୍ର ।

ବ୍ରାଜିଲ୍‌ରେ ଏକ ଏକଛତ୍ରବାଦୀ ସାମରିକ ଶାସନ ଚାଲିଛି ଓ ସ୍ୱଭାବତଃ ବ୍ୟକ୍ତି-ସ୍ୱାତନ୍ତ୍ର୍ୟର ଦର୍ଶନ ନାହିଁ । ଗାଁଗହଳରେ ସାଧାରଣ ଲୋକଙ୍କର ଅବସ୍ଥା ଅର୍ଦ୍ଧକ୍ରୀତଦାସ ପରି । ଏ ଅବସ୍ଥାର ଅବସାନ ଘଟାଇବା ପାଇଁ ଗୋଟାଏ ଆଡ଼େ ଫିଡ଼େଲ୍ କାସ୍ତ୍ରୋ ଓ ଚେ ଗୁଏଭାରାଙ୍କଠାରୁ ପ୍ରେରଣା ନେଇ ସଶସ୍ତ୍ର ବିପ୍ଳବର ଉଦ୍ୟମ ହେଉଛି ତ ଅନ୍ୟ ପଟରେ ଡମ୍ ହେଲ୍ଡ଼ର୍‌ଙ୍କ ନେତୃତ୍ୱରେ "ସ୍ୱାତନ୍ତ୍ର୍ୟ ଓ ନ୍ୟାୟ ପାଇଁ ଆନ୍ଦୋଳନ" ନାମରେ ଏକ ଅହିଂସ ଉଦ୍ୟମ ଆରମ୍ଭ ହୋଇଛି । ବ୍ରାଜିଲ୍‌ରେ କ୍ୟାଥଲିକ ସମ୍ପ୍ରଦାୟର ପ୍ରାଧାନ୍ୟ ରହିଛି ଓ ଏହି କ୍ୟାଥଲିକ ଧର୍ମଯାଜକଙ୍କ ଭିତରୁ ହିଁ ଅନେକେ ଏ ଆନ୍ଦୋଳନରେ ଅଗ୍ରଣୀ ହୋଇଛନ୍ତି । ଗରିବ

ଲୋକଙ୍କୁ ସଂଗଠିତ ଓ ଶକ୍ତିଶାଳୀ କରିବା ତଥା ନୈତିକ ପ୍ରଭାବ ବିସ୍ତାର କରି ଧନୀ ଲୋକଙ୍କର ହୃଦୟରୁ ପରିବର୍ତ୍ତନ ଘଟାଇବା ଏ ଆନ୍ଦୋଳନର ଉଦ୍ଦେଶ୍ୟ ।

ସ୍ୱଭାବତଃ ସେ ଦେଶର କ୍ଷମତାଧୀନ ଗୋଷ୍ଠୀ ଏ ଆନ୍ଦୋଳନର ବିରୋଧୀ ଓ ଡମ୍ ହେଲ୍ଡରଙ୍କର ବହୁ ସହକର୍ମୀଙ୍କୁ ସେମାନେ ଗୁପ୍ତ ଘାତକଙ୍କ ଦ୍ୱାରା ହତ୍ୟା କରିଛନ୍ତି । ଆହୁରି ଅନେକେ ବନ୍ଦୀ ହୋଇଛନ୍ତି । ବୋଧହୁଏ ଡମ୍ ଆର୍କବିଶପ ବୋଲି ଏ ପର୍ଯ୍ୟନ୍ତ ତାଙ୍କ ଦେହରେ ହାତ ଦେବାର ସାହସ କରିନାହାନ୍ତି ।

ଡମ୍ ହେଲ୍ଡର ଗାନ୍ଧୀ ଓ ବିନୋବାଙ୍କ ଜୀବନ ଓ ଆଦର୍ଶ ସହିତ ସୁପରିଚିତ ଓ ସେଇଥିରୁ ପ୍ରେରଣା ନେଇ କାମ କରୁଛନ୍ତି । ଅବଶ୍ୟ ଯୀଶୁଙ୍କର ଜୀବନର ମହାନ୍ ଆଦର୍ଶ ଓ ପ୍ରେରଣା ତ ମୂଳରେ ରହିଛି ହିଁ । ମୁଁ ବିନୋବାଙ୍କ ଆନ୍ଦୋଳନରେ କାମ କରେ ବୋଲି ଶୁଣି ସେ ଖୁବ୍ ଆଗ୍ରହରେ ମୋ ସହିତ ଆଲାପ କଲେ ଓ ବିନୋବା ତଥା ଗ୍ରାମଦାନ ଆନ୍ଦୋଳନ ବିଷୟରେ ଅଦ୍ୟତନ ସମାଚାର ତନ୍ନ ତନ୍ନ କରି ପଚାରି ବୁଝିଲେ । ବିନୋବାଙ୍କ ପାଇଁ ଏକ ବାର୍ତ୍ତା ମଧ୍ୟ ଟେପ୍‌ରେକର୍ଡ଼ ମାଧ୍ୟମରେ ଦେଲେ । ସେଥିରେ ସେ କହିଛନ୍ତି :

"ବିନୋବା, ମୁଁ ଆପଣଙ୍କୁ ଭଲ ପାଏ । ଆପଣଙ୍କ କାମର ସାଫଲ୍ୟ ପାଇଁ ପ୍ରାର୍ଥନା କରେ । ଆପଣ ଓ ଆପଣଙ୍କର ମହାନ୍ ସହକର୍ମୀମାନେ ଯେଉଁ କାମ କରୁଛନ୍ତି ତାହା ଭାରତକୁ ଯାଇ ଦେଖିବାର ମୋର ବାସନା ରହିଛି । ମୁଁ ଆଶା କରୁଛି ଯେ ଆପଣଙ୍କର କାର୍ଯ୍ୟ ଶୀଘ୍ର ସଫଳ ହେବ ଓ ଭାରତର ଜନତାକୁ ମୁକ୍ତି ଦିଆଇବ ।"

ଟେଲିଭିଜନ୍ କାର୍ଯ୍ୟକ୍ରମରେ ଯେତେବେଳେ ହିଂସା ଅହିଂସା ବିଷୟରେ ଆଲୋଚନା ହେଲା ଓ ଚାରିଆଡ଼େ ନାନାପ୍ରକାର ଅଶାନ୍ତି ଓ ହିଂସାତ୍ମକ ବିକ୍ଷୋଭର ପ୍ରାଦୁର୍ଭାବ ବଢ଼ିଚାଲିବା ନେଇ ଚିନ୍ତା ବ୍ୟକ୍ତ କରାଗଲା ସେତେବେଳେ ଡମ୍ ହେଲ୍ଡର କହିଲେ : "ଦୁନିଆରେ ହିଂସା ବଢ଼ିଲା ବୋଲି ସାଧାରଣତଃ ଯେଉଁମାନେ ଚିନ୍ତାନ୍ୱିତ ହୋଇଥାନ୍ତି ସେମାନଙ୍କ ଆଖି କେବଳ ଦଳିତ ଜନତା ତଥା ଛାତ୍ର ଓ ଯୁବକମାନେ କରୁଥିବା ହିଂସା ଉପରେ ପଡ଼ୁଛି, ମାତ୍ର ଏ ସବୁଠାରୁ ଯେ ଅନେକ ଗୁଣ ଅଧିକ ହିଂସା ଜନସାଧାରଣଙ୍କର ଦମନ ଓ ଶୋଷଣ ନିମନ୍ତେ କରାଯାଉଛି ତାହା ଏମାନଙ୍କ ଆଖିରେ ପଡ଼ୁନାହିଁ ।"

"ଆର୍ଥିକ ସମ୍ପଦ ଓ କ୍ଷମତା କରାୟତ୍ତ କରି ଜନତାକୁ ଶୋଷଣ କରିବା ହେଲା ଗୋଟାଏ ପ୍ରକାରର ହିଂସା । ରାଜନୀତିକ କ୍ଷମତା ଅପହରଣ କରି ଜନତାର ସ୍ୱାତନ୍ତ୍ର୍ୟ ଅପହରଣ କରିବା ଓ ତାହାକୁ ଦମନ କରିବା ହେଲା ଦ୍ୱିତୀୟ ପ୍ରକାରର ଓ ସଂଗଠିତ ସୈନ୍ୟବାହିନୀ ମାଧ୍ୟମରେ ଦେଶ ଦେଶ ଭିତରେ ଯୁଦ୍ଧର ଆୟୋଜନ କରିବା ହେଲା ଆଉ ଏକ ହିଂସା । ଖ୍ରୀଷ୍ଟାନ୍ ଚର୍ଚ୍ଚ ସଂଗଠନ ଗୋଟିଏ ଖୁବ୍ ସୁନ୍ଦର ଜିନିଷ; କିନ୍ତୁ ଅତି ଦୁଃଖର କଥା ଯେ ଉପରୋକ୍ତ ହିଂସା ସମୂହର ବିରୋଧ କରିବାର ସାହସ ଏହାର ନାହିଁ । ଏସବୁ ହିଂସାର ନିରାକରଣ ନ କରି କେବଳ ତା'ର ପ୍ରତିକ୍ରିୟାରୂପେ ଘଟୁଥିବା ଜନତାର ଓ ଯୁବକଗୋଷ୍ଠୀର ହିଂସାର ସମାଲୋଚନା କଲେ ଦୁନିଆରୁ ହିଂସା ଲୋପ ହେବ ନାହିଁ ।"

"କ୍ୟୁବାର ବିପ୍ଳବ ଦକ୍ଷିଣ ଆମେରିକାର ଜନତା ପାଇଁ ଏକ ଆଦର୍ଶ ଓ ପ୍ରେରଣାର ବସ୍ତୁ ହୋଇଛି । କିନ୍ତୁ ଦକ୍ଷିଣ ଆମେରିକାର ପ୍ରତ୍ୟେକ ଦେଶରେ ବିପ୍ଳବକୁ ଦବାଇବା ପାଇଁ ଗେରିଲା ପ୍ରତିରୋଧୀ ସୈନ୍ୟ ଦଳ ଆମେରିକା ଯୁକ୍ତରାଷ୍ଟ୍ରର ସାହାଯ୍ୟ ନେଇ ଗଢ଼ା ଯାଉଛି । ବ୍ରେଜିଲ୍‌ରେ ବହୁ ଯୁବକ ସଶସ୍ତ୍ର ବିପ୍ଳବ ପାଇଁ ଉଦ୍ୟମ କରୁଛନ୍ତି । ମୋର ସେମାନଙ୍କ ପ୍ରତି ଶ୍ରଦ୍ଧା ରହିଛି । କାରଣ ସାଧାରଣ ଜନତା ପ୍ରତି କରୁଣାଦ୍ୱାରା ପ୍ରେରିତ ହୋଇ ସେମାନେ ଏଭଳି କରୁଛନ୍ତି । ସେମାନଙ୍କୁ ବୁଝାଇବାକୁ ହେବ ଯେ ବିରୋଧୀମାନଙ୍କ ଅସ୍ତ୍ରରେହିଁ ସେମାନଙ୍କ ସହିତ ଲଢ଼ିବାକୁ ଗଲେ ଆମେ କେବେ ପାରିବା ନାହିଁ । ଆମକୁ ନୂଆ ଓ ଶକ୍ତିଶାଳୀ ଅସ୍ତ୍ର ଗ୍ରହଣ କରିବାକୁ ହେବ । ଅହିଂସା ହେଉଛି ଏହିଭଳି ଏକ ନୂଆ ଓ ଶକ୍ତିଶାଳୀ ଅସ୍ତ୍ର ।"

ସେ ପୁଣି କହିଲେ—"ଏ ଏକ ଅତି ବଡ଼ କଥା ଯେ ଆମେ ଏତେ ଦେଶର ଏତେ ଧର୍ମର ଲୋକ ଏଠି ଏକଜୁଟ ହୋଇଛୁ । ଏହା ଏ ଯୁଗର ଆତ୍ମାର ଏକ ପ୍ରତୀକ ଓ ପୃଥିବୀ ପକ୍ଷରେ ଏକ ବଡ଼ ଆଶାର ବସ୍ତୁ । ଆମେ ଯଦି ଧର୍ମର ଗ୍ରୋଷ୍ଠ ଗ୍ରୋଷ୍ଠ ଗଣ୍ଡୀ ଭିତରେ ଆବଦ୍ଧ ରହି ଗ୍ରୋଷ୍ଠ ଗ୍ରୋଷ୍ଠ ସମସ୍ୟାର ଆଲୋଚନାରେ ହିଁ ବୁଡ଼ି ରହୁଁ ତେବେ ଆମେ ବିଶ୍ୱ ସମସ୍ୟାର ସମ୍ମୁଖୀନ ହେବାର ଶକ୍ତି ଅର୍ଜନ କରି ପାରିବା ନାହିଁ । ଆମେ ଯଦି ସମସ୍ତେ ଏକଜୁଟ ହୋଇ ଏକ ସର୍ବସମ୍ମତ ପନ୍ଥା ଧରୁ ତେବେ ବିଶ୍ୱର ଯୁବଗୋଷ୍ଠୀ ମଧ୍ୟ ଆମ ସାଙ୍ଗକୁ ଆସିବ ।"

★ ★

# ସାତ

## ବିଭକ୍ତ ନଗରୀ, ବିଭକ୍ତ ଦେଶ

ଗତ ଦ୍ୱିତୀୟ ମହାଯୁଦ୍ଧରେ ଜର୍ମାନୀର ପରାଜୟ ଓ ଜର୍ମାନ-ସୈନ୍ୟବାହିନୀର ଆତ୍ମ-ସମର୍ପଣବେଳେ ଇଂଲଣ୍ଡ, ଫ୍ରାନ୍ସ, ଆମେରିକା ଯୁକ୍ତରାଷ୍ଟ୍ର ଓ ସୋଭିଏତ୍ ଯୁକ୍ତରାଷ୍ଟ୍ର, ଏହି ଚାରି ଶକ୍ତିର ସୈନ୍ୟବାହିନୀ ଜର୍ମାନୀର ବିଭିନ୍ନ ଅଂଶକୁ ଦଖଲ କରିଥିଲେ । ଏହି ଦଖଲ ଅନୁସାରେ ପାଶ୍ଚାତ୍ୟ ଶକ୍ତି ଦଖଲରେ ଥିବା ଅଂଶ ପଶ୍ଚିମ-ଜର୍ମାନୀ ଓ ରୁଷ୍ ଦଖଲରେ ଥିବା ଅଂଶ ପୂର୍ବ ଜର୍ମାନୀ ଏହି ଭଳି ଦୁଇଟି ସ୍ୱତନ୍ତ୍ର ରାଷ୍ଟ୍ରରେ ପରିଣତ ହେଲା । ଜର୍ମାନୀର ରାଜଧାନୀ ବର୍ଲିନ୍ ମଧ୍ୟ ଦୁଇ ଭାଗରେ ବିଭକ୍ତ ହୋଇ ତା'ର ପଶ୍ଚିମ ଅଂଶ ପାଶ୍ଚାତ୍ୟ ଶକ୍ତିଙ୍କ ହାତରେ ରହିଲା । ମାତ୍ର ବର୍ଲିନ ଚାରିପଟର ଅଞ୍ଚଳ ପୂର୍ବ ଜର୍ମାନୀର ଅନ୍ତର୍ଭୁକ୍ତ ହୋଇଥିବାରୁ ପଶ୍ଚିମ ବର୍ଲିନ କମ୍ୟୁନିଷ୍ଟ ରାଜ୍ୟ ମଝିରେ ଏକ ପୁଂଜିବାଦୀ ଟାପୁ ଭଳି ରହିଛି । ଏହା ଫଳରେ ସ୍ୱଭାବତଃ ବହୁତ ସମସ୍ୟା ଉପୁଜୁଛି । ପାଶ୍ଚାତ୍ୟ ଶକ୍ତିମାନେ ଏହାକୁ କମ୍ୟୁନିଷ୍ଟ ପୂର୍ବ ଜର୍ମାନୀ ବିରୋଧରେ ପ୍ରଚାର ଓ ଗୁପ୍ତଚରବୃତ୍ତିର ଏକ ଘାଟି ରୂପେ ବ୍ୟବହାର କରୁଛନ୍ତି ବୋଲି କମ୍ୟୁନିଷ୍ଟ ପକ୍ଷର ଅଭିଯୋଗ । ଏହାଛଡ଼ା ଯେଉଁମାନେ କମ୍ୟୁନିଷ୍ଟ ରାଜତ୍ୱରେ ରହିବାକୁ ଚାହାନ୍ତି ନାହିଁ ସେମାନଙ୍କ ପାଇଁ ସେଠୁ ପଳେଇ ଆସିବାର ଏକ ମସ୍ତବଡ଼ ସୁଯୋଗ ମଧ୍ୟ ପଶ୍ଚିମ ବର୍ଲିନ ଯୋଗାଉଥିଲା । କୌଣସିମତେ ପୁଲିସ୍ ପହରାକୁ ଏଡ଼ି ଡିଆଁ ଟାଏ ମାରିଦେଲେ ହେଲା । ଏଭଳି ଭାବରେ ପ୍ରାୟ ପଇଁତିରିଶ ଲକ୍ଷ ଲୋକ ସେଠୁ ପଳାଇ ମଧ୍ୟ ଆସିଛନ୍ତି । ଏହିରୂପେ ପୂର୍ବ-ପଶ୍ଚିମ ଶୀତଳ ଯୁଦ୍ଧରେ ଜର୍ମାନୀର ପୁନର୍ମିଶ୍ରଣ ସମସ୍ୟା ଭିତରେ ପଶ୍ଚିମ ବର୍ଲିନ୍‌ର ସମସ୍ୟା ମଧ୍ୟ ଏକ ମୁଖ୍ୟ ଉପାଦାନ ହୋଇ ରହିଛି । ଷୋଳ ସତର ବର୍ଷ ତଳେ ପାଶ୍ଚାତ୍ୟ ଶକ୍ତି ଗୋଷ୍ଠୀଙ୍କ ଉପରେ ଚାପ ପକାଇବା ଉଦ୍ଦେଶ୍ୟରେ ପୂର୍ବ ଜର୍ମାନୀ ଭିତର ଦେଇ ପଶ୍ଚିମ ବର୍ଲିନକୁ ଆସିବାର ରେଳ ଓ ସଡ଼କ ବାଟର ଚଳାଚଳ ଉପରେ ରୁଷ ପକ୍ଷରୁ ଏଭଳି ସବୁ ନିୟମକାନୁନ ଲାଗୁ କରାଗଲା ଯେ ସେ ବାଟେ ଯାତାୟାତ କରିବା କାର୍ଯ୍ୟତଃ ଅସମ୍ଭବ ହୋଇ ପଡ଼ିଲା । ସେତେବେଳେ ପାଶ୍ଚାତ୍ୟ ଗୋଷ୍ଠୀ ଉଡ଼ାଜାହାଜ ଯୋଗେ ବର୍ଲିନ ସହ ସଂଯୋଗ ରକ୍ଷାକଲେ, ଏପରିକି ଜାଳେଣି କୋଇଲା ସୁଦ୍ଧା ଉଡ଼ାଜାହାଜରେ ବୋହିଲେ ଓ ଶୀତଦିନେ ତ ଏଠାରେ ଘର

ଗରମ କରିବା ପାଇଁ ଲକ୍ଷ ଲକ୍ଷ ମହଣ ଅଧିକା କୋଇଲା ଲୋଡ଼ା ହୁଏ । ଲୋକ ପଳେଇ ଆସିବାରେ ବାଧା ଦେବା ପାଇଁ ଓ ଏ ପାଖରୁ ଗୁପ୍ତଚର ଓ ଅନ୍ୟ ଅବାଂଛିତ ଲୋକଙ୍କର ପ୍ରବେଶ ଉପରେ କଟକଣା ରଖିବା ପାଇଁ ନଅ ବର୍ଷ ତଳେ ପୂର୍ବ ଜର୍ମାନୀ ପକ୍ଷରୁ ପୂର୍ବ ଓ ପଶ୍ଚିମ ବର୍ଲିନର ସରହଦରେ ଏକ ବିରାଟ ପାଚେରୀ ରାତାରାତି ଛିଡ଼ା କରି ଦିଆଗଲା । ଏ ପାଚେରୀ ପାଶ୍ଚାତ୍ୟ ଶକ୍ତିମାନଙ୍କ କମ୍ୟୁନିଜମ୍ ବିରୋଧରେ ପ୍ରଚାରର ଏକ ଖୋରାକ ଯୋଗାଇଛି । ଯେ ପଶ୍ଚିମ ବର୍ଲିନକୁ ଯା'ନ୍ତି ତାଙ୍କୁ ନେଇ ଏ ପାଚେରୀ ଦେଖାହୁଏ । ଆମକୁ ବି ଦେଖା ହେଲା । ଏହା ପଥର ଓ ସିମେଣ୍ଟରେ ଗଢ଼ା, ବାରଫୁଟ ଖଣ୍ଡେ ଉଚ୍ଚ । ଉପରେ କଣ୍ଟା ତାରର ବାଡ଼ ଦିଆଯାଇଛି । ପାଚେରୀ ତଳେ ତାର କଡ଼େ କଡ଼େ ସୈନିକ ପହରା । ପାଚେରୀ ଉପରେ ମଧ୍ୟ ଠା'କୁ ଠା' ଗୁମୁଟୀ ରହିଛି ଓ ସେଥିରେ ପହରା ରହିଛନ୍ତି ।

ଏ ପାଖରେ ପଶ୍ଚିମ ଜର୍ମାନୀ ଆଡ଼େ ଏମାନେ କେତେ ଜାଗାରେ କେତୋଟି ଉଚ୍ଚ ମଞ୍ଚ ତିଆରି କରିଛନ୍ତି । ଏ ମଞ୍ଚ ଉପରେ ଛିଡ଼ା ହେଲେ ପାଚେରୀ ସେପାଖ ଦେଖାଯାଏ । ପାଚେରୀ ସେପାଖରେ ଶହେ ଗଜ ଭଳି ଜାଗା ଏକାବେଳକେ ଖାଲି କରି ଦିଆହୋଇଛି । ତାହା ଭିତରେ ଲୋକ ଚଳାଚଳ ନିଷିଦ୍ଧ । ତାହା ଭିତରେ ଥିବା ଘର ସବୁ ମଧ୍ୟ ଖାଲି । କେତେକ ଘର ପାଚେରୀକୁ ଏକାବେଳକେ ଲାଗି ରହିଛି ଓ ସେ ସବୁ ଘରେ ଲୋକ ରହୁଥିବା ବେଳେ କେତେ ଲୋକ ଘରର ଉପର ମହଲାରୁ ପାଚେରୀ ଏ ପାଖକୁ ଡେଇଁ ପଡ଼ୁଥିଲେ । ସେଥିପାଇଁ ଏଭଳି ବ୍ୟବସ୍ଥା ।

ଅବଶ୍ୟ ସର୍ବଶେଷ ଖବର ଦେଉଛି ଯେ ପୂର୍ବ ଜର୍ମାନୀରୁ ପଶ୍ଚିମକୁ ଚାଲି ଆସିଥିବା ଲୋକଙ୍କ ଭିତରୁ ପଚିଶ ହଜାରରୁ ଅଧିକ ପୁଣି ପୂର୍ବକୁ ଫେରିଗଲେଣି । ତା'ର କାରଣ ସ୍ୱରୂପ ସେମାନେ କୁଆଡ଼େ ଏ କଥା କହୁଛନ୍ତି ଯେ ଏ ପାଖରେ ସିନା ବେଶୀ ସମୃଦ୍ଧି ଓ ସ୍ୱଚ୍ଛନ୍ଦତା ରହିଛି ମାତ୍ର ମଣିଷ ମଣିଷ ଭିତରେ ସମ୍ପର୍କ ନାହିଁ । ପୂର୍ବ ଜର୍ମାନୀରେ ଏହି ସମାଜ ଭାବନା ( sense of community ) ରହିଛି ଓ ତାହାର ଆକର୍ଷଣରେ ସେମାନେ ଫେରି-ଯାଉଛନ୍ତି ।

ପୂର୍ବ ବର୍ଲିନକୁ ଅଳ୍ପ ସମୟ ପାଇଁ ଯିବାର ସୁଯୋଗ ମିଳିଥିଲା । ଓଡ଼ିଆ ଡାକ୍ତର ଶ୍ରୀ ବୀରେନ୍ଦ୍ର କୁମାର ଦାସ ତାଙ୍କ ଗାଡ଼ିରେ ନେଇଯାଇଥିଲେ । ଡ: ଦାସ ଯୁବକ, ମେଧାବୀ ଓ ଏଠା ବିଶ୍ୱବିଦ୍ୟାଳୟର ଏକ୍ସରେ କ୍ଲିନିକ୍‌ରେ କାମ କରନ୍ତି । ବେଶ୍ କେତେ ବର୍ଷ ହେଲା ଏଠି ରହିଲେଣି । ୮ନେ ରବିବାର ସକାଳେ ପୂର୍ବ ବର୍ଲିନ ଯିବା କଥା ହେଲା । ଦୁଇ ବର୍ଲିନ ମଧ୍ୟରେ ଯିବା ଆସିବା ପାଇଁ ମାତ୍ର ଗୋଟିଏ ବାଟ ରହିଛି । ଆମେରିକାନ୍ କଥାରେ ତାହା ଚେକ୍‌ପଏଣ୍ଟ୍ ଚାର୍ଲି ନାମରେ ପରିଚିତ । ଏଠି ଭିସା ଦେବାର ବ୍ୟବସ୍ଥା ରହିଛି । ସେ'ଦିନ ଦଳ ଦଳ ଟୁରିଷ୍ଟ ଭିସା ନେବାକୁ ଧାଡ଼ି ଲଗାଇଥା'ନ୍ତି । ବେଶ୍ ତତ୍ପରତାର ସହ ଭିସା ଦେଇ ଦିଆଯାଉଥାଏ । ଜଣକା ଚାରି ପାଞ୍ଚ ମିନିଟ୍‌ରୁ ବେଶୀ ସମୟ ଲାଗୁ ନ ଥାଏ । ଭିସା ପାଇଁ ଆବଶ୍ୟକ ଦର୍ଶନୀ ସାଙ୍ଗକୁ ପ୍ରତ୍ୟେକଙ୍କୁ ଅନ୍ୟୂନ ପାଞ୍ଚ ମାର୍କ ମୂଲ୍ୟର ପୂର୍ବ ଜର୍ମାନ୍

ମୁଦ୍ରା ନେବାକୁ ପଡ଼ୁଥାଏ । ଏହା ଆଉ ଫେରାଇ ନେଇ ହୁଏ ନାହିଁ । ଆମକୁ ଏ କଥା ଜଣା ନ ଥିଲା । ପୂର୍ବ ବର୍ଲିନରେ ଚା’ ଜଳଖିଆ ଖାଇବା ବା କିଛି କିଣାକିଣି କରିବାର ଆବଶ୍ୟକତା ଅନୁଭବ ନ କରି ଆମେ ଫେରିବାବେଳେ ସେ ମୁଦ୍ରାକୁ ପୁଣି ପଶ୍ଚିମ ଜର୍ମାନୀ ମୁଦ୍ରାରେ ବଦଳ କରାଇ ନେବା ଇଚ୍ଛା କଲୁ । ଆମକୁ କୁହାଗଲା ଯେ ତାହା ହୋଇ ପାରିବ ନାହିଁ ଓ ସେ ମୁଦ୍ରା ମଧ୍ୟ ଆମେ ସାଙ୍ଗରେ ବାହାରକୁ ନେଇ ପାରିବୁ ନାହିଁ । ରେଡ଼କ୍ରସ ପାଇଁ ଉଦ୍ଦିଷ୍ଟ ଏକ ଚାନ୍ଦା ବାକ୍ସରେ ସେତକ ଗଳେଇ ଦେଇ ଆସିଲୁ । ଏ ନିୟମ ନ ଜାଣିଥିବା ଅନେକ ଟୁରିସ୍‌ଟ ଏଭଳି ପଇସା ଖର୍ଚ୍ଚ ନ କରି ଫେରାଇ ଆଣୁଥିବେ । ସେଥିପାଇଁ ସେଠି ଏ ବାକ୍ସଟି ବରାବର ରଖା ହୋଇଛି ।

ରବିବାର ଦିନ ସକାଳ ଓଳି ୟୁରୋପର ସହରମାନଙ୍କରେ ସାଧାରଣତଃ ଯାନବାହନ ଚଳାଚଳ ଊଣା ଥାଏ । ମାତ୍ର ପୂର୍ବ ବର୍ଲିନରେ ଏହା ଏକାବେଳକେ ଊଣା ଥିବାର ଦେଖିଲୁ । ପ୍ରାୟ କଟକ ସହରର ରାସ୍ତାରେ ଯେତିକି ଗାଡ଼ି ଦେଖାଯାଏ ସେତିକି । ଏତେ କମ ଯେ ବଡ଼ ବଡ଼ ଛକମାନଙ୍କରେ ସୁଦ୍ଧା ଟ୍ରାଫିକ୍ ସିଗ୍‌ନାଲ୍ ନ ଥାଏ । ଏଠାର ଘର ବାଡ଼ି ବହୁ ଦିନ ରଙ୍ଗ ନ ହୋଇ କୋତରା ଦିଶୁଥାଏ । ଦୋକାନ ବଜାର ତ ବନ୍ଦ ଥାଏ ମାତ୍ର ଦୋକାନ ଝରକା ମାନଙ୍କରେ ଯାହା ଜିନିଷପତ୍ର ସଜା ହୋଇ ଥିବାର ଦେଖାଯାଉଥାଏ ତା’ର ପ୍ରାଚୁର୍ଯ୍ୟ କମ ବୋଲି ମନେ ହେଲା । କିନ୍ତୁ ଲୋକମାନଙ୍କର ଲୁଗା ପଟାରେ, ବିଶେଷ କରି ମହିଳା ମାନଙ୍କର ପୋଷାକରେ, ଆଧୁନିକ ଫେଶନ୍‌ର ଜୌଲୁସ୍ ଊଣା ଦିଶୁ ନ ଥାଏ । ମିନିସ୍କାର୍ଟର ପ୍ରାଚୁର୍ଯ୍ୟ ମଧ୍ୟ ବେଶି ଥାଏ ।

ରାସ୍ତାରେ କିଛି ସମୟ ବୁଲାବୁଲି କରି ଷ୍ଟାଲିନ୍‌ଙ୍କଦ୍ୱାରା ନିର୍ମିତ ଯୁଦ୍ଧସ୍ମାରକ ଦେଖିବାକୁ ଆମେ ଗଲୁ । ଏ ସ୍ମାରକ ଏକ ବିରାଟ ଉଦ୍ୟାନ ମଝିରେ ତିଆରି ହୋଇଛି । ମଝିରେ ଏକ ସ୍ତୂପ ଉପରେ ସ୍ମୃତି ସୌଧ । ପ୍ରଧାନ ତୋରଣଠାରୁ ସୌଧ ପର୍ଯ୍ୟନ୍ତ ଯିବା ବାଟ ଦୁଇ କଡ଼ରେ ପ୍ରସ୍ତର ଫଳକମାନଙ୍କରେ ଦ୍ୱିତୀୟ ମହାଯୁଦ୍ଧରେ ରୁଷ୍ ସୈନ୍ୟବାହିନୀର ବିବିଧ ପରାକ୍ରମ ଓ ବିଜୟର ଚିତ୍ର ଖୋଳା ହୋଇଛି । ସମସ୍ତ ପରିବେଶ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଓ ମନୋରମ । କିନ୍ତୁ ମନରେ ଏ ପ୍ରଶ୍ନ ଉଠିଲା ଯେ ସମସ୍ତ ୟୁରୋପକୁ ବିଧ୍ୱସ୍ତ କରିଥିବା, ଦୁଇ କୋଟି ସରିକି ଲୋକଙ୍କର ପ୍ରାଣନାଶ ଘଟାଇଥିବା ଓ ବହୁ କୋଟି ଲୋକଙ୍କୁ ଅନାଥ ଓ ଆଶ୍ରୟ ହୀନ କରି ଅନାହାର ଓ ରୋଗ ମୁହଁକୁ ଠେଲି ଦେଇଥିବା ଏକ ଯୁଦ୍ଧର ଅବ୍ୟବହିତ ପରେ ବହୁ କୋଟି ଟଙ୍କା ଖର୍ଚ୍ଚ କରି ଏଭଳି ଏକ ବିରାଟ ସ୍ମାରକ ତିଆରି କରିବାର ପଛରେ ଯେଉଁ ମନୋଭାବ ତାହା ପୂର୍ବର ରାଜା ମହାରାଜା ସମ୍ରାଟଙ୍କର ମନୋଭାବରୁ କି ଗୁଣରେ ଭିନ୍ନ ?

ପୂର୍ବ ବର୍ଲିନ୍‌ରେ ପଶିବା ବେଳେ ତ ମଟରର ଇଞ୍ଜିନ୍, ଲଗେଜ୍ ବୁଟ୍ ଆଦି ଖୋଲି ଦେଖା ହୋଇଥିଲା । ଫେରିବା ବେଳେ ଆହୁରି ଭିନ୍ନ ଭିନ୍ନ କରି ଯାଞ୍ଚ କରା ହେଲା । ମଟରର ସିଟ୍ ସବୁ ଉଠେଇ ତା ତଳ ଦେଖା ହେଲା ଓ ଏପରିକି ଠେଲାଗାଡ଼ି ଭଳି ଗୋଟାଏ

ଜନପଥରେ ଖଞ୍ଜା ହୋଇଥିବା ଆଇନା ସାହାଯ୍ୟରେ ଗାଡ଼ିର ତଳ ପାଖ ବି ଯାଞ୍ଚ କରନେଲେ । ପୂର୍ବ ଜର୍ମାନୀରୁ ମଣିଷ ଲୁଚେଇ କରି ନେଇ ଆସିବା ରୋକିବା ପାଇଁ ଏତେ କଟକଣା ।

ଯିବାବେଳେ ଆଖିରେ ପଡ଼ି ନ ଥିଲା । ଫେରିବା ବେଳେ ପଡ଼ିଲା ଗାନ୍ଧୀଜୀଙ୍କର ଏକ ବିରାଟ ଚିତ୍ର ପଶ୍ଚିମ ବର୍ଲିନ୍ ପଟେ ପୂର୍ବକୁ ମୁହାଁ କରି ଉଚ୍ଚରେ ଲଗା ହୋଇଛି । ସେଥିରେ ଜର୍ମାନ୍ ଭାଷାରେ ଗାନ୍ଧୀଜୀଙ୍କର ଏକ ଉକ୍ତିର ଅନୁବାଦ ଲେଖା ହୋଇଛି । ଯାହାର ସାରମର୍ମ ହେଲା ଯେ ଲୋକେ ଯଦି ଅତ୍ୟାଚାରୀ ଶାସନର ଅନ୍ୟାୟ ଆଦେଶକୁ ମାନିବେ ନାହିଁ ବୋଲି ଦୃଢ଼ଭାବରେ ସଂକଳ୍ପ କରିବେ ତେବେ ହୁଏତ ସେ ଶାସନର ସ୍ୱଭାବ ବଦଳିବ ନଚେତ୍ ତାହା ଲୋପ ପାଇଯିବ । ଏହା ସାଙ୍ଗକୁ ଆମେରିକାରେ ନିଗ୍ରୋମାନଙ୍କର ନାଗରିକ ଅଧିକାର ପାଇଁ ସଂଗ୍ରାମ ଓ ଚେକୋସ୍ଲୋଭାକିଆର ଜନତାର ରୁଷ ଆକ୍ରମଣ ବିରୋଧରେ ଶାନ୍ତିପୂର୍ଣ୍ଣ ପ୍ରତିରୋଧର ମଧ୍ୟ ବଡ଼ ବଡ଼ ଚିତ୍ର ଦିଆଯାଇଥିଲା । ଏହା ଗାନ୍ଧୀ ଶତବାର୍ଷିକୀ ଉପଲକ୍ଷେ କରାଯାଇଛି ବୋଲି ଲେଖା ଯାଇଥିଲା ।

★ ★

ଆଠ

## ବର୍ଲିନ୍‌ର ଅନୁଭୂତି

ଗତ ଦ୍ୱିତୀୟ ମହାଯୁଦ୍ଧର ଏକ ବିଚିତ୍ର ବିରୋଧାଭାସଯୁକ୍ତ ପରିଣାମ ହେଲା ଯେ ଯୁଦ୍ଧ ସରିବାର ଦଶବର୍ଷ ଭିତରେ ଯୁଦ୍ଧରେ ଜିତିଥିବା ଫ୍ରାନ୍‌ସ, ଇଂଲଣ୍ଡ ଆଦିଙ୍କ ଅପେକ୍ଷା ପରାଜିତ ଜର୍ମାନୀ ବହୁତ ବେଶୀ ବୈଷୟିକ ଉନ୍ନତି କରିଗଲା । ପଶ୍ଚିମ ଜର୍ମାନୀରେ ବାର୍ଷିକ ଅଭିବୃଦ୍ଧି ଶତକଡ଼ା ଆଠ ନଅ ଭାଗ ହିସାବରେ ହୋଇ ଚାଲିଛି, ଅଥଚ ବିଜେତା ଇଂଲଣ୍ଡର ଓ ଫ୍ରାନ୍‌ସର ହୋଇଛି ମାତ୍ର ତାର ପ୍ରାୟ ଅଧା ହାରରେ । ଏହାର ମୋଟାମୋଟି ତିନୋଟି କାରଣ ରହିଛି ବୋଲି ମନେ ହୁଏ । ପ୍ରଥମତଃ ପଶ୍ଚିମ ଜର୍ମାନୀକୁ ଯୁଦ୍ଧ ପରେ ଆମେରିକାରୁ ପ୍ରଭୂତ ଆର୍ଥିକ ସାହାଯ୍ୟ ମିଳିଛି । ପୂର୍ବ ଜର୍ମାନୀର ସାମ୍ୟବାଦୀ ଅର୍ଥନୀତି ତୁଳନାରେ ଏପାଖର ପୁଂଜିବାଦୀ ବ୍ୟବସ୍ଥାର ଶ୍ରେଷ୍ଠତ୍ୱ ସାବ୍ୟସ୍ତ କରିବା ଏହାର ଉଦ୍ଦେଶ୍ୟ ମଧ୍ୟ ଏହା ଭିତରେ ହୁଏତ ଥିଲା କିନ୍ତୁ ଆପାତତଃ ଏହା ଯୁଦ୍ଧବିଧ୍ୱସ୍ତ ୟୁରୋପକୁ ପୁଣି ସଚଳ ସବଳ କରିବା ଉଦ୍ଦେଶ୍ୟରେ କରାଯାଇଥିଲା । ଦ୍ୱିତୀୟତଃ ଯୁଦ୍ଧ ପରେ କେତେ ବର୍ଷ ପର୍ଯ୍ୟନ୍ତ ପଶ୍ଚିମ ଜର୍ମାନୀକୁ ନିରସ୍ତ୍ର ରଖାଗଲା । ଏଥିଯୋଗୁଁ ତା'ର ଆର୍ଥିକ ସମ୍ବଳର ଯେଉଁ ବିରାଟ ଅଂଶ ସୈନ୍ୟବଳ ପିଛା ଖର୍ଚ୍ଚ ହୋଇଥାନ୍ତା ତାହା ଆର୍ଥିକ ବିକାଶରେ ଲାଗିଲା ଏବଂ ଶେଷ, ମାତ୍ର ତାହାବୋଲି ପ୍ରଥମ ଦୁଇଟିରୁ ଊଣା ଗୁରୁତ୍ୱପୂର୍ଣ୍ଣ ନ ହୋଇଥିବା, କାରଣ ହେଲା ଜର୍ମାନ ଜାତିର ଅଧ୍ୟବସାୟ ଓ ସଂଗଠନ ଶକ୍ତି । ଏହାର ଦର୍ଶନ ପଶ୍ଚିମ ବର୍ଲିନ୍‌ର ସର୍ବତ୍ର ମିଳେ । ପଚିଶ ବର୍ଷ ତଳେ ଏ ସହର ଏକ ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା ବୋଲି ଆଜିର ବର୍ଲିନ ଦେଖିଲେ କେହି କଳ୍ପନା କରିପାରିବ ନାହିଁ । ସମୃଦ୍ଧି ଓ ଚାକଚକ୍ୟରେ ଏହା ପୃଥିବୀର ଅନ୍ୟ ଯେ କୌଣସି ସମୃଦ୍ଧିଶାଳୀ ନଗର ସହିତ ପଟି ପକେଇବ । ଯୁଦ୍ଧରେ ବିଧ୍ୱସ୍ତ କୋଠାବାଡ଼ି ସବୁ ମରାମତି ସରିଛି ବା ନୂଆ ହୋଇ ଗଢ଼ା ସରିଛି । ତେବେ ଯୁଦ୍ଧର ଧ୍ୱଂସଲୀଳାର ସ୍ମାରକ ସ୍ୱରୂପ ମଝିରେ ମଝିରେ ଗୋଟାଏ ଗୋଟାଏ ଘର ଓ ଖାସ୍ କରି ଗୀର୍ଜା ସେହିପରି ଭଙ୍ଗାରୁଜା ଅବସ୍ଥାରେ ରଖି ଦିଆଯାଇଛି । ଏହା ଭିତରେ ସର୍ବପ୍ରଧାନ ହେଲା କାଇଜର ଓ୍ୱିଲହେଲମ୍ ସ୍ମାରକ ଗୀର୍ଜା । ବର୍ଲିନ୍‌ର ଅନ୍ୟତମ ପ୍ରଧାନ ରାଜପଥ କୁର୍‌ଫୁରଷ୍ଟେନଡାମ୍ ର ପୂର୍ବ ମୁଣ୍ଡରେ ଅବସ୍ଥିତ ଏହି

ଗୀର୍ଜାଟି ଏକ ସମୟରେ ନିଶ୍ଚୟ ଖୁବ୍ ସୁନ୍ଦର ଥିଲା । ମାତ୍ର ବୋମା ମାଡ଼ରେ ତା'ର ଚୂଡ଼ା ଭାଙ୍ଗିଯାଇ ତାହା ଏକ ଧ୍ୱଂସସ୍ତୂପରେ ପରିଣତ ହୋଇଛି । ବୋମା ମାଡ଼ ପରେ ଏହା ଯେଉଁ ଅବସ୍ଥାରେ ଥିଲା ସେହି ଅବସ୍ଥାରେ ହିଁ ତାକୁ ରଖି ଦିଆଯାଇଛି । ଏପରିକି ଭିତରୁ ଭଙ୍ଗା ଇଟା-ପଥରର କୁଢ଼ ସୁଦ୍ଧା ସଫା କରା ହୋଇ ନାହିଁ । ତେବେ ଏହାର ଆଗ ଓ ପଛରେ ସ୍ୱତନ୍ତ୍ର ଭାବରେ ନୂଆ ଗୀର୍ଜା ତିଆରି କରାଯାଇଛି, ପଛ ପାଖରେ ଗର୍ଭଗୃହ ବା ଚ୍ୟାପେଲ୍ ଓ ଆଗ ପାଖରେ ପ୍ରାର୍ଥନା ମନ୍ଦିର । ଏ ନୂଆ ଗୀର୍ଜା ଏକାବେଳକେ ଆଧୁନିକ ଶୈଳୀରେ ତିଆରି ହୋଇଛି । ହଠାତ୍ ଦେଖିଲେ କେହି ଗୀର୍ଜା ବୋଲି ଅନୁମାନ କରିପାରିବ ନାହିଁ । ତେବେ ଏ ନୂତନତ୍ୱରେ ଯେ ଏକ ନୂଆ ପ୍ରକାରର ସୌନ୍ଦର୍ଯ୍ୟ ଅଛି, ଏହା ଅସ୍ୱୀକାର କରି ହେବ ନାହିଁ ।

ଆମେ ଟୁରିଷ୍ଟ ବସ୍‌ରେ ବସି ପଶ୍ଚିମ ବର୍ଲିନ୍‌ର ଏକ ଦୁଇ ଘଂଟିଆ ଗସ୍ତ କଲୁ ହେଲା । ଦର୍ଶନୀ ପଡ଼ିଲା ମୁଣ୍ଡପିଗ୍ର ଦାମୋର୍କ ବା କୋଡ଼ିଏ ଟଙ୍କା । ପ୍ରଧାନ ପ୍ରଧାନ ରାସ୍ତା ଦେଇ ବୁଲି ଅନେକ ନାମଜାଦା ଭବନ, ଗୀର୍ଜା ଆଦି ଦେଖା ହେଲା । ତାହା ଭିତରେ ପ୍ରଧାନ ହେଲା ରାଇଖ୍‌ଷ୍ଟାକ୍ ଭବନ, ବ୍ରାଣ୍ଡେନବୁର୍ଗ ତୋରଣ ଓ କଂଗ୍ରେସ୍ ଅଫ୍ ଦ ପିପ୍‌ଲସ୍ ଭବନ । ରାଇଖ୍‌ଷ୍ଟାକ୍ ଅବିଭକ୍ତ ଜର୍ମାନୀର ବିଧାନ ସଭା ଥିଲା । ଏଇଠି ୧୯୩୩ରେ ଏକ ଅଗ୍ନିକାଣ୍ଡ ଘଟିଥିଲା ଓ ତାହାକୁ ଆଳ କରି ସେତେବେଳର ଶାସକ ହିଟ୍‌ଲର କମ୍ୟୁନିଷ୍ଟମାନଙ୍କୁ ଦମନ କରିବା ପାଇଁ ଏକ କଠୋର ଅଭିଯାନ ଆରମ୍ଭ କରିଥିଲେ । କମ୍ୟୁନିଷ୍ଟମାନେ ହିଁ ଏ ଅଗ୍ନିକାଣ୍ଡ ଲଗାଇଥିଲେ ବୋଲି ସେତେବେଳେ ସେ ପ୍ରଚାର କରିଥିଲେ । ମାତ୍ର ପରେ ଜଣାଗଲା ଯେ ତାହା ସ୍ୱୟଂ ହିଟ୍‌ଲରଙ୍କ ଗୁପ୍ତ ଆଦେଶ ଅନୁସାରେ କରାଯାଇଥିଲା କମ୍ୟୁନିଷ୍ଟ ଓ ଇହୁଦୀମାନଙ୍କ ଉପରେ ଦୋଷ ଲଦିବା ଉଦ୍ଦେଶ୍ୟରେ । ଏବେ ତ ପଶ୍ଚିମ ଜର୍ମାନୀର ରାଜଧାନୀ ବନ୍‌ରେ । ଏ ଭବ୍ୟ ଓ ବିରାଟ ଭବନରେ ଗୋଟାଏ କ'ଣ ଅଫିସ୍ ଚାଲିଛି ।

କଂଗ୍ରେସ୍ ଅଫ୍ ଦ ପିପଲ୍‌ସର ଭବନ ଅତି ଆଧୁନିକ ଶୈଳୀରେ ତିଆରି । ଏହା କୌଣସି ଏକ ସମ୍ମିଳନୀ ପାଇଁ ଗଢ଼ା ହୋଇଥିଲା । ଏହାର ଛାତ ଏକ ବିରାଟ ଶାମୁକା ଆକାରର । ଚାରି ହଜାର ଲୋକ ବସିବାର ସ୍ଥାନ ଅଛି ।

ଏ ଭବନଟି ବର୍ଲିନ୍‌ର ବିଖ୍ୟାତ ଓ ବିଶାଳ ଉଦ୍ୟାନ ଟୀୟରଗାର୍ଟେନ ଭିତରେ ଅବସ୍ଥିତ । ଏହି ଉଦ୍ୟାନର ଆୟତନ ଦୁଇ ବର୍ଗ ମାଇଲ ହେବ । ଗତ ମହାଯୁଦ୍ଧ ବେଳେ ଯେତେବେଳେ ସହରରେ ଜାଳେଣିକାଠର ଘୋର ଅଭାବ ପଡ଼ିଲା ସେତେବେଳେ ଲୋକେ ଏହାର ସମସ୍ତ ଗଛପତ୍ର କାଟି ନେଇ ଜାଳି ଦେଇଥିଲେ । ଯୁଦ୍ଧ ପରେ ଗତ ପଚିଶ ବର୍ଷରେ ପୁଣି ଏହା ଘଞ୍ଚ ବୃକ୍ଷରାଜିରେ ପରିପୂର୍ଣ୍ଣ ହେଲାଣି ।

ପଶ୍ଚିମ ବର୍ଲିନ୍‌ର ଜଣେ ସର୍ବୋଦୟ ସଦସ୍ୟା ଓ ଭାରତପ୍ରେମୀ ଶ୍ରୀମତୀ ଇର୍ମଗାର୍ଡ ଶୁଖାର୍ଟଙ୍କର ନାମଧାମ ଭିଏନାରୁ ମିଳିଥିଲା ମାତ୍ର ଗୋଳମାଳ ଭିତରେ ତାଙ୍କୁ ପୂର୍ବରୁ ମୋର

ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଜଣାଇ ପାରି ନ ଥିଲି । ବର୍ଲିନରେ ପହଞ୍ଚି ଟେଲିଫୋନରେ ଯୋଗାଯୋଗ କଲି । ଭଦ୍ରମହିଳାଙ୍କର ଭାରତ ପ୍ରତି ଗଭୀର ଶ୍ରଦ୍ଧା ରହିଛି ଓ ଏଠା ବିଷୟରେ ସେ ଅନେକ କିଛି ଖବର ରଖନ୍ତି । ଶ୍ରୀ ଆଶାଦେବୀ ଆର୍ଯ୍ୟନାୟକମ୍‌ଙ୍କ ସହ ତାଙ୍କର ଖୁବ୍ ଘନିଷ୍ଠ ପରିଚୟ ଅଛି ଓ ଆଶାଦେବୀ ଥରେ ଆସି ତାଙ୍କ ଘରେ ସପ୍ତାଏ ଖଣ୍ଡେ ରହିଥିଲେ । ମୁଁ ତାଙ୍କ ଘରେ ନ ରହି କାହିଁକି ହୋଟେଲରେ ରହିଲି ବୋଲି ସେ ଅନୁଯୋଗ କଲେ ଓ ଆଉ ଥରେ କେବେ ଆସିଲେ ତାଙ୍କରି ଘରେ ରହିବା ପାଇଁ ସନିର୍ବନ୍ଧ ନିମନ୍ତ୍ରଣ ଦେଇ ରଖିଲେ । ତାଙ୍କଠାରୁ ଖବର ମିଳିଲା ଯେ ବର୍ଲିନ୍‌ରେ ଗୋଟିଏ ଭାରତପ୍ରେମୀ ବନ୍ଧୁଗୋଷ୍ଠୀ ରହିଛି । ସେମାନେ ଭାରତରେ ନାନା ପ୍ରକାରର ସେବା କାର୍ଯ୍ୟ ପାଇଁ କିଛି କିଛି ଅର୍ଥ ସଂଗ୍ରହ କରି ମଧ୍ୟ ପଠାଇଥାନ୍ତି । ସେବାଗ୍ରାମର ମୌଳିକ ଶିକ୍ଷା ଅନୁଷ୍ଠାନ ପାଇଁ ମଧ୍ୟ ଏ ଗୋଷ୍ଠୀ ଏହିଭଳି ସାହାଯ୍ୟ କରିଛନ୍ତି ।

ସର୍ବୋଦୟ ଆନ୍ଦୋଳନ ଓ ଗ୍ରାମଦାନ ବିଷୟରେ ବେଶ୍ ଆଲୋଚନା ହେଲା । ଆନ୍ତର୍ଜାତୀୟ ଯୁଦ୍ଧ ବିରୋଧୀ ସଙ୍ଘର ମୁଖପତ୍ର "ୱାର୍ ରେଜିସ୍‌ଟର୍"ରେ କିଛି ଦିନ ପୂର୍ବରୁ ମୋର ଗ୍ରାମଦାନ ଉପରେ ଗୋଟିଏ ଲେଖା ବାହାରିଥିଲା । ସେ ପତ୍ରିକାର ସେହି ସଂଖ୍ୟାଟି ବାହାର କରି ମତେ ଦେଖାଇଲେ ଓ ଲେଖାଟି ଆଗ୍ରହର ସହ ପଢ଼ିଛନ୍ତି ବୋଲି କହିଲେ । ସର୍ବୋଦୟ ବିଷୟରେ ଆଲୋଚନା କରିବା ପାଇଁ ସେ ଦୁଇଦିନ ପରେ ଗୋଟିଏ ସଭା ଡାକିବେ ବୋଲି ଆଗ୍ରହ କଲେ । ଅବଶ୍ୟ ସାଙ୍ଗେ ସାଙ୍ଗେ ଏ ଆଶଙ୍କା ମଧ୍ୟ ପ୍ରକାଶ କଲେ ଯେ ଏବେ ଖରାଛୁଟି ଆରମ୍ଭ ହୋଇଯାଇଥିବାରୁ ବୈଠକକୁ ବେଶୀ ଲୋକ ଆସିବାର ଆଶା କମ୍ । ପ୍ରକୃତରେ ସେ ବୈଠକକୁ ମାତ୍ର ଅଉ ଦୁଇଜଣ ମହିଳା ଆସିଲେ । ତେବେ ଆଲୋଚନାଟା ଖୁବ୍ ଜମିଲା ।

ସେଦିନ ଶ୍ରୀମତୀ ଶୁଖାର୍ଟଙ୍କ ଘରୁ ଫେରିବା ବେଳେ ମୁଁ ବସ୍‌ରେ ଉଠିଲି, ମାତ୍ର ମୋର ଖିଆଲ ନାହିଁ ଯେ ମୋ ପାଖରେ କେବଳ ପଚିଶ ମାର୍କର ନୋଟ୍ ରହିଛି, ରେଜା ନାହିଁ । ବସ୍ କଣ୍ଡକ୍ଟର ଟିକଟ ଦେବାକୁ ଆସିଲାରୁ ମୁଁ ଯେତେବେଳେ ତାକୁ ନୋଟ୍‌ଟିକୁ ବଢ଼ାଇ ଦେଲି ସେ ବିରକ୍ତ ହୋଇ ମତେ ଓହ୍ଲାଇ ଯିବାକୁ କହିଲା, କାରଣ ବସ୍ ଭଡ଼ା ଅଧମାର୍କ ଓ ଆମ ଦେଶ ପରି ସେଠି ମଧ୍ୟ କଣ୍ଡକ୍ଟରଠାରେ ଶହେ ଟଙ୍କିଆ ନୋଟର ରେଜା ନ ଥିବା କଥା । ମୁଁ ଉଠିବା ଉଦ୍ୟମ କରୁଛି ଏତିକିବେଳେ ଜଣେ ଭଦ୍ର ମହିଳା ଉଠିପଡ଼ି କଣ୍ଡକ୍ଟରଙ୍କୁ ଖୁବ୍ ଧମକ ଦେଲେ । ମୋର ଦରକଣ୍ଟିଆ ଜର୍ମାନ ଜ୍ଞାନରେ ମୁଁ ବୁଝିଲି ଯେ ସେ କହୁଛନ୍ତି "ଦେଖୁନାହିଁ, ଏ ଜଣେ ବିଦେଶୀ ଭଦ୍ରଲୋକ । ତାଙ୍କ ସହିତ ଏଭଳି ବ୍ୟବହାର କ'ଣ ଶୋଭାଦାୟକ ?" କଣ୍ଡକ୍ଟର ମଧ୍ୟ ଦିଜ ବଡ଼ ହୋଇ ନିଜ କାର୍ଯ୍ୟର ସମର୍ଥନରେ ଅନେକ କିଛି କହିଗଲା । ଭଦ୍ରମହିଳା ଝଟ୍ କରି ଉଠିଆସି ମୋର ବସ୍‌ଭଡ଼ାଟା ଦେଇଦେଲେ । ତାଙ୍କୁ ପ୍ରଭୂତ ଧନ୍ୟବାଦ ଦେଇ ମୁଁ ସେ ଯାତ୍ରା ବିଡ଼ମ୍ବନାରୁ ରକ୍ଷାପାଇଲି । ବାଟଘାଟରେ ଅପରିଚିତ ଲୋକଙ୍କର ଏଭଳି ଅଯାଚିତ ସହାନୁଭୂତି ଅନେକଥର ମିଳିଛି ଓ ତାହା ମୋର

ଏହି ଭାବନାକୁ ଦୃଢ଼ କରିଛି ଯେ ସାରା ପୃଥିବୀର ସର୍ବତ୍ର ସାଧାରଣ ଲୋକଙ୍କର ହୃଦୟ ସଜ୍ଜନତାରେ ପୂର୍ଣ୍ଣ ।

ଭିଏନାରୁ ବର୍ଲିନ, ଜର୍ମାନଭାଷୀ ଦେଶରେ ମୋଟ ଷୋଳ ଦିନ କଟିଲା । ବାହାରକୁ ଯିବା ପୂର୍ବରୁ ଜର୍ମାନ ଭାଷା ସହିତ ଗୋଟାଏ ମୁହଁ ଚିହ୍ନା ପରିଚୟ ହାସଲ କରିବା ଚେଷ୍ଟା କରିଥିଲି । ଯେତିକ ପରିଚୟ ହେଲା ତାହାଦ୍ୱାରା ବାଟଘାଟ ପଚାରିବା, ଦୋକାନ-ବଜାରରେ ଚଳପ୍ରଚଳ ହେବା ଭଳି ସୁବିଧା ହୋଇଥିଲା । ପୂର୍ବରୁ ଶୁଣିଥିଲି ଯେ ଜର୍ମାନ ଭାଷାରେ ସଂସ୍କୃତ ପରି ସନ୍ଧି-ସମାସର ଖୁବ୍ ଜୋର । ଶିଖିବା ବେଳେ ଦେଖିଲି ଯେ କଥାଟା ଏକ୍ଦମ୍ ସତ । ଏମାନେ ଇଂରେଜଙ୍କ ଭଳି 'ଲଂଚ' ପରି ବର୍ଣ୍ଣଗୋତ୍ରହୀନ ଶବ୍ଦ ବ୍ୟବହାର କରିବେ ନାହିଁ, କହିବେ **mittagessen**– ମଧ୍ୟାହ୍ନ ଭୋଜନ । ରେଳଗାଡ଼ି ଭଳି ଅପଭ୍ରଷ୍ଟ ଶବ୍ଦ ଏମାନଙ୍କ ଅଭିଧାନରେ ନାହିଁ, ଅଛି ପୂର୍ଣ୍ଣ ଶବ୍ଦାର୍ଥବ୍ୟଞ୍ଜକ ସମାସ—**eisenbahnwagen** ଏକଦମ ଅକ୍ଷରଶଃ 'ଲୌହବର୍ତ୍ମ ଶକଟ' । ଅଶ୍ରୁପୂର୍ଣ୍ଣ ଲୋଚନ, ସହାସ୍ୟ ବଦନ ଭଳି ସମାସ ତ ସେଥିରେ ଭରପୂର ।

ସେ ଦେଶରେ ପହଞ୍ଚି ଏହାର ଚରମ ପରାକାଷ୍ଠା ଦେଖିଲି । ଟ୍ରାମ ରହିବା ସ୍ଥାନ ବା ଟ୍ରାମଷ୍ଟପ୍‌ର ଜର୍ମାନ ହେଲା '**strassenbahnhaltestelle**'– ଏହାର ମୋଟାମୋଟି ସଂସ୍କୃତ ଅନୁବାଦ ହେବ "ରାଜପଥ ଲୌହବର୍ତ୍ମ ମାର୍ଗ ସ୍ଥଗନସ୍ଥଳ" ! ଆଜ୍ଞା, ଏ ଶବ୍ଦ କେବଳ ଅଭିଧାନରେ ଅଛି ବୋଲି ଭାବନ୍ତୁ ନାହିଁ । ସହରର ପ୍ରତି ଛକରେ, ପ୍ରତି ଟ୍ରାମ୍ ରହିବା ଜାଗାରେ ଲେଖା ହୋଇଛି । ଆଉ ଏକ ନମୁନା ଶୁଣନ୍ତୁ : **Auslande flugdienst-gesellschaft**—ବୈଦେଶିକ ବିମାନ ସେବା ସଂସ୍ଥା ଆଜ୍ଞା, ଗୋଟାଏ ସମାସ ଶବ୍ଦ, ଦେଖିବେ ସେଠାର ବିମାନଘାଟିର ସମୟ ନିର୍ଘଣ୍ଟର ପଛ ପୃଷ୍ଠାରେ ଲେଖାଅଛି ।

ତେବେ ଜର୍ମାନ ଭାଷାର ଗୋଟାଏ ବଡ଼ ସୁବିଧା ହେଲା ଯେ ଏହାର ଉଚ୍ଚାରଣ ଅବିକଳ ଯାହା ଲେଖା ହୋଇଥିବ ସେଆ, ଇଂରାଜୀ ପରି ହଜାରେ ବ୍ୟତିକ୍ରମ ଓ ଅନୁଚ୍ଚାରିତ ଉହ୍ୟ ଅକ୍ଷର ନାହିଁ । ତେବେ ଇଂରେଜୀ, ଫରାସୀ ଆଦି ଭାଷାରୁ ଶବ୍ଦ ମଧ୍ୟ ଜର୍ମାନ ଭାଷାରେ ପଶିଲାଣି ଓ ସେ ସବୁର ବନାନ ମୂଳ ଭାଷା ଅନୁଯାୟୀ ହେଉଥିବାରୁ ଜର୍ମାନର ଉଚ୍ଚାରଣର ସରଳ ନିୟମର ବ୍ୟତିକ୍ରମ ଘଟୁଛି ।

ଉଚ୍ଚାରଣ ଦୃଷ୍ଟିରୁ ସବୁଠାରୁ କଠିନ ଭାଷା ହେଲା ଫରାସୀ । ଅଧା ଅକ୍ଷରର ଉଚ୍ଚାରଣ ଉହ୍ୟ ଓ ବାକି ଅଧିକରୁ ଅଧିକ ଉଚ୍ଚାରଣ ଆନୁନାସିକ ହେବା ଫଳରେ ଲେଖା ସହିତ ଶୁଣାର ସାମଞ୍ଜସ୍ୟ ବସାଇବା ପ୍ରାୟ ଅସମ୍ଭବ । ଏଇଥି ଯୋଗୁଁ ଫ୍ରାନ୍ସରେ ଯାଇ ମୋ ନାଁଟା ବଦନାମ ହୋଇଗଲା । **Manmohan**ର ଫରାସୀମତେ ଉଚ୍ଚାରଣ ହେବ "ମାଁମୋଆଁ" । ତେଣୁ ଖବର କାଗଜ୍ ବାଲା ମନମୋହନ ର ଉଚ୍ଚାରଣ ଫରାସୀରେ ଯଥାମତେ ସଠିକ୍ ରଖିବା ପାଇଁ ମୋ ନାମ ଛାପି ଦେଲେ **madmonan** ।

ବରଂ ମାଧୁର୍ଯ୍ୟ ଓ ସରଳତା ଉଭୟ ଦୃଷ୍ଟିରୁ ଇଟାଲୀୟାନ୍ ଭାଷା ମତେ ବେଶୀ ଭଲ ଲାଗିଲା । ଏଥିରେ ଉଚ୍ଚାରଣରେ କର୍କଶତା ବା କଠୋରତାର ଆଦୌ ନାହିଁ । ଫରାସୀ ଭଳି କୋମଳ ଓ ଶ୍ରୁତିମଧୁର ଅଥଚ ଉଚ୍ଚାରଣ ଖୁବ୍ ସ୍ପଷ୍ଟ ଓ ଯାହା ଲେଖା ସେୟା ଉଚ୍ଚାରଣ । ରୋମ୍ ଲାଟିନ୍ ଭାଷାର ମଧ୍ୟ ପୀଠସ୍ଥଳୀ ଥିଲା । ସେଥିପାଇଁ ପୁରୀ ଆଖପାଖରେ ଶାସନୀ ବ୍ରାହ୍ମଣମାନେ ଯେପରି ସ୍ପଷ୍ଟ ଓ ନିର୍ଭୁଲ ଉଚ୍ଚାରଣ ଉପରେ ଜୋର ଦେଇଥାନ୍ତି ସେହିପରି ହୁଏତ ରୋମ୍ ଆଖପାଖରେ ବି ଶୁଦ୍ଧ ଓ ସ୍ପଷ୍ଟ ଉଚ୍ଚାରଣ ଉପରେ ଜୋର ଦିଆଯାଇଥିବ । ସାଧାରଣତଃ ଫରାସୀ ଭାଷାକୁ ଲାଳିତ୍ୟ ଦୃଷ୍ଟିରୁ ବଙ୍ଗଳା ସହିତ ତୁଳନା କରାଯାଇଥାଏ । ତା'ହେଲେ ଇଟାଲୀୟାନ୍‌କୁ ଓଡ଼ିଆ ସହିତ କରିବାକୁ ହେବ । ଓଡ଼ିଆରେ ବି ଉଚ୍ଚାରଣର ସ୍ପଷ୍ଟତା ବଙ୍ଗଳା, ହିନ୍ଦୀ ଆଦି ଠାରୁ ଯଥେଷ୍ଟ ବେଶୀ ଓ ତାହା ବାହାର ଲୋକଙ୍କର ଦୃଷ୍ଟି ବରାବର ଆକର୍ଷଣ କରିଥାଏ ।

★ ★

## ନଅ

# ମଧ୍ୟରାତ୍ରିର ସୂର୍ଯ୍ୟର ଦେଶ

ବର୍ଲିନରୁ କାମ ସରିଲା । ଆଠ ତାରିଖ ଉପରଓଳି ସେଠୁପୁଣି ଧରି ଷ୍ଟକହୋଲମ୍ ଅଭିମୁଖେ ରଓନା ହେଲି । ବର୍ଲିନରୁ ହାମ୍‌ବୁର୍ଗ ଓ ସେଠି ଉଡ଼ାଜାହାଜ ବଦଳାଇ ଷ୍ଟକହୋଲମ୍ । ବର୍ଲିନର ଟେଂପଲହୋଫ୍ ଉଡ଼ାଜାହାଜ ଘାଟିରେ ପହଞ୍ଚି ଟ୍ୟାକ୍‌ସିରୁ ଓହ୍ଲାଇବା ବେଳକୁ ଜଣେ ମଜୁରିଆ ଆସି ଜିନିଷ ନେଇଯିବାକୁ ବୋଲି ପଚାରିଲେ । ମୁଁ ବିଚାରିଲି ଯେ ଆମର ଏଠି ଯାତ୍ରୀଙ୍କ ମାଲ ବୋହି ନେବା ପାଇଁ ଏୟାରଲାଇନ୍ ପକ୍ଷରୁ ଯେପରି ଲୋକ ଥା'ନ୍ତି ଏ ସେହିପରି ହୋଇଥିବ । ମୁଁ ତାକୁ ଜିନିଷ ଦେଲି ଓ ସେ କାଉଣ୍ଟରଠାରେ ପହଞ୍ଚାଇ ଦେଇ ମଜୁରି ଚାର୍ଜ କଲା ଅଢ଼େଇ ମାର୍କ ବା ପାଞ୍ଚଟଙ୍କା । ଏ ଆଡ଼େ କୁଲି ମଜୁରିର ରେଟ ପ୍ରକୃତରେ ଏହିଭଳି । ରେଲ ଷ୍ଟେସନ ବା ଉଡ଼ାଜାହାଜ ଘାଟିରେ ଲୋକେ କ୍ଵଚିତ୍ କୁଲିର ସାହାଯ୍ୟ ନିଅନ୍ତି । ଜିନିଷ ନେବା ଆଣିବା ପାଇଁ ଛୋଟ ଛୋଟ ହାତଗାଡ଼ି ଥାଏ । ସେଥିରେ ଜିନିଷ ପତ୍ର ଥୋଇ ନିଜେ ନିଜେ ନେବା ଆଣିବା କରିବାକୁ ହୁଏ । କୁଲି ସାମାନ୍ୟ କେତେକ ଥାନ୍ତି ବୁଢ଼ାବୁଢ଼ୀ ବା ଅକ୍ଷମ ଲୋକ କିମ୍ବା ଅତି ଧନୀ କୋଟିପତି ଶ୍ରେଣୀର ଲୋକଙ୍କ ଆବଶ୍ୟକତା ମେଣ୍ଟାଇବା ପାଇଁ । ମୁଁ ଏଇଥରେ ଠେକ ଶିଖି ଆଉ କେବେ କୁଲି ପଇସା ଦେବା ଅବସ୍ଥାରେ ପଡ଼ି ନାହିଁ ।

ଷ୍ଟକହୋଲମ୍‌ର ଏର୍ଲାଣ୍ଡା ଘାଟିରେ ଓହ୍ଲାଇବା ବେଳକୁ ରାତି ପ୍ରାୟ ନଅଟା ମାତ୍ର ଖରାଦିନ ଓ ସତୁରି ଡିଗ୍ରୀ ଅକ୍ଷାଂଶ ତେଣୁ ସେତେବେଳଯାଏ ସୂର୍ଯ୍ୟାସ୍ତ ହେବାକୁ ବେଶ କିଛି ସମୟ ବାକି ଥାଏ । ଷ୍ଟକହୋଲମ୍ ଓ ଓସଲୋରେ ଏଇ ଲମ୍ବାଦିନର ବ୍ୟାପାରଟା ବେଶ ମଜ୍ଜାର ଲାଗିଥିଲା ଏଠାରେ ସୂର୍ଯ୍ୟାସ୍ତ ହେଉଥିଲା ଅନ୍ତତ ସାଢ଼େ ନଅଟାରେ ଓ ଗୋଧୂଳିର ଆଲୋକ ରହୁଥିଲା ଅନ୍ତତଃ ଏଗାରଟାଯାଏ । ରାତି ଏଗାରଟାରେ ବାହାରେ ଖବରକାଗଜ ପଢ଼ିବା ଭଳି ଆଲୁଅ ରହୁଥିଲା । ରାତିରେ ପୁରା କଟି କଟି ଅନ୍ଧାର ଏ ସମୟରେ ଏଠି ମୋଟେ ହୁଏ ନାହିଁ । ରାତି ତିନିଟା ବେଳକୁ ପୁରା ଫର୍ଚ୍ଚା ହୋଇଯାଇଥାଏ । ଚାରିଟା ଖଣ୍ଡେ ବେଳକୁ ସୂର୍ଯ୍ୟୋଦୟ । ଝରକାରେ ଭଲଭାବରେ ପର୍ଦ୍ଦା ଟାଣି ନ ଶୋଇଲେ ପୁରା ନିଦ ହେବା ଅସମ୍ଭବ, କାରଣ ଅଭ୍ୟାସ ତ

ହୋଇଯାଇଛି ଟିକିଏ ଫର୍ଚା ହୋଇ ଆସିଲେ ନିଦ ଭାଙ୍ଗିଯିବ । 'ଦିଘଡ଼ି' ଦିନ ଥାଉ ଥାଉ ଶୋଇବାକୁ ଗଲେ ନିଦ ଆସିବା କଷ୍ଟ ଓ 'ଦିଘଡ଼ି' ଦିନ ଯାଏ ଶୋଇ ରହିବା ମଧ୍ୟ ।

ଏଠୁ ଆଉ ତିନିଶହ ମାଇଲ ଖଣ୍ଡେ ଉତ୍ତରକୁ ଯାଇଥିଲେ 'ମଧ୍ୟରାତ୍ରିର ସୂର୍ଯ୍ୟ' ଦେଖି ହୋଇଥାନ୍ତା । ସେଠି ଜୁନ ତେଇଶି ତାରିଖ, ବର୍ଷର ଦୀର୍ଘତମ ଦିନର ଆଖ ପାଖରେ କେତେ ଦିନ ସୂର୍ଯ୍ୟ ମୋଟେ ଅସ୍ତ ହୁଏ ନାହିଁ । ଦିନ ଦୁଇ ପହରରୁ ଦକ୍ଷିଣ ଆକାଶରୁ କ୍ରମେ ପଶ୍ଚିମବାଟେ ବୁଲି ଉତ୍ତର ଦିଗରେ ଦିଗ୍‌ବଳୟକୁ ରାତ୍ରି ଅଧରେ ଛୁଇଁ ଓ ପୂର୍ବ ଦିଗକୁ ଗତି କରିବା ସାଙ୍ଗେ ସାଙ୍ଗେ ଦିଗ୍‌ବଳୟରୁ ଉପରକୁ ଉଠିବାକୁ ଆରମ୍ଭ କରେ । ମାତ୍ର ସେଠାକୁ ଯିବା ଆସିବା ପାଇଁ ଖର୍ଚ୍ଚ ଓ ସମୟ ଅକୁଳାନ ଥିଲା ।

ଏରିଲଣ୍ଡା ବିମାନଘାଟୀକୁ ଶ୍ରୀ ହ୍ୱାଇଟ୍ ମତେ ନେବାକୁ ଆସିଥିଲେ । ହ୍ୱାଇଟ୍‌ଙ୍କର ବାପା ଇଂରେଜ, ମା ସ୍ୱିଡେନ୍‌ବାସୀ । ଷ୍ଟକହଲମ୍ ବିଶ୍ୱବିଦ୍ୟାଳୟରେ ଆର୍ଥନୀତିକ ଭୂଗୋଳ ବିଭାଗରେ ଗବେଷଣା କରୁଛନ୍ତି । ତାଙ୍କର ଗବେଷଣାର ବିଷୟବସ୍ତୁ ଭାରତର ଗ୍ରାମଦାନ ଅନ୍ଦୋଳନ । ଏହା ଅଧ୍ୟୟନ କରିବା ପାଇଁ ସେ ତିନିବର୍ଷ ତଳେ ଭାରତ ଆସି ପ୍ରାୟ ବର୍ଷେ ଖଣ୍ଡେ କଟେଇ ଥିଲେ ଓ ବିଭିନ୍ନ ରାଜ୍ୟରେ ବୁଲି ଆନ୍ଦୋଳନର ଗତିବିଧି ପର୍ଯ୍ୟବେକ୍ଷଣ କରିଥିଲେ । ସେତିକି ବେଳେ ତାଙ୍କ ସହିତ ପରିଚୟ ହୋଇଥିଲା । ଶ୍ରୀ ହ୍ୱାଇଟ୍ ଓ ଷ୍ଟକହଲମ୍ ଆଖ ପାଖର ଆଉ କେତେକ ଶାନ୍ତିବାଦୀ ଓ ଭାରତପ୍ରେମୀ ମିଳି ଏଠି ଗୋଟିଏ ସର୍ବୋଦୟ ମଣ୍ଡଳୀ—'ସର୍ବୋଦୟ ଗ୍ରୁପେନ୍' ଗଢିଛନ୍ତି । ସର୍ବୋଦୟ ବିଷୟରେ ନିୟମିତ ପଢ଼ାଶୁଣା କରନ୍ତି ଓ ସ୍ୱିଡ଼ିଶ୍ ଭାଷାରେ କିଛି କିଛି ସାହିତ୍ୟ ମଧ୍ୟ ପ୍ରକାଶ କରନ୍ତି । ମୋର 'ଜନତାର ରାଜ୍ୟ' ବହି ଖଣ୍ଡିକ ମଧ୍ୟ ଏମାନେ ସ୍ୱିଡିଶ ଭାଷାରେ ଅନୁବାଦ କରି ପ୍ରକାଶ କରିଛନ୍ତି । ଏ ଗୋଷ୍ଠୀର ଜଣେ ଯୁବକ ଓ ଉତ୍ସାହୀ ସଦସ୍ୟ ଶ୍ରୀ ଓ୍ୱାଲ୍‌ଷ୍ଟ୍ରୋମ୍‌ଙ୍କ ସହିତ ମୋର ପୂର୍ବରୁ ପତ୍ର ବ୍ୟବହାର ହୋଇଥିଲା । ଆମେ ଉଭୟ ପରସ୍ପରଙ୍କୁ ଭେଟିବାକୁ ଉତ୍ସୁକ ଥିଲୁ । ମାତ୍ର ହ୍ୱାଇଟ୍‌ଙ୍କଠାରୁ ଖବର ମିଳିଲା ଯେ ମାତ୍ର ଚାରିଦିନ ତଳେ ଓ୍ୱାଲ୍‌ଷ୍ଟ୍ରୋମ୍‌ଙ୍କୁ ବାଧ୍ୟତାମୂଳକ ସାମରିକ ଶିକ୍ଷା ପାଇଁ ତଲବ ଆସିବାରୁ ତାଙ୍କୁ ଯାଇ ଛାଉଣୀରେ ଯୋଗ ଦେବାକୁ ପଡ଼ିଛି । ସେ ଜଣେ ଶାନ୍ତିବାଦୀ ଓ ବିବେକଗତ ଯୁଦ୍ଧବିରୋଧୀ । ସ୍ୱିଡେନ୍‌ରେ ଏଭଳି ଲୋକଙ୍କୁ ସାମରିକ ତାଲିମ୍‌ର ବିକଳ୍ପ ସ୍ୱରୂପ କୌଣସି ଶିକ୍ଷା ଅନୁଷ୍ଠାନ, ହାସପାତାଲ, ଶିଶୁବିହାର ବା ସେହି ଭଳି ଅନ୍ୟ ଅନୁଷ୍ଠାନରେ ଦେଢ଼ବର୍ଷ ପାଇଁ ଅସାମରିକ ସମାଜସେବା କରିବାକୁ ଦିଆଯାଏ । ଓ୍ୱାଲ୍‌ଷ୍ଟ୍ରୋମ୍ ସେଥିପାଇଁ ଦରଖାସ୍ତ କରିଥାନ୍ତି ଓ ସପ୍ତାହକ ଭିତରେ ତାଙ୍କୁ ସାମରିକ ଛାଉଣୀରୁ ମୁକ୍ତି ମିଳିବାର ସମ୍ଭାବନା ଥାଏ । କିନ୍ତୁ ସେ ପର୍ଯ୍ୟନ୍ତ ତାଙ୍କୁ ଛାଉଣୀର ଶୃଙ୍ଖଳାରେ ରହିବାକୁ ପଡ଼ୁଥାଏ ଓ ସେଥିରୁ ତାଙ୍କୁ ଫୁରସତ ମିଳିବା କଠିନ ହେଉଥାଏ । ପରଦିନ ସାଧାରଣ ସଭା ବେଳକୁ ସେ ଯେତେବେଳେ ଅଳ୍ପସମୟ ପାଇଁ ଛୁଟି ନେଇ ସାମରିକ ପୋଷାକ ପିନ୍ଧି ପହଞ୍ଚିଲେ ସେତେବେଳେ 'ଶାନ୍ତିବାଦୀ ସାର୍ଜେଣ୍ଟ' ଓ୍ୱାଲ୍‌ଷ୍ଟ୍ରୋମ୍‌ଙ୍କୁ ଅଟାଟାପରି କରିବାର ଗୋଟାଏ ବଡ଼ ସୁଯୋଗ ଆମ ସମସ୍ତଙ୍କୁ ମିଳିଗଲା ।

ହ୍ୱାଇଟ୍ ଷ୍ଟକହଲମ୍ ସହର ବାହାରେ ରହନ୍ତି । ମୋର ରହିବାର ବ୍ୟବସ୍ଥା ସହରରେ ଶ୍ରୀଓଲୋଫ୍ ଆଲବର୍ଗଙ୍କ ଘରେ କରାହୋଇଥିଲା । ସେ ସର୍ଭିସ୍‌ର ସଦସ୍ୟ ଓ ଜଣେ ଚିତ୍ରଶିଳ୍ପୀ । ତାଙ୍କର ଦ୍ୱିତୀୟ ପକ୍ଷର ସ୍ତ୍ରୀ ଏଠାର ସ୍ୱୀଡ଼ିଶ ସାହିତ୍ୟ ପ୍ରତିଷ୍ଠାନର କ'ଣ ଗୋଟାଏ କାମ କରନ୍ତି । ପ୍ରଥମ ସ୍ତ୍ରୀଙ୍କ ଆଡ଼ୁ ଗୋଟିଏ ପୁଅ, ଦଶ ଏଗାର ବର୍ଷର, ସ୍କୁଲରେ ପଢ଼େ, ମା' ପାଖରେ ଥାଏ । ଦ୍ୱିତୀୟ ପକ୍ଷର ସ୍ତ୍ରୀ ବୋଲି ଭଦ୍ରଲୋକ ଦରବୁଢ଼ା ବୋଲି ବିଚାରିବେ ନାହିଁ । ବୟସ ଚାଳିଶ ଭିତରେ ହେବ ।

ତାଙ୍କର ବସିବା ଘରଟି ସେ ମୋ ପାଇଁ ଛାଡ଼ି ଦେଇଥିଲେ । ରୋଷେଇ ଘର ଓ ଗାଧୁଆ ଘରକୁ ଛାଡ଼ି ଚାରି ବଖରା ଘର । ସେଥିରୁ ଦୁଇ ବଖରାରେ ଓଲୋଫଙ୍କ ଚିତ୍ର ପ୍ରଦର୍ଶନଶାଳା । ସେ ଚିତ୍ରଶିଳ୍ପୀ । ପୁରୁଣା ଚିତ୍ରର ପୁନଃସଂସ୍କାର ବା ଜୀର୍ଣ୍ଣୋଦ୍ଧାର କାମ ମଧ୍ୟ କରନ୍ତି । ଆଉ ଏକ ଧନ୍ଦା ହେଲା ଚିତ୍ରକଳା କାରବାରରେ ଗୋଇନ୍ଦାଗିରି ।

ଆଧୁନିକ ଦୁନିଆରେ ସମୃଦ୍ଧ ଦେଶମାନଙ୍କରେ ଚିତ୍ରକଳା ଓ ଭାସ୍କର୍ଯ୍ୟର କଦର ବଢ଼ିବାର ଗୋଟାଏ ପରିଣାମ ହେଲା ଯେ ନାମକରା ଶିଳ୍ପୀମାନଙ୍କର କୃତି ଅମୂଲ୍ୟମୂଲ୍ୟରେ ବିକ୍ରି ହୋଇଥାଏ । ମାଇକେଲ୍ ଏଞ୍ଜେଲୋ, ଲିଓନାର୍ଦୋ ଦା ଭିଂଚି ଆଦି ମଧ୍ୟଯୁଗୀୟ ଶିଳ୍ପୀଙ୍କଠାରୁ ଆରମ୍ଭ କରି ଏ ଯୁଗର ମାତିସ୍,ଦେଗା, ପିକାସୋ ଆଦିଙ୍କ ପରି ବିଖ୍ୟାତ ଚିତ୍ରକରଙ୍କର ଗୋଟିଏ ଗୋଟିଏ ମୌଳିକ ଛବି ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି ହେଉଛି । ଧନୀ ଲୋକମାନେ ଫେଶନ ହିସାବରେ ବହୁତ ଦାମ ଦେଇ ଛବି କିଣୁଛନ୍ତି, ପୁଣି ନିଜର ସମ୍ପତ୍ତିକୁ ଗୋଟାଏ ପ୍ରକାରର ନିରାପଦ ଆକାରରେ ସାଇତିବା ପାଇଁ ମଧ୍ୟ ।

ଏହିରୂପେ ଛବି ବେପାରରେ ଲକ୍ଷ ଲକ୍ଷ ଟଙ୍କାର କାରବାର ହେବା ବେଳକୁ ଜାଲିଯାତି ବ୍ୟବସାୟ ମଧ୍ୟ ପ୍ରବଳ ହୋଇଛି । ଏଭଳି ସବୁ ଭଲ ଭଲ ଜାଲିଯାତି ଶିଳ୍ପୀ ଅଛନ୍ତି, ଯେଉଁମାନଙ୍କର ଅଙ୍କା ଛବିକୁ କୌଣସି ବିଖ୍ୟାତ ଶିଳ୍ପୀଙ୍କର କୃତିଠାରୁ ବାରିଦେବା ଅଭିଜ୍ଞ କଳାବିତ୍ ପକ୍ଷରେ ମଧ୍ୟ ଅତି କଠିନ । ଏବେ ଆମେରିକାର ଜଣେ ଏଭଳି ଶିଳ୍ପୀଙ୍କର କଥା କାଗଜରେ ବାହାରିଥିଲା ଯେ ବିଖ୍ୟାତ ଶିଳ୍ପୀମାନଙ୍କର ଛବି ଜାଲିକରି ବିକ୍ରି କରୁଥିଲେ ଓ ଧରାପଡ଼ି କେତେ ବର୍ଷ ଜେଲ ଖଟିଲେ । ଏବେ ଜେଲରୁ ବାହାରି ସେ ଅନ୍ୟ ଶିଳ୍ପୀଙ୍କର ଛବିର ନକଲ ଠକାଇବା ଉଦ୍ଦେଶ୍ୟରେ ନୁହେଁ ମାତ୍ର ନକଲ ବୋଲି ଜଣାଇକରି ହିଁ ବିକୁଛନ୍ତି ଓ ତାହା ଏତେ ଯଥାର୍ଥ ହେଉଛି ଯେ ଏସବୁ ନକଲ ଛବି ହିଁ ଗୋଟା ଆଠ ଦଶ ହଜାର ଟଙ୍କାରେ କଟୁଛି ।

ଏବେ ଜାଲ ଧରିବା ପାଇଁ ବିଜ୍ଞାନର ସାହାଯ୍ୟ ନିଆଯାଉଛି । ଦୁଇ ଚାରି ଶହ ବର୍ଷ ତଳେ ରଙ୍ଗରେ ଯେଉଁସବୁ ଉପାଦାନ ବ୍ୟବହୃତ ହେଉଥିଲା ଆଜିକାଲି ତା'ଠୁଁ ଭିନ୍ନ ବସ୍ତୁ ବ୍ୟବହୃତ ହେଉଛି । ଛବିରୁ ସାମାନ୍ୟ ପରିମାଣ ରଙ୍ଗ ଚାଞ୍ଛି ନେଇ ରାସାୟନିକ ପରୀକ୍ଷା କଲେ ସେ ରଙ୍ଗ କେଉଁ ଯୁଗର ତାହା ବାରି ହୋଇଯିବ । ଯେଉଁ କନା ଉପରେ ଛବି ଅଙ୍କା ହୋଇଥିବ ତା'ର ବୟସ ମଧ୍ୟ ଏକ୍ସରେ ଆଦି ଦ୍ୱାରା କଳନା କରି ହେଉଛି । ଏହିଭଳି ନାନା

ପରୀକ୍ଷାନିରୀକ୍ଷା କରି ଶ୍ରୀ ଆଲ୍‌ବର୍ଗ ଛବିର ଅସଳନକଳପଣିଆ ଯଚେଇ କରୁଥାନ୍ତି । ସେଥିପାଇଁ ତାଙ୍କ ପାଖରେ ଅଣୁବୀକ୍ଷଣ, କାମେରା, ଏକ୍‌ସରେ ଯନ୍ତ୍ର ଆଦି ନାନା ପ୍ରକାରର ଯନ୍ତ୍ରପାତି ରହିଛି । ସ୍ୱିଡ଼େନ୍‌ର ସରକାର ତାଙ୍କୁ କେତେକ ସୂକ୍ଷ୍ମ ଯନ୍ତ୍ରପାତି କିଣିବା ପାଇଁ ଦଶ ହଜାର କ୍ରାଉନ୍ ସାହାଯ୍ୟ ଦେଇଛି ।

ଏ ଦମ୍ପତିଙ୍କର ସହଜ ସରଳ ବ୍ୟବହାର ତାଙ୍କ ଘରକୁ ମୋର ନିଜ ଘର ପରି କରିଦେଲା । ପ୍ରଥମେ ତ ସେ ମତେ ତାଙ୍କ ଦାଣ୍ଡ ଦରଜାର ଗୋଟିଏ ଚାବି ଦେଇଦେଲେ, ଯେପରି ମୁଁ ଇଚ୍ଛାମତେ ଯିବା ଆସିବା କରିପାରିବି । ପର ଦିନ ସକାଳୁ ଶ୍ରୀମତୀ ଆଲବର୍ଗ ତ ଖୁବ୍ ବଡ଼ି ସକାଳୁ ତାଙ୍କ କାମକୁ ଚାଲିଗଲେ । ମତେ ଆଲବର୍ଗ ନେଇ ତାଙ୍କ ରୋଷେଇ ଓ ଖାଇବା ଘରରେ କେଉଁଠି କ'ଣ ଅଛି ତାହା ସବୁ ଦେଖାଇ ଦେଲେ ଓ କହିଦେଲେ ଯେ ଯେତେବେଳେ ଭୋକ କରିବ ଯାହା ଦରକାର ନେଇ ଖାଇବ । କିନ୍ତୁ ସଙ୍କୋଚ କରିବ ନାହିଁ ।   ×   ×   ×   ×

ସ୍ୱିଡ଼େନ୍ ଦେଶଟାର ଆୟତନ ବେଶ୍ ବଡ଼ ହେଲେ ବି ଲୋକସଂଖ୍ୟା ବେଶୀ ନୁହେଁ, ମାତ୍ର ଅସି ଲକ୍ଷ, ଗଞ୍ଜାମ, ପୁରୀ, କଟକ, ବାଲେଶ୍ୱର, ଓଡ଼ିଶାର ଏହି ଚାରିଟା ଜିଲ୍ଲାର ସମାନ । ଷ୍ଟକହଲ୍‌ମ୍ ସହରଟା ମଧ୍ୟ ଖୁବ୍ ବଡ଼ ନୁହେଁ । ତେବେ ଏହା କେତେଗୁଡ଼ିଏ ଛୋଟ ଛୋଟ ଦ୍ୱୀପ ଉପରେ ଅବସ୍ଥିତ । ସମୁଦ୍ର ଭିତରେ ବହୁ ଛୋଟ ଛୋଟ ଦ୍ୱୀପ । ସେ କେତୋଟି ଉପରେ ସହର ସେସବୁ ସେତୁଦ୍ୱାରା ସଂଯୁକ୍ତ । ଆଖପାଖର ଅନ୍ୟ ଦ୍ୱୀପମାନଙ୍କରେ ଛୋଟ ଛୋଟ ସହର ବା ଗାଁ ରହିଛି । ଗୋଟିଏ ଦ୍ୱୀପରେ ଏକ ପ୍ରମୋଦ ଉଦ୍ୟାନ ରହିଛି, ଜୁଓଗାର୍ଡେନ୍ ବା ପଶୁ-ଉଦ୍ୟାନ । ଏ ସବୁଠାକୁ ଯିବା ଆସିବା କରିବାକୁ ମୋଟର ବୋଟ୍ ସର୍ଭିସ୍ ମଧ୍ୟ ରହିଛି । ପ୍ରଥମ ଦିନ ବୁଲି ବୁଲି ସହରର ପ୍ରଧାନ ପ୍ରଧାନ ଦର୍ଶନୀୟ ସ୍ଥାନ ଦେଖିଲି । ସ୍ୱାଆର୍ଭଗେନ୍ ଏକ ବଡ଼ ଉଦ୍ୟାନ, ସହର ମଝିରେ । ଏହାର କେତେକ ଅଂଶ ଏକ ପାହାଡ଼ ମୁଣ୍ଡିଆ ଉପରେ ଓ ସେଠୁ ସହରର ଏକ ମନୋରମ ଦୃଶ୍ୟ ଦେଖାଯାଏ । ଅସଂଖ୍ୟ ନରନାରୀ ଓ ପିଲା ଉଦ୍ୟାନରେ ବସି ଶୋଇ ଖରା ପୋଉଁଥାନ୍ତି । ଏଠି ବେଶ୍ ଶୀତ ଥିବ ବୋଲି ମୁଁ ଆଶଙ୍କା କରିଥିଲି । ମାତ୍ର ବାସ୍ତବରେ ଅତି ସାମାନ୍ୟ ଶୀତ ଥିଲା । ଖରାବେଳେ ତ ଗରମ ଲୁଗା ପିନ୍ଧିବା ଅଶ୍ୱସ୍ତି କର ବୋଧ ହେଉଥିଲା ।

ଏଠାର ରାଜକୀୟ ଶିଳ୍ପ ସଂଗ୍ରହାଳୟ ଓ ଆଧୁନିକ କଳା ସଂଗ୍ରହାଳୟ ଦେଖିଲି । ପ୍ରଥମଟିରେ ସାରା ୟୁରୋପର ବିଶିଷ୍ଟ ଖ୍ୟାତନାମା ଶିଳ୍ପୀମାନଙ୍କର ଉତ୍କୃଷ୍ଟ ଚିତ୍ରମାନଙ୍କର ସଂଗ୍ରହ ରହିଛି । ବିରାଟ ତେତାଲା ଭବନ । ଅଳ୍ପ ସମୟ ଭିତରେ ସେ ସବୁର ଗୋଟାଏ କେବଳ ଅତି ଉପର ଠାଉରିଆ ଧାରଣା ହିଁ ମିଳିବା ସମ୍ଭବ ଥିଲା । ଏହାର ଅଳ୍ପ ଦୂରରେ ଆଧୁନିକ କଳା ସଂଗ୍ରହାଳୟ । ବାସ୍ତବ ଦୃଶ୍ୟର ଅନୁକରଣରେ ହିଁ ଚିତ୍ରକଳାର ଆରମ୍ଭ; ମାତ୍ର ଏବେ ଆଧୁନିକ ଚିତ୍ରକଳା ଆଉ ବାସ୍ତବକୁ ଆଶ୍ରୟ କରି ରହି ନାହିଁ । ବାସ୍ତବ ଦୃଶ୍ୟର

ପ୍ରତିକୃତି ନିର୍ମାଣ ଛାଡ଼ିଦେଇ ବର୍ତ୍ତମାନ ତାହା ବିମୂର୍ତ୍ତ ଆକୃତି ଓ ବର୍ଣ୍ଣର ବ୍ୟଂଜନାକୁ ହିଁ ଆଶ୍ରୟ କରିଛି । ସଙ୍ଗୀତ ସହିତ ଏହାର ତୁଳନା କରାଯାଇପାରେ । ଗୀତରେ କଥା ଓ କଥାର ବିଶିଷ୍ଟ ଭାବ ଥାଏ ମାତ୍ର ଯନ୍ତ୍ର ସଙ୍ଗୀତରେ କଥା ନ ଥାଏ କେବଳ ସୁର୍‌ର ମୂର୍ଚ୍ଛନା ଥାଏ । ସେହି ସ୍ୱରର ମୂର୍ଚ୍ଛନା ହିଁ ଶ୍ରୋତାର ହୃଦୟରେ ନାନା ଭାବାବେଗ ଉଦ୍ରେକ କରିବାକୁ ସମର୍ଥ ହୁଏ । ଆଧୁନିକ ଚିତ୍ରକଳା ସେହି ଯନ୍ତ୍ର ସଙ୍ଗୀତ ପରି । ଏଥିରେ ଆକାର ଓ ବର୍ଣ୍ଣର ଲୀଳାଖେଳା ବାସ୍ତବର ଅନୁକୃତି ନୁହେଁ ମାତ୍ର ଯନ୍ତ୍ର ସଙ୍ଗୀତର ମୂର୍ଚ୍ଛନା ପରି ଦର୍ଶକ ହୃଦୟରେ ତାହା ନାନା ଭାବର ଉଦ୍ରେକ କରେ । ଏ ଆଧୁନିକ ଚିତ୍ରକଳାରେ ନାନା ଉଦ୍ଭଟ କାରବାର ଅଛି । ଗୋଟାଏ ଆଧୁନିକ 'ଚିତ୍ର' ଦେଖିଲି ସେ୍ରଫ ଗୋଟାଏ କଳାପଟା, କାଚ ଓ ଫ୍ରେମ୍ ଦିଆ ହୋଇ ବନ୍ଧା ହୋଇ ରହିଛି । ବୋଧହୁଏ ନିରାକାର ପରଂବ୍ରହ୍ମଙ୍କ ପ୍ରତୀକ । ଆଉ କେତେକ ଚିତ୍ର ଦେଖିଲେ ମନେହେବ ଚିତ୍ରକର ଆଖି ବୁଜି ତୂଳୀକୁ ନାନା ରଙ୍ଗରେ ବୁଡ଼େଇ ଛିଟି ଦେଇଛନ୍ତି ବା ଗାରେଇ ଦେଇଛନ୍ତି । ଥରେ କ୍ରୁଶ୍ଚେଭ ବିରକ୍ତ ହୋଇ କହିଥିଲେ ଯେ ଗଧ ଲାଞ୍ଜକୁ ରଙ୍ଗରେ ବୁଡ଼େଇ ଛାଡ଼ିଦେଲେ ଓ ସେହି ଗଧ ଲାଞ୍ଜ ଛିଟିଦେଲେ ଯାହା ହେବ ତାହା ହେଲା ଅଧୁନିକ ଚିତ୍ରକଳା । ଷ୍ଟକହଲମ୍‌ର ସଂଗ୍ରହାଳୟରେ ଆଧୁନିକ ଚିତ୍ର ଆଙ୍କିବା ପାଇଁ ଗୋଟାଏ ଯନ୍ତ୍ର ରହିଛି । ଟଙ୍କାଟାଏ ଦେଇ ସେଥିରେ ଖଣ୍ଡେ ଧଳା କାଗଜ ଆଣି ଯନ୍ତ୍ର ଚଳେଇ ଦେଲେ ଯନ୍ତ୍ରରେ ଖଞ୍ଜା ହୋଇଥିବା ରଙ୍ଗ ପେନସିଲ ସବୁ ଇତସ୍ତତ ଗାରି 'ଆଧୁନିକ' ଚିତ୍ର ଅଙ୍କିଦେବ । ତେବେ ପ୍ରଥମେ ଆଧୁନିକ ଚିତ୍ରସବୁ ମତେ କିଂଭୂତକିମାକାର ଲାଗୁଥିଲେ ମଧ୍ୟ ଅନେକ ଛବି ଦେଖିବା ପରେ ଏବେ ସେ ସବୁରେ ବର୍ଣ୍ଣ ଓ ରେଖାର ହିଜିବିଜି ଭିତରେ ଏକପ୍ରକାର କଳାର ସମ୍ପ୍ରକାଶ ବାସ୍ତବରେ ରହିଛି ବୋଲି ମୋର ହୃଦବୋଧ ହେବାକୁ ଲାଗିଲା । × × ×

ସେଦିନ ସନ୍ଧ୍ୟାରେ ଆଲବର୍ଗ ଓ ତାଙ୍କ ସ୍ତ୍ରୀଙ୍କ ସାଙ୍ଗରେ ବହୁତ ରାତି ପର୍ଯ୍ୟନ୍ତ ବସି ଗପ ହେଲା । ଆଉ ଦୁଇଜଣ ଛାତ୍ରଛାତ୍ରୀ ମଧ୍ୟ ଆସିଥିଲେ । ପ୍ରଥମତଃ ସେମାନେ ଭାରତର ପରିସ୍ଥିତି ଓ ତାହା ଭିତରେ ସର୍ବୋଦୟ ଆନ୍ଦୋଳନର ଗତିବିଧି ବିଷୟରେ ଜାଣିବାକୁ ଆଗ୍ରହୀ ଥିଲେ । ତା'ପରେ ସ୍ୱୀଡ଼େନ୍ ବିଷୟରେ ଅନେକ ଚର୍ଚ୍ଚା ହେଲା । ସ୍ୱୀଡ଼େନ୍ ତ ୟୁରୋପର ସବୁଠାରୁ ସମୃଦ୍ଧ ଦେଶ, ବୋଧହୁଏ ଯୁକ୍ତରାଷ୍ଟ୍ର ଆମେରିକାର ସମକକ୍ଷ ହେବ, ସମୃଦ୍ଧିରେ । ଏଠି ଗତ ପଚିଶ ବର୍ଷରୁ ଅଧିକ କାଳ ସୋଶାଲ୍ ଡେମୋକ୍ରାଟିକ୍ ଦଳର ଶାସନ ଚାଲିଛି । ଏ ଦଳ ଗୋଟାଏ ପ୍ରକାରର ସମାଜବାଦରେ ବିଶ୍ୱାସ କରେ ଓ ଫଳରେ ଏଠି ସାମାଜିକ ସେବା ଓ ସୁରକ୍ଷା ବ୍ୟବସ୍ଥାର ବିକାଶ ଖୁବ୍ ଭଲ ଭାବରେ ହୋଇଛି । ଏ ଦୃଷ୍ଟିରୁ ଏହାକୁ ପୃଥିବୀର ଆଦର୍ଶ ସ୍ଥାନୀୟ କୁହାଯାଇପାରେ । ଏଠାର ସାଧାରଣ ଶ୍ରମିକ ଘଣ୍ଟାକୁ ସାତଆଠ କ୍ରୋନର୍ ବା ଏଗାର ବାର ଟଙ୍କା ରୋଜଗାର କରେ । ପ୍ରାଥମିକ ଶିକ୍ଷକର ଦରମା ମାସକୁ ସାଢ଼େ ତିନ ଚାରି ହଜାର ହେବ । ଆର୍ଥନୀତିକ ବିଷମତା ପାଞ୍ଚସାତ ଗୁଣରୁ ବେଶୀ ନୁହେଁ ବୋଲି ମତେ ବନ୍ଧୁମାନେ କହିଥିଲେ । ସମସ୍ତଙ୍କ ପାଇଁ ବେକାର ଭତ୍ତା, ପଞ୍ଚଷଠି

ବରଷରେ ସମସ୍ତ ପୁରୁଷ ଓ ଷାଠିଏ ବର୍ଷରେ ସମସ୍ତ ସ୍ତ୍ରୀମାନଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ଅଛି ।

ଚିକିତ୍ସା ବ୍ୟବସ୍ଥା ମଧ୍ୟ ଏହିଭଳି ରାଷ୍ଟ୍ର ପକ୍ଷରୁ ରହିଛି । ଚିକିତ୍ସା ପାଇଁ ସବୁ ପ୍ରକାରର ଆବଶ୍ୟକ ଖର୍ଚ୍ଚ ରାଷ୍ଟ୍ର ପକ୍ଷରୁ କରାଯାଏ ଓ ତେଣୁ ପ୍ରତ୍ୟେକ ରୋଗୀ ସର୍ବୋତ୍ତମ ସେବା ଓ ଚିକିତ୍ସାର ସୁଯୋଗ ସମାନ ଭାବରେ ପାଇଥାନ୍ତି । ଏଠାରେ ଶିକ୍ଷା ବ୍ୟବସ୍ଥା ମଧ୍ୟ ବିଶ୍ୱବିଦ୍ୟାଳୟର ଉଚ୍ଚତମ ସ୍ତର ପର୍ଯ୍ୟନ୍ତ ମାଗଣା । ଏହାଛଡ଼ା ପିଲାମାନଙ୍କର ଯଥାଯଥ ଲାଳନ ପାଳନ ପାଇଁ ପ୍ରତିଟି ପିଲା ଜନ୍ମ ହେବାଠାରୁ ଅଠର ବର୍ଷ ବୟସର ହେବା ଯାଏ ତା'ର ବାପା ମାଙ୍କୁ ନିୟମିତ ଭତ୍ତା ମିଳିଥାଏ । ଏହାର ପରିମାଣ ପିଲା ପିଛା ମାସକୁ ତିନିଶହ ଟଙ୍କା ହେବ ।

ଏସବୁ ପ୍ରକାର ସମୃଦ୍ଧ ବ୍ୟବସ୍ଥା ଗୋଟିଏ ଦିଗରେ ହେଲା ବେଳକୁ ଅନ୍ୟ ଦିଗରେ ସମସ୍ୟାର ମଧ୍ୟ ଅଭାବ ନାହିଁ । ସମାଜବାଦୀ ସରକାର ହେଲେ ବି ଅର୍ଥନୀତିଟା ପୁଞ୍ଜିବାଦୀ । ବହୁବର୍ଷ ହେଲା ସ୍ୱିଡ଼େନ୍ ଶିଳ୍ପ ବାଣିଜ୍ୟ ଦିଗରେ ମାନ୍ଦା ଅନୁଭବ କରି ନ ଥିଲା । ଏବେ ଗତ ବର୍ଷ ମାନ୍ଦା ପଡ଼ିଛି । ଫଳରେ କେତେଗୁଡ଼ାଏ ଷ୍ଟେଟକାଠର ଶିଳ୍ପ ବନ୍ଦ ହୋଇ ଯାଇଛି । ଉତ୍ତର ସ୍ୱିଡ଼େନ୍‌ରେ କେତେକ ଷ୍ଟେଟ ଷ୍ଟେଟ ସହର ପୁରାପୁରି ଗୋଟିଏ ଲେଖାଏଁ ଶିଳ୍ପ ଉପରେ ନିର୍ଭରଶୀଳ । ଏପରି ଶିଳ୍ପଟାଏ ବନ୍ଦ ହେବା ଅର୍ଥ ସେ ସହରଟା ଯାକର ଲୋକ ବେକାର । ସେମାନେ ଅବଶ୍ୟ ପ୍ରଚୁର ବେକାର ଭତ୍ତା ପାଉଛନ୍ତି, ମାତ୍ର ବେକାର ଅବସ୍ଥାଟା ମଣିଷର ନୈତିକ ଆସ୍ଥା ଭାଙ୍ଗିଦିଏ, ତା'ର ପାରିବାରିକ ଓ ସାମାଜିକ ଜୀବନକୁ ବିପର୍ଯ୍ୟସ୍ତ କରିଦିଏ । ସମୃଦ୍ଧି ଆଣି ଦେଇଥିଲେ ମଧ୍ୟ ପୁଞ୍ଜିବାଦୀ ଅର୍ଥ ବ୍ୟବସ୍ଥା ଯେ ତ୍ରୁଟିଶୂନ୍ୟ ଓ ସଙ୍କଟଶୂନ୍ୟ ନୁହେଁ ତାହା ଲୋକେ ଅନୁଭବ କରୁଛନ୍ତି ।

ଏହାଛଡ଼ା ସ୍ୱିଡ଼େନ୍‌ରେ ଆତ୍ମହତ୍ୟାର ହାର ପୃଥିବୀରେ ସବୁଠୁଁ ବେଶୀ । ସବୁ ପ୍ରକାରର ବୈଷୟିକ ସମ୍ପନ୍ନତା ଥାଇ ମଧ୍ୟ ଏଭଳି କାହିଁକି ଘଟୁଛି ? ଜୀବନର କୌଣସି ମହତ୍ ବା ଅର୍ଥପୂର୍ଣ୍ଣ ଉଦ୍ଦେଶ୍ୟ ନ ଥିବାର ଅନୁଭବ କରି ଲୋକେ ହତାଶ ହୋଇ ଆତ୍ମହତ୍ୟା କରୁଛନ୍ତି ବୋଲି କେତେକ ସମାଜବିଜ୍ଞାନୀମାନଙ୍କର ମତ । ଅନ୍ୟମାନେ କହନ୍ତି ଯେ ଯେଉଁ ସଭ୍ୟ ଦେଶମାନେ ଦେଶରୁ ଦାରିଦ୍ର୍ୟ ଓ ଅଭାବ ଲୋପ କରିବାକୁ ସମର୍ଥ ହୋଇ ନାହାନ୍ତି ସେମାନେ ଏ କଥାଟାକୁ ବେଶୀ କରି ଉଖାଳୁଛନ୍ତି ଯେ ଜୀବନ ଅତି ସୁରକ୍ଷିତ ହେଲେ ସେଥିରୁ ସ୍ୱାଦ ଚାଲିଯାଏ । ବାସ୍ତବରେ ସ୍ୱିଡ଼େନ୍‌ରେ ଆତ୍ମହତ୍ୟା ଉଦ୍ୟମ ଏକ ଅପରାଧ ନ ହୋଇ ଥିବାରୁ ଓ ଖବର କାଗଜରେ ତାହାର ଖବର ବାହାରୁ ନ ଥିବାରୁ ଏଠି ଲୋକେ ଏଭଳି ଘଟଣା ଲୁଚାନ୍ତି ନାହିଁ ଓ ତେଣୁ ହିସାବରେ ଏହାର ହାରଟା ବେଶୀ ଦେଖାଯାଏ । ପ୍ରସଙ୍ଗ କ୍ରମେ ଏଇ ଜୀବନର ଲକ୍ଷ୍ୟ କଥା ନେଇ ଆଲବର୍ଟଙ୍କ ସହ ଆଲୋଚନା ହେଲା । ଏ ଦେଶର ଲୋକେ ଏବେ ପ୍ରଚୁର ଅବସର ଉପଭୋଗ କରୁଛନ୍ତି ଓ ତାହାର ସଦୁପଯୋଗ ନିମନ୍ତେ ସେମାନଙ୍କର ସାଂସ୍କୃତିକ ଉତ୍କର୍ଷ ହେବା ଆବଶ୍ୟକ; ସାହିତ୍ୟ, କଳା, ବିଜ୍ଞାନ, ଦର୍ଶନ

ଆଦି ବିବିଧ ବିଷୟର ଚର୍ଚ୍ଚା ଓ ଜ୍ଞାନ ଆହରଣ କରିବା ପାଇଁ ଲୋକଙ୍କୁ ପ୍ରେରଣା ଦେବା ଆବଶ୍ୟକ ବୋଲି ଅନୁଭବ କରି କିଛିଦିନ ହେଲା ଗୋଟିଏ ଆନ୍ଦୋଳନ ଏ ଦେଶରେ ଆରମ୍ଭ ହୋଇଛି । ଲୋକଙ୍କୁ ଏ ଦିଗରେ ପ୍ରବୃତ୍ତ କରାଇବା ପାଇଁ ନାନାବିଧ ଆୟୋଜନ କରିବା ଏ ଆନ୍ଦୋଳନର ଉଦ୍ଦେଶ୍ୟ । ଆଲବର୍ଗ ଏଥିରେ ଜଣେ ପ୍ରଧାନ ପୁରୋଧା । ପ୍ରଚଳିତ ରାଜନୀତିର ଗତିବିଧି ସମ୍ବନ୍ଧରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଲା । ରାଜନୀତିକ ନେତାମାନେ ଖାଲି ଉପର ଠାଉରିଆ ଭାବରେ ଭାବନ୍ତି, କାମ କରନ୍ତି, ଜୀବନର ସମସ୍ୟାର ଗଭୀରକୁ ଯାଆନ୍ତି ନାହିଁ ବୋଲି ସେ ଅଭିଯୋଗ କଲେ ।

ଶ୍ରୀମତୀ ଆଲବର୍ଗ ଭାରତୀୟ ଦର୍ଶନ ଅଧ୍ୟୟନ କରିଛନ୍ତି ବୋଲି ଆଲୋଚନା ପ୍ରସଙ୍ଗରେ ଜଣାପଡ଼ିଲା । ଅଦ୍ୱୈତବାଦ ଓ ଭକ୍ତିତତ୍ତ୍ୱ ତାଙ୍କୁ ବିଶେଷ ଭାବରେ ଆକୃଷ୍ଟ କରିଛି । ଏ ବିଷୟରେ ତାଙ୍କ ସହିତ ଦୀର୍ଘ ଆଲୋଚନା ହେଲା । ଗୀତା ପ୍ରବଚନ ପଢ଼ିବାକୁ ସେ ବିଶେଷ ଆଗ୍ରହ ପ୍ରକାଶ କଲେ ।

ତା'ପର ଦିନ ହ୍ୱାଇଟ୍ ଓ ମୁଁ ଲଞ୍ଚରେ ଭାକ୍ସହୋଲମ୍ ବୋଲି ଗୋଟିଏ ଗାଁକୁ ଗଲୁ । ପ୍ରାୟ କୋଡ଼ିଏ ମାଇଲ ବାଟ, ମୋଟର ଲଞ୍ଚରେ ଘଣ୍ଟାଟିଏ ଲାଗିଲା । ଦ୍ୱୀପମାନଙ୍କର ମଝି ଦେଇ ହ୍ରଦଭଳି ସମୁଦ୍ର ଉପରେ ଯାତ୍ରା । ଦ୍ୱୀପ ଉପରେ ପାହାଡ଼, ବଣ, ଗାଁ, ସମୁଦ୍ରରେ ନାନା ଉଜ୍ଜ୍ୱଳ ରଙ୍ଗର ପାଲଟଣା ନୌକା ଖରା ତେଜରେ ଝଟକୁଛି । ଏସବୁ ନୌକା ଲୋକେ ପ୍ରମୋଦବିହାର ପାଇଁ ବ୍ୟବହାର କରନ୍ତି । ଉପରେ ମେଘମୁକ୍ତ ନୀଳ ଆକାଶ ତଳେ ଘନନୀଳ ସମୁଦ୍ର । ଘଣ୍ଟାଟା ଖୁବ୍ ଉପଭୋଗ୍ୟ ହେଲା ।

ଭାକ୍ସହୋଲମ୍ ତାଙ୍କ ଦେଶର ସାନ ଗାଁ ସତ ମାତ୍ର ଆମ ଦେଶର ଗାଁ ସହିତ ତା'ର କୌଣସି ସାଦୃଶ୍ୟ ନାହିଁ ଏହା କହିବା ବାହୁଲ୍ୟ ମାତ୍ର । ଚଉଡ଼ା ପକ୍କା ରାସ୍ତା, ଦୋତାଲା ତେତାଲା ଘର, ପଣ୍ୟ ସାମଗ୍ରୀରେ ପରିପୂର୍ଣ୍ଣ ଦୋକାନର କାଚ ଝରକା, ରେସ୍ତୋରାଁ ବା ହୋଟେଲ ବାହାରେ ରଙ୍ଗବେରଙ୍ଗ ଛତା ତଳେ ବସି ଗୁ ପିଉ ପିଉ ଗପ କରୁଥିବା ନରନାରୀଙ୍କ ଗହଳ, ଏସବୁ ଦେଖିଲେ ମନେ ହେବ ଏହା ବମ୍ବେର ଜୁହୁ ପାଖର ଏକ ଅଞ୍ଚଳ । ତେବେ ଗାଁ ଭିତରକୁ ଗଲେ ଗଛପତ୍ରର ପ୍ରାଚୁର୍ଯ୍ୟ ରହିଛି । ଘର ସବୁ ସହର ପରି ଲଗାଲଗି ନୁହେଁ । ପ୍ରାୟ ପ୍ରତି ଘର ଚାରିପଟେ ଖଣ୍ଡେ ବଗିଚା ରହିଛି । ଖରାଦିନ, ଅଜସ୍ର ଫୁଲଫୁଟି ଚାରିଆଡ଼ ଝଟକୁଛି । ଲୋକଙ୍କ ଘର ସବୁ ମଧ୍ୟ ନାଲି, ହଳଦିଆ, ନୀଳ, ସାବଜା ଆଦି ନାନା ରଙ୍ଗରେ ବର୍ଣ୍ଣାଢ଼୍ୟ । ଏଭଳି ରଙ୍ଗ ବେରଙ୍ଗର ଘର ଆମ ଦେଶରେ କେବଳ କେତେକ ଆଦିବାସୀ ଅଞ୍ଚଳରେ ହିଁ ଦେଖାଯାଇଥାଏ ।

ଏ ଗାଁର ଅନେକ ଲୋକ ଷ୍ଟକହଲମ ସହରର ଅଫିସ୍, କାରଖାନା ଆଦିରେ କାମ କରନ୍ତି । ଆଉ କିଛି କରନ୍ତି ଲଞ୍ଚ, ଷ୍ଟୀମର ଆଦି ଚଳାଚଳ ବ୍ୟବସ୍ଥାରେ । ଚାଷଜମି ବିଶେଷ ନାହିଁ କି ସେ ଧନ୍ଦା ମଧ୍ୟ ବିଶେଷ କାହାରି ନାହିଁ । ଏଠାକୁ ବହୁତ ଭ୍ରମଣାର୍ଥୀ ଆସୁଥିବାରୁ ଦୋକାନ, ହୋଟେଲ୍ ଆଦି ମଧ୍ୟ କେତେକ ଲୋକଙ୍କ ପାଇଁ ଭଲ ରୋଜଗାରର ପନ୍ଥା ।

★ ★

# ଦଶ

## ସ୍ୱୀଡ଼େନର ହ୍ରଦ, ଉଦ୍ୟାନ ଓ ଶାନ୍ତିବାଦୀ

ଷ୍ଟକ୍‌ସହୋଲମ୍‌ରୁ ଫେରିବା ପରେ ସଂଧ୍ୟାରେ ଷ୍ଟକହଲମ୍‌ରେ ଗୋଟାଏ ସଭାରେ ଯୋଗ ଦେବାର ଥିଲା । ଆନ୍ତର୍ଜାତୀୟ ଯୁଦ୍ଧ ବିରୋଧୀ ସଙ୍ଘର ସ୍ୱୀଡ଼ିଶ୍ ଶାଖା ଓ "ଶାନ୍ତି ଓ ସ୍ୱାଧୀନତା ନିମନ୍ତେ ନାରୀମାନଙ୍କର ସଙ୍ଘ" ଏ ଦୁଇ ଅନୁଷ୍ଠାନ ମିଶି ଶେଷୋକ୍ତ ସଙ୍ଘର ଅଫିସ୍‌ରେ ସଭା ଡାକିଥିଲେ । ପ୍ରଥମୋକ୍ତ ସଙ୍ଘଟିର ପ୍ରଧାନ କେନ୍ଦ୍ର ଲଣ୍ଡନରେ । ଶ୍ରୀ ଦେବୀ-ପ୍ରସାଦ ନଅ ବର୍ଷ ହେଲା ଏହାର ପ୍ରଧାନ ସମ୍ପାଦକ ଅଛନ୍ତି । ଶେଷୋକ୍ତଟି ମଧ୍ୟ ଗୋଟିଏ ଆନ୍ତର୍ଜାତୀୟ ସଙ୍ଘ । ଏହା କେବଳ ମହିଳାମାନଙ୍କ ପାଇଁ । ତା'ର ମୁଖ୍ୟକେନ୍ଦ୍ର ଷ୍ଟକ୍‌ହଲମ୍‌ରେ । ହ୍ୱାଇଟ୍ ମତେ ପୂର୍ବରୁ ବାରଂବାର ଚେତେଇ ଦେଉଥିଲେ ଯେ ଏବେ ଖରାଛୁଟି ସମୟ ଓ ତା' ଉପରେ ଆଜିକାର ପାଗ ଅପ୍ରତ୍ୟାଶିତ ଭାବରେ ନିର୍ମଳ । ଏ ଭଳି ଏକ ସୁନ୍ଦର ସନ୍ଧ୍ୟାରେ ବହୁତ କମ୍ ଲୋକ ଘର ଭିତରେ ବସି ବକ୍ତୃତା ଶୁଣିବାକୁ ଇଚ୍ଛା କରିବେ । ଛଅ ଜଣରୁ ବେଶୀ ଶ୍ରୋତା ଆଶା କରିବାର ନୁହେଁ । କିନ୍ତୁ ଶେଷ ପର୍ଯ୍ୟନ୍ତ ଏହି ସଭାରେ ଏହାର ଦୁଇଗୁଣ ଲୋକ ଉପସ୍ଥିତ ହେଲେ ଓ ସଭା ବେଶ୍ ଜୋରସୋରରେ ଚାଲିଲା । ନାନା ବିଷୟ ନେଇ ଖୁବ୍ ପ୍ରଶ୍ନୋତ୍ତର ମଧ୍ୟ ହେଲା । ଶ୍ରୋତାମାନଙ୍କ ଭିତରେ ଅଧିକ ସଂଖ୍ୟକ ଗ୍ରୀଷ୍ଟିଆନ ଥିଲେ ଓ ଗାଂଧୀବିନୋବାଙ୍କର ଆଦର୍ଶ ଓ କାମ ବିଷୟରେ ସେମାନଙ୍କର ଜାଣିବାର ଆଗ୍ରହ ବେଶ୍ ଆନନ୍ଦଦାୟକ ଥିଲା ।

ତୃତୀୟ ଦିନ ଆମେ ଜୁର୍‌ଗାର୍ଡେନ ବୁଲିଗଲୁ । ଜଣେ ଗ୍ରୀଷ୍ଟବନ୍ଧୁ ତାଙ୍କର ଗାଡ଼ି ନେଇ ଆସିଥିଲେ । ଏ ଉଦ୍ୟାନକୁ ଛୁଟି ଦିନରେ ଅସଂଖ୍ୟ ଲୋକ ବୁଲି ଆସନ୍ତି । ଏହା ଭିତରେ ପିଲାଙ୍କର ଖେଳିବା ପାଇଁ ସବୁ ପ୍ରକାର ସୁବିଧା ଅଛି । ଗୋଟାଏ ଗ୍ରେଟ ରେଲ ଲାଇନ୍ ଓ ଗାଡ଼ି ମଧ୍ୟ ଅଛି । ପିଲାଏ ସେଥିରେ ବୋଝେଇ ହୋଇ ଖୁବ ଆନନ୍ଦ ଉପଭୋଗ କରୁଥାନ୍ତି । ପୁଣି ଥାଏ ଗୋଟାଏ ଅଗଭୀର ପକ୍‌କା ଗାଡ଼ିଆ । ଏଥିରେ ଆଣ୍ଠୁଏ ମାତ୍ର ପାଣି ଥାଏ । ସେଥିରେ ସାନ ସାନ ପିଲାମାନେ ମନ ଇଚ୍ଛା ଚବର ଚବର ହେଉଥାନ୍ତି । ଆମ ଦେଶର

ସହରିଆ ଲୋକଙ୍କର ଯେପରି କୁସଂସ୍କାର ଅଛି ଯେ ପାଣି ଦେହରେ ଲାଗିଲାମାତ୍ରେ ଥଣ୍ଡା ଧରି ସର୍ଦ୍ଦି କ ଆଉ କ କ ସାଂଘାତିକ ରୋଗ ଘୋଟିଯିବ ଏଠା ଥଣ୍ଡା ଦେଶ ହେଲେବି ଏଠି ସେପରି କୁସଂସ୍କାର ନ ଥିବାର ଜଣାଗଲା ।

ଏ ଉଦ୍ୟାନ ଭିତରେ ସ୍ୱିଡ଼େନ୍‌ର ପ୍ରାଚୀନ ସଂସ୍କୃତିର ନମୁନା ସ୍ୱରୂପ ବିଭିନ୍ନ ଅଞ୍ଚଳର ପଚାଶ ଶହେ ବର୍ଷ ପୂର୍ବର ଗାଁର ଘର ବାଡ଼ି ଆଣି ରଖାଯାଇଛି । ଆଜିକାଲି ଆମ ଦେଶର ଗାଁଗହଳରେ ଯେଉଁ ପ୍ରକାରର ଚାଳ ଘର ବା ଟାଇଲ, ଖପର ଘର ରହିଛି ଓ ଯେଉଁ ସ୍ତରର ଚଳଣ ରହିଛି ପଚାଶ ଶହେ ବର୍ଷ ତଳେ ସେ ଦେଶର ଗାଁଲୋକେ ବି ପ୍ରାୟ ସେହିଭଳି ଚଳୁଥିଲେ । ଗରିବ ଲୋକଙ୍କ ଚାଳିଆର ପଥରରେ ମାଟି ଲେପା ହୋଇଥିବା ବା କାଠଗଡ଼ରେ ଗଢ଼ା କାନ୍ଥ ଓ ଘାସ ଛାଉଣୀ ଚାଳ । ବଡ଼ଲୋକଙ୍କ ଘର ଆଉ ଟିକେ ଚକ୍‌କଣଚାକଣ । ହୁଏତ ବା ଦୋତାଲା । ଘର ଭିତରେ ସବୁ ଆସବାବ ପତ୍ର, କୃଷି ଉପକରଣ, ରୋଷେଇ ସରଞ୍ଜାମ, ଲୁଗାପଟା ଅବିକଳ ପୂର୍ବ କାଳ ପରି ସଜେଇ ରଖା ହୋଇଛି । ଏଥିରୁ ଦେଖାଯାଏ ଯେ ପୂର୍ବକାଳରେ ଦେଶର ବିଭିନ୍ନ ଅଞ୍ଚଳରେ ପୁରୁଷ ଓ ସ୍ତ୍ରୀମାନଙ୍କର ବିଭିନ୍ନ ପ୍ରକାରର ପୋଷାକ ଥିଲା ଏବଂ ସମାଜର ବିଭିନ୍ନ ଶ୍ରେଣୀର ପୋଷାକ ମଧ୍ୟ ଭିନ୍ନ ଥିଲା । ଚାଷୀମାନଙ୍କର ପ୍ରକାରେ, ସାଆନ୍ତମାନଙ୍କର ଆଉ ପ୍ରକାରେ । ଏବେ ତ ସାରା ୟୁରୋପର ନଉଦନଆ ପୋଷାକ ଏକା ପ୍ରକାରର ହୋଇ ଗଲାଣି । ସେଇ ପୁରୁଣା ଯୁଗର ସଠିକ ଆବହାଓ୍ୱା ସୃଷ୍ଟି କରିବା ପାଇଁ କେତେକ ସ୍ତ୍ରୀ ଲୋକ ସେଇ ପୁରୁଣା ପୋଷାକ ପିନ୍ଧି ଦର୍ଶକମାନଙ୍କୁ ସବୁ ଦେଖାଇବା ପାଇଁ ଗାଇଡ୍ କାମ ବା ଖାଇବା ଦୋକାନମାନଙ୍କରେ ପରିବେଷଣ କାମ କରୁଛନ୍ତି । ଗୋଟାଏ ଘରେ ଜଣେ ବୃଦ୍ଧା ବସି ଶହେ ବର୍ଷ ତଳର ଅରଟ ମଧ୍ୟ ଚଳାଉଛି । ଗୋଟିଏ ଚାଷୀର ଖମାର ଘର ମଧ୍ୟ ପୂରା ରଖା ହୋଇଛି । ସେଥିରେ ଗାଈ, ଘୁଷୁରି, କୁକୁଡ଼ା ମଧ୍ୟ ରହିଛନ୍ତି । ଦୁଇଜଣ ଲୋକ ଏମାନଙ୍କ ତତ୍ତ୍ୱାବଧାନ କରୁଥାନ୍ତି । ଚାଳଘର, ପଥର ଚଟାଣ, କାଠର କାନ୍ଥ । ଅଗଣା ଚାରିପଟେ ଖଞ୍ଜା ବୁଲିଛି । ପାଖେ ଗୁହାଳ ଓ ଘୁଷୁରି ଖୁଆଡ଼, ପାଖେ ଅମାର, ପାଖେ ରହିବା ଘର, ଆଉ ପାଖେ କୃଷି ଉପକରଣ ଆଦି ରଖିବା ଘର । ଗୋଟିଏ କାଠ ତିଆରି ପୁରୁଣା ଗୀର୍ଜା ମଧ୍ୟ ଉଠେଇ ଆଣି ଏଠି ରଖା ହୋଇଛି । ଏଭଳି କାଠ ତିଆରି ବଡ଼ ବଡ଼ ମନ୍ଦିର ଆମ ଦେଶରେ ହିମାଳୟ ଉପରେ ଉତ୍ତରାଖଣ୍ଡ ଆଡ଼େ ଦେଖାଯାଏ । ବର୍ମାରେ ବି କାଠର ପ୍ୟାଗୋଡା ଅଛି ।

ଏଠୁ ଫେରିବା ବେଳେ ମୋଟର ଲଞ୍ଚରେ ଦେଖିଲି ଯେ କେତେ ଜଣ ମହିଳା ସାନ ସାନ ଦେଢ଼ ଦୁଇ ବର୍ଷର ପିଲାଙ୍କୁ ସାଙ୍ଗରେ ଧରି ଯାଉଛନ୍ତି । ଏ ପିଲାଙ୍କ ଛାତି ଓ ପିଠିରେ ରବରର ବେଲୁନ ପରି ଗୋଟାଏ ଗୋଟାଏ ପବନରେ ଫୁଲିଥିବା ଥଳି ବନ୍ଧା ହୋଇଛି । ଯଦି ହଠାତ୍ ପାଣିରେ ପଡ଼ିଯାନ୍ତି ବା କୌଣସି ଦୁର୍ଘଟଣା ହୋଇ ଲଞ୍ଚ ବୁଡ଼ିଯାଏ ତେବେ ପିଲାଙ୍କୁ ଏହା ଭସେଇ ରଖିବ । ଏହାଛଡ଼ା ସେମାନଙ୍କ କାନ୍ଧରେ ଗୋଟାଏ ଲେଖା ବକଲେସ୍ ବନ୍ଧା ହୋଇ ସେଥିରେ ଚମଡ଼ାର ପଘା ଲାଗିଛି । ମା'ମାନେ ଏ ପଘା ଧରି ଚାଲିଛନ୍ତି । ପିଲା

ଆଉ ବେଶୀ ବାଟ ପଳେଇ ଯିବାର ବା ଏଣେତେଣେ ହଜିବାର ଆଶଙ୍କା ନାହିଁ । ଏହାଛଡା ପିଲାଙ୍କୁ ପିଠିରେ ବୋହିବା ପାଇଁ ମଧ୍ୟ ଆଧୁନିକ ବ୍ୟବସ୍ଥା ଦେଖିଲି । ଆମ ଦେଶର ଆଦିବାସୀ ମା'ମାନେ ପିଲାକୁ ଗୁଦୁରରେ ପୁରେଇ ପିଠିରେ ବାନ୍ଧି ନିଅନ୍ତି । ଏଠି ଏଲୁମିନିୟମ୍ ଫ୍ରେମ୍‌ରେ କ୍ୟାମ୍ବିସ୍‌ର ଚଉକି ଭଳି ଲଗା ହୋଇଛି, ସେଥିରେ ଲାଗିଥିବା ପଟି ମାଆ ବା ବାପର ଦୁଇ କାନ୍ଧରେ ରହିବ, ନ୍ୟାପ୍‌ସାକ ବା ପିଲାଙ୍କର ସ୍କୁଲ ବ୍ୟାଗ ପରି । × × ×

ପୂର୍ବରୁ ଶାନ୍ତିବାଦୀମାନଙ୍କର ବିଷୟ ଉଲ୍ଲେଖ କରିଛି । ସ୍ୱୀଡେନ୍, ନରୱେ ଓ ଡେନ୍‌ମାର୍କରେ ଯୁଦ୍ଧ ବିରୋଧର ପ୍ରଭାବ ଅନ୍ୟାନ୍ୟ ଦେଶ ଅପେକ୍ଷା ଅଧିକ ବୋଲି ମନେହେଲା । ଏ ସବୁ ଦେଶରେ ଯୁବକମାନଙ୍କ ପାଇଁ ଏକ ବର୍ଷିଆ ବାଧ୍ୟତାମୂଳକ ସାମରିକ ଶିକ୍ଷାର ବ୍ୟବସ୍ଥା ଅଛି । ମାତ୍ର ପ୍ରତିବର୍ଷ ବହୁ ସଂଖ୍ୟକ ଯୁବକ, ଏଭଳି ତାଲିମ ନେବାକୁ ନୀତି ଓ ବିବେକ ଦୃଷ୍ଟିରୁ ଅସ୍ୱୀକାର କରୁଛନ୍ତି । ନରୱେରେ ପୂର୍ବ ବର୍ଷରେ ଏମାନଙ୍କ ସଂଖ୍ୟା ପ୍ରାୟ ଅଠଶହ ଥିଲା ବୋଲି ହିସାବ ମିଳିଲା, ଓ ଏମାନଙ୍କ ସଂଖ୍ୟା ପ୍ରତିବର୍ଷ ବଢିଚାଲିଛି । ଏମାନଙ୍କ ପାଇଁ ବିକଳ୍ପ ଅସାମରିକ ସେବାର ବ୍ୟବସ୍ଥା କେତେକ ଦେଶରେ ଥିବା କଥା ମଧ୍ୟ ପୂର୍ବରୁ କହିଛି । ମୁଁ ଷ୍ଟକହୋଲମ୍‌ରୁ ଯାଇ ଯେଉଁ ଦିନ ଓସ୍‌ଲୋ ପହଞ୍ଚିଲି ତା'ର ପୂର୍ବଦିନ ନରଓ୍ୱେର ପାର୍ଲାମେଣ୍ଟରେ ଏକ ଆଇନ ଗୃହୀତ ହୋଇଥାଏ ଯେ ଯେଉଁମାନେ ଅହିଂସାରେ ବିଶ୍ୱାସ ଦୃଷ୍ଟିରୁ ସାମରିକ ଶିକ୍ଷା ନେଉ ନାହାନ୍ତି ସେମାନଙ୍କୁ ଅହିଂସାରେ ତାଲିମ ଦେବା ପାଇଁ ଏକ ବିଦ୍ୟାଳୟ ସରକାର ପକ୍ଷରୁ ଖୋଲାଯାଉ । ମୁଁ ସେଠା ଶାନ୍ତିସଂଘ ଅଫିସ୍‌କୁ ଯିବା ବେଳକୁ ସେଠି ଏ ବିଷୟରେ କି'ଭଳି କ'ଣ କରାଯିବ ତାହାର ଏକ ଆଲୋଚନା ଶାନ୍ତିବାଦୀ ଯୁବକମାନଙ୍କର ପ୍ରତିନିଧି ଓ ନରୱେ ସରକାରଙ୍କର ଆଇନମନ୍ତ୍ରଣାଳୟର ସେକ୍ରେଟାରୀଙ୍କ ଭିତରେ ଚାଲିଥାଏ । ନରୱେ ଓ ସ୍ୱୀଡେ଼ନ୍ ବୋଧହୁଏ ପୃଥିବୀର ପ୍ରଥମ ଦେଶ, ଯାହାର ସରକାର ସେମାନଙ୍କର ଦେଶରକ୍ଷା ବିଭାଗ ପକ୍ଷରୁ ଏ ବିଷୟରେ ଗବେଷଣା ଓ ଅନୁସନ୍ଧାନ ଚଳାଉଛନ୍ତି ଯେ ବିନା ଅସ୍ତ୍ରରେ ବେସାମରିକ ଦେଶରକ୍ଷା କରିବାର କି କି ଉପାୟ ଅଛି ଓ ତାହା କେତେଦୂର ସମ୍ଭବ । ଏସବୁ ଦେଶ ଖୁବ୍ ଶ୍ରେଷ୍ଠ ଓ ଏମାନେ କେତେ ଶହ ବର୍ଷ ହେଲା ଯୁଦ୍ଧବିଗ୍ରହରେ ପଶି ନାହାନ୍ତି । ଅବଶ୍ୟ ନରୱେ ଓ ଡେନ୍‌ମାର୍କକୁ ଦ୍ୱିତୀୟ ମହାଯୁଦ୍ଧବେଳେ ଜର୍ମାନୀର ନାତ୍ସୀ-ବାହିନୀ ଅଧିକାର କରିଥିଲେ । ସେମାନଙ୍କର ବିଧିବଦ୍ଧ ସୈନ୍ୟସାମନ୍ତ ଅଛନ୍ତି ଓ ନରୱେ ନାଟୋ ମେଣ୍ଟର ମଧ୍ୟ ଏକ ସଦସ୍ୟ । ତଥାପି ଅନ୍ୟ ଦେଶ ଅପେକ୍ଷା ବୋଧହୁଏ ଏସବୁ ଦେଶର ଲୋକ ଅଧିକ ଅନୁଭବ କରୁଛନ୍ତି ଯେ ଏ ପାଖରେ ରୁଷ୍ ଓ ସେ ପାଖରେ ଆମେରିକାର ବିପୁଳ ଆଣବିକ ସମରସଜ୍ଜା ମଝିରେ ରହି ଅସ୍ତ୍ରଶସ୍ତ୍ର ବଳରେ ଦେଶ ରକ୍ଷା କରିବା ଚେଷ୍ଟା ବ୍ୟର୍ଥ ପ୍ରଚେଷ୍ଟା ମାତ୍ର ହେବ ।

ଷ୍ଟକହୋଲମ୍ ଓ ଓସ୍‌ଲୋ ଉଭୟ ସ୍ଥାନରେ ଗୋଟିଏ ଲେଖାଁ ଆନ୍ତର୍ଜାତୀୟ ଶାନ୍ତି ଗବେଷଣା ସଂସ୍ଥାନ ରହିଛି । ଏ ସଂସ୍ଥାନକୁ ମଧ୍ୟ ସେହି ସେହି ଦେଶର ସରକାର ଅର୍ଥ

ସାହାଯ୍ୟ ଦିଅନ୍ତି । ଷ୍ଟକହୋଲମ୍‌ର ସଂସ୍ଥାନଟିର ଅଧ୍ୟକ୍ଷ ବିଖ୍ୟାତ ଅର୍ଥନୀତିବିଦ୍ ଗୁନ୍ନାର୍ ମୀରଡ଼ାଲ୍ ଓ ତା'ର ପ୍ରଧାନ ପରିଚାଳକ ଜଣେ ଇଂରେଜ ସମାଜ ବିଜ୍ଞାନୀ ଶ୍ରୀ ନୀଲ୍‌ଡ୍ । ଏହାଙ୍କ ସହିତ ଆଳାପ ହେଲା । ଏ ସଂସ୍ଥାନରେ ଚାଲିଥିବା ବିବିଧ ଗବେଷଣା ବିଷୟରେ ସେ ଧାରଣା ଦେଇଥିଲେ । ନିକଟରେ ସେମାନେ ଗୋଟିଏ କାମ ପୂରା କରିଛନ୍ତି, ତାହାହେଲା ଆନ୍ତର୍ଜାତୀୟ ନିରସ୍ତ୍ରୀକରଣ ପାଇଁ ଏପର୍ଯ୍ୟନ୍ତ ଯେତେ ଯେତେ ଉଦ୍ୟମ ହୋଇଛି ତା'ର ଏକ ପୁଙ୍ଖାନୁପୁଙ୍ଖ ବିବରଣ । ଏସବୁ ନିରସ୍ତ୍ରୀକରଣ ଉଦ୍ୟମ କି କି କାରଣରୁ ବିଫଳ ହେଲ ଓ କି କି କାରଣ ଏଭଳି ଉଦ୍ୟମକୁ ସଫଳ କରିବା ଦିଗରେ ସାହାଯ୍ୟ କରିବ ତାହା ଏ ପୁଙ୍ଖାନୁପୁଙ୍ଖ ବିବରଣର ବିଶ୍ଳେଷଣ ଓ ପର୍ଯ୍ୟାଲୋଚନା ଦ୍ୱାରା ଜାଣିବା ସମ୍ଭବ ହେବ ।

ଶାନ୍ତି ଗବେଷଣା ବିଶ୍ୱଶାନ୍ତି ଦିଗରେ ଅଧୁନାତମ ଉଦ୍ୟମ । ଏ ପର୍ଯ୍ୟନ୍ତ ଶାନ୍ତି ଓ ଅହିଂସାର ପୋଷକତା ଅଧିକାଂଶତଃ ନୀତି ଓ ଆଦର୍ଶ ଦୃଷ୍ଟିରୁ କରାଯାଇଛି । ଶାନ୍ତି ଭଲ, ଅହିଂସା ଭଲ, ଏ କଥା ଠିକ୍ । ମାତ୍ର ତାହା କାର୍ଯ୍ୟତଃ ନ ହେଉଛି କାହିଁକି ? ସ୍ୱାସ୍ଥ୍ୟ ଭଲ, ମାତ୍ର ଯେଉଁଠି ରୋଗ ରହିଛି ସେଠି ତା'ର କାରଣଟା ଜାଣିଲେ ଓ ପୁଣି ସେ କାରଣଟାକୁ ଦୂର କରିବାର ଉପାୟ ଜାଣିଲେ ଯାଇ ସ୍ୱାସ୍ଥ୍ୟ ଫେରାଇ ଆଣିହେବ । ହିଂସା ଓ ଯୁଦ୍ଧ ସମାଜ ଦେହରେ ରୋଗ ଭଳି । ଏ ଦୁଇର ନିରାକରଣ ପାଇଁ ସମସ୍ତ ଦିଗରୁ ଏ ସବୁର ପୁଙ୍ଖାନୁପୁଙ୍ଖ ବୈଜ୍ଞାନିକ ବିଶ୍ଳେଷଣ ଲୋଡ଼ା । ଶାନ୍ତି ଗବେଷଣା ସଂସ୍ଥାନମାନଙ୍କରେ ମନୋବିଜ୍ଞାନ, ସମାଜ-ବିଜ୍ଞାନ, ରାଜନୀତି-ବିଜ୍ଞାନ, ଅର୍ଥନୀତି, ଶିକ୍ଷାତତ୍ତ୍ୱ ଆଦି ବିବିଧ ଦିଗରୁ ଯୁଦ୍ଧ ଓ ଶାନ୍ତି ସହିତ ସଂବନ୍ଧିତ ସମସ୍ୟାମାନଙ୍କର ଗବେଷଣା କରାଯାଉଛି ।

ଉଦାହରଣ ସ୍ୱରୂପ ଆମେରିକା, ରୁଷ୍ ପ୍ରଭୃତି ଅଧିକାଂଶ ଆଧୁନିକ ବୃହତ୍ ରାଷ୍ଟ୍ର-ମାନଙ୍କର ଅର୍ଥନୀତିରେ ଯୁଦ୍ଧ ସାମଗ୍ରୀ ଉତ୍ପାଦନ ଗୋଟାଏ ଖୁବ୍ ବଡ଼ ସ୍ଥାନ ରଖିଥାଏ । ପୁଣି ଯୁଦ୍ଧ ଲାଗିଲେ ଏହାର ଗୁରୁତ୍ୱ ଆହୁରି ବଢ଼ିଯାଏ । ଭିଏତ୍‌ନାମ ଯୁଦ୍ଧରେ ଯେ ହଜାର ହଜାର କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର ପ୍ରତିବର୍ଷ ଖର୍ଚ୍ଚ ହେଉଛି ତାହା ଆମେରିକାର ଶିଳ୍ପ ବାଣିଜ୍ୟକୁ ଖୁବ ସରଗରମ କରୁଛି । ଏ ସବୁ ତିଆରି କରି ବଡ଼ ବଡ଼ ଶିଳ୍ପ ଅନୁଷ୍ଠାନମାନେ ଶହ ଶହ କୋଟି ଟଙ୍କା ଲାଭ ପାଉଛନ୍ତି । ଲକ୍ଷ ଲକ୍ଷ ଶ୍ରମିକ, ଇଂଜିନିୟର, କିରାଣୀ, ମେନେଜର ଏହା ଦ୍ୱାରା ପୋଷି ହେଉଛନ୍ତି । ଯୁଦ୍ଧ ବନ୍ଦ ହୋଇଗଲେ ଏସବୁ ବି ବନ୍ଦ ହୋଇଯିବ ଓ ଆମେରିକାର ସମସ୍ତ ଅର୍ଥନୀତି ଭୁସୁଡ଼ିବା ଅବସ୍ଥାରେ ପହଞ୍ଚିବ । ତେଣୁ ଯୁଦ୍ଧ ଚାଲୁ ରଖିବା ସପକ୍ଷରେ ବହୁ ଲକ୍ଷ ଲୋକଙ୍କର ସ୍ୱାର୍ଥ ରହିଛି । ଯୁଦ୍ଧ ନଚାଲିଥିବା ବେଳେ ମଧ୍ୟ କମ ଲୋକ ଯୁଦ୍ଧ ସାମଗ୍ରୀ ତିଆରିରେ ଲାଗି ନାହାନ୍ତି । ନିରସ୍ତ୍ରୀକରଣ ହେଲେ ଏ ସବୁ ବନ୍ଦ ହୋଇଯିବ । ତେଣୁ ଏହା ଗୋଟାଏ ଗବେଷଣାର ବିଷୟ ଯେ ନିରସ୍ତ୍ରୀକରଣ ହେଲେ ଏ ସବୁ କାରଖାନା ଓ ଲୋକଙ୍କୁ କି ପ୍ରକାର ଅନ୍ୟ କମାରେ ଲଗେଇ ହେବ ।

ଗୋଟିଏ ଦେଶର ଲୋକଙ୍କ ବିଷୟରେ ଅନ୍ୟ ଦେଶର ଲୋକଙ୍କର କେତେଗୁଡ଼ାଏ ଧରାବନ୍ଧା ଧାରଣା ଥିବାର ଦେଖାଯାଏ । ଏ ଧାରଣାର କେତେଟା ସତ୍ୟ ମାତ୍ର ଅଧିକାଂଶ

କାଳ୍ପନିକ । ଏଭଳି ଭ୍ରାନ୍ତଧାରଣାର ବଶବର୍ତ୍ତୀ ହୋଇ ଏକ ଦେଶର ଲୋକ ଅନ୍ୟ ଦେଶର ଲୋକଙ୍କୁ ସନ୍ଦେହ, ଅବିଶ୍ୱାସ ଓ ବିଦ୍ୱେଷର ଦୃଷ୍ଟିରେ ଦେଖିଥାନ୍ତି ଓ ଏହାକୁ ହିଁ ଆଶ୍ରୟ କରି ପରସ୍ପର ବିରୋଧରେ ଯୁଦ୍ଧ ଆୟୋଜନ ଅନେକ ସମୟରେ ଚାଲେ । ଏସବୁ ଧାରଣାର ରୂପରେଖ କ'ଣ, ଏହା କିପରି ସୃଷ୍ଟି ହେଲା ତାହା ସଠିକ ଭାବରେ ଜାଣିଲେ ଦେଶ ଦେଶର ଲୋକଙ୍କ ଭିତରେ ସଦ୍ଭାବ ଫେରାଇ ଆଣିବା ସହଜ ହେବ ।

ଏ କେବଳ ଦୁଇଟି ଅତି ସାଧାରଣ ଉଦାହରଣ ହେଲା । ଏହିପରି ଅସଂଖ୍ୟ ବିଷୟରେ ଅନୁସନ୍ଧାନ ଓ ଗବେଷଣାର ପ୍ରୟୋଜନ ରହିଛି । ଦୁଇବର୍ଷ ତଳେ ଚେକୋସ୍ଲୋଭାକିଆ ଉପରେ ରୁଷ ଆଦି ପଞ୍ଚଶକ୍ତିର ମିଳିତ ଆକ୍ରମଣ ହେବା ବେଳେ ସେଠାର ଜନତା ଯେଉଁ ଧରଣର ଅହିଂସ ପ୍ରତିରୋଧ ଅନେକ ଦିନ ପର୍ଯ୍ୟନ୍ତ ଚଳାଇଥିଲେ ତାହାର ମଧ୍ୟ ଅଧ୍ୟୟନ ଓସଲୋର ଶାନ୍ତି ଗବେଷଣା ସଂସ୍ଥାନ ପକ୍ଷରୁ କରାଯାଉଛି । ସେଥିପାଇଁ ସେ ସଂସ୍ଥାର ପରିଚାଳକ ଯୋହାନ୍ ଗାଲ୍‌ଟୁଂଗ ସ୍ୱୟଂ ଯାଇ ସେଠି ପହଞ୍ଚି ଯାଇଥିଲେ ।

ଶ୍ରୀ ଗାଲ୍‌ଟୁଂଗ୍ ଯୁବକ, ଚାଳିଶ ଏପାଖ ହେବେ, ତୀକ୍ଷ୍ଣଧୀ ବିଦ୍ୱାନ ଓ କରିତ୍କର୍ମା ଲୋକ । ସମାଜବିଜ୍ଞାନ, ରାଜନୀତିବିଜ୍ଞାନ ଆଦିରେ ତାଙ୍କର ତ ଖୁବ୍ ଗଭୀର ଓ ବ୍ୟାପକ ଦଖଲ ରହିଛି, ତାହା ଛଡ଼ା ସେ ୟୁରୋପର ସାତ ଆଠଟି ପ୍ରଧାନ ପ୍ରଧାନ ଭାଷା ଖୁବ୍ ଭଲ ଭାବରେ ଆୟତ୍ତ କରିଛନ୍ତି । ସେ ଭାରତକୁ ପୂର୍ବରୁ ତିନିଚାରି ଥର ଆସିଛନ୍ତି ଓ ସେହି ସୂତ୍ରରେ ତାଙ୍କ ସହିତ ପରିଚୟ ହୋଇଥିଲା । ଦୁନିଆ ଘୂରି ବୁଲିବା ତାଙ୍କର ଅଭ୍ୟାସ ଓ ବିଭିନ୍ନ ଦେଶର ପରିସ୍ଥିତି ଓ ଆନ୍ଦୋଳନ ଆଦିର ଗତିବିଧି ଅଧ୍ୟୟନ କରିବାକୁ ସେ କେତେବେଳେ କ୍ୟୁବା ତ କେତେବେଳେ ଆଲ୍‌ଜେରିୟା, କେତେବେଳେ ଭାରତ ତ କେତେବେଳେ ଜାପାନ ଚକ୍କର କାଟୁଥାନ୍ତି । ଓସଲୋରେ ମୋର ରହଣୀ ଏହି ଶାନ୍ତି ଗବେଷଣା କେନ୍ଦ୍ରରେ ହୋଇଥିଲା । ମୁଁ ଯାଇ ସେଠି ପହଞ୍ଚିବା ବେଳକୁ ଗାଲ୍‌ଟୁଂଗ୍ ତାଙ୍କର ଜାପାନୀ ସ୍ତ୍ରୀଙ୍କ ସହିତ ସ୍ପେନ୍ ଗସ୍ତରେ ବାହାରିବା ପାଇଁ ସଜ ହେଉଛନ୍ତି । ସିଧା ଗୋଟାଏ ମଟରଗାଡ଼ିରେ ଯିବେ । ସେଥିପାଇଁ ସେଥିରେ ସବୁ ପ୍ରକାରର ପ୍ରୟୋଜନୀୟ ଜିନିଷ ଖୁନ୍ଦା ହେଉଛି । ମୁଁ ପହଞ୍ଚିବାର ଘଣ୍ଟାଏ ଭିତରେ ସେ ରୱାନା ହୋଇଗଲେ ।

ଷ୍ଟକହୋଲମରେ ପହଞ୍ଚି ସେଠି ଆମର ରାଷ୍ଟ୍ରଦୂତ ଶ୍ରୀ ମାନଙ୍କ ସହିତ ସାକ୍ଷାତ କରିଥିଲି । ଅତି ଅମାୟିକ ଭଦ୍ରଲୋକ, ଅନେକ ବିଷୟରେ ଆଲାପ ହେଲା । ମୋ ପାଇଁ ସେ ଗୋଟିଏ ସଭାର ଆୟୋଜନ ଦୂତାବାସର ସାଂସ୍କୃତିକ ବିଭାଗ ପକ୍ଷରୁ କରିବା ପାଇଁ ଇଚ୍ଛୁକ ଥିଲେ । ଭାରତ ଛାଡ଼ିବା ପୂର୍ବରୁ ଏ ସମସ୍ତ ଦେଶରେ ଥିବା ଆମର ଦୂତାବାସମାନଙ୍କୁ ମୋର କାର୍ଯ୍ୟକ୍ରମ ବିଷୟରେ ଲେଖାଯାଇଥିଲା । ପ୍ରାୟ ସମସ୍ତେ ମୋର କାର୍ଯ୍ୟକ୍ରମ ବିଷୟରେ ତତ୍ତ୍ୱ ନେଇଥିଲେ ଓ କୋପେନ୍‌ହେଗେନ୍‌ର ଦୂତାବାସ କେତୋଟି କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରିଥିଲେ । ଷ୍ଟକହୋଲମରେ ମୋର ଯେ ଆଦ୍ୟ ଯଜମାନ, ଶ୍ରୀ ଓ୍ୱାଲ୍‌ଷ୍ଟ୍ରୋମ୍, ମୁଁ ଯାଇ ସାମରିକ ତାଲିମ

ସ୍ଥିଉଣୀରେ ବନ୍ଦୀ' ହେବାରୁ ଏଠା ଦୂତାବାସ ତାଙ୍କ ସହ ଯୋଗାଯୋଗ କରି ନ ପାରି କୌଣସି ସଭାର ଆୟୋଜନ କରିପାରିଲେ ନାହିଁ ।

ରାଷ୍ଟ୍ରଦୂତ ମହାଶୟ ସ୍ୱୀଡେନ୍‌ର ପ୍ରାକୃତିକ ଦୃଶ୍ୟସମ୍ପଦ ଓ ଆର୍ଥିକ ପ୍ରଗତିର ପ୍ରଶଂସା କରି କହିଲେ ଯେ ଥରେ ସେଠି ତାଙ୍କୁ ଗୋଟିଏ ସଭାରେ ଭାଷଣ ଦେବାକୁ ହୋଇଥିଲା । ସ୍ୱୀଡ଼ୀଶ୍ ଭାଷାରେ ସ୍ୱୀଡେନ୍‌ର ନାମ SVERIGE, (ଉଚ୍ଚାରଣ ସ୍ୱେରିୟେ), ଏହାକୁ ସ୍ୱେର୍ଗେ ପଢ଼ାଯାଇପାରେ । ଶ୍ରୀମାନ ବକ୍ତୃତାରେ କହିଲେ ଯେ ଭାରତରେ ଦେବଲୋକକୁ ସ୍ୱର୍ଗ କୁହାଯାଏ ଓ ଏ ଦେଶ ସ୍ୱେର୍ଗେ ଅର୍ଥାତ୍ ଭାରତୀୟ ଅର୍ଥରେ ଦେବଲୋକ ! ମୁଁ କହିଲି ନରଓ୍ୱେର ନାମ ତ ତାଙ୍କ ଭାଷାରେ NORGE ନୋରଗେ ମଧ୍ୟ । ସ୍ୱେର୍ଗେ ଯଦି ସ୍ୱର୍ଗ ତେବେ ନୋର୍‌ଗେ ହେବ ନରକ ! ସ୍ୱର୍ଗ ଓ ନରକ ଦୁଇଟିଯାକ ପାଖାପାଖି ।

★ ★

# ଏଗାର

## ଭାଇକିଂଗ୍ ଭୂଇଁରେ ଶାନ୍ତି ଉଦ୍ୟମ

ନରଓ୍ୱେର ଲୋକସଂଖ୍ୟା ମାତ୍ର ଚାଳିଶ ଲକ୍ଷ । ସ୍ୱିଡେନ୍ ପାହାଡ଼, ବଣ ଓ ହ୍ରଦରେ ପୂର୍ଣ୍ଣ । ଏଠାର ବିଶେଷତ୍ୱ ହେଲା ଫିୟୋର୍ଡ । ନରଓ୍ୱେର ମଝିଆମଝି ଗୋଟାଏ ପର୍ବତମାଳା ଉତ୍ତର ଦକ୍ଷିଣ ଦେଇ ରହିଛି ଓ ସେଥିରୁ ସରୁ ନାସି ବାହାରି ହାତ ଆଙ୍ଗୁଠିର ସିରା ପରି ସମୁଦ୍ରରେ ପଶିଛି । ଦୁଇ ଆଙ୍ଗୁଠି ବା ନାସି ମଝିରେ ଯେଉଁ ସମୁଦ୍ର, ସେଇ ହେଲା ଫିୟୋର୍ଡ଼ । ପାହାଡ଼ ଘେରି ରହିଥିବା ଏହି ଫିୟୋର୍ଡ଼ମାନଙ୍କର ଦୃଶ୍ୟ ଅତି ସୁନ୍ଦର । ବନ୍ଦର ପାଇଁ ମଧ୍ୟ ଏସବୁ ସ୍ଥାନ ଖୁବ୍ ଅନୁକୂଳ । ଓସ୍‌ଲୋ ସହର ମଧ୍ୟ ଏହିଭଳି ଏକ ବଡ଼ ଫିୟୋର୍ଡ଼ରେ ଅବସ୍ଥିତ । ବେଶୀ ବଡ଼ ନୁହେଁ । ଉଡ଼ାଜାହାଜରୁ ଅତି ମନୋରମ ଦେଖାଗଲା । ସହରର ଗୋଟାଏ ପାଖରେ ସମୁଦ୍ର, ଅନ୍ୟ ତିନି ପାଖରେ ପାହାଡ଼ ଓ ବଣ । ସହର ଭିତରେ ମଧ୍ୟ ଅନେକ ବଡ଼ ବଡ଼ ଉଦ୍ୟାନ ।

ଏଠାରେ କୌଣସି ସଭା ବା ବୈଠକର ପୂର୍ବରୁ ଆୟୋଜନ ହୋଇ ନ ଥିଲା । ଏଠା ଶାନ୍ତିସଂଘ ଅଫିସରେ କେତେ ଜଣ ଶାନ୍ତିବାଦୀ ଯୁବକ ଯୁବତୀଙ୍କ ସହିତ ଶାନ୍ତି ଆନ୍ଦୋଳନ ସମ୍ବନ୍ଧରେ ଦୀର୍ଘ ଆଲୋଚନା ହୋଇଥିଲା । ସରକାର ପକ୍ଷରୁ ଖୋଲା ହେବାର ଥିବା ଅହିଂସା ବିଦ୍ୟାଳୟ ସମ୍ବନ୍ଧରେ ଆଲୋଚନା କରିବାପାଇଁ ଦେଶର ବିଭିନ୍ନ ଅଞ୍ଚଳରୁ ଯେଉଁ ଶାନ୍ତିବାଦୀ ଯୁବକମାନେ ଆସିଥିଲେ ସେମାନଙ୍କ ସହିତ ମଧ୍ୟ କଥାବାର୍ତ୍ତା ହେଲା । ଗାନ୍ଧୀଜୀଙ୍କର ସତ୍ୟାଗ୍ରହ ପନ୍ଥା ଓ ସର୍ବୋଦୟ ଆନ୍ଦୋଳନର ବର୍ତ୍ତମାନ ଗତିବିଧି ବିଷୟରେ ଜାଣିବାକୁ ସମସ୍ତେ ଉତ୍ସୁକ ଥିଲେ ।

ପୂର୍ବରୁ କହିଛି ଯେ ଏ ଦେଶରେ ପ୍ରତିବର୍ଷ ସାତଆଠ ଶହ ଯୁବକ ସାମରିକ ତାଲିମ ନେବାକୁ ମନା କରୁଛନ୍ତି । ଦେଶରେ ବିବିଧ ଶାନ୍ତିବାଦୀ ଅନୁଷ୍ଠାନ ରହିଛି, ଆନ୍ତରାଷ୍ଟ୍ରୀୟ ସଂଗଠନର ଶାଖାମାନ ମଧ୍ୟ । ଏ ସବୁର ମୋଟ ସଦସ୍ୟ ସଂଖ୍ୟା ବେଶ କେତେ ହଜାର ହେବ । ଏ ସଂସ୍ଥାମାନେ ନିଜ ଢଙ୍ଗରେ କାମ କରିଥାନ୍ତି, ଯୁଦ୍ଧ ବିରୋଧୀ ପ୍ରଚାର କରିଥାନ୍ତି । ଏବେ ସେ ସମସ୍ତଙ୍କ କାମରେ ସାମଞ୍ଜସ୍ୟ ଆଣିବାର ଉଦ୍ୟମ ଆରମ୍ଭ ହୋଇଛି ।

ଏଠାର ଶାନ୍ତି କାର୍ଯ୍ୟାଳୟକୁ ଗଲି । ଘର ତାଲା ଉପରେ ତିନି ବଖରା ଘର । ପ୍ରଚାରପତ୍ର, ପୋଷ୍ଟର ଆଦି ଇତସ୍ତତଃ ଗଦା ହୋଇଛି । ବହୁଲୋକଙ୍କର ବ୍ୟାଗ, ବିଛଣା, ବୋଝକୁ ବୋଝଚ ମଧ୍ୟ । ଆମ ଦେଶର ଭୂଦାନ ଅଫିସ ପରି ଅବସ୍ଥା । ସଙ୍ଗେ ସୀମିତ ଲୋକ ତ । ଯାହାହେଉ ଏହା ଫଳରେ ତୁରନ୍ତ ଆତ୍ମୀୟତା ଅନୁଭବ କଲି ।

ଶାନ୍ତି ଆନ୍ଦୋଳନରେ କ୍ରିୟାଶୀଳ ଦୁଇଜଣ ଛାତ୍ରଛାତ୍ରୀ ଓ ମୁଁ ଯାଇ ସେଠାର ରାଜପ୍ରାସାଦ ନିକଟରେ ଥିବା ଏକ ଉଦ୍ୟାନରେ ବସି ଆଲୋଚନା ଚଳାଇଲୁ । ଅନେକ କିଛି ଜାଣିବାକୁ ମିଳିଲା । ନରଓଏର ସରକାର ଯେ ଶାନ୍ତି ଗବେଷଣାକୁ ସାହାଯ୍ୟ କରୁଛି ତାହାକୁ ଏମାନେ ଗୁରୁତ୍ୱ ଦେଉ ନାହାନ୍ତି । ଲୋକ ଦେଖାଣିଆ କାମ ବୋଲି କହୁଛନ୍ତି । ତେବେ ଏଭଳି ଲୋକ ଦେଖାଣିଆ କାମ ଅନ୍ୟ ଦେଶ ତ କରୁନାହାନ୍ତି । ଏଠି ଲୋକମତ ଶାନ୍ତିପକ୍ଷରେ ବହୁତ ବେଶୀ ବୋଲି ତ ସରକାରକୁ ଲୋକ ଦେଖାଣିଆ ଭାବରେ ହେଉ ପଛେ ଏହା କରିବାକୁ ପଡ଼ୁଛି ।

ଏଠାର ଯୁଦ୍ଧ ବିରୋଧୀ ସଙ୍ଘ ପକ୍ଷରୁ ଏବେ ଶିକ୍ଷାନୁଷ୍ଠାନମାନଙ୍କରେ ଶାନ୍ତିବାଦର ପ୍ରଚାର କରିବା ଓ ଛାତ୍ରଛାତ୍ରୀମାନଙ୍କର ଶାନ୍ତିବାଦୀ ଗୋଷ୍ଠୀ ଗଢ଼ିବାର ଏକ ବିଶେଷ ଉଦ୍ୟମ ଆରମ୍ଭ ହୋଇଛି । ଭିଏତ୍‌ନାମରେ ଆମେରିକାର ଆକ୍ରମଣର ବିରୋଧ ମଧ୍ୟ ଏଠି ସ୍ୱିଡେନ୍ ଭଳି ବେଶ ବ୍ୟାପକ । ଏହାଛଡ଼ା ଅନ୍ୟ ବିବିଧ ସମସ୍ୟା ନେଇ ମଧ୍ୟ ଏମାନେ ପ୍ରଚାର ଚଳାଇଥାନ୍ତି । ଅନୁନ୍ନତ ଦେଶମାନଙ୍କରେ ବୈପ୍ଳବିକ ଆନ୍ଦୋଳନ, ପରାଧୀନ ଦେଶମାନଙ୍କରେ ସ୍ୱାଧୀନତା ଆନ୍ଦୋଳନ ପ୍ରତି ସମର୍ଥନ ଏଠିର ଶାନ୍ତିବାଦୀମାନଙ୍କର ଏକ ବିଶେଷତ୍ୱ । ଏହା ଭିତରେ ଅନେକେ ମାର୍କସ, ମାଓ ବା ଫିଡେଲ୍ କାସ୍‌ଟ୍ରୋଙ୍କର ଚିନ୍ତାଧାରା ଦ୍ୱାରା ପ୍ରଭାବିତ ଓ ସେତେ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ଚାହୁଁଥିଲେ ମଧ୍ୟ ବିପ୍ଳବ ବା ସ୍ୱାଧୀନତା ସଂଗ୍ରାମରେ ହିଂସାର ପ୍ରୟୋଗର ସମର୍ଥନ କରନ୍ତି । ଶାନ୍ତିବାଦର କ୍ରମବିକାଶରେ ଏ ଏକ ନୂତନ ସୋପାନ । ଆଦ୍ୟରେ ଶାନ୍ତି ଆନ୍ଦୋଳନ କେବଳ ଯୁଦ୍ଧ ବିରୋଧ ହିଁ କରୁଥିଲା । ସମାଜରେ ଅନ୍ତର୍ନିହିତ ହିଂସା ଶୋଷଣ, ବିଷମତା, ସାମାଜିକ ଅନ୍ୟାୟ ବିଷୟରେ ଏହାର ବିଶେଷ କିଛି ସମ୍ପର୍କ ନ ଥିଲା । ଏବେ ଶାନ୍ତିବାଦୀମାନେ ଉପଲବ୍ଧି କରିବାକୁ ଆରମ୍ଭ କଲେଣି ଯେ ଦେଶ ଦେଶର ସମାଜ ଭିତରୁ ଶୋଷଣ, ଅନ୍ୟାୟ ଓ ବିଷମତାରୂପୀ ହିଂସା ଦୂର ନ ହେଲେ ଦେଶ ଦେଶ ଭିତରେ ସମ୍ପର୍କରୁ ତାହା କିପରି ଦୂର ହେବ ? ଯୁଦ୍ଧର ମୂଳ ତ ସମାଜ ଓ ଅର୍ଥନୀତି ଭିତରେ ରହିଛି ।

ଏଠାର ଶାନ୍ତି ଗବେଷଣା କେନ୍ଦ୍ରରେ ମଧ୍ୟ ଏହି ସମାଜର ଅନ୍ତର୍ନିହିତ ହିଂସା **'structural violence'** ନେଇ ଗବେଷଣା ଆରମ୍ଭ ହୋଇଛି । ଦକ୍ଷିଣ ଆମେରିକାର ବ୍ରାଜିଲ୍ ପ୍ରଭୃତି ଦେଶମାନଙ୍କରେ ଏହି ସମାଜଗତ ହିଂସାର ରୂପରେଖ ଅଧ୍ୟୟନ କରାଯାଉଛି ।

ଓସ୍‌ଲୋରେ ଜଣେ ପ୍ରବୀଣ ବୟୋବୃଦ୍ଧ ଶାନ୍ତିବାଦୀ ଶ୍ରୀ ଡିଡେରିକେ ଲୁଣ୍ଡ୍‌ଙ୍କ ସହ ସାକ୍ଷାତ ହେଲା । ଶ୍ରୀ ଲୁଣ୍ଡ୍ ମଧ୍ୟ ଦଶ ବର୍ଷ ତଳେ ଭାରତ ଆସିଥିଲେ । କେରଳରେ ଏକ

ଆଧୁନିକ ଧରଣର ମାଛଧରା ପ୍ରଣାଳୀର ପ୍ରବର୍ତ୍ତନରେ ନରୱେ ସରକାରଙ୍କ ପକ୍ଷରୁ ସାହାଯ୍ୟ ଦିଆ ଯାଇଥିଲା ଓ ସେହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସେ ଆସିଥିଲେ । ବୟସ ବୟାଅଶୀ, ସୌମ୍ୟ ଦର୍ଶନ, ଦୀର୍ଘକାୟ ବୃଦ୍ଧ, ମାତ୍ର ଏବେ ବି ଖୁବ୍ କର୍ମଠ ଅଛନ୍ତି । ସେହି ସପ୍ତାହକ ଭିତରେ ସେ ଆଲ୍‌ଜେରିଆ ଯିବା ପାଇଁ ପ୍ରସ୍ତୁତ ହେଉଥାନ୍ତି । ନରୱେର ଏକ ସେବା ସଂସ୍ଥା ପକ୍ଷରୁ ସେଠାରେ ଏକ ଗ୍ରାମଉନ୍ନୟନ ଯୋଜନାରେ ସାହାଯ୍ୟ କରାହେଉଥାଏ । ସ୍କୁଲ, ଡାକ୍ତରଖାନା ଆଦି ନିର୍ମାଣ କରିବା ପାଇଁ ବହୁ ଲକ୍ଷ ଟଙ୍କା ସାହାଯ୍ୟ ଦିଆ ହେଉଥାଏ । ସେହି ଯୋଜନାର ତତ୍ତ୍ୱାବଧାନ ପାଇଁ ସେ ଯାଉଥାନ୍ତି ।

ଶ୍ରୀ ଲୁଣ୍ଡ୍‌ଙ୍କର ଭାରତ ପ୍ରତି ଗଭୀର ପ୍ରୀତି ଓ ଅହିଂସାର ନୀତିରେ ତାଙ୍କର ବିଶ୍ୱାସ ଅଟଳ । ମଣିଷ ମଣିଷ ଭିତରେ ସଂପ୍ରୀତି ଓ ଦେଶ ଦେଶ ଭିତରେ ସଦ୍ଭାବ ଓ ଶାନ୍ତି ଅବଶ୍ୟ ଆସିବ, ଏହା ସେ ଅନ୍ତରର ଗଭୀରତମ ପ୍ରଦେଶରୁ ବିଶ୍ୱାସ କରନ୍ତି । ତାଙ୍କ ବସିବା ଘରେ ଟଙ୍ଗା ହୋଇଥିବା କଳାକୃତିମାନଙ୍କରୁ ଓ ସେ ଘରର ସରଳ ଅଥଚ କଳାପୂର୍ଣ୍ଣ ସାଜସଜ୍ଜାରୁ ଜଣାଯାଉଥିଲା ଯେ ସେ ଜଣେ କଳାପ୍ରେମୀ । ଭାରତରୁ ସଂଗ୍ରହ କରିଥିବା କେତେକ ଉଚ୍ଚକୋଟିର ଚିତ୍ର ସେ ଗୋଟିଏ ଘରେ ଟାଙ୍ଗି ରଖିଥାନ୍ତି । ମତେ ନେଇ ଅତି ଆଗ୍ରହ ସହକାରେ ଦେଖାଇଲେ ଓ କେଉଁଟି କେଉଁଠୁଁ ସଂଗ୍ରହ କରିଥିଲେ ତାହା ମଧ୍ୟ ଠିକେ ଠିକେ ବର୍ଣ୍ଣନା କଲେ ।

୧୯୪୧ରେ ଯେତେବେଳେ ଜର୍ମାନ ନାତ୍‌ସିବାହିନୀ ନରୱେ ଦଖଲ କରିଗଲେ ସେତେବେଳେ ସେ ଦେଶର ଜନତା ଏ ଆକ୍ରମଣକାରୀଙ୍କ ସହିତ ଶାନ୍ତିପୂର୍ଣ୍ଣ ଅସହଯୋଗ କରି ସେ ଦେଶର ଆତ୍ମାକୁ କଳୁଷିତ କରିବାର ହିଟ୍‌ଲରର ଉଦ୍ୟମକୁ ବହୁ ଦୂରଯାଏ ପ୍ରତିହତ କରି ପାରିଥିଲେ । ଇତିହାସର ଏ ଏକ ଅତୁଳନୀୟ ଘଟଣା, ମାତ୍ର ଦୁନିଆରେ ଲୋକେ ଏ ଗୌରବମୟ ପ୍ରତିରୋଧର କାହାଣୀ ଖୁବ କମ ଜାଣନ୍ତି । କାରଣ ଯୁଦ୍ଧର ହିଂସାତ୍ମକ ପ୍ରତିରୋଧ ଓ ଅସ୍ତ୍ରଧାରୀ ସୈନିକଙ୍କର ବୀରତ୍ୱର ଗାଥା ହିଁ ଅଧିକ ପ୍ରଚାର କରାଯାଏ । ଶ୍ରୀ ଲୁଣ୍ଡ୍ ଉପରୋକ୍ତ ପ୍ରତିରୋଧର ପ୍ରତ୍ୟକ୍ଷଦର୍ଶୀ । ଖଣ୍ଡେ ଛୋଟ ପୁସ୍ତିକାରେ ଏହାର କାହାଣୀ ମଧ୍ୟ ଲେଖିଛନ୍ତି ।

ସେ ସମୟରେ ଏ ଦେଶର ସମସ୍ତ ସାଧାରଣ ଅନୁଷ୍ଠାନ, ଶିକ୍ଷକ, ସରକାରୀ କର୍ମଚାରୀ, ଖ୍ରୀଷ୍ଟାନ ପାଦ୍ରୀ, ଶ୍ରମିକ, ଖେଳ କସରତ୍‌ବାଲା ପ୍ରଭୃତି ଆକ୍ରମଣକାରୀଙ୍କ ସହ ସହଯୋଗ କରିବାକୁ ଅସ୍ୱୀକାର କରିଥିଲେ । ସ୍କୁଲମାନଙ୍କରେ ଜର୍ମାନ ଜାତିର ପ୍ରଶସ୍ତି, ବର୍ଣ୍ଣବିଦ୍ୱେଷ ଓ ଇହୁଦୀ ବିଦ୍ୱେଷପୂର୍ଣ୍ଣ ବିକୃତ ଓ ମିଥ୍ୟା ଇତିହାସ ପଢ଼ିଯିବା ପାଇଁ ଓ ଛାତ୍ରମାନଙ୍କୁ ନାତ୍‌ସି ଗୋଷ୍ଠୀରେ ସଂଗଠିତ କରିବା ପାଇଁ ନିର୍ଦ୍ଦେଶ ଦିଆଗଲା । ଜର୍ମାନ ଭାଷା ବାଧ୍ୟତାମୂଳକ କରାଗଲା । ଶିକ୍ଷକମାନେ ଏ ନିର୍ଦ୍ଦେଶ ମାନିବାକୁ ଅସ୍ୱୀକାର କଲେ ଓ ସବୁ ବିଦ୍ୟାଳୟ ବନ୍ଦ କରିଦେଲେ । କେତେ ହଜାର ଶିକ୍ଷକଙ୍କୁ ବନ୍ଦୀ କରି ନରୱେର ଉତ୍ତରାଂଶରେ ଅତି ଶୀତଳ ଓ ଦୁର୍ଗମ ସ୍ଥାନକୁ ନିର୍ବାସିତ କରାଗଲା । ତଥାପି ସେମାନେ ବଶ ମାନିଲେ ନାହିଁ । ଶେଷକୁ ଏସବୁ ଆଦେଶରୁ କେତେକ ପ୍ରତ୍ୟାହୃତ ହେଲା ଓ କେତେକ ପରିବର୍ତ୍ତିତ ହେଲା ।

ଶ୍ରମିକ ସଂଘମାନଙ୍କୁ ମଧ୍ୟ ନାତ୍ସି ଏକଚ୍ଛତ୍ରବାଦ ଗ୍ରୁପରେ ପୁନର୍ଗଠିତ କରିବାକୁ ଆଦେଶ ଦିଆଯିବାରୁ ତାହା ବିରୋଧରେ ଶ୍ରମିକମାନେ ଧର୍ମଘଟ କଲେ । ପାଦ୍ରୀମାନଙ୍କର କେତେକ ସ୍ୱତନ୍ତ୍ର ଅଧିକାର କାଢ଼ିଦେଇ ସେମାନଙ୍କୁ ସରକାରୀ ତନ୍ତ୍ରର ଅଧୀନ କରିବା ଉଦ୍ୟମର ପ୍ରତିରୋଧ ପାଦ୍ରୀମାନେ ପ୍ରାୟ ସର୍ବସମ୍ମତଭାବରେ କଲେ । ଖେଳକସରତ ଅନୁଷ୍ଠାନମାନେ ନାତ୍ସି ଢାଞ୍ଚାରେ କାମ କରିବାକୁ ବାଧ୍ୟ ହେବା ଅପେକ୍ଷା ବରଂ ସମସ୍ତ କାର୍ଯ୍ୟକଳାପ ବନ୍ଦ କରିଦେବା ଶ୍ରେୟସ୍କର ମଣିଲେ । ନାତ୍ସି ଯୁଦ୍ଧ ଉଦ୍ୟମ ପାଇଁ ଶ୍ରମିକ ଲୋଡ଼ା ହେବାରୁ ଯେତେ ସହସ୍ର ଲୋକଙ୍କୁ ଏ କାର୍ଯ୍ୟରେ ଯୋଗ ଦେବାକୁ ଆଦେଶ ଦିଆହେଲା, ତା'ର ମାତ୍ର ଦଶଭାଗରୁ ଭାଗେ ସେଥିରେ ଯୋଗଦେଲେ । ଏହିଭଳି ପ୍ରତିରୋଧ ବର୍ଷାଧିକକାଳ ଧରି ଚାଲିଲା । ଏହାର ବର୍ଣ୍ଣନା ଶ୍ରୀ ଲୁଣ୍ଡ୍ ଖୁବ୍ ଗର୍ବର ସହିତ କରୁଥାନ୍ତି ।

ଯେତେବେଳେ ସୋଭିଏତ୍ ସୈନ୍ୟବାହିନୀ ନରୱେକୁ ନାତ୍ସି କବଳରୁ ମୁକ୍ତ କଲେ ସେତେବେଳେ ସେମାନଙ୍କ ସହିତ ଯୋଗସୂତ୍ର ରକ୍ଷା କରିବା ପାଇଁ ଶ୍ରୀ ଲୁଣ୍ଡ୍‌ଙ୍କୁ ଉତ୍ତର ନରୱେକୁ ପଠାଯାଇଥିଲା । ଆଲୋଚନା ପ୍ରସଙ୍ଗରେ ସୋଭିଏତ୍ ବାହିନୀର ସେତେବେଳର ଆଚରଣକୁ ସେ ଖୁବ୍ ପ୍ରଶଂସା କରିଥିଲେ । ସେମାନେ ସାଧାରଣ ଲୋକଙ୍କ ସହିତ ଖୁବ୍ ଭଦ୍ର ଓ ସହାନୁଭୂତିପୂର୍ଣ୍ଣ ଆଚରଣ କରୁଥିଲେ । ଜର୍ମାନ ସୈନ୍ୟଙ୍କ ହାତରୁ କୌଣସି ଗାଁ ବା ସହର ମୁକ୍ତ କଲେ ସେଠାର ଅତୁଟ ରହିଥିବା ଘର ସବୁ ସେଠାକୁ ଫେରି ଆସୁଥିବା ନାଗରିକମାନଙ୍କୁ ବ୍ୟବହାର କରିବାକୁ ଦେଇ ନିଜେ ପଦାରେ ରହୁଥିଲେ । ନିଜର ଖାଦ୍ୟ ନାଗରିକଙ୍କ ସହ ବାଂଟି ଖାଉଥିଲେ ।

ଶ୍ରୀ ଲୁଣ୍ଡ୍‌ଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ । ସ୍ତ୍ରୀ ବଞ୍ଚିଛନ୍ତି । ଗୋଟିଏ ପୁଅ ଜନ୍ମରୁ ପଙ୍ଗୁ । ତା'ର ସମସ୍ତ ଖର୍ଚ୍ଚ ରାଷ୍ଟ୍ର ବହନ କରେ । ବଡ଼ ପୁଅ ଶିକ୍ଷକ । ଝିଅ ମଧ୍ୟ କେଉଁଠି ଗୋଟାଏ ଚାକିରି କରେ । ତାଙ୍କର ନାତି, ବୟସ ଅଠର କୋଡ଼ିଏ, ଏବେ ଶାନ୍ତି-ଆନ୍ଦୋଳନରେ ଅଗ୍ରଣୀ ହେଉଛି ।

ନରୱେର ସାମାଜିକ ସୁରକ୍ଷା ବ୍ୟବସ୍ଥା ସ୍ୱୀଡ଼େନ୍ ପରି ଖୁବ ବ୍ୟାପକ ଓ ପର୍ଯ୍ୟାପ୍ତ । ବିଶ୍ୱବିଦ୍ୟାଳୟର ଶେଷ ସୀମା ଯାଏ ପିଲାଙ୍କର ମାଗଣା ପାଠପଢ଼ା, ଶିଶୁପାଳନ ପାଇଁ ଭତ୍ତା, ବେକାର ଭତ୍ତା, ପେନସନ୍, ମାଗଣା ଚିକିତ୍ସା, ସବୁ ଅଛି । ଲୁଣ୍ଡ୍ ଟିକେ ଟ୍ରେଟେଇ ଟ୍ରେଟେଇ ଚାଲୁଥାନ୍ତି । ତା'ର କୈଫିୟତ୍ ଦେଇ ସେ କହିଲେ ଯେ ତାଙ୍କର ଡାହାଣ ଗୋଡ଼ ଜଙ୍ଘ ହାଡ଼ର ଜୋଡ଼ ବା ଖୁଆ ଘୋରିହୋଇ ଯାଇଥିବାରୁ ତାହା ବଦଳାଇ ଏକ ଇସ୍ପାତର ଖୁଆ ଲଗାଇ ଦିଆଯାଇଛି । ସେଟା ଠିକ୍ ସେଟ୍ ହେବାକୁ ଟିକେ ସମୟ ଲାଗିବ । ସେ ଯାଏ ଚାଲବୁଲ କରିବା ବେଳେ ଟିକେ ବଥା ହେଉଛି । ଏ ଅସ୍ତ୍ର ଚିକିତ୍ସାରେ ବହୁ ସହସ୍ର ଟଙ୍କା ଖର୍ଚ୍ଚ ହେଲା । ମାତ୍ର ସେସବୁ ସାମାଜିକ ସୁରକ୍ଷା ବ୍ୟବସ୍ଥାରୁ ମିଳିଲା ।

ଏଠି ଆଉ ଏକ ସୁବିଧା ବୁଢ଼ାବୁଢ଼ୀମାନଙ୍କ ପାଇଁ ଅଛି । ସତୁରି ଟପିଲେ ରେଲ୍, ମଟର ଉଡ଼ାଜାହାଜରେ ଅଧା ଭଡ଼ାରେ ଯାତାୟାତ କରି ପାରିବେ । ବାଲବୃଦ୍ଧାଃ ସମାନାଃ ।

★ ★

# ବାର

## ମାନବତା ଓ ପରାକ୍ରମର ଉପାସନା

ଓସ୍‌ଲୋ ଶାନ୍ତି ଗବେଷଣା କେନ୍ଦ୍ରର ନିକଟରେ, ରାସ୍ତା ସେ କଡେ ଗୋଟାଏ ବଡ଼ ଉଦ୍ୟାନ ଅଛି । ତାହା ଏ ଦେଶର ବିଖ୍ୟାତ ଭାସ୍କର ଭିଗଲ୍ୟାଣ୍ଡଙ୍କ ସ୍ମୃତିରେ ନାମିତ । ଭିଗଲ୍ୟାଣ୍ଡ୍ ସାରା ଜୀବନ ଧରି ଶହ ଶହ ପଥର ମୂର୍ତ୍ତି ତିଆରି କରି ଯାଇଥିଲେ । ଏ ସବୁର ଅଧିକାଂଶ ଏ ଉଦ୍ୟାନ ଭିତରେ ସଜାଇ ରଖା ହୋଇଛି । ଦେଖିଲେ ବିସ୍ମିତ ହେବାକୁ ହୁଏ ଯେ ଏହାଙ୍କ ଭିତରେ କି ଅପରନ୍ତ ସୃଜନୀଶକ୍ତି, କି ଅଦମ୍ୟ ଓ ଅକ୍ଲାନ୍ତ କର୍ମପ୍ରେରଣା ଥିଲା । ନରନାରୀ, ବାଳକବାଳିକା, ଯୁବକଯୁବତୀ, ବୃଦ୍ଧବୃଦ୍ଧା, ସମସ୍ତ ମାନବତାର ନାନା ଭଙ୍ଗୀରେ ନାନା ଭାବନା ବ୍ୟକ୍ତ କରୁଥିବା ଅଜସ୍ର ମୂର୍ତ୍ତି । ପ୍ରତ୍ୟେକଟି ଭାବସିକ୍ତ, ପ୍ରତ୍ୟେକଟି ଜୀବନ୍ତ । ସାଧାରଣ ମଣିଷର ସାଧାରଣ ଜୀବନର ସୁଖଦୁଃଖ, ପ୍ରେମ-କଳହ ର ଜୟଗାନ କରି ଯାଇଛନ୍ତି ଶିଳ୍ପୀ । ଉଦ୍ୟାନର କେନ୍ଦ୍ରବିନ୍ଦୁ ହେଲା "ମାନବତାର ମୀନାର" । ତିରିଶ ଫୁଟ କି କେତେ ଉଚ୍ଚ ଗୋଟିଏ ସ୍ତମ୍ଭ ତଳୁ ଉପର ଯାଏ ନାନା ଭଙ୍ଗୀର, ନାନା ଭାବର ମନୁଷ୍ୟର ଆକୃତିରେ ପୂର୍ଣ୍ଣ । ବୃକ୍ଷଲତା ଭଳି ସବୁ ଛନ୍ଦି ଦେଇ ରହିଛନ୍ତି, ଯେପରିକି ମାନବର ସମୂହଆତ୍ମା ସ୍ୱର୍ଗକୁ ହାତ ବଢ଼ାଉଛି !

ଓସ୍‌ଲୋ ବନ୍ଦର ଆରପଟେ ବିଗ୍‌ଡୟ ଦ୍ୱୀପରେ ଅନେକଗୁଡ଼ିଏ ସଂଗ୍ରହାଳୟ ରହିଛି । ଏଠି ଏକ ଲୋକକଳା ସଂଗ୍ରହାଳୟ ରହିଛି । ସେଥିରେ ସବୁ ଯୁଗର ପୋଷାକ, ଆସବାବ, କଳା-ସାମଗ୍ରୀ, ବାଦ୍ୟଯନ୍ତ୍ର, କୃଷି ଉପକରଣ ଆଦି ସବୁ ପ୍ରକାରର ବସ୍ତୁ ସଂଗ୍ରହ କରି ରଖା-ଯାଇଛି । ଷ୍ଟକହଲମ୍‌ର ଜୁରଗାର୍ଡ଼େନ୍ ପରି ପୁରୁଣାକାଳର ଗାଉଁଲି ଘର ମଧ୍ୟ ରଖାଯାଇଛି । ଏ ମ୍ୟୁଜିୟମ ଦେଖିଲେ ଏ ଦେଶର ପ୍ରାଚୀନ ସଂସ୍କୃତି ବିଷୟରେ ଖୁବ୍ ଭଲ ଧାରଣା ମିଳେ ।

ଏଠାରେ ଆଉ ଦୁଇଟି ସଂଗ୍ରହାଳୟ ଦେଖି ଖୁବ୍ ଆନନ୍ଦ ଓ ସନ୍ତୋଷ ମିଳିଲା । ଗୋଟିଏ ହେଲା ମେରୁ ଅଭିଯାତ୍ରୀ ନାନ୍‌ସେନ୍‌ଙ୍କ ଜାହାଜ 'ଫ୍ରାମ୍' ଓ ଅନ୍ୟଟି କାଠର ଭେଲା 'କୋନ୍‌ଟିକି', ଯେଉଁଥିରେ ଥର୍ ହେୟାରଡ଼ାଲ ଓ ତାଙ୍କର ପାଞ୍ଚଜଣ ସାଥୀ ପ୍ରଶାନ୍ତ ମହାସାଗର

ପାର ହୋଇଥିଲେ । ବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିରେ ନାନ୍‌ସେନ୍‌ ତିନଥର ଏହି କାଠ ତିଆରି ଜାହାଜରେ ଉତ୍ତର ମେରୁ ଆବିଷ୍କାର ପାଇଁ ଯାତ୍ରା କରିଥିଲେ । ଦକ୍ଷିଣ ମେରୁ ଯାତ୍ରା ମଧ୍ୟ ଥରେ କରିଥିଲେ । ତାଙ୍କର ଏ ସବୁ ଯାତ୍ରା ମାନବର ଦୁର୍ଜୟ ସାହସ ଓ ଅଦମ୍ୟ ଅନୁସନ୍ଧିତ୍ସାର ଅବିସ୍ମରଣୀୟ ଉଦାହରଣ । ସେତେବେଳେ ବେତାରବାର୍ତ୍ତା ପ୍ରେରଣ ବ୍ୟବସ୍ଥା ନ ଥିଲା । ବେତାର ଉପରେ ଭିତ୍ତି କରି ଦିଗ୍‌ନିର୍ଣ୍ଣୟ ଓ ସ୍ଥାନନିରୂପଣ ତଥା ପାଣି-ପାଗର ଆଗନ୍ତୁକ ତଥ୍ୟ ସଂଗ୍ରହ କରିବାର ଯେ ସବୁ ବ୍ୟବସ୍ଥା ଏବେ ସମୁଦ୍ରଯାତ୍ରୀ ଜାହାଜ ଓ ଉଡ଼ାଜାହାଜର ଯାତାୟତକୁ ସୁଗମ ଓ ନିରାପଦ କରିବାରେ ସାହାଯ୍ୟ କରିଥାଏ ସେସବୁ ସେତେବେଳେ ସ୍ୱପ୍ନର ଅଗୋଚର ଥିଲା । କାଠ ଜାହାଜରେ କେବଳ କମ୍ପାସ୍‌ ଓ ସେକ୍ସ-ଟାଣ୍ଟ୍‌କୁ ଆଶ୍ରା କରି ଏ ଅଭିଯାତ୍ରୀ ଦଳ ଅଜଣା ମେରୁ ପ୍ରଦେଶର ସମସ୍ତ ବିପଦକୁ ଯୁଝି ପଡ଼େଇ ନେଇଥିଲେ ।

'ଫ୍ରାମ୍‌' ଜାହାଜଟି ସେତେବେଳେ ଯେପରି ଥିଲା ଅବିକଳ ସେହିପରି ରଖାଯାଇଛି । ମେରୁ ଅଭିଯାନ ସମ୍ବନ୍ଧରେ ଅନ୍ୟାନ୍ୟ ସମସ୍ତ ତଥ୍ୟ ଓ ଅନ୍ୟାନ୍ୟ ଅଭିଯାତ୍ରୀମାନଙ୍କର ଚିତ୍ର, ପ୍ରତିମୂର୍ତ୍ତି ଓ ଅଭିଯାନର ତଥ୍ୟ ମଧ୍ୟ । ଦେଖିଲେ ବିସ୍ମିତ ହେବାକୁ ହୁଏ ଯେ ଅଜ୍ଞାତକୁ ଜ୍ଞାତ କରିବା ପାଇଁ, ଦୁରଧିଗମ୍ୟ ଉପରେ ମନୁଷ୍ୟର ବିଜୟ ପତାକା ଉଡ଼ାଇବା ପାଇଁ କେତେ ଦେଶର କେତେ ତରୁଣ ଓ ପ୍ରୌଢ଼ ଘର ଓ ନଗର ସଭ୍ୟତାର ନିଶ୍ଚିନ୍ତ ଆଶ୍ରୟ ତ୍ୟାଗ କରି ଅନିଶ୍ଚିତ ପଥକୁ ଗୋଡ଼ ବଢ଼ାଇଛନ୍ତି । ଉତ୍ତରମେରୁ, ଦକ୍ଷିଣମେରୁ, ହିମାଳୟର ଶୃଙ୍ଗ, ଗୋବି ଓ ସାହାରା ମରୁଭୂମି, ଆଫ୍ରିକାର ଘନ ଅରଣ୍ୟ, ସମୁଦ୍ରପାରିର ଅଜଣା ଦେଶ, ଆଗ୍ନେୟଗିରିର ଗହ୍ୱର, ଅଧିକ ଆଉ କ'ଣ ଅଛି ? ଏଇଥିରେ ୟୁରୋପୀୟ ସଭ୍ୟତାର ପ୍ରାଣଶକ୍ତିର ଏକ ଅଫୁରନ୍ତ ଉତ୍ସର ଇଙ୍ଗିତ ମିଳେ । ସତ୍ୟର ସନ୍ଧାନର ଏ ବି ଗୋଟାଏ ଦିଗ, ଯେମିତି ଆଉ ଗୋଟାଏ ଦିଗ ବିଜ୍ଞାନର ପନ୍ଥାରେ ପ୍ରକୃତିର ରହସ୍ୟର ଅନୁସନ୍ଧାନ । ଭାରତର ଜନତା ଭିତରେ ମଧ୍ୟ ଦିନେ ଏହି ଦୁର୍ଜ୍ଜୟ ଅଭିଯାତ୍ରୀ ବୃତ୍ତି ଥିଲା । ତାହା ନ ହେଲେ ସେ କାଳରେ ଯବଦ୍ୱୀପଠାରୁ ଆରମ୍ଭ କରି ଫିଲିପାଇନ୍‌ ଓ ହୁଏତ ମଧ୍ୟ ଆମେରିକା ଯାଏ ଏଠାର ସଭ୍ୟତା ପହଞ୍ଚିଲା କିପରି ? ମାତ୍ର ବ୍ରାହ୍ମଣ୍ୟ ଆଧିପତ୍ୟ ଏ ସାହସିକତାକୁ ବିଧି ନିଷେଧର ଅସହ୍ୟ ଚାପରେ ନିଃଶେଷ କରିଦେଲା ।

ୟୁରୋପର ଅନ୍ୟ ଦେଶରୁ ଯେତେ କେବଳ ସ୍କାଣ୍ଡିନେଭିଆ ଓ ବିଶେଷକରି ନରୱେରୁ ବୋଧହୁଏ ତାହାଠାରୁ ବେଶୀ ସମୁଦ୍ର ଅଭିଯାତ୍ରୀ ବାହାରିଛନ୍ତି । ଭାଇକିଙ୍ଗ୍‌ ପରଂପରା ଏହାର କାରଣ । ଦୁଇଶହ ବର୍ଷ ତଳ ପର୍ଯ୍ୟନ୍ତ ନରୱେର ଭାଇକିଙ୍ଗ୍‌ମାନେ କାଠ ନୌକାରେ ୟୁରୋପର ସମସ୍ତ ସମୁଦ୍ରପଥ ଚଷି ବୁଲୁଥିଲେ । ଆମର ମହାନଦୀରେ ଚାଲୁଥିବା ବଡ଼ ବଡ଼ ପଟତନ ଆକାରର ନୌକା । ତେବେ ଗଠନ ପ୍ରଣାଳୀ ଭିନ୍ନ । ଏଭଳି କେତୋଟି ନୌକା ମଧ୍ୟ ଏକ ସଂଗ୍ରହାଳୟରେ ରଖାଯାଇଛି ।

ଥର୍ ହେୟାର୍‌ଡ଼ାଲ୍‌ଙ୍କର 'କୋନ୍-ଟିକି' ଅଭିଯାନ ଏହି ଅଭିଯାନ ମହାକାବ୍ୟର ଏକ ଅଦ୍ୟତନ ଅଧ୍ୟାୟ । ହେୟାର୍‌ଡ଼ାଲ୍ ଜଣେ ନୃତତ୍ତ୍ୱବିତ୍ । ନୃତତ୍ତ୍ୱ ଅଧ୍ୟୟନ କରୁ କରୁ ସେ ଦକ୍ଷିଣ ଆମେରିକାର ପଶ୍ଚିମ ଉପକୂଳ ଓ ଅଷ୍ଟ୍ରେଲିଆ ପାଖଆଖର ପୋଲିନେସିୟ ଦ୍ୱୀପପୁଞ୍ଜର ସଭ୍ୟତା ଭିତରେ ବହୁତ କିଛି ସାମ୍ୟ ଦେଖିବାକୁ ପାଇଲେ ଯାହା ଆଦୌ ଆକସ୍ମିକ ହେବା ସମ୍ଭବ ନୁହେଁ । ଏ ଦୁଇ ଅଞ୍ଚଳ ଭିତରେ ପ୍ରାୟ ଚାରି ହଜାର ମାଇଲ ଓସାର ପ୍ରଶାନ୍ତ ମହାସାଗର । ଏ ପ୍ରତିବନ୍ଧକକୁ ସେ ଯୁଗର ଆଦିମ ଲୋକେ ଅତିକ୍ରମ କରୁଥିଲେ କିପରି ? ନାନା ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଗବେଷଣା ପରେ ହେୟାର୍‌ଡ଼ାଲ୍ ଏହି ନିଷ୍କର୍ଷରେ ପହଞ୍ଚିଲେ ଯେ ଦକ୍ଷିଣ ଆମେରିକାର ଉପକୂଳରୁ ଭେଲା ସାହାଯ୍ୟରେ ଲୋକେ ପୋଲିନେସୀୟ ଦ୍ୱୀପପୁଞ୍ଜକୁ ଯାଉଥିଲେ । ମୌସୁମୀ ବାୟୁ ଓ ପ୍ରଶାନ୍ତ ମହାସାଗରର ହମ୍‌ବୋଲ୍ଟ ପ୍ରବାହ ସେମାନଙ୍କର ସହାୟ ହେଉଥିଲା ।

ଅନ୍ୟ ନୃତତ୍ତ୍ୱବିତ୍ ଓ ଇତିହାସବେତ୍ତା ଏ 'ଥିଓରି' ତତ୍ତ୍ୱକୁ ସହଜରେ ମାନନ୍ତି କାହିଁକି ? ତେଣୁ ଏହାକୁ ହାତେକଲମେ ପ୍ରମାଣ କରି ଦେଖାଇବା ପାଇଁ ହେୟାର୍‌ଡ଼ାଲ୍ ଉଦ୍ୟତ ହେଲେ । ସେ ଯୁଗରେ ଯେଉଁ ଉପାଦାନରେ ଯେଉଁ ଢଙ୍ଗରେ ଏସବୁ ଭେଲା ଗଢ଼ା-ହେଉଥିଲା ବୋଲି ନାନା ସୂତ୍ରରୁ ଜଣାପଡ଼ୁଥିଲା, ଯେଉଁ ମାପର ତିଆରି କରାଯାଉଥିଲା, ଅବିକଳ ସେହି ଉପାଦାନ ଓ ସେହି ମାପ ଓ ଧରଣର ଭେଲା ସେ ତିଆରି କଲେ । ଦକ୍ଷିଣ ଆମେରିକାର ଅତି ହାଲୁକା ବାଲ୍‌ସା କାଠର ଗଣ୍ଡିକୁ ଲମ୍ବାର ବକଲରେ ତିଆରି ରସି ଦ୍ୱାରା ବାନ୍ଧି ଏହା ତିଆରି କରାହେଲା । ଏଥିରେ ଲୁହା କଣ୍ଟା ଗୋଟିଏ ହେଲେ ସୁଦ୍ଧା ଲଗାଯାଇ ନ ଥିଲା । ଭେଲା ଉପରେ ମାସ୍ତୁଲ ଲଗାଯାଇ ପାଲ ଟଙ୍ଗା ଯାଇଥିଲା ଓ ଅଭିଯାତ୍ରୀମାନେ ରହିବା ପାଇଁ ଏକ ଘାସ ଛାଉଣୀ ଛୁଲିଆ ଥିଲା ।

ଏଇ ଭେଲାରେ ଦକ୍ଷିଣ ଆମେରିକାର ପେରୁ ଉପକୂଳରୁ ଯାତ୍ରା କରି ହେୟାରଡାଲ ଓ ତାଙ୍କର ଅନ୍ୟ ପାଞ୍ଚଜଣ ସଙ୍ଗୀ ପ୍ରାୟ ଶହେ ଦିନରେ ମହାସାଗର ପାରି ହୋଇ ଏକ ପୋଲିନେସୀୟ ଦ୍ୱୀପରେ ପହଞ୍ଚିଲେ ଓ ତାଙ୍କର ତତ୍ତ୍ୱ ପ୍ରତ୍ୟକ୍ଷ ପ୍ରମାଣ ଦ୍ୱାରା ଯଥାର୍ଥ ସାବ୍ୟସ୍ତ ହେଲା । ଏହି ଭେଲା, ଅଭିଯାନର ଅନ୍ୟାନ୍ୟ ଉପକରଣ ଓ ଚିତ୍ରାବଳୀ ଏଠାରେ ଗୋଟାଏ ସ୍ୱତନ୍ତ୍ର ସଂଗ୍ରହାଳୟରେ ରଖା ଯାଇଛି । ଏହା ଉଣାଇଶ ଶହ ଅଠଚାଳିଶର କଥା । ହେୟାରଡାଲଙ୍କର ଅଭିଯାନବୃତ୍ତି ଏବେ ବି କାଏମ ରହିଛି । ଏଇ ଏବେ ସେ ମିଶରର ପାପିରସ୍ ଘାସରେ ଗଢ଼ା ନୌକାରେ ଆଟଲାଣ୍ଟିକ ମହାସାଗର ପାରି ହେବାର ଉଦ୍ୟମ କରୁଥିଲେ । ପ୍ରଥମ ଉଦ୍ୟମ ସଫଳ ହେଲା ନାହିଁ । ଏବେ ସେ ଦ୍ୱିତୀୟବାର ଉଦ୍ୟମର ଆୟୋଜନ କରୁଛନ୍ତି ।

ବିଗ୍‌ଡୟରୁ ସହରକୁ ଫେରିଲୁ ମୋଟର ଘାଟ ପାରି ନୌକାରେ । ଏଥିରେ ଦେଖିଲୁ ଯେ ଝିଅମାନେ ମାଝିମଲ୍ଲା କାମ କରୁଛନ୍ତି । ନୌକା ଘାଟରେ ଲାଗିଲାବେଳେ ଗୋଟିଏ ଝିଅ ତାକୁ ରସିରେ ବାନ୍ଧିବା, ପୁଣି ଛାଡ଼ିବାବେଳକୁ ରସି ଖୋଲିବା, ନୌକାକୁ କୂଳରୁ

ଛଡ଼ାଇବା ଆଦି କାମ କରୁଛୁ ଓ ପୁଣି ଯାତ୍ରୀମାନଙ୍କୁ ଟିକଟ ମଧ୍ୟ ବିକୁଛୁ । ଘାଟରେ ମଧ୍ୟ ସେହିପରି ଅନ୍ୟ ଝିଅମାନେ ନୌକା ବନ୍ଧାବନ୍ଧି କାମରେ ସାହାଯ୍ୟ କରୁଛନ୍ତି । × × ×

ଶ୍ରୀ ଏଇଡ଼େ ଏଠା ଶାନ୍ତି ଗବେଷଣା ସଂସ୍ଥାନର ସହକାରୀ ସଂଗ୍ରାଳକ । ସେ ମତେ ନେଇ ଓସ୍‌ଲୋ ସହର ଓ ତା ଆଖପାଖର ଅଞ୍ଚଳରେ ମୋଟରରେ ବୁଲେଇ ଆଣିଲେ । ଓସ୍‌ଲୋଠୁଁ ଅଳ୍ପ ଦୂରରେ ପାହାଡ଼ ଚୂଡ଼ା ଉପରେ ଭୋଗ୍‌ନାର୍‌କୋଲନ୍ ଏକ ଗାଁ । ସେଠି ଏକ ପ୍ରମୋଦ ଉଦ୍ୟାନ ମଧ୍ୟ ଅଛି । ଛୁଟି ଦିନରେ ଅସଂଖ୍ୟ ଲୋକ ବୁଲି ଆସନ୍ତି । ଏଠୁ ଓସ୍‌ଲୋ ସହରର ମନୋରମ ଦୃଶ୍ୟ ଦେଖାଯାଏ । ବାଟରେ ଗୋଟାଏ Ski-jump ସ୍କୀ-ଲଂଫ ସ୍ଥାନ ପଡ଼ିଲା । ସ୍କୀ, ସ୍କେଟ୍, ସେ୍ଲଡ୍ ଏ ସବୁ ବରଫ ଉପରେ ଖେଳିବାର ବିବିଧ ସାଧନ । ପ୍ରାୟ ଛଅ ଇଞ୍ଚ ଓସାର ଆଠ ନଅ ଫୁଟ ଲମ୍ବ ଦୁଇଟି ପଟା । ସାମନା ଅଗ ଡଙ୍ଗା ମଙ୍ଗ ପରି ଉପରକୁ ବାଙ୍କିଥାଏ । ଏହି ହେଲା ସ୍କୀ । ଏହାକୁ ପାଦରେ ଜୋତା ତଳେ ବାନ୍ଧି ବରଫ ଉପରେ ଯାତାୟାତ କରିଯାଏ । ଦେହର ଓଜନଟା ଲମ୍ବ ପଟା ଉପରେ ବିଛେଇ ହୋଇଥିବାରୁ ଗୋଡ଼ ବରଫ ଭିତରେ ଦବି ଯାଏ ନାହିଁ । ତାହାଛଡ଼ା ଚିକ୍‌କଣ ବରଫ ଉପରେ ଏ ପଟା ଖସରି ଚାଲେ । ଏ ସ୍କୀ ସାହାଯ୍ୟରେ ପାହାଡ଼ ଉପରୁ ଖସରି ଆସି ଡ଼ିଆଁ ମାରି ଶହେ ଦେଢ଼ ଶହ ଗଜ ଦୂରରେ ଯାଇ ପଡ଼ିବା ଏକ ସାହସିକତାପୂର୍ଣ୍ଣ ଓ ଉତ୍ତେଜନାମୟ ଖେଳ । ଗଡ଼ାଣିଆ ପାହାଡ଼ରୁ ଖସିଲାବେଳେ ଖେଳାଳୀର ଗତି ଘଣ୍ଟାକେ ଷାଠିଏ ସତୁରି ମାଇଲ ହୋଇଯାଏ । ସେତେବେଳେ ଟିକିଏ ଭୁଲ ତ୍ରୁଟି ହେଲେ, କେଉଁଠି ଧକ୍କା ବାଜିଲେ କି ଗତିପଥରେ ବ୍ୟତିକ୍ରମ ହେଲେ ସର୍ବନାଶ । ହାତ ଗୋଡ଼ ଚୂରମାର ହୋଇଯିବ । ଏ ଖେଳରେ ସ୍ତ୍ରୀ ପୁରୁଷ ଉଭୟେ ଯୋଗ ଦିଅନ୍ତି । ଆନ୍ତର୍ଜାତୀୟ ପ୍ରତିଯୋଗିତା ମଧ୍ୟ ହୁଏ ।

ସ୍କେଟ୍ ହେଲା ଛୁରୀ କଣ୍ଟୁରୀ ଫଳା ପରି ଧାରୁଆ ପାତ । ପ୍ରତି ପାଦରେ ଠିଆ ବାଗରେ ଗୋଟିଏ ଲେଖାଁ ବନ୍ଧାଯାଏ ଓ ତାହା ସାହାଯ୍ୟରେ ଶକ୍ତ ଚିକ୍‌କଣ ଓ ସମତଳ ବରଫ ଉପରେ ଖସରି ଖସରି ନାନାପ୍ରକାର ଖେଳ ଦେଖାନ୍ତି । ସେ୍ଲଡ୍ ବା ସେ୍ଲଜ ହେଲା ବରଫ ଉପରେ ଖସରି ଚାଲିବା ଚକ ନ ଥିବା ଗାଡ଼ି ।

ବାଟରେ ଗୋଟାଏ ଜାଗାରେ ଦେଖିଲୁ ସ୍କୀରେ ଖସିବା ପାଇଁ ପାହାଡ଼ ଉପରେ ଏକ ସିମେଣ୍ଟର ଖସଡ଼ା ଢାଆଣ କରି ହୋଇଛି । ସାନ ପିଲାଙ୍କର ଖସିବା ପାଇଁ ଯେପରି ସ୍ଲାଇଡ଼୍ ବା ଘସରଗୁଣ୍ଡୀ ଶିଶୁଭବନମାନଙ୍କରେ ଥାଏ ସେହିପରି, ତେବେ ବିରାଟ ବଡ଼, ଦୁଇଶହ ଫୁଟ କି ବେଶୀ ଉଚ୍ଚ ହେବ । ତା' ଉପରକୁ ଉଠିବା ପାଇଁ ପଛପଟେ ଲିଫ୍‌ଟ ଅଛି । ଖେଳ-କସରତରେ ଅପ୍ରୋଜନାଟା ବି ଚରମ ରାଜସିକ ।

ଓସ୍‌ଲୋରେ ବିଦ୍ୟାର୍ଥୀ ଗ୍ରାମ ମଧ୍ୟ ଦେଖିଲୁ । ବିଶ୍ୱବିଦ୍ୟାଳୟର ଛାତ୍ରଙ୍କ ପାଇଁ ଛାତ୍ରାବାସ ଗୋଟାଏ ସାନ ସହର ବା ଗାଁ ସୃଷ୍ଟି କରିଛି । ଅନ୍ତତଃ ଦଶ ହଜାର ଛାତ୍ରଛାତ୍ରୀଙ୍କର ରହିବା ବ୍ୟବସ୍ଥା । ଏହାର ପରିଚାଳନାରେ ଛାତ୍ରମାନେ ନିଜେ ଅଂଶ ଗ୍ରହଣ କରିଥାନ୍ତି ।

ନରୱେରେ ଛାତ୍ର ସମସ୍ୟା ଅନ୍ୟ ପାଶ୍ଚାତ୍ୟ ଦେଶମାନଙ୍କ ପରି ନୁହେଁ ବୋଲି ଶ୍ରୀ ଏଇଡ଼େ କହିଲେ । ଏଠି ବିଶ୍ୱବିଦ୍ୟାଳୟ ପରିଚାଳନା ସଭାରେ ଛାତ୍ରମାନଙ୍କର ପ୍ରତିନିଧିତ୍ୱ ରହିଛି ଓ ଅନ୍ୟ ଦେଶପରି ନାନା ବିରକ୍ତିକର କଟକଣା ମଧ୍ୟ ନାହିଁ । ଦାରିଦ୍ର୍ୟ ଭି ନାହିଁ । ବିଶ୍ୱବିଦ୍ୟାଳୟର ଶେଷ ଯାଏ ପାଠପଢ଼ା ମାଗଣା । କୃତି ଛାତ୍ରମାନଙ୍କ ପାଇଁ ପ୍ରଚୁର ଛାତ୍ର ବୃତ୍ତିର ବ୍ୟବସ୍ଥା ଅଛି, ଛାତ୍ରାବାସ ଖର୍ଚ୍ଚ ଚଳାଇବା ପାଇଁ ।

ନରୱେରେ ଗୋଟାଏ କଥା ଦେଖିଲି ଯେ ଅନ୍ୟ ଦେଶ ଓ ଆମ ଦେଶ ପରି କାନ୍ଥରେ ବାଡ଼ରେ ବିଜ୍ଞାପନ ନାହିଁ । ରାସ୍ତା କଡ଼ର ଦୁଇପାଖରେ ପ୍ରାକୃତିକ ଦୃଶ୍ୟକୁ ଘୋଡ଼ାଇ ରଖୁଥିବା ବିରାଟ ବିରାଟ ବିଜ୍ଞାପନ ଫଳକର ଧାଡ଼ି ନାହିଁ । ପଚାରି ବୁଝିଲି ଯେ ଏଠି ଏଭଳି ବିଜ୍ଞାପନ ବିରୋଧରେ ଆଇନ ଅଛି ଓ ଏଠାର ପୁଞ୍ଜିପତି ଓ ବ୍ୟବସାୟୀମାନେ ତାହା ମାନି ନେଇଛନ୍ତି । ଯାହାହେଉ ପୁଞ୍ଜିବାଦର ଗୋଟାଏ କଦର୍ଯ୍ୟ କାରବାରର ଲୋପସାଧନ ହୋଇପାରିଛି । ଏହା ଦେଖି ଭଲ ଲାଗିଲା ।

★ ★

# ତେର

## ଦିନେମାର ଦେଶ

ଓସ୍‌ଲୋରୁ କୋପେନହାଗେନ୍ ସିଧା ଦକ୍ଷିଣ ମୁହାଁ ତିନିଶହ ମାଇଲ । ଜେଟବିମାନ ଛପ୍ପାଳିଶ ମିନିଟରେ ପହଞ୍ଚାଇ ଦେଲା । ଡେନ୍‌ମାର୍କ ଦେଶଟିର ଉତ୍ତର ଅଂଶ ବହୁ ସାନବଡ଼ ଦ୍ୱୀପର ସମଷ୍ଟି । ରାଜଧାନୀ କୋପେନହାଗେନ୍ ମଧ୍ୟ ଏକ ଦ୍ୱୀପ ଉପରେ । ଏକା ବେଳେକ ସମୁଦ୍ର ଧାରରେ ବିମାନ ଘାଟି । ବେଶ ସୁନ୍ଦର ପରିବେଶ ।

ଏଠି ପହଞ୍ଚି ଏକ ମଜାର କାଣ୍ଡ ଘଟିଲା । ଏକ ଶାନ୍ତିବାଦୀ ଦମ୍ପତି ଶ୍ରୀମତୀ ଏଲେନ୍ ଓ ଶ୍ରୀ ହେନ୍‌ଲ୍ୟେ କଂଡ୍‌ବୋ ଏଠି ମୋର ଆତିଥେୟତା କରିବାର ସ୍ଥିର ଥିଲା । ଏ ଦୁହେଁ କେତେବର୍ଷ ତଳେ ଭାରତ ଆସିଥିଲେ । ସର୍ବୋଦୟ ଆନ୍ଦୋଳନ ପ୍ରତି ଗଭୀର ଶ୍ରଦ୍ଧା ରହିଛି । ବିହାରରେ କିଛିଦିନ ସେବାକାର୍ଯ୍ୟ ମଧ୍ୟ କରିଛନ୍ତି । ମାତ୍ର ମୋ ସହିତ କେବେ ସାକ୍ଷାତ ହୋଇ ନ ଥିଲା । ସେମାନେ ମତେ ନେବାକୁ ଉଡ଼ାଜାହାଜ ଘାଟୀକୁ ଆସିବା କଥା । ଏଣେ ଏଠାର ଦୂତାବାସକୁ ମଧ୍ୟ ଚିଠି ଲେଖା ହୋଇଥିଲା । ମୁଁ ବିମାନରୁ ଓହ୍ଲାଇ ବିମାନଘାଟୀର ଦରଜାରେ ପଶିବାମାତ୍ରେ ଜଣେ ଭଦ୍ରଲୋକ ମତେ ଅଭିବାଦନ କରି ପଚାରିଲେ "ଆପଣ ଶ୍ରୀ ଚୌଧୁରୀ ? ମୁଁ ଶ୍ରୀ ବୋସ, ଭାରତୀୟ ଦୂତାବାସରୁ ଆପଣଙ୍କୁ ନେବାକୁ ଆସିଛି ।" କଷ୍ଟମ୍‌ସ୍, ପାସପୋର୍ଟ ଓ ସ୍ୱାସ୍ଥ୍ୟ କଣ୍ଟ୍ରୋଲର ଘାଟୀ ସବୁ ପାର ହୋଇ କୌଣସି ବାହାର ଲୋକ ଆଗନ୍ତୁକ ଯାତ୍ରୀ ପହଞ୍ଚିବାର ପ୍ରଥମ ଦରଜା ଯାଏ ଯାଇପାରିବା କଥା ନୁହେଁ । ମାତ୍ର ଶ୍ରୀ ବୋସ କୂଟନୀତିକ ସମ୍ପ୍ରଦାୟର ଲୋକ ହୋଇଥିବାରୁ ଓ ଏଠାରେ ବେଶ ପରିଚିତ ଥିବାରୁ ଭିତରଯାଏ ଚାଲିଯାଇଥିଲେ । ତାଙ୍କ ଯୋଗୁଁ ମୋର ସୁବିଧା ହେଲା । ପାସପୋର୍ଟ ଆଦି ତିନିଟି କେତେ ମୁହୂର୍ତ୍ତରେ ସରିଗଲା । ସମସ୍ତ କର୍ମଚାରୀ ଓ ପୁଲିସବାଲା ଖଟାଖଟ୍ 'ସାବଧାନ' ହୋଇ ତାଙ୍କୁ ସେଲ୍ୟୁଟ୍ କରି ବାଟ ଛାଡ଼ି ଦେବାକୁ ଲାଗିଲେ । ମାତ୍ର ଏଇ ହେଲା ମୋର କାଳ । ସବାକୁ ବାହାରି ଆସି ଦେଖେ ଯେ କାହିଁ ଅଉ କେହି ତ ମତେ ନେବାକୁ ଆସିନାହାନ୍ତି ? ଏଲେନ୍ ବା ହେନ୍‌ଲଏ କାହାନ୍ତି ? ପାଞ୍ଚସାତ ମିନିଟ ଅପେକ୍ଷା କରି ଏଣେ ତେଣେ ଚାହିଁଲି । କେହି ନ ଦିଶିବାରୁ ଦୂତାବାସ ଗାଡ଼ିରେ ସହରକୁ ଯାଇ ତାଙ୍କର ବସା ଖୋଜି ବାହାର

କଲୁ । ଦେଖିଲୁ ସେଠି ତାଲା ବନ୍ଦ । କୁଆଡେ ଗଲେ ? ନିରୁପାୟ ହୋଇ ଦୂତାବାସ ଅଫିସକୁ ଯାଇ ଖୋଜି ଦେଖିଲୁ ସେ ତାଙ୍କ ଘରେ ଫୋନ୍ ନାହିଁ । ଶାନ୍ତ ଅଫିସରେ ଫୋନ୍ ଅଛି ମାତ୍ର ତାହା କେବଳ ସନ୍ଧ୍ୟାବେଳେ ଖୋଲାଥାଏ । କଣ କରାଯିବ ? ଶେଷକୁ ସ୍ଥିର ହେଲା ମୁଁ ଏକ ହୋଟେଲରେ ଉଠିବି । ଫୋନ୍ ଯୋଗେ ହୋଟେଲ୍ ସ୍ଥିର ହେଲା । ବନ୍ଦରଠାରେ ଏକ ପୁରୁଣା ଜାହାଜକୁ ଭାସମାନ ହୋଟେଲ୍‌ରେ ପରିଣତ କରା ହୋଇଛି । ଦିନକର ଭଡ଼ା ପଚିଶ ଟଙ୍କା । ଯାହା ହେଉ ପରିବେଶଟା ବେଶ ସୁନ୍ଦର । ଏ ପାଖରେ ସମୁଦ୍ର କୂଳର ପ୍ରଶସ୍ତ ରାସ୍ତା ଓ ଭବନମାଳା, ସେପାଖରେ ସୀମାହୀନ ସମୁଦ୍ର । ଉପଭୋଗ କରିବା ଭଲ ସ୍ଥାନ । ମାତ୍ର ମୋର ତ ଚିନ୍ତା କଂଡ଼୍‌ବୋ ଦମ୍ପତି ଗଲେ କୁଆଡ଼େ ? ମୁଁ ହୋଟେଲରେ ଜିନିଷ ଥୋଇ ତୁରନ୍ତ ସେମାନଙ୍କୁ ଖୋଜି ବାହାରିଲି । ଘର ତ ଥରେ ଦେଖିଥିଲି । ମ୍ୟାପ୍ ସାହାଯ୍ୟ ନେଇ ଓ ପଚାରି ପଚାରି ବସ୍‌ରେ ଚଢ଼ି ଯାଇ ପହଞ୍ଚିଲି ।

ଦେଖିଲି ତାଲା ଫିଟିଛି । ଭିତରେ ପାଟି ଶୁଭୁଛି । ଘଣ୍ଟି ବଜାଇଲି । କବାଟ ଖୋଲି ଶ୍ରୀମାନ୍ ଓ ଶ୍ରୀମତୀ ଆବିର୍ଭୂତ ହେଲେ । ମତେ ଦେଖି ବିସ୍ମିତ ହୋଇଗଲେ । ସେମାନେ ଉଡ଼ାଜାହାଜ ଘାଟିରୁ ନିରାଶ ହୋଇ ଫେରି ଖାଇ ବସିଥିଲେ । ମୁଁ ବି ସେଥିରେ ସାମିଲ୍ ହୋଇଗଲି । ସେଠୁ ଘଟଣା ଜଣା ପଡ଼ିଲା ।

ସେମାନେ ଉଭୟେ ଖଣ୍ଡେ ମୋଟରଗାଡ଼ି ଧାର କରି ବିମାନ ଘାଟୀକୁ ଯାଇଥିଲେ । ସେଠି ମତେ କଷ୍ଟମ୍ସ ଅର୍ଗଳ ଭିତରୁ ବାହାରିବାର ମଧ୍ୟ ଦେଖିଲେ । ମାତ୍ର ପୁଲିସବାଲାଙ୍କର ଖଟାଖଟ୍ ସଲାମ କାରବାର ଦେଖି ଭାବିଲେ ଏ ବୋଧେ ଅନ୍ୟ କେହି ଭି· ଆଇ· ପି· । ତେଣୁ ଭରସି ପାଖ ପଶିଲେ ନାହିଁ । ଭି· ଆଇ· ପି· ଗିରିର ଦଂଡ ପଚିଶ ଟଙ୍କା ହୋଟେଲ ଭଡ଼ା ଗଣିବାକୁ ହେଲା ।

ମୋ ରହିବାର ବ୍ୟବସ୍ଥା ହୋଇଥିଲା ସହରର ବାହାରେ ଟାସ୍‌ଟ୍ରୁପ୍ ନାମକ ଉପନଗରରେ ଏକ ଶିକ୍ଷକ ଦମ୍ପତି ମ୍ୟୁଏନ୍‌କୋଙ୍କ ଘରେ । ସେଠାକୁ ଯିବା ପୂର୍ବରୁ ଆମେ ପ୍ରଥମେ ଗଲୁ ଲିଂଗ୍‌ବି ଗ୍ରାମରେ ଶ୍ରୀ ଓ ଶ୍ରୀମତୀ ରୋକେନେନ୍‌କରଙ୍କୁ ଭେଟିବାକୁ । ଶ୍ରୀ ରୋକେନେନ୍‌କର ରବୀନ୍ଦ୍ରନାଥ ଓ ଗାନ୍ଧୀଜୀଙ୍କର ପରମ ଭକ୍ତ । ରବୀନ୍ଦ୍ରନାଥ ୧୯୩୦ରେ ୟୁରୋପ ଭ୍ରମଣବେଳେ ଆସି ଏହାଙ୍କ ଘରେ ରହିଥିଲେ ।

ରୋକେନେନ୍‌କର ପ୍ରଥମ ମହାଯୁଦ୍ଧବେଳେ ଯୁବକ । ଏକ ବ୍ୟବସାୟ ସନ୍ଧାନରେ ୧୯୧୭ ରେ ବର୍ଲିନ ଯାଇଥିଲେ । ସେଠି ତାଙ୍କୁ ଯୁଦ୍ଧର ବିଭୀଷିକା, ଜନସାଧାରଣଙ୍କର ଚରିତ୍ର ଉପରେ ଯୁଦ୍ଧର ବିଷାକ୍ତ ପରିଣାମ, ସେମାନଙ୍କ ଦୈନନ୍ଦିନ ଜୀବନରେ ବିପର୍ଯ୍ୟସ୍ତ ଓ ଆର୍ଥିକ ଦୁର୍ଦ୍ଦଶା ନିକଟରୁ ଦେଖିବାର ସୁଯୋଗ ମିଳିଲା । ପୁଣି ୧୯୧୯ରେ ପ୍ୟାରିସ୍ ଗଲେ ଓ ସେଠି ମଧ୍ୟ ସେୟା ଦେଖିଲେ । ଏସବୁ ଦେଖି ତାଙ୍କର ଯୁଦ୍ଧ ପ୍ରତି ବିତୃଷ୍ଣା ଆସିଲା ଓ ଶାନ୍ତି ପ୍ରତି ଆସ୍ଥା ଜନ୍ମିଲା । ୧୯୨୧ ବେଳକୁ ସେ ଗାନ୍ଧୀଙ୍କ ନାମ ଶୁଣିଲେ । ଏହା ପରେ ତାଙ୍କୁ ରୋମାଁ ରୋଲାଁ ଲିଖିତ ଗାନ୍ଧୀଜୀଙ୍କର ଜୀବନୀ ଓ ଡେନିଶ୍ ଭାଷାରେ ଗାନ୍ଧୀଜୀଙ୍କର

ଆତ୍ମକଥାର ଅନୁବାଦ ପଢ଼ିବାକୁ ମିଳିଲା । ଅନ୍ୟାନ୍ୟ ବହିପତ୍ର ଓ ଲେଖା ଯାହା ପାଇଲେ ପଢ଼ିଲେ । ଏହିରୂପେ ଶାନ୍ତିବାଦ ତଥା ଗାନ୍ଧୀଜୀଙ୍କର ଆଦର୍ଶ ପ୍ରତି ତାଙ୍କର ନିଷ୍ଠା ଦୃଢ଼ ହେଲା ।

ପରେ, ସମ୍ଭବତଃ ୧୯୨୫ରେ, ସେ ଗୋଟିଏ ସଭାରେ ବକ୍ତୃତା ଦେଇ ଗାନ୍ଧୀଜୀଙ୍କର ଆଦର୍ଶର କଥା କହିଲେ ଓ ଭାରତର ସ୍ୱାଧୀନତା ଦାବୀର ସମର୍ଥନ କଲେ । ଏଥିରେ ଜଣେ ଶ୍ରୋତା ପ୍ରଶ୍ନ କଲେ ଯେ ଡେନ୍‌ମାର୍କର ଅର୍ଥନୀତି ତ ଇଂଲଣ୍ଡ ସହ ଛନ୍ଦା ହୋଇଛି ( ଇଂଲଣ୍ଡ ଏଠୁ ପ୍ରଚୁର ଦୁଧ ଓ ମାଂସ ଆମଦାନୀ କରେ । କାରଖାନାର ଉତ୍ପାଦିତ ବସ୍ତ୍ର ଯୋଗାଏ । ) ଯଦି ଭାରତ ସ୍ୱାଧୀନ ହେବ ତେବେ ଇଂଲଣ୍ଡର ଅବସ୍ଥା ଖରାପ ହେବ ଓ ତା ସାଙ୍ଗରେ ଡେନ୍‌ମାର୍କର ମଧ୍ୟ । ତେଣୁ ଆମର ଭାରତର ସ୍ୱାଧୀନତା ଦାବୀକୁ ସମର୍ଥନ କରିବା ଉଚିତ କି ?

ଏ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ରେକେନ୍‌କର ଦେଇ ନ ପାରି ଗାନ୍ଧୀଜୀଙ୍କୁ ଏହା ଚିଠି ଲେଖି ପଚାରିଲେ । ଗାନ୍ଧୀଜୀଙ୍କଠାରୁ ତିନି ସପ୍ତାହରେ ଆସି ଉତ୍ତର ପହଞ୍ଚିଲା ଯାହା ଏହାଙ୍କୁ ପୂର୍ଣ୍ଣ ସନ୍ତୋଷ ଦେଲା । ମାତ୍ର ତାଙ୍କୁ ଏକଥା ବିସ୍ମିତ କଲା ଯେ ଏତେ ବଡ଼ ଦେଶର ନେତା ଗାନ୍ଧୀଜୀ କେତେ କର୍ମବ୍ୟସ୍ତ ରହୁ ନ ଥିବେ । ଅଥଚ ତା'ରି ଭିତରେ ସେ ଜଣେ ଅଜ୍ଞାତ, ଅନାମଧେୟ ବିଦେଶୀର ପ୍ରଶ୍ନର ଉତ୍ତର ତୁରନ୍ତ ନିଜ ହାତରେ ଲେଖି ଦେଇ ପାରିଲେ ! ଏହା ତାଙ୍କୁ ଚିରଦିନ ପାଇଁ ଗାନ୍ଧୀଜୀଙ୍କ ସହ ଭକ୍ତି ସୂତ୍ରରେ ଆବଦ୍ଧ କଲା । ଗାନ୍ଧୀଜୀଙ୍କର ସେ ଚିଠିଟି ସେ ଯତ୍ନରେ ସାଇତି ରଖିଥିଲେ, ମାତ୍ର ତାଙ୍କର ପୁରୁଣା ଘରଟିର କେତେକ ଅଂଶ କେତେବର୍ଷ ତଳେ ଭୁଷୁଡ଼ି ପଡ଼ି ଅନେକ କାଗଜ ପତ୍ର ନଷ୍ଟ ହୋଇଗଲା ଓ ତା' ଭିତରେ ସେ ଚିଠିଟି ବି ।

ରେକେନ୍‌କର୍ ଓ ତାଙ୍କର ସ୍ତ୍ରୀ ଉଭୟେ ଭାରତପ୍ରେମୀ । ପରେ ଦୁହେଁ ଭାରତ ବୁଲି ମଧ୍ୟ ଆସିଛନ୍ତି । ବୁଢ଼ାଙ୍କର ବୟସ ସତାଅଶି ହେଲାଣି । ବୁଢ଼ୀ ଦ୍ୱିତୀୟ ପକ୍ଷ, ଷାଠିଏ ଭିତରେ ହେବେ । ବୁଢ଼ା ଏବେ ବି ସୁସ୍ଥ ସମର୍ଥ ଅଛନ୍ତି । ପ୍ରତିଦିନ କିଛି ସମୟ ବଗିଚାରେ ପରିଶ୍ରମ କରନ୍ତି । ଗାନ୍ଧୀଜୀ ମାନସିକ ଶ୍ରମ ଓ ଶାରୀରିକ ଶ୍ରମର ସମନ୍ୱୟ ଚାହୁଁଥିଲେ । ସେହି ଆଦର୍ଶ ସେ ଅନୁସରଣ କରି ନିଜର ଦେହ ଓ ମନ ଉଭୟଙ୍କୁ ସେହିପରି ରଖିଛନ୍ତି ବୋଲି ସେ କହିଲେ ।

ଆଜିକାଲି ଶ୍ରୀ ରେକେନକର୍ ପଢ଼ାଶୁଣା କରି ଦିନ କଟାନ୍ତି । ସେ ଜଣେ ଶିଳ୍ପାନୁରାଗୀ । ଘରେ ଅନେକ ଉତ୍କୃଷ୍ଟ ଚିତ୍ର ସଂଗ୍ରହ କରି ରଖିଛନ୍ତି ।

ଭାରତର ବର୍ତ୍ତମାନ ପରିସ୍ଥିତି ବିଷୟରେ ସେ ଅନେକ କଥା ଆଗ୍ରହର ସହିତ ପଚାରି ବୁଝିଲେ । ଭାରତରେ ଯେ ଅଶାନ୍ତି ଓ ହିଂସାକାଣ୍ଡ ବଢ଼ିଛି ଏଥିରେ ସେ ବଡ଼ ଚିନ୍ତା ପ୍ରକାଶ କଲେ । ଏହିନେଇ ଆଲୋଚନା ହେଲା ।

ମୁଁ କହିଲି ଯେ ଭାରତରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଘଟଣା ହେଉଛି ଯେ ସେଠାର ସାଧାରଣ ଜନତା ବହୁଶତାବ୍ଦୀର ଜଡ଼ତା ପରେ ଜାଗି ଉଠୁଛି ଓ ଲୋକେ ନିଜର ମାନବୀୟ ଅଧିକାର ବିଷୟରେ ସଚେତନ ହେଉଛନ୍ତି । ଯେଉଁ ଅନ୍ୟାୟ ବ୍ୟବସ୍ଥା ଲୋକଙ୍କୁ ଦବେଇ ରଖିଛି ତାହା ସହିତ ଏଥିଯୋଗୁଁ ସଂଘାତ ଉପୁଜୁଛି । ଗାନ୍ଧୀଜୀ ଏହି ଜାଗରଣର ପ୍ରଧାନ ପୁରୋଧା । ସେ କବରର ଶାନ୍ତିକୁ ଭାଙ୍ଗି ବାସ୍ତବ ମାନବୀୟ ଶାନ୍ତି-ପ୍ରତିଷ୍ଠା କରିବାକୁ ଚାହୁଁଥିଲେ । ସେ ଲୋକଙ୍କର ଜଡ଼ତା ଭାଙ୍ଗିବାକୁ ଉଦ୍ୟମ କରିଥିଲେ ଓ ଜାଣୁଥିଲେ ଯେ ଲୋକେ ଯେତେବେଳେ ପ୍ରଥମ କରି ତାଙ୍କ ଉପରେ ଚାଲିଥିବା ଅନ୍ୟାୟ ଓ ଶୋଷଣ ବିଷୟରେ ସଚେତନ ହେବେ ସେତେବେଳେ ସେମାନଙ୍କୁ ଅହିଂସାର ଶିକ୍ଷା ଯେତେ ଦିଆଗଲେ ମଧ୍ୟ ଅସମ୍ଭାଳ ହୋଇ କିଛି କିଛି ହିଂସା ଘଟାଇ ପାରନ୍ତି । ତାଙ୍କ ଆନ୍ଦୋଳନ ବେଳେ ମଧ୍ୟ କିଛି କିଛି ହିଂସା ଘଟୁଥିଲା । ତଥାପି ଏ ବିପଦକୁ ମୁଣ୍ଡାଇ ସେ ଲୋକଜାଗରଣ ପାଇଁ ଉଦ୍ୟମ କରୁଥିଲେ । ଆଜି ସେହି ଜାଗରଣର ପ୍ରକ୍ରିୟା ଆଗେଇ ଚାଲିଛି । ଲୋକେ ଅଧୈର୍ଯ୍ୟ ହୋଇ କିଛି କିଛି ହିଂସା ଘଟାଉଛନ୍ତି । ମାତ୍ର ଅସଲ କଥା ଓ ଆଶାର କଥା ହେଉଛି ଲୋକଙ୍କର ଜାଗରଣ ଓ ତାଙ୍କ ଭିତରେ ଏକ ନୂଆ ସମାଜର ଆକାଂକ୍ଷା । ଏ ଜାଗରଣ ଓ ଆକାଂକ୍ଷା ଯେତିକି ବଢ଼ିବ ଲୋକେ ସେତିକି ଅହିଂସାର ମହତ୍ତ୍ୱ ବୁଝିବାକୁ ସକ୍ଷମ ହେବେ । ସେଥିପାଇଁ ଭାରତର ପରିସ୍ଥିତିରେ ମୁଁ ନିରାଶାର କାରଣ ଦେଖୁନାହିଁ ।

ଶ୍ରୀ ରୋଜନକର୍ ଏହି ବିଶ୍ଳେଷଣକୁ ପସନ୍ଦ କରିଥିଲେ ଓ କହିଲେ "ଭାରତ ବିଷୟରେ ମୋ ମନରେ ଯେଉଁ ନିରାଶା ଘୋଟିଯାଇଥିଲା ତାହା ତମର ଏ ବିଶ୍ଳେଷଣ ଦ୍ୱାରା ଦୂର ହେଲା ।" × × × ×

ମୁଏନ୍‌କୋ ଦମ୍ପତିଙ୍କ ଘର କୋପେନ୍‌ହାଗେନ୍ ଠାରୁ କୋଡ଼ିଏ କିଲୋମିଟର ଦୂର । ଉଭୟେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ । ଜଣକୁ ପ୍ରାୟ ପାଞ୍ଚ ହଜାର ଟଙ୍କା ଦରମା ପା'ନ୍ତି । ଗୋଟିଏ ନୂତନ ଆବାସିକ କଲୋନୀରେ ତିନି ଲକ୍ଷ ଟଙ୍କା ଦେଇ ଘର କିଣିଛନ୍ତି । ପ୍ରତି ମାସରେ ଦାମ କିସ୍ତିଓ୍ୱାର ଶୁଝୁଛନ୍ତି । ଘରଟି ଏକତାଲା । ଭୁବନେଶ୍ୱରର ଟାଇପ୍ ସିକ୍ସ ମାପର ହେବ । ଚାରି ବଖରା ରହିବା ଘର, ରୋଷେଇ ଘର ଓ ଗାଧୁଆ ଘର । ତା'ଛଡ଼ା ମାଟିତଳେ ବଖରାଏ ଗୋଦାମ ଘର, ବାକ୍‌ସ ପେଟରା ଆଦି ରଖିବା ପାଇଁ ଘର । ଭିତରେ ସାଜସଜ୍ଜା, ଆସବାବପତ୍ର ସ୍ୱଳ୍ପ ବିନ୍ତୁ ଆଧୁନିକ ରୁଚିସମ୍ପନ୍ନ ଓ ଆରାମଦାୟକ । ଏମାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ । ପୁଅ ସ୍ୱେନ୍ ହାଇସ୍କୁଲରେ ପଢ଼େ । ହିପ୍‌ପି ଷ୍ଟାଇଲରେ ଲମ୍ବ ବାଳ ରଖିଛି । ଝିଅ ତା'ର ପୁବକ ସାଥୀ ବା ସ୍ୱାମୀ ସହିତ ପାଖ ସହରରେ ଥାଏ ।

ସେ ଦିନ ସନ୍ଧ୍ୟାରେ ସେ ଦୁହେଁ ସେଠିକି ଆସିଥାନ୍ତି । ଶ୍ରୀ ମୁଏନ୍‌କୋ ସେମାନଙ୍କ ସହିତ ମୋର ପରିଚୟ କରାଇଦେଇ କହିଲେ "ଏ ଆମର ଝିଅ ଓ ସେ ଆମର ବେ-ଆଇନ୍ ଜୁଆଁଇଁ ।" ମୁଁ ପଚାରିଲି "ବେ-ଆଇନ କାହିଁକି ?" ସେ ଜବାବ ଦେଲେ "କାରଣ ସେମାନେ

ଏକାଠି ରହୁଥିଲେ ମଧ୍ୟ ଆଇନ ଅନୁସାରେ ବାହା ହୋଇ ନାହାନ୍ତି । ତେଣୁ ତାକୁ ଆମେ ସନ୍-ଇନ୍-ଲ କହିବା କିପରି ?" ପଚାରିବାପରେ ମୁଁ କହିଲି—"ତେବେ ସନ୍ ଆଉଟ୍ ଲ କୁହାଯାଉ ।"

ରହଣୀର ଶେଷ ଦିନ ଅମେ ତାଙ୍କର ବେ-ଆଇନ ସମୁଧୀ ଶ୍ରୀ ସ୍ୱୋହାନ୍‌ସେନ୍‌ଙ୍କ ଘରକୁ ସନ୍ଧ୍ୟାରେ ବୁଲି ଯାଇଥିଲୁ । ସେଠିକି ଝିଅ ଓ ଜ୍ୱାଇଁ ମଧ୍ୟ ଆସିଥାନ୍ତି । ଏମାନେ ଆଇନତଃ ବାହା ନ ହୋଇ ଏକାଠି ରହିବାଟାକୁ ଉଭୟ ପରିବାର ବେଶ୍ ସ୍ୱାଭାବିକ ଭାବରେ ଗ୍ରହଣ କରୁଥିବାର ଦେଖିଲି । ଶ୍ରୀ ମୁଏନ୍‌କୋ ନିଜେ ଥରେ ଏ ପ୍ରସଙ୍ଗ ଉଠେଇଲେ, ସେ ପଚାରିଲେ 'ଯଦି ଦୁଇଜଣ ଲୋକ ପରସ୍ପରକୁ ଭଲ ପାଇବେ ଓ ଏକାଠି ରହିବାକୁ ଚାହିଁବେ ତେବେ ତାଙ୍କୁ ଆଇନକାନୁନ, ଦଲିଲ ଦସ୍ତାବେଜର ଏତେ ଝାମେଲାରେ କ'ଣପାଇଁ ପଡ଼ିବାକୁ ହେବ ?"

ସ୍କାଣ୍ଡିନେଭିଆର ଦେଶମାନଙ୍କରେ ସ୍ତ୍ରୀପୁରୁଷଙ୍କର ପରସ୍ପର ସମ୍ବନ୍ଧରେ ସ୍ୱଚ୍ଛନ୍ଦତା ଅନ୍ୟାନ୍ୟ ଦେଶମାନଙ୍କ ଅପେକ୍ଷା ଅନେକ ବେଶୀ । ଆଇନତଃ ବିବାହ ନ କରି ଏକତ୍ର ରହିବାଟାକୁ ନିନ୍ଦନୀୟ ମନେ କରାଯାଏ ନାହିଁ । ଏହା ଆମ ଦେଶର ପ୍ରଚଳିତ ନୈତିକତା ଅନୁସାରେ ଦୂଷଣୀୟ ମନେ ହୋଇପାରେ । ମାତ୍ର ସେଥିଯୋଗୁଁ ସେମାନଙ୍କ ସମାଜରେ କିଛି ବେଶୀ ସମସ୍ୟା ସୃଷ୍ଟି ହେଉଛି ବୋଲି ତ ମନେ ହୁଏ ନାହିଁ । ଅପରାଧ, ଅଶାନ୍ତି, ଅବ୍ୟବସ୍ଥା ଯେ କିଛି ଅନ୍ୟ ଦେଶ ଅପେକ୍ଷା ବେଶୀ ତା' ବି ନୁହେଁ ।

ମୁଏନ୍‌କୋଙ୍କ ଜନ୍ମ ଜର୍ମାନୀରେ, ସେଠାରେ ଥିବା ଡେନିଶ୍ ସଂଖ୍ୟାଲଘୁ ଗୋଷ୍ଠୀ ଭିତରେ । ଗତ ଦ୍ୱିତୀୟ ମହାଯୁଦ୍ଧ ପୂର୍ବରୁ ତାଙ୍କ ପରିବାର ଡେନ୍‌ମାର୍କକୁ ଚାଲି ଆସିଥିଲେ, ମାତ୍ର ହିଟ୍‌ଲର ଯେତେବେଳେ ଡେନ୍‌ମାର୍କ ଦଖଲ କରିଗଲା ସେତେବେଳେ ତାଙ୍କୁ ବାଧ୍ୟତାମୂଳକ ଭାବରେ ଜର୍ମାନ ସୈନ୍ୟ ଦଳରେ ଭର୍ତ୍ତି କରାଗଲା । ୧୯୪୦ରେ ରୁଷ୍ ଉପରେ ଆକ୍ରମଣ ଚାଲିଲାବେଳେ ସେ ସେହି ଆକ୍ରମଣକାରୀ ବାହିନୀରେ ଥିଲେ । ଜର୍ମାନ ବାହିନୀ ଯେତେବେଳେ ଲେନିନ୍‌ଗ୍ରାଡ୍ ଦଖଲ କରିବାକୁ ଅସମର୍ଥ ହୋଇ ପରାସ୍ତ ହୋଇ ପଛଘୁଞ୍ଚା ଦେଲେ ସେତେବେଳେ ମୁଏନ୍‌କୋ ଏହି ପଳେଇ ଆସୁଥିବା ସେନାର ପଛ ଦଳରେ ଥିଲେ । କୌଣସି ଏକ ଶୃଙ୍ଖଳାଭଙ୍ଗର ଶାସ୍ତି ସ୍ୱରୂପ ତାଙ୍କୁ ଏକ "ଦଣ୍ଡିତ ଦଳ" (**Punishment unit**)ରେ ରଖାଯାଇଥାଏ । ଏ ଦଳର ସମସ୍ତ ସିପେହୀ ଦଣ୍ଡ ଭୋଗୁଥାନ୍ତି । ସେମାନଙ୍କୁ ରହିବା ପାଇଁ ତମ୍ବୁ ବା ଶୋଇବା ପାଇଁ ବିଛଣା ଦିଆଯାଇ ନ ଥାଏ । ରୁଷ୍ ଦେଶର ଶୀତ ଦିନର ସେହି ଶୂନ୍ୟଡ଼ିଗ୍ରୀରୁ ବି କମ, ବିଯୁକ୍ତ ଡ଼ିଗ୍ରୀର ପ୍ରଚଣ୍ଡ ଓ ଦୁଃସହ ହିମ ପ୍ରବାହ ଭିତରେ ସେମାନଙ୍କୁ ବରଫ ଉପରେ ଚାଲିବାକୁ, ବସିବାକୁ ଓ ଶୋଇବାକୁ ପଡ଼ୁଥିଲା । ଫଳରେ ଥଣ୍ଡା ଲାଗି ମୁଏନ୍‌କୋଙ୍କ ଗୋଡ଼ ଜଖମ ହେଲା । ପରେ ଯେତେ ଚିକିତ୍ସା କଲେ ମଧ୍ୟ ଏହା ପୁରା ଆରୋଗ୍ୟ ହେଲା ନାହିଁ । ଏବେ ନିକଟରେ ଏହାର ଚିକିତ୍ସା ପାଇଁ ଛଅ ମାସ ହାସପାତାଳରେ ରହି ଆସିଲେ । ମାତ୍ର ତଥାପି ଜଖମ ଅଛି, ଘୋଷାରି ଘୋଷାରି ଚାଲନ୍ତି ।

ଯାହାହେଉ ମୁଏନ୍‌କୋ ଭାଗ୍ୟବାନ ଯେ ସେ ଏତକରେ ଏ କରାଳ ପଛଘୁଞ୍ଚାରୁ ବର୍ତ୍ତିଗଲେ । ତାଙ୍କର ଏ ଦଳରେ ଥିବା ମୂଳ ଦେଢ଼ଶହ ସିପେହୀ ଓ ପରେ ଯୋଗ ଦେଇଥିବା ଉଣେଶ, ଏପରି ମୋଟ ଶହେ ଅଣି ଜଣଙ୍କ ଭିତରୁ ଶେଷ ପର୍ଯ୍ୟନ୍ତ ବଞ୍ଚି କରି ଫେରିଲେ ମାତ୍ର ପନ୍ଦରଜଣ ।

ଯୁଦ୍ଧ ସରିବା ପରେ ମୁଏନ୍‌କୋ ଡେନମାର୍କ ଚାଲିଆସି ଏଠାର ନାଗରିକତ୍ୱ ଗ୍ରହଣ କରିଛନ୍ତି । ସେ ଓ ତାଙ୍କ ସ୍ତ୍ରୀ ଉଭୟେ ଯୁଦ୍ଧବିରୋଧୀ । ଅହିଂସାରେ ତାଙ୍କର ବିଶ୍ୱାସ ଅତି ଗଭୀର । ଏପରିକି ପୋକଜୋକ ସୁଦ୍ଧା ମାରିବା ସେ ପସନ୍ଦ କରନ୍ତି ନାହିଁ । ତାଙ୍କର ପଛପଟ ବାରିରେ କେତେଗୁଡ଼ିଏ ଫୁଲଗଛ ଲଗା ହୋଇଛି । ସେଥିରେ କେତେକ ପୋକ ଲାଗିଥିଲା । ଏ ପୋକ ମାରିବା ପାଇଁ ସେ ଗାମେକ୍ସିନ ଆଦି କୀଟନାଶକ ଔଷଧ ବ୍ୟବହାର କରିବାକୁ ନାରାଜ ହେଉଥାନ୍ତି । ସ୍ୱାଭାବିକ ଭାବରେ ପୋକଙ୍କର ଉପଦ୍ରବ କିପରି ଊଣା ହେବ ତାହାର ଉପାୟ ଖୋଜୁଥାନ୍ତି ।

★ ★

# ଚଉଦ

## ଜନତା ବିଦ୍ୟାଳୟ ଓ ପ୍ରାଥମିକ ଶିକ୍ଷା

ହେଲ୍‌ସିଂଗର ବା ଏଲସିନୋରଠାରେ ଥିବା ଆନ୍ତର୍ଜାତୀୟ ଜନତା ଉଚ୍ଚ ବିଦ୍ୟାଳୟ ଦେଖାଯିବାର ବ୍ୟବସ୍ଥା ଆମ ଦୂତାବାସ ତରଫରୁ କରାଯାଇଥିଲା । ଗତଶତାବ୍ଦୀର ଶେଷ ଆଡ଼କୁ ଡେନ୍‌ମାର୍କରେ ଜନତା ବିଦ୍ୟାଳୟ ଆନ୍ଦୋଳନ ବିଶପ୍ ଏନ୍.ଏଫ୍. ଗ୍ରୁଣ୍ଡ୍‌ଭିଗ୍‌ଙ୍କର ପ୍ରେରଣାରେ ଆରମ୍ଭ ହୋଇଥିଲା । ଡେନ୍‌ମାର୍କ କୃଷି ପ୍ରଧାନ ଦେଶ ଓ ଏଠାର ଗ୍ରାମବାସୀ କୃଷୀମାନଙ୍କୁ ଉଚ୍ଚଶିକ୍ଷା ଓ ସାଂସ୍କୃତିକ ବିକାଶର ସୁଯୋଗ ଦେବା ଏ ଆନ୍ଦୋଳନର ଉଦ୍ଦେଶ୍ୟ ଥିଲା । ଏ ସବୁ ବିଦ୍ୟାଳୟକୁ ଗାଁର ଯୁବକ ଯୁବତୀ ବା ଯେ କେହି ଫୁରସତ୍ ସମୟରେ ଆସିଥାନ୍ତି ଓ ରାଜନୀତି, ଅର୍ଥନୀତି, ଇତିହାସ, ମାନବ ସଂସ୍କୃତିର ଇତିହାସ ବିଜ୍ଞାନ, ଉନ୍ନତ କୃଷିବିଦ୍ୟା, ଶିଳ୍ପକଳା ଓ ଏହିପରି ଅନ୍ୟ ଅନେକ ବିଷୟ ଭିତରୁ ନିଜ ନିଜର ରୁଚି ଅନୁସାରେ ବିଷୟ ବାଛି ନେଇ ଅଧ୍ୟୟନ କରିଥାନ୍ତି । ଗୋଟିଏ ଗୋଟିଏ ବିଷୟରେ ଦୁଇ ମାସ ବା ତିନି ମାସର ପାଠ୍ୟକ୍ରମ ରଖାଯାଇଥାଏ । ଏ ଉଦ୍ୟମ କାଳକ୍ରମେ ଖୁବ୍ ଲୋକପ୍ରିୟ ହେଲା ଓ ଏବେ ଏଭଳି ଶହ ଶହ ଜନତା ଉଚ୍ଚ ବିଦ୍ୟାଳୟ ଏ ଦେଶରେ ରହିଛି ।

ଏଲ୍‌ସିନୋର୍ ହେଲା ସେକ୍‌ସପିୟରଙ୍କର ବିଖ୍ୟାତ ନାଟକର ମୁଖ୍ୟପାତ୍ର ରାଜପୁତ୍ର ହ୍ୟାମଲେଟଙ୍କ ଜନ୍ମସ୍ଥାନ । ଏଠି ସେହି ଅମଳର ହ୍ୟାମଲେଟଙ୍କ ବଂଶର ରାଜପ୍ରାସାଦ ଓ ଦୁର୍ଗ ମଧ୍ୟ ଅଛି । ଅବଶ୍ୟ ଏସବୁ କେବଳ ଦୂରରୁ ଦେଖିବାର ହିଁ ସମୟ ସେଠି ମିଳିଥିଲା । ଏଠାର ଜନତା ଉଚ୍ଚ ବିଦ୍ୟାଳୟଟି ଦେଶ ବିଦେଶର ଛାତ୍ରଙ୍କ ପାଇଁ ଖୋଲା ଓ ସେଥିପାଇଁ ଏହା ଆନ୍ତର୍ଜାତୀୟ । ଏଠାର ଶିକ୍ଷାର ମାଧ୍ୟମ ଇଂରେଜୀ । ଷୋଳ ଏକର ଜମିର ହତା ଭିତରେ ବିଦ୍ୟାଳୟଟି ରହିଛି । ବେଶ୍ ଚମତ୍କାର ପ୍ରାକୃତିକ ପରିବେଶ । ବିଦ୍ୟାଳୟ ଗୃହ, ପୁସ୍ତକାଗାର, ହସ୍ତକକ୍ଷ, ଛାତ୍ରାବାସ, ଶିକ୍ଷକମାନଙ୍କର ବାସଗୃହ ଆଦି ସବୁ ରହିଛି ପୁସ୍ତକାଗାରରେ ବହିର ସଞ୍ଚୟ ଖୁବ୍ ବିସ୍ତୀର୍ଣ୍ଣ ଓ ଡେନିଶ୍ ଛଡ଼ା ଇଂରେଜୀ ଓ ଅନ୍ୟାନ୍ୟ ଭାଷାରେ ମଧ୍ୟ ପ୍ରଚୁର ବହି ରହିଥିବାର ଦେଖିଲି ।

ସେ ସମୟରେ ସେଠାରେ ମୋଟ କୋଡ଼ିଏଟି ଦେଶରୁ ତେସ୍ତାଅଶି ଜଣ ଛାତ୍ରଛାତ୍ରୀ ଥିଲେ । ପ୍ରଧାନତଃ ଥିଲେ ୟୁରୋପର ବିଭିନ୍ନ ଦେଶରୁ, ମାତ୍ର ଆଫ୍ରିକାର ଦେଶମାନଙ୍କରୁ

କେତେଜଣ ଥିଲେ ଓ ଭାରତରୁ ଥିଲେ ଦୁଇଜଣ । ଉତ୍ତର ପ୍ରଦେଶରୁ ଶ୍ରୀ ଶର୍ମା ଓ ମହୀଶୂରରୁ ଶ୍ରୀ ବେଙ୍କଟସ୍ୱାମୀ ଶେଟ୍ଟୀ । ଏମାନେ ସେଠାରେ ଉନ୍ନତ କୃଷି ପ୍ରଣାଳୀ ଓ ଗୋପାଳନ ଶିଖିବାକୁ ଯାଇଛନ୍ତି । ଏ ବିଦ୍ୟାଳୟରେ କେତେ ମାସ ରହିବା ଛଡ଼ା ବିଭିନ୍ନ କୃଷି ଓ ଗୋପାଳନ କେନ୍ଦ୍ରରେ ମଧ୍ୟ କିଛି କିଛି ସମୟ ରହିବେ । ଏଠାରେ ଛଅ ଜଣ ସ୍ଥାୟୀ ଶିକ୍ଷକ ଥାଆନ୍ତି । ଅନ୍ୟ କେତେକ ଦରକାର ଅନୁସାରେ ଅସ୍ଥାୟୀ ଭାବରେ ନିଅଯାଇଥାନ୍ତି ।

ଏଇଠି ଦେଖିଲି ପନିପରିବା ଉପୁଜାଇବା ପାଇଁ କାଚ ଘର । ଅଧା ଗୋଲ ଆକୃତିର କାଚର ଘର । ଏହା ଭିତରଟା ଉଷ୍ମ ରହେ ଓ ଶୀତ ଆଉଁ ଆଉଁ ଆଗରୁ ଖରାଦିନିଆ ଫସଲ ପାଇଁ ତଳି ପକାଯାଏ, ଫସଲ ମଧ୍ୟ ଉତ୍ପନ୍ନ କରାଯାଏ । ମନେ ରଖିବା ଉଚିତ ଯେ ଆଳୁ,କୋବି, ମଟର, ସିମ, ଟମାଟୋ ଆଦି ଆମର ଶୀତଦିନିଆ ପନିପରିବାଗୁଡ଼ାକ ଏଣେ ଖରାଦିନିଆ ।

ଏଠି ଗୋଟିଏ ସଭା ହେଲା । ସର୍ବୋଦୟ ଆନ୍ଦୋଳନ ଓ ଖାସ୍ କରି ଅହିଂସାର ପ୍ରକ୍ରିୟା ବିଷୟରେ ମୁଁ କହିଲି । ଅନ୍ୟ ଦେଶରୁ ବିଶେଷ କରି ଆଫ୍ରିକାରୁ ଆସିଥିବା କେତେକ ଛାତ୍ରଛାତ୍ରୀ ସତ୍ୟାଗ୍ରହ ବିଷୟରେ ଖୁବ୍ ଆଗ୍ରହର ସହିତ ବାରମ୍ବାର ପ୍ରଶ୍ନ ପଚାରୁଥିଲେ ।

ଏଠୁ ରେଲ୍‌ଷ୍ଟେସନକୁ ଫେରିବା ବେଳେ ବେଙ୍କଟସ୍ୱାମୀଙ୍କ ସାଙ୍ଗରେ ବୁଲି ବୁଲି ଗଲି । ସମୁଦ୍ର କୂଳ ଦେଇ ରାସ୍ତା । ସମୁଦ୍ର ସେପାରରେ ସ୍ୱୀଡ଼େନ୍‌ର ଉପକୂଳ ଦେଖା ଯାଉଥାଏ । ତିନି ଚାରି ମାଇଲ ଦୂର ହେବ । ଏଠୁ ବରାବର ସେପାରକୁ ଷ୍ଟୀମର ଚାଲେ । ଦୁଇ ଦେଶ ଭିତରେ ଯିବା ଆସିବାରେ କିଛି ଖାସ କଟକଣା ନାହିଁ । ଭିସା ଲାଗେ ନାହିଁ । ସବୁବେଳେ ଲୋକ ଚଳାଚଳ ଲାଗିଛି । ଯେଉଁ ଗାଡ଼ିରେ ମୁଁ କୋପେନହେଗେନ୍ ଫେରିଲି ସେଇଟି ମଧ୍ୟ ବୋଟ୍ ସ୍ପେଶାଲ । ସେପାରିରୁ ଆସୁଥିବା ଯାତ୍ରୀରେ ଭରା । × × ×

ସେଦିନ ସନ୍ଧ୍ୟାରେ କୋପେନହାଗେନରେ ଦୁଇଟି ସଭା ହେଲା । ଗୋଟିଏ ଆୟୋଜିତ ହୋଇଥିଲା ସେଠା ବିଶ୍ୱ ଯୁବକ କେନ୍ଦ୍ରରେ । ଆମ ଦୂତାବାସର ଉଦ୍ୟମରେ ଏଇଟି ଆୟୋଜିତ ହୋଇଥିଲା । ବିଶ୍ୱ ଯୁବକ କେନ୍ଦ୍ରଟି ବିଭିନ୍ନ ଦେଶର ଛାତ୍ରମାନଙ୍କ ପାଇଁ ଏକ ମିଳନର ସ୍ଥାନ । ଏଠି ପୁସ୍ତକାଗାର, ପାଠାଗାର, ସଭାଗୃହ ଆଦି ଅଛି । ଏକ ରେସ୍ତୋରାଁ ରହିଛି । ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ସୁବିଧା ଅଛି । ବିଭିନ୍ନ ଦେଶର ପତ୍ରପତ୍ରିକା ବି ଆସେ । ଏଠାରେ ଥିବା ବିଦେଶୀ ଛାତ୍ରମାନେ ଏଠି ଆସି ଆଡ୍‌ଡ଼ା ଦେବାକୁ ପସନ୍ଦ କରନ୍ତି । ଏଠା ସଭାରେ ବିଭିନ୍ନ ଦେଶର ପନ୍ଦର ଜଣ ଖଣ୍ଡେ ଛାତ୍ରଛାତ୍ରୀ ଓ ଅନ୍ୟ କେତେ ଜଣ ବୟସ୍କ ବ୍ୟକ୍ତି ଉପସ୍ଥିତ ଥିଲେ । ମିଶରର ଜଣେ ଭଦ୍ର ବ୍ୟକ୍ତି ଅହିଂସାର କାର୍ଯ୍ୟକାରିତା ସମ୍ବନ୍ଧରେ ଖୁବ୍ ପ୍ରଶ୍ନ କଲେ । ସେଇ ଚିରନ୍ତନ ପ୍ରଶ୍ନ—ଅହିଂସା ତ ଭଲ, ମାତ୍ର ଯେତେବେଳେ ଅନ୍ୟ ପକ୍ଷରୁ ହିଂସାର ଆକ୍ରମଣ ହେବ ହିଂସାର ପ୍ରତିଶୋଧ ହିଂସାରେ କରିବା ଛଡ଼ା ଉପାୟ କ'ଣ ? ଅହିଂସା ଯେ ନିଷ୍କ୍ରିୟ ଅବସ୍ଥା ନୁହେଁ ମାତ୍ର ଏକ ସକ୍ରିୟ ଶକ୍ତି ଏହା ମୁଁ ବୁଝାଇବାର

ଯଥାସାଧ୍ୟ ଚେଷ୍ଟା କଲି । ତାଙ୍କର ମନଃପୂତ ହେଲା ନାହିଁ ନିଶ୍ଚୟ । ଆଲୋଚନା ବି ଆଉ ବେଶୀ ଲମ୍ବେଇ ହେଲା ନାହିଁ । ଏ ସଭା ସାରି ଅନ୍ୟ ସଭାଟିକୁ ଯିବାକୁ ହେଲା ।

ଅନ୍ୟଟି ଆୟୋଜିତ ହୋଇଥିଲା । ବିଶ୍ୱଯୁଦ୍ଧ ବିରୋଧୀ ସଂଘର ସ୍ଥାନୀୟ ଶାଖା ପକ୍ଷରୁ । ଏ ସଭାରେ ବି ବେଶୀ ଲୋକ ନ ଥିଲେ, ମାତ୍ର ଚାଲିଲା ରାତ୍ରି ଦାରଟା ପାଖାପାଖି ଯାଏ । ଖୁବ୍ ଭିନ୍ନ ଭିନ୍ନ ପ୍ରଶ୍ନ ଉତ୍ତର ଆଲୋଚନା ଚାଲିଲା ଗ୍ରାମଦାନ ଓ ଶାନ୍ତିସେନା କାମର । ସର୍ବୋଦୟ ଦର୍ଶନର ବିବିଧ ବିଷୟ ନେଇ ।

କୋପେନହାଗେନ୍‌ରେ ଅଧିକାଂଶ ବୁଲାବୁଲି ହେଲା ହେଲ୍‌ମସ୍ ମଟର ସାଇକଲ୍ ପଛରେ ବସି । ଚବିଶ ପଚିଶ ବର୍ଷର ଡେଣ୍ଡିଆ ଟୋକା । ମୁଣ୍ଡରେ ଝାମ୍ପୁରା ବାଳରେ ଗୋଟାଏ ରୁମାଲ ବାନ୍ଧିଥାଏ । ଜଣ ଓ ଦାଢ଼ୀ ପ୍ରାଚୀନ ଯୁଗର ଜଳଦସ୍ୟୁଙ୍କ ପରି, ସେଥିପାଇଁ ମୁଁ ତା'ର ନାଁ ଦେଇଥିଲି ଭାଇକିଂ । ସେ ଯେମିତି ଜୋରରେ ମଟର ସାଇକଲ ଚଲାଉଥାଏ ସେଥିରେ ପଛରେ ବସି ଆଖିବୁଜି ରାମନାମ ଜପିବା ଛଡ଼ା ଆଉ ଉପାୟ ନ ଥାଏ । କିନ୍ତୁ ସ୍ୱଭାବଟା ଚେହେରା ପରି ନୁହେଁ । ଖୁବ୍ ନମ୍ର ଓ ସେବାଭାବୀ । ତା'ର ସ୍ତ୍ରୀ ଏଲେନ୍ ମଧ୍ୟ ସେହିପରି ।

ହେଲ୍‌ମସ୍ ଏଠି ମତେ ନେଇ ଏଠାର ଗୋଟିଏ ଅଭିନବ ପ୍ରଚେଷ୍ଟା ଦେଖାଇଲା । ତାହା ହେଉଛି ଏକ—କ'ଣ କୁହାଯିବ ?—ସଂସ୍ଥା ସଂଘ ଭବନ (?) । ଏ ଦେଶର ଯୁବକ ଓ ଯୁବକମାନଙ୍କର ବିବିଧ ସାର୍ବଜନୀନ ସଂସ୍ଥାଗୁଡ଼ିକୁ 'ଉତ୍ସାହିତ କରିବା ଦୃଷ୍ଟିରୁ ଏଠାର ସରକାରଙ୍କର ଆର୍ଥିକ ସାହାଯ୍ୟ ନେଇ ଏକ ମସ୍ତବଡ଼ ଭବନ ତିଆରି କରାଯାଉଛି । ଏଥିରେ ଏଠାର ସବୁ ସାନ ବଡ଼ ଯୁବସଂସ୍ଥାମାନଙ୍କର ଅଫିସ ରହିଛି ଓ ରହିବ । ଏମାନଙ୍କୁ ଏଥିରେ ଅଫିସ ପାଇଁ ମାଗଣାରେ ଘର ମିଳିଛି । ଭବନର ପରିଚାଳନା ସଂସ୍ଥାମାନଙ୍କର ପ୍ରତିନିଧିଙ୍କ ହାତରେ ରହିଛି । ମୁଁ ଯିବାବେଳେ ତେଇଶ ଚବିଶଟି ସଂସ୍ଥାର ନାମ ସେଠାର ନାମ-ଫଳକରେ ରହିଥିବାର ଦେଖିଲି । କେତେକ ଶାନ୍ତିବାଦୀ ସଂସ୍ଥା ବି ଏହା ଭିତରେ ରହିଛନ୍ତି । ଏଠି ଟେଲିଫୋନ, ଡୁପ୍ଲିକେଟିଂ ମିସିନ୍ ଆଦି ଅଫିସ୍ ଉପକରଣ ଓ ବ୍ୟବସ୍ଥାର ସୁବିଧା ସମସ୍ତେ ବାଂଟିକୁଂଟି ବ୍ୟବହାର କରିବାର ବନ୍ଦୋବସ୍ତ ରହିଛି ଯାହା ଫଳରେ କୌଣସି ସଂସ୍ଥାକୁ ଏ ସବୁ ପାଇଁ ବେଶୀ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ । ଗୋଟାଏ ପ୍ରେସ୍ ମଧ୍ୟ ଏଠାରେ ରଖାଯାଉଛି । ସେଥିରେ ସମସ୍ତେ ନିଜ ନିଜର ପ୍ରଚାରପତ୍ର, ପତ୍ରିକା ଆଦି ଶସ୍ତାରେ ଓ ସହଜରେ ଛପେଇ ନେଇ ପାରିବେ । ଅଫିସ ଘର ଛଡ଼ା ସଭାସମିତି କରିବା ପାଇଁ ବଡ଼ ହଲ ତିଆରି ଚାଲିଥିଲା । ଏ ଭବନର କେତେକ ଅଂଶ ନୂଆ, ଆଉ କେତେକ ଅଂଶ ଗୋଟାଏ ପୁରୁଣା କୋଠାରେ, ବୋଧହୁଏ ଅଫିସ୍ ଘର ବା ଗୋଦାମ ଘର ହେବ । ଯାହାକୁ ନେଇ ଏସବୁ କାମ ପାଇଁ ପରିବର୍ତ୍ତିତ ଓ ପରିବର୍ଦ୍ଧିତ କରାଯାଉଥିଲା । ଏହା ନିଃସନ୍ଦେହରେ ଏକ ଅଭିନବ ଉଦ୍ୟମ ଓ ଏଠା ସରକାରର ପ୍ରଗତିଶୀଳ ମନୋଭାବର ପରିଚୟ ଦିଏ । ××× 

ଏଠି ମୁଏନ୍‌କୋଙ୍କ ବିଦ୍ୟାଳୟ ଦେଖିବା ପାଇଁ ମଧ୍ୟ ତାଙ୍କ ସାଙ୍ଗରେ ଗଲି । ଉଭୟେ ଭିନ୍ନ ଭିନ୍ନ ବିଦ୍ୟାଳୟରେ କାମ କରନ୍ତି । ଘରଠୁଁ ସାତଆଠ ମାଇଲ ଦୂର । ଏଇଟି ନର୍ମାଲ ସ୍କୁଲ ମାନେ ନିମ୍ନ ମାଧ୍ୟମିକ ସ୍ତରର । ନଅଶହ ପିଲା । ପଚାଶ ସରିକି ଶିକ୍ଷକ । ଗୋଟିଏ ଗୋଟିଏ ଶ୍ରେଣୀରେ ଛାତ୍ର ଛାତ୍ରୀ ସଂଖ୍ୟା କୋଡ଼ିଏରୁ ପଚିଶ ଭିତରେ । ସେଥିରୁ ଅଧିକ ନୁହେଁ । ସ୍କୁଲର ଘରବାଡ଼ି, ଉପକରଣ ଓ ଅନ୍ୟାନ୍ୟ ବ୍ୟବସ୍ଥାର ତୁଳନା ଆମ ଦେଶରେ କାହିଁ ମିଳିବ ? ଦୋତାଲା ଘର । କ୍ଲାସଘର ମାନଙ୍କରେ ଅନ୍ୟାନ୍ୟ ଉପକରଣ ଛଡ଼ା ମ୍ୟାପ୍, ଚିତ୍ର, ମଡେଲ୍ ଆଦି ପ୍ରଚୁର ରହିଛି । ଏହା ଛଡ଼ା ହାତକାମ ପାଇଁ ସ୍ୱତନ୍ତ୍ର ଘର ଓ ନାନା ପ୍ରକାର ସରଞ୍ଜାମ ରହିଛି—ମାଟିରେ ମୂର୍ତ୍ତି ଗଢ଼ିବା, ଛବି ଆଙ୍କିବାଠାରୁ ଆରମ୍ଭ କରି କାଠକାମର ଯନ୍ତ୍ରପାତି ପର୍ଯ୍ୟନ୍ତ । ବିଜ୍ଞାନ ଲାବରେଟୋରୀରେ ଯେତେ ସରଞ୍ଜାମ ସେତେ ଆମର ଅଧିକାଂଶ କଲେଜରେ ନାହିଁ । ଫଟୋ ଉଠାଳିମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଡାର୍କରୁମ୍ । ସେଠି ବି ସବୁ ପ୍ରକାରର ଆଧୁନିକ ସରଞ୍ଜାମ ଖଞ୍ଜା ହୋଇଛି । ପିଲାଏ ଅବାଧରେ ସେସବୁ ବ୍ୟବହାର କରନ୍ତି । ସେମାନଙ୍କ ଦ୍ୱାରା ଉଠାହୋଇଥିବା ଫଟୋର ନମୁନା ଦେଖିଲି । ପେଶାଦାର ଫଟୋ ଉଠାଳିଙ୍କ କାନ କାଟି ନେବେ ।

ଏ ବିଦ୍ୟାଳୟ ସହିତ ଏକ ଶିଶୁମଙ୍ଗଳ କେନ୍ଦ୍ର ଓ ଏକ ଦାନ୍ତ ଚିକିତ୍ସା କେନ୍ଦ୍ର ରହିଛି । ଶିଶୁମାନଙ୍କର ଶାରୀରିକ ଅସୁସ୍ଥତା ବା ମାନସିକ ସମସ୍ୟା ନେଇ ଚିକିତ୍ସା ଓ ପରାମର୍ଶ ପାଇଁ ମା'ମାନେ ଏଠିକି ଆସନ୍ତି । ଦାନ୍ତ ଚିକିତ୍ସା କେନ୍ଦ୍ରରେ ଜଣେ ମହିଳା ଡାକ୍ତର, ଜଣେ ସହକାରୀ ଓ ଜଣେ ନର୍ସ ଥାନ୍ତି । ସରଞ୍ଜାମ ଯେତେ ଅଛି ସେତେ ଆମ ଶ୍ରୀରାମଚନ୍ଦ୍ର ମେଡ଼ିକାଲ କଲେଜରେ ହିଁ କେବଳ ଥିବ । ପ୍ରତି ପିଲାର ଦାନ୍ତ ବର୍ଷରେ ଦୁଇଥର ପରୀକ୍ଷା କରାଯାଇ ଏଠାରେ ଆବଶ୍ୟକ ଚିକିତ୍ସା କରାଯାଏ ।

ମୁଏନ୍‌ଟ୍‌କୋଙ୍କଠାରୁ ବୁଝିଲି ଯେ ଏଇଟା କିଛି ଗୋଟାଏ ବିଶେଷ ବିଦ୍ୟାଳୟ ନୁହେଁ । ସବୁ ବିଦ୍ୟାଳୟର ସାଜସରଞ୍ଜାମ ଓ ବ୍ୟବସ୍ଥାର ସ୍ତର ଏହି ପ୍ରକାରର । ବରଂ କୋପେନ୍‌ହାଗେନ୍ ସହରରେ ଥିବା ପୁରୁଣା ବିଦ୍ୟାଳୟ ଗୁଡ଼ିକରେ ହିଁ ସାଜ ସରଞ୍ଜାମ ଅପେକ୍ଷାକୃତ କମ୍ । ସ୍ଥାନର ମଧ୍ୟ ଟିକେ ଅଭାବ । ନୂଆ ନୂଆ ଖୋଲୁଥିବା ମଫସଲର ବିଦ୍ୟାଳୟମାନଙ୍କର ବ୍ୟବସ୍ଥା ସବୁଠାରୁ ଭଲ । ଏ ବିଦ୍ୟାଳୟଟି ପନ୍ଦରବର୍ଷ ତଳେ ଖୋଲା ହୋଇଥିଲା । ଏ ସହରରେ ଏହିଭଳି ନଅଟି ଅଛି । ଆଉ ମଧ୍ୟ ଖୋଲିବାର ଅଛି । ସହରଟି ଛୋଟ । ଲୋକ ସଂଖ୍ୟା ପଚିଶ ଷାଠିଏ ହଜାର ହେବ । ସ୍ଥାନୀୟ ମ୍ୟୁନିସିପାଲିଟି ବିଦ୍ୟାଳୟଗୁଡ଼ିକର ପରିଚାଳନା କରିଥାଏ । ସରକାର ଶତକଡ଼ା ସତୁରି-ଅଶୀ ଭାଗ ଖର୍ଚ୍ଚ ଦିଏ ।

ବିଦ୍ୟାଳୟର ପଛୁଆ, ବ୍ୟାହତ ବୁଦ୍ଧି ପିଲାଙ୍କ ପାଇଁ ସ୍ୱତନ୍ତ୍ର ଶ୍ରେଣୀର ବ୍ୟବସ୍ଥା ଅଛି । ମୁଏନକୋ ସେଇ ଶ୍ରେଣୀର ଦାୟିତ୍ୱ ମଧ୍ୟ ତୁଲାଇଥାନ୍ତି । ବାର ଚଉଦ ବର୍ଷର ସାତୋଟି ପିଲା ଏ ଶ୍ରେଣୀରେ ଥାନ୍ତି   ଆମେ ସେଠି ପହଞ୍ଚି କ୍ଲାସଘରେ ପଶିବାକୁ ଗଲା ବେଳକୁ ଗୋଟିଏ

ସାନ ଝିଅ ଆସି ତରତର କରି କବାଟ ବନ୍ଦ କରିଦେଇ ଆମକୁ ବାଟ ଓଗାଳିଲା । କହିଲା ଆମେ ଆପଣମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେବା ପାଇଁ ଏକ ଗୁପ୍ତ ଆୟୋଜନ କରୁଛୁ । ଏହିକ୍ଷଣି ଆପଣ ଭିତରକୁ ଯାଇ ପାରିବେ ନାହିଁ । ଆମେ ବାହାରେ ଅପେକ୍ଷା କରି ରହିଲୁ । ଦଶ ମିନିଟ ଖଣ୍ଡେ ପରେ ଦୁଆର ଖୋଲିଲା ଓ ଆମକୁ ଭିତରକୁ ସ୍ୱାଗତ କରାଗଲା । ଦେଖିଲୁ ଯେ ଚା'ର ଆୟୋଜନ କରା ହୋଇଛି । ଚା ସାଙ୍ଗକୁ ବିସ୍କୁଟ, କେକ୍ ଆଦି ମଧ୍ୟ ରହିଛି । ମୁଁ ଚା' ପିଏ ନାହିଁ ଜାଣି ଗୋଟିଏ ପିଲା ଦୌଡ଼ିଯାଇ କୋଉଠୁ ଦୁଧ ଯୋଗାଡ଼ କରି ନେଇ ଆସିଲା । ଚା' ପିଇ ପିଇ ଶିକ୍ଷକ ଓ ଛାତ୍ରଙ୍କ ଭିତରେ ବେଶ୍ ଖୁସି ଗପ ଓ ପାଠ ବିଷୟରେ, ଆସନ୍ତା ପରୀକ୍ଷାର ଆୟୋଜନ ବିଷୟରେ, କଥାବାର୍ତ୍ତା ଚାଲିଲା । ଆଉ ଜଣେ ଶିକ୍ଷୟିତ୍ରୀ ମଧ୍ୟ ଥାନ୍ତି ।

ମୁଁ ଲକ୍ଷ୍ୟ କଲି ଯେ ଏଠି ଛାତ୍ର ଓ ଶିକ୍ଷକ ଭିତରେ ସମ୍ପର୍କ ସମ୍ପୂର୍ଣ୍ଣ ସହଜ । କୌଣସି ପ୍ରକାର ଭୟ ଓ ଆଡ଼ମ୍ବରତା ନାହିଁ । ବେଶ ହସି ହସି ସହଜ ଭାବରେ କଥାବାର୍ତ୍ତା ଅଡ୍ଡା ଚାପରା ହେଉଛନ୍ତି । ଶିକ୍ଷକଙ୍କର ବ କୃତ୍ରିମ ଆତ୍ମମ୍ଭରିତା ଓ କର୍ତ୍ତୃତ୍ୱ ଜାହିର କରିବାର ଭାବ ନାହିଁ । ଆମ ଦେଶରେ ତ ଗୁରୁଭକ୍ତି ନାଁରେ ଛାତ୍ରଙ୍କୁ ନ୍ୟୂନତା ହିଁ ଶିଖାଯାଏ ଏବଂ ତାର ପ୍ରତିକ୍ରିୟା ହେଉଛି ଆଜକାଲି ଦେଖା ଦେଉଥିବା ଚରମ ଅବଜ୍ଞା ଓ ଔଦ୍ଧତ୍ୟ ।

ବିଦ୍ୟାଳୟର ଅଫିସ ଘରକୁ ଗଲୁ ଓ ପ୍ରଧାନ ଶିକ୍ଷକଙ୍କ ସହିତ ମଧ୍ୟ ସାକ୍ଷାତ କଲୁ । ଆମେ ପ୍ରଧାନ ଶିକ୍ଷକଙ୍କ ଘରେ ଥିବା ସମୟ ଭିତରେ ଦୁଇ ତିନିଜଣ ଛାତ୍ର ଛାତ୍ରୀ ସେଠାକୁ ଆସିଲେ, ପ୍ରଧାନ ଶିକ୍ଷକଙ୍କୁ କଣ ସବୁ ପ୍ରଶ୍ନ ପଚାରିଲେ ଓ କଥାଭାଷା ସାରି ଚାଲିଗଲେ । ସମସ୍ତ ଅତି ସହଜ ଭାବରେ, ସହୃଦୟତାର ବାତାବରଣ ଭିତରେ ।

ମୁଁ ବିଚାରୁଥାଏ ଯେ ଭାରତରେ ଆମର ଏତେ ସମ୍ବଳ ନାହିଁ ଯେ ଏଭଳି ଭଲ ଭଲ ଘର ଓ ଉପକରଣର ଏତେ ପ୍ରାଚୁର୍ଯ୍ୟ ସୃଷ୍ଟି କରିପାରିବା । ମାତ୍ର ଶସ୍ତାରେ ମଧ୍ୟ କିପରି ଏ ଦେଶର ସର୍ବସାଧାରଣ ପିଲାଙ୍କର ମାନସିକ ଓ ସାଂସ୍କୃତିକ ଜଗତକୁ ସମୃଦ୍ଧ କରିବା ପାଇଁ ବିଦ୍ୟାଳୟ ମାନଙ୍କର କେଉଁଭଳି ଅଳ୍ପ ଖର୍ଚ୍ଚରେ ଆୟୋଜନ କରାଯାଇ ପାରେ ତା'ର ଉଦାହରଣ ମୌଳିକ ଶିକ୍ଷା ଉପସ୍ଥାପିତ କରିଥିଲା । ଏବଂ ଦେଖେଇ ଦେଇଥିଲା ଶିକ୍ଷକ ଓ ଛାତ୍ର ମଧ୍ୟରେ ଏକ ନୂଆ ଭାବଗତ ସମ୍ପର୍କ, ସାମନ୍ତବାଦର ବିଷାକ୍ତ ପରମ୍ପରାରୁ ମୁକ୍ତ । ମାତ୍ର ସାରାଜୀବନ ସରକାରୀ ଦପ୍ତରରେ ହରଡ଼ଘଣା ପେଲିବା ପରେ ଚାକିରିର ଶେଷ ପର୍ଯ୍ୟାୟରେ ଓ ଜୀବନର ଖରା ନଇଁ ଆସିବାବେଳକୁ ଯେଉଁ ଜରଦ୍‌ଗବମାନେ ଆମ ଦେଶର ଶିକ୍ଷା ବ୍ୟବସ୍ଥାର କର୍ଣ୍ଣଧାର ହୁଅନ୍ତି ସେମାନଙ୍କର ଆଖିକାନ ନୂଆ କଥା ଦେଖିବାକୁ ଖୋଲା ନ ଥାଏ କି ମସ୍ତିଷ୍କରେ ନୂଆ ଚିନ୍ତା କରିବାର ଶକ୍ତି ଅବଶିଷ୍ଟ ନ ଥାଏ । ସେଥିପାଇଁ ଯାହା ଗତାନୁଗତିକ ଚାଲି ଆସିଛି ତାକୁ ହିଁ ଟିକିଏ ଜୋଡ଼ାତାଲି ଦେଇ ଚାଲୁ ରଖିବାଟାକୁ ସେମାନେ ନିରାପଦ ଓ ଶ୍ରମଲାଘବକର ମଣିଥାନ୍ତି । ତାହା ନ ହେଲେ ଏ ଦେଶରେ ଉତ୍କୃଷ୍ଟ ମୌଳିକ ବିଦ୍ୟାଳୟର ବହୁତ ନମୁନା ରହିଛି, ଶିକ୍ଷାରେ ନୂତନ ପ୍ରୟୋଗର ଅନ୍ୟବିଧ ଭଲ ନମୁନା ମଧ୍ୟ ବେଶ କିଛି ଅଛି, ମାତ୍ର ଶିକ୍ଷା କର୍ତ୍ତୃପକ୍ଷଙ୍କର ସଦାସର୍ବଦା ଚେଷ୍ଟା ହେଲା

ଏ ସବୁର ବିଶେଷତ୍ୱକୁ ମାତ୍ରିମକଚ ଲୋପ କରି ସବୁଯାକକୁ ନେଇ ସେଇ ପୁରୁଣା ଗ୍ରନ୍ଥ ଭିତରେ ଖୁନ୍ଦିବା ।

ଆଜି ଯେ କେନ୍ଦ୍ରରେ ବା ରାଜ୍ୟମାନଙ୍କରେ ଶିକ୍ଷାମନ୍ତ୍ରୀ ହୁଅନ୍ତି ସେମାନଙ୍କ କଥା ତ ଛାଡ଼ । ଏମାନଙ୍କର ଉତ୍କୃଷ୍ଟ ନମୁନା ହେଲେ ଶ୍ରୀ ଗୁଜରାଲ । ଯେ ସାରାଜୀବନ ଆଇନ୍ କାନୁନ୍‌ର ଗଳିକନ୍ଦିର ଧୂଳି ଘାଣ୍ଟିବା ପରେ ହଠାତ୍ ଦିନେ ଭାରତର ଶିକ୍ଷା ମନ୍ତ୍ରୀ ହୋଇ ଗଲେ ଓ ମନ୍ତ୍ରୀତ୍ୱ କରିବାର ଦୁଇ ବର୍ଷ ଖଣ୍ଡେ ପରେ ଥରେ ରୁଷିଆ ବୁଲିଯାଇ ଅକସ୍ମାତ ଆବିଷ୍କାର କଲେ ଯେ ଏ ଦୁନିଆରେ ନୂଆ ଧରଣର ଶିକ୍ଷା ବୋଲି ବି କିଛି ବସ୍ତୁ ଅଛି ।

ଆଉ ସେ କଥା ।

★ ★

# ପନ୍ଦର

## ଡେନ୍‌ମାର୍କର ଗାଁ ଓ ଚାଷ

ଡେନମାର୍କ କୃଷି ପ୍ରଧାନ ଦେଶ । ଏଠୁ ସାରା ୟୁରୋପକୁ ଦୁଧ, ମଖନ, ମାଂସ ରପ୍ତାନି ହୋଇଥାଏ । ଏ ଦେଶରେ ସମବାୟ ସଂଗଠନ ମଧ୍ୟ ଖୁବ୍ ଆଗୁଆ । ଏଠାର ଗାଁ ଓ ଚାଷ ଦେଖିବା ପାଇଁ ମୁଁ ଇଚ୍ଛା ପ୍ରକାଶ କରିଥିଲି । ତେଣୁ ଶ୍ରୀ ମୁଏନ୍‌କୋ ମତେ ତାଙ୍କ ଗାଡ଼ିରେ ଚଉରାଅଶି କିଲୋମିଟର ଦୂର ଏକ ଗାଁରେ ତାଙ୍କର ଏକ ଦୂର ସମ୍ପର୍କୀୟ ଭାଇଙ୍କର କୃଷି-କ୍ଷେତକୁ ନେଇଗଲେ । ପଲ୍ଲୀ ଅଞ୍ଚଳ ଦେଇ ଅଳ୍ପ ଉଠାଣି ଗଡ଼ାଣି ଏକ୍‌ସପ୍ରେସ୍ ରାସ୍ତା ଦେଇ ଗାଡ଼ି ଚାଲିଥାଏ । ଚାରିପାଖରେ ବିଲ, କେଉଁଠି ଫସଲ ଛୁଡ଼ା ହେଉଛି । କେଉଁଠି ଫସଲ ଉଠିଯାଇ ଜମି ହଳ ହୋଇଛି । ମଝିରେ ମଝିରେ ବଗିଚା, ଛୋଟ ଛୋଟ ବଣ, ଛୋଟ ଛୋଟ ଗାଁର ଲାଲ ଟାଇଲ ଛାତ । ଗାଁ ପାଖରେ ରୋମାନ ଯୁଗର ଚୌଖୁଣ୍ଟିଆ ଗୀର୍ଜା । ରୌଦ୍ରୋଜ୍ଜ୍ୱଳ ଦ୍ୱିପ୍ରହରରେ ସବୁ ବେଶ୍ ସୁନ୍ଦର ଲାଗୁଥାଏ । ବିଶେଷ କରି କୌଣସି ମୁଣ୍ଡିଆ ମଥା ଉପରୁ ଦୂରଦୂରାନ୍ତର ଦୃଶ୍ୟ । ବଡ଼ ରାସ୍ତା ଛାଡ଼ି ଅଳ୍ପ ଭିତରକୁ ଗଲା ପରେ ମୁଏନ୍‌କୋଙ୍କ ଭାଇଙ୍କର ଘର ପଡ଼ିଲା । ସ୍ୱାମୀ ସ୍ତ୍ରୀ ଦୁଇଜଣ । ପୁଅମାନେ ପାଠ ପଢ଼ି ଚାକିରି କରୁଛନ୍ତି । ଅଳ୍ପ କେତେ ଜଣ ମୂଲିଆଙ୍କ ସାହାଯ୍ୟରେ ଅଶି ଏକର ଜମି ଚାଷ କରନ୍ତି । ଦୁଧ, ଗୋରୁମାଂସ ଓ ଘୁଷୁରି ମାଂସ ଉତ୍ପାଦନ ମୁଖ୍ୟ କାମ । ଜମିରେ ମୁଖ୍ୟତଃ ଗୋରୁ ଘୁଷୁରିମାନଙ୍କ ପାଇଁ ଖାଦ୍ୟ ଉତ୍ପାଦନ କରନ୍ତି ଓ କିଛି ବାର୍ଲି, ସାନ ଫଳ ବଗିଚାଟିଏ ମଧ୍ୟ ଅଛି ।

ପଚାଶ ମୁଣ୍ଡ ଦୁଧିଆଳୀ ଗାଈ ଓ ପଚାଶ ଖଣ୍ଡ ଘୁଷୁରି ଏହାଙ୍କର ଥାଏ । ଗାଈ ସବୁ ବିଲକୁ ଚରି ଯାଇଥାନ୍ତି । ଗୁହାଳ ଦେଖିଲୁ । ପକ୍‌କା ଘର । ଦୁଇ ପାଖରେ ଦୁଇ ଧାଡ଼ିରେ ଗାଈ ବାନ୍ଧିବା ବ୍ୟବସ୍ଥା । ଗାଈଙ୍କୁ ପିଇବା ପାଣି ଯୋଗାଇବାର ଏକ ଅଭିନବ ବ୍ୟବସ୍ଥା ଏଠି ଦେଖିଲି । ପ୍ରତ୍ୟେକ ଗାଈ ପାଇଁ ଗୋଟିଏ ସାନ କଂସା ଆକାରର ପାତ୍ର ରହିଛି ଓ ତା' ଉପରେ ପାଣି ନଳ । ପାଣି ବାହାରିବା ପାଇଁ ନଳର ଚାବି ଠେଲିବାକୁ ହୁଏ, ଯେମିତି ଷ୍ଟେସନ୍‌ରେ ଥାଏ । ମାତ୍ର ଏସବୁ ଚାବି ବା ବୋତାମ ବଡ଼, ଚେପ୍‌ଟା ଓ ଗାଡ଼ୁଆ । ଗାଈ ଏହାକୁ ତା'ର ନାକ ଦ୍ୱାରା ଠେଲି ପାରିବା ପାଇଁ ଏହା ଏପରି ତିଆରି ହୋଇଛି । ଗାଈ

ଏଭଳି ବୋତାମ ଠେଲି ପାଣି ପିଇବା ଶିଖିଯା'ନ୍ତି । ଏହା ଦ୍ୱାରା ତାଙ୍କୁ ସ୍ୱଚ୍ଛ ପାଣି ମିଳେ । ଶୀତଦିନେ କୁଣ୍ଡରେ ପାଣି ଜମା ହୋଇ ବରଫ ମଧ୍ୟ ପାଲଟେ ନାହିଁ ।

ଆଉ ଦେଖିଲି ଯେ ପ୍ରତି ଗାଈର ବନ୍ଧା ହେବା ସ୍ଥାନରେ ଉପରୁ ତାରର କୋଟ୍-ହ୍ୟାଙ୍ଗର୍ ପରି ଗୋଟିଏ ଲେଖାଏଁ କ'ଣ ଝୁଲୁଛି । ପଚାରି ବୁଝିଲି ଯେ ଏହା ବୈଦ୍ୟୁତିକ ତାର । ଗାଈର କାନ୍ଧ ସିଧାରେ ରହିଛି । ଗାଈ ଯଦି ଆଗକୁ ବେଶୀ ଘୁଞ୍ଚିଯିବ ତେବେ ତାର କାନ୍ଧରେ ବାଜି ଶକ୍ ଲାଗିବ ଓ ସେ ପୁଣି ପଛକୁ ହଟି ଆସିବ । ଏ ବ୍ୟବସ୍ଥା ରହିଛି ଗାଈଙ୍କୁ ଓ ଗୁହାଳକୁ ସଫା ରଖିବା ପାଇଁ । ଗାଈ ଠିକ୍ ଜାଗାରେ ଛିଡାହେଲେ ତା'ର ମଳମୂତ୍ର ପଛଆଡ଼େ ଥିବା ନାଳ ଭିତରେ ପଡ଼ିବ । ଗାଈର ଠିଆହେବା ଓ ଶୋଇବା ଜାଗାରେ ପଡ଼ିବ ନାହିଁ । ନଳାରେ ଥିବା ଗୋବରକୁ ଲମ୍ବା ବେଣ୍ଟବାଲା ଝାଡ଼ୁରେ ଠେଲି ନେଇ ଶେଷ ମୁଣ୍ଡରେ ଥିବା ଗାତରେ ତଳକୁ ପକାଇ ଦିଆଯାଏ । ତଳବାଟେ ବାହାରୁ ବାଟ ଅଛି ସେ ସବୁ ସଫାକରି ନେଇଯିବାକୁ ।

ପ୍ରତ୍ୟେକ ଗାଈ ପାଖରେ ଗୋଟିଏ କଳାପଟା ଝୁଲୁଥାଏ । ସେଥିରେ ସେ ଗାଈର ସମସ୍ତ ଠିକନଖି ବିବରଣ ଲେଖା ହୋଇଥାଏ । ତା'ର ମା' ଓ ବାପାଙ୍କର ପରିଚୟ, ତା'ର ଜନ୍ମ ତାରିଖ, ପ୍ରଥମ କେବେ ଗାଭିଲ ହେଲା । ମୋଟରେ କେତେ ଛୁଆ, ଶେଷ ବାଛୁରୀ କେବେ ହେଲା, ଏହା ପୂର୍ବ ବିଆଣରେ ମୋଟ କେତେ ଦୁଧ ଦେଇଥିଲା, ଦୁଧରେ ଶତକଡ଼ା କେତେ ଭାଗ ଚର୍ବି ଅଂଶ ଇତ୍ୟାଦି ସବୁ ତଥ୍ୟ । ଏମାନେ ସବୁତକ ଦୁଧ ସମବାୟ ସମିତିକୁ ଦେଇଦିଅନ୍ତି । ସମିତି ପକ୍ଷରୁ ମଝିରେ ମଝିରେ ଲୋକ ଆସି ଗାଈମାନଙ୍କୁ ଯାଞ୍ଚ୍ କରନ୍ତି । ଏଠି ପ୍ରତି ଗାଈ ଦୈନିକ ପନ୍ଦରରୁ ପଚିଶ କିଲୋ ଦୁଧ ଦେଉଥିବାର ହିସାବରୁ ଦେଖିଲି । ସେ ସମୟରେ ମୋଟ ସାଢ଼େ ତିନି ଶହ କିଲୋ ଦୁଧ ଦୈନିକ ହେଉଥିଲା । ପାଇକାରୀରେ ସହକାରୀ ସମିତି କିଲୋ ପଞ୍ଚଷଠି ଓରେ ( ପଞ୍ଚଷଠି ପଇସା ପ୍ରାୟ ) ଦରରେ ଦୁଧ ନିଏ । ବଜାରରେ ଖୋଲରେ ପଶି ଏକ ଫୋନର୍ କୋଡ଼ିଏ ଓରେ ଟଙ୍କାଏ କୋଡ଼ିଏ ପଇସା ପ୍ରାୟ) ଦରରେ ବିକ୍ରୀ ହୁଏ ।

ଗାଈ ବିଦ୍ୟୁତ୍ ଯନ୍ତ୍ର ଦ୍ୱାରା ଦୁହାଁ ହୁଏ । ସବୁ ଦୁଧ ଏକାବେଳକେ ନଳ ଦ୍ୱାରା ଯାଇ କୁଣ୍ଡ ଭଳି ବଡ଼ ପାତ୍ରରେ ଜମା ହୁଏ । ଖରାବେଳ, ଗୁହାଳରେ ବନ୍ଧା ନ ହୋଇ ଗାଈମାନେ ବିଲରେ ଚରୁଥାନ୍ତି । ବଡ଼ ବଡ଼ ଲାଲ ଗାଈ ଡେନ୍ମାର୍କର ଖାସ୍ ଦୁଧିଆଲୀ ଜାତି । ଏଠି ମଧ୍ୟ ବିଲ ଚାରିପଟେ ବୈଦ୍ୟୁତିକ ତାର ଘେରା ହୋଇଥାଏ । ଆମକୁ ଦେଖି ଗାଈ ସବୁ କୌତୁହଳୀ ହୋଇ ବାଡ଼ ପାଖକୁ ଆସି ଗୃହୁଁଥାନ୍ତି । ଏମାନଙ୍କ ଆଖିରେ ବି ସେମିତି ବନ୍ଧୁଆ ଭାବ । ଆମ ଗାଈଙ୍କ ପରି ସ୍ନିଗ୍ଧତା ନାହିଁ । × × × ×

ଏଇ କଥା ନେଇ ହେଲ୍‌ମ୍ସ୍ ସାଙ୍ଗରେ ଥରେ ଆଲୋଚନା ହେଲା । ସେ ତା'ର ଭାରତର ଅଭିଜ୍ଞତାରୁ କହିଲା—"ମୁଁ ଦେଖିଛି ସେଠି ଭାରତରେ ଜନ୍ତୁଜନ୍ତା ଚଢ଼େଇ ଆଦି

ମଣିଷକୁ ଆମ ଏଠିକା ଭଳି ଏତେ ଡରନ୍ତି ନାହିଁ । ବୋଧହୁଏ ତମ ଭାରତର ଲୋକଙ୍କର ଜନ୍ତୁଙ୍କ ପ୍ରତି ଅହିଂସ ମନୋଭାବର ଏଇଟା ପରିଣାମ । ସେଠାର ଗାଈ ଗୋରୁଙ୍କଠାରେ ବି ଗୋଟିଏ ବନ୍ଧୁଭାବ ଭାବ ଦେଖାଯାଏ । ଏଠାର ଗାଈଗୋରୁଗୁଡ଼ାକ କେମିତି ବୋକାବୋକା ଜଣାଯାନ୍ତି ।"

ହୋଇଥିବ ବା । ମତେ ଲାଗିଲା ଯେ ଗାଈଙ୍କୁ ପାଳିବା ଢଙ୍ଗରେ ଯେଉଁ ଫରକ ରହିଛି, ତାହାରି ଯୋଗୁଁ ସେମାନଙ୍କ ସ୍ୱଭାବରେ ଏ ପାର୍ଥକ୍ୟ ଉପୁଜିଛି । ଭାରତରେ ଗାଈ ପରିବାରର ଲୋକ ପରି ବ୍ୟବହାର ପାଏ । ଦାରିଦ୍ର୍ୟ ଯୋଗୁଁ ତାକୁ ଖାଇବାକୁ ଦେଇ ପାରନ୍ତି ନାହିଁ । ନାନା ଭାବରେ ତା'ପ୍ରତି ଦୁର୍ବ୍ୟବହାର କରାଯାଏ ସତ ମାତ୍ର ଏ ଦୁର୍ବ୍ୟବହାରରେ ବି ମଣିଷ ସହିତ ବରାବର ସେ ଘନିଷ୍ଠ ସମ୍ପର୍କରେ ଆସେ । ବାଛୁରୀଟିବେଳୁ ସେ ମଣିଷ ପିଲାଙ୍କ ମେଳରେ ମଣିଷ ହୁଏ ।

ଆଉ ସେ ଦେଶରେ ତ ଗାଈ ସହିତ ସବୁ କାରବାର ଯାନ୍ତ୍ରିକ, ନିର୍ବୈକ୍ତିକ, ମଣିଷର ହାତର ସ୍ପର୍ଶ ବି ସେ କ୍ୱଚିତ୍ ପାଏ । ଇଲେକ୍‌ଟ୍ରିକ ତାରବାଡ଼, 'ହ୍ୟାଙ୍ଗାର୍', ବୈଦ୍ୟୁତିକ ଦୁଧ ଦୁହାଁ ଯନ୍ତ୍ର, ଏମିତି ସବୁ କାରବାର । ଆମ ଦେଶରେ ବି ଆଧୁନିକ ଢଙ୍ଗରେ ଡେୟାରିମାନ ହେଲାଣି । ସେଠି ବି ଗାଈ ସବୁ ଯାନ୍ତ୍ରିକ ଭାବରେ ପୋଷା ହେଉଥିବେ । ଦୁଇ ତିନି ପିଢ଼ିରେ ଏହାର ପ୍ରଭାବ ଗାଈମାନଙ୍କର ଚରିତ୍ର ଉପରେ କି ପ୍ରକାରର ପଡ଼ୁଛି ତାହା କେହି ମନୋବୈଜ୍ଞାନିକ ଯାଞ୍ଚ୍ କରି ଦେଖିଲେ ଜଣାପଡ଼ନ୍ତା ।

ସନ୍ଧ୍ୟାରେ ଆମର ରାଷ୍ଟ୍ରଦୂତ ଶ୍ରୀ ଅତ୍ତାମୀଙ୍କ ଘରେ ଡ଼ି'ର ନିମନ୍ତ୍ରଣ ଥିଲା । ସେ ଗାଁରୁ କୋପନ୍‌ହାଗେନ୍‌ର ଉପକଣ୍ଠ ଯାଏ ଷାଠିଏ ମାଇଲ ତ ଘଣ୍ଟାକରେ ଆସିଗଲୁ । ବାକୀ ସହର ଭିତରେ ସନ୍ଧ୍ୟାର ଅଫିସ ଛୁଟି ଟ୍ରାଫିକ୍ ଭିତରେ ଦଶ ମାଇଲକୁ ଅଧଘଣ୍ଟାଏ ଲାଗିଗଲା । ତାଙ୍କ ଘର ସହର ଆର ମୁଣ୍ଡରେ ଏକ ଉପନଗରୀ ହେଲେରୁପରେ । ଆମ ଦେଶରେ 'ପୁର' ପରି ଏଠି 'ରୁପ୍'ର ଛଡ଼ାଛଡ଼ି । ଟାସ୍‌ଟ୍ରୁପ୍, ହେଲେରୁପ୍, ବୋଟ୍‌ରୁପ୍, କାସ୍‌ଟ୍ରୁପ୍...... ।

ଏଠା ଦୂତାବାସ ମୋର ଡେନ୍‌ମାର୍କ ଭ୍ରମଣକୁ ଫଳପ୍ରଦ କରିବା ପାଇଁ ଅନେକ କଷ୍ଟ କରିଥିଲେ । ସେଥିପାଇଁ ତାଙ୍କୁ ହୃଦୟର କୃତଜ୍ଞତା ଜଣାଇ ବିଦାୟ ନେଲୁ ।

★ ★

# ଷୋଳ

## ଲଣ୍ଡନ

ଜୁନ ଅଠର ତାରିଖ । କୋପେନହାଗେନ୍‌ରୁ ଲଣ୍ଡନ । ବିମାନଘାଟିରେ ଲମ୍ବା ଲମ୍ବା ଗଳିବାଟରେ ବଣା ହୋଇ ଭୁଲ ଦିଗରେ ଚାଲିଯାଇ ଦୌଡ଼ି ଦୌଡ଼ି ଅଣନିଶ୍ୱାସୀ ହୋଇ ଉଡ଼ାଜାହାଜ ଧରିଲି । ଲଣ୍ଡନ ଦେଢ଼ଘଣ୍ଟାର ବାଟ । ଅଧବାଟରେ ହଲାଣ୍ଡର ରାଜଧାନୀ ଆମଷ୍ଟର୍ଡାମ୍ ର ଚମତ୍କାର ଦୃଶ୍ୟ ଦେଖାଗଲା । ଲଣ୍ଡନ ଉଡ଼ାଜାହାଜ ଘାଟିରେ ପାସପୋର୍ଟ ଓ କଷ୍ଟମସ୍ ର ଅର୍ଗଳି ପାରିହେବାକୁ ଯେତେ ସମୟ ଗଲା ଏପର୍ଯ୍ୟନ୍ତ ଆଉ କେଉଁଠି ହେଲେ ସେଭଳି ହୋଇ ନ ଥିଲା । ପ୍ରବେଶ ଅନୁମତି ଥିବା ସତ୍ତ୍ୱେ ପାସପୋର୍ଟବାଲା ଗଣ୍ଡା ଗଣ୍ଡା ଆଜେବାଜେ ପ୍ରଶ୍ନ ପଚାରି ସମୟ ନଷ୍ଟ କଲା ଓ କଷ୍ଟମସ୍‌ର ଲୋକ ସବୁ ଜିନିଷପତ୍ର ତନ୍ନ ତନ୍ନ କରି ଖୋଲେଇ ଦେଖିଲା ଅଧଘଣ୍ଟାଏ ଧରି ।

ଏହାର ଦୁଇ ରକମ ବ୍ୟାଖ୍ୟା କଲେ ସେଠାରେ ଥିବା ଦୁଇ ଭାରତୀୟ ବନ୍ଧୁ । ଜଣେ କହିଲେ ଯେ, ଏହାର କୌଣସି ବିଶେଷ ତାତ୍ପର୍ଯ୍ୟ ନାହିଁ । କଷ୍ଟମସ୍‌ବାଲା ପ୍ରତି ଦୁଇ ଚାରି ଶହ ଯାତ୍ରୀଙ୍କ ଭିତରୁ କେତେ ଜଣଙ୍କୁ ନମୁନା ସ୍ୱରୂପ ଯାଞ୍ଚ୍ କରନ୍ତି ଓ ତମେ ହୁଏତ ସେହି ଶହେ ବା ଦୁଇ ଶହ ଜଣରେ ଜଣେ ଭିତରେ ପଡ଼ିଗଲ । ଆଉ ଜଣେ କହିଲେ ଯେ ଏହା ଇଂଲଣ୍ଡରେ ଏବେ ମୁଣ୍ଡ ଟେକୁଥିବା ବର୍ଣ୍ଣବୈଷମ୍ୟର ଲକ୍ଷଣ । ଯେଉଁ କର୍ମଚାରୀଙ୍କ ଭିତରେ ଏ ଭେଦଭାବ ଜୋରଦାର ଥାଏ, ସେମାନେ କଳା ଲୋକ ଦେଖିଲେ ଟିକିଏ ହନ୍ତସନ୍ତ କରି ମଜା ଦେଖିବାକୁ ଭଲପାଆନ୍ତି । ଅନ୍ୟ ଭାରତୀୟ ଯାତ୍ରୀଙ୍କର ଅଭିଜ୍ଞତା କି ପ୍ରକାରର ଜାଣେ ନାହିଁ । ତେବେ ବନାରସରେ ଥିବା ଗାନ୍ଧୀ ବିଦ୍ୟା ସସ୍ଥାନର ସୁଗତବାବୁ ସପରିବାରେ କେତେ ମାସ ତଳେ ଇଂଲଣ୍ଡ ଯାଇଥିଲେ । ତାଙ୍କୁ ଏଭଳି ହରକତ କରା ହୋଇ ନ ଥିଲା ବୋଲି ସେ କହିଲେ ।

ସେ ଯାହାହେଉ ବର୍ଣ୍ଣବୈଷମ୍ୟର ପ୍ରଭାବ ଯେ ଇଂଲଣ୍ଡରେ କିଛି ବଢ଼ିଛି ଏହା ତ ଗତ ସାଧାରଣ ନିର୍ବାଚନର ଫଳାଫଳରୁ ଜଣା ପଡ଼ିଗଲା । ଜୁନ ଅଠର ସେଠି ସାଧାରଣ ନିର୍ବାଚନ ଦିବସ ଥିଲା । ମୁଁ ପରିହାସରେ ସୁଗତବାବୁଙ୍କୁ ଲେଖିଥିଲି ଯେ ଇଂରେଜ ସରକାର

ମୋର ଇଂଲଣ୍ଡ ଆଗମନ ଉପଲକ୍ଷ୍ୟରେ ମୋତେ ଦେଖିବାର ସୁଯୋଗ ଦେବାପାଇଁ ଏ ନିର୍ବାଚନର ଆୟୋଜନ କରିଛନ୍ତି । ଅବଶ୍ୟ ନିର୍ବାଚନର ପ୍ରତ୍ୟକ୍ଷ ଦୃଶ୍ୟ କିଛି ଦେଖିବାର ସୁଯୋଗ ହେଲା ନାହିଁ, ଟେଲିଭିଜନରେ କିଛି କିଛି ଦେଖାଗଲା ଓ ଶେଷରେ ନିର୍ବାଚନର ଫଳାଫଳ ଆସିବାକୁ ଲାଗିଲା, ଯେଉଁଥିରୁ ସନ୍ଦେହ ହେଲା ଯେ ଖବର କାଗଜ ବାଲା ଓ ଲୋକମତ ଗଣନା ବ୍ୟବସାୟୀଙ୍କର ଭବିଷ୍ୟ-ବାଣୀ ମିଥ୍ୟା ହେଲା । ପ୍ରକୃତରେ ଶ୍ରମିକଦଳ ଜୋରସୋରରେ ଜିତ୍ ନାହିଁ । ତାହା ପର ଦିନ ପୂର୍ଣ୍ଣ ଫଳାଫଳ ଜଣାପଡ଼ି ଯେତେବେଳେ ଜାତିଦଳର ବିଜୟ ସାବ୍ୟସ୍ତ ହୋଇଗଲା ସେତେବେଳେ ସ୍ପଷ୍ଟ ବି ଦେଖାଗଲା ଯେ ଏ ବିଜୟ ଭିତରେ ବର୍ଣ୍ଣବୈଷମ୍ୟର ସର୍ବପ୍ରଧାନ ପ୍ରଗୃହକ ଏନକ୍ ପାଓ୍ୱେଲ୍‌ଙ୍କର ଭାଗ କିଛି କମ ନାହିଁ । ଅଣଶତି ଖଣ୍ଡେ ଆସନ ତାଙ୍କର କଟ୍ଟର ସମର୍ଥକମାନେ ହାସଲ କରିଛନ୍ତି ।

ତେବେ ନିର୍ବାଚନରେ ନିଜନିଜର ପକ୍ଷ ଭାଗ ନେବାରେ ଏହା ସକ୍ଷମ ହେଲେ ମଧ୍ୟ ଲୋକଙ୍କ ଆଚରଣରେ ଏହା ବିଶେଷ କିଛି ପ୍ରକାଶ ପାଇବାର ମୁଁ ଲକ୍ଷ୍ୟ କଲି ନାହିଁ । ଇଂଲଣ୍ଡରେ ପନ୍ଦର ଦିନର ରହଣୀ ଭିତରେ ମୋ ସହିତ କେହି ବୈଷମ୍ୟମୂଳକ ଆଚରଣ କରିନାହାନ୍ତି । ସେଠି ଅନେକ ଦିନୁ ବାସ କରୁଥିବା କେତେକ ଭାରତୀୟଙ୍କୁ ଓ ଜଣେ ପାକିସ୍ଥାନୀଙ୍କୁ ଏ ବିଷୟରେ ପଚାରିବାରେ ସେମାନେ ସମସ୍ତେ କହିଲେ ଯେ – ହଁ, କେତେକ ବା ଅନେକ ଲୋକଙ୍କ ଭିତରେ ଏହା ରହିଛି ମାତ୍ର ସାଧାରଣ କାରବାରରେ ଏହାର ପରିପ୍ରକାଶ ବିଶେଷ କିଛି ନୁହେଁ । ଜଣେ ତ କହିଲେ ଯେ ଏହା ବିରୋଧରେ ଆଇନ୍ ଅଛି ଓ ତାହା ଆମକୁ ରକ୍ଷା କରୁଛି ଓ କରିବ ।

ପୂର୍ବର ଶ୍ରମିକ ସରକାର ହିଁ ଲୋକମତ ଚାପରେ ପଡ଼ି ବାହାରୁ କଳା ଲୋକଙ୍କର ଇଂଲଣ୍ଡରେ ପ୍ରବେଶ ଓ ବସବାସକୁ ରୋକିବା ପାଇଁ ନାନାପ୍ରକାରର କଟକଣା ଜାରି କରିଥିଲେ । ଏବର ଜାତି ସରକାର ସେସବୁ କଟକଣା ଆହୁରି ଟାଣ କରିବେ ବୋଲି ସର୍ବତ୍ର ଆଶଙ୍କା ପ୍ରକାଶ ପାଉଥିଲା । ମାତ୍ର ଦେଶ ଭିତରେ କଳା ଗୋରାଙ୍କ ଭିତରେ ପାତର-ଅନ୍ତର ବ୍ୟବହାର କରିବା ଭଳି କୌଣସି ଆଇନ୍ ନାହିଁ ।

ଆଫ୍ରିକା, ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ, ଭାରତ, ପାକିସ୍ଥାନ, ଲଙ୍କା ଆଦିରୁ ବହୁତ ଲୋକ ଗତ ମହାଯୁଦ୍ଧ ପରଠାରୁ ଇଂଲଣ୍ଡରେ ଯାଇ ବସବାସ କରିବା ଆରମ୍ଭ କଲେ । ସେଠି କାମ ମିଳିବାରେ ସୁବିଧା ଓ ଅପେକ୍ଷାକୃତ ଉଚ୍ଚ ଜୀବନମାନ ଲୋକଙ୍କୁ ଏଠାକୁ ଆକୃଷ୍ଟ କଲା । କେତେପ୍ରକାର କାମ ପାଇଁ ସେଠି ଲୋକ ଅଭାବ ପଡ଼ିଲେ । ମୋର ତ ସେଠି ଦେଖି ମନେ-ହେଲା ବସ୍ ଓ ମାଟିତଳ ରେଲ୍‌ର କଣ୍ଡକ୍ଟର, ଗାର୍ଡ ଓ ଟିକଟ କଲେକ୍ଟରଙ୍କ ଭିତରୁ ଅଧାଅଧି କଳାଲୋକ । ସେଠି ଡାକ୍ତର ଓ ନର୍ସ ବି ଅଭାବ ହେଉଛନ୍ତି ଓ ତେଣୁ ବାହାରୁ ବହୁତ ଡାକ୍ତର ଓ ନର୍ସ ଆସି ଏଠାରେ କାମ କରୁଛନ୍ତି ବୋଲି ଜଣେ କହିଲେ ।

ଏବେ ଏଠି ମୋଟ ଊଣେଇଶ ଲକ୍ଷ କଳା ଲୋକ ହେଲେଣି ବୋଲି ନିର୍ଭର ଯୋଗ୍ୟ ସୂତ୍ରରୁ ଶୁଣିଲି । ତାହା ଭିତରୁ ତିନି ଲକ୍ଷରୁ ଅଧିକ ଭାରତୀୟ । ଲଣ୍ଡନ ସହରରେ ହିଁ

ବର୍ତ୍ତମାନ ଏହାଙ୍କ ଭିତରୁ ଅଧିକାଂଶ ରହିଛନ୍ତି । ଏଠି ବାଟଘାଟରେ ଯିବା ଆସିବା ବେଳେ ଏହିସବୁ ଲୋକଙ୍କର ପ୍ରାବଲ୍ୟ ବେଶ୍ ଆଖିରେ ପଡ଼େ । କେତେଥର ବସ ଓ ମାଟିତଳ ରେଲ୍‌ରେ ଯାତ୍ରୀମାନଙ୍କ ଭିତରେ କଳା ଗୋରାଙ୍କର ଅନୁପାତ ଗଣିଛି । ଦେଖିଛି— ସାଧାରଣତଃ ଏହା ଦଶ ଜଣରେ ଜଣେରୁ ତିନି ଜଣ । ଭାରତରୁ ପଞ୍ଜାବୀମାନେ ହିଁ ସବୁଠାରୁ ବେଶୀ ସଂଖ୍ୟାରେ ଯାଇଛନ୍ତି । କଲିକତାର ଏୟାର ଇଣ୍ଡିଆ ଅଫିସରେ ଦେଖିଥିଲି ଯେ କେତେକ ପଞ୍ଜାବୀ ପୁରୁଷ ଓ ସ୍ତ୍ରୀ ଇଂଲଣ୍ଡ ଯିବା ଉଦ୍ଦେଶ୍ୟରେ ସେଠାକୁ ଆସିଛନ୍ତି । ସେମାନଙ୍କ ବେଶଭୂଷାରୁ ସ୍ପଷ୍ଟ ଜଣାଯାଉଥାଏ ଯେ ସେମାନେ ଗାଉଁଲି ଲୋକ । ଇଂରେଜୀ ପଢ଼ାଶୁଣାର ଧାର ଧାରନ୍ତି ନାହିଁ । ମାତ୍ର ଭାଗ୍ୟାନ୍ୱେଷଣରେ ଇଂଲଣ୍ଡ ଯିବାକୁ ବାହାରି ପଡ଼ିଛନ୍ତି ।

ଯୁରୋପରେ ଅନ୍ୟତ୍ର ଭାରତୀୟ ବାଟଘାଟରେ କ୍ୱଚିତ୍ ଦିଶୁଥିଲେ ଓ ଜଣେଅଧେ ଦେଖା ହୋଇଗଲେ ଉଭୟ ଆଡ଼ୁ ପରସ୍ପର ପରିଚୟ ଜାଣିବା ଓ କୁଶଳ ପ୍ରଶ୍ନ କରିବାର ଆଗ୍ରହ ଉଭୟଙ୍କୁ ପରସ୍ପର ନିକଟକୁ ଟାଣି ନେଉଥିଲା । ମାତ୍ର ଏଠି ତ ପଣପଣ ଭାରତୀୟ ଏବଂ ପାକିସ୍ତାନୀ । କିଏ କାହାକୁ ପଚାରୁଛି । × × ×

ପହଞ୍ଚିବା ମାତ୍ରେ ଲଣ୍ଡନ ସହରଟା କେମିତି ଜାଣି ପୂର୍ବ ପରିଚିତ ଚିହ୍ନା ଚିହ୍ନା ମନେ ହେଲା । ଦେଖିଲି ତା'ର ପ୍ରଧାନତଃ ତିନୋଟି କାରଣ । ଏକ୍‌ରେ—ସେଠାକାର ବଡ଼ ବଡ଼ ଅଫିସ, ବଜାର ପଡ଼ାର ଘରବାଡ଼ିର ନିର୍ମାଣ-ଶୈଳୀର ବମ୍ବେ ଓ କଲିକତା ସହିତ ଖୁବ୍ ସାଦୃଶ୍ୟ ଅଛି । ସେହି ଇଂରେଜ ସ୍ଥପତିମାନେ ହିଁ ତ ଆମର ବଡ଼ ବଡ଼ ସହରର ପ୍ରଧାନ ପ୍ରଧାନ କୋଠାବାଡ଼ିର ନକ୍ସା କରିଥିଲେ । ଦୁଇରେ – ଇଂରେଜୀ ସାହିତ୍ୟ ମାରଫତ୍‌ରେ ଏଠାର ସମସ୍ତ ପ୍ରଧାନ ଅପ୍ରଧାନ ସ୍ଥାନ, ଟ୍ରାଫାଲ୍‌ଗାର୍ ସ୍କୋୟାର, ଟେମସ୍ ବନ୍ଧ, ହବର୍ଣ୍, ହାଇଡ୍‌ପାର୍କ, କେନ୍‌ସିଂଟନ, କିଙ୍ଗ୍‌ସକ୍ରସ୍, ଇଉଷ୍ଟନ, ଗୋଲ୍‌ଡର୍‌ସ ଗ୍ରୀନ୍, ଚେୟାରିଂକ୍ରସ୍, ବଣ୍ଡଷ୍ଟ୍ରୀଟ୍, ପିକାଡ଼ିଲି ଆଦିର ନାମ ଓ ବର୍ଣ୍ଣନା ସହିତ ପୂର୍ବରୁ ପରିଚୟ ରହିଥିଲା ଓ ତିନିରେ —ଏଠାର ବାଟଘାଟ ଯୁରୋପର ଅନ୍ୟ ଯେଉଁସବୁ ଦେଶ ଏ ପର୍ଯ୍ୟନ୍ତ ଦେଖି ଆସିଲି, ସେସବୁ ତୁଳନାରେ ଟିକିଏ ଅପରିଷ୍କାର । ଛିଡ଼ା କାଗଜ ଓ ଅଳିଆ ଏଠିସେଠି ଏପରି ପଡ଼ିଥିବାର ପୂର୍ବରୁ ଦେଖି ନ ଥିଲି । ଅବଶ୍ୟ ଆମ ଦେଶର ଅଳିଆର ତୁଳନା ଲଣ୍ଡନରେ ମଧ୍ୟ କ୍ୱଚିତ୍ ମିଳିବ ନାହିଁ; ତଥାପି ଟିକିଏ ଅଳିଆ-ମଇଳା ହୋଇଥିବାରୁ ଲଣ୍ଡନ ଘରପାଖିଆ ଜଣାଗଲା । ଏସବୁ ଛଡ଼ା କଳା ଲୋକଙ୍କର ପ୍ରାଦୁର୍ଭାବ ତ ଥିଲା ହିଁ ।

ଲଣ୍ଡନର ବିଖ୍ୟାତ କୁହୁଡ଼ି ଓ ଇଂଲଣ୍ଡର ଅନିଶ୍ଚିତ ପାଣିପାଗ, ମେଘଢଙ୍କା ଆକାଶ, ସୂର୍ଯ୍ୟକିରଣର ବିରଳତା, ଏସବୁ କଥା ପୂର୍ବରୁ ବହୁତ ଶୁଣିଥିଲି । ମାତ୍ର ମୋର ଭାଗ୍ୟ ଏମିତି ଭଲ ଯେ ମୁଁ ଲଣ୍ଡନରେ ଯେତେ ଦିନ ରହିଲି ସବୁଦିନେ ଭଲ ଖରାଟିଆ ପାଗ ରହିଲା । ମ୍ୟାଂଚେଷ୍ଟର୍ ଓ ଲେକ୍ ଅଞ୍ଚଳରେ ପହଞ୍ଚିବାବେଳକୁ ମେଘୁଆ ପାଗ ଘୋଟିଲା ।

ଇଂଲଣ୍ଡରେ ଦେବୀଭାଇ ଓ ସୁଗତ ବାବୁ ମିଶି ମୋ ପାଇଁ ଅନେକଗୁଡ଼ିଏ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଦେବୀଭାଇ ନଅ ବର୍ଷ ହେଲା ଲଣ୍ଡନରେ ଅଛନ୍ତି ବିଶ୍ୱ ଯୁଦ୍ଧବିରୋଧୀ ସଂଘର ସାଧାରଣ ସମ୍ପାଦକ ରୂପେ । ତାହା ପୂର୍ବରୁ ସେବାଗ୍ରାମରେ ମୌଳିକ ଶିକ୍ଷାର ଅନ୍ୟତମ ପୁରୋଧା ଥିଲେ । ଖୁବ୍ ଭଲ ଚିତ୍ରଶିଳ୍ପୀ । ପିଲାମାନଙ୍କର ଶିକ୍ଷା ଓ ମାନସିକ ବିକାଶରେ ଚିତ୍ରକଳାର ସ୍ଥାନ ବିଷୟରେ ଏକ ଉତ୍କୃଷ୍ଟ ବହି ମଧ୍ୟ ଲେଖିଛନ୍ତି । ଅବଶ୍ୟ ସେଠି ପହଞ୍ଚିବା ପରେ କାମଦାମର ଗୃପରେ ଚିତ୍ରକଳା ଚର୍ଚ୍ଚା କରିବାକୁ ଆଉ ସମୟ ମିଳୁ ନାହିଁ ବୋଲି କହିଲେ । ବର୍ଷକ ତଳେ ସେଇଠି ତାଙ୍କର ସ୍ତ୍ରୀ ଜାନକୀ ବେନଙ୍କର ମୃତ୍ୟୁ ଘଟିଯାଇଛି । ତାଙ୍କର ଦୁଇ ପୁଅ, ନଅବର୍ଷର ଗୋଟିଏ ସାନ ଝିଅ । ମୋର ରହିବା ବ୍ୟବସ୍ଥା ଦେବୀଭାଇଙ୍କ ଘରେ ହୋଇଥିଲା ।

★ ★

# ସତର

## ଇଂଲଣ୍ଡର ଶାନ୍ତି ଆନ୍ଦୋଳନ

ଏଠାରେ ବିଶ୍ୱଯୁଦ୍ଧ-ବିରୋଧୀ ସଂଘ, ପିସ୍ ପ୍ଲେଜ୍ ୟୁନିୟନ୍, କ୍ୱେକର୍ ସଂପ୍ରଦାୟ, ଅହିଂସ ସଂଗ୍ରାମ ପାଇଁ ସମିତି (CNVA) ଆଦି ଅନେକଗୁଡ଼ିଏ ଯୁଦ୍ଧବିରୋଧୀ ଓ ଶାନ୍ତିବାଦୀ ସଂସ୍ଥା ଅଛି । ଏମାନଙ୍କ ଭିତରେ ଦୃଷ୍ଟିକୋଣର ସାମାନ୍ୟ ସାମାନ୍ୟ ପାର୍ଥକ୍ୟ ଯୋଗୁଁ ସେମାନେ ଅଲଗା ଅଲଗା ରହିଛନ୍ତି ଓ ସମ୍ମିଳିତ ଉଦ୍ୟମ ଖୁବ୍ କମ୍ କରିପାରିଥାନ୍ତି । ଏଠାରେ ଭାରତ ଓ ଗାନ୍ଧୀଜୀଙ୍କ ବିଚାର ପ୍ରତି ଶ୍ରଦ୍ଧା ରଖୁଥିବା ଲୋକ ଏ ସମସ୍ତ ଗୋଷ୍ଠୀରେ ଅଛନ୍ତି । ଇତି-ମଧ୍ୟରେ ଗାନ୍ଧୀଜୀଙ୍କର ଚିନ୍ତାଧାରାରେ ଆସ୍ଥା ଥିବା କେତେକ ସଜ୍ଜନ ଗୋଟିଏ ଗୋଷ୍ଠୀ ଗଢ଼ିଛନ୍ତି । ଲଣ୍ଡନ ସ୍କୁଲ ଅଫ୍ ଇକନମିକ୍ସରେ ଏ ଗୋଷ୍ଠୀର ଗୋଟିଏ ବୈଠକ ରଖା ଯାଇଥିଲା । ମୁଁ ଲକ୍ଷ୍ୟକଲି ଯେ ଏଥିରେ ବିଭିନ୍ନ ଶାନ୍ତିବାଦୀ ଗୋଷ୍ଠୀ ଓ ଶ୍ରମିକ ତଥା ଲିବରାଲ ଉଭୟ ରାଜନୀତିକ ଦଳର ସମର୍ଥକମାନେ ଥିଲେ ।

ଇଂଲଣ୍ଡରେ ଯେ ସବୁ ଛୋଟ ଛୋଟ ଗାଁ ବା ଉପନଗର ଏବେ ବି ତିଷ୍ଠି ରହିଛି ସେ ସବୁକୁ ବଞ୍ଚାଇ ରଖିବା ଦୃଷ୍ଟିରୁ କ'ଣ କରାଯାଇପାରେ ସେ ବିଷୟରେ ଏକ ଚିତ୍ତାକର୍ଷକ ଆଲୋଚନା ହେଲା । ଏହାଛଡ଼ା ଗ୍ରାମଦାନ ଆନ୍ଦୋଳନ ବିଷୟରେ ବି ସେମାନେ ମୋ'ଠାରୁ କିଛି ଶୁଣିଲେ ଓ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରିଲେ ।

କ୍ୱେକରମାନେ ମଧ୍ୟ ଗ୍ରାମଦାନ ବିଷୟରେ ଶୁଣିବା ଓ ଆଲୋଚନା କରିବା ପାଇଁ ଏକ ମଧ୍ୟାହ୍ନ ଭୋଜନର ଆୟୋଜନ କରିଥିଲେ । ମୁଁ ପୂର୍ବରୁ ଉଲ୍ଲେଖ କରିଛି ଯେ କ୍ୱେକର୍ମାନେ ଶାନ୍ତିବାଦୀ ଓ ଭାରତ ବିଷୟରେ ମଧ୍ୟ ସେମାନଙ୍କର ପୂର୍ବରୁ ବହୁତ ସ୍ପୃହା ଓ ସହାନୁଭୂତି ରହିଆସିଛି । ଡୋନାଲ୍ଡ ଗ୍ରୁମ୍ ୧୯୪୫ ବା ୪୬ ଠାରୁ ଦଶବର୍ଷରୁ ଅଧିକ କାଳ ଭାରତରେ ରହି ଗାଁଗହଳରେ ସେବାକାର୍ଯ୍ୟ କରୁଥିଲେ ଓ ଭୂଦାନ ଆନ୍ଦୋଳନରେ ମଧ୍ୟ ପୁରା କାମ କରିଛନ୍ତି । ଦଶ ବର୍ଷ ତଳେ ଥରେ ସେ ଓଡ଼ିଶାକୁ ମଧ୍ୟ ଆସିଥିଲେ । ଜନ ଲିଣ୍ଟନ୍ ଓ ତାଙ୍କର ସ୍ତ୍ରୀ ଏରିକା ମଧ୍ୟ ଭାରତରେ ବହୁ ବର୍ଷ ଥିଲେ ଓ ସର୍ବୋଦୟ ଆନ୍ଦୋଳନ ସହିତ ଖୁବ୍ ଘନିଷ୍ଠ

ଭାବରେ ସମ୍ପୃକ୍ତ ହୋଇଥିଲେ । ଶ୍ରୀମତୀ ମାର୍‌ଜୋରୀ ସାଇକ୍‌ସ ଏବେ ମଧ୍ୟ ଭାରତରେ ତାମିଲନାଡ଼ୁରେ ରହି ସର୍ବୋଦୟ କାମ କରୁଛନ୍ତି । ମୁଁ ଲଣ୍ଡନରେ ପହଞ୍ଚିବା ବେଳକୁ ଡୋନାଲ୍‌ଡ଼ ଗ୍ରୁମ୍‌ ଅଷ୍ଟ୍ରେଲିଆ ଯାଇଥିଲେ । ଜନ୍‌ ଓ ଏରିକା ଲଣ୍ଡନ୍‌ ଥିଲେ ।

ମଧ୍ୟାହ୍ନ ଭୋଜନ ସହିତ କୌଣସି ପ୍ରକାରର ବ୍ୟବସାୟିକ, ରାଜନୀତିକ ବା ଅନ୍ୟ ଆଲୋଚନା ଚଳାଇବା ଏଠାର ଏକ ରୀତି । ଏହା କେତେବେଳେ ଅବା ଔପଚାରିକ ଢଙ୍ଗରେ କରାଯାଏ, ଅର୍ଥାତ୍‌ ଖାଇବା ଟେବୁଲରେ କାଇଦାମାଫିକ ଖାନା ପରସାଯାଏ । କେତେବେଳେ ଅବା ଆଜିକାଲିକାର ବୁଫେ ଢଙ୍ଗରେ, ଯେଉଁଥିରେ ସମସ୍ତେ ହାତରେ ଥାଳି ଧରି ଖାଆନ୍ତି, ଟେବୁଲ୍‌ ନ ଥାଏ । ଖାଉ ଖାଉ ସବୁ ପ୍ରକାରର ଆଲୋଚନା ଚାଲେ ।

ଏଠାରେ ଶେଷୋକ୍ତ ଢଙ୍ଗରେ ଆୟୋଜନ କରାଯାଇଥିଲା । ଗ୍ରାମଦାନ ବିଷୟରେ ତଥା ଭାରତର ସାଧାରଣ ପରିସ୍ଥିତି ବିଷୟରେ ଏମାନେ ଖୁବ୍‌ ଭିନ୍ନ ଭିନ୍ନ କରି ପ୍ରଶ୍ନ ପଚାରୁଥିଲେ ।   ×   ×   ×

ଅଧ୍ୟାପକ ସୁମାଖର୍‌ ଜଣେ ଖ୍ୟାତନାମା ଅର୍ଥନୀତିଜ୍ଞ । ଇଂଲଣ୍ଡର ରାଷ୍ଟ୍ରୀୟ କୋଲ୍‌ ବୋର୍ଡ଼ର ଅଧ୍ୟକ୍ଷ ଥିଲେ । ଗାନ୍ଧୀଜୀଙ୍କର ଆର୍ଥନୀତିକ ବିଚାରକୁ ସେ ଅନୁନ୍ନତ ଦେଶମାନଙ୍କ ନିମନ୍ତେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ମନେ କରନ୍ତି । ତାଙ୍କର ମତ ହେଲା ଯେ ଅନୁନ୍ନତ ଦେଶମାନଙ୍କର ଆର୍ଥିକ ବିକାଶ ଦିଗରେ ବଡ଼ ବଡ଼ ଯନ୍ତ୍ର ଉଦ୍ୟୋଗ ବିଶେଷ ସହାୟକ ହୋଇପାରିବ ନାହିଁ । ଏଥିପାଇଁ ମଧ୍ୟମ ଧରଣର ଯନ୍ତ୍ର କୌଶଳ ଲୋଡ଼ା । ଏବେ ଏଭଳି ଦେଶମାନଙ୍କରେ ଗୋଟାଏ ଦିଗରେ ଏକାବେଳକେ ଆଦିମଯୁଗର ଯନ୍ତ୍ରପାତି, ଆମର ଢିଙ୍କି, ଚକ୍କି ଭଳି, ଚାଲୁଥିବା ସ୍ଥଳେ ଅନ୍ୟ ଦିଗରେ ଅତ୍ୟାଧୁନିକ ଯନ୍ତ୍ର ଖଞ୍ଜା ହେଉଛି । ଅଥଚ ଏସବୁ ଦେଶରେ ପୁଂଜିର ଅଭାବ ଓ ଶ୍ରମ କରିବା ପାଇଁ ଲୋକଙ୍କର ପ୍ରାଚୁର୍ଯ୍ୟ ଦୃଷ୍ଟିରୁ ମଧ୍ୟମ ଧରଣର ଯନ୍ତ୍ର କୌଶଳର ପ୍ରୟୋଗ ଅଧିକ ଆବଶ୍ୟକ । ପୂର୍ବକାଳରୁ ଚାଲି ଆସିଥିବା ଗୋଷ୍ଠି ଗୋଷ୍ଠି ଓ ଗ୍ରାମ୍ୟ ଶିଳ୍ପମାନଙ୍କର ଏ ମଧ୍ୟମ ଧରଣର ଯନ୍ତ୍ର କୌଶଳର ବ୍ୟବହାର ଦ୍ୱାରା ଏକ ଦିଗରେ ଏ ସବୁର ଉତ୍ପାଦିକା ଶକ୍ତି ବଢ଼ିବ । ଅନ୍ୟ ଦିଗରେ ଯେଉଁ ସବୁ ନୂଆ ନୂଆ ଶିଳ୍ପର ବିକାଶ ଏ ଯୁଗରେ ଘଟିଛି ଓ ସାଧାରଣତଃ ଖୁବ୍‌ ବଡ଼ ବଡ଼ କାରଖାନା ଆକାରରେ ଚାଲୁଛି, ସେ ସବୁରେ ଯଦି ମଧ୍ୟମ ଧରଣର ଯନ୍ତ୍ର କୌଶଳର ପ୍ରୟୋଗ କରାଯାଏ ତେବେ ଅତି ବିରାଟକାୟ କଳ କାରଖାନା ଓ ବ୍ୟବସାୟ ପ୍ରତିଷ୍ଠାନ ଗଢ଼ି ଉଠିବା ଯୋଗୁଁ ଅନ୍ୟ ଯେଉଁ ସବୁ ସମସ୍ୟା ସୃଷ୍ଟି ହେଉଛି ତାହା ଲାଘବ ହେବ । ଅବଶ୍ୟ ସବୁ ବୃହତ୍‌ ଶିଳ୍ପରେ ମଧ୍ୟମ ଧରଣର ଯନ୍ତ୍ର କୌଶଳର ପ୍ରୟୋଗ କରାଯାଇ ପାରିବ ଓ ସାରା ଅର୍ଥରଚନା ଏଇ ଢଙ୍ଗରେ ହେବ ବୋଲି ସେ ବିଚାରନ୍ତି ନାହିଁ, ମାତ୍ର ଏହାର ବହୁତ ବ୍ୟାପକ ପ୍ରୟୋଗର ଆବଶ୍ୟକତା ଓ କ୍ଷେତ୍ର ସାରା ଦୁନିଆରେ ରହିଛି ଓ ବିଶେଷ କରି ଅନୁନ୍ନତ ଦେଶ ମାନଙ୍କରେ ଏଇ ପଦ୍ଧତିର ସ୍ଥାନ ସର୍ବପ୍ରଧାନ ଓ ବ୍ୟାପକ ହେବା ଉଚିତ ବୋଲି ସେ ଭାବନ୍ତି ।

ଏହି ମଧ୍ୟମଧରଣର ଯନ୍ତ୍ର କୌଶଳର ବିକାଶ ଦିଗରେ ସାହାଯ୍ୟ କରିବା ପାଇଁ ପ୍ରଫେସର ସୁମାଖର ଓ ଅନ୍ୟ ଅନେକେ ମିଶି ଇଣ୍ଟରମିଡିଏଟ୍ ଟେକ୍ନଲଜୀ ଡେଭଲପ୍‌ମେଣ୍ଟ ଗ୍ରୁପ ନାମକ ଗୋଟିଏ ସଂସ୍ଥା ଗଢ଼ିଛନ୍ତି । ଏ ସଂସ୍ଥାର ଗୋଟିଏ ବୈଠକରେ ଯୋଗ ଦେଇ ତାହା ବିଷୟରେ ଅଧିକ କିଛି ଜାଣିବାର ସୁଯୋଗ ମିଳିଥିଲା । ଏଥିରେ ମ୍ୟାକ୍‌ରୋବି ବୋଲି ଜଣେ ଭଦ୍ରଲୋକ ଅଛନ୍ତି ଯେ କେତେବର୍ଷ ଭାରତରେ ଆସି କାମ କରିଥିଲେ । କ୍ଷୁଦ୍ର ଶିଳ୍ପର ବିକାଶ ଦିଗରେ ସାହାଯ୍ୟ କରିବା ପାଇଁ ହାଇଦ୍ରାବାଦରେ ଏକ ଅଧା-ସରକାରୀ ସଂସ୍ଥା ରହିଛି । ମ୍ୟାକ୍‌ରୋବୀ ସେଇଥିରେ କାମ କରୁଥିଲେ । ଏହାଛଡ଼ା ଶ୍ରୀ ହୁଦା ବୋଲି ଜଣେ ଭାରତୀୟ ମଧ୍ୟ ସେଥିରେ କାମ କରନ୍ତି । ଏହାଙ୍କ ଘର ବିହାରରେ । ଏହାଛଡ଼ା ଆହୁରି ଅନେକ ବିଶେଷଜ୍ଞ, ଇଂଜିନିୟର, ଶିକ୍ଷାବିତ୍ ଓ ସମାଜସେବୀ ଏହାର ସଦସ୍ୟ ।

ଆଜି ପୃଥିବୀର ବିଭିନ୍ନ ଦେଶରେ ବିଭିନ୍ନ କ୍ଷେତ୍ରରେ ଏଭଳି ମଧ୍ୟମ ଧରଣର କୌଶଳ ବ୍ୟବହୃତ ହେଉଛି କିନ୍ତୁ ଅନ୍ୟ ଆଡ଼ର ବା ଅନ୍ୟ ଦେଶର ଲୋକଙ୍କୁ ତାହା ଜଣା ନାହିଁ । ତେଣୁ ଅନ୍ୟ କେଉଁଠି ଗୋଟିଏ କୌଣସି ବିଶେଷ କୌଶଳର ବ୍ୟବହାର ଖୁବ୍ ଫଳପ୍ରଦ ହେବାର ସମ୍ଭାବନା ଥିଲେ ମଧ୍ୟ ସେଠାରେ ତାହାର ଖବର ଜଣା ନ ଥିବାରୁ ତାହାର ବ୍ୟବହାର ହୋଇପାରୁ ନାହିଁ । ପ୍ରଃ ସୁମାଖର୍ ଗୋଟିଏ ଉଦାହରଣ ଦେଲେ ଯେ ଦକ୍ଷିଣ ଆମେରିକାର କୌଣସି ଦେଶରେ ଏକ ପ୍ରକାରର ତୈଳବୀଜର ମଂଜି ଛଡ଼େଇବା ପାଇଁ ଏକ ମଧ୍ୟମ ଧରଣର ଯନ୍ତ୍ର ଲୋଡ଼ା ହେଲା । ସେଥି ନିମନ୍ତେ ପାଞ୍ଚ ଛଅ ବର୍ଷ କାଳ ବହୁତ ଅର୍ଥବ୍ୟୟରେ ଗବେଷଣା ଚାଲଇବା ପରେ ଖବର ମିଳିଲା ଯେ ଯେଉଁଭଳି ଯନ୍ତ୍ର ଲୋଡ଼ା ଠିକ ସେହିଭଳି ଯନ୍ତ୍ର ଅନ୍ୟ ଏକ ଦେଶରେ ବହୁ କାଳରୁ କାମରେ ଲାଗି ଆସୁଛି । ଏହା ପୂର୍ବରୁ ଜଣାଥିଲେ ଆଉ ନୂଆ ଗବେଷଣା ପାଇଁ ଏତେ ସମୟ, ଶ୍ରମ ଓ ଅର୍ଥ ବ୍ୟୟିତ ହୋଇ ନ ଥାନ୍ତା । ତେଣୁ ସବୁ ଆଡୁ ଏଭଳି ଯନ୍ତ୍ର କୌଶଳ ବିଷୟରେ ତଥ୍ୟ ସଂଗ୍ରହ କରି ରଖିବା ଏବଂ ଯେଉଁଠି ଯାହା କାମରେ ଲାଗିପାରିବ ସେଠାକୁ ତାହାର ବିବରଣ ଯୋଗାଇ ଦେବା ଏ ସଂସ୍ଥାର ପ୍ରଧାନ ଉଦ୍ଦେଶ୍ୟ ।

ଏମାନେ କୃଷି, ଶିଳ୍ପ, ଘରତିଆରି, ସ୍ୱାସ୍ଥ୍ୟରକ୍ଷା, ସମବାୟ ଓ ସଂଗଠନ, ଏଇ ପାଞ୍ଚଟି କ୍ଷେତ୍ରରେ ମଧ୍ୟମ ଧରଣର ଯନ୍ତ୍ର କୌଶଳର ପ୍ରୟୋଗର ପ୍ରସାରର ଉଦ୍ୟମ କରୁଛନ୍ତି । କୃଷି, ଶିଳ୍ପ, ଘରତିଆରି ତ ବୁଝିହେଉଛି । ସ୍ୱାସ୍ଥ୍ୟରକ୍ଷାରେ ଓ ସମବାୟ ସଂଗଠନରେ ପୁଣି ମଧ୍ୟମ ଧରଣର ଯନ୍ତ୍ର କଣ ? ସ୍ୱାସ୍ଥ୍ୟରକ୍ଷାରେ ଏହାର ପ୍ରୟୋଗ ହେଲା ନିର୍ମଳ ପିଇବା ପାଣି ଯୋଗାଇବା, ସଫେଇ ବ୍ୟବସ୍ଥା, ଜଳ ନିଷ୍କାସନ ବ୍ୟବସ୍ଥା ଆଦିରେ । ହିସାବ ରଖିବା, ଅଫିସ ସଂଗଠନ ଆଦି ବ୍ୟାପାରରେ ମଧ୍ୟ ଆଧୁନିକ ପଦ୍ଧତି ଅତି ସୂକ୍ଷ୍ମ ଓ ଜଟିଳ ପର୍ଯ୍ୟାୟରେ ପହଞ୍ଚିଲାଣି । ଛୋଟ ଛୋଟ ସଂଗଠନରେ ସେ ସବୁରେ ପ୍ରୟୋଗ ବ୍ୟାବହାରିକ ନୁହେଁ । ଅନ୍ୟ ଦିଗରେ ଏବେ ବି ଆମ ଗାଁମାନଙ୍କରେ ଲୋକେ କାନ୍ଥରେ ଗାର ପକେଇ ହିସାବ ରଖନ୍ତି । ତେଣୁ ଏ କ୍ଷେତ୍ରରେ ମଧ୍ୟ ମଧ୍ୟମ ଧରଣର କୌଶଳର ଆବଶ୍ୟକତା ରହିଛି ।

ଭାରତରେ ଏଭଳି ଏକ ସଂସ୍ଥା ଆରମ୍ଭ କରିବା ଉପରେ ସୁମାଖର୍ ଜୋର୍ ଦେଇଥିଲେ । ଗୋଟାଏ ଖୁବ୍ ବ୍ୟୟବହୁଳ ବଡ଼ ଆଡ଼ାରେ ଅଫିସ୍ ଆଦୌ ଆରମ୍ଭ ନ କରି ଅଳ୍ପରେ ଆରମ୍ଭ କରିବା ଉଚିତ ବୋଲି ତାଙ୍କର ମତ । ତାଙ୍କର ଏ ଅଫିସ ମଧ୍ୟ ସେମାନେ ଯଥାସାଧ୍ୟ ଶସ୍ତାରେ ଚଳେଇଛନ୍ତି । ଗୋଟାଏ କୋଠାର ବେସ୍‌ମେଣ୍ଟ୍ ବା ମାଟିତଳ ଘରେ ଏହା ରହିଛି । ସାଜସରଞ୍ଜାମ ବା ଆଡ଼ମ୍ବର ଶୂନ୍ୟ ।

★ ★

# ଅଠର

## ସମାଜବାଦ ଓ ଗାନ୍ଧୀ ବିଚାରର ଅନୁଭୂତି

ଶ୍ରୀ ହୃଦାଙ୍କ ସାନଭାଇ ମଧ୍ୟ ଲଣ୍ଡନରେ ଥା'ନ୍ତି । ସମାଜବାଦୀ ଆନ୍ତର୍ଜାତୀୟ ସଂଘର ସାଧାରଣ ସମ୍ପାଦକ, ଏଇ ସଂସ୍ଥାଟି "ଦ୍ୱିତୀୟ ଆନ୍ତର୍ଜାତୀୟ—ସେକେଣ୍ଡ ଇଣ୍ଟର ନ୍ୟାଶନାଲ" ନାମରେ ପରିଚିତ । ସାରା ବିଶ୍ୱର ସମାଜବାଦୀ ଆନ୍ଦୋଳନକୁ ଏକୀଭୂତ କରିବା ପାଇଁ ଯେତେଦୂର ମନେ ପଡ଼େ ଶହେ ଖଣ୍ଡେ ବର୍ଷ ତଳେ ପ୍ରଥମ ଆନ୍ତର୍ଜାତୀୟ ସଂଘ ଗଢ଼ା ହୋଇଥିଲା । ତାହା କଳି କଜିଆ ହୋଇ ଭାଙ୍ଗିଗଲା ଓ ପ୍ରଥମ ମହାଯୁଦ୍ଧର କିଛି ପୂର୍ବରୁ କମ୍ୟୁନିଷ୍ଟମାନଙ୍କୁ ବାଦଦେଇ ଏ ଦ୍ୱିତୀୟ ସଂଘ ଗଢ଼ା ହେଲା । ଏହା ବାଦ କମ୍ୟୁନିଷ୍ଟମାନେ ତୃତୀୟ ସଂଘ ଗଢ଼ିଲେ, ଯାହା କୋମିଣ୍ଟର୍ନ ନାମରେ ପରିଚିତ ।

ଏବେ ଇସ୍‌ରାଏଲ୍, ପଶ୍ଚିମ ଜର୍ମାନୀ, ସ୍କାଣ୍ଡିନେଭିଆ, ମିଶର, ଫ୍ରାନ୍‌ସ ପ୍ରଭୃତି ଅନେକ ଦେଶର ସମାଜବାଦୀ ଦଳମାନେ ଏହା ସହିତ ସଂଯୁକ୍ତ ଅଛନ୍ତି । ଏ ସଂଘର ପତ୍ରିକାରୁ ହିସାବ ଦେଖିଲି ଯେ ପୃଥିବୀର କମ୍ୟୁନିଷ୍ଟ ଦଳମାନଙ୍କର ସମଗ୍ର ସଦସ୍ୟ ସଂଖ୍ୟା ଅପେକ୍ଷା ଏ ସଂଘ ସହିତ ସଂଯୁକ୍ତ ସମାଜବାଦୀମାନଙ୍କର ସଦସ୍ୟ ସଂଖ୍ୟା ଅନେକ ବେଶୀ ଓ କେତେ କେତେ ଦେଶରେ ସମାଜବାଦୀ ଶାସନ ରହିଛି । ମାତ୍ର ବାସ୍ତବରେ ସମାଜବାଦୀ ଆନ୍ଦୋଳନରେ କୌଣସି ବିଶ୍ୱବ୍ୟାପୀ ସାମୂହିକତା ଆଉ ନାହିଁ । ଏହା ବିଭିନ୍ନ ଦେଶରେ ବିଭିନ୍ନ ରୂପ ଧରିଲାଣି ଓ ଗତାନୁଗତିକ ରାଜନୀତିରେ ଏଭଳି ଛନ୍ଦି ହୋଇ ଗଲାଣି ଯେ ତରୁଣମାନଙ୍କର ଆଦର୍ଶବାଦକୁ ଆଉ ଆକୃଷ୍ଟ କରିପାରୁ ନାହିଁ । ପୁଣି ଆରବ ସମାଜବାଦୀ ସରକାର ଇସ୍‌ରାଏଲର ସମାଜବାଦୀ ସରକାର ସାଙ୍ଗରେ ସଂଘର୍ଷରେ ବ୍ୟାପୃତ । ସେଭଳି କ୍ଷେତ୍ରରେ ମଧ୍ୟ ବିଶ୍ୱ ସମାଜବାଦୀ ସଂଗଠନ କୌଣସି ପ୍ରଭାବ ପକାଇ ପାରୁନାହିଁ । ଏ ସବୁ ବିଷୟରେ ଦୀର୍ଘ ଆଲୋଚନା ହେଲା । ମୋର ଧାରଣା ହେଲା ଯେ ଗୋଟାଏ ଯୁଗର ପରିସ୍ଥିତି ଓ ସମସ୍ୟାକୁ ନେଇ ଦୁନିଆରେ ସମାଜବାଦୀ ଓ ସାମ୍ୟବାଦୀ ଆନ୍ଦୋଳନର ଅଭ୍ୟୁଦୟ ହୋଇଥିଲା । ମଣିଷ ସମାଜ ଆଗରେ ଗୋଟାଏ ଆଦର୍ଶବାଦ ଟେକି ଧରିବାରେ ଓ ଏହାର ଚିନ୍ତାଧାରାରୁ ଏକ ଆଭିମୁଖ୍ୟ ଦେବାର ଏହାର ବିରାଟ ଅବଦାନ ରହିଛି । ମାତ୍ର ଯୁଗ

ପରିବର୍ତ୍ତନ ସାଙ୍ଗେ ସାଙ୍ଗେ ପରିସ୍ଥିତି ଓ ସମସ୍ୟାର ରୂପ ବଦଳିଗଲାଣି । ତେଣୁ ଏସବୁ ଆନ୍ଦୋଳନର ଚିନ୍ତାଧାରା ଯେଉଁ ଗତିରେ ପଡ଼ି ଯାଇଛି ତାହାର ସୀମା ଭିତରେ ଥାଇ ଆଉ ଏ ଯୁଗର ସମସ୍ୟାକୁ କାଟି କରି ପାରୁ ନାହିଁ । ନୂଆ ପରିସ୍ଥିତି ଉପରେ ଯେଉଁସବୁ ନୂତନ ବିଚାର ଓ ଆଚାର ଚାଲିଛି ତାହା ଶେଷକୁ କି ରୂପ ନେବ ଏବେଠୁଁ କହିବା କଠିନ, ମାତ୍ର ଗାନ୍ଧୀଜୀଙ୍କର ନୈତିକ ମୂଳଗାମୀ ବିଶ୍ଳେଷଣ ଓ ଅନ୍ତର୍ଦୃଷ୍ଟି ସହିତ ଏସବୁ ନୂତନ ବିଚାରର ସାଦୃଶ୍ୟ ଲକ୍ଷ୍ୟ କରିବାର କଥା । × × × × ×

ଏଠି ଏକ ଇଣ୍ଡିଆ ଡେଭଲପ୍‌ମେଣ୍ଟ୍ ଗ୍ରୁପ୍ ଭାରତ ବିକାଶ ମଣ୍ଡଳୀ ମଧ୍ୟ ଏବେ ସଂଗଠିତ ହୋଇଛି । ଏଠାରେ ଆମର ହାଇକମିଶନର୍ ଶ୍ରୀ ଆପ୍‌ପା ସାହେବ ପଂତ ଅଧ୍ୟକ୍ଷ ଅଛନ୍ତି । ଭାରତର ଅର୍ଥିକ ଓ ସାମାଜିକ ବିକାଶରେ ସାହାଯ୍ୟ କରିବା ଏହାର ଲକ୍ଷ୍ୟ । ଏଥିରେ ମଧ୍ୟ ପ୍ରଃ ସୁମାଖର୍ ଆଦି ଅଛନ୍ତି । ଏହାର ମଧ୍ୟ ଏକ ବୈଠକ ହୋଇଥିଲା ଓ ସେଥିରେ ଭାରତର ସମସ୍ୟା ଓ ସାହାଯ୍ୟ କରିବାର ଉପାୟ ବିଷୟରେ ଆଲୋଚନା ହୋଇଥିଲା । ଆର୍ଥିକ ସାହାଯ୍ୟ ଦେବା ଦିଗରେ ଓ୍ୱାର୍ ଅନ୍ ଓ୍ୱାଣ୍ଟ୍, ଅକ୍ସଫାମ୍ ଆଦି ସଂସ୍ଥା ଉଦ୍ୟମ କରୁଛନ୍ତି ଓ ସେଭଳି ସାହାଯ୍ୟ ଅଧିକ ମାତ୍ରାରେ ସଂଗୃହୀତ ହୋଇ ପାରିଲେ ତ ଭଲ । ସ୍ୱୟଂସେବକ ଭାବରେ ମଧ୍ୟ ଅନେକେ ଆସି ଆମ ଦେଶରେ ସାହାଯ୍ୟ କରୁଛନ୍ତି ଓ ତାହା ବି ସ୍ୱାଗତ ଯୋଗ୍ୟ, ମାତ୍ର ମୁଁ ସୂଚାଇଥିଲି ଯେ ଏ ଦେଶରେ ପ୍ରାକୃତିକ ଓ ସାମାଜିକ ବିଜ୍ଞାନ ସମୂହର ଯେ ପୁଞ୍ଜି ରହିଛି ତାହାର ସାହାଯ୍ୟ ଯଦି ଭାରତକୁ ମିଳିପାରେ ତେବେ ସବୁଠାରୁ ଭଲ ହେବ । ଅର୍ଥାତ୍ ଭାରତର ବିବିଧ ସମସ୍ୟା ନେଇ ବୈଜ୍ଞାନିକ ଗବେଷଣା କରି ସେସବୁ ଉପରେ ଆଲୋକପାତ କରିବାରେ ଏଠାର ଅଧ୍ୟାପକ ଓ ଛାତ୍ରମାନେ ସାହାଯ୍ୟ କରିପାରନ୍ତେ ।

ଏଠି ଶ୍ରୀ ଭି. କେ. କୃଷ୍ଣମେନନ୍ ପ୍ରାୟ ଚାଳିଶ ବର୍ଷ ପୂର୍ବେ ଇଣ୍ଡିଆ କ୍ଲବ୍ ନାଁରେ ଗୋଟିଏ ଅନୁଷ୍ଠାନ ଗଢ଼ିଥିଲେ । ଏଠା ଭାରତୀୟମାନଙ୍କୁ ଏକ ମିଳନର କ୍ଷେତ୍ର ଯୋଗାଇବା ଏହାର ଲକ୍ଷ୍ୟ । ଏଇଟି ଏବେ ବି ଭଲ ଚାଲିଛି । ଏହାର ନିଜସ୍ୱ ବେଶ୍ ବଡ଼ ଘର ରହିଛି । ସେଥିରୁ କିଛି ଅଂଶ ଭଡ଼ା ଦେଇ ଅନୁଷ୍ଠାନ କିଛି ଆୟ କରେ । ଏକ ଭଲ ରେସ୍ତୋରାଁ ବି ଚାଲେ । ହୁଦା ଭାଇମାନଙ୍କ ସହିତ ଏହି ରେସ୍ତୋରାଁରେ ଖାଇବା ସାଙ୍ଗେ ସାଙ୍ଗେ ବହୁତ ଗପ ହେଲା । ଏଠି ସବୁପ୍ରକାର ଭାରତୀୟ ଖାଦ୍ୟ ବେଶ୍ ଶସ୍ତାରେ ମିଳେ । ଇଡ୍‌ଲି ଦୋସା ଠାରୁ ପରଟା କଚୁରି ଓ ମୁର୍ଗ ମୁସଲ୍ଲମ୍ ଯାଏ । ଲଣ୍ଡନରେ ପାନ ମିଳେ କି ନାହିଁ ପଚାରିବା ମାତ୍ରେ ବି ହୁଦା ସାହେବ ତୁରନ୍ତ ଅର୍ଡର କରିଦେଲେ । ପାନ ଆସିଗଲା । ତାଙ୍କର ଧାରଣା ହେଲା ମୁଁ ଖାଇବାକୁ ଚାହେଁ । ମାତ୍ର ଆମେ ତିନିହେଁଙ୍କ ଭିତରେ କେହି ପାନ ଖାଇବାବାଲା ନ ଥିଲେ । ପାନ ଗୋଟିକରେ ଅଶୀ ପଇସା ଗଲା । ଲଣ୍ଡନରେ କିଙ୍ଗସ୍‌କ୍ରସ୍ ଷ୍ଟେସନ ପାଖରେ ଦେବୀଭାଇ ମତେ ଏକ ମାଡ୍ରାସୀ ହୋଟେଲକୁ ନେଇ ଯାଇଥିଲେ । ସେଠାରେ ଅଢ଼େଇ ଟଙ୍କାକୁ ବେଶ୍ ଭଲ ନିରାମିଷ ଭାତ, ଡାଲି, ତରକାରୀ ମିଳେ । ଇଂଲଣ୍ଡରେ ଖାଦ୍ୟ ୟୁରୋପର ଅନ୍ୟ ଦେଶ

ତୁଳନାରେ ବେଶ୍ ଶସ୍ତା । ଏକାପ୍ରକାର ଖାଦ୍ୟ ଯାହା ପଶ୍ଚିମ ୟୁରୋପର ଅନ୍ୟତ୍ର ଦଶ ଟଙ୍କା ପଡ଼ିବ; ତାହା ଏଠି ଛଅ ଟଙ୍କାରେ ମିଳିବ । କମନ୍ ମାର୍କେଟ ବା ସମୂହ ବଜାରରେ ମିଶିଥିବା ଦେଶମାନେ ଇଟାଲି, ଫ୍ରାନ୍ସ ପ୍ରଭୃତିର ଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସେ ସବୁ ଦେଶକୁ ବାହାରୁ ଖାଦ୍ୟ ଆମଦାନୀ ଉପରେ ନାନା କଟକଣା କରାଯାଇ କୃଷିଜାତ ଖାଦ୍ୟର ମୂଲ୍ୟ ବେଶୀ ରଖାଯାଇଛି । ଇଂଲଣ୍ଡ ମଧ୍ୟ ଏ କମନ୍ ମାର୍କେଟରେ ଯୋଗ ଦେବା ପାଇଁ ଶ୍ରମିକ ମନ୍ତ୍ରୀମଣ୍ଡଳ ଖୁବ୍ ଚେଷ୍ଟା ଚଳାଇଥିଲେ । ଇଂଲଣ୍ଡକୁ ସେଥିରେ ନଆଗଲେ ଅନ୍ୟ ଶିଳ୍ପ ବ୍ୟବସାୟରେ ଅନେକ ସୁବିଧା ହେବ ମାତ୍ର ଖାଦ୍ୟ ଦାମ୍ ମଧ୍ୟ ବଢିବ ବୋଲି ଜାଣିବା ଲୋକ ମତ ଦେଲେ ।      ×      ×      ×

ଅହିଂସ ସମାଜ ଗଢିବା ଦୃଷ୍ଟିରୁ ଅର୍ଥନୀତି ବିଷୟରେ ବିଚାର ଓ ଗବେଷଣା କରୁଥିବା ଅତି ଜଣେ ବିଶିଷ୍ଟ ବ୍ୟକ୍ତି ହେଉଛନ୍ତି ଶ୍ରୀ ଫ୍ରେଡ୍ ବ୍ଲୁମ୍ । ଏ ମଧ୍ୟ ଗତ ବର୍ଷ ଗାନ୍ଧୀଜନ୍ମ ଶତବାର୍ଷିକୀ ଉପଲକ୍ଷ୍ୟରେ ଦିଲ୍ଲୀଠାରେ ହୋଇଥିବା ଆନ୍ତର୍ଜାତୀୟ ବିଚାରଗୋଷ୍ଠୀରେ ଯୋଗଦେବାକୁ ଭାରତ ଆସିଥିଲେ । ଶ୍ରୀ ବ୍ଲୁମ୍ ଲଣ୍ଡନ ବାହାରେ ବେଶ୍ କିଛି ଦୂରରେ ଏକ ମଫସଲ ଅଞ୍ଚଳରେ ରହନ୍ତି । ଘର ଚାରିପଟେ ବେଶ୍ କିଛିଟା ଜମି ରହିଛି । ଫଳଗଛ ପ୍ରଭୃତି ଲଗାଇଛନ୍ତି ।

ଶ୍ରୀ ବ୍ଲୁମ୍ ମଧ୍ୟମ ଧରଣର ଯନ୍ତ୍ରକୌଶଳର ଆବଶ୍ୟକତାକୁ ସମର୍ଥନ କରନ୍ତି । ଏହା ଛଡ଼ା ଏକ ଅହିଂସ ଓ ଗଣତାନ୍ତ୍ରିକ ସମାଜରେ ଶିଳ୍ପ ସଞ୍ଚାଳନର ରୂପ କି ପ୍ରକାର ହେବ ସେ ବିଷୟରେ ବି ତାଙ୍କର ବିଶେଷ ବିଚାର ରହିଛି ।

ଏବେ ଶିଳ୍ପ ବ୍ୟବସାୟର ସଂଗଠନ ଗୋଟିଏ ଲେଖାଁ ପିରାମିଡ୍ ପରି ହୋଇଥାଏ । ସବା ତଳ ସ୍ତରରେ ଶ୍ରମିକ, କିରାଣୀ ଆଦି ଅଧିକ ସଂଖ୍ୟାରେ ଥିବା କେବଳ ଖଟିବା ଲୋକ ଓ ସବା ଉପର ସ୍ତରରେ ଡିରେକ୍ଟର ପ୍ରଭୃତି ଅଳ୍ପ ସଂଖ୍ୟକ ଆଦେଶ ଦେବା ଲୋକ । ମଝିରେ ବିଭିନ୍ନ ପ୍ରକାରର ସୀମାବଦ୍ଧ ଦାୟିତ୍ୱ ଓ କର୍ତ୍ତୃତ୍ୱ ଥିବା କର୍ମଚାରୀ । ଏ ପିରାମିଡ୍‌ରେ ଯାହାର ସ୍ଥାନ ଯେତେ ଉଚ୍ଚରେ ତା'ର କ୍ଷମତା ଓ ନିଷ୍ପତ୍ତି ନେବାର ଅଧିକାର ସେତେ ବେଶୀ ଥାଏ ଓ ତାହା ସାଙ୍ଗକୁ ସାମାଜିକ ସ୍ତର ଉଚ୍ଚ ବୋଲି ମଧ୍ୟ ଧରାଯାଏ ।

ଶ୍ରୀ ବ୍ଲୁମ୍‌ଙ୍କ ମତରେ ଆଜିକାଲିକାର ଗଣତନ୍ତ୍ର ଯୁଗରେ ଏହା ଅଚଳ ହୋଇଆସୁଛି । ଶିଳ୍ପ ବ୍ୟବସାୟର ମାଲିକାନା କର୍ତ୍ତୃତ୍ୱ ଆଉ ମୁଷ୍ଟିମେୟ ଲୋକଙ୍କଠାରେ ମୂଳ ନ ହୋଇ ସେଥିରେ କାମ କରୁଥିବା ସମସ୍ତ ଲୋକଙ୍କଠାରେ ବାଣ୍ଟି ହୋଇ ରହିବା ଉଚିତ । ଉକ୍ତ ବ୍ୟବସାୟ ବା ଶିଳ୍ପ ସଂକ୍ରାନ୍ତ ସମସ୍ତ ନିଷ୍ପତ୍ତି ଗ୍ରହଣ କରିବାରେ ସେଥିରେ କାମ କରୁଥିବା ସମସ୍ତ ଲୋକଙ୍କର ଅଧିକାର ଥିବା ଆବଶ୍ୟକ । ପରିଚାଳନାର ଦାୟିତ୍ୱ ଯେଉଁମାନଙ୍କଠାରେ ରହିବ ସେମାନେ ସାମାଜିକ ଶ୍ରେଣୀ ହିସାବରେ ଉଚ୍ଚସ୍ଥାନ ଅଧିକାର କରିବେ ନାହିଁ । ସେମାନଙ୍କର କାମ ତଳିଆ କର୍ମଚାରୀ ଓ ଶ୍ରମିକମାନଙ୍କ ଉପରେ କର୍ତ୍ତୃତ୍ୱ ଜାହିର କରିବା ପରିବର୍ତ୍ତେ ନେତୃତ୍ୱ

ଦେବା ହେବ । ଅନୁଷ୍ଠାନର ଅନୁଶାସନ ଉପରବାଲାଙ୍କର ହୁକୁମ ଦ୍ୱାରା ନିୟନ୍ତ୍ରିତ ନ ହୋଇ ସମସ୍ତଙ୍କର ସମ୍ମିଳିତ ଆତ୍ମଶାସନ ଦ୍ୱାରା ରକ୍ଷିତ ହେବ । ଏହିରୂପେ ଏ ନୂଆ ସଂଗଠନର ରୂପ ପୀରାମିଡ଼୍ ଭଳି ଉପରୁ ତଳକୁ ନ ହୋଇ ବୃତ୍ତାକାର ହେବ । ସମାନ ସ୍ତରରେ ଥିବା ସାନରୁ ବଡ଼ ବୃତ୍ତ, ଭିତରେ ସାନ ସାନ ବୃତ୍ତ ଓ ତାହା ବାହାରକୁ ତାଙ୍କୁ ଘେରି ରହିଥିବା ବଡ଼ ବଡ଼ ବୃତ୍ତ । ଏହି ହେଲା ସଂକ୍ଷେପରେ ଶ୍ରୀ ବ୍ଲୁମ୍‌ଙ୍କର ନୂତନ ପରିକଳ୍ପନା । ଭବିଷ୍ୟତ ମାନବ ସମାଜର ସଂଗଠନକୁ ଗାନ୍ଧୀଜୀ 'ମହାସାଗରୀୟ ବୃତ୍ତସମୂହର କ୍ରମ ବିସ୍ତାର' ରୂପେ ବର୍ଣ୍ଣନା କରିଛନ୍ତି । ଶ୍ରୀ ବ୍ଲୁମ୍ ତାଙ୍କର କଳ୍ପନା ଗାନ୍ଧୀଜୀଙ୍କର ଏହି ବିଚାରରୁ ନେଇଛନ୍ତି ।

ଏହା କେବଳ ଏକୁଟିଆ ବ୍ଲୁମ୍‌ଙ୍କର ପରିକଳ୍ପନା ନୁହେଁ କି ତାଙ୍କର କେବଳ କପୋଳ କଳ୍ପନା ନୁହେଁ । ଏ ଦିଗରେ ଅନ୍ୟ ଅନେକେ ମଧ୍ୟ ଚିନ୍ତା ଆରମ୍ଭ କରିଛନ୍ତି ଓ କେତୋଟି ସାନ ବଡ଼ ଶିଳ୍ପ ପ୍ରତିଷ୍ଠାନକୁ ଏହିଭଳି ନୂତନ ଢଙ୍ଗରେ ଚଳାଇବା ଉଦ୍ୟମ ମଧ୍ୟ ଏଠାରେ ହେଉଛି । ସ୍କଟ୍ ବେଡ଼ର୍ କମନ୍‌ୱେଲ୍‌ଥ ଏହା ଭିତରୁ ଗୋଟିଏ । ଏହାର ପୂର୍ବତନ ମାଲିକ ମିଃ ବେଡର୍ ତାଙ୍କର କାରଖାନାର ମାଲିକାନା ସେଥିରେ କାମ କରୁଥିବା ସମସ୍ତ ଶ୍ରମିକ ଓ କର୍ମଚାରୀଙ୍କର କରି ଦେଇଛନ୍ତି ଓ ଏହା ଏକ ଟ୍ରଷ୍ଟଭାବରେ ସଂଗଠିତ ହୋଇଛି । ଏହାର ପରିଚାଳନା ଏହି ସମସ୍ତଙ୍କର ମତରେ ହୋଇଥାଏ । ଫାର୍ମର ସଭିସ୍ ଏହିଭଳି ଆଉ ଗୋଟିଏ ପ୍ରତିଷ୍ଠାନ ।

ପୁଂଜିବାଦର ଦୋଷ ଦୂର କରିବା ପାଇଁ ସାମ୍ୟବାଦ ଓ ସମାଜବାଦର କଳ୍ପନା ଆସିଲା ମାତ୍ର ସେଥିରେ ମଧ୍ୟ ଗୁରୁତର ଦୋଷ ରହିଛି ବୋଲି ବାସ୍ତବ ଅଭିଜ୍ଞତାରୁ ଦେଖା ଯାଉଛି । ଏଥିର ଗୋଟାଏ ପ୍ରଧାନ ଦୋଷ ହେଲା କ୍ଷମତାର କେନ୍ଦ୍ରୀକରଣ । ଏଥିରେ ଶିଳ୍ପ ବ୍ୟବସ୍ଥାପ୍ରର ସଂଗଠନ ମଧ୍ୟ ପୁଂଜିବାଦ ପରି ସେହି ପୀରାମିଡ୍ ଆକାରରେ ହେଉଛି । ପରିଚାଳକ ଓ ଶ୍ରମିକ ଭିତରେ କର୍ତ୍ତୃତ୍ୱରେ ସେହି ଏକା ପ୍ରକାରର ପାର୍ଥକ୍ୟ ରହିଛି ଓ ରୁଷ୍ ପ୍ରଭୃତିରେ ଶ୍ରେଣୀଭେଦ ମଧ୍ୟ ସୃଷ୍ଟି ହୋଇଛି । ସେଥିପାଇଁ ଏସବୁ ନୂଆ ଧରଣର ସଂଗଠନର ପ୍ରୟୋଗ ଏ ଦେଶରେ ଆରମ୍ଭ ହୋଇଛି । ଏଥିପାଇଁ ଏମାନେ କେତେକାଂଶରେ ଯୀଶୁଙ୍କର ଆଦର୍ଶରୁ ଓ କେତେକାଂଶରେ ଗାନ୍ଧୀଜୀଙ୍କର ମାଲିକତ୍ତ୍ୱଦାରୀ ବା ନ୍ୟାସବାଦର ସିଦ୍ଧାନ୍ତରୁ ପ୍ରେରଣା ପାଉଛନ୍ତି ।    ×    ×    ×

ସ୍କଟ୍ ବେଡର ଅନୁଷ୍ଠାନ ଦେଖିବାକୁ ଯିବାର ମୋର ଖୁବ୍ ଇଚ୍ଛା ଥିଲା; ମାତ୍ର ମୋର କାର୍ଯ୍ୟକ୍ରମ ଭିତରେ ତାହା ଖାପ୍ ଖାଇ ନ ପାରିବାରୁ ହୋଇ ପାରିଲା ନାହିଁ । ମିଃ ବ୍ଲୁମ୍‌ଙ୍କର ଆଉ ଗୋଟିଏ ବିଚାର ନେଇ ମଧ୍ୟ ତାଙ୍କ ସହିତ ଆଲୋଚନା ହେଲା । ଆମେ ସର୍ବୋଦୟବାଲା ଭାରତରେ ଗ୍ରାମଶିଳ୍ପ ଓ ଅନ୍ୟ କ୍ଷୁଦ୍ର ଶିଳ୍ପର ବିକାଶ ଓ ପ୍ରସାର ପାଇଁ ଉଦ୍ୟମ କରୁଛୁଁ । ଅହିଂସ ସମାଜ ରଚନା ପାଇଁ ଏହା ଆମେ ଆବଶ୍ୟକ ମନେ କରିଥାଉଁ । ସେହିପରି ସେଠାରୁ ଦେଶରେ ମଧ୍ୟ କ୍ଷୁଦ୍ର ଶିଳ୍ପ ଓ ମଧ୍ୟମ ଧରଣର ଯନ୍ତ୍ରକୌଶଳର ସମର୍ଥକ ଅଛନ୍ତି । ମିଃ ବ୍ଲୁମ୍‌ଙ୍କ

ବଗ୍ଭରରେ କୌଣସି ଦେଶ ବା ସମଗ୍ର ପୃଥିବୀର ଭବିଷ୍ୟତର ଓ ଆଦର୍ଶ ଆର୍ଥିକ ରଚନାର ଏକ ଚିତ୍ର ଯଦି ଆମେ ଆଖି ଆଗରେ ରଖିବାକୁ ଚେଷ୍ଟା କରୁଁ ତେବେ ଆମେ ଦେଖିବା ଯେ ସେଥିରେ କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ସବୁ ପ୍ରକାରର ଶିଳ୍ପ ରହିବ । ଏ ସବୁରେ ଅନୁପାତ ଅବଶ୍ୟ ଭିନ୍ନ ପ୍ରକାରର ହେବ, କ୍ଷୁଦ୍ରର ଅନୁପାତ ଅଧିକ ଓ ବୃହତ୍ ଶିଳ୍ପର ଊଣା ହେବ, ତଥାପି ସବୁ ପ୍ରକାରର ରହିବ । ତେଣୁ ଏକ ଅହିଂସ ସମାଜରେ ଏସବୁ ଶିଳ୍ପ କେଉଁ ଅନୁପାତରେ ରହିବା ଶ୍ରେୟସ୍କର ହେବ, ଏହାଙ୍କ ଭିତରେ ପରସ୍ପର ସମ୍ପର୍କ କି ପ୍ରକାର ହେବ, ବୃହତ୍ ଶିଳ୍ପର ସଂଗଠନ ଓ ପରିଚାଳନା କି ଢଙ୍ଗରେ ହେଲେ ଅହିଂସା ନୀତିର ଅନୁକୂଳ ହେବ, ଅର୍ଥନୀତିର ସର୍ବମୋଟ ସଂଯୋଜନ କି ଢଙ୍ଗରେ ହେବ ଆଦି ସବୁ ପ୍ରଶ୍ନ ନେଇ ଆମେ ଚିନ୍ତା କରିବା ଉଚିତ । ଏ ସବୁ ପ୍ରଶ୍ନର ସମାଧାନ ଦୃଷ୍ଟିରୁ କୌଣସି ଗୋଟିଏ ଅଞ୍ଚଳରେ ଏ ଭଳି ଏକ ସମଗ୍ର ବିକାଶର ଯୋଜନା ହାତକୁ ନେବା ଉଚିତ ଯେଉଁଠି କ୍ଷୁଦ୍ରଠାରୁ ବୃହତ୍ ଯାଏ ସବୁ ପ୍ରକାରର ଦରକାରୀ ଶିଳ୍ପର ସୁସମଞ୍ଜ ସଂଯୋଜନ ଓ ବିକାଶ କରାଯିବ ଓ ଅହିଂସ ଅର୍ଥନୀତିର ଏକ ନମୁନା ପରୀକ୍ଷା-ନିରୀକ୍ଷାଦ୍ୱାରା ଗଢ଼ି ତୋଳିହେବ ।

ତାଙ୍କର ଏ ବିଗ୍ଭରଟି ମତେ ଭଲ ଲାଗିଲା । ଯେଉଁଠି ସବୁ ରାଜ୍ୟଦାନ ହୋଇଛି ସେହି ରାଜ୍ୟମାନଙ୍କର ଗ୍ରାମଦାନ ଆନ୍ଦୋଳନର ଶକ୍ତିଶାଳୀ ସଂଗଠନ ହୋଇପାରିଲେ ସେଠି ଏ ଭଳି ପ୍ରୟୋଗ ପାଇଁ ଯେ ଅନୁକୂଳ କ୍ଷେତ୍ର ମିଳିବ ସେଥିରେ ନୁହେଁ, ସେଠି ଏ ଭଳି ଉଦ୍ୟମ କରିବାକୁ ହିଁ ପଡ଼ିବ । କାରଣ ସେତେବେଳେ ସେଠି ବର୍ତ୍ତମାନ ଥିବା ବୃହତ, ମଧ୍ୟମ ଓ କ୍ଷୁଦ୍ର, ସବୁ ଶିଳ୍ପର ସଂଗଠନ ତ ଗ୍ରାମସ୍ୱରାଜ୍ୟ ଆଦର୍ଶର ଅର୍ଥାତ୍ ଅହିଂସା ନୀତିର ଅନୁରୂପ କରିବାକୁ ହେବ । ଆଗକୁ ମଧ୍ୟ ସାନ, ମଧ୍ୟମ, ବଡ଼ ସବୁପ୍ରକାର ଶିଳ୍ପର ସୁସମଞ୍ଜ ବିକାଶ ସେହି ଦୃଷ୍ଟିରୁ କରିବାକୁ ହେବ ।

★ ★

# ଉଣେଇଶ

## ଲଣ୍ଡନର ଆଉ କେତେ କଥା

ଲଣ୍ଡନରେ ପିସ୍‌ପ୍ଲେଜ୍ ୟୁନିୟନ ନାମକ ଶାନ୍ତିବାଦୀ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଏକ ସଭାର ଆୟୋଜନ ହୋଇଥିଲା । ଅନ୍ୟ ଦେଶ ଅପେକ୍ଷା ଏଠା ଲୋକେ ଭାରତ ବିଷୟରେ ଟିକେ ବେଶୀ ଜାଣନ୍ତି ଓ ଶାନ୍ତିବାଦୀମାନେ ତ ଅନେକ କିଛି ଖବର ରଖନ୍ତି ହିଁ । ତେଣୁ ଏଠାରେ ବକ୍ତୃତା ପରେ ଅନେକ କିଛି ପ୍ରଶ୍ନୋତ୍ତର ଓ ଆଲୋଚନା ହେଲା । ଗ୍ରାମଦାନ ବିଷୟରେ ଏଠାରେ ଦୁଇ ପ୍ରକାରର ଧାରଣା ରହିଛି । କେତେକଙ୍କର ଧାରଣା ଯେ ଗ୍ରାମଦାନ ଗାଁମାନଙ୍କରେ ପୂରାପୂରି ଗ୍ରାମସ୍ୱରାଜ୍ୟ ହୋଇଯାଇଲାଣି ଏବଂ ଆଉ କେତେକ ଯେଉଁମାନେ ଭାରତକୁ ଆସି ବୁଲିବାକୁ ଯାଇଛନ୍ତି ସେମାନଙ୍କ ଭିତରୁ କେହି କେହି ଏକାବେଳକେ ନିରାଶ ହୋଇ ଯାଇଛନ୍ତି ଯେ କାହିଁ ଏଠି ତ ଗ୍ରାମସ୍ୱରାଜ୍ୟ ହୋଇନାହିଁ ? ଗ୍ରାମଦାନ ଯେ ଗୋଟାଏ ଆନ୍ଦୋଳନ ଓ ପ୍ରତିକୂଳ ଶକ୍ତି ବିରୋଧରେ ଲଢ଼େଇ କରି ଆଗେଇବା ଚେଷ୍ଟା କରୁଛି, ସବୁ ଆନ୍ଦୋଳନ ଭଳି ଏଥିରେ ଉତ୍‌ଥାନ ପତନ ରହିଛି ଏବଂ ସବୁଠାରୁ ବଡ଼ କଥା ଯେ ଏହାକୁ ସଫଳ କରିବା ପାଇଁ ହଜାର ହଜାର ଲୋକ ଜୀବନମୂର୍ଚ୍ଛା ସଂଗ୍ରାମ କରୁଛନ୍ତି ଏ କଥାଟା ସେଠି ବୁଝାଇବାରୁ ଯାଇ ସମସ୍ତଙ୍କୁ ଗୋଟାଏ ସନ୍ତୋଷଜନକ ଦୃଷ୍ଟିକୋଣ ମିଳିଲା ।

ଇଂଲଣ୍ଡରେ ୱାର୍ ଅନ୍ ୱାଣ୍ଟ ( ଅଭାବ ବିରୋଧରେ ଯୁଦ୍ଧ ) ଓ ଅକ୍‌ସଫାମ୍ (ଅକ୍‌ସଫୋର୍ଡ଼ ଦୁର୍ଭିକ୍ଷ ନିବାରଣ ସମିତି) ଦୁଇଟି ସଂସ୍ଥା ଭାରତ ତଥା ଅନ୍ୟ ଅନେକ ଦେଶର ଗାଁଗହଳର ଆର୍ଥିକ ବିକାଶ ପାଇଁ ସାହାଯ୍ୟ କରିଥାନ୍ତି । ଏମାନେ ସାଧାରଣ ଲୋକଙ୍କଠାରୁ ହିଁ ଅର୍ଥ ସାହାଯ୍ୟ ସଂଗ୍ରହ କରିଥାନ୍ତି । ସ୍କୁଲ୍, କଲେଜ, ଶ୍ରମିକ ସଂଘ, କ୍ଲବ୍, ଧାର୍ମିକ ମଣ୍ଡଳୀ, ବ୍ୟବସାୟ ଓ ଶିଳ୍ପ ଅଫିସ୍ ଆଦିରୁ ଏମାନେ ସାହାଯ୍ୟ ସଂଗ୍ରହ କରିଥାନ୍ତି ଓ ଗୋଟିଏ ଅନୁଷ୍ଠାନ ଅନ୍ତତଃ ଗୋଟିଏ ଗାଁର ବିକାଶ ପାଇଁ ପାଞ୍ଚ ଛ ହଜାର ଟଙ୍କା ଦେବ ବୋଲି ନିବେଦନ କରିଥାନ୍ତି । ସେ ଗାଁ ସହିତ ସେ ଅନୁଷ୍ଠାନର ସିଧା ସମ୍ପର୍କ ସ୍ଥାପନ କରାଯାଇଥାଏ ଓ ଗାଁରେ ଯାହା କାମ ହେଲା ତା'ର ବିବରଣୀ ଓ ଛବି ସେ ଅନୁଷ୍ଠାନମାନେ ଲୋଡ଼ିଥାନ୍ତି । ଏହିରୂପେ ୱାର୍ ଅନ୍ ୱାଣ୍ଟ୍ ମାଧ୍ୟମରେ ଭାରତରେ କୃଶଶହରୁ ଅଧିକ ଗାଁକୁ ଚବ୍ୱଣ ଲକ୍ଷ ଖଣ୍ଡେ ଟଙ୍କା

ସାହାଯ୍ୟ ମିଳୁଛି । ଅନେକ ସ୍କୁଲ ପିଲାମାନେ ସପ୍ତାହରେ ଗୋଟାଏ ଓଳି ଉପାସ ରହି ସେତିକି ପଇସା ଏ ପାଣ୍ଠିକୁ ଦେଇଛନ୍ତି ।

ଲଣ୍ଡନରେ ଓ୍ୱାର୍ ଅନ୍ ଓ୍ୱାଣ୍ଟ ଅଫିସକୁ ମଧ୍ୟ ଯାଇଥିଲି ଓ ତା'ର ସମ୍ପାଦକ ଓ ଅନ୍ୟ କର୍ମୀମାନଙ୍କ ସହିତ ଆଲାପ କରି ସଂଗଠନର କାମ ଦାମ ବିଷୟରେ କିଛି ଅଧିକ ଜାଣିବାକୁ ପାଇଥିଲି ।

ଲଣ୍ଡନରେ ଏ ସବୁ ସଭା ସମିତି ଓ ଦେଖା ସାକ୍ଷାତ ମଝିରେ ସହରଟା ବୁଲିବୁଲି କରି କିଛିଟା ଦେଖିନେଲି । ଅବଶ୍ୟ ସହର ଦେଖିବାର ଆଗ୍ରହ ମୋର ବିଶେଷ କିଛି ନ ଥିଲା । ଆଜିକାଲିକାର ସହର ତ ସବୁ ଏକା ରକମର । ଯାହାକିଛି ସ୍ଥାପତ୍ୟ-ଶୈଳୀରେ ବିଶେଷତ୍ୱ ତାହା ପୁରୁଣା ଯୁଗରେ ଥିଲା ଓ ସେ ସବୁ ଏମିତି ସାଧାରଣ ଚଲାବୁଲାରେ ଆଖିରେ ପଡ଼ିଯାଏ । ମୁଁ ଆଗରୁ କହିଛି ଯେ ଲଣ୍ଡନର ଷ୍ଟାଇଲ୍‌ର ବମ୍ବେ କଲିକତା ଆଦି ସହିତ ବହୁତ ସାଦୃଶ୍ୟ ରହିଛି ।

ଲଣ୍ଡନରେ ପ୍ରଥମ ଦ୍ରଷ୍ଟବ୍ୟ ଟେମସ୍ ନଦୀ । ପୂର୍ବରୁ ଏ ନଦୀର କ୍ଷୁଦ୍ରତା ନେଇ ଏତେ ପରିହାସ ଶୁଣାଯାଇଥାଏ ଯେ ତାଳଦଣ୍ଡା କେନାଲ୍ ଭଳି ଗୋଟିଏ କିଛି ବ୍ୟାପାର ଦେଖିବାକୁ ମିଳିବ ବୋଲି ଧାରଣା ହୋଇଯାଇଥାଏ । ତେବେ ନଦୀଟା ଏତେ ସାନ ନୁହେଁ । ବିରୂପା କି ଦୟା ସାଙ୍ଗରେ ତୁଳନା ହୋଇପାରେ ।

ଯେମିତି ନଦୀ ସେମିତି ପାହାଡ଼ । ଲଣ୍ଡନରେ ଅନେକ 'ହିଲ୍' ନାମିତ ପଡ଼ା ଅଛି । ନଟିଂ ହିଲ୍ ଇତ୍ୟାଦି, ମାତ୍ର ସେଠି ଯାଇ ପାହାଡ଼ ତ ପାହାଡ଼ ମୁଣ୍ଡିଆ ଖୋଜିଲେ ବି ମିଳିବ ନାହିଁ । ମିଳିବ ଢିପ । ଥରେ ଗୋଟାଏ ଜାଗାକୁ ଯାଉଥିବା ବେଳେ ସାଙ୍ଗରେ ଥିବା ଜଣେ ବନ୍ଧୁ କହିଲେ "ସେ ଆଗ ପାହାଡ଼ଟା (ହିଲ୍) ପାରି ହେଲେ ତାଙ୍କ ଘର ରାସ୍ତା ଦେଖାଯିବ ।" ମୁଁ ତ ଚାରି ଆଡ଼କୁ ଚାହିଁଲି ଯେ ପାହାଡ଼ଟା କୋଉଠି ଅଛି । କାହିଁ ? ହାୟ ଭଗବାନ ! ରାସ୍ତାଟାରେ ଯେ ଟିକିଏ ଉଠାଣି ଦିଶୁଛି ସେଇଟା ହିଁ ପାହାଡ଼ ।

ବ୍ରିଟିଶ ମ୍ୟୁଜିୟମ୍‌ଟା ଦେଖିବାର ଖାସ୍ ଆଗ୍ରହ ଥିଲା । ପୃଥିବୀର ବୃହତ୍ତମ ସଂଗ୍ରହାଳୟ ଭିତରୁ ଗୋଟିଏ, ଦୁନିଆଯାକର ପ୍ରତ୍ନତାତ୍ତ୍ୱିକ, ଐତିହାସିକ, ବୈଜ୍ଞାନିକ ସାମଗ୍ରୀ ଓ ସାହିତ୍ୟର ସଂଗ୍ରହ ରହିଛି । ଏଠାର ପୁସ୍ତକାଗାରଟି ମଧ୍ୟ ପ୍ରକାଣ୍ଡ, ବୋଧହୁଏ ପୃଥିବୀର ବୃହତ୍ତମ । ବହୁ ପ୍ରାଚୀନ କାଳର ହାତଲେଖା ଗ୍ରନ୍ଥ ଓ ଐତିହାସିକ ଦଲିଲ ପତ୍ର ରହିଛି ।

ସେ ସମୟରେ ସେଠି ଲେନିନ୍ ଶତବାର୍ଷିକୀ ଉପଲକ୍ଷରେ ଏକ ପ୍ରଦର୍ଶନୀର ଆୟୋଜନ ଏହା ଭିତରେ କରା ହୋଇଥିଲା । ଲେନିନ୍ ତାଙ୍କର ବିପ୍ଳବୀ ଜୀବନର ଆରମ୍ଭରେ ବହୁବର୍ଷ ଲଣ୍ଡନରେ ଥିଲେ ଓ ଏହି ବ୍ରିଟିଶ ମ୍ୟୁଜିୟମ୍‌ରେ ଅଧ୍ୟୟନ କରୁଥିଲେ । ସେହି ସମୟର ବହିପତ୍ର, ଲେନିନଙ୍କ ଲେଖା ଚିଠି, ତାଙ୍କର ରଚିତ ବହି, ଜୀବନର ଛବି ଆଦି ଖୁବ୍ ମନୋଜ୍ଞ

ଢଙ୍ଗରେ ସଜେଇ ରଖା ହୋଇଥାଏ । ଗାନ୍ଧୀଜୀ ମଧ୍ୟ ପ୍ରାୟ ସେହି ଏକା ସମୟରେ ଲଣ୍ଡନରେ ଥିଲେ ଓ ଏଠାକୁ ଯା ଆସ କରୁଥିଲେ । ହୁଏତ ଦୁହେଁ ସେହି ଏକା ପାଠାଗାରରେ ଏକା ସମୟରେ ବସି ପଢ଼ାଶୁଣା କରୁଥିବେ । ଯିବା ଆସିବା ବେଳେ ଭେଟ ହେବାରେ ପରସ୍ପରକୁ ଅଭିବାଦନ କରିଥିବେ । ଗାନ୍ଧୀ ଜନ୍ମ ଶତବାର୍ଷିକୀ ଉପଲକ୍ଷରେ ମଧ୍ୟ ଏହା ପୂର୍ବରୁ ଏଠି ଏହିଭଳି ଗାନ୍ଧୀଜୀଙ୍କର ଜୀବନ ସଂକ୍ରାନ୍ତ ପ୍ରଦର୍ଶନୀ କରାଯାଇଥିଲା ।

ଗାନ୍ଧୀ, ଲେନିନ୍ କଣ, ଏ ପୁସ୍ତକାଗାରରେ ଇଂଲଣ୍ଡର ଓ ସାରା ଦୁନିଆର ଯେତେ ଯେତେ ମନୀଷି, ବୈଜ୍ଞାନିକ, ବିପ୍ଳବୀ, ସାହିତ୍ୟିକ, ଇତିହାସକାର, ଦାର୍ଶନିକ, ଅର୍ଥନୀତିଜ୍ଞ, ରାଜନୀତିବିଦ୍ ଆଦି ଅଧ୍ୟୟନ କରିଛନ୍ତି ସେ ସମସ୍ତଙ୍କ ତାଲିକା କରି ବସିଲେ ଗୋଟାଏ ପୋଥି ହେବ ।

ସଂଗ୍ରହାଳୟରେ କେତେ କେଜାଣି ଘର । ଗୋଟାଏ ଗୋଟାଏ ଘରେ ପୃଥିବୀର ଗୋଟାଏ ଗୋଟାଏ ଯୁଗର, ଗୋଟାଏ ଗୋଟାଏ ସଭ୍ୟତାର ଇତିହାସ ଯେମିତି ଜାଣି ସ୍ତବ୍ଧ ହୋଇ ରହିଛି । ସେଇ ବିତି ଯାଇଥିବା ଯୁଗର ଆତ୍ମା, ତାର ସୌରଭ ସେ ବଖରାର ବାତାବରଣରେ ମିଶି ରହିଛି । ଗୋଟାଏ ଗୋଟାଏ ଘର ଦେଖି ବସିଲେ ଘଣ୍ଟା ଘଣ୍ଟା ବିତିଯିବ । ଦୁଇତିନି ଘଣ୍ଟାରେ ସବୁଟାଯାକ ଉପରେ ଥରେ ଆଖି ବୁଲେଇ ଦେଇ ବାହାରି ଆସିଲି ।

ଲଣ୍ଡନରେ ଯିବା ଆସିବା ପାଇଁ ସବୁଠାରୁ ଦ୍ରୁତଗାମୀ ବ୍ୟବସ୍ଥା ହେଉଛି ସେଠାର ଟ୍ୟୁବ୍ ବା ମାଟିତଳ ରେଳଗାଡ଼ି । ସହରରେ ଏହାର ମୋଟ ଆଠଟା ଲାଇନ୍ ରହିଛି । ପଚ୍ଛୁଣ ଉପରେ ଷ୍ଟେସନ । ପ୍ରତି ଦୁଇତିନି ମିନିଟରେ ଗାଡ଼ି ଅଛି । ଅନ୍ତତଃ ଷାଠିଏ ସତୁରି ମାଇଲ ଗତିରେ ଚାଲେ । କେତେକ ଲାଇନ ସହର ବାହାରକୁ ମଧ୍ୟ ଯାଇଛି । ସହର ବାହାରେ ଏହା ଆଉ ମାଟିତଳେ ନ ଯାଇ ଉପରେ ହିଁ ଚାଲେ । ମାଟିତଳେ ବିଭିନ୍ନ ସ୍ତରରେ ରହିଛି, ତିରିଶ ଫୁଟରୁ ଶହେ ଫୁଟ ବା ଅଧିକ ତଳ ଯାଏ । ତଳକୁ ଓହ୍ଲାଇବା ଓ ଉପରକୁ ଉଠିବା ପାଇଁ ଚଳନ୍ତା ସିଡ଼ି ଅଛି । ତାହା ଉପରେ ଛିଡ଼ା ହେଲେ ଆପେ ଆପେ ତଳେ ବା ଉପରେ ପହଞ୍ଚିଯିବ । ନିଜେ ବି ଚାଲିଲେ ଚଢ଼ିବା ବା ଓହ୍ଲେଇବା ଆହୁରି ଚଞ୍ଚଳ ହେବ । ପ୍ରତି ଷ୍ଟେସନରେ ପ୍ରତି ପ୍ଲାଟଫର୍ମରେ ଓ ଗାଡ଼ିର ପ୍ରତି ଡବାରେ ରେଳର ନକ୍ସା ରହିଛି, ଏକଦମ୍ ନୂଆ ଲୋକ ବି କୌଣସି ପ୍ରକାର ବଣା ହେବାର ସମ୍ଭାବନା ନାହିଁ । ବସ ଓ ଟ୍ୟୁବ୍ ରୁଟ୍ ମାନଙ୍କର ନକ୍ସା ମାଗିଲେ ମଧ୍ୟ ଷ୍ଟେସନ୍‌ରେ ମିଳେ । ଏଇଟା କେବଳ ଏଠି ନୁହେଁ ୟୁରୋପରେ ସବୁଠି ଗୋଟାଏ ବଡ଼ ସୁବିଧା । ରେଳ ଷ୍ଟେସନରେ ମଧ୍ୟ ଛୋଟ ଛୋଟ ଲିଫ୍‌ଲେଟ୍ ରହିଛି, ଧରନ୍ତୁ ଲଣ୍ଡନରୁ ମାଞ୍ଚେଷ୍ଟର ବା ଏଡ଼ିନ୍‌ବରା, କେତେବେଳେ ଗାଡ଼ି ଅଛି, ସେଥିରେ କି କି ସୁବିଧା ଅଛି ଆଦି ସବୁ ଖବର ଗୋଟିଏ ଗୋଟିଏ ପତ୍ରିକାରେ ମିଳିବ । ଡାକଘରେ ମଧ୍ୟ ଡାକତାରର ସମସ୍ତ ଖବର ଥିବା ଲିଫ୍‌ଲେଟ୍ ରହିଥାଏ ।

ଲଣ୍ଡନରେ ଏବେ ଯେଉଁ ନୂଆ ମାଟିତଳେ ଲାଇନ 'ଭିକ୍ଟୋରିଆ' ଖୋଲିଛି ସେଥିରେ ଗାଡ଼ିସବୁ ପୁରାପୁରି କଂପ୍ୟୁଟର ସାହାଯ୍ୟରେ ଚାଲେ । ସେଥିରେ ଗାଡ଼ିରେ କେବଳ ଜଣେ ଗାର୍ଡ଼ ଥାଏ, ଡ୍ରାଇଭର ନ ଥାଏ । ଗାଡ଼ି ଅଟକିବା ଓ ଚାଲିବା ସବୁ ଗୋଟାଏ କେନ୍ଦ୍ରରୁ ନିୟନ୍ତ୍ରିତ ହୁଏ । ଗାର୍ଡ଼ର କାମ ହେଲା ଯଦି କେଉଁଠି କିଛି ଦୁର୍ଘଟଣା ଯୋଗୁ ଗାଡ଼ି ରୋକିବାକୁ ପଡ଼ିଲା ତେବେ ତାହା କରିବା ।

ଏଠି ବସ୍, ରେଲ୍ ଆଦିରେ ଆମ ଦେଶପରି ଅସମ୍ଭାଳ ଭିଡ଼ ମୋଟେ ଦେଖିବାକୁ ମିଳେ ନାହିଁ । ଅଫିସ୍‌କୁ ଯିବା ଓ ଫେରିବାବେଳେ ଯାହା ଅଳ୍ପ ଟିକିଏ ଭିଡ଼ ହୁଏ । ଅନ୍ୟ ସମୟରେ ଗାଡ଼ି ସବୁ ଫାଙ୍କା । ବ୍ରିଟିଶ ରେଲ୍‌ଓ୍ୱେର ଯାତ୍ରୀ ଊଣା ହେବାରୁ କେତେକ ଗ୍ରେଟ ଗ୍ରେଟ ଲାଇନ୍ ବନ୍ଦ କରିଦେବାକୁ ପଡ଼ିଛି । ମୋଟରଗାଡ଼ି ବଢ଼ିବାଦ୍ୱାରା ବେଶୀ ଲୋକ ନିଜ ଗାଡ଼ିରେ ଯିବାଆସିବା କରିବାକୁ ପସନ୍ଦ କରୁଛନ୍ତି । ଯଦିଓ ଏଠାର ରେଲ୍‌ଗାଡ଼ି ଖୁବ୍ ଦ୍ରୁତଗାମୀ ସାଧାରଣ ଏକ୍ସପ୍ରେସ ଗାଡ଼ିର ଗତି ଘଣ୍ଟାକୁ ନବେ ମାଇଲ୍‌ରୁ କମ୍ ନୁହେଁ । ବିଶେଷ ଦୂରଗାମୀ ଗାଡ଼ିର ଆହୁରି ବେଶୀ । ମୁଁ ଉତ୍ତର ଇଂଲଣ୍ଡରୁ ଲଣ୍ଡନ ଫେରିବାବେଳେ ଗୋଟିଏ ଘଣ୍ଟା ପଚିଶ ମିନିଟ୍‌ରେ ଅଢ଼େଇଶହ ମାଇଲ୍ ଆସିଲି । କଲିକତାରୁ କଟକ ଏତିକ ବାଟ ଓ ପୁରୀ ଏକ୍ସପ୍ରେସରେ ଏତିକ ଆଠ ଘଣ୍ଟା ଲାଗେ । ତେବେ ଏଠି ଓ ୟୁରୋପରେ ଅନ୍ୟାନ୍ୟ ରେଲ ଭଡ଼ା ଖୁବ୍ ଚଢ଼ା । ପ୍ରଥମ ଓ ଦ୍ୱିତୀୟ, ଦୁଇଟା ଶ୍ରେଣୀ । ଦ୍ୱିତୀୟ ଶ୍ରେଣୀରେ ମୋର ଉପରୋକ୍ତ ଯାତ୍ରା ପାଇଁ ଭଡ଼ା ଲାଗିଲା ଛତିଶ ଶିଲିଂ ବା ଅଠଷଠି ଟଙ୍କା ଚାଳିଶ ପଇସା । ଏଠାର ତୃତୀୟ ଶ୍ରେଣୀ ଭଡ଼ାର ପାଞ୍ଚଗୁଣରୁ ବେଶୀ ।

★ ★

# କୋଡ଼ିଏ

## ପଶ୍ଚିମ ଇଂଲଣ୍ଡରେ ମିତ୍ର ସମାଗମ

ଲଣ୍ଡନରେ ପାଞ୍ଚଦିନ ରହଣୀ ପରେ ମୋର ମୁହଁ ବୁଲିଲା ଇଂଲଣ୍ଡର ପଶ୍ଚିମ ଓ ଉତ୍ତରକୁ । ପଶ୍ଚିମରେ ପ୍ରଥମ ରହଣୀ ଚେଲ୍‌ଟେନହ୍ୟାମ୍, ଲଣ୍ଡନରୁ ଶହେ ମାଇଲ୍ । ବସ୍ ଭଡ଼ା ନେଲା ଅଠର ଟଙ୍କା, ତିନଘଣ୍ଟା ଲାଗିଲା । ଏଇଟି ଗୋଟିଏ ଶ୍ରେଷ୍ଠ ସହର । ଏଠି ଦେଖା କରିବାର ଥିଲା ଡେଭିଡ୍ ହଗେଟ୍‌ଙ୍କ ସହିତ । ଡେଭିଡ୍ ଯୁବକ, ସଇଁତିରିଶ ଚାଳିଶ ଭିତରେ ବୟସ । ସେ ଉଣେଇଶଶହ ତେପନ ଚଉବନ୍‌ରେ ଭାରତ ଆସିଥିଲେ ଓ ବିହାରର ଗୟା ଜିଲାରେ ଭୂଦାନ ଆନ୍ଦୋଳନରେ ଭୂଦାନ ସଂଗ୍ରହ ଓ ବଣ୍ଟନର କାମ ଅନେକ ଦିନ କରିଥିଲେ । ତା'ପରେ ଏଠୁ ଫେରି ସେ ପୋଲିଓରେ ଆକ୍ରାନ୍ତ ହୋଇ ଏକାବେଳକେ ପକ୍ଷାଘାତଗ୍ରସ୍ତ ଓ ଚଳତ୍‌ଶକ୍ତିରହିତ ହୋଇ ପଡ଼ିଛନ୍ତି । କେତେବର୍ଷ ଧରି ବିଛଣାରେ ହିଁ ପଡ଼ି ରହିଛନ୍ତି । ତାଙ୍କର ମା ପାଖରେ ଥାନ୍ତି, ତାଙ୍କର ସବୁପ୍ରକାର ସେବାଶୁଶ୍ରୂଷା କରନ୍ତି । ଆଉ ଜଣେ ଯୁବକ ମଧ୍ୟ ସାହାଯ୍ୟ କରନ୍ତି ।

ଏଭଳି ଶାରୀରିକ ଅକ୍ଷମତା ସତ୍ତ୍ୱେ ଡେଭିଡ୍ କିନ୍ତୁ ପରାଜୟ ସ୍ୱୀକାର କରି ନାହାନ୍ତି । ତାଙ୍କର ବୁଦ୍ଧି ସମ୍ପୂର୍ଣ୍ଣ ସତେଜ ରହିଛି ଓ ହୃଦୟ ମଧ୍ୟ ଯଦି ସମ୍ଭବତ ପୂର୍ବାପେକ୍ଷା ବିଶାଳତର ହିଁ ହୋଇଛି । କହିବା ବାହୁଲ୍ୟ ଯେ ଡେଭିଡ୍ ଅହିଂସାରେ ବିଶ୍ୱାସୀ, ଶାନ୍ତିବାଦୀ । ବିଛଣାରେ ପଡ଼ି ପଡ଼ି ତାଙ୍କର ଅହିଂସା ବିଷୟରେ ଓ ସାରା ଦୁନିଆର ନାନା ସମସ୍ୟା ତଥା ଅର୍ଥନୀତି, ରାଜନୀତି, ସମାଜନୀତି ଆଦି ବିଷୟରେ ଅଧ୍ୟୟନ ଚାଲିଛି, ବନ୍ଧୁମାନଙ୍କ ସହିତ ଅନବରତ ଆଲୋଚନା ଚାଲିଛି । ଏଠି ସେ ଅହିଂସା ଓ ଶାନ୍ତି ବିଷୟରେ ଗୋଟିଏ ଏଭଳି ପୂର୍ଣ୍ଣାଙ୍ଗ ଓ ସମୃଦ୍ଧ ପୁସ୍ତକାଗାର ଏକତ୍ର କରିଛନ୍ତି ଯାହାର ପଟାନ୍ତର ଏ ଦେଶରେ ଅନ୍ୟ କେଉଁଠି ନ ଥିବ । ଏଠି ତାଙ୍କର ଆଖପାଖରେ ଗୋଟିଏ ଖୁବ୍ ଉତ୍ସାହୀ ଓ ସକ୍ରିୟ ଅହିଂସାବାଦୀ ଗୋଷ୍ଠୀ ମଧ୍ୟ ଏକତ୍ରିତ ହୋଇଛି ।

ତାଙ୍କର ହାତ ସାମାନ୍ୟ ଟିକିଏ କାମ କରେ । ସେତିକିର ସୁବିଧା ନେଇ ସେ ଅନେକ ବିଷୟରେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ତାଙ୍କ ହାତ ପାଖରେ ଗୋଟିଏ

ସୁଇଚ୍‌ବୋର୍ଡ଼ରେ ଅନେକଗୁଡ଼ିଏ ବୋତାମ ରହିଛି । ସେ ବୋତାମ ଟିପି ରେଡ଼ିଓ ଏବଂ ଟେଲିଭିଜନ ଯନ୍ତ୍ର ଚଲାଇବା ଓ ବନ୍ଦ କରିବା, ଆଲୁଅ ଜଳାଇବା ଲିଭାଇବା, ଆଦି ଅନେକ କିଛି କରିପାରନ୍ତି । ତାଙ୍କ ମୁଣ୍ଡ ପାଖରେ ଟେଲିଫୋନ୍ ରିସିଭର୍ ଲଟକା ହୋଇଛି । ଅନ୍ୟ ଘରେ ଥିବା ମା'ଙ୍କ ସହିତ ତାହାରିଦ୍ୱାରା କଥାବାର୍ତ୍ତା ହୁଅନ୍ତି । ଏହିରୂପେ ସେ ନିଜର ଅକ୍ଷମତାକୁ ଭ୍ରୂକ୍ଷେପ ନ କରି ମାନସିକ ରାଜ୍ୟରେ ସମ୍ପୂର୍ଣ୍ଣ କର୍ମଠ ରହିଛନ୍ତି । ତାଙ୍କର ପ୍ରଫୁଲ୍ଲତାର ଝରଣା ଅନବରୁଦ୍ଧ ରହିଛି । × × ×

ଏଠି ଗୋଟିଏ ସଭାର ଆୟୋଜନ କରା ହୋଇଥିଲା । ଡେଭିଡ଼ଙ୍କୁ ଗୋଟିଏ ଚକଲଗା ଚଉକିରେ ବସାଇ ସଭାକୁ ନିଆ ହେଲା । ଏଠୁ ରାତିରେ ମୁଁ ହ୍ୟାରି ବ୍ରୁସ୍‌ଙ୍କ ସାଙ୍ଗରେ ତାଙ୍କର ଘର ଉଡ୍‌ଲ୍ୟାଣ୍ଡ୍ କଟେଜ୍‌କୁ ଗଲି । ହ୍ୟାରି ଥିଲେ ପଦାର୍ଥବିଜ୍ଞାନର ଅଧ୍ୟାପକ । ଖୁବ୍ ଉଚ୍ଚକୋଟିର ବିଦ୍ୱାନ । ଏବେ ଅବସର ନେଲେଣି । ତାଙ୍କର ଅଭିର ଘନିଷ୍ଠ ପରିଚୟ ହେଉଛି ସେ ବାସନ୍ତୀ ବେନ ଓରଫ ବାର୍‌ବାରାଙ୍କର ସ୍ୱାମୀ । ବାର୍‌ବାରା ଊଣେଇଶଶହ ପଇଁଚାଳିଶରୁ ସେବାଗ୍ରାମ ଆଶ୍ରମରେ କେତେ ବର୍ଷଯାଏ ଥିଲେ ଓ ସେଠାର କସ୍ତୁରବା ହାସପାତାଲରେ ରୋଗୀସେବା କରୁଥିଲେ । ସେଇଠି ତାଙ୍କୁ ଭାରତୀୟ ନାମ ଦିଆ ହୋଇଥିଲା ବାସନ୍ତୀ ବେନ୍ । ସେବାଗ୍ରାମରେ ୧୯୪୬ରେ ମୋର ବାହାଘରବେଳେ ସେ ଉପସ୍ଥିତ ଥିଲେ । ଏଇ ଚେଲ୍‌ଟେନହ୍ୟାମ୍ ଓ ଊଷ୍ଟର୍ ଅଞ୍ଚଳରେ ମୋର ବୁଲାବୁଲିର କାର୍ଯ୍ୟକ୍ରମ ସେଇ ତିଆରି କରିଥିଲେ ଓ ତାର ଦାୟିତ୍ୱ ସେଇ ନେଇଥିଲେ । ମାତ୍ର ମୁଁ ପହଞ୍ଚିବାର ସାତ ଆଠଦିନ ପୂର୍ବରୁ ସେ ହଠାତ୍ ଗୁରୁତରଭାବେ ଅସୁସ୍ଥ ହୋଇ ହାସପାତାଲରେ ଦାଖଲ ହେଲେ । ତେଣୁ ମୋର ମ୍ୟାନେଜରି କରିବାର ଦାୟିତ୍ୱ ପଡ଼ିଲା ହ୍ୟାରିଙ୍କ ଉପରେ ।

ହ୍ୟାରି ହେଲେ ଇସପ୍‌କାହାଣୀର ସେଇ ଦାର୍ଶନିକଙ୍କ ଭଳି ଆତ୍ମଭୋଳା ମଣିଷ ଯେ ଆକାଶର ତାରା ଗଣି ଗଣି କୂଅରେ ଝପି ପଡ଼ିଲେ । ଅତି ସାଦାସିଧା । ପ'ରଦିନ ଆମେ ଯେତେବେଳେ ବାର୍‌ବାରା ବେନ୍‌ଙ୍କୁ ଦେଖିବାକୁ ଊଷ୍ଟର୍ ହାସପାତାଲ୍‌କୁ ଗଲୁ ସେତେବେଳେ ଦେଖିଲୁ ଯେ ବାର୍‌ବାରାଙ୍କର ଅସୁସ୍ଥତା ଯୋଗୁଁ ହ୍ୟାରିଙ୍କର ଯେତେ ଚିନ୍ତା ତାଠୁଁ ବେଶୀ ଚିନ୍ତା ହ୍ୟାରିଙ୍କ ବିଷୟରେ ବାର୍‌ବାରାଙ୍କର ଯେ ସେ ଏକୁଟିଆ କେମିତି ଚଳିବେ, କିଛି ବିପଦ ଆପଦରେ ପଡ଼ିବେ ନାହିଁ କି ! ଯେମିତିଆ ଭୁଲା ମନ ! ବାରମ୍ବାର କରି ସେ ହ୍ୟାରିଙ୍କୁ ତାଗିଦ୍ କଲେ ଯେ ଖବରଦାର ତୁମେ ନିଜେ ଗାଡ଼ୀ ଚଳେଇ ହାସପାତାଲକୁ ଆସିବ ନାହିଁ । ଯାହା ପଛେ ଖର୍ଚ୍ଚ ପଡ଼ୁ ଟ୍ୟାକ୍‌ସୀ ନେଇ ଆସିବ । ନ ହେଲେ ଗାଡ଼ୀ ଚଳେଇବାବେଳେ ଅନ୍ୟମନସ୍କ ହୋଇ କୋଉ ଖାତରେ ପଡ଼ିବ କିଏ ଜାଣେ ?

ବାର ବାର୍ ବେନ୍ ଭାରତରେ ତାଙ୍କର ରହଣୀବେଳର କଥା, ଏଠାର ସବୁ ସାଥୀମାନଙ୍କର କଥା ବହୁତ ମନେ ପକେଇଲେ ଓ ସମସ୍ତଙ୍କୁ ବହୁତ ବହୁତ କହିବାପାଇଁ କହିଲେ । ତାଙ୍କର ସ୍ୱାସ୍ଥ୍ୟ ଦୁର୍ବଳ ଅସୁସ୍ଥିବାର ଦେଖି ଆମେ ସମସ୍ତେ ଆଶ୍ୱସ୍ତ ହେଲୁ । × ×

ଏଇ ଅଞ୍ଚଳରେ ଗୋଟିଏ ସାନ ଗାଁ ଷ୍ଟାଣ୍ଟନ୍‌ଠାରେ ମିସ୍ ମେରୀ ଓସ୍‌ବୋର୍ଣ ଗୋଟିଏ ଆଶ୍ରମ ଭଳି ସଂସ୍ଥା ଆରମ୍ଭ କରିଛନ୍ତି । ଏଠି ଅଧିକାଂଶ ଲୋକ ଫୁରସତ୍‌ବେଳେ ଶୌକ ବା 'ହବି' ଭାବରେ କିଛି ନା କିଛି କାମ କରିଥାନ୍ତି । ଏହିରୂପେ ହସ୍ତଶିଳ୍ପ ଶିଖିବାର ବି ଗୋଟାଏ ସୁବିଧା ଅଛି । ତାହା ଛଡ଼ା ଗାଁର ଲୋକେ, ସହରର ଅଳ୍ପ ଆୟ କରୁଥିବା ଶ୍ରମିକ ପରିବାର କିଛି ଅଧିକା ଆୟ ପାଇଁ ମଧ୍ୟ କୌଣସି ହସ୍ତଶିଳ୍ପ ଶିଖିବାକୁ ଚାହାନ୍ତି । ଏହିଭଳି ହସ୍ତଶିଳ୍ପ ଶିକ୍ଷାଦେବା ସାଙ୍ଗେ ସାଙ୍ଗେ ଲୋକଙ୍କ ଭିତରେ ଏକ ସମାଜ ଭାବନା ଗଢି ତୋଳିବା ଏହି ସଂସ୍ଥାର ଉଦ୍ଦେଶ୍ୟ । ମେରୀ ପ୍ରଥମେ ଉସ୍‌ଟର୍ ସହରରେ ଶ୍ରମିକମାନଙ୍କ ଭିତରେ ଏହିଭଳି କାମ କରୁଥିଲେ । ଏବେ ଏ ଗାଁକୁ ଆସିଛନ୍ତି । ଏଠି ଗୋଟିଏ ମୁଣ୍ଡିଆ ଉପରେ କେନ୍ଦ୍ରର ଘର ତିଆରି କରୁଛନ୍ତି । ଲୋକଙ୍କଠାରୁ ବହୁତ କିଛି ସାହାଯ୍ୟ କାଠ, ପଥର, ସିମେଣ୍ଟ, ଛଡ଼ ଆଦି ଉପକରଣ ଆକାରରେ ସଂଗ୍ରହ କରିଛନ୍ତି । ଅର୍ଥିକ ସାହାଯ୍ୟ ମଧ୍ୟ ପାଉଛନ୍ତି । ତାହା ଛଡା ଗାଁର ଲୋକେ ମଝିରେ ମଝିରେ ଆସି ଶ୍ରମଦାନ ବି କରିଦେଇ ଯାଆନ୍ତି । ଆମେ ଯିବାବେଳେ ଦୁଇ ଜଣ ଗ୍ରାମବାସୀ ମା' ଓ ପୁଅ, ଆସି ସେ ହତାର ଘାସ ବଣକୁ କାଟି ସଫା କରୁଥାନ୍ତି, ଶ୍ରମଦାନ ଆକାରରେ ।

ଏ ଘର ତିଆରି ସେତେବେଳେ ବି ପୂରା ହୋଇ ନ ଥାଏ, ତେବେ ଯେତିକ ବଖରା ସମ୍ପୂର୍ଣ୍ଣ ହୋଇଯାଇଥାଏ ସେଥିରେ କାମ ଆରମ୍ଭ ହୋଇଥାଏ । କାର୍ପେଟ୍ ବୁଣା, କାଠକାମ ଆଦିର ବ୍ୟବସ୍ଥା ହୋଇଥାଏ । ଏହାଛଡା ଏଠି ପ୍ରାର୍ଥନା, ମନୋରଞ୍ଜନର କାର୍ଯ୍ୟକ୍ରମ ଆଦିର ମଧ୍ୟ ଆୟୋଜନ କରାଯାଏ । ଗାଁଲୋକେ ବେଶ୍ ଉତ୍ସାହର ସହିତ ଯୋଗ ଦିଅନ୍ତି ।

ମେରୀଙ୍କର ବୟସ ସତୁରି ପାଖାପାଖି; କିନ୍ତୁ ସ୍ୱାସ୍ଥ୍ୟ ଭଲ ଅଛି । ଖୁବ କର୍ମଠ ଓ ଉତ୍ସାହରେ ଭରପୁର । କଥାକଥାକେ ହସ ଝରି ପଡ଼େ —ସମସ୍ତଙ୍କ ପ୍ରତି, ସାରା ଦୁନିଆ ପ୍ରତି ତାଙ୍କ ଭିତରେ ଥିବା ସଦ୍ଭାବ ଓ ପ୍ରୀତି ପ୍ରତି କଥାରେ, ପ୍ରତି ଭାବ-ଭଙ୍ଗୀରେ ପ୍ରକାଶ ପାଏ । ସାନ ପିଲାଙ୍କ ଭଳି ଉତ୍ସୁକତାର ସହିତ ସେ ଆମକୁ ତାଙ୍କର ସବୁ ଘର, ସବୁ ବ୍ୟବସ୍ଥା ଗୋଟି ଗୋଟି କରି ଦେଖେଇଲେ । ଆଗକୁ ଏଠି ସେ କେତେ କ'ଣ କରିବାକୁ ଚାହୁଁଛନ୍ତି, କେଉଁଠୁ କେମିତି ସାହାଯ୍ୟ ମିଳିଛି ଓ ମିଳିବ ସେ ସବୁ କଥା କହିଲେ । ବିନୋବା କହିଥାନ୍ତି ଯେ ଜଣେ ମଣିଷ ତ କାମ କରିବ ଗୋଟାଏ ସୀମାବଦ୍ଧ କ୍ଷେତ୍ରରେ, ଖଣ୍ଡେ କି ପାଞ୍ଚଖଣ୍ଡ ଗାଁରେ, ମାତ୍ର ତା'ର ବିଚାର ଓ ହୃଦୟ ବିଶ୍ୱବ୍ୟାପୀ ହେବା ଉଚିତ । ମେରୀ ଓସ୍‌ବୋର୍ଣ୍ଣଙ୍କଠାରେ ଏହି କଥାର ଦର୍ଶନ ମିଳିଲା ।

★ ★

# ଏକୋଇଶ

## ଏଠାର ନୂଆ ଶିକ୍ଷା ବ୍ୟବସ୍ଥା

ଲଣ୍ଡନରେ ମିଃ ନିଲ୍‌ସଙ୍କର ପରୀକ୍ଷାମୂଳକ ବିଦ୍ୟାଳୟ ଦେଖିବାର ମୋର ଇଚ୍ଛା ଥିଲା । ପିଲାଙ୍କର ସମଗ୍ର ବ୍ୟକ୍ତିତ୍ୱର ବାସ୍ତବ ବିକାଶ ଏହି ବିଦ୍ୟାଳୟର ଲକ୍ଷ୍ୟ । ମାତ୍ର ଯଥେଷ୍ଟ ପୂର୍ବରୁ ଏଥିପାଇଁ ଉଦ୍ୟମ କରି ନ ଯାଇ ଥିବାରୁ ଏହା ଦେଖିବା ସମ୍ଭବ ହେଲା ନାହିଁ । ତାହା ପରବର୍ତ୍ତୀ ଉଷ୍ଟର୍ ନିକଟରେ ଏକ ଆଧୁନିକ କମ୍ପ୍ରିହେନ୍‌ସିଭ୍ ସ୍କୁଲ୍ ଦେଖିବାର ସୁଯୋଗ ମିଳିଲା । ସେ ଦେଶରେ ଓ ସେ ଦେଶର ବ୍ଲଟିଂ କାଗଜରୂପୀ ଏ ଦେଶର ଶିକ୍ଷା ବ୍ୟବସ୍ଥାରେ ଶିକ୍ଷାର ପ୍ରାଥମିକ ଓ ମାଧ୍ୟମିକ ସ୍ତର ଭିତରେ ଗୋଟିଏ ଗୁରୁତର ପାର୍ଥକ୍ୟ ରହିଛି । ପ୍ରାଥମିକ ସ୍ତରରେ ପ୍ରତି ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଦାୟୀ ଥା'ନ୍ତି । ସେ ସବୁ ବିଷୟ ପଢ଼ାନ୍ତି । ସବୁ ପିଲାଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ଥାଏ । ମାତ୍ର ମାଧ୍ୟମିକ ସ୍ତରରେ ଶିକ୍ଷକମାନେ ଅଲଗା ଅଲଗା ବିଷୟ ପଢ଼ାନ୍ତି । କୌଣସି ଶିକ୍ଷକଙ୍କର କୌଣସି ଶ୍ରେଣୀ ପ୍ରତି ଖାସ୍ ସମ୍ପର୍କ ବା ଦାୟିତ୍ୱ ନ ଥାଏ । ଏହା ପିଲାମାନଙ୍କର ବ୍ୟକ୍ତିତ୍ୱର ବିକାଶରେ ଏକ ବାଧା ସୃଷ୍ଟି କରେ । ଶିକ୍ଷକଙ୍କଠାରୁ ବିଷୟର ପଠନ ଛଡ଼ା ଅନ୍ୟ ଯେଉଁ ପ୍ରକାରର ମାର୍ଗ ଦର୍ଶନ ଓ ସାହାଯ୍ୟ ମିଳିବା ଉଚିତ ତାହା ମିଳେ ନାହିଁ । କମ୍ପ୍ରିହେନ୍‌ସିଭ୍ ସ୍କୁଲରେ ଶିକ୍ଷାପ୍ରଣାଳୀର ଏ ଦୋଷ ଦୂର କରିବା ପାଇଁ ଉଦ୍ୟମ କରାଯାଇଛି । ଏହାଛଡ଼ା ଏଥିରେ ଶିକ୍ଷାଦାନର ଆଧୁନିକ ପଦ୍ଧତି ମଧ୍ୟ ଅନୁସରଣ କରାଯାଏ ।

ଉସ୍ଟଓ୍ୱିଚ୍ଠାରେ ଏ ସ୍କୁଲର ଘରଦ୍ୱାର ଦେଖିବାକୁ ବେଶ ସାଦାସିଧା । ଭିତରେ ଅବଶ୍ୟ ସବୁ ପ୍ରକାରର ସରଞ୍ଜାମ ପୂର୍ଣ୍ଣମାତ୍ରାରେ ରହିଛି । ହେଡ଼ମାଷ୍ଟର ମହାଶୟଙ୍କ ସହିତ ଏ ସ୍କୁଲର ସଂଗଠନ ଓ ପଦ୍ଧତି ବିଷୟରେ ଆଲୋଚନା ହେଲା । ଶିକ୍ଷକମାନଙ୍କୁ ଶ୍ରେଣୀ ପାଇଁ ଦାୟୀ କରିବା ପାଇଁ ଏଠି ଦୁଇଜଣ ଶିକ୍ଷକଙ୍କର ଗୋଟିଏ ଗୋଟିଏ ଗୋଷ୍ଠୀ ଗୋଟିଏ ଲେଖାଁ ଶ୍ରେଣୀ ପାଇଁ ଦାୟୀ ହୋଇଥାନ୍ତି । ସେମାନଙ୍କ ଭିତରେ ଜଣେ ମୁଖ୍ୟ, ସଂଯୋଜକ ଥା'ନ୍ତି । ଏମାନେ ସେ ଶ୍ରେଣୀ ପାଠପଢ଼ା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଯୋଜନା ପ୍ରତି ମାସରେ ତିଆରି କରନ୍ତି । ପ୍ରତ୍ୟେକ ଛାତ୍ର ବା ଛାତ୍ରୀର ପ୍ରଗତି ଓ ଗତିବିଧି ବିଷୟରେ ମଧ୍ୟ ଆଲୋଚନା ଓ ବିଚାର କର

ତାକୁ ସାହାଯ୍ୟ କରିବାର ପନ୍ଥା ନିରୂପଣ କରନ୍ତି । ଏହିଭଳି ଭାବରେ ପିଲାଙ୍କର ଓ ଶିକ୍ଷକଙ୍କ ଭିତରେ ପ୍ରତ୍ୟକ୍ଷ ସମ୍ପର୍କ ଗଢ଼ି ଉଠିବା ସହଜ ହୁଏ । × × ×

ହେଡ୍‌ମାଷ୍ଟରଙ୍କ ଘରେ ଆମେ ବସିଥିବା ବେଳେ ଏଠାର ବାତାବରଣର ଏକ ଉଦାହରଣ ଦେଖିବାକୁ ମିଳିଲା । ଜଣେ ସାନ ପିଲା ଆସି ଦରଜା ଠକ୍ ଠକ୍ କଲା ଓ ହେଡ୍‌ମାଷ୍ଟ୍ରେ ଆସିବାକୁ କହିବାରୁ ଆସି କହିଲା ଯେ ତା'ର କେତେକ ପିଂଖେ କଣ୍ଟା କ'ଣ ଗୋଟାଏ କାମ ପାଇଁ ଦରକାର । ଗୋଟାଏ ଠଣା ଉପରେ ଥିବା ଏକ କାଗଜ ବାକ୍‌ସରେ କଣ୍ଟା ଥିଲା । ହେଡ୍‌ମାଷ୍ଟ୍ରେ ଦେଖାଇଦେଲେ ଓ କାମ ସରିଲେ ବାକିତକ ଆଣି ଫେରାଇ ଦେବାକୁ କହିଦେଲେ । ଅଳ୍ପ ସମୟ ପରେ ସେ ବଳକା କଣ୍ଟାତକ ନେଇ ଫେରିଆସିଲା; ମାତ୍ର ସେତକ ସେ ଏକ ଟିଣ ଡବାରେ ରଖିଥାଏ । କାଗଜ ବାକ୍‌ସଟା ଟିକିଏ ଛିଣ୍ଡିଗିଣ୍ଡି ଯାଇଥିଲା, ସେଥିପାଇଁ ସେ ତାହା ବଦଳାଇ ଦେଇଥାଏ । ତାକୁ ଏହା କରିବାକୁ କେହି ବତେଇ ନ ଥିଲେ । ନିଜ ବୁଦ୍ଧିରୁ କାଢ଼ି ଏହା କରିଥାଏ । ହେଡ୍‌ମାଷ୍ଟ୍ରେ ତାକୁ ଏଥିପାଇଁ ଧନ୍ୟବାଦ ଦେଲେ । ଦେଖିଲି ଯେ ଡେନ୍‌ମାର୍କରେ ଯେପରି ଲକ୍ଷ୍ୟ କରିଥିଲି ଏଠି ମଧ୍ୟ ସେହିପରି ଛାତ୍ର ଓ ଶିକ୍ଷକଙ୍କ ଭିତରେ ସମ୍ପର୍କ ବେଶ୍ ସହଜ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ।

ଏହାପରେ ସ୍କୁଲ ବୁଲି ଦେଖିଲୁ । ଏଠାର ଶ୍ରେଣୀରେ ପାଠ ପଢ଼ାଇବା ପଦ୍ଧତି ସମ୍ପୂର୍ଣ୍ଣ ନୂତନ ରକମର । ପିଲାମାନେ ଶ୍ରେଣୀଗୃହରେ ଗୋଟିଏ ଗୋଟିଏ ଟେବୁଲ ଚାରିପଟେ ଚାରି ଚାରି ଜଣ ଲେଖାଁ ବସନ୍ତି । ଆମ ଶ୍ରେଣୀପରି ଗୋଟାଏ ଆଡ଼କୁ ମୁହଁ କରି ଧାଡ଼ି ଧାଡ଼ି ହୋଇ ନୁହେଁ । ଗୋଟିଏ ଶ୍ରେଣୀରେ ପଚିଶ ଜଣ ଛାତ୍ର ଥାନ୍ତି ଓ ଏକା ସାଙ୍ଗରେ ତିନି ଚାରି ଜଣ ଶିକ୍ଷକ ପଢ଼ାନ୍ତି ଅପେକ୍ଷା ବରଂ ପଢ଼ାରେ ସାହାଯ୍ୟ କରନ୍ତି କହିବା ଯଥାର୍ଥ ହେବ । ପିଲାଙ୍କୁ କୌଣସି ବିଷୟ ଜଣେ ଶିକ୍ଷକ ପାଞ୍ଚ ଦଶ ମିନିଟ୍ ବୁଝାଇ ଦେଲା ପରେ ସେମାନେ ବହି ସାହାଯ୍ୟରେ ସେ ବିଷୟକୁ ବୁଝନ୍ତି, ନୋଟ୍ ଲେଖନ୍ତି, ଅଙ୍କ ହୋଇଥିଲେ ଅନୁଶୀଳନୀରୁ ଅଙ୍କ କଷନ୍ତି । ଶିକ୍ଷକମାନେ ବୁଲି ବୁଲି ଦେଖୁଥାନ୍ତି ଓ ଯାହାଙ୍କର ଯେଭଳି ସାହାଯ୍ୟ ଲୋଡ଼ା ହୁଏ ତାହା କରନ୍ତି ।

ଶ୍ରେଣୀରେ ପିଲାମାନେ ବସିଲାବେଳେ ଆପେ ଆପେ ଏଭଳି ବାଣ୍ଟି ହୋଇଯାନ୍ତି ଯେ ତୀକ୍ଷ୍ଣ ବୁଦ୍ଧି ଆଗୁଆ ପିଲାଏ ଗୋଟାଏ ମୁଣ୍ଡରେ ଓ ମାନ୍ଦା ପିଲାମାନେ ଅନ୍ୟ ମୁଣ୍ଡରେ ରହିଥାନ୍ତି । ଫଳରେ ଶିକ୍ଷକମାନଙ୍କୁ ସାହାଯ୍ୟ କରିବାକୁ ସୁବିଧା ହୁଏ । ମାନ୍ଦା ପିଲାଙ୍କ ପ୍ରତି ଖାସ୍ ଦୃଷ୍ଟି ଦେଇପାରନ୍ତି ଓ ତେଜ ପିଲାଙ୍କ ପ୍ରତି ମଧ୍ୟ । ଅନ୍ୟ ସ୍କୁଲ ପରି ଏଠି ମାନ୍ଦା ଓ ତେଜ ସବୁପିଲାଙ୍କୁ ଗୋଡ଼ ମିଳେଇ ଏକା ଗତିରେ ଚାଲିବାକୁ ପଡ଼େ ନାହିଁ । ଯେଉଁ ପିଲାର ଯେଉଁ ବିଷୟରେ ଅଧିକ ଆଗ୍ରହ ଓ ପାରଙ୍ଗମତା ଥାଏ ସେ ବିଷୟରେ ତାକୁ ଆଗେଇ ଯିବାକୁ ଉତ୍ସାହିତ କରାଯାଏ । ସେ ନିଜ ଶ୍ରେଣୀର ବିଷୟକୁ ଶେଷ କରି ଆହୁରି ଆଗକୁ ଉପର ଶ୍ରେଣୀର ପାଠ ଓ

ସ୍କୁଲ ପାଠ୍ୟକ୍ରମର ବ୍ୟବହୃତ ସେ ବିଷୟରେ ଅଧିକା ବହିପତ୍ର ପଢ଼ି ଯାଇଥାଏ । ଏହାଦ୍ୱାରା ପିଲମାନଙ୍କୁ ନିଜ ନିଜ ରୁଚି ଅନୁସାରେ ବିକାଶର ସୁଯୋଗ ପୂର୍ଣ୍ଣମାତ୍ରାରେ ମିଳେ ।

ଶ୍ରେଣୀଗୃହରେ ଛବି ଚାର୍ଟ ଆଦି ପ୍ରଭୃତି ପରିମାଣରେ ରହିଥାଏ । ଏ ସବୁ ପ୍ରାୟ ପିଲମାନେ ନିଜେ ସଂଗ୍ରହ କରି ଓ ତିଆରି କରି ସଜେଇଥାନ୍ତି । ପିଲମାନଙ୍କର ଅଙ୍କା ଚିତ୍ର ମଧ୍ୟ ଗୋଟିଏ ପ୍ରଦର୍ଶନୀ ଆକାରରେ ସଜା ହୋଇଥାଏ ।

ଏଠି ଦୈନିକ କିଛି ସମୟ ହାତ କାମ ଓ ବଗିଚା କାମ ପାଇଁ ଦିଆଯାଏ । ହାତକାମ ପାଇଁ ଏକ ସ୍ୱତନ୍ତ୍ର ଘର ରହିଛି । ସେଥିରେ ନାନା ପ୍ରକାରର ହାତକାମପାଇଁ ସବୁପ୍ରକାରର ଯନ୍ତ୍ରପାତି ଓ ସାମଗ୍ରୀ ଖଞ୍ଜା ହୋଇଛି । ପିଲମାନେ ଫୁରସତବେଳେ ବି ଆସି ସେଠି ଶନ୍ତିରେ କାମ କରନ୍ତି ।

ଏଠାର ବିଜ୍ଞାନାଗାର ତ ଆମର ବଡ଼ ବଡ଼ କଲେଜମାନଙ୍କରେ ନ ଥିବ । ଏଠାରେ ମୌଳିକ ଶିକ୍ଷା ନୀତିରେ ସମସ୍ତ ବିଷୟ ବ୍ୟାବହାରିକ କାମ ଓ ଅଭିଜ୍ଞତା ସହିତ ସମବାୟ ବା ଅନୁବନ୍ଧ ପଦ୍ଧତିରେ ଶିକ୍ଷା ଦିଆଯାଏ । ପ୍ରାଣୀବିଜ୍ଞାନ ଶିଖାଇବାପାଇଁ ନାନା ଜୀବଜନ୍ତୁ ପୋଷା ହୋଇଛନ୍ତି । ପିଲଏ ତାଙ୍କର ଯତ୍ନ ନିଅନ୍ତି । ଉଦ୍ଭିଦ ବିଜ୍ଞାନ ବଗିଚା କାମ ସହିତ ଯୋଡ଼ା ହୋଇଛି । ପଦାର୍ଥ ବିଜ୍ଞାନ ଓ ରସାୟନରେ ନାନାପ୍ରକାର ପରୀକ୍ଷାନିରୀକ୍ଷା ଉତ୍ସାହିତ କରାଯାଏ । ପ୍ରତି ଦୁଇଜଣ ପିଲଙ୍କ ପାଇଁ ଗୋଟିଏ ଲେଖାଁ ଅଣୁବୀକ୍ଷଣ ଯନ୍ତ୍ର ରହିଛି ।

ଏଠାରେ ଅଙ୍କ ମଧ୍ୟ ଅତ୍ୟାଧୁନିକ ସେଟ୍ ଥିଓରୀ ଅନୁସାରେ ପଢ଼ା ଆରମ୍ଭ କରାଯାଏ । ଯାହା ଫଳରେ ଏଠାର ଉଚ୍ଚ ବିଦ୍ୟାଳୟ ପିଲ ପ୍ରାୟ ଆମର ବି. ଏ., ବି. ଏସ. ସି. ର ସମାନ ଗଣିତ ପଢ଼ିଯା'ନ୍ତି । × × ×

ଇଂଲଣ୍ଡରେ ସବୁ ବିଦ୍ୟାଳୟ ଯେ ଏହିଭଳି ତାହା ନୁହେଁ । ସେଠାରେ ପବ୍ଲିକ ସ୍କୁଲ ଓ ଗ୍ରାମାର ସ୍କୁଲ ଏହି ଦୁଇ ପ୍ରକାରର ପୁରୁଣା ବ୍ୟବସ୍ଥା ଅଛି । ପବ୍ଲିକ ସ୍କୁଲ ତା'ର ନାମର ବ୍ୟାକରଣଗତ ଅର୍ଥର ବିପରୀତ କେବଳ ସମ୍ଭ୍ରାନ୍ତ ପଇସାବାଲାଙ୍କ ପିଲଙ୍କ ପାଇଁ ଉଦ୍ଦିଷ୍ଟ । ଏଥିରେ ଶିକ୍ଷାପଦ୍ଧତି ଓ ଶାସନ ପଦ୍ଧତି ପରଂପରାଗତ ଓ ପ୍ରତିକ୍ରିୟାଶୀଳ ଥିଲା । ବଡ଼ଲୋକଙ୍କ ପିଲଙ୍କୁ କାଠ, ନିର୍ମମ, ସାମ୍ରାଜ୍ୟବାଦୀ ଶାସକରେ ପରିଣତ କରିବା ଏଠା ପବ୍ଲିକ୍ ସ୍କୁଲର କାମ ଥିଲା । ଏବେ ସାମ୍ରାଜ୍ୟ ଲୋପ ହେଲା ପରେ ଏସବୁ ପବ୍ଲିକ୍ ସ୍କୁଲକୁ ଉଠାଇ ଦେବା ପାଇଁ ଦାବୀ ଆରମ୍ଭ ହୋଇଛି । ଏଥିରେ କେତେକ ସୁଧାର ମଧ୍ୟ ହେଲାଣି । ଗ୍ରାମାର୍ ସ୍କୁଲ ସର୍ବସାଧାରଣଙ୍କ ପାଇଁ । ଏଥିରେ ପାଠପଢ଼ା ପଦ୍ଧତିର ଆମ ଦେଶର ଗତାନୁଗତିକ ପଦ୍ଧତି ସହିତ ସାଦୃଶ୍ୟ ରହିଛି ।

ଏଠାରେ ପିଲାଙ୍କର ତେର ବର୍ଷ ବୟସରେ ଯୋଗ୍ୟତା ପରୀକ୍ଷା କରି କିଏ କେଉଁ ଲାଇନ୍‌ରେ ଯିବ ତାହା ସ୍ଥିର କରିଦେବାର ବ୍ୟବସ୍ଥା ଅଛି । ଉଦ୍ଦେଶ୍ୟ ହେଲା ଯେ ତୀକ୍ଷ୍ଣ ବୁଦ୍ଧି ପିଲା ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ ଆଦି ଦିଗରେ ଯିବେ, ତା' ତଳର ପିଲା ଇଂଜିନିୟର, ଡାକ୍ତର ଆଦି ହେବେ ଓ ସାଧାରଣ ସ୍ତରର ପିଲା କାରିଗରୀ ଶିକ୍ଷା ପାଇବେ । ମାତ୍ର ଏହା ଗରିବ ଲୋକଙ୍କର ପିଲାଙ୍କୁ ବିଶ୍ୱବିଦ୍ୟାଳୟକୁ ଯିବାକୁ ନ ଦେବାର ଏକ କୌଶଳ ବୋଲି ମଧ୍ୟ ଏହା ବିରୋଧରେ ଆନ୍ଦୋଳନ ହେଉଛି ।

ଇଂଲଣ୍ଡରେ ବର୍ତ୍ତମାନ ଅଳ୍ପ ଭଲ କମ୍ପ୍ରିହେନ୍‌ସିଭ ସ୍କୁଲ ଅଛି । ଶ୍ରମିକ ସରକାର ସେଠାର ସବୁ ସ୍କୁଲରେ ଏହି ପଦ୍ଧତି ଚଲାଇବାକୁ ଚାହୁଁଥିଲେ । ଡ୍ରାଇଟ୍‌ଓ୍ୱିଚ୍‌ର ହେଡ୍‌ମାଷ୍ଟର ଆମକୁ କହିଲେ ଯେ ସରକାର ଯେତେ ଶୀଘ୍ର ଏ ପରିବର୍ତ୍ତନ ଚାହୁଁଛନ୍ତି ସେତେ ଶୀଘ୍ର କରିବା ଠିକ୍ ହେବ ନାହିଁ, କାରଣ ଉପଯୁକ୍ତ ସଂଖ୍ୟାରେ ତାଲିମପ୍ରାପ୍ତ ଯୋଗ୍ୟ ଶିକ୍ଷକ ପାଇବାକୁ ସମୟ ଲାଗିବ । ତରତର କଲେ ନୂଆ ପଦ୍ଧତିଟା ହିଁ ପାଣିମିଶା ଭେଜାଲ ହୋଇଯିବ । ମାତ୍ର ଏବେ ତ ଟୋରି ସରକାର ଆସିଲେଣି; କ'ଣ କରିବେ କେଜାଣି ! ×

ଉଷ୍ଟର୍ ସହରରେ ଏକ ପ୍ରାଥମିକ ସ୍କୁଲ ଦେଖିଗଲୁ । ଏହା ଏଠାର ଚର୍ଚ୍ଚ ପକ୍ଷରୁ ଚଳାହୁଏ । ଘରଟା ବହୁତ ପ୍ରାଚୀନ, ଦେଢ଼ଶହ ଦୁଇଶହ ବର୍ଷ ତଳର ହେବ । ତେବେ ସ୍କୁଲ୍‌ରେ ଉପକରଣ ଓ ସାଜସଜ୍ଜା ସବୁ ଆଧୁନିକ ଓ ପୂର୍ଣ୍ଣାଙ୍ଗ । ଏହା ସହିତ ବାଲ୍‌ୱାଡ଼ୀ ମଧ୍ୟ ଚାଲେ । ପିଲାମାନେ ଖୁବ୍ ସତେଜ ଓ ଫୂର୍ତ୍ତିରେ ଥା'ନ୍ତି ।

ଏହି ସହରରେ ଗୋଟିଏ ଶିକ୍ଷକ ତାଲିମ୍ କଲେଜ ଅଛି । ସେଠି ମତେ ନିମନ୍ତ୍ରଣ କରିଥିଲେ । ସକାଳେ କଲେଜର କାମ ଆରମ୍ଭ କରିବାର ଆଦ୍ୟରେ ସମବେତ ପ୍ରାର୍ଥନା କରାଯାଏ । ସେଦିନ ପ୍ରାର୍ଥନାରେ ବିଶ୍ୱଜନଙ୍କର ଏକତା ବିଷୟରେ ଗୋଟିଏ ସୁନ୍ଦର ଭଜନ ବୋଲାହେଲା । ପ୍ରାର୍ଥନା ପରେ ମୁଁ ମଧ୍ୟ ଗାନ୍ଧୀଜୀଙ୍କର ଆଦର୍ଶ ବିଷୟରେ କିଛି କହିଲି ।

ଏଠି ଜଣେ ଭାରତୀୟ ଇଂଜିନିୟର୍ ଶ୍ରୀ ସରକାରଙ୍କର ଆମେ ଅତିଥି ହୋଇଥିଲୁ । ତାଙ୍କର ଘର ପୂର୍ବ ବଙ୍ଗରେ ଥିଲା । ସେଠୁ ଆସି କଲିକତାରେ ବସବାସ କରୁଥିଲେ । ଏବେ ଏଠି ରହିଗଲେଣି । ପତ୍ନୀ ଜର୍ମାନ । ଖୁବ୍ କଠିନକର୍ମୀ ଲୋକ । ଅନେକ ଖବର ରଖନ୍ତି ଓ ସାମାଜିକ ସମସ୍ୟା ନେଇ ଚିନ୍ତା କରନ୍ତି । ଭାରତ ବିଷୟରେ ମଧ୍ୟ ଅନେକ କଥା ଭାବନ୍ତି । ଗ୍ରାମଦାନ ଗାଁମାନଙ୍କର ଆର୍ଥିକ ବିକାଶ ପାଇଁ ସେଠୁ କି ପ୍ରକାରେ ସାହାଯ୍ୟ କରିପାରିବେ ସେ ବିଷୟରେ ଆଲୋଚନା କଲେ ।

ଉଷ୍ଟର୍‌ରେ ଗୋଟିଏ ଆନ୍ତର୍ଜାତୀୟ କ୍ଲବ୍ ଅଛି । ଏଠାରେ ବାସ କରୁଥିବା ଦେଶ-ବିଦେଶର ଲୋକଙ୍କ ଭିତରେ ପରିଚୟ ଓ ସୌହାର୍ଦ୍ଦ୍ୟ ବଢ଼ାଇବା ଏହାର ଉଦ୍ଦେଶ୍ୟ । ଶ୍ରୀ ସରକାର ଏହି କ୍ଲବ୍‌ର ସମ୍ପାଦକ । ଏ କ୍ଲବ୍ ଓ ଏଠାରେ ଥିବା ରାଷ୍ଟ୍ରସଂଘ ଆସୋସିଏସନ୍

ପକ୍ଷରୁ ଗୋଟିଏ ସଭାର ଆୟୋଜନ ହୋଇଥିଲା । ସେଥିରେ କେତେଜଣ ଭାରତୀୟ ଓ ପାକିସ୍ତାନୀ ଛାତ୍ର ମଧ୍ୟ ଯୋଗ ଦେଇଥିଲେ । ସେମାନଙ୍କ ସହିତ ଆଳାପ ହେଲା । ଏ ଉଭୟ ଦେଶର ଛାତ୍ର ତ ଏଠି ବେଶ୍ ସୌହାର୍ଦ୍ଦ୍ୟର ସହିତ ରହିଛନ୍ତି । ପାକିସ୍ତାନୀ ଛାତ୍ର ଦୁଇଜଣ ଗାନ୍ଧୀଜୀଙ୍କର ଆଦର୍ଶ ଓ ଗ୍ରାମଦାନ ଆଦି ବିଷୟରେ ଜାଣିବାକୁ ଖୁବ୍ ଉତ୍ସୁକ ଜଣା ପଡ଼ିଲେ । ଉଷ୍ଟର୍‌ରେ ଶ୍ରୀ ସରକାର ଯେଉଁ କାରଖାନାରେ କାମ କରନ୍ତି ତାହା ଦେଖାଇବାକୁ ନେଇଗଲେ । ଏଠାରେ ନାନାପ୍ରକାରର ଉଚ୍ଚକୋଟିର ମେସିନ୍ ଟୁଲ୍ ତିଆରି ହୁଏ । କାରଖାନାଟି ବିଶେଷ ବଡ଼ ନୁହେଁ, ମାତ୍ର ଏହାର ବିଶେଷତ୍ୱ ହେଲା ଯେ ଏହାର ପରିଚାଳନା ଆଧୁନିକ ଢଙ୍ଗରେ କରାଯାଏ । ପ୍ରତ୍ୟେକ ସ୍ତରରେ ଶ୍ରମିକ ଓ କର୍ମଚାରୀଙ୍କ ସହିତ ପରାମର୍ଶରେ କାମ କରାଯାଏ । ଉତ୍ପାଦନର ଯୋଜନା ପଦ୍ଧତି ଆଦି ସ୍ଥିର କରାଯାଏ । କାରଖାନାର ଶୃଙ୍ଖଳା ରକ୍ଷା ମଧ୍ୟ ସେହିଭଳି ସମସ୍ତଙ୍କ ପରାମର୍ଶରେ କରାଯାଏ । ଏଥିପାଇଁ ପ୍ରତି ବିଭାଗର ଶ୍ରମିକ, କର୍ମଚାରୀମାନଙ୍କର ନିୟମିତ ବୈଠକ ହୁଏ । ସେହିପରି ସବୁ ବିଭାଗର କର୍ମକର୍ତ୍ତା ଓ ଶ୍ରମିକ ପ୍ରତିନିଧିଙ୍କୁ ନେଇ ସାରା କାରଖାନାର ବୈଠକ ବସେ । ଏହା ଫଳରେ ଏଠି ପରିଚାଳକ ଓ ଶ୍ରମିକଙ୍କ ଭିତରେ ଭଲ ବୁଝାମଣା ରହିଛି । ଧର୍ମଘଟ ଆଦି କେବେ ହୋଇନାହିଁ । ଅଳ୍ପ ଦିନ ତଳେ ଅରେମାନ୍ତ ଓଳିକ ପାଇଁ କାମ ବନ୍ଦ ହୋଇଥିଲା । କିନ୍ତୁ ତୁରନ୍ତ ଆଲୋଚନା ଦ୍ୱାରା ତାହାର ସମାଧାନ ହୋଇଗଲା ।

★ ★

## ବାଇଶ

# ବରମିଂହାମ୍ ଓ ଶେକ୍ସପୀୟର ତୀର୍ଥ

ଉଷ୍ଟର୍‌ରୁ ବର୍‌ମିଂହାମ । ମିସ୍ ରୁଥ୍ ଗୱୁର୍ଡ଼୍‌ସନ୍ ମତେ ନେବାକୁ ବସ୍ ରହଣୀଠାକୁ ଆସିଥିଲେ । ବୟସ ସତୁରୀ ହେବ ମାତ୍ର ଖୁବ୍ କର୍ମଠ, ନିଜେ ଗାଡ଼ୀ ଚଲାନ୍ତି । ମିସ୍ ଗୱୁର୍ଡ଼୍‌ସନ ଶାନ୍ତିବାଦୀ ଓ ଭାରତପ୍ରେମୀ । ଏହାଙ୍କ ଘର ଏଠାର ଶାନ୍ତିବାଦୀ ତଥା ଭାରତୀୟମାନଙ୍କର ଏକ ଆଡ୍ଡା । ଭାରତରୁ ଯେ କେହି ବିଶିଷ୍ଟ ଅବିଶିଷ୍ଟ ଲୋକ ଏଠାକୁ ଆସିଲେ ମିସ୍ ଗୱୁର୍ଡ଼୍‌ସନ୍‌ଙ୍କ ଘରେ ପାଦ ପଡ଼େ । ସ୍ୱାଭାବିକ ଏଠି ଏକ ସଭା ଏହାଙ୍କ ଘରେ ଆୟୋଜିତ ହୋଇଥିଲା । ସ୍ଥାନୀୟ ଭାରତୀୟମାନଙ୍କ ଭିତରୁ ଡଃ ପ୍ରେମ ଓ ତାଙ୍କ ସ୍ତ୍ରୀ, ବ୍ରହ୍ମାନନ୍ଦ, ଶ୍ରୀ ଗୋସ୍ୱାମୀ, ଶ୍ରୀ ରାଓ ଆସିଥିଲେ ଏବଂ ଆସିଥିଲେ କୋରାପୁଟର ଦୁଇଜଣ ଖ୍ରୀଷ୍ଟାନ ବନ୍ଧୁ ସର୍ବଶ୍ରୀ ବାଞ୍ଛାନିଧି ମହାନ୍ତି ଓ ବିଜୟ ଦାସ । ଏମାନେ ସେଠାର ଉଡ୍‌ବ୍ରୋକ୍ କଲେଜରେ ଅଧ୍ୟୟନ ପାଇଁ ଯାଇଥିଲେ । ଏ କଲେଜଟି କ୍ୱେକର୍‌ମାନଙ୍କର ଏକ ପୁରୁଣା ଅନୁଷ୍ଠାନ ଓ ଏଥିରେ ସାଧାରଣ ସେବକମାନଙ୍କୁ ବିବିଧ ବିଷୟ ଶିକ୍ଷା ଦେବାର ଖୁବ୍ ଭଲ ବ୍ୟବସ୍ଥା ରହିଛି । ପରେ ମୁଁ ଏ କଲେଜ ଦେଖିବାକୁ ଯାଇଥିଲି ।

ଲଣ୍ଡନର ବାଟଘାଟରେ ଆଫ୍ରିକା ଓ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜର ଅଗଣତି କଳା ସ୍ତ୍ରୀ ପୁରୁଷଙ୍କୁ ଦେଖି ଦେଖି ମୋ ମନରେ ଗୋଟାଏ ଭାବନା ବରାବର ଉଠୁଥିଲା ଯେ କୋରାପୁଟ ପ୍ରଭୃତିର ଜନତା କେବେ ଏହିଭଳି ସାରା ବିଶ୍ୱର ଜନତା ସାଙ୍ଗରେ ସମାନ ହୋଇ ଛିଡ଼ା ହେବ । କେବେ କୋରାପୁଟର ଲୋକେ ଶୋଷଣ ଓ କଷଣରୁ ମୁକ୍ତ ହୋଇ ପଦାକୁ ବାହାରିବେ ଓ ପୃଥିବୀର ରାଜଧାନୀମାନଙ୍କରେ ମୁଣ୍ଡ ଟେକି ବିଚରଣ କରିବେ । ଏଠି ବରମିଂହାମ୍‌ରେ କୋରାପୁଟରୁ ଆସିଥିବା ଏ ଦୁଇଜଣ ଭାଇଙ୍କୁ ଦେଖି ମୋର ଯେତିକି ବିସ୍ମୟ ସେତିକି ଆନନ୍ଦ ହେଲା ।

ବ୍ରହ୍ମାନନ୍ଦ ପଞ୍ଜାବର ଯୁବକ । ତାଙ୍କ ବଡ଼ ଭାଇ ସଚ୍ଚିଦାନନ୍ଦ ଅନେକ ଦିନ ଓଡ଼ିଶାରେ କୋରାପୁଟରେ ଗ୍ରାମଦାନ ନିର୍ମାଣ କାମ କରିଥିଲେ । ବ୍ରହ୍ମାନନ୍ଦ ମଧ୍ୟ ଭୂଦାନ ଆନ୍ଦୋଳନରେ ପୂରା ସମୟ ଦେଇ ଉଦ୍ଯମ କାର୍ଯ୍ୟ କରୁଥିଲେ । ଏବେ କେତେ ବର୍ଷ ହେଲା

ବର୍ମିଂହାମ୍‌ରେ ଏକ କାରଖାନାରେ କାମ କରୁଛନ୍ତି । ସଭାରେ ମୁଁ କହିଲି ଯେ ଆମର ଜଣେ ସହକର୍ମୀ ବ୍ରହ୍ମାନନ୍ଦ ଏଠି ନଜଦିକରେ କେତେବର୍ଷ ହେଲା ଆସି ରହିଛନ୍ତି । ସେ ଆପଣମାନଙ୍କୁ ଭୂଦାନ ଗ୍ରାମଦାନ ବିଷୟରେ ନିଶ୍ଚେ କିଛି ଶୁଣାଇଥିବେ ।

ସଭା ସରିବା ପରେ ଗୋସ୍ୱାମୀ ଙ୍କ ଗାଁଓ କେନ୍ଦ୍ର ଜଣେ କହିଲେ, "ବ୍ରହ୍ମାନନ୍ଦ ପରା ଆପଣଙ୍କ ପାଖରେ ବସିଥିଲେ !" ବ୍ରହ୍ମାନନ୍ଦ ମଧ୍ୟ ଆସି ମତେ ହାଙ୍ଗେ ହାଙ୍ଗେ କୁଣ୍ଢାଇ ପକାଇଲେ । ଭାରତରେ ଥିବାବେଳେ ଲମ୍ବା ବାଲ, ଲମ୍ବା ଦାଢ଼ି, ବାବାଜି ମାର୍କା ଲୁଙ୍ଗୀ, ସେଠି ଯାଇ ସେ ସବୁ ଚକ୍‌ଚକ୍ ସଫା, ପ୍ୟାଣ୍ଟକୋର୍ଟ ଟାଇ ପିନ୍ଧା, ଚଳିବ କପର ?

ଅନେକ ଗପସପ ହେଲା । ଏବେ ଇଂଲଣ୍ଡରେ ଯେ ବର୍ଣ୍ଣବିଦ୍ୱେଷ ମୁଣ୍ଡ ଟେକୁଛି ତାହା ବିରୋଧରେ ଏଠି ମୋର ଆସିବାର ପୂର୍ବଦିନ ଏକ ବିଶିଷ୍ଟ ଧରଣର ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ଏଠାରେ ଥିବା ସବୁ ଦେଶର ଓ ସବୁ ଧର୍ମର ପ୍ରାୟ ପାଞ୍ଚ ହଜାର ଲୋକ ଏକ ମୌନ ଶୋଭାଯାତ୍ରାରେ ସହରରେ ବୁଲିଥିଲେ ଓ ଶେଷକୁ ଏକ ସର୍ବଧର୍ମ ପ୍ରାର୍ଥନା ସଭା କରିଥିଲେ । ସେଥିରେ ଏଠାର ସବୁ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ପାଦ୍ରୀମାନେ ବି ଯୋଗ ଦେଇଥିଲେ । ବର୍ଣ୍ଣବିଦ୍ୱେଷ ବିରୋଧରେ ଓ ସାର୍ବଜନୀନ ମୈତ୍ରୀ ଉପରେ ଜୋର ଦେଇ ବକ୍ତୃତାମାନ ମଧ୍ୟ ସମସ୍ତଙ୍କ ପକ୍ଷରୁ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମଟି ଖୁବ୍ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଓ ପ୍ରଭାବଶାଳୀ ଢଙ୍ଗରେ ପରିଚାଳିତ ହୋଇଥିଲା । ମୋର ଦୁଃଖ ହେଲା ଯେ ମୁଁ ଏହା ଦେଖି ପାରିଲି ନାହିଁ ।

କେତେଜଣ ଛାତ୍ରଛାତ୍ରୀ ମଧ୍ୟ ଶର୍ମାଙ୍କ ଘର ସଭାକୁ ଆସିଥିଲେ । ସେମାନଙ୍କ ସହିତ ବର୍ତ୍ତମାନର ଛାତ୍ର ସମସ୍ୟା ବିଷୟରେ ଭଲ ଆଲୋଚନା ହେଲା । ସେଥିରେ ଜଣେ ଛାତ୍ରୀ ଯାହା କହିଲା ତା ମୋ ମନରେ ଲାଗି ରହିଛି । ଜଣେ ଭଦ୍ରଲୋକ ମନ୍ତବ୍ୟ କଲେ ଯେ ଆଜିକାଲିକାର ପିଲାମାନେ ସବୁ ନଷ୍ଟ ହୋଇଯାଉଛନ୍ତି, କେବଳ ଫେସନ୍ କରିବା, କାହାରି କଥା ନମାନିବା ଏଇ ସବୁ ଚାଲିଛି ।

ଏ କଥାର ଜବାବରେ ଗୋଟିଏ ସାନଝିଅ, ହାଇସ୍କୁଲରେ ପଢ଼େ, କହିଲା, "ଏଭଳି ବିଚାରିବା ଠିକ ନୁହେଁ । ଅନେକ ପିଲା ଅବଶ୍ୟ ଛନ୍ନଛଡ଼ା ହେବାରେ ମାତିଛନ୍ତି, ମାରିହୁଆନା, ଏଲ୍ ଏସ୍ ଡ଼ି ଆଦି ଖାଉଛନ୍ତି, କିନ୍ତୁ ସମସ୍ତ ଛାତ୍ର ବା ଯୁବସମାଜକୁ ସେଭଳି ବିଚାରିବା ଠିକ ନୁହେଁ । ଏସବୁ ଯାହା ଦେଖାଯାଉଛି ସେସବୁ କେବଳ ଉପରର ଫେଣ । ତା' ତଳେ ଗୋଟାଏ ନୂତନ ଚନ୍ତାର ପ୍ରବାହ ଚାଲିଛି, ବହୁ ଛାତ୍ରଛାତ୍ରୀ ଏକ ନୂଆ ମୂଲ୍ୟବୋଧର ସନ୍ଧାନ କରୁଛନ୍ତି । ପୁରୁଣା ସମାଜପ୍ରତି ଆମର ସମସ୍ତଙ୍କର ଆସ୍ଥା ତୁଟି ଯାଇଛି, ମାତ୍ର ନୂଆର ସନ୍ଧାନ ମିଳି ନାହିଁ । ତା'ର ବାଟ ଖୋଜା ଚାଲିଛି । ସେଇଟାଇ ଏଥିରେ ଅସଲ କଥା ।"

ତାହାର କଥାରୁ ଗାମ୍ଭୀର୍ଯ୍ୟ ଓ ସଚୋଟ ପଣିଆ ଆମ ସମସ୍ତଙ୍କୁ ପ୍ରଭାବିତ କରିଥିଲା । ଏଇ ବିଷୟ ନେଇ ତା'ପରେ ବେଶ କିଛି ସମୟ ଆଲୋଚନା ଚାଲିଲା । ସଭା ଶେଷରେ କିଛି

ରୁ ଓ ଜଳଯୋଗର ବ୍ୟବସ୍ଥା ଥିଲା । ଦେଖିଲି ଯେ ଖର୍ଚ୍ଚ ତୁଲାଇବା ପାଇଁ ଏକଜିବିଶନ୍ ଦୁଇଟିଙ୍କ କରି ଚାନ୍ଦା ସମସ୍ତଙ୍କଠାରୁ ସଂଗ୍ରହ କରା ହେଲା ।     ×     ×     ×

ମହାକବି ସେକ୍ସପିଅରଙ୍କର ଜନ୍ମସ୍ଥାନ ଷ୍ଟ୍ରାଟ୍‌ଫୋର୍ଡ଼ ଅପନ୍ ଏଭନ୍ ଏଠୁ କୋଡ଼ିଏ ମାଇଲ ଖଣ୍ଡେ ଦୂର । ପରଦିନ ସକାଳେ ସେଠାର ତୀର୍ଥଯାତ୍ରାରେ ବସ୍‌ରେ ବାହାରିଲି । ଷ୍ଟ୍ରାଟ୍‌ଫୋର୍ଡ଼ ଗ୍ରେଟ ସହର, ବଡ଼ ଧରଣର ଗାଁ କହିଲେ ଅତ୍ୟୁକ୍ତି ହେବନାହିଁ । ଏଭନ୍ ନଈ ମଧ୍ୟ ଅତି କ୍ଷୁଦ୍ର । ଏ ସହରଟିଯାକ ଜାଣି ସେକ୍ସପିଅରଙ୍କ ସ୍ମୃତିକୁ ସମ୍ବଳ କରି ବଞ୍ଚିଛି, ପ୍ରତିଦିନ ଏଠାକୁ ଦେଶ ବିଦେଶରୁ ହଜାର ହଜାର ଦର୍ଶନାର୍ଥୀ ଆସୁଛନ୍ତି ଓ ସେମାନଙ୍କ ପାଇଁ ହୋଟେଲ, ବଜାର, ଗାଡ଼ି, ସୋଭେନିର୍ ଆଦିର ଯୋଗାଣ କରି ଏଠାର ଅଧିକାଂଶ ଲୋକେ ଦୁଇ ପଇସା ରୋଜଗାର କରୁଛନ୍ତି ବୋଲି ମନେ ହେଲା ।

ଏଠାରେ ସେକ୍‌ସପିଅରଙ୍କ ଜନ୍ମସ୍ଥାନ ଓ ତାଙ୍କର ପ୍ରେୟସୀ ଏନ୍ ହ୍ୟାଥ୍‌ଓ୍ୱେଙ୍କ ଜନ୍ମସ୍ଥାନ ଏକ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟ ପକ୍ଷରୁ ସୁରକ୍ଷିତ ହୋଇ ରହିଛି । ଏହା ଛଡ଼ା ଏବେ ମହାକବିଙ୍କର ଚତୁଃଶତବାର୍ଷିକୀ ଉପଲକ୍ଷରେ ସେଠାରେ ଏକ ନୂଆ ସଂଗ୍ରହାଳୟ ମଧ୍ୟ ସ୍ଥାପନ କରାଯାଇଛି । ଏଠାରେ ସେକ୍‌ସପିୟରଙ୍କ ବିଷୟରେ ନାନା ତଥ୍ୟ ଓ ସାମଗ୍ରୀ ସଂଗୃହୀତ ହୋଇ ରହିଛି, ତାଙ୍କର ଜୀବନ ଓ ସାହିତ୍ୟ ସମ୍ବନ୍ଧରେ ଗବେଷଣା ମଧ୍ୟ କରାଯାଉଛି ।

ସେକ୍‌ସପିୟରଙ୍କର ଘରଟି ଦୋତାଲା କୁଟୀର । ମେଜିଆ ସବୁ କାଠ । ଘରର ସାଜସଜ୍ଜା ସେଇକାଳରେ ଯାହା ଥିଲା ତାହା ହିଁ । ପଲଙ୍କ ଗୁଡ଼ାକ ଦେଖି ଜଣାଗଲା ଯେ ସେ କାଳରେ ଲୋକମାନେ ବେଶି ଗେଡ଼ା ଥିଲେ । ପାଞ୍ଚଫୁଟରୁ ସେଗୁଡ଼ାକ ବେଶୀ ଲମ୍ବ ହେବ ନାହିଁ । କୌଣସି ପ୍ରକାରର ଘାସର ଦଉଡ଼ି ଚଟେଇ ସବୁ ତଳେ ବିସ୍ତୃ ହେବାର ଦେଖିଲି । ଆମ ଦେଶର ଖଜୁରି ଚଟେଇ ପରି ବୁଣା । ଗୋଟାଏ ମଜାର ଜିନିଷ ଦେଖିଲି, ଗୋଟାଏ ଘରେ ମଝିରେ କରି ଗୋଟାଏ ସରୁ କାଠ ଖୁମ୍ବ ତଳୁ ଉପରଯାଏ ଲାଗିଛି, ଦୁଇ ମୁଣ୍ଡଯାକ ଘାଇ ଭିତରେ ରହିଛି ଯେପରିକି ଖୁମ୍ବଟା ଅଖ ଭଳି ବୁଲି ପାରିବ । ଏହା ସାନ ପିଲାଙ୍କୁ ବାନ୍ଧି ରଖିବା ପାଇଁ ବ୍ୟବହୃତ ହେଉଥିଲା ବୋଲି ବିବରଣ ଲେଖାଥାଏ । ପଘା ଦେଇ ପିଲାଙ୍କୁ ଏଥିରେ ଯୋଚି ଦେଲେ ସେ ଚାରିପଟେ ବୁଲୁଥିବା ସାଙ୍ଗେ ସାଙ୍ଗେ ଖୁଣ୍ଟି ବି ବୁଲୁଥିବ, ସେଥିରେ ଅଉ ପଘା ଗୁଡ଼େଇ ହୋଇ ଗ୍ରେଟ ହୋଇ ଯିବନାହିଁ । ସେକ୍‌ସପିୟର ବି ହୁଏତ ଏଇଥିରେ ଯୋଚା ହୋଇଥିବେ !

ଏଠି ଏଭନ୍ ନଈ କୂଳରେ ବେଶ୍ ସୁନ୍ଦର ବଗିଚା କରାଯାଇଛି ଓ ଫଳରେ ଏଠାରେ ବସି ଆଡ଼୍‌ଡ଼ା ଦେବା ବା ବୁଲାବୁଲି କରିବା ପାଇଁ ସ୍ଥାନଟି ବେଶ୍ ଉପାଦେୟ ହୋଇଛି । ମାତ୍ର ଏତେ ଦିନ ପରେ ଏଇଠି ଆସି ମାର୍କାମରା ଇଂରେଜୀ ପାଗ, ଝିପି ଝିପି ବର୍ଷା ଓ କାଲୁଆ ପବନ, ମୋର ପିଠି ଧରିବାରୁ ଆଉ ଏଠାର ସୌନ୍ଦର୍ଯ୍ୟ ବେଶୀ ଉପଭୋଗ କରି ହେଲା ନାହିଁ ।

ସେଦିନ ସନ୍ଧ୍ୟାରେ ବର୍ମିଂହାମ୍ ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକଙ୍କ ଘରେ ଏକ ସାନ୍ଧ୍ୟମିଳନରେ ଏଠାର ବିଭିନ୍ନ ଶାନ୍ତିବାଦୀ ସଂସ୍ଥା ସହିତ ସଂପୃକ୍ତ ଥିବା ଅନେକ ବନ୍ଧୁ ଏକତ୍ରିତ ହୋଇଥିଲେ । ଏଠି ପ୍ରଫେସର ଅଷ୍ଟରଗାର୍ଡ଼ଙ୍କ ସହିତ ଭେଟ ହେଲା । ଏ ମହାଶୟ ଭାରତରେ ସର୍ବୋଦୟ ଆନ୍ଦୋଳନରେ ନେତୃତ୍ୱର ରୂପରେଖ ବିଷୟରେ ଅଧ୍ୟୟନ କରିବାକୁ କିଛିଦିନ ଭାରତକୁ ଆସିଥିଲେ ଓ ଏବେ ସେ ବିଷୟରେ ତାଙ୍କର ଥେସିସ୍ ଲେଖୁଛନ୍ତି । ସର୍ବୋଦୟ ଆନ୍ଦୋଳନ ବିଷୟରେ ସେ ଅନେକ କିଛି ଖବର ରଖନ୍ତି । ତେଣୁ ଆଲୋଚନାଟା ଖୁବ୍ ଜମିଲା । ତେବେ ମତେ ରାତି ନଅଟାରେ ମ୍ୟାନ୍‌ଚେଷ୍ଟର ପାଇଁ ଟ୍ରେନ ଧରିବାକୁ ଥିବା ଯୋଗୁଁ ଶୀଘ୍ର ଶୀଘ୍ର ଯିବାକୁ ହେଲା ।

ମ୍ୟାନ୍‌ଚେଷ୍ଟରର ଟ୍ରେନରେ ଜଣେ ଗୁଜରାଟି ଭଦ୍ରଲୋକ ଶ୍ରୀ ପଟେଲଙ୍କ ସହ ଆଲାପ ହେଲା । ଉଲ୍‌ଟନ୍‌ର ମିନ୍‌ସିପାଲିଟିରେ କାମ କରନ୍ତି । ଏହାଙ୍କ ଘର ଲବଣ ସତ୍ୟାଗ୍ରହର ସେହି ପ୍ରସିଦ୍ଧ ପୀଠ ଦାଣ୍ଡୀ ନିକଟରେ ଥିବା କରାଡ଼ୀ ଗାଁରେ । କରାଡ଼ୀରେ ହେଲ୍‌ଥିମ୍ର ଦାଓ୍ୱାନଜୀ ବୋଲି ଜଣେ ନିଷ୍ଠାପର ସର୍ବୋଦୟ କର୍ମୀ ସେଇ ଯୁଗରୁ ଆଜିଯାଏ କାମ କରି ଆସୁଛନ୍ତି । ସେଠି ସେ ଏକ ବିଦ୍ୟାଳୟ ମଧ୍ୟ ଚଳାନ୍ତି । ଶ୍ରୀ ପଟେଲ ତାଙ୍କର ଶିଷ୍ୟ ଥିଲେ । ଦାଓ୍ୱାନଜୀଙ୍କ ସାଙ୍ଗରେ ବହୁତ କାମ କରିଛନ୍ତି, ଗାନ୍ଧୀଜୀଙ୍କ ସମ୍ପର୍କରେ ଆସିଛନ୍ତି । ୧୯୪୦ କି ୧୯୪୧ ରେ ସେ ଜୀବିକା ସନ୍ଧାନରେ କେନିଆ ଗଲେ । ସେଠି ଛବିଶ ବର୍ଷ କଟେଇବା ପରେ ଭାରତୀୟ-ମାନଙ୍କର ବିତାଡ଼ନ ଆରମ୍ଭ ହେଲାରୁ ତଡ଼ା ଖାଇଲେ । ସେଠି ମଧ୍ୟ ସେ ଏକ ମିନ୍‌ସିପାଲିଟି ଅଫିସରେ କାମ କରୁଥିଲେ । ସେଠି ତାଙ୍କୁ ଚାକିରିରୁ କାଢ଼ି ଦିଆଯାଇଛି ମାତ୍ର ପେନଶନ୍ ମିଳୁଛି ।

ଇଂଲଣ୍ଡର ପରିସ୍ଥିତିରେ ସେ ଖୁବ୍ ସନ୍ତୁଷ୍ଟ । ବିଶେଷ କରି ଏଠାର ସାମାଜିକ ସୁରକ୍ଷା ବ୍ୟବସ୍ଥାର ପ୍ରଶଂସାରେ ପଞ୍ଚମୁଖ ହୋଇ ଉଠିଲେ । ରଙ୍ଗଭେଦ ବିଷୟରେ ସେ ବିଶେଷ ଚିନ୍ତିତ ଦେଖାଗଲେ ନାହିଁ । କହିଲେ "କିଛି ମନ୍ଦ ଲୋକ ତ ସବୁ କାଳେ ସବୁ ଦେଶରେ ଥାନ୍ତି । ମାତ୍ର ସେଥିପାଇଁ ଭାବିବାର କିଛି ନାହିଁ । ଆଇନ ତ ଆମ ସପକ୍ଷରେ ଅଛି ।" ଏହାଙ୍କର ପୁଅଝିଅ ମାନେ ଏଠି ପାଠ ପଢୁଛନ୍ତି, ଗୋଟିଏ ଝିଅ ଚାକିରି କଲିଣି । ସବୁ ମନ୍ଦେ ନିଶ୍ଚିନ୍ତ ଥିଲେ ବି ଦେଶକୁ ପୂରା ଭୁଲି ନାହାନ୍ତି । ଗାଁରେ ଘର ତିଆରି କରାଉଛନ୍ତି । ଏଠୁ ଅବସର ନେଲେ ଯାଇ ରହିବେ । ମାତ୍ର ପିଲାମାନେ ଯିବାକୁ ଚାହିଁବେ କି ? କେଜାଣି ।

★ ★

# ତେଇଶ

## ହ୍ରଦ ଅଞ୍ଚଳ ଓ ଶାନ୍ତଗୋଷ୍ଠୀ

ମ୍ୟାନ୍‌ଚେଷ୍ଟରରେ ଜଣେ ନିକଟ ଆତ୍ମୀୟଙ୍କ ଘରେ ରବିବାର ଦିନଟିଏ ବିଶୁଦ୍ଧ ଆଡ୍‌ଡା ଦେଇ କଟେଇଲି । ଏଠି ଗୋଟିଏ ମଜାର ବ୍ୟବସ୍ଥା ଦେଖିଲି । ଘର ଗରମ କରିବାକୁ ଯେଉଁ ହିଟର (ବୈଦ୍ୟୁତିକ ଉହ୍ମେଇ) ଅଛି, ଗାଧୁଆ ଘରେ ପାଣି ଗରମ କରିବା ହିଟର୍ ଓ ରୋଷେଇ ଘରର ବିଜୁଳି ଚୁଲି, ଏ ସବୁଥିରେ ପଇସା ବାକ୍ସ ଲାଗିଛି । ଉହ୍ମେଇରେ ଏକ ଶିଲିଂ ପକେଇଲେ ଦୁଇରୁ ଚାରି ଘଣ୍ଟାଯାଏ ଜଳିବ । ଗାଧୁଆଘର ଗରମ ପାଣି ଯନ୍ତ୍ରରେ ଏକ ଶିଲିଂ ପକେଇଲେ ଦୁଇବାଲ୍‌ଟି ଖଣ୍ଡେ ପାଣି ଗରମ ହେବ । ଚୁଲି ପାଇଁ ଛ ପେନୀ ପକେଇଲେ ଅଧ ଘଣ୍ଟାଏ ଖଣ୍ଡେ ଜଳିବ । ଘର ମାଲିକ ମଝିରେ ମଝିରେ ବାକ୍ସ ଖୋଲି ଜମା ପଇସାତକ ନେଇଯାଏ । ତୁରନ୍ତ ତୁରନ୍ତ ହିସାବ ନିକାଶ । କେତେ ଗ୍ୟାସ୍ କେତେ ବିଜୁଳି ଖରଚ ହେଲା ତାହାର ହିସାବ ନେଇ ବକ୍ ବକ୍ ଝକ୍ ଝକ୍‌ର ଅବକାଶ ନାହିଁ । ପଚାରି ବୁଝିଲି ଘର ଗରମ କରିବାକୁ ଶୀତଦିନେ ମାସକୁ ତିନିଶହ ଟଙ୍କା ତ ଖରଚ ହୋଇଯାଏ । ଏ ଥଣ୍ଡା ଦେଶରେ ଏ ଗୋଟାଏ ଖୁବ୍ ବଡ଼ ଖରଚ । ଘର, ସ୍କୁଲ, ଅଫିସ ପ୍ରଭୃତି ଗରମ ନ ରଖିଲେ ତ ମୋଟେ ଚଳି ହେବ ନାହିଁ । ଏଥିପାଇଁ ସବୁଠାରୁ ଆଦିମ ବ୍ୟବସ୍ଥା ହେଲା ଘରେ କାଠ ବା କୋଇଲା ଜାଳିବା । ଏଥିପାଇଁ ସବୁ ପୁରୁଣା ଘରମାନଙ୍କରେ ଗୋଟାଏ ଅଗିଜଳା ସ୍ଥାନ ଥାଏ । ଏବେ ବ୍ୟବସ୍ଥା ହେଉଛି ଗ୍ୟାସ୍ ବା ବିଜୁଳି ହିଟର୍ । ବଡ଼ ବଡ଼ ଆଧୁନିକ କୋଠାମାନଙ୍କରେ ଘରସବୁ ଗରମ କରିବାର କେନ୍ଦ୍ରୀୟ ବ୍ୟବସ୍ଥା ଥାଏ । ଗୋଟାଏ ଜାଗାରେ ପାଣି ଗରମ ହୋଇ ଘରମାନଙ୍କରେ କାନ୍ଥରେ ଲାଗିଥିବା ନଳ ବାଟେ ପ୍ରବାହିତ ହୋଇ ଘରସବୁକୁ ଗରମ କରେ ।

ଇଂଲଣ୍ଡର ଉତ୍ତର-ପଶ୍ଚିମରେ ଏକ ହ୍ରଦ ଅଞ୍ଚଳ ଅଛି । ପାହାଡ଼ିଆ ଅଞ୍ଚଳ ଭିତରେ ବଡ଼ ବଡ଼ ହ୍ରଦ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ସମୃଦ୍ଧ, ଭ୍ରମଣକାରୀମାନଙ୍କ ପ୍ରତି ଏକ ଦୁର୍ଲଙ୍ଘ୍ୟ

ଆକର୍ଷଣ । ଏହି ଅଞ୍ଚଳରେ କ୍ୱେକରମାନଙ୍କର ଏକ କେନ୍ଦ୍ରରେ ଏହି ସମୟରେ ଶାନ୍ତିବାଦୀମାନଙ୍କର ଏକ ଆଲୋଚନାଚକ୍ର ଚାଲିଥିଲା । ବିଷୟ ଥିଲା ଅହିଂସାର ତାଲିମ୍ । ଇଂଲଣ୍ଡ, ଯୁକ୍ତରାଷ୍ଟ୍ର, କ୍ୟାନାଡ଼ା ଓ ହଲଣ୍ଡରୁ ମୋଟ କୋଡ଼ିଏ ଜଣ ଯୋଗ ଦେଇଥିଲେ । ଏ ଚକ୍ର ସାତ ଦିନ ଯାଏ ଚାଲିଲା, ମାତ୍ର ମୁଁ ସେଥିରେ ଦୁଇଦିନ ପାଇଁ ଯୋଗ ଦେଇଥିଲି ।

ଯେଉଁମାନେ କୌଣସି ପ୍ରକାରର ଅହିଂସ ଆନ୍ଦୋଳନ ବା କାର୍ଯ୍ୟକ୍ରମର ପରିଚାଳନା କରିବେ ତଥା ଯେଉଁମାନେ ସେଥିରେ ଅଂଶ ଗ୍ରହଣ କରିବେ ସେ ସମସ୍ତଙ୍କୁ କି କି ବିଷୟରେ ଓ କିପରି ଭାବରେ ତାଲିମ ଦିଆଯିବ ତାହା ହିଁ ଏଠାରେ ପୁଂଖାନୁପୁଂଖ ଭାବରେ ଆଲୋଚିତ ହେଉଥିଲା । ଗତ ବର୍ଷମାନଙ୍କରେ ଇଂଲଣ୍ଡ ତଥା ଆମେରିକାରେ କେତେଗୁଡ଼ିଏ ବଡ଼ଧରଣର ଅହିଂସ ପ୍ରଦର୍ଶନ କଳା ଗୋରା ରଙ୍ଗଭେଦ, ଭିଏତ୍‌ନାମ ଯୁଦ୍ଧ ଓ ପରମାଣୁ ଅସ୍ତ୍ର ବିରୋଧରେ ହୋଇଯାଇଛି । ଆମେରିକାର ଗୋଟିଏ ଗୋଟିଏ ପ୍ରଦର୍ଶନରେ ଲକ୍ଷ ଲକ୍ଷ ଲୋକ ଯୋଗ ଦେଇଛନ୍ତି । ଏ ସମସ୍ତଙ୍କୁ ଅହିଂସାର ଶୃଙ୍ଖଳାରେ ରଖିବା କିଛି ଛୋଟିଆ କାମ ନ ଥିଲା । ସଭା, ଶୋଭାଯାତ୍ରା, ପିକେଟିଂ ଆଦିର ଆୟୋଜନ କରିବାର ବହୁତ ଅଭିଜ୍ଞତା ଏଠାରେ ଏକତ୍ର ହୋଇଛି ଓ ସେ ସବୁକୁ ଧାଡ଼ିରେ ପକେଇ ନିୟମବଦ୍ଧ କରିବା ଉଦ୍ୟମ ଚାଲିଛି ।

ଏହାଛଡ଼ା ଯେ ଅହିଂସକ କର୍ମୀ ଭାବରେ କାମ କରିବ ତାହା ପାଇଁ ବୌଦ୍ଧିକ ଜ୍ଞାନର ଆବଶ୍ୟକତା ମଧ୍ୟ ରହିଛି । ଆଜିକାଲି ସମାଜ ବିଜ୍ଞାନ, ମନୋବିଜ୍ଞାନ ଆଦିର ଅନେକ ନବଲବ୍ଧ ଜ୍ଞାନ ଏ ଦିଗରେ ସହାୟକ ହୋଇପାରୁଛି । ଏ ସବୁର ସାହାଯ୍ୟ ନେଇ ବ୍ୟକ୍ତିଗତ ନିର୍ଣ୍ଣୟ ଓ ସାମୂହିକ ନିର୍ଣ୍ଣୟ ଭିତରେ ପାର୍ଥକ୍ୟ, ପରସ୍ପର ଅଭିଜ୍ଞତା ବିନିମୟରୁ ଲାଭ ଉଠାଇବା ଦୃଷ୍ଟିରୁ କାର୍ଯ୍ୟ ବିବରଣ ଲେଖିବା ତଥା ଆଳାପ ଆଲୋଚନାର ବିଶ୍ଳେଷଣ କରିବା, କୌଣସି ଘଟଣାରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ଲୋକଙ୍କର ଭୂମିକା ପର୍ଯ୍ୟବେକ୍ଷଣ କରିବା, ଧ୍ୟାନ ଚିନ୍ତନର ଆବଶ୍ୟକତା ଓ ଗୁରୁତ୍ୱ ଆଦି ବହୁତ ବିଷୟରେ ଖୁବ୍ ସରସ ଆଲୋଚନା ଚାଲିଥିଲା ।

ଆମେରିକାର ବିଭିନ୍ନ ଅଞ୍ଚଳରେ ପାଞ୍ଚୋଟି ବିଦ୍ୟାଳୟରେ ଏବେ ଅହିଂସା ବିଷୟରେ ତାଲିମ ଦିଆଯାଉଛି ଓ ଅଧ୍ୟୟନ ଚାଲିଛି । ଏସବୁ ସହିତ ସଂପୃକ୍ତ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରୁ ଚାର୍ଲ୍ସ ଓ୍ୟାକର୍, ଜିନ୍ ଶାର୍ପ୍, ଜର୍ଜ ଲେକୀ ପ୍ରଭୃତି ଏଠାକୁ ଆସିଥିଲେ । ଇଂଲଣ୍ଡରେ ମଧ୍ୟ ଏ ଭଳି ଗୋଟିଏ କେନ୍ଦ୍ର ଚାଲୁଛି । ସେଠାରୁ କଲିନ୍ ହିକେଟ୍ ପ୍ରଭୃତି ଆସିଥିଲେ । ଏମାନଙ୍କର ଉଭୟ ଆନ୍ଦୋଳନ କରିବା ଓ ତାଲିମ ଦେବାର ଯଥେଷ୍ଟ ଅଭିଜ୍ଞତା ରହିଛି । ତେଣୁ ଆଲୋଚନା କେବଳ ପୋଥିଗତ ନ ହୋଇ ବାସ୍ତବାନୁଗ ହେଉଥିଲା ।

ଏ ଆଲୋଚନାଚକ୍ରରେ ଯୋଗ ଦେବାରେ ୟୁରୋପର ଗୋଟିଏ ବିଶେଷତ୍ୱ ଦୃଷ୍ଟିରେ ପଡ଼ିଲା, ଯେଉଁଟି ପରେ ମଧ୍ୟ ଅନ୍ୟତ୍ର ଅନୁଭବ କଲି । ସେଇଟି ହେଲା ଏଠାର ଶାନ୍ତିବାଦୀ ତଥା ସମାଜସେବୀମାନଙ୍କର ନିଜର କାମ ଓ ତା'ର ପରିଣାମକୁ ଗଭୀର ଓ ପୁଙ୍ଖାନୁପୁଙ୍ଖ ଭାବେ ବିଶ୍ଳେଷଣ କରି ତା'ର ପ୍ରକ୍ରିୟାଟାକୁ ଭଲଭାବରେ ହୃଦୟଙ୍ଗମ କରିବାର ଚେଷ୍ଟା ।

ଭାରତରେ ସମାଜସେବୀ କିଛି ଊଣା ନାହାନ୍ତି ଓ ବିନୋବା, ଜୟପ୍ରକାଶଙ୍କ ପରି ବିଶାଳ ବ୍ୟକ୍ତିଙ୍କୁ ଛାଡ଼ିଦେଲେ ମଧ୍ୟ ଏଭଳି ବହୁ ସେବକ ଏଠାରେ ଗାନ୍ଧୀ ପରିବାର ଭିତରେ ଅଛନ୍ତି ଯାହାଙ୍କର କାମର ପରିମାଣର ସାରା ପୃଥିବୀରେ ଦୁର୍ଲଭ । ମାତ୍ର ଏ ସମସ୍ତଙ୍କର ଅଭିଜ୍ଞତାର ସମ୍ୟକ୍ ପର୍ଯ୍ୟାଲୋଚନା ଅଭାବରୁ ସେ ସବୁର ପୂର୍ଣ୍ଣ ଗୁରୁତ୍ୱ ଜଣା ପଡ଼ି ପାରୁ ନାହିଁ କି ସେଥିରୁ ଅନ୍ୟମାନେ ପୂରାପୂରି ଲାଭବାନ ହୋଇପାରୁ ନାହାନ୍ତି । ୟୁରୋପର ସାଂସ୍କୃତିକ ପରମ୍ପରାରେ ଓ ଶିକ୍ଷାରେ ବୈଜ୍ଞାନିକତାର ଯେଉଁ ବିଶେଷ ପ୍ରାଧାନ୍ୟ ରହିଛି ତାହାରି ଯୋଗୁଁ ସେଠାରେ ଏହା ହୋଇପାରୁଛି । ସେମାନଙ୍କଠାରୁ ଆମର ଏହା ଗୋଟିଏ ଶିଖିବାର କଥା ।

ଏହି ଆଲୋଚନାଚକ୍ର ମଝିରେ ଗୋଟିଏ ଓଳି ସମସ୍ତେ ସେ ହ୍ରଦମାନଙ୍କ କୂଳରେ ବୁଲିଯିବାର କଥା ହୋଇଥାଏ; ମାତ୍ର ମୂଳରୁ ଏଠି ସେହି ମାର୍କାମରା ଇଂରେଜୀ ପାଗ ପିଛା ଧରିଥାଏ । ଏ ପାଗରେ ବୁଲିଯିବାରେ କି ଆନନ୍ଦ ରହିବ ? ଯାହାହେଉ ମୋ ଥିବା ଭିତରେ ଦିନେ ସକାଳୁ ପାଗ ଟିକିଏ ଖୋଲିଲା । ବହୁ ଅଧିକ ସଂଖ୍ୟକ ମତରେ ସ୍ଥିର ହେଲା ଯେ ଆଉ ଡେରି ନ କରି ଏଇବେଳା ବାହାରିଯିବା ଗୃହ । ତିନି ଚାରି ଖଣ୍ଡ ଗାଡ଼ିରେ ବୋଝେଇ ହୋଇ ବାହାରିପଡ଼ିଲୁ । ଅଳ୍ପ ବାଟ ଯିବା ପରେ ଓ୍ୱିଣ୍ଡରମେୟର ହ୍ରଦ ପଡ଼ିଲା, ଓସାର ସେତେ ବେଶୀ ନୁହେଁ ମାତ୍ର ଖୁବ୍ ଲମ୍ବ । କୂଳେ କୂଳେ ରାସ୍ତା । ମଝିରେ ମଝିରେ ଅନେକ ଦୃଶ୍ୟ ଉପଭୋଗ କରି ଚାଲିଥାଉ । ମଝିରେ ନିସର୍ଗ କବି ଓ୍ୱାର୍ଡସ୍‌ଓ୍ୱାରଥଙ୍କର କୁଟୀର ମଧ୍ୟ ଗୋଟିଏ ଗାଁରେ ଦେଖିଲୁ । ଏ ଅଞ୍ଚଳର ହ୍ରଦ, ପାହାଡ଼ ଓ ବଣର ସ୍ୱୀଡ଼େନ୍‌ର କେତେକ ଅଞ୍ଚଳ ସହିତ ସାଦୃଶ୍ୟ ରହିଛି । ଦ୍ୱିପ୍ରହର ବେଳେ ଗୋଟିଏ ସାନ ହ୍ରଦ କୂଳରେ ବସି ପିକ୍‌ନିକ କରି ଅଢ଼େଇଟା ତିନିଟା ବେଳକୁ ଫେରିଲୁ । ଏହି ଓଳିଟା ବୁଲି ବାହାରିବାର ନିଷ୍ପତ୍ତିର ଯଥାର୍ଥତା ସାଙ୍ଗେ ସାଙ୍ଗେ ସାବ୍ୟସ୍ତ ହୋଇଗଲା ଯେତେବେଳେ ପରେ ପରେ ପୁଣି କଳାମେଘ ଘୋଟିଆସି ପାଗ ପୂର୍ବାପେକ୍ଷା ଅଧିକ ସନ୍ତସନ୍ତିଆ ଓ କାଳୁଆ ହୋଇଗଲା ।

ଏଠୁ ଲଣ୍ଡନ ଫେରିଲି । ଦିନକ ପରେ ପ୍ୟାରିସ୍ ଯିବାର କଥା । ଇଂଲଣ୍ଡରେ ଦୁଇ ସପ୍ତାହର ରହଣୀ ପୂରା ହୋଇ ଆସିଲା । ଭାରତ ଛାଡ଼ିବା ପୂର୍ବରୁ ଇଂରେଜମାନଙ୍କ ସମ୍ବନ୍ଧରେ ଶୁଣିଥିଲି ଯେ ସେମାନେ ଖୁବ୍ ଉନ୍ନାସିକ, ସହଜରେ ମିଶନ୍ତି ନାହିଁ, ଅନ୍ୟ ଦେଶର ଲୋକଙ୍କୁ ବିଶେଷ ଖାତିର କରନ୍ତି ନାହିଁ ଇତ୍ୟାଦି । ଏ ଦୁଇ ସପ୍ତାହ ଭିତରେ ମୁଁ ଯେଉଁସବୁ ଲୋକଙ୍କ ସହିତ କାରବାର କଲି ତାଙ୍କ ଭିତରେ ଖାସ କିଛି ଉନ୍ନାସିକତା ଥିବାର ତ ଦେଖିଲି ନାହିଁ । ତେବେ ଇଂରେଜମାନେ ଅନ୍ୟ ସବୁ ଦେଶର ଲୋକଙ୍କ ଅପେକ୍ଷା ଚୁପା । ନିଜର ମନର ଭାବ ବା କୌଣସି ପ୍ରକାରର ଆବେଗ ପ୍ରକାଶ କରନ୍ତି ବହୁତ କମ । କଥାବାର୍ତ୍ତା ବି ଖୁବ୍ ମୃଦୁ ସ୍ୱରରେ କରନ୍ତି । ଲଣ୍ଡନର କିଙ୍ଗସ୍ କ୍ରସ୍ ବା ଇଉଷ୍ଟିନ୍ ଷ୍ଟେସନ୍ ହାଓଡ଼ା ଷ୍ଟେସନ୍‌ଠାରୁ ବଡ଼ ବରଂ ସାନ ନୁହେଁ । ମାତ୍ର ସେଠି ଆଖିବୁଜି ଛାଡ଼ା ହେଲେ ମଣିଷ ଅଛନ୍ତି ବୋଲି ଜାଣି ପାରିବ ନାହିଁ ।

ଟ୍ରେନ୍‌ବସ୍‌ରେ ଯିବାବେଳେ ପାଖ ପାଖ ବସି ଘଣ୍ଟା ଘଣ୍ଟା ଧରି ଚାଲିଥିଲେ ମଧ୍ୟ କେହି ଚିହ୍ନା ନ କରାଇ ଦେଲେ କଥା କହିବେ ନାହିଁ । ଅବଶ୍ୟ ଏଥିର ବ୍ୟତିକ୍ରମ ମଧ୍ୟ ଦେଖାଗଲା । ଯେମିତି ଉତ୍ତର ଇଂଲଣ୍ଡରୁ ଲଣ୍ଡନ ଫେରିବା ଟ୍ରେନ୍‌ରେ ଜଣେ ବୁଢ଼ା ଅବସରପ୍ରାପ୍ତ ଶିକ୍ଷକ ନିଜେ ଆଗୁଆ ହୋଇ ଖୁବ୍ ଗପ କଲେ । ବୁଢ଼ାଙ୍କର ବୟସ ଚଉରାଅଶି, ତେବେ ବି ବେଶ୍ ମଜବୁତ୍ ଦିଶୁଥାନ୍ତି । ଫଟୋ ଉଠେଇବା ଓ ନାନା ପ୍ରକାରର ବୈଜ୍ଞାନିକ ପରୀକ୍ଷା-ନିରୀକ୍ଷା କରିବା ତାଙ୍କର ସଉକ, ସେଥିରେ ସମୟ କଟାନ୍ତି । ଏହାଛଡ଼ା ଆଉ ଗୋଟିଏ ସଉକ ହେଲା ଏଣେତେଣେ ଭ୍ରମଣ କରିବା । ବୁଢ଼ାଙ୍କର ଦୁଇ ପୁଅ, ଗତ ଯୁଦ୍ଧବେଳେ ଭାରତରେ ସାମରିକ ଅଫିସର ଥିଲେ । ଭାରତକୁ ଖୁବ୍ ଭଲ ପାଉଥିଲେ ଓ ଫେରିବା ବେଳେ କାନ୍ଦିପକାଇଥିଲେ ବୋଲି ବୁଢ଼ା ବର୍ଣ୍ଣନା କଲେ ।

କଥାରେ କଥାରେ ବୁଢ଼ା ପଚାରିଲେ—"ଆମେ ଭାରତ ଛାଡ଼ି ଆସିବାଟା ଠିକ ହୋଇଛି କି ? ଖବର କାଗଜରେ ତ ଦେଖୁଛୁ ସେଠି ଏତେ ଗଣ୍ଡଗୋଳ ଓ ଅଶାନ୍ତି ଲାଗିରହିଛି ।"

ମୁଁ କହିଲି—"ଆପଣମାନେ ଚାଲି ନ ଆସିଥିଲେ ଏ ସବୁ ସମସ୍ୟା ଆହୁରି ଉତ୍କଟ ହୋଇଥାନ୍ତା, ଅଶାନ୍ତି ଆହୁରି ବେଶୀ ହୋଇଥାନ୍ତା, ତା'ଛଡ଼ା ଆପଣମାନେ ଚାଲିଆସିବା ଯୋଗୁଁ ଇଂଲଣ୍ଡ ସାଙ୍ଗରେ ଆମର ସଦ୍ଭାବ ରହିଛି । ନ ଆସିଥିଲେ ବିଦ୍ୱେଷ ଉଭୟଙ୍କର ଭାବରେ ବଢ଼ିଥାନ୍ତା ।

"ଭାରତ ତ ଆକାରରେ ୟୁରୋପ ଭଳି ବଡ଼ । ନାନା ଜାତି, ନାନା ଭାଷା, ଧର୍ମ ରହିଛି । ତେଣୁ ସେ ସବୁ ସହି ସମ୍ଭାଳି ଯିବାକୁ ଟିକେ ସମୟ ଲାଗୁଛି ।"

ଇଂରେଜମାନେ ଭାରତକୁ ତା'ର ମଙ୍ଗଳ ପାଇଁ ଯାଇଥିଲେ ଏହାହିଁ ସାଧାରଣ ଇଂରେଜଙ୍କୁ ଶିଖାଯାଇଥିଲା ଓ ବୁଢ଼ାଙ୍କର ମନୋଭାବ ତା'ର ଏକ ନମୁନା ।

★ ★

# ଚବିଶ

## ଫରାସୀ ଭୂଇଁର ପ୍ରଥମ ଅନୁଭୂତି

ଫ୍ରାନ୍ସରେ ପହଞ୍ଚିବା ମାତ୍ରେ ଦୁଇଦେଶର ଲୋକଙ୍କ ସ୍ୱଭାବରେ କେତେ ଫରକ ତାହା ଜଣା ପଡ଼ିଗଲା । ଇଂରେଜ ଯେତିକ ଚୁପା, ଫରାସୀ ସେତିକ ଖୋଲା । ହାତ ହଲେଇ ଆଖି ନଚେଇ, ମୁଣ୍ଡ ହଲେଇ ପ୍ରବଳ ଭାବରେ ମନର ଭାବପ୍ରକାଶ କରିବେ । ମନର ଭାବ ଚୁପି ରଖିବାର ଚେଷ୍ଟା ନାହିଁ ।

ପ୍ୟାରିସ୍ ସହରଟା ଅବଶ୍ୟ ଅନେକ ଅଂଶରେ ଲଣ୍ଡନଠାରୁ ସୁନ୍ଦର ଓ କଲିକତାର ତ ତାହା ସାଙ୍ଗରେ ତୁଳନା ହିଁ ହେବ ନାହିଁ । ତଥାପି କାହିଁକି ପ୍ୟାରିସ୍ ଦେଖି କଲିକତା ମନେ ପଡ଼ିଲା ? ବୋଧହୁଏ ଲୋକଙ୍କର ଏହି ଖୋଲାମେଲା ସ୍ୱଭାବର ବଙ୍ଗାଳୀଙ୍କ ସହିତ ସାଦୃଶ୍ୟ ଅଛି । ତା' ଛଡ଼ା କାନ୍ଥରେ ବାଡ଼ରେ ସ୍ଲୋଗାନ ଲେଖା, ୟୁରୋପରେ ଏଇ ପ୍ୟାରିସ୍‌ରେ ଆସି ପ୍ରଥମେ ଆଖିରେ ପଡ଼ିଲା । **"Vive La France"** ଫ୍ରାନ୍ସ ଜିନ୍ଦାବାଦ, **"France Aux Francais"** "ଫ୍ରାନ୍ସ ଫରାସୀଙ୍କ ପାଇଁ" "ଜୟ ଦଗଲ୍" । "ଦଗଲ୍ ନିପାତ ହେଉ" ଇତ୍ୟାଦି ଯାବତ୍ ପ୍ରକାରର ଦୁଆ । ପୁଣି ନକ୍‌ସଲ ଓରଫ ମାଓ-ପଂଥୀଙ୍କର ପ୍ରାଚୀରବାଣୀ ବି ଏଠି ହିଁ ଦେଖିବାକୁ ମିଳିଲା । ରାସ୍ତାଘାଟର ପରିଚ୍ଛନ୍ନତା ବି ବୋଧହୁଏ ଟିକିଏ ଊଣା । ଖାସକରି ମୁଁ ଯେଉଁଠି ରହିଥିଲି ସେଇଟା ଗରିବ ଅଞ୍ଚଳ, ସୀନ୍‌ର ବାମ କୂଳର 'ଲାଟିନ କ୍ୱାଟରେ' । ସେଠି ଘରବାଡ଼ିର ସେତେ ଜୌଲୁସ ନାହିଁ । ସେ ବି ହୁଏତ ଆଉ ଗୋଟିଏ କାରଣ ।

ଲଣ୍ଡନରୁ ଅନେକ ବିଳମ୍ବ କଲା ଉଡ଼ାଜାହାଜ ଛାଡ଼ିବାକୁ । ପ୍ୟାରିସ୍ ଯାଏ ଲାଗିଲା ପଚିଶ ମିନିଟ । ଲଣ୍ଡନର ଅଳ୍ପ ବାଟ ପରଠାରୁ ଏଭଳି ମେଘ ଘୋଟି ଥିଲା ଯେ ବାଟରେ ଆଉ କିଛି ଦେଖା ହୋଇ ପାରିଲା ନାହିଁ । ଇଂଲିଶ ଚ୍ୟାନେଲ୍‌ଟାର ଦର୍ଶନ ଏ ଯାତ୍ରାରେ ବାକି ରହିଗଲା । ପ୍ୟାରିସ୍ ପହଞ୍ଚିବାର ଅଳ୍ପ ପୂର୍ବରୁ ପୁଣି ମେଘ ସରିଗଲା ଓ ବିଖ୍ୟାତ ଭର୍ସାଇ ପ୍ରାସାଦ ଓ ଉଦ୍ୟାନର ତଥା ସୀନ୍ ନଦୀର ଦୁଇ କୂଳରେ ବିଛେଇ ହୋଇଥିବା ପ୍ୟାରିସ୍ ସହରର ସୁନ୍ଦର ଦର୍ଶନ ଉପରୁ ମିଳିଲା ।

ସହରର ଏୟାର୍ ଟର୍ମିନାଲ୍‌ଠାରୁ, ଯୋଉଠି ବିମାନଘାଟିରୁ ମୋଟର ବସ୍ ଯାତ୍ରୀଙ୍କୁ ନେଇ ପହଞ୍ଚାଏ, ମୋର ସେଠାରେ ଆତିଥେୟକ ମ: ଲଓ ବାଁ ସୀମଁ ମୋତେ ପାଛୋଟିବାକୁ ଆସିଥିଲେ । ବାଁ ସୀମଁଙ୍କ ବୟସ ଷାଠିଏ ପାଖାପାଖି । ପରିବାରରେ କେହି ନାହାନ୍ତି । ବିଭା ହେବା କଥା ଖିଆଲ୍ ହୋଇ ନାହିଁ ବୋଲି କହିଲେ । ଯୋଗ ଆସନ ଶିଖେଇ କିଛି ଆୟ କରନ୍ତି । ବାକି ସମୟ ନାନା ପ୍ରକାରର ସର୍ବସାଧାରଣ କାମରେ ଦିଅନ୍ତି । ସେ କେତେ ବର୍ଷ ତଳେ ଭାରତ ଆସି ବେଶ କିଛିଦିନ ସେବାଗ୍ରାମରେ ଥିଲେ । ବିନୋବାଙ୍କର ଖୁବ ଭକ୍ତ । ବିନୋବା ତାଙ୍କୁ "ଫରାସୀ ବ୍ରାହ୍ମଣ" ବୋଲି ଡାକୁଥିଲେ । ଅନ୍ୟମାନେ ଜାଣନ୍ତି ବେନ୍ ଭାଇ ବୋଲି ।

ବାଁ ସିମଁ ମତେ ଦେଖା ହେବାମାତ୍ରେ କହିଲେ ଯେ ଶ୍ରୀ ବାର୍‌ଥେଲ୍‌ମିଙ୍କଠାରୁ ଖବର ଆସିଛି ମତେ ସାଙ୍ଗେ ସାଙ୍ଗେ ରାତି ଟ୍ରେନରେ ନୀସ୍ ଯିବାକୁ ହେବ । ସେମାନେ ଷ୍ଟେସନକୁ ଲୋକ ପଠାଇଥିବେ । ଶ୍ରୀ ଗୀ ବାର୍‌ଥେଲ୍‌ମୀ ଓ ତାଙ୍କର ସ୍ତ୍ରୀ ଗ୍ରୀଟ ଡକ୍‌ଟର ଆଲବର୍ଟ ସ୍ୱାଇଟ୍‌ସରଙ୍କ ସହିତ କାମ କରୁଥିଲେ । ଏବେ ଦକ୍ଷିଣ ଫ୍ରାନ୍‌ସରେ ଏକ ସେବା ଅନୁଷ୍ଠାନ ଖୋଲିଛନ୍ତି । ନାଁ ଦେଇଛନ୍ତି ଆଲବର୍ଟ ସ୍ୱାଇତସର୍ ଗ୍ରାମ ।

ଏ ଦମ୍ପତିଙ୍କୁ ଭେଟିବା ଓ ତାଙ୍କ କାମ ଦେଖିବାର ମୋର ଇଚ୍ଛା ଥିଲା ଓ ତେଣୁ ଏଇ ପ୍ରକାର ବ୍ୟବସ୍ଥା ହୋଇଛି ।

ତେଣୁ ଆମେ ସେଠୁ ସିଧା ଗାରଦ୍ୟ ଲିୟଁ ଷ୍ଟେସନକୁ ଗଲୁ । ବାଁ ସିମଁଙ୍କ ଘରକୁ ଯିବାକୁ ଆଉ ସମୟ ନ ଥିଲା । ବାଁ ସିମଁ ପତ୍‌ନୀ ଭୂଦାନୀ । ଖର୍ଚ୍ଚ ବଞ୍ଚେଇବା ପାଇଁ ଘରୁ ରୁଟି, ମଖନ, ଓ ଟମାଟୋ ଆଣିଥିଲେ । ଫଳରସ ସହଯୋଗରେ ସେଇ ଷ୍ଟେସନରେ ବସି ରାତି ଭୋଜନ ସାରିଲୁ । ଟ୍ରେନ ସାଢ଼େ ଏଗାରଟାରେ ଯିବା କଥା । ମାତ୍ର ପ୍ରାୟ ଘଣ୍ଟାଏ ବିଳମ୍ବରେ ଆସିଲା ।

ଏଇଟା ପୂରା ସ୍ଲୀପର୍ ଏକ୍‌ସପ୍ରେସ । ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଶୋଇବା ଡବା ସବୁତକ । ସାଧାରଣ ବସିବା ଡବା ନ ଥାଏ । ଗାଡ଼ି ପହଞ୍ଚିବା ମାତ୍ରେ ବାଁ ସିମଁ ମତେ ଗୋଟାଏ ଦ୍ୱିତୀୟ ଶ୍ରେଣୀ ଡବାରେ ଚଢ଼େଇ ଦେଇ କଣ୍ଡକ୍‌ଟରକୁ ଖୋଜି ଗଲେ ମତେ ଗୋଟାଏ ଶୋଇବା ବର୍ଥ ଦିଆଇବା ଯୋଗାଡ଼ରେ । ଫ୍ରାନ୍‌ସର ରାଜଧାନୀ, ନଗରୀରାଣୀ ପ୍ୟାରିସ୍, ଏଠି ଗାଡ଼ି ଘଣ୍ଟାଏ ନ ହେଲେ ଅଧଘଣ୍ଟାଏ ତ ଛିଡ଼ା ହେବ ବୋଲି ମୁଁ ବିଚାରୁଥାଏ । ଆମ ରାଜଧାନୀ ଦିଲ୍ଲୀରେ ତ କୌଣସି ଗାଡ଼ି ପୁଣି ଦେଢ଼ ଘଣ୍ଟାରୁ କମ ଛିଡ଼ା ହୁଏ ନାହିଁ । ମାତ୍ର ହରି ହରି, ପାଞ୍ଚ ମିନଟ ଯାଇଛି କି ନାହିଁ ଗାଡ଼ି ମୁହଁ ଫେରେଇ ଦୌଡ଼ିବା ଆରମ୍ଭ କଲା । ବାଁ ସିମଁ କୁଆଡ଼େ ଗଲେ ? କଣ୍ଡକ୍‌ଟର କାହିଁ ? ବର୍ଥ କାହିଁ ? ଆଉ ଅଛି ! ବାଁ ସିମଁ ପ୍ଲାଟଫର୍ମରେ ଛିଡ଼ା ହୋଇଛନ୍ତି ଦେଖି କଣ ହେଲା ବୋଲି ପଚାରିବା ବେଳକୁ ଦନ୍ତ ବିକଶିତ କରି ହାତ ହଲେଇ ଉପଦେଶ ଦେଇଦେଲେ ;

"ଘବଡ଼ାଓ ମତ୍, ଘବଡ଼ାଓ ମତ୍, ସବ୍ ଠିକ୍ ହୋ ଯାଏଗା "

ସୋ ତୋ ହୋଗା କିନ୍ତୁ କପର ? ପଦାରେ ଦୁଇ ତିନିଜଣ ଯାତ୍ରୀ ବସିଲେ । ବାକୀ ତ ରାତି ସାଢ଼େ ବାରଟାରେ କମ୍ପାର୍ଟମେଣ୍ଟର ଦରଜା ବନ୍ଦ କରି ଶୋଇଛନ୍ତି । ଏମାନଙ୍କୁ ପଚାରିଲି, "ଇଂରେଜୀ ଜାଣ କି ?" ଜଣ ଜଣ କରି ସମସ୍ତେ ମୁଣ୍ଡ ହଲେଇଲେ, "ନାହିଁ ।" ପିଲାଦିନେ ଶହେ ଖଣ୍ଡେ ଫ୍ରେଞ୍ଚ୍ ଶବ୍ଦ ଶିଖିଥିଲି କିନ୍ତୁ ସେ ସବୁ ଏ ବିପଦ ବେଳେ କଣ ମନେ ପଡୁଛି ? ଘଣ୍ଟାଏ ବିତିଗଲା, କଣ୍ଡକ୍ଟରଙ୍କ ଦେଖା ନାହିଁ । କେତେ ଛିଡ଼ା ହେବି ? ଓ୍ୱାଟରପ୍ରୁଫ୍‌ଟା ତଳେ ବିଛେଇ ବସିଲି, ବିଗୃହୀଲି ନ ହେଲେ ପଛେ ଏମିତି ବସି ବସି ରାତି କାବାର କରିବି, ଆଉ କଣ ?

କିନ୍ତୁ ମୁଁ ପ୍ୟାରିସ୍ ଫେରିବା ପରେ ମତେ ବାଁସିମାଁ କହିଲେ ଯେ ଏ ପୂରା ସ୍ଲିପର ଗାଡ଼ିରେ ଶୋଇବା ବର୍ଥ ଖାଲି ନ ଥିଲେ ଅଧିକା ଯାତ୍ରୀଙ୍କୁ ପର ଷ୍ଟେସନରେ ଓହ୍ଲାଇ ଦେବାର କଥା । ସେଥିପାଇଁ ମତେ ତ 'ଘାବଡ଼ାଓ ମତ୍' କହି ଦେଲେ, ମାତ୍ର ନକେ ଦୁଇ ଦିନଯାଏ, ମୁଁ ନ ଫେରିବା ପର୍ଯ୍ୟନ୍ତ, ମୋର କି ଦୁର୍ଗତି ହୋଇଥିବ ବୋଲି ନକେ ଘାବଡ଼େଇ ନସ୍ତାନ୍ତ ହେଉଥିଲେ ।

ଯାହାହେଉ ଘଣ୍ଟାକ ପରେ କଣ୍ଡକ୍ଟର ବା ଏଠା ଭାଷାରେ କଁଟ୍ରୋଲର୍ ସାହେବ ଆସିଲେ । ମୁଁ ଟିକଟଟି ଦେଖାଇଲି ଓ କହିଲି "କୁଚେତ୍" । ମନେ ପଡ଼ିଗଲା ଦ୍ୱିତୀୟ ଶ୍ରେଣୀ ଶୋଇବା ଆସନକୁ "କୁଚେତ୍" କହନ୍ତି । ବୁଢ଼ା ଭାଲୁକା ଦେଖି ଗୋଟିଏ ଜାଗା ମିଳିବ ବୋଲି ମୁଣ୍ଡ ଟୁଙ୍ଗାରି ସୂଚନା ଦେଲା । ମୁଁ ମନିବ୍ୟାଗ୍ କାଢ଼ି ପଚାରିଲି ସ୍ଲିପର ଭଡ଼ା କେତେ ? ସେ ଯାହା କହିଲା ମତେ ଶୁଣାଗଲା "ଗାଁକ୍‌ଫାଁକ୍" । ଅନ୍ଦାଜରେ କୋଡ଼ିଏ ଫ୍ରାଁ ବଢ଼େଇ ଦେଲି । ଦେଖିଲି ସେଇଟିକ ଠିକ୍ ଭଡ଼ା ।

ଏଠାର ଏ ଦ୍ୱିତୀୟ ଶ୍ରେଣୀ ଶୋଇବା ଡବା ଆମର ତୃତୀୟ ଶ୍ରେଣୀ ଡବା ପରି ତିନି ଥାକ, ତେବେ ଗଦି ଦିଆ ଆସନ । ତା'ଛଡ଼ା ରେଳବାଇ ପକ୍ଷରୁ ବିଛଣା ଚାଦର, ତକିଆ ଓ କମ୍ବଳ ମଧ୍ୟ ଯୋଗାଇ ଦିଆଯାଏ । ଆମ ପ୍ରଥମ ଶ୍ରେଣୀ ପରି ଛଅଟି ଆସନରେ ଗୋଟିଏ ସାନ ବଖରା । ବଖରାର କବାଟ ବନ୍ଦ କରି ହୁଏ ।

ପରଦିନ ସକାଳେ ନିଦ ଭାଙ୍ଗିଲା ବେଳକୁ ଆଠଟା ସାଢ଼େ ଆଠଟା । ଦେଖେ ତ ଗାଡ଼ି ଆସି ଭୂମଧ୍ୟ ସାଗର କୂଳରେ ପହଞ୍ଚିଲାଣି । ସମୁଦ୍ର ସାଙ୍ଗରେ ଲୁଚକାଳି ଖେଳ ଖେଳ ଗାଡ଼ି ଚାଲିଛି । ଏକ୍ସପ୍ରେସ୍ ଗାଡ଼ି, ବେଶୀ ଜାଗାରେ ରହୁ ନ ଥାଏ । ଗୋଟାଏ ପୂର୍ବପରିଚିତ ନାମର ଷ୍ଟେସନ ପଡ଼ିଲା, 'କାନ୍', ସିନେମା ଫିଲ୍ମ୍‌ସବୁର ଆନ୍ତର୍ଜାତୀୟ ମେଳା ପାଇଁ ପ୍ରସିଦ୍ଧ । ସମୁଦ୍ର ଉପରେ ନାତିବୃହତ୍ ସହର । ଘନନୀଳ ଭୂମଧ୍ୟସାଗର । ସମୁଦ୍ର ଯେ ଏଭଳି ନୀଳ ହୋଇପାରେ ଏହାର ଧାରଣା ମୋର ପୂର୍ବରୁ ନ ଥିଲା । ମରକତମଣି ପରି ସ୍ୱଚ୍ଛ । ଆକାଶ ବି ନିର୍ମଳ ସ୍ୱଚ୍ଛ । ଉଜ୍ଜ୍ୱଳ ସୂର୍ଯ୍ୟକିରଣ ସମୁଦ୍ରର ଢେଉ ସବୁକୁ ହୀରାର ମୁକୁଟ ପିନ୍ଧାଇ ଦେଉଥାଏ । ସମୁଦ୍ର କୂଳରେ ଠାଏ ଠାଏ ପାହାଡ଼, ମୁଣ୍ଡିଆ ସବୁ ସମୁଦ୍ର ଭିତରକୁ ପଶିଛି ।

ଠାଏ ଠାଏ ସାଦା ବାଲି । ଯେଉଁଠି ଟେନାଏ ବାଲି ସେଠି ଅଗଣିତ ସ୍ତ୍ରୀପୁରୁଷ ବାଳକ ବାଳିକା ହ୍ରସ୍ୱ ଗାଧୁଆ ପୋଷାକ ପିନ୍ଧି ଗାଧୋଉଛନ୍ତି, ଖରା ପୋଉଛନ୍ତି, ବାଲିରେ ଖେଳୁଛନ୍ତି । ଗ୍ରୀଷ୍ମଋତୁ, ଏମିତି ଝରଝରିଆ ପାଗ ଆଉ ତା' ଉପରେ ଶନିବାର । ଏଥିରେ ଆଉ କିଏ ଘରେ ରହେ ? ଟ୍ରେନ୍‌ରେ ବି ଉନାଭାଗ ଯାହି ଛୁଟି ଉପଭୋଗ ପାଇଁ ଆସୁଥାନ୍ତି । କୋତ୍ ଦ' ଆଜୁର ବା 'ମରକତ ଉପକୂଳ' କେବଳ ଫ୍ରାନ୍ସର କାହିଁକି ସାରା ୟୁରୋପର ପ୍ରସିଦ୍ଧ ଓ ମନୋରମ ଭ୍ରମଣସ୍ଥଳ । ଦୁନିଆ ଯାକର ଲୋକ ଏଠିକି ଆସନ୍ତି । ଧନୀମାନେ ଏଇଠି ପଡ଼ି ରହନ୍ତି । ମଦ ଜୁଆ ଓ ଅନ୍ୟ ସବୁ ପ୍ରକାରର ବିଳାସ ଓ ବ୍ୟଭିଚାରର ଆୟୋଜନ ଏଠା ସହରମାନଙ୍କରେ ରହିଛି । ପୃଥିବୀର ବୋଧହୁଏ ବୃହତ୍ତମ ଜୁଆ ଆଡ୍‌ଡ଼ା ଏଇ ପାଖରେ ରହିଛି । ଏଠି ଫ୍ରାନ୍ସ ଓ ଇଟାଲୀର ସୀମା ନିକଟରେ ମୋନାକୋ ଗୋଟିଏ ମଧ୍ୟମଭଳି ସହର ଓ ଏକ ସ୍ୱାଧୀନ ରାଜ୍ୟ । ଏଠାରେ ଏକ ରାଜା ମଧ୍ୟ ଅଛି । ଏ ରାଜ୍ୟରେ ଖଜଣା ଟିକସ ନାହିଁ । ଏଠାର ମୁଖ୍ୟ ଧନ୍ଦା ହେଲା ଜୁଆଖେଳ ଓ ସରକାର ସବୁ ଆୟ ମଧ୍ୟ ସେଇଥିରୁ ହୁଏ ।

ନାଏସ୍‌ରେ ଗାଡ଼ି ପହଞ୍ଚିଲା ସାଢ଼େ ଦଶଟାରେ । ପ୍ୟାରିସ୍‌ରୁ ଏକହଜାର ଅଣାନବେ କିଲୋମିଟର, ଦଶ ଘଣ୍ଟାରେ ଆସିଲା । ହାରାହାରି ବେଗ ଘଣ୍ଟାକୁ ଶହେ ନଅ କିଲୋମିଟର । ପୂରା ବେଗ ଘଣ୍ଟାକୁ ଶହେ ସତୁରି କିଲୋମିଟର ବା ଶହେ ପାଞ୍ଚ ମାଇଲ ଯାଏ ଉଠୁଥାଏ । ଏତିକି ଜାଣି କଲିକତାରୁ ନାଗପୁର ବା କାନପୁର ଯାଏ ବାଟ । ଆମର ବମ୍ବେ ମେଲ୍ ବା ଦିଲ୍ଲୀ ମେଲ୍ ଏତିକି ବାଟ ପାଇଁ ଠିକ୍ ଦୁଇଗୁଣ ସମୟ ନେଇଥାନ୍ତି । ଇଂଲଣ୍ଡ ଭଳି ଏଠି ବି ଭଡ଼ା ବେଶ୍ ଚଢ଼ା । ଏତିକି ବାଟକୁ ପନ୍ଦରଲ୍ଲ ଶହେ ସତେଇଶ ଫ୍ରାଁ ବା ଶହେ ଚଉସ୍ତରି ଟଙ୍କା । ସ୍ଲିପର ଭଡ଼ା ସତେଇଶ ଟଙ୍କା । ଆମ ଏଠା ତୃତୀୟ ଶ୍ରେଣୀର ଛଅ ଗୁଣ ।

★ ★

# ପଚିଶ

## ନବଜୀବନ କେନ୍ଦ୍ରରେ ଦିନେ

ଷ୍ଟେସନକୁ ନେବା ପାଇଁ ଶ୍ରୀମତୀ ବାର୍ଥେଲ୍ମୀ ଓ ମିଃ ଋଲେ ଆସିଥିଲେ । ଶ୍ରୀମତୀ ବାର୍ଥେଲ୍ମୀ ଭଲ ଇଂରେଜୀ କହନ୍ତି । ମିଃ ଋଲେ ଯତ୍ସାମାନ୍ୟ । ଏଠୁ ତାଙ୍କର କେନ୍ଦ୍ର କୋଡ଼ିଏ କିଲୋମିଟର । ପାହାଡ଼ କାନ୍ଥିରେ ଗୋଟିଏ ଛୋଟିଆ ଗାଁ, ଶାଟୋନ୍ୟଫ୍ ଦ୍ୟ କଁନ୍ତ୍ । ସେଥିରେ ଏକ ପୁରୁଣା ଜମିଦାରଙ୍କ କୋଠି ଭଡ଼ାନେଇ ସେଥିରେ କେନ୍ଦ୍ର କରିଛନ୍ତି । ବରାଟ ବରାଟ ପୁରୁଣାକାଳିଆ ଘର । ଗୃହଆଡ଼ର ଦୃଶ୍ୟ ଖୁବ୍ ମନୋରମ । ଏଠି ଶ୍ରୀ ଓ ଶ୍ରୀମତୀ ବାର୍ଥେଲ୍ମୀଙ୍କ ସାଙ୍ଗକୁ ହଲାଣ୍ଡ, ସ୍ୱିଜରଲାଣ୍ଡ ତଥା ଫ୍ରାନ୍ସର କେତେଗୁଡ଼ିଏ ତରୁଣ ତରୁଣୀ ସ୍ୱୟଂସେବକ ଭାବରେ ଆସି ଜୁଟିଛନ୍ତି । ଜଣେ ଇଂରେଜ ଭଦ୍ରଲୋକ ଶ୍ରୀ କ୍ୟାଭେଲସ୍ୱର-ସ୍ମିଥ୍ ମଧ୍ୟ ଅଛନ୍ତି, ବୟସ ସତୁରି ହେବ । ମୋଟ ଷୋଳ ସତର ଜଣ ଲୋକ । ଏମାନେ ସମସ୍ତେ ଏଠି ଆଶ୍ରମ ଭଳି ଏକ ସାମୂହିକ ଜୀବନ ବିତାଉଛନ୍ତି ।

ମ୍ୟାଡାମ୍ ବାର୍ଥେଲ୍ମୀଙ୍କ ଘର ହଲାଣ୍ଡ । ସେ ବିଶ୍ୱବିଶ୍ରୁତ ମାନବବାଦୀ ଆଲ୍ବର୍ଟ ସ୍ୱାଇତ୍ସରଙ୍କର ଡାକ୍ତରଖାନାରେ ଛଅ ବର୍ଷ କାଳ ଅସ୍ତ୍ରଚିକିତ୍ସକ ଥିଲେ । ସ୍ୱାଇତ୍ସର ବେଲଜିୟମ୍‌ର ଲୋକ । ଦର୍ଶନଶାସ୍ତ୍ରରେ ପଣ୍ଡିତ ଓ ଉଚ୍ଚକୋଟିର ସଙ୍ଗୀତଜ୍ଞ । ମାତ୍ର ମାନବ ସେବାର ପ୍ରେରଣା ଅନ୍ତର ଭିତରୁ ଅନୁଭବ କରିବାରୁ ସେ ଆଫ୍ରିକାର ଆଦିବାସୀମାନଙ୍କ ସେବାରେ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପ କଲେ ଓ ରୀତିମତ ଡାକ୍ତରୀ ପଢ଼ି ଆଫ୍ରିକାର ଲାମ୍ବାରେନେଠାରେ ଏକ ହାସ୍ପାତାଲ ସ୍ଥାପନ କଲେ ଓ ସେଇଠି ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଅକ୍ଳାନ୍ତ ସେବା କରିଗଲେ । ମିଃ ବାର୍ଥେଲ୍ମୀ ଫରାସୀ ଓ ଜଣେ ବନସଂରକ୍ଷଣବିଦ୍ । ଜଙ୍ଗଲର ରକ୍ଷଣାବେକ୍ଷଣ ଓ ଉତ୍କର୍ଷ ସାଧନରେ ପାରଦର୍ଶୀ । ସେ ମଧ୍ୟ ବର୍ଷେଖଣ୍ଡେ ପାଇଁ ଯାଇ ଡଃ ସ୍ୱାଇତ୍ସରଙ୍କ ସହିତ କାମ କରିଥିଲେ । ସେଇଠି ଶ୍ରୀମାନ ଓ ଶ୍ରୀମତୀଙ୍କର ପରିଚୟ ହେଲା ଓ ସେ ପରିଚୟ ପ୍ରଗାଢ଼ ପ୍ରଣୟରେ ପରିଣତ ହେଲା ।

ସେମାନେ ଫ୍ରାନ୍‌ସରେ ମାନବସେବାରେ ଜୀବନ ଉତ୍ସର୍ଗ କରିବେ ବୋଲି ସ୍ଥିରକରି ଫ୍ରାନ୍‌ସର ଦକ୍ଷିଣପୂର୍ବ ଭାଗରେ ପୋନା-ଦୋର୍ଦ୍ଦୋଏଁ ନାମକ ଗାଁରେ ଆଲ୍‌ବର୍ଟ ସ୍ୱାଇଟ୍‌ସର୍‌ଗ୍ରାମ ନାମରେ କେନ୍ଦ୍ର ସ୍ଥାପନ କଲେ ।

ଆଫ୍ରିକା ବା ଭାରତ ଭଳି ଫ୍ରାନ୍‌ସରେ ତ ରୋଗୀ ସେବା ଏକ ସମସ୍ୟା ନୁହେଁ । ଡାକ୍ତର, ହସ୍‌ପିଟାଲ୍ ଆଦି ସେଠି ଯଥେଷ୍ଟ, ସାମାଜିକ ସୁରକ୍ଷା ବ୍ୟବସ୍ଥା ଅନୁସାରେ ପ୍ରତ୍ୟେକ ରୁଗ୍‌ଣ ଲୋକର ଚିକିତ୍ସା ପାଇଁ ମଧ୍ୟ ଚଳନୀୟ ରକମର ଭଲ ବ୍ୟବସ୍ଥା ରହିଛି । ତେଣୁ ସେମାନେ ସ୍ଥିର କଲେ ଯେ ସେମାନେ ସମାଜର ଏଭଳି ଲୋକଙ୍କର ସେବାର ଦାୟିତ୍ୱ ନେବେ ଯେଉଁମାନଙ୍କୁ ସରକାରୀ ବିଭାଗ ଓ ଅନ୍ୟ ସେବା ସଂସ୍ଥା ସାହାଯ୍ୟ କରିପାରନ୍ତି ନାହିଁ । "ଅନେକେ ଏଭଳି ପାରିବାରିକ ବା ନୈତିକ ସମସ୍ୟାଦ୍ୱାରା ପୀଡିତ ହୋଇଥାନ୍ତି ଯାହା କଥା ସେମାନେ କୌଣସି ବାହାର ଲୋକକୁ ଫିଟାଇ କହିବାକୁ ସଙ୍କୋଚ କରନ୍ତି । "କେତେକ ସ୍ତ୍ରୀଲୋକ ବିବାହ ନ କରୁଣୁ ମା' ହୋଇ ବସିଥାନ୍ତି ।" ମଃ ବାର୍‌ଥେଲ୍‌ମୀ ନିଜର କାମର ପୃଷ୍ଠଭୂମି ବର୍ଣ୍ଣନା କରି କହିଲେ – "ଏ ସମସ୍ତଙ୍କୁ ସାହାଯ୍ୟ କରିବା, ସେମାନଙ୍କୁ ପୁଣି ସକ୍ଷମ କରି ଛିଡ଼ା କରିବା କାମ ଆମେ ନେଲୁ । ନିଜର ସମସ୍ୟା ସମାଧାନ କରିବାର ଶକ୍ତି ସେମାନଙ୍କ ଭିତରେ ଆଣିଦେବା ହେଲା କାମ ।

"ଆଜିକା ସମାଜରେ ମଣିଷ ଏଭଳି ପେଷି ହୋଇଯାଏ ଯେ ସେ ଆତ୍ମବିଶ୍ୱାସ ହରାଇ ବସେ । ସେ ନିଜକୁ ସମ୍ପୂର୍ଣ୍ଣ ଅସହାୟ ଓ ଅକିଞ୍ଚିତ୍‌କର ମନେକରେ । ଯେ ପ୍ରଥମେ ନିଜର ବ୍ୟକ୍ତିତ୍ୱର ମହତ୍ତ୍ୱ ଓ ମୂଲ୍ୟ ହିଁ ବୁଝେ ନାହିଁ ସେ ଅନ୍ୟର ମହତ୍ତ୍ୱ ଓ ମୂଲ୍ୟ କ'ଣ ବୁଝିବ, ଅନ୍ୟର କି ସେବା କରିବ ? ତେଣୁ ତାହା ଭିତରେ ଆତ୍ମବିଶ୍ୱାସ ଜଗାଇବା ତା'ର ନିଜର ଜୀବନର ଯେ ମୂଲ୍ୟ ଓ ମହତ୍ତ୍ୱ ରହିଛି ଏ ଉପଲବ୍ଧି ତାହା ଭିତରେ ଜଗାଇବା ହେଲା ଆମର ପ୍ରଥମ କାମ । ଏଥିପାଇଁ ଆମେ କେବେ କାହାରିକୁ କହୁନାହିଁ ଯେ ଆସ, ତମ ବିପଦରେ ଆମେ ତମକୁ ସାହାଯ୍ୟ କରିବୁ ବା ସେବା କରିବୁ । ଆମେ ଓଲଟି କହୁଁ, 'ଆମେ ଯେଉଁ କାମ କରୁଛୁ ସେଥିରେ ଆମେ ତମର ସାହାଯ୍ୟ ଚାହୁଁ । ତେମେ ଆସି ଆମ ସାଙ୍ଗରେ କାମ କଲେ ଆମେ କୃତଜ୍ଞ ହେବୁ ।'

"ସେମାନଙ୍କର ଜନ୍ମଦିନ ଆଦି ମଧ୍ୟ ଖୁବ୍ ସମାରୋହରେ ପାଳନ କରି ଆମେ ତାଙ୍କର ଆତ୍ମମୂଲ୍ୟ ବଢ଼ାଇବାରେ ସାହାଯ୍ୟ କରୁଁ । ଏହା ଦ୍ୱାରା ସେମାନେ ଅନୁଭବ କରନ୍ତି ଯେ, ଅନ୍ୟମାନେ ତାଙ୍କ ପାଇଁ ଭାବୁଛନ୍ତି, ତାଙ୍କୁ ଆଦର-ସମ୍ମାନ କରୁଛନ୍ତି, ସେମାନେ ନଗଣ୍ୟ, ଅକିଞ୍ଚିତ୍‌କର ନୁହଁନ୍ତି ।

"ଯୁବକ ଯୁବତୀ, ଗୃହସ୍ଥଗୃହିଣୀମାନେ ମଧ୍ୟ ଆମ ପାଖକୁ ରହିବାକୁ ଆସନ୍ତି । ସେମାନେ ଜୀବନର ଉଦ୍ଦେଶ୍ୟ ଖୋଜୁଥାନ୍ତି । ନାନାଭାବରେ ବିବ୍ରତ ହୋଇଥାନ୍ତି । ସେମାନେ ଧୀରସ୍ଥିର ଭାବରେ ନିଜର ସମସ୍ୟା ନେଇ ଚିନ୍ତା କରିବାର ଅବସର ଚାହାନ୍ତି । ଏଠି ସେମାନଙ୍କୁ ସେଭଳି ବାତାବରଣ ମିଳେ । ଏଠି ସେମାନଙ୍କ ଉପରେ କୌଣସି କଥା ଲଦି ଦିଆଯାଏ

ନାହିଁ । ପ୍ରାପ୍ତବୟସ୍କ ନରନାରୀଙ୍କ ଭଳି ସେମାନଙ୍କ ସହିତ ବ୍ୟବହାର କରାଯାଏ । ବୟସ୍କାଉଟ୍ (ବାଳଚର) ଆଦି ସଂଗଠନ ସେମାନଙ୍କୁ ଆକୃଷ୍ଟ କରେ ନାହିଁ, କାରଣ ସେ ସବୁ ତ ପିଲା ଖେଳ । ଏମାନେ ପ୍ରାପ୍ତବୟସ୍କ ଲୋକଙ୍କ ପରି ଜୀବନ ବିତାଇବାକୁ ଚାହାନ୍ତି, ସମସ୍ୟାର ସମ୍ମୁଖୀନ ହେବାକୁ ଚାହାନ୍ତି । ଏଠି ସେମାନଙ୍କୁ ସେ ସୁଯୋଗ ମିଳେ ।"

ଏମାନେ ପୋନା-ଦୋର୍ଦୋସ୍ୱିଁଠାରେ ଆଠ ବର୍ଷ ତଳେ କାମ ଆରମ୍ଭ କରିଥିଲେ ଓ ଏହି ସମୟ ଭିତରେ ହଜାରେରୁ ଅଧିକ ଲୋକ ସେମାନଙ୍କ ନିକଟରେ ଆସି ରହିଛନ୍ତି ଓ ଲାଭବାନ ହୋଇ ଫେରିଛନ୍ତି । ସେଠି ପ୍ରାୟ ପଚିଶ ଅଶୀ ଲୋକ ଏକା ସମୟରେ ରହୁଥାନ୍ତି । ତେବେ ସେ ସ୍ଥାନର ଜଳବାୟୁ ମି: ବାର୍ଥେଲ୍ମୀଙ୍କୁ ଆରେଇଲା ନାହିଁ । ସେଠି ବର୍ଷସାକରେ ଛଅ ମାସ କି ବେଶୀ ବର୍ଷା ହୁଏ । ବହୁତ ସନ୍ତସନ୍ତିଆ ସ୍ଥାନ । ଫଳରେ ବାର୍ଥେଲ୍ମୀ ଅସୁସ୍ଥ ହୋଇ ପଡ଼ିଲେ । ତାଙ୍କର ଗୋଡ଼ରେ ବାତ ଭଳି ଗୋଟାଏ ରୋଗ ହେଲା । ସେଥି-ପାଇଁ ସେ ସେଠୁ ଆସି ଭୂମଧ୍ୟସାଗର କୂଳରେ ଏଠି ନୂଆ କେନ୍ଦ୍ର ଆରମ୍ଭ କରିଛନ୍ତି । ଏହାର ନାମ ରଖିଛନ୍ତି **Centre for Human Regeneration** ବା ମାନବ ନବଜୀବନ କେନ୍ଦ୍ର । ପୋନାଦୋର୍ଦୋସ୍ୱିଁଠାରେ ସେତେବେଳେ ଅଶୀ ଜଣ ଅନ୍ତେବାସୀ ଥିଲେ । ଏବେ ସେ ଜାଗାକୁ ଅନ୍ୟ କୌଣସି ଅନୁଷ୍ଠାନକୁ ବିକି ଦେବା କଥା ଚାଲିଥିଲା ।

ମି: ବାର୍ଥେଲ୍ମୀ କହିଲେ ଯେ ସେ ଏ ନୂଆ କେନ୍ଦ୍ରରେ ଏଣିକି ଲୋକଙ୍କର ସ୍ଥୂଳ ସେବା ଉପରେ ଟିକିଏ କମ ଜୋର ଦେଇ ଲୋକଙ୍କର ମାନସିକ ଓ ଆଧ୍ୟାତ୍ମିକ ବିକାଶରେ ଅଧିକ ସାହାଯ୍ୟ କରିବାକୁ ଚାହାନ୍ତି । ସମାଜର ସମସ୍ୟା ପଛର କାରଣ ଓ ତା'ର ସମାଧାନ ବିଷୟରେ ଅଧିକ ଚିନ୍ତନ, ମନନ ଓ ଅଧ୍ୟୟନ କରିବାକୁ ଚାହାନ୍ତି ।

ଏହାଛଡ଼ା ଏବେ ସାରା ଦୁନିଆରେ ଆଧୁନିକ ଶିଳ୍ପୀକରଣର ପ୍ରଭାବରୁ ଯେପରି ପ୍ରାକୃତିକ ସମ୍ପଦ ନଷ୍ଟ ହୋଇ ଚାଲିଛି ଓ ଜଳବାୟୁ ଦୂଷିତ ହେଉଛି ତାହା ମଧ୍ୟ ଏକ ଗୁରୁତର ସମସ୍ୟା ଭାବରେ ଅଧିକ ଦୃଷ୍ଟି ଆକର୍ଷଣ କଲାଣି । ଫରାସୀ ସରକାର ମଧ୍ୟ ଏ ଦିଗରେ କିଛି କରିବାକୁ ଯାଉଛନ୍ତି ଓ ଏଭଳି ଏକ କାର୍ଯ୍ୟକ୍ରମରେ ମଧ୍ୟ ମି: ବାର୍ଥେଲ୍ମୀଙ୍କର ସହଯୋଗ ଲୋଡ଼ା ଯାଉଛି । × × ×

ଏଠି ଗ୍ରାମଦାନ ବିଷୟରେ ଏକ ସଭା ହେଲା । ସହରରୁ ମଧ୍ୟ ଅନେକ ଲୋକ ଆସିଥିଲେ । ଏହାଛଡ଼ା ମି: ବାର୍ଥେଲ୍ମୀ ଓ ମି: ସ୍ମିଥ୍‌ଙ୍କ ସହିତ ଆଜିର ଯୁବ ସମସ୍ୟା ନେଇ ଦୀର୍ଘ ଆଲୋଚନା ହେଲା ।

ମୋର ପ୍ରଶ୍ନର ଉତ୍ତରରେ ମି: ବାର୍ଥେଲ୍ମୀ କହିଲେ "ୟୁରୋପରେ ସର୍ବତ୍ର ସେମାନେ ଏବେ ଏକା ପ୍ରକାରର । ସେମାନଙ୍କ ବିଷୟରେ ମତାମତ ଦେବା କଠିନ, ତେବେ

ମୁଁ ସେମାନଙ୍କ ସହିତ ଆଲୋଚନା କରି ଦେଖିଛି ଯେ ସେମାନେ ଏକ ଭବିଷ୍ୟର ଦର୍ଶନ ପାଇଛନ୍ତି ଯାହା ନୂତନ, ଯଥାର୍ଥ ଓ ସତ୍ୟ । ମାତ୍ର ଯେ ପର୍ଯ୍ୟନ୍ତ ସେମାନେ ଏହା ନ ଦେଖେଇ ଦେଇଛନ୍ତି ଯେ ସେମାନେ ନିଜର ସମସ୍ତ ଶକ୍ତି ଲଗାଇ ଏ ନୂଆ ଦୁନିଆ ଗଢ଼ିବାକୁ ସକ୍ଷମ ଓ ବିଶେଷ କରି ଏ କାମରେ ଦୀର୍ଘକାଳ ଯାଏ ଅଧ୍ୟବସାୟ ସହି ଲଗି ପାରିବେ, ସେ ପର୍ଯ୍ୟନ୍ତ କେବଳ ସତ୍ୟର ଦର୍ଶନ ଦ୍ୱାରା କିଛି ଉପକାର ହେବ ବୋଲି ମୋର ମନେ ହୁଏ ନାହିଁ । ପ୍ରାନ୍ତୀ ଦେଖିପାରିବା ପ୍ରଧାନ କଥା ନୁହେଁ, ପର୍ବତର ଶିଖରରେ ପହଞ୍ଚିବା ଯାଏ ସେ ବାଟରେ ଚାଲିବା ହେଲା ଅସଲ କଥା । ସେମାନେ ଏବେ ନିଜ କର୍ତ୍ତବ୍ୟ କର୍ମର ଆରମ୍ଭରେ ରହିଛନ୍ତି, ସେମାନଙ୍କ ମୁଣ୍ଡରେ ବହୁତ ଭଲ ଭଲ କଥା ରହିଛି, ମାତ୍ର ସେମାନେ ଜୋରସୋରରେ କାମରେ ଲାଗିଲେ ଯାଇ କେତେ ବର୍ଷ ପରେ କହିପାରିବେ ଯେ ଆମେ ନୂଆ ମଣିଷ ହେବାକୁ ଲାଗିଲୁଣି ।"

'ମାତ୍ର ଆମେ ବି ସେମାନଙ୍କୁ ଏ ଦିଗରେ ସାହାଯ୍ୟ କରିବା ଉଚିତ', ମୁଁ କହିଲି ।

"ହଁ, ମାତ୍ର କଥା କହି ବା ବକ୍ତୃତା ଦେଇ ନୁହେଁ । ମାତ୍ର ଆମକୁ ସେମାନଙ୍କ ନିକଟରେ ଥାଇ ଏକ ନୂତନ ଜୀବନ-ପ୍ରଣାଳୀର ଆଦର୍ଶ ଦେଖାଇବାକୁ ହେବ ।" ସେ ଜବାବ ଦେଲେ ।

ମି: ସ୍ମିଥ୍ ଯୋଗକଲେ "ମୁଁ ଦେଖିଛି ଯେ ଆମ ପାଖକୁ ଦୁଇ ପ୍ରକାରର ଯୁବକ ଯୁବତୀ ଆସନ୍ତି । କେତେକ ସ୍ୱାର୍ଥପର, ସେମାନେ ଜୀବନର ବାସ୍ତବ ସମସ୍ୟାରୁ ଲୁଚିବାକୁ ଚାହାନ୍ତି । ମାତ୍ର ଅନ୍ୟ କେତେକ ଏକ ନୂଆ ଦୁନିଆ ଗଢ଼ିବାରେ ଆମକୁ ସାହାଯ୍ୟ କରିବାର ଉଦ୍ଦେଶ୍ୟ ନେଇ ଆସିଥାନ୍ତି ।

"ଏଠିକି ଜଣେ ପାଦ୍ରୀଙ୍କ ପୁଅ ଆସିଥିଲା । ଛବି ଅଙ୍କା, ଗୀତାର ବଜାଇବାରେ ଖୁବ୍ ଦକ୍ଷ । ମାତ୍ର ସାଂଘାତିକ ହିପ୍ପୀ, କିଛି କାମ କରିବ ନାହିଁ । ମୁଁ ଦେଖୁଛି ଯେ ଏସବୁ ହେଉଛି ପୁଂଜିବାଦର ନିର୍ମମ, ଧ୍ୱଂସମୂଳକ ଓ ପ୍ରତିଯୋଗୀତାମୂଳକ ଶକ୍ତି ବିରୋଧରେ ଏକ ପ୍ରତିବାଦ, ଯେ ପୁଂଜିବାଦ ଯାହା ପଛରେ ଅଛି ବସ୍ତୁବାଦ ଓ ସାମରିକତାବାଦ । ଇଂଲଣ୍ଡର ଅବସ୍ଥା ତ ଆହୁରି ଖରାପ । ଏବେ ଆଉ ଏ କଥା ନାହିଁ ଯେ ଯୁବକ ଓ କର୍ମଠ ଲୋକେ ନୂଆ ରାଜ୍ୟକୁ ଯାଇ ବଣ-ଜଂଗଲ କାଟି ନୂଆ ସହର ଗଢ଼ିବେ । ସେମାନେ ପଲେ ମୂଷାଙ୍କ ପରି ସେ ଦ୍ୱୀପରେ ଜନ୍ମାରେ ପଡ଼ୁଛନ୍ତି । ତେଣୁ ସେମାନେ ଲମ୍ବ ବାଳ ଓ ହିପ୍ପୀ ପୋଷାକ ଦ୍ୱାରା ପ୍ରତିବାଦ ଜଣାଉଛନ୍ତି, ଅତୀତର ଭଲ ଦିନର କଥା ମନେ ପକାଇ ।

"ନାଉସୀବାହୁନୀର କଦମଫୁଲିଆ ବାଳକଟା ଅପେକ୍ଷା ସେମାନେ ଲମ୍ବ ବାଳ ପସନ୍ଦ ଯୋଗ୍ୟ ମଣୁଛନ୍ତି । ନାଉସୀମାନଙ୍କ ସାମରିକ ବୁଟ୍‌ଜୋତାର ବିରୋଧ କରି ସେମାନେ ନରମ ଚପଲ ପିନ୍ଧୁଛନ୍ତି । ତେଣୁ ଆମେ ଏ ନୂଆ ପିଢ଼ୀ ସହିତ ସମ୍ପର୍କ ଛିନ୍ନ କରଦେବା, ନିଗଣ ହୋଇଯିବା ଉଚିତ ନୁହେଁ । ... ଏଠୁ ଅଳ୍ପ ଦୂରରେ ଯୁବକମାନଙ୍କର ଏକ ନୂଆ ବସ୍ତି

ଅଛି । ସେମାନେ ଜମି ନେଇଛନ୍ତି । ନୂଆ ଗାଁଟିଏ ଗଢ଼ୁଛନ୍ତି । ସେମାନଙ୍କ ସହିତ ଯୋଗାଯୋଗ ରଖିବାକୁ ହେବ । ସେମାନଙ୍କର ଏକ ନକାରାତ୍ମକ ଭାବନା ରହିଛି, କିଛି କରିବାର ବାଧ୍ୟତାମୂଳକ ପ୍ରେରଣା ନାହିଁ । ସେମାନଙ୍କ ଗୀତ ଶୁଣିଲେ ବୁଝିପାରିବେ :

‘ଏତେ ଧନ କ’ଣ ପାଇଁ ?
ଆହୁରି ତୋପ କିଣିବା ପାଇଁ ।
ଆହୁରି ତୋପ କ’ଣ ହେବ ?
ଅନ୍ୟ ଲୋକଙ୍କ ମାରି ସେମାନଙ୍କ ଦେଶ
ଦଖଲ କରାଯିବ ଯେପରି ଆହୁରି ଧନ ବଢ଼ିବ ।’

ଏ ସବୁ କେବଳ ନକାରାତ୍ମକ ହେଲେ ବି ଯୁବସମାଜ ହେଲା ଏକ ସୂକ୍ଷ୍ମ ବାୟୁଚାପ ମାପକ ଯନ୍ତ୍ର ଭଳି ଯେଉଁଥିରେ ଚାରିପାଖେ ଘୋଟି ରହିଥିବା ସାମାଜିକ ଅଧଃପତନ ଧରା ପଡ଼େ ।”

“ମୋର ସେ ପିଲା କଥା ମନେ ଅଛି । ସେ ଚିତ୍ରକାର ହେବାକୁ ଚାହୁଁଥିଲା; ମାତ୍ର ସେ କଳା ଶିଖିବା ତା’ର ଦରକାର ନାହିଁ, ସେ ସବୁ ‘ଜାଣେ ବୋଲି କହୁଥିଲା । ଏ ଏକ ଗୁରୁତର କଥା । ଯେଉଁ କାମ କରିବ ସେଇଟା ଶିଖିବାକୁ ତ ହେବ ?” ବାର୍‌ଥେଲ୍‌ମୀ ମନ୍ତବ୍ୟ କଲେ । ଏଇ ନକରାତ୍ମକ ଭାବ ନେଇ ଆଲୋଚନା ଚାଲିଲା ଯେ ଏମାନେ ବଡ଼ ମଣିଷଙ୍କଠାରୁ କୌଣସି କଥା ଶିଖିବାକୁ ଚାହାନ୍ତି ନାହିଁ । ବର୍‌ଥେଲ୍‌ମୀ ଜଣେ ପିଲାର ଉଦାହରଣ ଦେଲେ ଯେ ଚିତ୍ରକର ହେବାକୁ ଚାହୁଁଥିଲା ମାତ୍ର ଚିତ୍ରକଳା ଶିଖିବା ଆବଶ୍ୟକ ମଣୁ ନ ଥିଲା । ସ୍ମିଥ୍‌ଙ୍କ ମତରେ ଏଇଟା କେବଳ ଗୋଟାଏ ଉପରର ବାହାନା । ଭିତରେ ଭିତରେ ଏ ପିଲାମାନେ ଖୁବ୍ ଅସହାୟ । ସେଥିପାଇଁ ଉପରକୁ ଦେଖାନ୍ତି ଯେ ସେମାନଙ୍କର ବଡ଼ ମଣିଷଙ୍କ ସାହାଯ୍ୟ ଲୋଡ଼ା ନାହିଁ ।

ଏ ଯୁବ ଅସନ୍ତୋଷଟା କେବଳ ଗୋଟାଏ ଏକମୁଖୀ ଆନ୍ଦୋଳନ ନୁହେଁ, ଏଥିରେ ବିବିଧ ଧାରା ରହିଛି । ବିବିଧ ରାଜନୀତିକ ଦଳ ଓ ଧର୍ମ-ସମ୍ପ୍ରଦାୟରେ ଏ ଯୁବକମାନେ ଯୋଗ ଦେଉଛନ୍ତି ବୋଲି ସ୍ମିଥ୍ ମନ୍ତବ୍ୟ କରିବାରୁ ବାର୍‌ଥେଲ୍‌ମୀ କହିଲେ ଯେ ଏଥିରୁ କେତେକ ଆଧୁନିକ ସଭ୍ୟତାର ବ୍ୟବସ୍ଥାକୁ ଭାଙ୍ଗିବାକୁ ଚାହାନ୍ତି ଅଥଚ ତା’ର ଫଳଭୋଗ ବି ଭୋଗିବାକୁ ଚାହାନ୍ତି । ଅନ୍ୟମାନେ ବୁଝନ୍ତି ଯେ ନୂଆ ସଭ୍ୟତା ଗଢ଼ିବାକୁ ହେଲେ ଆଜି ମଣିଷର ଆବଶ୍ୟକତା ଯେ ଅମାପ ବଢ଼ି ଚାଲିଛି ତାହା କମାଇବାକୁ ହେବ । ଏହାରି ଦ୍ୱାରା ହିଁ ଆଧୁନିକ ସଭ୍ୟତାର ସମସ୍ୟାର ସମାଧାନ । ମୋ କଥା ଉପରେ ସମସ୍ତେ ଏକମତ ହେଲେ ଯେ ଆବଶ୍ୟକତା ଊଣା କରିବା ଅର୍ଥ ଆଦିମ ଅବସ୍ଥାକୁ ଫେରିବା ନୁହେଁ । ସାଂସ୍କୃତିକ ଓ ଆଧ୍ୟାତ୍ମିକ ବିକାଶପାଇଁ ବି କେତେକ ବସ୍ତୁ ସାମଗ୍ରୀ ଲୋଡ଼ା । ଅସଲ ସମସ୍ୟା ହେଲା ଯେ ପୁଞ୍ଜିବାଦୀ ବ୍ୟବସ୍ଥାରେ ଆମକୁ ଲୋଡ଼ା ନ ଥିଲେ ବି ଜିନିଷ କିଣିବା ପାଇଁ ନାନା ଉପାୟରେ ବାଧ୍ୟ କରା ହେଉଛି, ଖବର କାଗଜ, ରେଡ଼ିଓ ଆଦି ବିଜ୍ଞାପନ ମାଧ୍ୟମରେ ।

ବୁଡ଼ିଯାଉଥିବା ଜାହାଜରୁ ମୂଷା ପଳେଇଲା ପରି ଉପରି ଆମେରିକାର ସହରମାନଙ୍କରୁ ଲକ୍ଷ ଲକ୍ଷ ଯୁବକ ଯୁବତୀ ବଣକୁ ଚାଲିଯାଉଛନ୍ତି, ସଭ୍ୟତାକୁ ତ୍ୟାଗ କରିବାକୁ ଯାଇ ଲୁଗା ପୁଦ୍ଧା ପିନ୍ଧୁନାହାନ୍ତି, ତାହା ସ୍ମିଥ୍ ବର୍ଣ୍ଣନା କରିଥିଲେ। ସେମାନେ କହୁଛନ୍ତି — ଆମେ ପୁଞ୍ଜିବାଦର ଘରଡ଼ଘଣାରେ ପେଷି ହେବାକୁ ରାଜି ନୋହୁଁ । ଆମେ ପାଠ ପଢ଼ିବୁ ନାହିଁ, କାରଣ ଆମକୁ ଜ୍ଞାନ ଦିଆଯାଉ ନାହିଁ । କେବଳ ତମର ସମାଜଯନ୍ତ୍ର ଓ ଅର୍ଥନୀତିର ଦାସତ୍ୱ କରିବାକୁ ତାଲିମ ଦିଆଯାଉଛି । ତାଙ୍କ ମତରେ ଏ ଆନ୍ଦୋଳନ ଆହୁରି ବ୍ୟାପିବ, ରୁଷିଆ ଓ ଚୀନରେ ମଧ୍ୟ ଆରମ୍ଭ ହେବ ଓ ସବୁ-ମିଶି ଏକ ବିଶାଳ ରୂପ ଧରିବ ।

ଏ ପିଲାମାନଙ୍କର ଭବିଷ୍ୟତ ସମ୍ବନ୍ଧରେ ସ୍ପଷ୍ଟ ଧାରଣା ନାହିଁ ଓ ସେମାନଙ୍କର ଶକ୍ତିକୁ ଠିକଣା ବାଟ ଦେଖାଇବା ପାଇଁ ବଳିଷ୍ଠ ନେତୃତ୍ୱ ଲୋଡ଼ା, ଯାହାର ଏମାନଙ୍କ ଉପରେ ବିଶ୍ୱାସ ଥିବ ଓ ଯାହା ଉପରେ ପିଲାଙ୍କର ବି ଆସ୍ଥା ଥିବା ଦରକାର । ସେ କହିଲେ, “ଆମେ ନମ୍ର ଭାବରେ ବିଶ୍ୱାସ କରୁଁ ଯେ ଆମ ପାଖରେ ଭବିଷ୍ୟତର ଏକ ସ୍ପଷ୍ଟ ଧାରଣା ଅଛି, ମାତ୍ର ସେମାନେ ଆମ ପାଖକୁ ଆସୁନାହାନ୍ତି, କାରଣ ଆମେ ଅତି ଶୃଙ୍ଖଳିତ ଓ ସେମାନେ କୌଣସି କଟକଣା ମାନିବାକୁ ରାଜି ନୁହନ୍ତି, ନା ପ୍ରେମରେ, ବ୍ୟବହାରରେ, ଶିଳ୍ପକଳାରେ ବା ପାଠପଢ଼ାରେ । ମାତ୍ର ତଥାପି ଆମର ହୃଦୟ ସେମାନଙ୍କ ପାଇଁ ଦ୍ରବିତ ହେଉଛି, କାରଣ ଆମେ ସେମାନଙ୍କୁ କ’ଣ ଦେଇଛୁ ? କେବଳ ସେମାନଙ୍କୁ ଏକ ପତନଶୀଳ ସମାଜର ଦାସ କରିବା ଛଡ଼ା ?”

ସେମାନଙ୍କୁ କେବଳ ସମାଲୋଚନା ଦୃଷ୍ଟିରେ ନ ଦେଖି ସେମାନଙ୍କର ଅନ୍ତରର ଭାବନାକୁ ଉପଲବ୍ଧି କରିବାର ଚେଷ୍ଟା କରିବା ଉଚିତ । ଆଜିର ସମୟରେ ଆମେ ସେହି ବୟସର ହୋଇଥିଲେ କ’ଣ କରିଥାନ୍ତେ ତାହା ବିଚାରିବା ଉଚିତ ବୋଲି ସେ ମତ ଦେଲେ ଓ ମୋର ଏ ମତକୁ ସମର୍ଥନ କଲେ ଯେ ଆଜିର ଏ ପିଢ଼ୀ ପୂର୍ବର ପିଢ଼ୀମାନଙ୍କ ଅପେକ୍ଷା ଖରାପ ନୁହେଁ ବରଂ ଭଲ । ସେତେବେଳେ ସେମାନଙ୍କଦ୍ୱାରା ଆମେ କି କୁକର୍ମ ନ କରେଇଛୁ ? ପ୍ରଥମ ମହାଯୁଦ୍ଧ, ଦ୍ୱିତୀୟ ମହାଯୁଦ୍ଧ ଇତ୍ୟାଦି । ସେମାନେ ସେତେବେଳେ ନିର୍ବିଚାରରେ ଶାସକମାନଙ୍କ ହୁକୁମ ମାନି ଯାଇଛନ୍ତି । ଏମାନେ ତ ଏବେ ହେଲେ ନିଜପାଇଁ ଚିନ୍ତା କରିବା ଚେଷ୍ଟା କରୁଛନ୍ତି ।

ସେ ଆହୁରି ଯୋଗକଲେ ଯେ ଆମେ ଏକ ସୁସ୍ଥିର ସମାଜରେ ଜନ୍ମିଥିଲୁ । ଏମାନେ ଜନ୍ମିଛନ୍ତି ଯୁଦ୍ଧ ପରର ଅସ୍ଥିର ସମାଜରେ ଯେତେବେଳେ ସବୁ ଟଳମଳ, ହାଣ୍ଡିରେ ପଡ଼ିସବୁ ଅଉଟା ହେଉଛି । ବାର୍ଥୋଲମୀ କହିଲେ ଯେ ଦୁନିଆର ଶ୍ରେଷ୍ଠ ମନୀଷୀମାନଙ୍କ ସମସାମୟିକ ଭାବେ ଜନ୍ମଗ୍ରହଣ କରିଥିବା ଏକ ପିଢ଼ୀ ଭାବରେ ମଧ୍ୟ ଆମେ ଭାଗ୍ୟବାନ ଥିଲୁ, ଯେଉଁ ମନୀଷୀମାନେ ଯୁବଗୋଷ୍ଠୀକୁ ବି ନେତୃତ୍ୱ ଦେଇଥିଲେ, ଯଥା ଗାନ୍ଧୀ । ମୁଁ ଯୋଗକଲି ଯେ ଏ ମନୀଷୀମାନେ କେବଳ ନିଜ ଯୁଗ ପାଇଁ ନ ଥିଲେ, ସବୁ ଯୁଗ ପାଇଁ ସେମାନଙ୍କର ବାଣୀ ଓ ଆଦର୍ଶ ରହିଛି । ଏ ସବୁ ନେଇ ନୂଆ ପିଢ଼ୀ ପାଖରେ ପହଞ୍ଚାଇବା ଓ ତା’ର ଚିନ୍ତାଧାରାକୁ ସ୍ପଷ୍ଟରୂପ ଦେବାରେ ସାହାଯ୍ୟ କରିବା ଆମର କର୍ତ୍ତବ୍ୟ ବୋଲି ଆମେ ଶେଷରେ ଏକମତ ହେଲୁ ।

★ ★

# ଛବିଶ

## ପ୍ୟାରିସ୍‌ରେ ସଭାସମିତି ଓ ଭକ୍ତିମାର୍ଗ

ପ୍ୟାରିସ୍‌ରେ ଚାରୋଟି ସଭାର ଆୟୋଜନ ଥିଲା । ଗୋଟିଏ ରାମକୃଷ୍ଣ ମିଶନ୍‌ରେ, ଗୋଟିଏ ଆନ୍ତର୍ଜାତୀୟ କ୍ୱେକର କେନ୍ଦ୍ରରେ, ଗୋଟିଏ ଆମେରିକାନ୍ କେନ୍ଦ୍ରରେ ଓ ଅନ୍ୟ ଗୋଟିଏ ସେଠାର ଏକ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ । ରାମକୃଷ୍ଣ ମିଶନ୍‌ର ମଠ ସହରରୁ ପ୍ରାୟ କୋଡ଼ିଏ କିଲୋମିଟର ଦୂର ଏକ ଉପନଗରୀ ଗ୍ରେଜ୍‌ସଠାରେ । ପ୍ରକାଣ୍ଡ ହତା ପାଞ୍ଚ ଏକର ଖଣ୍ଡେ, ବଡ଼ ଦୋତାଲା ଘର, ବୋଧହୁଏ କୌଣସି ବଡ ଲୋକଙ୍କର ବାଗାନବାଡ଼ି ଥିଲା । ଏଠି ସଭାରେ ଉପସ୍ଥିତି ବେଶ ଭଲ ରକମର ଥିଲା । ଶ୍ରୀରାମକୃଷ୍ଣ ଓ ବିବେକାନନ୍ଦଙ୍କର ବହୁତ ଭକ୍ତ ଏଣେ ହେଲେଣି ବୋଲି ଜଣାଗଲା । କହିବା ବାହୁଲ୍ୟ ସମସ୍ତେ ଫରାସୀ । ତେବେ ମଠର ମୁଖ୍ୟ ପରିଚାଳକ ସ୍ୱାମୀ ପ୍ରଜ୍ଞାନାନନ୍ଦ ଫରାସୀ ନୁହନ୍ତି । କଥାବାର୍ତ୍ତାରୁ ଇଂରେଜ ବୋଲି ମନେ ହେଲା । ଯେତେ ଚେଷ୍ଟା କଲେ ବି ତାଙ୍କର ପୂର୍ବ ପରିଚୟ ଆଉ ଜାଣି ପାରିଲି ନାହିଁ । ସଭା ପରେ ସନ୍ଧ୍ୟା ଆରତି ପର୍ଯ୍ୟନ୍ତ ରହିବା ପାଇଁ ଓ ସାୟଂଭୋଜନ ଏଇଠି ସାରି ଯିବା ପାଇଁ ସ୍ୱାମୀଜୀଙ୍କର ଅନୁରୋଧ ରକ୍ଷା କରି ରହିଗଲୁ । ସ୍ୱାମୀଜୀଙ୍କ ସହିତ ବହୁତ ଗପ ହେଲା ଓ ମଠର ଜମିବାଡ଼ି ଗୋଶାଳା ଆଦି ବୁଲି ଦେଖାହେଲା ।

ମଠରେ ପନ୍ଦର ଜଣ ସାଧକ ଅନ୍ତେବାସୀ ଅଛନ୍ତି । ପ୍ରାୟ ସମସ୍ତ ଅଳ୍ପବୟସ୍କ ତରୁଣ ତରୁଣୀ । ହଲ୍ୟାଣ୍ଡ ଆଦି ବିଭିନ୍ନ ଦେଶରୁ ଆସିଛନ୍ତି । ଏମାନେ ଏଠି ଯୋଗସାଧନା ଓ ଉପନିଷଦ, ଗୀତା, ବ୍ରହ୍ମସୂତ୍ର ତଥା ବିବେକାନନ୍ଦଙ୍କ ଲେଖା ଆଦି ଅଧ୍ୟୟନ କରନ୍ତି । ଗୋଶାଳା ଓ ବିଲବାଡ଼ି କାମ ବି କରନ୍ତି । ଗୋଶାଳାରେ ବେଶ ଭଲ ଆଠ ଦଶଟି ଗାଈ ଅଛନ୍ତି । ବାଡ଼ିରେ ନାନା ପ୍ରକାର ପନିପରିବା ଲଗା ହୋଇଛି । ଗାଈଙ୍କ ପାଇଁ ଘାସ ମଧ୍ୟ କିଛିଟା ଜମିରୁ ଉତ୍ପନ୍ନ ହୁଏ ।

ଏଇଟା ୟୁରୋପର ଏକ ପ୍ରଧାନ ମଠ । ଅନ୍ୟାନ୍ୟ ଆଡ଼େ ଆହୁରି ଅନେକ ଗୁଡ଼ିଏ ମଠ ଅଛି ଓ ବହୁସହସ୍ର ଲୋକ ଏ ସବୁଥିର ଭକ୍ତ ଅଛନ୍ତି ବୋଲି ସ୍ୱାମୀଜୀ କହିଲେ । ମଠର ସମସ୍ତ ଖର୍ଚ୍ଚ ସାଧାରଣ ଚାନ୍ଦାରୁ ହିଁ ଚଳେ ।

ସନ୍ଧ୍ୟାବେଳେ ଉପାସନାର ସମୟ ପାଖେଇ ଆସିଲା । ନିର୍ଦ୍ଦିଷ୍ଟ ସମୟରେ ଘଣ୍ଟା ବାଜିଲାରୁ ସମସ୍ତେ ଯାଇ ପୂଜା କକ୍ଷରେ ପହଞ୍ଚିଲୁ । ନାତିବୃହତ୍ କକ୍ଷରେ ତିରିଶ ଜଣ ଖଣ୍ଡେ ଭକ୍ତ ଥାନ୍ତି । ଅଳ୍ପ କେତେଜଣ କାନ୍ଥ ପାଖରେ ରଖାହୋଇଥିବା ଚୌକିରେ ବସିଥାନ୍ତି, ବାକିସବୁ ତଳେ । ଚେକାମାଡ଼ି ତଳେ ବସିବା ଅଭ୍ୟାସ ଏମାନେ ସବୁ କରି ନେଲେଣି ଦେଖାଗଲା ।

ଅନେକ ସମୟ ଧରି ରୀତିମତ ପୂଜା ଚାଲିଲା । ସ୍ୱାମୀଜୀ ଗେରୁଆ ଲୁଗା ପିନ୍ଧି ଘଂଟି ବଜେଇ ଆରତୀ କଲେ । ସ୍ତୋତ୍ର ଆଦି ବୋଲିଲେ । ହାରମୋନିୟମ ବଜାଇ "ଗୁରୁଦେବ ଦୟା କର ଦୀନ ଜନେ" ଗୀତ ବୋଲା ହେଲା ଓ ଶେଷକୁ ଠାକୁର ରାମକୃଷ୍ଣ ଦେବଙ୍କ ଜୟ, ଗୁରୁ ମହାରାଜାଙ୍କ ଜୟ ଆଦି ଜୟଜୟକାର ସହ ଆରତୀ ଓ ପୂଜା ଶେଷ ହେଲା । ପେଣ୍ଟ କୋଟ ଓ ସ୍କାର୍ଟ ପିନ୍ଧା ସାଇବ ମେମ୍‌ମାନେ ଯେତେବେଳେ ଆଂଠୁମାଡ଼ି ଠାକୁରଙ୍କୁ ଢୋ ଢୋ ମୁଣ୍ଡିଆ ମାରୁଥାନ୍ତି ସେତେବେଳେ ଏହା ଏକ ଦେଖିବା ଜିନିଷ ହୋଇଥାଏ ।

ଖାଇବା ବେଳକୁ ଦେଖାଗଲା ଯେ ବିଜୁଳି ଲାଇନ ବନ୍ଦ । ମହମବତୀ ଜାଳି ଖିଆ ହେଲା । ଯାହା ହେଉ ମତେ ଟିକିଏ ଆଶ୍ୱସ୍ତ ଲାଗିଲା ଯେ ଏଭଳି ଏସବୁ ଦେଶରେ ବି ଘଟୁଛି । କେବଳ ଆମ ଦେଶରେ ନୁହେଁ । ଖାଇବା ଖୁବ୍ ସାଦାସିଧା ଓ ନିରାମିଷ ହିଁ ଥିଲା ।

ଖବର କାଗଜମାନଙ୍କରୁ ସମସ୍ତେ ଦେଖୁଥିବେ ଯେ ଏବେ ୟୁରୋପ ଓ ଆମେରିକାରେ ହିପ୍‌ପୀ ଆନ୍ଦୋଳନର ସାଙ୍ଗେ ସାଙ୍ଗେ ଭାରତୀୟ ଭକ୍ତିମାର୍ଗର ବି ଖୁବ୍ ପ୍ରସାର ହେଉଛି । ଏଥିରେ ଆମ ଦେଶରେ ଯେପରି ଦେଖାଯାଏ, ଅନେକ ପରିମାଣରେ ଗଡ୍‌ଡ଼ଳିକା ପ୍ରବାହ ବି ରହିଛି; କିନ୍ତୁ ମୋର ମନେ ହୁଏ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଦିଗ ମଧ୍ୟ ଅଛି । ଏ ଦେଶରେ ଲୋକେ ସମୃଦ୍ଧିର ଶିଖରରେ ପହଞ୍ଚିବା ପରେ ଏବେ ତାର ଆଗକୁ ଜୀବନର ଲକ୍ଷ୍ୟ କଣ, ଉଦ୍ଦେଶ୍ୟ କଣ, ତାହା ଖୋଜୁଛନ୍ତି । ଆଧୁନିକ ଶିଳ୍ପ ପ୍ରଧାନ ଓ ନଗର ପ୍ରଧାନ ଜୀବନରେ ମଣିଷ ସହିତ ମଣିଷର ସ୍ନେହ ସମ୍ପର୍କ ମଧ୍ୟ କ୍ଷୀଣରୁ କ୍ଷୀଣତର ହୋଇ ଯାଉଛି । ସେଥିପାଇଁ ଭାବଜୀବନରେ ମଧ୍ୟ ଗୋଟିଏ ପ୍ରକାରର ଶୂନ୍ୟତା ଆସୁଛି ।

ଭାରତୀୟ ଭକ୍ତିମାର୍ଗରେ ଭକ୍ତର ଆଧ୍ୟାତ୍ମିକ ପୂର୍ଣ୍ଣତାର ଯେଉଁ ଆଦର୍ଶ ରଖା ଯାଇଛି ତାହାକୁ ଆଧୁନିକ ମନୋବିଜ୍ଞାନର ମାପକାଠିରେ କଲିଲେ ଜଣାଯିବ ଯେ ତାହା ଏକ ପୂର୍ଣ୍ଣ ବିକଶିତ, ସୁସମନ୍ୱିତ ଓ ସୃଜନଶୀଳ ବ୍ୟକ୍ତିତ୍ୱର ମଧ୍ୟ ଲକ୍ଷଣ । ସେଥିପାଇଁ ଯେଉଁଠି ମଣିଷ ଜୀବନର ସାର୍ଥକତା ଖୋଜିବ ସେଠି ସେ ଭକ୍ତି ମାର୍ଗ ପ୍ରତି ଆକୃଷ୍ଟ ହେବା ସ୍ୱାଭାବିକ ।

ତାହା ଛଡ଼ା ଏହା ଜୀବନରେ ନାନା ଦୁଃଖ, ଦ୍ୱନ୍ଦ୍ୱ ଓ ଅନିଶ୍ଚିତତାରୁ ନିଜକୁ ରକ୍ଷା କରିବାର ମଧ୍ୟ ଗୋଟାଏ ଉପାୟ । ଏହା ଦୁଇପ୍ରକାରରେ ହୋଇପାରେ । ଭକ୍ତିମାର୍ଗରୁ ମଣିଷ ଏ ସବୁର ସମ୍ମୁଖୀନ ହେବାର, ଜୀବନର ସମସ୍ୟାମାନଙ୍କ ସହିତ ଯୁଝିବାର ଆନ୍ତରିକ ଶକ୍ତି

ଆହରଣ କରିପାରେ ବା ଅନ୍ୟଥା ଏ ସୃଷ୍ଟିକୁ ଏଡ଼େଇ ଯିବାର ଏକ ପଳାୟନବାଦୀ ପନ୍ଥାରୂପେ ମଧ୍ୟ ଏହାକୁ ବ୍ୟବହାର କରିପାରେ । ହୁଏତ ଆମ ଦେଶପରି ଦେଶରେ ମଧ୍ୟ ଏହି ପଳାୟନବାଦୀ ଭକ୍ତିମାର୍ଗୀଙ୍କ ସଂଖ୍ୟା ବେଶୀ ।

ପ୍ୟାରିସ୍‌ରେ ମୋର ବସାରେ ମୁଁ ଦିନେ ଏକତାଲାକୁ ଗାଧୋଇବା ପାଇଁ ଓହ୍ଲାଇବାବେଳକୁ ଜଣେ ଫରାସୀ ଯୁବକ ଭେଟ ହେଲେ । ପ୍ୟାଣ୍ଟ ଓ ସ୍ୱେଟର ପିନ୍ଧିଛନ୍ତି, ମୁଣ୍ଡ ଲଣ୍ଡା ଓ ଗଳାରେ ତୁଳସୀମାଳା । ମତେ ଦେଖି ସହାସ୍ୟ ବଦନରେ "ହରେକୃଷ୍ଣ ହରେକୃଷ୍ଣ" କହି ଅଭିବାଦନ କଲେ । ମୁଁ ବି "ହରେକୃଷ୍ଣ" କହିଦେଲି ।

ଖବର ନେଇ ବୁଝିଲି ଯେ ଏହି କୋଠାର ପାଖ ବଖରାରେ ଦୁଇଜଣ ଏ ଦେଶୀୟ ବୈଷ୍ଣବ ବୈଷ୍ଣବୀ ରହନ୍ତି ବୋଲି ଶୁଣିଥିଲି, ଏ ସେହି । ପରେ ଏହାଙ୍କ ସହିତ ଆଳାପ ହେଲା । ଭାରତ ସେବାଶ୍ରମ ସଂଘ ପ୍ରେରଣାରେ ଆମେରିକା ଓ ୟୁରୋପରେ 'କୃଷ୍ଣପ୍ରେମ' ଆନ୍ଦୋଳନ ଚାଲିଛି । ଏମାନେ ତା'ର ଅନ୍ତର୍ଭୁକ୍ତ । ଯୁବକ ଜଣକ ଫରାସୀ, ଯୁବତୀଟି ଆମେରିକାନ୍ । ଯୁବକ ଏମ୍. ଏ. ପଢ଼ୁଥିଲା । ପଢ଼ାଛାଡ଼ି ଦେଇଛି । ଝିଅଟି ବି କଲେଜ ଛାଡ଼ି ଚାଲି ଆସିଛି । ଏଠି ଏମାନଙ୍କର ଗୋଟାଏ ସତ୍‌ସଙ୍ଗ ଅଛି । ପ୍ରତି ରବିବାରେ ପଚିଶ ଖଣ୍ଡେ ଲୋକ ଏକାଠି ହୁଅନ୍ତି । ଭଜନ କୀର୍ତ୍ତନ ହୁଏ । ପ୍ରତି ଦିନ ସଂଧ୍ୟାରେ ଏମାନେ ଯାଇ ରାସ୍ତାରେ ବୁଲି କୀର୍ତ୍ତନ କରି ଭିକ୍ଷା ମାଗନ୍ତି । ଏକ ମନ୍ଦିର ତିଆରି କରିବା ପାଇଁ ଏହିରୂପେ ଅର୍ଥ ସଂଗ୍ରହ ଚାଲିଛି । ଏଭଳି ଉଦ୍ୟମଦ୍ୱାରା ଆମେରିକାରେ ସାନ୍‌ଫ୍ରାନସିସ୍‌କୋ, ସିକାଗୋ ଏବଂ ଅଉ କେତେ ସହରରେ ବାରଟା ଖଣ୍ଡେ ମନ୍ଦିର ଗଢ଼ା ସରିଲାଣି ବୋଲି ଏମାନେ କହିଲେ ।

ଯୁବକ ଜଣକ କହିଲେ ଯେ ସେ ଚୈତନ୍ୟ ଚରିତାମୃତ ଓ ରୂପଗୋସ୍ୱାମୀଙ୍କର ଖଣ୍ଡେ ଗ୍ରନ୍ଥ ପଢ଼ିଛନ୍ତି । ବେଶୀ ପଢ଼ାଶୁଣା ଆବଶ୍ୟକ ମନେ କରୁନାହାନ୍ତି । ଗୁରୁମହାରାଜ କହିଛନ୍ତି ନାମଜପ ଓ ଗୁରୁଭକ୍ତି, ଏହାରି ଦ୍ୱାରା ହିଁ ମୋକ୍ଷ ମିଳିବ । ତାହା ହିଁ କରୁଛନ୍ତି । ଗୁରୁ ମହାରାଜ ଯଦି କୌଣସି ବହି ପଢ଼ିବାକୁ କହିବେ ତେବେ ପଢ଼ିବେ ।

ଚଳୁଛନ୍ତି କପରି, ପଚାରିବାରୁ ସେ କହିଲେ ଯେ ବୈଷ୍ଣବ ସାହିତ୍ୟର କେତେକ ଫରାସୀ ଅନୁବାଦ ପ୍ରକାଶିତ ହୋଇଛି । ସେ ସବୁ ବହି ବିକନ୍ତି ଓ ସେଥିର କମିଶନ୍‌ରୁ ଚଳନ୍ତି । ତାଙ୍କ ଘରଟି ଗୋଟିଏ ବଖରା । ଆସବାବ ପ୍ରାୟ ନାହିଁ । ତଳେ ବିଛଣା ରହିଥାଏ । ବସିବା ବ୍ୟବସ୍ଥା ମଧ୍ୟ ତଳେ । ଗୋଟିଏ ଟେବୁଲରେ ଶ୍ରୀକୃଷ୍ଣଙ୍କର ଓ ଗୁରୁ ମହାରାଜଙ୍କର ଚିତ୍ର, ଆରତୀ ସାମଗ୍ରୀ, ଘଂଟି, ଧୂପଦାନୀ ଇତ୍ୟାଦି । କାନ୍ଥରେ ଗୁରୁଙ୍କର ଓ ଶ୍ରୀକୃଷ୍ଣଙ୍କର ଆହୁରି ଛବି, କାଳୀୟ ଦଳନ, ଆଂଠୁଆ ଗୋପାଳ, ତ୍ରିଭଙ୍ଗ ମୂର୍ତ୍ତି ଇତ୍ୟାଦି । ସାମନା କାନ୍ଥରେ ଜଗନ୍ନାଥ ବଳଭଦ୍ର ସୁଭଦ୍ରାଙ୍କର ପଟଚିତ୍ର । ସ୍ଲେଟ ଥାକ ଖଣ୍ଡିକରେ କେତେଖଣ୍ଡି ବହି । ମୋ ପାଖରେ ଖଣ୍ଡେ ବିଷ୍ଣୁସହସ୍ରନାମ ଥିଲା । ଏମାନଙ୍କୁ ଉପହାର ଦେଇଦେଲି । ଖୁସି ହେଲେ ।

ଆମେରିକାନ୍ ଯେଷ୍ଟରଟା କଅଳ ହୋଇଥିବ, ଆମେରିକାନ୍ ସରକାରର ପ୍ରଚ୍ଛନ୍ନ ନେତ୍ର କି ବୋଲି ମୋର ସନ୍ଦେହ ଥିଲା । ଦେଖିଲି ଯେ ସେଟା ଏକ ବେସରକାରୀ ସଂସ୍ଥା ଏବଂ ସବୁ ଉଗ୍ରପନ୍ଥୀ ଯୁବକଙ୍କର ଆଡ୍ଡା । ସେଠା ସଭାରେ ଅନେକ କେତେଜଣ ଗ୍ରୁପ ଆସିଥିଲେ । ଅହିଂସାର ସାମର୍ଥ୍ୟ ଓ ଆବଶ୍ୟକତା ବିଷୟରେ ଖୁବ୍ ଭଲ ଆଲୋଚନା ହେଲା । ଏମାନଙ୍କ ଭିତରୁ କେତେକ ୧୯୬୮ରେ ଫ୍ରାନ୍‌ସ ହୋଇଥିବା ଗ୍ରୁପ ଆନ୍ଦୋଳନ କଥା ଜାଣିଥିଲେ । ପ୍ରତ୍ୟକ୍ଷ ଅଂଶଗ୍ରହଣ କରି ନ ଥିଲେ, ମାତ୍ର ସହାନୁଭୂତି ରଖିଥିଲେ । ଦୁଇଶେଇଶ ଶହ ଅଠଷଠିରେ ଏ ଗ୍ରୁପ ଆନ୍ଦୋଳନ କେତେକ ସାଧାରଣ ଅଭିଯୋଗ ଓ ଦାବୀ ନେଇ ଆରମ୍ଭ ହୋଇଥିଲା, ମାତ୍ର ଶେଷକୁ ଏହାର ଲକ୍ଷ୍ୟ ହୋଇଗଲା ଫ୍ରାନ୍‌ସରେ ରାଜନୀତିକ ଓ ସାମାଜିକ ବିପ୍ଳବ ସାଧନ । ଲୋକେ କହନ୍ତି ଯେ ଯଦି କମ୍ୟୁନିଷ୍ଟ ପାର୍ଟି ଦ୍ୱାରା ପ୍ରଭାବିତ ଶ୍ରମିକକୁଳ ଏଥିପ୍ରତି ଉଦାସୀନ ନ ରହିଥାନ୍ତେ ତେବେ ଅବଶ୍ୟ ଫ୍ରାନ୍‌ସର ତତ୍କାଳୀନ ସରକାରର ପତନ ଘଟିଥାନ୍ତା ।

ଏ ବିପ୍ଳବର ଉଦ୍ୟୋକ୍ତାମାନେ ନିଜର ବିଚାରଧାରାକୁ କମ୍ୟୁନିଷ୍ଟ ମତବାଦଠାରୁ ଆଗୁଆ ମନେ କରନ୍ତି । କମ୍ୟୁନିଷ୍ଟ ପାର୍ଟି ଜନତାର ନେତୃତ୍ୱ ନେବା ନାଁରେ ଜନତା ଉପରେ କର୍ତ୍ତୃତ୍ୱ ଲାଭ ଆସିଛି ଓ ଫ୍ରାନ୍‌ସର କମ୍ୟୁନିଷ୍ଟ ପାର୍ଟି ସେଠାର ପୁଞ୍ଜିବାଦୀ ସମାଜସଂଗଠନର ଏକ ଅଂଶ, ଏକ ଅମଲାତନ୍ତ୍ରରେ ପରିଣତ ହେଲାଣି ବୋଲି ଏମାନେ ସମାଲୋଚନା କରିଥାନ୍ତି । ଏମାନଙ୍କର ବିଶ୍ୱାସ ଯେ ଦଳଗତ ସଂଗଠନ ଜନତାର ବାସ୍ତବ ଶକ୍ତିର ସ୍ଫୁରଣରେ ପ୍ରତିବନ୍ଧକ ସୃଷ୍ଟି କରେ ଓ ତେଣୁ ଦଳଗତ ସଂଗଠନ ବାଞ୍ଛନୀୟ ନୁହେଁ । ବିପ୍ଳବୀ ଜନତାର ନେତା ଭାବରେ ନୁହେଁ ତା'ର ଏଜେଣ୍ଟ ବା ସେବକ ଭାବରେ କାମ କରିବା ଉଚିତ ।

ସମାଜରୁ ଶୋଷଣ ଓ ଆର୍ଥିକ ବୈଷମ୍ୟ ଲୋପ ସହିତ ଏମାନେ କ୍ଷମତାର ଏଭଳି ବିକେନ୍ଦ୍ରୀକରଣ ଚାହାନ୍ତି ଯାହାଦ୍ୱାରା ସାଧାରଣ ଲୋକେ ଗଣତାନ୍ତ୍ରିକ ଶାସନ ପରିଚାଳନାରେ ପ୍ରତ୍ୟକ୍ଷ ଭାବରେ ଯୋଗ ଦେଇପାରିବେ । ଏହିରୂପେ ଏମାନଙ୍କର କେତେକ ବିଚାରର ସାମ୍ୟ ସର୍ବୋଦୟର କେତେକ ବିଚାର ସହିତ ରହିଛି ।

ଏବେ କୌଣସି ପ୍ରକଟ ଆନ୍ଦୋଳନ ତ ନାହିଁ, ସବୁ ଚୁପଚାପ ବୋଲି ତାଙ୍କ କଥାରୁ ବୁଝିଲି । ତେବେ ବେଶି କିଛି ଗ୍ରୁପ ସମାଜର ଜଟିଳ ସମସ୍ୟାସବୁ ନେଇ ଅଧ୍ୟୟନ ଓ ଚିନ୍ତା କରୁଛନ୍ତି ବୋଲି ଜଣାଗଲା ।

ନ୍ୟୁକର ଆନ୍ତର୍ଜାତୀୟ କେନ୍ଦ୍ରର ସଭା ବାସ୍ତବରେ ଆନ୍ତର୍ଜାତୀୟ ଥିଲା । ସେଥିରେ ପାଞ୍ଚ ମହାଦେଶର ଲୋକ ଥିଲେ । ଫରାସୀ, ଜର୍ମାନ ଓ ଇଂରେଜଙ୍କ ଛଡ଼ା ଆମେରିକା, ଦକ୍ଷିଣ ଆମେରିକା, ଜାପାନ, ଭିଏତ୍‌ନାମ, ପଶ୍ଚିମ ଆଫ୍ରିକା ଓ ଭାରତର ଲୋକ ଥିଲେ । ଏଠି ବେଶି ଘରୋଇ ଢଙ୍ଗରେ ମିଳାମିଶା ଓ କଥାବାର୍ତ୍ତା ଭିତରେ ସନ୍ଧ୍ୟାଟି ଭଲରେ କଟିଲା ।

ଶେଷ ଦିନର ସଭା ପ୍ୟାଲେ ଦ୍ୟ ଶାସ୍ୟୋ ନାମକ ଏକ ବଡ଼ ଭବନରେ ହୋଇଥିଲା । ଏଇଠି ଏକ ବିରାଟ ନୃତତ୍ତ୍ୱ ସଂଗ୍ରହାଳୟ ମଧ୍ୟ ଅଛି । ଏଠି ଆମର ଏଠା ଦୂତାବାସର ସାଂସ୍କୃତିକ ବିଭାଗର ଅଧିକାରୀ ଶ୍ରୀ ପୁଷ୍ପଦାସ ସଭାପତିତ୍ୱ କରିଥିଲେ ।

ସଭାର ଆୟୋଜନ କରିଥିଲେ "ମାନବ ଓ ତା'ର ଚୈତନ୍ୟ" ନାମକ ସଂସ୍ଥାର ସମ୍ପାଦିକା ମ୍ୟାଦାମ୍ ଆଁନ୍ଦ୍ରୋ । ସଭା ଶେଷରେ ଗାନ୍ଧୀଜୀଙ୍କର ଓ ବିନୋବାଜୀଙ୍କର ଜୀବନୀର ଫିଲ୍ମ୍ ମଧ୍ୟ ଦେଖାହେଲା ।

★ ★

# ସତେଇଶି

## ମାନବ ପ୍ରେମିକ ଆବେ ପିୟେର୍

ପ୍ୟାରିସ୍‌ରେ ଆବେ ପିୟେର୍‌ଙ୍କର କର୍ମକ୍ଷେତ୍ର ଦେଖିବା ଥିଲା ମୋର ସବୁଠୁଁ ବଡ଼ ବାସନା । ଆବେ ପିୟେର ଭାରତର ସର୍ବୋଦୟ ମଣ୍ଡଳୀରେ ଅପରିଚିତ ନୁହନ୍ତି । ସେ ଅନ୍ତତଃ ତିନି ଥର ଭାରତ ଆସିଛନ୍ତି ଓ ସେଇ ସମୟରେ ତାଙ୍କ ସହିତ ଓ ତାଙ୍କର କାମ ସହିତ ପରିଚୟ ହୋଇଥିଲା । ଆଧୁନିକ ସମାଜର ପ୍ରତିଯୋଗୀତା ଓ ବିଷମତାର ଚାପରେ ପେଷି ହୋଇ ଯାଉଥିବା ଅସହାୟ ଲୋକଙ୍କୁ ପୁଣି ଉଠେଇ ଛିଡ଼ା କରେଇବା ତାଙ୍କର କାମ । ଗତ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସେ କାମ ଆରମ୍ଭ କଲେ, ଯୁଦ୍ଧ ବିଧ୍ୱସ୍ତ ପ୍ୟାରିସ୍‌ର ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କୁ ନେଇ । ତାଙ୍କର ପ୍ରଥମ ସେବ୍ୟ ଥିଲା ଜଣେ ଆତ୍ମହତ୍ୟା କରିବାକୁ ଯାଉଥିବା ଲୋକ, ଯାହାକୁ ସେ ଯାଇ ରାସ୍ତା ଅଧରେ ବଞ୍ଚାଇଲେ ଓ ନିଜ ପାଖକୁ ଆଣି ରଖିଲେ । ଶେଷ ଥର ସେ ଦିଲ୍ଲୀରେ ଅନୁଷ୍ଠିତ ଗାନ୍ଧୀଜୀଙ୍କ ବିଷୟରେ ଆନ୍ତର୍ଜାତୀୟ ଆଲୋଚନା ଗୋଷ୍ଠୀରେ ଯୋଗ ଦେବାକୁ ଆସିଥିଲେ । ସେତିକବେଳେ ସେ ମତେ ତାଙ୍କ କେନ୍ଦ୍ର ଦେଖିଯିବାକୁ ନିମନ୍ତ୍ରଣ କରିଥିଲେ ।

ପ୍ୟାରିସ୍‌ର ଗୋଟାଏ ମୁଣ୍ଡରେ ଶାହିଁ ଅଞ୍ଚଳରେ ତାଙ୍କ ଘରେ ପହଞ୍ଚିଲୁ । ଗୋଟାଏ ବହୁ ମହଲା ଭବନର ଛଅ ମହଲାରେ ସାନ ବସାଟିରେ ସେ ଥାନ୍ତି ।

ତାଙ୍କ ଘର ଦେଖାଶୁଣା କରୁଥିବା ଭଦ୍ରମହିଳା ଆମକୁ ନେଇ ତାଙ୍କ ପଢ଼ାଘରେ ବସେଇଲେ । ଆବେ କାଥଲିକ ସଂପ୍ରଦାୟର ପାଦ୍ରୀ । ଆଜୀବନ ବ୍ରହ୍ମଚାରୀ । ସେ ଆସିବା ପୂର୍ବରୁ ପଢ଼ା ଘରଟା ଉପରେ ଆଖି ବୁଲେଇ ନେଲି । ଘର କାନ୍ଥରେ ଥିବା ର୍‍ୟାକ୍‌ମାନଙ୍କରେ ବହୁତ ବହି ରହିଥାଏ । ଗୋଟାଏ ଟେବୁଲ୍ ଉପରେ ଫଟୋ ସରଞ୍ଜାମ, ରେକର୍ଡ଼ର, ଟେପ୍ ଆଦି ଇତସ୍ତତ ଜମା ହୋଇଥାଏ । କାନ୍ଥରେ ଖାଲି ଜାଗାମାନଙ୍କରେ ସବୁ ଫଟୋ ଟଙ୍ଗା ହୋଇଥାଏ । ଏସବୁଥିରୁ ଅଧିକାଂଶ ଦକ୍ଷିଣ ଆମେରିକାର ଗରିବ ଲୋକ ଓ ତାଙ୍କର ଭଙ୍ଗାରୁଜା କୁଡ଼ିଆମାନଙ୍କର । ଭାରତର ମଧ୍ୟ ଅଳ୍ପ କେତୋଟି ନଜରରେ ପଡ଼ିଲା । ଆବେ

ଜଣେ ଖୁବ୍ ଭଲ ଫଟୋଗ୍ରାଫର ଓ ଏ କଳାକୁ ନିଜର ସେବାକାର୍ଯ୍ୟର ସହାୟତାରେ ଭଲ ଭାବରେ କାମରେ ଲଗାଇଥାନ୍ତି ।

ବାଙ୍ଗରା ଓ ପତଳା ମଣିଷଟିଏ । ଥୋମଣିରେ ଏକ ଛୋଟିଆ ଦାଢ଼ୀ ଓ ମୁହଁରେ ପ୍ରଶସ୍ତ ହସ । ପାଦ୍ରୀମାନଙ୍କର ପରମ୍ପରାଗତ ପୋଷାକ କଳା ଆଲଖାଲ୍ଲାରେ ଭୂଷିତ । ଅବେ ଘରକୁ ପଶି ଆସି ମତେ ଆନନ୍ଦରେ ଓ ସ୍ନେହରେ ଆଲିଙ୍ଗନ କରି ସ୍ୱାଗତ ଜଣାଇଲେ ।

ତାଙ୍କର ଦୁଇଟି କେନ୍ଦ୍ର ଦେଖିଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥାଏ । ତାହା ପୂର୍ବରୁ ମୋ ଅନୁରୋଧରେ ସେ ତାଙ୍କ କାମର ରୂପରେଖ ଓ ଅନ୍ତର୍ନିହିତ ଆଦର୍ଶ ବିଷୟରେ କିଛି ଧାରଣା ଦେଲେ ।

ସମାଜର ନାନାବିଧ ସ୍ତରରେ ତଳିତଳାନ୍ତ ହୋଇଯାଇଥିବା ଲୋକଙ୍କୁ ଠିଆ କରାଇବା ଏହାଙ୍କ କାମ । ତାହାର ପ୍ରଥମ ସୋପାନ ହେଲା ସେମାନଙ୍କ ଭିତରେ ଏ ବିଶ୍ୱାସ ଜାଗ୍ରତ କରିବା ଯେ ଜୀବନ ଲକ୍ଷ୍ୟହୀନ ନୁହେଁ, ଏହାର ଏକ ଲକ୍ଷ୍ୟ ଅଛି । ମଣିଷ ଅନ୍ୟମାନଙ୍କ ବିଷୟରେ ଚିନ୍ତାକଲେ ଅନ୍ୟମାନଙ୍କର ସେବାକଲେ ହିଁ ଏଭଳି ବିଶ୍ୱାସ ଆସେ । ମଣିଷ ପୁରାପୁରି ଆତ୍ମକେନ୍ଦ୍ରିକ ହୋଇଗଲେ ତ ସେ ଅନ୍ୟମାନଙ୍କ ପାଇଁ ପରବାଏ କରେ ନାହିଁ, ବରଂ ଶେଷକୁ ନିଜ ଜୀବନର ମଧ୍ୟ କିଛି ଅର୍ଥ ନାହିଁ ବୋଲି ଅନୁଭବ କରେ ।

ଏ ସଂସ୍ଥାରେ ଆଶ୍ରୟ ପାଉଥିବା ଲୋକମାନଙ୍କୁ ପରର ଦୟା ଉପରେ ନିର୍ଭରଶୀଳ କରି ସେମାନଙ୍କର ଆତ୍ମବିଶ୍ୱାସକୁ ଆହୁରି କ୍ଷୀଣ କରିଦେବା ପରିବର୍ତ୍ତେ ତାହାକୁ ଅଧିକ ଦୃଢ଼ କରିବା ଉଦ୍ଦେଶ୍ୟରେ ଏମାନଙ୍କୁ ଜୀବିକା ଉପାର୍ଜନରେ ଆତ୍ମନିର୍ଭରଶୀଳ କରିବାର ଲକ୍ଷ୍ୟ ରଖା ଯାଇଛି । ସେଥିପାଇଁ ଏସବୁ ଆଶ୍ରମମୂଳକ ଅନୁଷ୍ଠାନମାନଙ୍କରେ ତିନୋଟି ନିୟମ ପାଳିବାକୁ ହୁଏ । ଏକରେ, ପ୍ରତ୍ୟେକେ ମେହନତ କରି ପେଟ ପୋଷିବେ । ଦୁଇରେ, ପ୍ରତ୍ୟେକେ ଅନ୍ୟମାନଙ୍କ ସହିତ ମିଳିମିଶି ସହଯୋଗରେ ଚଳିବେ ଓ ତିନରେ ଅନ୍ୟ ଦୁଃଖଗ୍ରସ୍ତ ଲୋକଙ୍କ ସେବାପାଇଁ କିଛି ନା କିଛି କରିବେ । ଏହାଛଡ଼ା ଏ ଆଶ୍ରମମାନଙ୍କରେ ଅନ୍ୟ କୌଣସି ନିୟମ ନାହିଁ ।

ଆବେ ପିୟର୍ ଧର୍ମପରାୟଣ ବ୍ୟକ୍ତି ହେଲେ ମଧ୍ୟ ତାଙ୍କର କାମ କୌଣସି ଖାସ୍ ସମ୍ପ୍ରଦାୟ ସହିତ ସଂଶ୍ଲିଷ୍ଟ ନୁହେଁ । ସେ ଓ ତାଙ୍କର ସହକର୍ମୀମାନେ ସବୁ ଧର୍ମର ମୂଳରେ ଥିବା ଶାଶ୍ୱତ ସିଦ୍ଧାନ୍ତ ସମୂହକୁ ଗୁରୁତ୍ୱ ଦେଇଥାନ୍ତି । ସମାଜର ସ୍ତରରେ ଖସିଯାଇଥିବା ଲୋକଙ୍କୁ ସଜାଡ଼ିବା ପାଇଁ ଉଦ୍ଦିଷ୍ଟ ଏ ସଂସ୍ଥାର କାମ ଚଳାଇବା ଓ ଏ ସବୁ ଲୋକମାନଙ୍କୁ ଜୀବିକା ଦେବା ପାଇଁ ଏମାନେ ଏକ ଅତି ବିଚିତ୍ର ପନ୍ଥା ଆବିଷ୍କାର କରିଛନ୍ତି, ତାହାହେଲା— ଯାବତୀୟ ଭଙ୍ଗାଚୁଡ଼ା ଜିନିଷ, ଲୁଗାପଟା ଆଦି ଅଳିଆଗଦାରୁ ସଂଗ୍ରହ କରି ସେ ସବୁକୁ ମରାମତି କରି ବିକିବା । ଏ ବିଚିତ୍ର ଉପାୟଟି ଆବେଙ୍କର ପକ୍ଷ ତଳେ ଆଶ୍ରୟ ନେଇଥିବା ଜଣେ ଲୋକ ହିଁ ସୁଝାଇଥିଲା । ତାଙ୍କର ଆଶ୍ରିତମାନଙ୍କୁ ପୋଷିବାର କି ଉପାୟ କରାଯିବ ବୋଲି ଆବେ ମୁଣ୍ଡ ଘୂରାଉଥିବାବେଳେ ସେମାନଙ୍କ ଭିତରୁ ଜଣେ କହିଲା ଯେ ଆମେ

ଅନ୍ୟମାନଙ୍କ ଦୟାର ପାତ୍ର କାହିଁକି ହେବା ? ଏଇ ପନ୍ଥାରେ ତ ଆମେ ବେଶ୍ ଚାଲିଯାଇ ପାରିବା ଓ ଆଜିବି ଏ ସୂଚନାକୁ ତୁରନ୍ତ କାମରେ ଲଗେଇଲେ । ଏବେ ତ ଏଥିରୁ ଲକ୍ଷ ଲକ୍ଷ ଟଙ୍କା ଆୟ ହେଉଛି ।

ଆମେ ଯେଉଁ ଦୁଇଟି କେନ୍ଦ୍ର ଦେଖିଲୁ ସେଥିରୁ ପୁରୁଷମାନଙ୍କର କେନ୍ଦ୍ରରେ ପଚିଶ ଜଣ ଲୋକ ଥାଆନ୍ତି । ସେମାନଙ୍କର ଗୋଟିଏ ଟ୍ରକ୍ ରହିଛି । ସେମାନେ ସେଥିରେ ଭଙ୍ଗା ଜିନିଷ-ପତ୍ର ସଂଗ୍ରହ କରି ଆଣନ୍ତି ଓ ମରାମତି ହୋଇଥିବା ଜିନିଷ ଖରିଦଦାରମାନଙ୍କ ପାଖେ ପହଞ୍ଚାଇ ଦିଅନ୍ତି । ଏହି ଗୋଟିଏ କେନ୍ଦ୍ରରେ ଗତବର୍ଷ ଆଠ ଲକ୍ଷ ଟଙ୍କା ଆୟ ହୋଇଥିଲା । ଏହିପରି ଗୋଟିଏ କେନ୍ଦ୍ର ପ୍ୟାରିସ୍‌ରେ ଅଛି ଓ ସେଥିରେ ମୋଟ ସାଢ଼େ ତିନିଶହ ଲୋକ ଥାଆନ୍ତି । ସାରା ଫ୍ରାନ୍‌ସରେ ଏପରି ଛବିଶଟି କେନ୍ଦ୍ର ଅଛି ।

ପ୍ରଥମେ ଆମେ ସ୍ତ୍ରୀଲୋକମାନଙ୍କ କେନ୍ଦ୍ର ଦେଖିଗଲୁ । ସେଠି ଷୋଳଜଣ ସ୍ତ୍ରୀଲୋକ ଥା'ନ୍ତି । ଜଣେ ମହିଳା ଦାୟିତ୍ୱରେ ଥା'ନ୍ତି । ଏକ ପ୍ରଶସ୍ତ ଦୋତାଲା ଘରେ ଏଇଟି ରହିଛି । ପାଖରେ କେତେକ ପଡ଼ା ଘରେ ଗୋଦାମ ଓ କାରଖାନା ଥାଏ । ପୁରୁଷମାନଙ୍କର କେନ୍ଦ୍ର ସଂଗ୍ରହ କରିଥିବା ପୁରୁଣା ଲୁଗାପଟା ସେମାନଙ୍କଠାରୁ କିଣିନେଇ ମହିଳାମାନେ ତାହା ଧୋଇଲେଇ ଓ ରଙ୍ଗ କରି ତଥା ମରାମତି କରି ବିକ୍ରୀପାଇଁ ଦିଅନ୍ତି । ଏଥିପାଇଁ ଏକ ଛୋଟମୋଟ କାରଖାନା ଏଠି ରହିଛି । ସେଥିରେ ଅଛି ଏକ ବିରାଟ ଲୁଗାକଚା ଯନ୍ତ୍ର, ଲୁଗା-ବିଶୋଧନ ଯନ୍ତ୍ର, ରଙ୍ଗ ଭାଟି, ସିଲେଇ କଳ ଇତ୍ୟାଦି । ଏସବୁ 'ନବୀକରଣ' ହୋଇଥିବା ଲୁଗା ପାଖ ଗୋଦାମରେ ବିକ୍ରୀ ପାଇଁ ସଜେଇ ରଖା ହୋଇଛି । କେତେକ କ୍ରେତା ମଧ୍ୟ ଯିବା ଆସିବା କରୁଥିବାର ଦେଖିଲି ।

ଯେଉଁ ପୁରୁଣା ଲୁଗାପଟାକୁ ମରାମତି କରି ନ ହେବ ସେ ସବୁକୁ ଛୋଟ ଛୋଟ ଖଣ୍ଡ କରି କାଟି ବଡ଼ା ବାନ୍ଧି କାରଖାନାମାନଙ୍କୁ ପୋଛାପୋଛି କାମ ପାଇଁ ବିକାଯାଏ । କିଛି ନଷ୍ଟ ହୁଏ ନାହିଁ ।

ଏମାନଙ୍କର ଖାଇବା, ଲୁଗାପଟା, ଚିକିତ୍ସା ଆଦି ସବୁ ଖର୍ଚ୍ଚ କେନ୍ଦ୍ର ବହନ କରେ । ଏହାଛଡ଼ା ପ୍ରତ୍ୟେକଙ୍କୁ ପ୍ରତି ମାସରେ ପନ୍ଦର ଟଙ୍କା ହାତ ଖର୍ଚ୍ଚ ଦିଆହୁଏ । ବର୍ଷେ ବା ଦୁଇ ବର୍ଷରେ ଥରେ ସମସ୍ତଙ୍କୁ କୌଣସି ଆଡ଼େ ଛୁଟିରେ ବୁଲିବାକୁ ନେଇ ଯିଆହୁଏ । ଏସବୁ ଖର୍ଚ୍ଚ ଯାଇ ଏଠା ମହିଳାମାନେ ନିଜର ପୂରା ଖର୍ଚ୍ଚ ଉଠାଇବା ଛଡ଼ା ଏ ବର୍ଷର ପେରୁ ଭୂମିକମ୍ପ ଦ୍ୱାରା ପୀଡ଼ିତ ଲୋକଙ୍କ ସାହାଯ୍ୟ ପାଇଁ ପନ୍ଦର ହଜାର ଟଙ୍କା ପଠାଇଛନ୍ତି ।

ଏହାଛଡ଼ା ପୃଥିବୀର ବିଭିନ୍ନ ଦେଶର ପଞ୍ଚଷଠିଟି ବିଭିନ୍ନ ଯୋଜନା ପାଇଁ ଏହି ସଂସ୍ଥା ତରଫରୁ ଅର୍ଥ ସାହାଯ୍ୟ ଦିଆଯାଉଛି । ଏହା ଭିତରେ ଦକ୍ଷିଣ ଭାରତର ଦୁଇଟି ଗାଁର କେଉଟମାନଙ୍କୁ ମାଛଧରାର ଆଧୁନିକ ଉପକରଣ, ମୋଟର ବୋଟ୍ ଆଦି ଯୋଗାଇ ଦିଆ-

ଯାଇଛି । ଅତି ଦଳିତ ଓ ଅସହାୟ ଲୋକ ବି ଅନ୍ୟକୁ ସାହାଯ୍ୟ କରିପାରନ୍ତି । ଏହା ବ୍ୟବହାରରେ ଦର୍ଶାଇ ଧନୀ ଅବସ୍ଥାପନ୍ନ ଲୋକଙ୍କର ବିବେକକୁ ଜାଗ୍ରତ କରିବା ଏହି ଆନ୍ଦୋଳନର ଏକ ଲକ୍ଷ୍ୟ ।

ଏହି ମହିଳା କେନ୍ଦ୍ରରେ ଆମେ ମଧ୍ୟାହ୍ନ ଭୋଜନ ସାରିଲୁ । ଖାଦ୍ୟ ବେଶ୍ ସରଳ । ଏସବୁ କେନ୍ଦ୍ରରେ ମଦ ନଥିଏ । ଭୋଜନ ପରେ ଏଠା ଅନ୍ତେବାସିନୀମାନଙ୍କର ଏକ ସଭା ହେଲା । ସେଥିରେ ଆବେ ମାନବ-ସେବା ବିଷୟରେ କିଛି କହି ବିନୋବାଙ୍କ କଥା ଉଲ୍ଲେଖ କଲେ । ପରେ ମୁଁ ଗ୍ରାମଦାନ ବିଷୟରେ କିଛି କହିଲି । ମଃ ବାଁହିମଁ ଫରାସୀରେ ଅନୁବାଦ କଲେ । ପରେ ମୁଁ ଆବେଙ୍କୁ ବିନୋବାଜୀଙ୍କ ପାଇଁ ଏକ ସନ୍ଦେଶ ଟେପ୍‌ରେକର୍ଡ଼ରେ ଦେବାକୁ କହିବାରୁ ସେ ପ୍ରସ୍ତାବ ଦେଲେ । ଏଠା ଭଉଣୀମାନେ ଭାରତର ମହିଳାମାନଙ୍କୁ ପଦେ ପଦେ କୁହନ୍ତୁ । ପ୍ରତ୍ୟେକେ ଭାରତର ମହିଳାମାନଙ୍କୁ ଶୁଭେଚ୍ଛା ଜଣାଇ ପଦେ ପଦେ କହିଲେ । ଜଣେ କହିଲେ—"ଆମେ ଏକାଠି କାମ କରୁଥିବା ଏକ ମହିଳା ସମାଜ । ଆମର ଲକ୍ଷ୍ୟ ହେଲା ଯେପରି ସ୍ତ୍ରୀଲୋକମାନେ ଆଉ ଦୁଃଖକଷ୍ଟ ନ ଭୋଗିବେ । ବିନୋବା, ଆପଣଙ୍କୁ ଧନ୍ୟବାଦ ।" ଆଉ ଜଣେ ଝିଅ ହସି ହସି କହିଲା—"ଆମେ ଏକ ଛିଣ୍ଡାନେକଡ଼ା ଗୋଠାଳୀଙ୍କ ସମାଜ ।"

ଏହି ସବୁ କେନ୍ଦ୍ରରେ ମୋଟ ବାରଶହରୁ ଅଧିକ ଲୋକ ରହିଲେଣି ଓ ଗଲେଣି । ଏଠି ସେମାନଙ୍କୁ ସ୍ଥାୟୀ ଭାବରେ ରଖିବା ତ ଉଦ୍ଦେଶ୍ୟ ନୁହେଁ । ଉଦ୍ଦେଶ୍ୟ ହେଲା ଲୋକଙ୍କୁ ସକ୍ଷମ ଓ ସ୍ୱାବଲମ୍ବୀ କରି ସମାଜରେ ସାଧାରଣ ଜୀବନ ଯାପନ ପାଇଁ ଛାଡ଼ିଦେବା । ଏଠି ଆସିବା ଯିବା ଉପରେ ଖାସ କଟକଣା ନାହିଁ । ଯେ ଚାହିଁବ ଚାଲି ଯାଇପାରେ । ଲୋକେ ଏପରି ଚାଲିଯାଆନ୍ତି ଓ ପୁଣି ଫେରି ବି ଆସନ୍ତି ।

ଗରିବ ଲୋକଙ୍କୁ ସସ୍ତାରେ ଘର ଯୋଗାଇବା ମଧ୍ୟ ଏ ସଙ୍ଗଠନର ଆଉ ଏକ ଲକ୍ଷ୍ୟ । ପ୍ୟାରିସ ଆଖପାଖରେ ଏହାର ଅନେକଗୁଡ଼ିଏ ବହୁ ତାଲା କୋଠା ରହିଛି । ସେଥିରେ ପ୍ରାୟ ଛଅ ହଜାର ଫ୍ଲାଟ୍ ଅଛି । ତ୍ରେଭସ୍ ଓ ଅନ୍ୟ ଏକ ଅଞ୍ଚଳରେ ପ୍ରାୟ ତିନି ଶହ ନୂଆ ଘର ତିଆରି କରି ଗରିବ ପରିବାରମାନଙ୍କୁ ବିକି ଦିଆଯାଇଛି । ସେମାନେ ଏହାର ଦାମ ସହଜ କିସ୍ତିରେ ସୁଝୁଛନ୍ତି ।

ବିନୋବା ଓ ଭାରତର ଅନ୍ୟ ବନ୍ଧୁମାନଙ୍କ ପ୍ରତି ଏକ ସନ୍ଦେଶରେ ଆବେ ତାଙ୍କର କାମ ପଛରେ ଥିବା ସାମାଜିକ ଦର୍ଶନ ବ୍ୟାଖ୍ୟା କରିଥିଲେ । ସେ କହିଲେ, "ମୋର ଏକମାତ୍ର ଆକାଂକ୍ଷା ହେଲା ସମାଜର ସବୁଠାରୁ ସାନ ଗୋଷ୍ଠୀ ପରିବାରଠାରୁ ଆରମ୍ଭ କରି ଅନ୍ୟ ସବୁ ଗୋଷ୍ଠୀ, ଗାଁ, ସହର, ଦେଶ ତଥା ଆନ୍ତର୍ଜାତୀୟ ସମ୍ପର୍କରେ ମଧ୍ୟ, ସମାଜର ପ୍ରତ୍ୟେକ ସ୍ତରରେ ଶାନ୍ତି ଆଣିଦେବାରେ ସାହାଯ୍ୟ କରିବା । ପରିବାରର ପ୍ରଧାନ ଉଦ୍ଦେଶ୍ୟ ତ ହେଲା ସେଥିରେ ଥିବା ସବୁଠୁଁ ସାନ ବ୍ୟକ୍ତିର ସେବା କରିବା । ତିମାତ୍ର ଅନ୍ୟ ସଙ୍ଗେ ସବୁଠାରୁ

ବଳବାନ ଲୋକଙ୍କୁ ହିଁ ପ୍ରଥମେ ସେବା କରାଯାଇଥାଏ । ଫଳରେ ଈର୍ଷା ଓ ତା' ପଛକୁ ଖୁବ୍ ଶୀଘ୍ର ଦ୍ୱେଷ ଉତ୍ପନ୍ନ ହୁଏ ।

"ଯେଉଁଠି ସବୁଠାରୁ ସାନ ବା ଦୁର୍ବଳର ସେବା ପ୍ରଥମେ କରାହୁଏ ସେଠି ଶାନ୍ତି ଥାଏ, କାରଣ କେହି ଦୁର୍ବଳ ହେବାର ଆକାଂକ୍ଷା ରଖେ ନାହିଁ । ଏଭଳି ସମାଜରେ କେହି ପ୍ରଥମେ ସେବା ପାଇବା ପାଇଁ କଳି କରେ ନାହିଁ, କାରଣ ସେଥିପାଇଁ ତ ନିଜକୁ କ୍ଷୁଦ୍ରତମ ହେବାକୁ ହେବ । ଏହାର ବିପରୀତ ଯେଉଁଠି ବଡ଼ ବଡ଼ ଲୋକେ ପ୍ରଥମେ ସେବା ପାଇବାକୁ ଚାହାନ୍ତି, ସେଠି ଅନ୍ୟ ସମସ୍ତେ ବି ସେଇଆ ଚାହାନ୍ତି । ହୁଏତ ଏହି ବିଚାର ଆପଣଙ୍କର ଦେଶର ଇତିହାସର ଯୁଗସନ୍ଧିରେ ତାହାପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇପାରେ ।

"ସମସ୍ତ ଯୁବକ ଯୁବତୀ, ସମସ୍ତ ଛାତ୍ରଛାତ୍ରୀ, ଯେଉଁମାନଙ୍କର ଖୁବ୍ ଧୀଶକ୍ତି ଅଛି ଓ ଯେଉଁମାନେ ବୈଜ୍ଞାନିକ ଜ୍ଞାନ ଲାଭ କରିଛନ୍ତି ସେ ସମସ୍ତଙ୍କ ପାଇଁ ମୁଁ ପ୍ରାର୍ଥନା କରୁଛି । ମୋର ପ୍ରାର୍ଥନା ଯେ ନିଜର ମାନବବନ୍ଧୁମାନଙ୍କର ସେବା ଅଧିକ ଭଲ ଭାବରେ କରିବା ହିଁ ସେମାନଙ୍କର ଆକାଂକ୍ଷା ହେଉ, ନିଜେ ଧନୀ ହେବା ନୁହେଁ । ଏବଂ ଆପଣଙ୍କର ଦେଶ ଯେତିକି ଅଗ୍ରଗତି କରି ଚାଲିବ, ଖାଦ୍ୟ ଅଭାବ ଲୋପ କରିପାରିବ, ସମସ୍ତଙ୍କ ପାଇଁ କାମ ଯୋଗାଇ ପାରିବ, ଘର ଓ ବିଦ୍ୟାଳୟ ଯୋଗାଇ ପାରିବ, ସବୁ ରୋଗୀଙ୍କର ଓ ସମସ୍ତ ଲୋକଙ୍କର ଯତ୍ନ ନେଇପାରିବ ଓ କ୍ରମେ ଯେତେବେଳେ ଆପଣଙ୍କର ଦେଶ ଅଧିକ ବଳବାନ ହେବ ସେତେବେଳେ ଏସିଆ ଉପରେ କର୍ତ୍ତୃତ୍ୱ କରିବାର ଆକାଂକ୍ଷା ପୋଷଣ କରିବ ନାହିଁ ବରଂ ସେବାର, ବିଶେଷ କରି କ୍ଷୁଦ୍ରତମର ସେବାର, ଶିକ୍ଷା ସାରା ଏସିଆକୁ ଦେବାର ଆକାଂକ୍ଷା ପୋଷଣ କରିବ ବୋଲି ମୁଁ ପ୍ରାର୍ଥନା କରୁଛି ।

"ଏହା କେବଳ ଏକ ରାଜନୀତିକ ଓ ସାମାଜିକ ଦୃଷ୍ଟିଭଙ୍ଗୀ ନୁହେଁ, ମାତ୍ର ମାନସିକ ଓ ଆଧ୍ୟାତ୍ମିକ ଶାନ୍ତି ପାଇବାର ପନ୍ଥା ମଧ୍ୟ । କାରଣ ଏହା ପ୍ରେମରୂପୀ ଭଗବାନଙ୍କୁ ପାଇବାର ବାଟ । ଈଶ୍ୱର ମଣିଷକୁ ସ୍ୱାଧୀନତା ଦେଇଛନ୍ତି, କିନ୍ତୁ ଆମେ ତାହାର ଅସଦ୍ ବ୍ୟବହାର କରୁଛୁ । ଆମେ ଏ ସ୍ୱାଧୀନତାକୁ ନିଜପାଇଁ ବିଶେଷ ସୁବିଧା ହାସଲ କରିବା ପାଇଁ ବ୍ୟବହାର କରୁଁ, ସେବା ପାଇଁ ନୁହେଁ । ଆଜି ସାରା ଦୁନିଆ ଦୁଃଖରେ ପୂରି ରହିଛି ଓ ଏହା ଫଳରେ ବହୁତ ଲୋକ ଏ କଥା ବିଶ୍ୱାସ କରିବାକୁ ନାରାଜ ଯେ ଭଗବାନ ହିଁ ପ୍ରେମ ।

"ଏଥିପାଇଁ ଏହା ଜରୁରୀ ଯେ କ୍ଷୁଦ୍ରତମର ସେବା ପ୍ରଥମେ କରାଯିବ । କାରଣ ଲୋକେ ଯେତେବେଳେ ଦୁଃଖକଷ୍ଟରୁ ମୁକ୍ତ ହେବେ ସେତେବେଳେ ଯାଇ ଭଗବାନ ପ୍ରେମମୟ ବୋଲି ବିଶ୍ୱାସ କରିବେ ।

"ଲୋକେ ଦାରିଦ୍ର୍ୟରୁ ମୁକ୍ତ ହୋଇଗଲା ପରେ ନୂଆ ନୂଆ ସମସ୍ୟା ଉପୁଜେ । ଯେ ପର୍ଯ୍ୟନ୍ତ ଦୁଃଖକଷ୍ଟ ଥାଏ ସେ ପର୍ଯ୍ୟନ୍ତ ନିଜେ ବଞ୍ଚି ରହିବାରେ ସଂଗ୍ରାମରେ ହିଁ ଲୋକେ ମଗ୍ନ ଥାନ୍ତି । ନିଜ ଜୀବନରେ କିଛିଟା ସୁରକ୍ଷା ମିଳିଲେ ଯାଇ ଆମେ ଅନ୍ୟର ଦୁର୍ଭାଗ୍ୟ ଅନୁଭବ

କରିପାରୁଁ । ସୁଖୀ ଲୋକଙ୍କର ଦୁର୍ଭାଗ୍ୟ ହେଉଛି ଯେ ସେମାନେ କାହିଁକି ଓ କେଉଁଥିପାଇଁ ବଞ୍ଚିଛନ୍ତି ତାହା ଜାଣନ୍ତି ନାହିଁ । ଯେଉଁମାନେ ଏ କଥାରେ ବିଶ୍ୱାସ କରନ୍ତି ଯେ ଈଶ୍ୱର ପ୍ରେମମୟ, ସେମାନଙ୍କର କର୍ତ୍ତବ୍ୟ ହେଲା ଲୋକଙ୍କୁ ଏ କଥା ଦେଖାଇବା ଯେ ଜୀବନ ଏକ ବିଦ୍ୟାଳୟ । ଆମେ ଧନୀ ହେଉ ବା ନିଃସ୍ୱ, ଆମ ସମସ୍ତଙ୍କ ପାଇଁ ଜୀବନ ଏକ ବିଦ୍ୟାଳୟ ଯେଉଁଥିରେ ଆମକୁ ପ୍ରେମ କରିବା ଶିଖିବାକୁ ହେବ । ଏହା ଫଳରେ ଆମେ ମୃତ୍ୟୁ ପୂର୍ବରୁ ମଧ୍ୟ ଈଶ୍ୱରଙ୍କର ସାନ୍ନିଧ୍ୟ ଲାଭ କରି ପାରିବୁ । ଯେଉଁମାନେ ପ୍ରେମ କରିପାରନ୍ତି ସେଇମାନେ ହିଁ ଈଶ୍ୱରଙ୍କର ସାନ୍ନିଧ୍ୟ ମଧ୍ୟ ଲାଭ କରନ୍ତି ।

"ମୁଁ ଜାଣେ ଯେ ଏହି କଥାରେ ଆପଣମାନେ ଓ ଆମେ ସମାନ ଭାବରେ ବିଶ୍ୱାସ କରୁଁ । ବିନୋବା, ଆପଣଙ୍କର ସମଗ୍ର ଜୀବନରୁ ଆମକୁ ଯେଉଁ ପ୍ରେରଣା ଓ ସାହାଯ୍ୟ ମିଳୁଛି ସେଥିପାଇଁ ମୁଁ କୃତଜ୍ଞତା ଜଣାଉଛି । ଆପଣ ଆମ ପାଇଁ ପ୍ରାର୍ଥନା କରନ୍ତୁ, ଆମେ ଯେଉଁମାନେ କି ଅତି କ୍ଷୁଦ୍ର, ଅଥଚ ଯେଉଁମାନଙ୍କ ହୃଦୟରେ ଆଶା ରହିଛି, ଈଶ୍ୱରଙ୍କର ସାହାଯ୍ୟ ପାଇବାର ଆଶା ।"

★ ★

# ଅଠେଇଶ

## ପ୍ୟାରିସ୍‌ର ଆଉ ଧରୁ କଥା ଓ ଷ୍ଟୁଟଗାର୍ଟ

ପ୍ୟାରିସ୍‌ରେ ଆଉ ଏକ ଆନ୍ଦୋଳନ ସହିତ ମଧ୍ୟ ପରିଚୟ ହେଲା । କୃଷକମାନଙ୍କୁ ପରସ୍ପର ସାହାଯ୍ୟ ସହଯୋଗ ଓ ଆତ୍ମପ୍ରତ୍ୟୟ ଭିତ୍ତିରେ ସଂଗଠିତ କରିବା ଏହାର ଉଦ୍ଦେଶ୍ୟ । ସମୟ ଅଭାବରୁ ମଫସଲକୁ ଯାଇ ଏହାର କାମ ଦେଖିବା ସମ୍ଭବ ହେଲା ନାହିଁ । ପ୍ୟାରିସ୍‌ରେ ଏହାର ପ୍ରଧାନ ଦପ୍ତରରେ ଏହାର ମୁଖ୍ୟ ସମ୍ପାଦକଙ୍କ ସହିତ ଏହା ବିଷୟରେ ଦୀର୍ଘ ଆଲୋଚନା ହେଲା ।

ମୁଖ୍ୟତଃ ଉତ୍ପାଦନ କାମରେ ପରସ୍ପର ସହଯୋଗ ପାଇଁ ଏହାର ଆରମ୍ଭ । ଏଥିପୂର୍ବରୁ କୃଷକମାନଙ୍କର ସମବାୟ ସମିତି ସବୁ ଥିଲା; କିନ୍ତୁ ସେ ସବୁ ଥିଲା କେବଳ କୃଷିଜାତ ଦ୍ରବ୍ୟ ବିକ୍ରୀ ପାଇଁ । ୧୯୬୨ରେ ଏହି ନୂତନ ଉଦ୍ୟମ ଆରମ୍ଭ ହେଲା । ଏ ଅନୁସାରେ କୃଷକ-ମାନଙ୍କର ଯେଉଁ ସଂଘ ଗଢ଼ାଯାଏ ତାହା ସମବାୟ ଆଇନ୍ ବା ଲିମିଟେଡ୍ କୋମ୍ପାନୀ ଭାବରେ ରେଜେଷ୍ଟ୍ରୀ ନ ହୋଇ ସୋସାଇଟି ଆଇନ୍ ଅନୁସାରେ ହୋଇଥାଏ । ପୂର୍ବ ଆଇନ୍‌ରେ କେତେକ ଅସୁବିଧା ଥିଲା, ଏବେ ଏଥିପାଇଁ ଖାସ୍ ଆଇନ୍ ଗଢ଼ାଯାଇଛି । ଲକ୍ଷ୍ୟ କରିବାର କଥା ଯେ ଆମର ଦେଶରେ ଖଦିଗ୍ରାମୋଦ୍ୟୋଗ ତଥା ଗ୍ରାମୋନ୍ନୟନ କାମ କରିବା ପାଇଁ ଯେଉଁ ସବୁ ଅନୁଷ୍ଠାନ ଗଢ଼ାଯାଇଛି, ଯଥା—ଗ୍ରାମଦାନ ସଂଘ, ସେ ସବୁ ମଧ୍ୟ ସୋସାଇଟି ରେଜେଷ୍ଟ୍ରୀ ଆଇନ୍ ଅନୁସାରେ ରେଜେଷ୍ଟ୍ରୀ କରିବା ସୁବିଧାଜନକ ହେଉଛି ।

ଏଭଳି ସଂଘ ଫ୍ରାନ୍ସରେ ଦୁଇରୁ ଅଢ଼େଇ ହଜାର ଭିତରେ ଅଛି । ଏଥିରେ କୌଣସିଟିରେ ସଭ୍ୟ ସଂଖ୍ୟା ଦଶରୁ ଅଧିକ ନୁହେଁ । ଅର୍ଥାତ୍ ମୋଟରେ କୋଡ଼ିଏ ବାଇଶ ହଜାର କୃଷକ ଏ ସବୁ ସଂଘର ସଦସ୍ୟ । ଫ୍ରାନ୍ସରେ ମାତ୍ର ଶତକଡ଼ା ସତର ଜଣ କୃଷି କାମ କରନ୍ତି । ତା'ର ଅର୍ଥ ସେଠି ପ୍ରାୟ ପନ୍ଦର ଲକ୍ଷ କୃଷକ ଅଛନ୍ତି ।

"ସଂଘର ସଦସ୍ୟ ସଂଖ୍ୟା କାହିଁକି ଦଶରୁ ବେଶୀ ହେବ ନାହିଁ ?" ମୁଁ ପଚାରିଲି ।

ଉଦାହରଣ ଦେଖାଇଲେ ଯେ ଦଶଜଣରୁ ଅଧିକ ସଦସ୍ୟ ହେଲେ ସେଥିରୁ କେତେକ ଉଦାସୀନ ରହିବେ ଓ ଅନ୍ୟ ଅଳ୍ପ କେତେଜଣ ସଂଘ ଉପରେ କର୍ତ୍ତୃତ୍ୱ ଜାହିର କରିବେ । ସେଥିପାଇଁ ଏ କଟକଣା । ଯଦି ଗୋଟିଏ ଗୋଷ୍ଠୀରେ ମାତ୍ର ଦୁଇ ତିନି ଜଣ ସଦସ୍ୟ ରହନ୍ତି ତେବେ ତାହା ଭଲ ଚାଲେ ନାହିଁ ବୋଲି ଅଭିଜ୍ଞତାରୁ ଦେଖାଯାଇଛି । ଚାରି ରୁ ଆଠଜଣ ସଦସ୍ୟ ଥିଲେ ସବୁଠାରୁ ଭଲ କାମ ହୁଏ ବୋଲି ଦେଖାଯାଇଛି ବୋଲି ସେ ଜଣାଇଲେ । ଗୋଷ୍ଠୀମାନଙ୍କରେ ଶହେରୁ ଆରମ୍ଭ କରି ହଜାରେ ଏକର ଯାଏ ଜମି ରହିଛି । ହାରାହାରି ଅଢ଼େଇ ଶହ ଏକର ବୋଲି କୁହାଯାଇପାରେ । ଏ ସବୁ ସଂଘର ସଦସ୍ୟମାନେ ଆଧୁନିକ ଯନ୍ତ୍ରପାତି ଓ କୃଷିପଦ୍ଧତି ଅନୁସରଣ କରି ଉତ୍ପାଦନ ବଢ଼ାଇଥାନ୍ତି । ଏ ସବୁ ଯନ୍ତ୍ରପାତି ସଂଘର ମାର୍ଫତରେ କିଣି ଥାଏ । ବାସ୍ତବରେ ଏ ଆନ୍ଦୋଳନ ୧୯୬୨ରେ ବିଧିବଦ୍ଧ ଭାବରେ ସଂଗଠିତ ହେଲେ ମଧ୍ୟ କେତେ ବର୍ଷ ଆଗରୁ ଏହାର ସୂତ୍ରପାତ ହୋଇଥିଲା । ଦ୍ୱିତୀୟ ମହାଯୁଦ୍ଧ ପରେ ପରେ କେତେକ ଯୁବକ-କୃଷକ ଅନୁଭବ କଲେ ଯେ ପରସ୍ପର ସହଯୋଗ ବିନା ଆଧୁନିକ ଯନ୍ତ୍ରପାତିର ସାହାଯ୍ୟ ନେଇ ଜମିର ଉନ୍ନତି କରିବା ଅସମ୍ଭବ, ଏପରିକି ତିଷ୍ଠି ରହିବା ମଧ୍ୟ ଅସମ୍ଭବ ହେବ । ତେଣୁ ସେମାନେ ଏ ଉଦ୍ୟମ ଆରମ୍ଭ କଲେ ଓ ତାହା କ୍ରମେ ବ୍ୟାପକ ରୂପ ଧରିଲା ।

ଏସବୁ ସଂଘ ଉତ୍ପନ୍ନ ଦ୍ରବ୍ୟର ବିକ୍ରୀ ଅନ୍ୟ ସମବାୟ ସମିତି ଜରିଆରେ କରିଥାନ୍ତି । କେତେକ କ୍ଷେତ୍ରରେ ନିଜେ ବି କରନ୍ତି । କୃଷିଜାତ ଦ୍ରବ୍ୟର ଉତ୍ପାଦନ ଓ ବିକ୍ରୀ ଛଡ଼ା ଏ ସଂଘ ପକ୍ଷରୁ କେତେକ ହୋଟେଲ, ପାନ୍ଥନିବାସ ଓ ଦୋକାନ ମଧ୍ୟ ଚଳାଯାଏ ।

ଏ ତ ଗଲା ପ୍ରାଥମିକ ସଂଘର କଥା । ବାକି ପ୍ରଦେଶ ଓ ରାଷ୍ଟ୍ରର ସ୍ତରରେ ସଂଗଠନ କିପରି ଗଢ଼ା ହୋଇଛି ବୋଲି ମୁଁ ପଚାରିବାରୁ ସଂପାଦକ କହିଲେ ଯେ ପ୍ରତି ପ୍ରଦେଶରୁ ଜଣେ ହିସାବରେ କୋଡ଼ିଏ ଜଣ ସଦସ୍ୟ ନେଇ ରାଷ୍ଟ୍ର ସ୍ତରର ମହାସଂଘ ଗଢ଼ା ହୋଇଛି । ( ଏଠି ମନେ ରଖିବାକୁ ହେବ ଯେ ଫ୍ରାନ୍ସର ଗୋଟିଏ ଗୋଟିଏ ପ୍ରଦେଶ ଆମର ଗୋଟିଏ ଗୋଟିଏ ଜିଲ୍ଲା ସହିତ ସମାନ । ) ଏହାର ସାତଜଣିଆ କାର୍ଯ୍ୟକାରୀ ସମିତି ମଧ୍ୟ ଅଛି । ପ୍ରାଦେଶିକ ସ୍ତରରେ ମଧ୍ୟ ଏମାନଙ୍କର ସଂଗଠନ ଅଛି । ତେବେ ସବୁ ପ୍ରଦେଶରେ ଭଲ ଭାବରେ ନୁହେଁ ।

ଏ ସମିତି ହାତରେ ତିନିଜଣ କୃଷି ବିଶେଷଜ୍ଞ ଓ ଇଂଜିନିୟର ଅଛନ୍ତି । କୌଣସି ସଂଘର କୌଣସି ପ୍ରକାର ସମସ୍ୟା ଉପୁଜିଲେ ଏମାନଙ୍କ ଭିତରୁ କେହି ଯାଇ ସାହାଯ୍ୟ କରନ୍ତି । ଏମାନଙ୍କ ଛଡ଼ା ଅନ୍ୟ ବାହାରର ବିଶେଷଜ୍ଞମାନଙ୍କର ସାହାଯ୍ୟ ମଧ୍ୟ ନିଆଯାଏ । ବିଶେଷଜ୍ଞଙ୍କର ପରାମର୍ଶ ପାଇଁ ଫୀସ ନିଆଯାଏ । ପ୍ରଥମ ଓ ଦ୍ୱିତୀୟ ଦିନର ପ୍ରତ୍ୟେକ ଦିନପାଇଁ ଚାରିଶହ ଫ୍ରାଁ ବା ସାଢ଼େ ପାଞ୍ଚଶହ ଟଙ୍କା । ଦୁଇ ଦିନରୁ ଅଧିକ ହେଲେ ଦୈନିକ କମ ହାରରେ । ଏଭଳି ବିଶେଷଜ୍ଞ ପଠାଇବା ଛଡ଼ା ଚିଠିପତ୍ର ମାଧ୍ୟମରେ ମଧ୍ୟ କୃଷକମାନଙ୍କର ସମସ୍ୟା ବିଷୟରେ ସମିତି ଖବର ରଖନ୍ତି ଓ ସେ ସବୁ ସମସ୍ୟାର ସମାଧାନରେ ସାହାଯ୍ୟ କରନ୍ତି ।

ସମିତିର ଏକ ମାସିକପତ୍ର ମଧ୍ୟ ବାହାରେ, ତାହା ଜରିଆରେ ସଦସ୍ୟମାନଙ୍କ ସହିତ ସମ୍ପର୍କ ରଖା ଯାଏ । ଏହା ଛଡ଼ା ସଭା ସମିତି ଦ୍ୱାରା ମଧ୍ୟ ସମିତିର ଉଦ୍ଦେଶ୍ୟର ପ୍ରଚାର କରାଯାଏ ।

ଏହାର ସଦସ୍ୟ ଚାନ୍ଦା ଛଡ଼ା ସମିତିକୁ ସରକାରୀ ଗ୍ରାଣ୍ଟ ମଧ୍ୟ ଭଲ ରକମ ମିଳେ ।

ଏହା ସାଙ୍ଗକୁ ଆଉ ଏକ ଅଧା ସରକାରୀ ଅନୁଷ୍ଠାନ ଅଛି । ଏହାର କାମ ହେଲା ଚାଷ ନ କରୁଥିବା ଜମି ମାଲିକଙ୍କଠାରୁ ଜମି କିଣି ନେଇ ଚାଷୀଙ୍କୁ କିସ୍ତିବାରିରେ ବିକିବା । ଅବଶ୍ୟ କୌଣସି ମାଲିକର ଜମିକୁ ଯେଉଁ ଚାଷୀ ଖଜଣାରେ ଚାଷ କରୁଥିବ ତାହାର ସେ ଜମିକୁ କିଣିବାର ପ୍ରଥମ ଅଧିକାର । ସେ ନ କିଣିଲେ ସମିତି କିଣି ନେଇ ଅନ୍ୟକୁ ବିକେ । ଚାଷୀମାନେ ବ୍ୟାଙ୍କରୁ ଋଣ ନେଇ ଜମି କିଣନ୍ତି ଓ ପୁଣି ସମସ୍ତେ ମିଶି ସଂଘ ଗଢ଼ନ୍ତି ।

ଜମିର ସାମୂହିକ ମାଲିକାନା ବିଚାର ଏ ଆନ୍ଦୋଳନରେ ଅଛି କି ନାହିଁ ?' ଏ କଥା ପଚାରିବାରୁ ଉତ୍ତର ମିଳିଲା ଯେ କେତେକ ସଂଘ ଜମି କିଣି ସମୂହ ଭାବରେ ଚାଷ କରୁଛନ୍ତି, ମାତ୍ର ସମସ୍ତେ ନୁହେଁ ।     ×          ×

ଏସବୁ ଦେଖା ସାକ୍ଷାତ ଓ ସଭା ସମିତିର ଫାଙ୍କରେ ବୁଲିବୁଲି କରି ପ୍ୟାରିସ୍ ସହରର କିଛିଟା ଦେଖି ନେଲି । ଏଠି ମଧ୍ୟ ଲଣ୍ଡନ ଭଳି ମାଟି ତଳେ ରେଲରେ ଯିବା ଆସିବା ହିଁ ସୁବିଧା ଓ ସମୟ ବଞ୍ଚାଏ । ଏଠିକାର ବିଶେଷତ୍ୱ ହେଉଛି ଯେ ଏଥିରେ ଭଡ଼ା ଗୋଟିଏ ଏକ ଫ୍ରାଁ । ଦଶ ସାଁ ତ୍ରି ବା ପ୍ରାୟ ଦେଢ଼ଟଙ୍କା । ଟିକଟ କାଟି ଭିତରେ ପଶ ଓ ଯେତେ ଇଚ୍ଛା ଯେତେବାଟ ଯାଇ ବାହାର । ଦିନସାରା ତଳେ ରହିଗଲେ ବି ବାଧା ନାହିଁ ।

ପ୍ୟାରିସର ରାସ୍ତାଘାଟର ବିଶେଷତ୍ୱ ହେଲା ବିରାଟ ବିରାଟ ଚୌକ । ପ୍ରତି ଚୌକ ମଝିରେ ଗୋଟାଏ ନା ଗୋଟାଏ କିଛି ସ୍ମୃତିସ୍ତମ୍ଭ ରହିଛି । ଏଗୁଡ଼ିକ ସବୁ ଏଠାରେ ବିଭିନ୍ନ ପ୍ଲାସ୍ ( ଇଂରାଜୀ-ପ୍ଲେସ ) ନାମରେ ପରିଚିତ । ପ୍ଲାସ ଦ୍ୟଲ୍ କଁକରଦ୍, ପ୍ଲାସ ଦ୍ୟଲ ନାସିଅଁ, ପ୍ଲାସ୍ ଦ୍ୟ ଏତୋଏ୍ୟାଲ, ଇତ୍ୟାଦି । ଏହା ଭିତରେ ଶେଷୋକ୍ତ ଚୌକରେ ନେପୋଲିୟନଙ୍କ ନିର୍ମିତ ଆର୍କ ଦ୍ୟ ତ୍ରୋୟାଁଫ ବା ବିଜୟ ତୋରଣ ରହିଛି । ଏହା ଉପରେ ଚଢ଼ିଲେ ଚାରି ପାଖରେ ବିଛେଇ ହୋଇ ରହିଥିବା ସାରା ପ୍ୟାରିସ୍‌ର ସୁନ୍ଦର ଦୃଶ୍ୟ ଦେଖାଯାଏ । ଏଠୁ ପ୍ଲାସ୍ ଦ୍ୟଲ କଁକର୍ଦ୍ୟ ବା ଶାନ୍ତି ଚୌକ ଯାଏ ଲମ୍ବିଛି ସାଁଜ୍ ଏଲିସି ପ୍ୟାରିସର ପ୍ରଧାନ ରାଜପଥ, ଏଠାର ଚୌରଙ୍ଗୀ । ବିରାଟ ଓସାର ରାସ୍ତା ଓ ସେଥିରେ କେତେକ ଅଂଶ କାଚରେ ଢଳେଇ ହେଇଛି । କାଚ ରାସ୍ତା କୁଆଡ଼େ ଖୁବ୍ ଟାଣ, ସହଜରେ ଘୋର ହେବ ନାହିଁ ଓ ଗାଡ଼ି ଚଳିବାକୁ ଖୁବ୍ ଆରାମ ।

ଏଇ ସାଁଜ୍ ଏଲିସିରେ ସବୁ ବଡ଼ ବଡ଼ ଭବନ, ଅଫିସ, ସଂଗ୍ରହାଳୟ ଆଦି ରହିଛି, ନାମଜାଦା ଦୋକାନ ସବୁ ବି ଏଇଠି । ଏହି ରାସ୍ତା ଓ ସୀନ୍ ନଦୀ ମଝିରେ ବଡ଼ ବଡ଼ ଉଦ୍ୟାନ ଅଛି । ଗଛପତ୍ର ବହୁତ ।

ଆର୍କ ଦ୍ୟ ଟ୍ରୋୟାଁଫ୍ ଉପରୁ ଇଫେଲ ଟାୱାର୍ ଅଳ୍ପ ଦୂରରେ ଦେଖାଯାଉଥାଏ । ଯେ ପ୍ୟାରିସ୍‌କୁ ଆସନ୍ତି ତାଙ୍କର ଏ ଟାୱାର୍ ଉପରେ ଚଢ଼ିବା ଗୋଟାଏ ଅବଶ୍ୟ କରଣୀୟ ବିଧି । ନଦୀକୂଳରେ ଫୁଟ୍ ପାଖାପାଖି ଉଚ୍ଚ ଏଇ ମିନାରଟି ଲୁହାରେ ତିଆରି । ୧୮୯୦ ଆଡ଼କୁ ପ୍ୟାରିସ୍‌ରେ ଏକ ପ୍ରଦର୍ଶନୀ ସମୟରେ ତିଆରି ହୋଇଥିଲା । ଦେଖିବାକୁ ସେମିତି କିଛି ଭଲ ନୁହେଁ । ଏହା ଉପରେ ଆଉ ମୁଁ ଚଢ଼ିଲି ନାହିଁ ।

ପ୍ୟାରିସ୍‌ର ସବୁଠାରୁ ପ୍ରସିଦ୍ଧ ଦର୍ଶନୀୟ ସ୍ଥାନ ହେଲା ଲୁଭ୍‌ର୍ ସଂଗ୍ରହାଳୟ । ବ୍ରିଟିଶ ମ୍ୟୁଜିୟମ୍ ଭଳି ବିରାଟ, ତେବେ ଏଥିରେ ଚିତ୍ର ଓ ଭାସ୍କର୍ଯ୍ୟ ସଂଗ୍ରହ ହିଁ ପ୍ରଧାନ । ବିଶ୍ୱର ଅନେକଗୁଡ଼ିଏ ଶ୍ରେଷ୍ଠ କଳାକୃତି ଏଠାରେ ରହିଛି । ଅନେକ ଗୁଡ଼ିଏ ବିରାଟ ବିରାଟ ଭବନର ସମଷ୍ଟି ଏ ସଂଗ୍ରହାଳୟକୁ ପୂରା ଦେଖିବାକୁ ହେଲେ ହପ୍ତାଏ ଖଣ୍ଡେ ଲୋଡ଼ା । ଆମ ପାଖରେ ଥିଲା ମାତ୍ର ତିନି ଘଣ୍ଟା ସମୟ । ତାହାରି ଭିତରେ ଏହାର ପ୍ରଧାନ ଅଂଶର ପ୍ରାୟ ସବୁଭାଗରୁ ଭାଗେ ତରତର କରି ବୁଲି ଦେଖିନେଲୁ । ଗ୍ରୀସ୍‌ର ଅଜ୍ଞାତ ଭାସ୍କରଙ୍କର କୃତି 'ଭେନସ୍ ଦ ମିଲୋ', ଲିଓନାର୍ଦୋ ଦା ଭିନ୍‌ଚିଙ୍କର ଅଙ୍କିତ ଚିତ୍ର 'ମୋନା ଲିଜା', ମିଲେଙ୍କର 'ଲ ଆଁ ଜେଲସ୍' ଆଦି ଅନେକଗୁଡ଼ିଏ ଶ୍ରେଷ୍ଠ କୃତି ଦେଖିବାକୁ ସୁଯୋଗ ମିଳିଲା କାଣି ସନ୍ତୋଷ ଲଭିବାକୁ ହେଲା ।

ଏଠି ଗୋଟିଏ ବିଚିତ୍ର ଯନ୍ତ୍ର ଦେଖିବାକୁ ମିଳିଲା—ଯାନ୍ତ୍ରିକ ଗାଇଡ୍ । ବାଁସିମାଁ କହିଲେ ଯେ ହେଇ ଯେଉଁଠି ମୋନା ଲିଜା ଚିତ୍ରର ପରିଚୟ ଦେଉଥିବା ଯନ୍ତ୍ର ରହିଛି, ଗୋଟାଏ ଆଣ । ଅଧ ଫ୍ରାଁ ଦର୍ଶନୀ ଦେଇ ଗୋଟାଏ ଆଣିଲି । ରିସିଭର୍ ଲମ୍ବର ହାଲୁକା ଯନ୍ତ୍ରଟିଏ, କାନରେ ଲଗେଇ ଶୁଣିବାକୁ ହୁଏ । ଯନ୍ତ୍ରଟି ସ୍ୱୟଂ ପୂର୍ଣ୍ଣ, ତାର ଦ୍ୱାରା ଅନ୍ୟ କୌଣସି ଯନ୍ତ୍ର ସହ ସଂଯୁକ୍ତ ନୁହେଁ । ମଜା ହେଉଛି ଯେ ମୋନା ଲିଜା ଛବି ସାମନାରେ ଆସି ଛିଡ଼ାହେଲେ ତାହା କଥା କହିବାକୁ ଆରମ୍ଭ କରେ, ଦୂରକୁ ପୁଞ୍ଜିଗଲେ ବନ୍ଦ ହୋଇଯାଏ । ଫରାସୀ, ଇଂରେଜୀ ଓ ଜର୍ମାନ୍ ଭାଷାର ଅଲଗା ଅଲଗା ଯନ୍ତ୍ର ଅଛି, ଯେ ଯାହାର ଆବଶ୍ୟକତାମତେ ନେବ । ସେଥିରୁ ସେ ଛବିର ଚିତ୍ରକରଙ୍କର ଜୀବନୀ, ଛବିର ଇତିହାସ ଓ କଳାତ୍ମକ ବୈଶିଷ୍ଟ୍ୟ ଆଦି ସମ୍ବନ୍ଧରେ ବେଶ୍ ଲମ୍ବା ବକ୍ତୃତା ଶୁଣିବାକୁ ମିଳେ ।

ଏଠାର ଅନ୍ୟତମ ଶ୍ରେଷ୍ଠ ଆକର୍ଷଣ ନୋତ୍ରର୍ ଦାମ୍ ଗୀର୍ଜା । ଏଇଟି ମଧ୍ୟଯୁଗରେ ତିଆରି ଓ ପୃଥିବୀର ସୁନ୍ଦରତମ ଗୀର୍ଜା ଭିତରୁ ଅନ୍ୟତମ । ଏହାଛଡ଼ା ଆହୁରି ଅନେକ ଦର୍ଶନୀୟ ସ୍ଥାନ ଏଠି ଅଛି । ମାତ୍ର ସମୟ ଅଭାବରୁ ସେ ସବୁ ଆଉ ଦେଖା ହୋଇ ପାରିଲା ନାହିଁ ।

ଫ୍ରାନ୍ସର ପାଉରୁଟିର ପରିଚୟ ନ ଦେଇ ଏ ବର୍ଣ୍ଣନା ଶେଷ କରିବାର ନୁହେଁ । ବହୁମୁଖୀ ସମବାୟ ସମିତି ପରି ଏ ରୁଟୀର ବହୁମୁଖୀ ଉପଯୋଗ ସମ୍ଭବ । ଖାଇବା ତ ଖାଇବା, ଏହାକୁ ଧରି ବିପ୍ଳବ ବା ଆତ୍ମରକ୍ଷା କରାଯାଇ ପାରେ, ଦୁର୍ବଳ ଲୋକ ଏହାକୁ ଲଠି ରୂପେ ବ୍ୟବହାର କରି ଭରା ଦେଇ ଚାଲିପାରେ ଓ ଏହି ରୂପେ ନିଜ ନିଜର ରୁଚି ଓ

ଆବଶ୍ୟକତା ଅନୁସାରେ ଅନେକ କିଛି ଭାବରେ ଏହାର ବ୍ୟବହାର କରାଯାଇ ପାରେ । ଦେଢ଼ହାତ ଲମ୍ବ ଓ ଖୋଲପା ଏଭଳି ଟାଣ ଯେ କାହାର ମୁଣ୍ଡରେ ପାହାରେ ପିଟିଦେଲେ ମୁଣ୍ଡ ଫାଟିପାରେ କିନ୍ତୁ ରୁଟୀ ଭାଙ୍ଗିବ ନାହିଁ । କଲିକତା ପ୍ରଭୃତିରେ ସୋଡ଼ା ବୋତଲ ବିପ୍ଳବର ଆୟୁଧ ହୋଇଥାଏ । ଏଠି ଏ ରୁଟୀ ବି ସେହିପରି ବ୍ୟବହୃତ ହେଉଥିବ ।

କବି ଓମର୍ ଖୟ୍ୟାମ ଗାଇଛନ୍ତି ପାଖରେ ଖଣ୍ଡେ ରୁଟୀ ସାଙ୍ଗକୁ ସୁରାପାତ୍ର ବି ଥିବା ଚାହି । ଏ ଶେଷୋକ୍ତ ବସ୍ତୁଟି ପାଇଁ ତ ଫ୍ରାନ୍ସ ପ୍ରସିଦ୍ଧ, ତେବେ ଯେ ରସର ଆସ୍ୱାଦନରୁ ଏ ଅଭାଗା ବଞ୍ଚିତ । ତେବେ ଦେଖିଲି ଯେ ଏଠି ବଜାରରେ ପାଞ୍ଚସାତଟା ଦୋକାନ ଭିତରେ ଗୋଟାଏ ଦୋକାନ ମଦର ନିଶ୍ଚୟ ଥିବ । ସେହିପରି ଜର୍ମାନୀରେ ଦେଖିଥିଲି ସର୍ବତ୍ର ବିୟର୍‌ର ଦୋକାନ ଓ ବିଜ୍ଞାପନ । ଅନେକେ ପଚାରନ୍ତି, ୟୁରୋପରେ ନିଶାନିବାରଣ ପାଇଁ କୌଣସି ଆନ୍ଦୋଳନ ଅଛି କି ନାହିଁ ? ସେଭଳି କେତେକ ଆନ୍ଦୋଳନ ଅଛି । କେତେକ ପୂରା ମଦ୍ୟପାନ ନିଷେଧର ପ୍ରଚାର କରନ୍ତି ଓ ଅନ୍ୟ କେତେକ ପାନରେ ପରିମିତତାର । ତେବେ ଏ ସବୁ ଆନ୍ଦୋଳନ ସେମିତି କିଛି ବ୍ୟାପକ ନୁହେଁ । × ×

ଫ୍ରାନ୍ସରୁ ମୁଁ ଜୁରିଚ୍ ଯିବା ବାଟରେ ଦିନକ ପାଇଁ ପୁଣି ପଶ୍ଚିମ ଜର୍ମାନୀକୁ ଗଲି, ଷ୍ଟୁଟ୍‌ଗାର୍ଟ ସହରକୁ । ଉଡ଼ାଜାହାଜ ଧର୍ମଘଟ ଯୋଗୁଁ ସେଦିନ ବହୁତ ଡେରିରେ ଯାଇ ସେଠି ପହଞ୍ଚିଲି ଓ ସେ ସୁନ୍ଦର ସହରଟି ଦେଖିବା ପାଇଁ ଆଉ ସମୟ ରହିଲା ନାହିଁ । ତେବେ ସେଦିନ ସନ୍ଧ୍ୟାରେ ଏଠାର ସର୍ବୋଦୟ ମିତ୍ର ମଣ୍ଡଳୀର ବୈଠକରେ ଯୋଗ ଦେଇ ପାରିଲି ।

ଏଠୁ ବହୁବର୍ଷ ହେଲା ଏ ମିତ୍ରମଣ୍ଡଳୀଟି ଚାଲିଛି । ଏହାର ଗଠନର ପ୍ରଧାନ ଶ୍ରେୟ ଅଧ୍ୟାପକ ଡଃ ଅନନ୍ତରାମନ୍‌ଙ୍କର । ଏଠିକାର ଗୋଟିଏ ଝିଅ ହେମା ବାରବର୍ଷ ତଳେ ଭୂଦାନ ଆନ୍ଦୋଳନଦ୍ୱାରା ଆକୃଷ୍ଟ ହୋଇ ଭାରତରେ ପହଞ୍ଚିଥିଲେ ଓ ଅନେକ ଦିନ କାମ ମଧ୍ୟ କରିଥିଲେ । ଡଃ ଅନନ୍ତରାମନ୍ ମଧ୍ୟ ସର୍ବୋଦୟ ପ୍ରେମୀ । ଏ ଉଭୟଙ୍କର ପରିଚୟ କ୍ରମେ ପ୍ରଣୟରେ ପରିଣତ ହେଲା ଓ ଦୁହିଁଙ୍କର ବିବାହ ହେଲା । ଅନନ୍ତରାମନ୍ ଜର୍ମାନରେ ମେଟାଲର୍ଜି ବିଜ୍ଞାନ ପଢ଼ିଥିଲେ ଓ ପତ୍ନୀଙ୍କ ସୂତ୍ରରେ ଷ୍ଟୁଟ୍‌ଗାର୍ଟ ସହିତ ସମ୍ପର୍କ ଘନିଷ୍ଠ ହେଲା ଓ କ୍ରମେ ସେଠି ଏ ସର୍ବୋଦୟ ମଣ୍ଡଳୀ ଗଢ଼ି ଉଠିଲା ।

ଏଥିରେ ଚାଳିଶ ଜଣ ସକ୍ରିୟ ସଦସ୍ୟ ଅଛନ୍ତି । ଏମାନେ ଏଠାର ଗଣ୍ୟମାନ୍ୟ ଲୋକ, ଅଧ୍ୟାପକ, ବ୍ୟବସାୟୀ, ଶିଳ୍ପୀ, ଇଂଜିନିୟର ଇତ୍ୟାଦି । ଏମାନେ ନିୟମିତ ମିଳିତ ହୁଅନ୍ତି ଓ ସର୍ବୋଦୟ ବିଷୟରେ ପଢ଼ାଶୁଣା ଓ ଆଲୋଚନା କରନ୍ତି । ମହାରାଷ୍ଟ୍ରର ଧୁଳିଆ ଜିଲାରେ ଗ୍ରାମଦାନ ଅଞ୍ଚଳରେ ଚାଲିଥିବା ନିର୍ମାଣ କାମ ପାଇଁ ଗତ କେତେବର୍ଷ ହେଲା ଏ ମୈତ୍ରୀ ମଣ୍ଡଳୀ ଅର୍ଥ ସାହାଯ୍ୟ କରି ଆସୁଛନ୍ତି । ଭାରତର ସର୍ବୋଦୟ ଆନ୍ଦୋଳନ ବିଷୟରେ ଏମାନେ ବେଶ୍ ଓୟାକିବହାଲ । ମତେ ସେ ବିଷୟରେ ତନ୍ନ ତନ୍ନ କରି ସବୁ ଖବର ପଚାରିଲେ ।

ଏ ଗୋଷ୍ଠିର ପ୍ରଧାନ ଆଡ୍ଡା ହେଲା ମାଦାମ୍ ଲାଭ୍ରସ୍‌ଙ୍କର ଘର । ମୋର ରହଣୀ ମଧ୍ଯ ତାଙ୍କର ଘରେ ହୋଇଥିଲା । ଭାରତରୁ ସର୍ବୋଦୟ ବାଲା ଯେ ସେଠିକି ଯାନ୍ତି ସେଇଠି ରହନ୍ତି । ଅତି ସ୍ନେହଶୀଳା ମହିଳା, ଦଣ୍ଡିକ ଭିତରେ ମତେ ତାଙ୍କର ନିଜ ଘରର ଲୋକ କରିନେଲେ ଓ ତା ପରଦିନ ସକାଳେ ସେଠୁ ବିଦା ହେଲାବେଳେ ନିଜ ଘର ଛାଡ଼ିଲା ପରି ଲାଗିଲା ।

ମିଷ୍ଟର ଲାଭ୍ରସ୍ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ । ମାଦାମ୍‌ଙ୍କର ଜଣେ ଭଉଣୀ ମଧ୍ଯ ତାଙ୍କ ସହିତ ରହନ୍ତି । ତାଙ୍କୁ ସେ ଯେତେବେଳେ ନାଁ ଧରି ଡାକଲେ 'ତାମାରା', ସେତେବେଳେ ମୁଁ ବିସ୍ମିତ ହୋଇ ପଚାରିଲି "ଏ ତ ରୁଷ ଦେଶର ନାଁ !" ମାଦାମ୍ କହିଲେ, "ଆମେ ତ ରୁଷର ଲୋକ । ବିପ୍ଳବ ବେଳେ ଆମ ପରିବାର ସେଠୁ ପଳେଇ ଆସିଥିଲା ।" ତେବେଠୁଁ ସେମାନେ ଜର୍ମାନୀରେ ବସବାସ କରିଛନ୍ତି ଓ ମାଦାମ୍ ବିବାହ ମଧ୍ଯ ଏଇଠି କରିଛନ୍ତି ।

ଚିତ୍ରକଳା, ଭାସ୍କର୍ଯ୍ୟ ଆଦିର ଚର୍ଚ୍ଚା କରୁଥିବା ଏ ସହରର ମହିଳାମାନଙ୍କର ଏକ ସଂଘର ମଧ୍ଯ ମାଦାମ୍ ଲାଭ୍ରସ୍ ସଂପାଦିକା । ମାଦାମ୍ ଲାଭ୍ରସ୍‌ଙ୍କ ଘରଟି ବାସ୍ତବରେ ଏହି ସଂଘର ଭବନର ଉପର ମହାଲାରେ । ସେ ନିଜେ ମଧ୍ଯ ଜଣେ କଳାପ୍ରେମୀ । ତାଙ୍କର ଘରର ସାଜସଜ୍ଜାରୁ ଏହି କଳାତ୍ମକ ରୁଚି ପୂରା ପ୍ରକାଶ ପାଉଥାଏ ।

★ ★

# ଅଣତିରିଶ

## ହ୍ରଦ ପର୍ବତର ଦେଶରେ

ସ୍ୱିଜରଲ୍ୟାଣ୍ଡରେ ମୋର ରହଣୀର ଦୁଇଦିନ ପୂର୍ବରୁ ଖରାଛୁଟି ଉପଭୋଗ ହିଁ ହେଲା । ଏଠି ଶାନ୍ତିପ୍ରେମୀମାନଙ୍କର ଗୋଟିଏ ଅଧ୍ୟୟନ କେନ୍ଦ୍ର, ମାର୍ଟିନ୍ ଲୁଥର୍ କିଙ୍ଗ୍ଙ୍କ ନାମରେ ନାମିତ, ନ୍ୟୁଶାଟେଲ୍ ନିକଟରେ ଅଛି । ସେଇଠି ନିକଟରେ ଗାନ୍ଧୀଜୀଙ୍କର ପରମ ଭକ୍ତ ମାଦାମ୍ ପ୍ରୀବା ମଧ୍ୟ ରହନ୍ତି । ମାଦାମ୍ଙ୍କ ସହିତ ସାକ୍ଷାତ୍ କରିବା ଓ କେନ୍ଦ୍ର ଦେଖିବା ବାବଦରେ ଆଗରୁ ଚିଠିପତ୍ର କାରବାର ହୋଇଥିଲା, ମାତ୍ର ସେମାନଙ୍କର ଉତ୍ତର ଓ କାର୍ଯ୍ୟକ୍ରମ ବିଷୟରେ ସୂଚନା ମୋ ପାଖରେ ସମୟରେ ପହଞ୍ଚି ପାରିଲା ନାହିଁ । କଟକରେ ପଡ଼ି ରହିଲା । ମୁଁ ଭାରତ ଫେରି ତାହା ପାଇଲି । ତେଣୁ ମୁଁ କେବଳ ଜୁରିକ୍ର ଦୁଇ ଦିନର କାର୍ଯ୍ୟକ୍ରମ ରଖିଲି । ତଥାପି ମୋର ଆଶା ଥିଲା, ମାତ୍ର ସେଠୁ ବି ଫୋନ୍ରେ କାହାର ସହିତ ସମ୍ପର୍କ ହୋଇ ପାରିଲା ନାହିଁ ।

ଜୁରିକ୍ରେ ରବର୍ଟ ଏବ୍ନ୍ୟୁଥର୍ଙ୍କ ଘରେ ମୋର ରହଣୀ ହେଲା । ରବର୍ଟ ଉଚ୍ଚମନା ସେବାଭାବୀ ଯୁବକ । ସମସ୍ତ ପ୍ରକାରର ସଂକୀର୍ଣ୍ଣତାରୁ ମୁକ୍ତ । ନୂତନ ବିଶ୍ୱ-ସମାଜର ସ୍ୱପ୍ନରେ ଉଦ୍ବୁଦ୍ଧ । ଏହାଙ୍କ ବାପା ଘର ମରାମତି ଆଦି କାମ କରନ୍ତି । ଗୋଟିଏ ତିନ ବଖରିଆ ଘରେ ଥାଆନ୍ତି ।

ଆଦିବାସୀମାନଙ୍କର ଜୀବନ ଓ ସେମାନଙ୍କର ସମସ୍ୟା ବିଷୟରେ ରବର୍ଟଙ୍କର ଗଭୀର ଅନୁସନ୍ଧିତ୍ସା । ସେ ବିଷୟରେ ସେ ବହୁତ ପଢ଼ାଶୁଣା କରିଛନ୍ତି । ବହୁତ ଦେଶ ବୁଲିଛନ୍ତି । ଏବେ ସେ ଆଫ୍ରିକାର ବିଭିନ୍ନ ଦେଶ ବୁଲି ଫେରିଆନ୍ତି । ପାଞ୍ଚ ଛଅ ବର୍ଷ ତଳେ ସେ ଭାରତ ମଧ୍ୟ ଆସିଥିଲେ । ଏଠି ନବଜୀବନ ମଣ୍ଡଳ ଅଧୀନରେ ଯାଇ କୋରାପୁଟର ନିଘଞ୍ଚ ଜଙ୍ଗଲ ଭିତରେ ଗୁଡ଼ାଖି ଅଞ୍ଚଳରେ ବହୁତ ଦିନ ରହିଥିଲେ ଓ ନିଜର ମଧୁର ସ୍ୱଭାବ ଓ ସେବାଭାବ ଯୋଗୁଁ ଆଦିବାସୀମାନଙ୍କର ଖୁବ୍ ପ୍ରିୟ ହୋଇଥିଲେ । ମାତ୍ର ଦିନେ ହଠାତ୍ କୌଣସି ଦେଶରକ୍ଷକ ସରକାରୀ କର୍ମଚାରୀ ଦେଖିଲେ ଯେ ରବାର୍ଟ ଗୋଟିଏ ପାହାଡ଼ ମୁଣ୍ଡିଆ ଉପରେ

ଚଢ଼ିଛନ୍ତି । ମୁଣ୍ଡିଆ ଉପରେ ନାହିଁକି ଚଢ଼ିଛି ? ଜଣ୍ଟସ୍ ସେଠୁ ଭାରତର ସୀମାନ୍ତ ଉପରେ ନଜର ପକାଉଥିବ ! ତାଙ୍କ ବିରୋଧରେ ରିପୋର୍ଟ ହେଲା ଓ ଭାରତ ସରକାରଙ୍କ ଆଦେଶରେ ତାଙ୍କୁ ଭାରତ ଛାଡ଼ିବାକୁ ହେଲା । ଏ ମୂର୍ଖତା ଓ ଅନ୍ୟାୟପୂର୍ଣ୍ଣ ଆଦେଶ ବିରୋଧରେ ଖୋଦ୍ ଜୟପ୍ରକାଶ ନାରାୟଣ ଅନେକ ଲେଖାଲେଖି କରିବା ପରେ ଏବେ ତାଙ୍କୁ ପୁଣି ଭାରତ ଆସିବାକୁ ଅନୁମତି ମିଳିଛି ଓ ଏହା ଲେଖା ହେବାବେଳକୁ ସେ ଆସି ଭାରତରେ ପହଞ୍ଚିଛନ୍ତି ମଧ୍ୟ ।

ଅନ୍ୟ କିଛି କାମ ନ ଥିବାରୁ ଏଠାର ପାହାଡ଼ ଓ ହ୍ରଦ ସବୁ ବୁଲି ଦେଖିବା ହିଁ ସ୍ଥିର କଲୁ । ସ୍ୱିଜରଲ୍ୟାଣ୍ଡ ହ୍ରଦ ଓ ପାହାଡ଼ର ଦେଶ, ୟୁରୋପର କାଶ୍ମୀର । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର । ଏଠିକି ସାରା ୟୁରୋପ ଓ ଆମେରିକାରୁ ଅସଂଖ୍ୟ ଲୋକ ଆସନ୍ତି ଛୁଟି ବିତେଇବାକୁ । ଖରାଦିନେ ପାହାଡ଼ ଚଢ଼ନ୍ତି, ହ୍ରଦରେ ପହଁରନ୍ତି, ଡଙ୍ଗା ବାହାନ୍ତି, ବଣରେ ବୁଲନ୍ତି । ଶୀତଦିନେ ବରଫ ଉପରେ ସ୍କି ଓ ସ୍କେଟିଂ କରନ୍ତି । ୟୁରୋପର ଉଚ୍ଚତମ ପର୍ବତଶୃଙ୍ଗ ମଁ ବ୍ଲାଁ—'ଧବଳଗିରି', ଏଇଠି । ଅବଶ୍ୟ ଆମ ହିମାଳୟର ମହା ମହା ଶୃଙ୍ଗମାନଙ୍କର ଅଧା ବି ନୁହେଁ । ଏହିସବୁ ପର୍ବତ ମଝିରେ ଉପତ୍ୟକା, ହ୍ରଦ ଓ ହ୍ରଦ କୂଳେ କୂଳେ ସବୁ ସହର । ଜେନେଭା ସହର ମଧ୍ୟ ସେହି ନାମର ବିରାଟ ହ୍ରଦ କୂଳରେ । ହ୍ରଦ କୂଳରେ ମନୋରମ ଉଦ୍ୟାନ, ତାହା ଭିତରେ ରେସ୍ତୋରାଁ, ହୋଟେଲ ଆଦି । ପିଲାଙ୍କ ଖେଳିବା ଜାଗା, ହ୍ରଦରେ ବୁଲିବା ପାଇଁ ମୋଟର ବୋଟ୍, ପାଲଟଣା ଡଙ୍ଗା ଆଦିର ବ୍ୟବସ୍ଥା । ଅତି ରମଣୀୟ ସ୍ଥାନ; କିନ୍ତୁ ଆଧୁନିକ ସଭ୍ୟତା ଏ ରମଣୀୟତାକୁ ବି ବିଷାକ୍ତ କରୁଛି । ଦେଖାଗଲା ସେ ହ୍ରଦ କୂଳରେ ଅସଂଖ୍ୟ ମାଛ ଓ ଅନ୍ୟ ଜଳଜନ୍ତୁ ମରି ପଡ଼ିଛନ୍ତି । କଳକାରଖାନା ଓ ସହରର ଆବର୍ଜନାମୟ ଜଳ ଏ ହ୍ରଦରେ ପଡ଼ି ପଡ଼ି ଏହି ବିରାଟ ହ୍ରଦର ଅଗାଧ ଜଳରାଶି ମଧ୍ୟ ଏତେ ଦୂଷିତ ହୋଇଗଲାଣି ଯେ ଏଥିରେ ଆଉ ମାଛ ବଞ୍ଚି ପାରୁ ନାହାନ୍ତି । ଏ ପାଣିରେ ଗାଧୋଇବା, ପହଁରିବା ବି ଆଉ ସମ୍ଭବ ନୁହେଁ । ଏବେ ଏହାର ପ୍ରତିକାର ଓ ଶୋଧନ କିପରି ହେବ ତାହା ଏକ ସମସ୍ୟା ହୋଇଛି । × ×

ସାରା ୟୁରୋପ ଓ ଉତ୍ତର ଆମେରିକାରେ ଏ ସମସ୍ୟା ବିକରାଳ ରୂପ ନେଇ ଦେଖା ଦେଲାଣି ଓ ଏଇଟି ଏବେ ଏସବୁ ଆଡ଼େ ଅନ୍ୟତମ ଗରମାଗରମ ସମସ୍ୟା ହୋଇଛି । କାରଖାନାମାନଙ୍କରୁ ପ୍ରତି ବର୍ଷ ଲକ୍ଷ ଲକ୍ଷ ମହଣ ବିଷାକ୍ତ ବାଷ୍ପ ଓ ଧୂଳିଚୂର୍ଣ୍ଣ, ଆବର୍ଜନା ପବନରେ ମିଶୁଛି ଓ ସେହିପରି କୋଟି କୋଟି ମହଣ ନଈ, ନାଳ, ହ୍ରଦ ଓ ସମୁଦ୍ରରେ ପଡ଼ୁଛି । ଏହି ଗତିରେ ଯଦି ଏହା ଚାଲେ ତେବେ ଆଉ ପଚାଶ ବର୍ଷ ପରେ ମଣିଷ ସେଠି ସୁସ୍ଥ ଭାବରେ ବଞ୍ଚିବା କଠିନ ହୋଇଯିବ ।

ଏହା ସାଙ୍ଗକୁ ପ୍ରାକୃତିକ ସମ୍ପଦ ଧ୍ୱଂସ ଓ ସାରା ପରିବେଶ ଅତି ଅସୁନ୍ଦର, ଅରୁଚିକର ଓ କଦର୍ଯ୍ୟ ହେବା ମଧ୍ୟ ଆଉ ଏକ ବ୍ୟାଧି । ବଡ଼ ବଡ଼ ସହରମାନଙ୍କର ଦଶା

କୋଡ଼ିଏ ମାଇଲ ଦୂରରେ ଦେଖିଲି ପୁରୁଣା ମଟରଗାଡ଼ି ସବୁ କୁଢ଼ ହୋଇ ରହିଛି, ଯେମିତି ଆମ ଗାଁମୁଣ୍ଡରେ ବାଇଗଣଡାଣ୍ଠି ସବୁ କୁଢ଼ ହୋଇଥାଏ । ଅଧିକ ଲାଭ କରିବା ଦୃଷ୍ଟିରୁ ଉତ୍ପାଦନ ବଢ଼ାଇ ଚାଲିବା ହେଲା ପୁଂଜିବାଦର ପ୍ରକୃତି । ପୂର୍ବକାଳରେ ଲୋକେ ଯେତେବେଳେ ଅତି ଅଭାବ ଭିତରେ ରହୁଥିଲେ ସେତେବେଳେ ଲୋକେ ଅପାର ପ୍ରାଚୁର୍ଯ୍ୟର ସ୍ୱପ୍ନ ଦେଖୁଥିଲେ ଓ ମହାପୁରୁଷମାନେ କହୁଥିଲେ ଯେ ମଣିଷର ଭୋଗତୃଷ୍ଣା ଅସୀମ । ମାତ୍ର ଏବେ ପ୍ରାଚୁର୍ଯ୍ୟର ସମାଜରେ ଦେଖାଯାଉଛି ଯେ ମଣିଷର ଭୋଗତୃଷ୍ଣାର ବେଶ ନିର୍ଦ୍ଦିଷ୍ଟ ସୀମା ଅଛି । ସେଥିପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରି ଖବରକାଗଜ, ରେଡ଼ିଓ, ଟେଲିଭିଜନ ଆଦି ପ୍ରଚାର ସାଧନ ମାଧ୍ୟମରେ ଲୋକଙ୍କୁ ନୂଆ ନୂଆ ଜିନିଷ ବ୍ୟବହାର କରିବା ପାଇଁ, କିଣିବା ପାଇଁ ପ୍ରବର୍ତ୍ତାଇବାକୁ ପଡ଼ୁଛି । ଅନ୍ୟ ସମସ୍ତେ କିଣିଲେଣି, ତେମେ ନ କିଣିଲେ ତମର ମାନ ତଳେ ପଡ଼ିଯିବ ବୋଲି ପ୍ରଚାର ହେଉଛି । କୋଡ଼ା ପାଲିସ ଠାରୁ ମଟର ଗାଡ଼ି ଯାଏ ସ୍ଥାନରେ ଅସ୍ଥାନରେ ଅର୍ଦ୍ଧନଗ୍ନ ବା ନଗ୍ନ ନାରୀମୂର୍ତ୍ତିର ଚିତ୍ର ଯୋଡ଼ି ବିଜ୍ଞାପନକୁ ଆକର୍ଷଣୀୟ କରାହେଉଛି । ଏହାର ଫଳରେ ଲୋକେ ଦରକାରରୁ ବେଶୀ ଜିନିଷ କିଣୁଛନ୍ତି । ପୁରୁଣା ଜିନିଷ ଅକାମୀ ହେବା ପୂର୍ବରୁ ତାକୁ ଫିଙ୍ଗି ଦେଇ ନୂଆ କିଣୁଛନ୍ତି । ଏହିଭଳି ପୁରୁଣା ମଟରଗାଡ଼ି ଫିଙ୍ଗି ଦିଆ ହେଉଛି ଓ ସହର ମୁଣ୍ଡରେ କୁଢ଼ ହେଉଛି ।

ଏହି ଅସଂଯତ ଓ କୃତ୍ରିମ ଉପଭୋଗ ଫଳରେ ଧାତବଦ୍ରବ୍ୟଠାରୁ ଆରମ୍ଭ କରି ବଣର ଗଛ ପର୍ଯ୍ୟନ୍ତ ସବୁ ପ୍ରକାରର ପ୍ରାକୃତିକ ସମ୍ପଦ ଅତି ଦ୍ରୁତଗତିରେ ବରବାଦ ହୋଇ ଚାଲିଛି । ଗୋଟାଏ ଦିନର ଖବର କାଗଜ ଛାପିବା ପାଇଁ ମାଇଲ ମାଇଲ ବଣ ଉଜୁଡ଼ିଯାଉଛି, ଅଥଚ ଏ କାଗଜ ପଢ଼ୁଛି କିଏ ? ସେରେ ସେରେ ଓଜନର ଗୋଟାଏ ଗୋଟାଏ ରବିବାସରୀୟ ସଂସ୍କରଣର ତ ପନ୍ଦର ପଣ କେବଳ ବିଜ୍ଞାପନ ।

ଏବେ ଏହାକୁ ନେଇ ଚିନ୍ତା ଆରମ୍ଭ ହେଲାଣି । ନରଓ୍ୱେରେ ଶୁଣିଲି ଓସ୍‌ଲୋ ସହରକୁ ବାହାରୁ ମଟରଗାଡ଼ି ଆସିବା ବନ୍ଦ କରିଦେବା ପ୍ରସ୍ତାବ ଉଠିଛି । ସ୍ୱିଜରଲ୍ୟାଣ୍ଡରେ ମଧ୍ୟ ହ୍ରଦ ସବୁର ସୁରକ୍ଷା ଉପାୟ ବିଚାର ଚାଲିଛି । ଫ୍ରାନ୍‌ସର ସରକାର ମଧ୍ୟ ଏ ବିଷୟରେ ଅବହିତ ହେଇଛନ୍ତି ଓ ବନସଂରକ୍ଷଣ ଓ ଜଳବାୟୁ ଶୋଧନ ପନ୍ଥା ଚିନ୍ତା କରୁଛନ୍ତି ।

ଅନ୍ୟ ଦିଗରେ ପୁଂଜିବାଦ ହାତରେ ଖେଳକୁଣ୍ଢେଇ ହୋଇ ତା'ର ନିର୍ଦ୍ଦେଶରେ ଜିନିଷ ତିଆରି କରିବା ପାଇଁ କାରଖାନାରେ ଖଟି ମରିବା ଓ ପୁଣି ତା'ର ପ୍ରରୋଚନାରେ ଜିନିଷ କିଣି ଚାଲିବା ବିରୋଧରେ ବିଦ୍ରୋହ ମଧ୍ୟ ଦେଖା ଦେଇଛି । ହିପ୍‌ପୀ ଆନ୍ଦୋଳନ ପଛରେ ଏଇ ମନୋଭାବ ରହିଛି । ଏଇ ତରୁଣ ତରୁଣୀମାନେ କହୁଛନ୍ତି ଆମେ ଏ ଚକ୍ର ଭିତରେ ପାଞ୍ଚି ହେବାକୁ ଚାହୁଁନାହିଁ । ଆମେ ଆମ ନିଜ ମନମୁତାବକ ଜୀବନ ବଞ୍ଚିବୁ । ସେଥିପାଇଁ ଅଳ୍ପ ଜିନିଷରେ ଚଳିବା ଏମାନଙ୍କର ପସନ୍ଦ । ସର୍ବତ୍ର ଅନେକ ଏ ଭଳି ତରୁଣ ତରୁଣୀ ଦେଖିବାକୁ ମିଳିଲେ ଯେଉଁମାନେ ସେ ଦେଶରେ ବି ବିନା କୋଡ଼ାରେ ଚଲାବୁଲା କରୁଛନ୍ତି ଓ ଯେଉଁମାନଙ୍କର ଲୁଗାପଟାର ଅବସ୍ଥା ଦେଖିଲେ ଜଣାଯାଏ ଯେ ସେଇସବୁ ଏକା

ଲୁଗାପଟା ବେଶ୍ କିଛି ଦିନ ହେଲ ଚିନ୍ତା ହେଉଛି । ଅବଶ୍ୟ ଏହା ଫଳରେ ସଫେଇର ମାପକାଠିଟା ବହୁତ ଉଣା ହୋଇଛି । ମାତ୍ର ସ୍ୱୟଂ ଯୀଶୁ ତ ଧୂଆଁଧୋଇ ଉପରେ ଜୋର ଦେଉଥିବା 'ଫାରିସୀ'ମାନଙ୍କୁ ନିନ୍ଦା କରିଥିଲେ ।　　×　　×

ସ୍ୱିଜରଲ୍ୟାଣ୍ଡର ପାହାଡ଼ ଓ ହ୍ରଦ ଅଞ୍ଚଳରେ ବୁଲିବା ପାଇଁ ପ'ର ଦିନ ସକାଳୁ ଗାଡ଼ି ନେଇ ବାହାରିଲୁ । ହ୍ରଦ କୂଳେ କୂଳେ ରାସ୍ତା, ଜୁରିକ୍, ସୁନ୍, ସ୍ୱିତ୍ତିନ୍, ଉରି ଆଦି ଅନେକ ହ୍ରଦ, ଏ ପାଖ ସେ ପାଖରେ ବଣଘେରା ପାହାଡ଼ । ଉପରେ ନୀଳ ଆକାଶ, ମଝିରେ ନୀଳ ପାହାଡ଼, ତଳେ ନୀଳ ଜଳ ଓ ତାହା ଭିତରେ ମଝିରେ ମଝିରେ ଗାଁ ଓ ସହରମାନଙ୍କର ଉଜ୍ଜ୍ୱଳ ଲାଲ ଛାତ, ଆକାଶକୁ ଛୁଇଁବାକୁ ଚେଷ୍ଟା କରୁଥିବା ପାଇନ୍, ସାଇପ୍ରେସ୍ ଆଦି ସୂଚ୍ୟଗ୍ର ଗଛ ଓ ଏହା ଭିତରେ ଆଙ୍କିବାଙ୍କି କ୍ରମେ ଉପରକୁ ଉଠୁଥିବା ରାସ୍ତା । ଆମେ ଏ ମନୋରମ ଶୋଭା ଦେଖିବା ପାଇଁ ବାଟରେ ଅଟକି ଅଟକି ଚାଲିଥାଉ । ଆମ୍ଭର କେତେ ନା କେତେ ଲୋକ ମଧ୍ୟ ବାହାରି ପଡ଼ିଥାନ୍ତି, ଗାଡ଼ି ଛାତ ଉପରେ ସ୍କୀ ବା ରବର୍ ର ଡଙ୍ଗା ଲଦି ନେଇ ।

ସତୁରି ମାଇଲ ଅତିକ୍ରମ କରି ଆମେ ସାଢ଼େ ଛ' ହଜାର ଫୁଟ ଉଚ୍ଚରେ ଉଚ୍ଚଶୃଙ୍ଗ ଘେରା ଏକ ସାନ ଅଧିତ୍ୟକା ଉପରେ ପହଞ୍ଚିଲୁ, ଯେଉଁଠି ଏ ଜ୍ୟେଷ୍ଠ ମାସରେ ବି ବରଫ ଜମା ହୋଇ ରହିଛି; ପୂରା ତରଳି ନାହିଁ । ଏଠି ବହୁତ ଲୋକ ଛୁଟି କଟାଉଛନ୍ତି, ପିକ୍‌ନିକ କରୁଛନ୍ତି, ବରଫ ଉପରେ ସ୍କୀ କରୁଛନ୍ତି । ପାହାଡ଼ ମଝିରେ ଗ୍ରେଟ ଗାଁଟିର କଳାପଥରରେ ତିଆରି ପୁରୁଣା କାଳର ସାନ ଗୀର୍ଜାଟି ବିଶେଷ ଦୃଷ୍ଟି ଆକର୍ଷଣ କଲା ।

ଗୋଟିଏ ସାନ ପାହାଡ଼ି ତଟିନୀ କୂଳରେ ଆମେ ବି ଏସ୍‌ପାରାଗସ୍ ଆଗ୍ରର ସଂଯୋଗରେ ସ୍ୟାଣ୍ଡ୍‌ଉଇଚ୍ ଖାଇ ବହଳିଆ ଘାସର ଗାଲିଚା ଉପରେ ବିଶ୍ରାମ କଲୁ । ଘାସରେ ଅସଂଖ୍ୟ ହଳଦିଆ, ଧଳା, ନୀଳ ଫୁଲ ଫୁଟି ବୈଚିତ୍ର୍ୟ ସୃଷ୍ଟି କରୁଥାଏ । ଏଠି ଗୋଟିଏ ବିଷୟରେ ମଣିଷ ନିଶ୍ଚିନ୍ତ । ଆମ ଦେଶ ପରି ଗାଁ ପାଖର, ନଈକୂଳର ପଡ଼ିଆ ଭୂଇଁରେ ମଇଳାକୁ ଡରି ଡରି କାରବାର ହେବା ଆବଶ୍ୟକ ନାହିଁ । ଲୋକେ ଏସବୁକୁ ପାଇଖାନା ରୂପେ ବ୍ୟବହାର କରନ୍ତି ନାହିଁ । ଲକ୍ଷ୍ୟ କଲି ଯେ ବଡ଼ ବଡ଼ ରାସ୍ତା କଡରେ ପ୍ରତି ଦୁଇ ତିନି ମାଇଲରେ ପାଇଖାନା ଓ ପାଣି ନଳର ବନ୍ଦୋବସ୍ତ ରହିଛି ।

ଶୋଇ ଶୋଇ ବିଶ୍ରାମ କରୁଛୁ, ଅଳ୍ପ ଦୂରରେ ମୃଦୁ ଘଣ୍ଟା ଧ୍ୱନି ଶୁଣାଗଲା ଓ କିଛି ସମୟ ପରେ ଘଣ୍ଟାର କାରଣ ମଧ୍ୟ ଦୃଷ୍ଟିଗୋଚର ହେଲେ । ପଲେ ସ୍ୱିସ୍ ଗାଈ । ପାଉଁଶିଆ ରଙ୍ଗ, ଛୋଟ ସାନ ଶିଙ୍ଗ, ଏମିତି ଚିକ୍‌କଣ ଦେହ ଯେ ମାଛି ଖସି ପଡ଼ିବ, ପନ୍ଧ୍ୟା ପ୍ରାୟ ତଳେ ଘୁସୁରିବାର ଯୋଗାଡ଼ । ଧୀରେ ଧୀରେ ଘାସରେ ମୁହଁ ମାରି ମାରି ବାହାରି ଗଲେ । ସ୍ୱିଜର୍‌ଲ୍ୟାଣ୍ଡ ତା'ର ଗୋସମ୍ପଦ ପାଇଁ ବିଖ୍ୟାତ । ଦୁଧ ଓ ଦୁଧଜାତ ମଖନ, ପନୀର ଆଦି ଏଠି ପ୍ରଚୁର ଉତ୍ପନ୍ନ ହୁଏ । ଫେରିବା ବେଳେ ବାଟଯାକ ଆହୁରି ଗୋରୁପଲ ଦେଖିଲୁ ।

ସ୍ୱୀଜର୍‌ଲ୍ୟାଣ୍ଡରେ ଗୁଡ଼ାଏ ଭାଷାଭାଷୀ ଲୋକ ଅଛନ୍ତି, ଯଦିଓ ଦେଶଟି ବେଶୀ ବଡ଼ ନୁହେଁ, ଲୋକ ସଂଖ୍ୟା ପାଠିଏ ଲକ୍ଷ ହେବ । ଫରାସୀ, ଜର୍ମାନ ଓ ଇଟାଲିୟାନ୍ ଛଡ଼ା ଏଠି ରୋମାନ୍ସ ଭାଷା ବ୍ୟବହାର କରୁଥିବା ଏକ ଗ୍ରୁପ୍ ଗୋଷ୍ଠୀ ଅଛନ୍ତି । ଏ ସବୁ ଭାଷା ଏଠାର ରାଷ୍ଟ୍ରଭାଷା ରୂପେ ପରିଗଣିତ ଓ ସବୁ ସରକାରୀ କାଗଜପତ୍ର ଏ ସବୁ ଭାଷାରେ ପ୍ରକାଶିତ ହୁଏ ।

ଏଠାର ପ୍ରଦେଶଗୁଡ଼ିକୁ କ୍ୟାଣ୍ଟନ୍ କୁହାଯାଏ, ଏ ସବୁ ଅବଶ୍ୟ ଆମ ଦେଶର ଜିଲ୍ଲାଠୁଁ ବ ଛୋଟ, କେତେକ ତ ଗୋଟାଏ ଗୋଟାଏ ପଞ୍ଚାୟତ ସମିତି ଭଳି ହେବ । ତେବେ ଏ ସବୁ କ୍ୟାଣ୍ଟନ୍‌ମାନଙ୍କ ସ୍ୱାୟତ୍ତ ଶାସନ କ୍ଷମତା ପ୍ରଚୁର ପରିମାଣରେ ରହିଛି ଓ କୌଣସି କ୍ୟାଣ୍ଟନ୍ ଚାହିଁଲେ ରାଷ୍ଟ୍ରସ୍ତରରେ ମଧ୍ୟ ଆଇନ ପ୍ରଣୟନ ବାଗରେ ଅଭିକ୍ରମ କରିପାରେ । ଯଦି କୌଣସି କ୍ୟାଣ୍ଟନ୍‌ର ବହୁ ସଂଖ୍ୟକ ଲୋକ ଦରଖାସ୍ତ କରନ୍ତି ଯେ ଅମୁକ ବିଷୟରେ ଅମୁକ ପ୍ରକାରର ଆଇନ୍ ପ୍ରଣୟନ କରାଯାଉ ତେବେ ସେ ଦରଖାସ୍ତକୁ ସେଠା ପାର୍ଲିମେଣ୍ଟ ବିଚାର କରିବାକୁ ବାଧ୍ୟ । ପ୍ରତ୍ୟେକ କ୍ୟାଣ୍ଟନ୍‌ର ନିଜସ୍ୱ ପ୍ରତୀକ ପତାକା ମଧ୍ୟ ରହିଛି ।

ଯୁଦ୍ଧବିଗ୍ରହ ଦ୍ୱାରା ବାରମ୍ବାର କ୍ଷତବିକ୍ଷତ ୟୁରୋପର ମଝିରେ ଥାଇ ମଧ୍ୟ ସ୍ୱୀଜର୍‌ଲ୍ୟାଣ୍ଡ ଗତ ସାତ ଶହ ବର୍ଷରୁ ଅଧିକ ହେଲା କୌଣସି ଯୁଦ୍ଧରେ ଲିପ୍ତ ନ ହୋଇ ଶାନ୍ତିରେ ରହିଛି ଏଠାର ଜୀବନସ୍ତର ମଧ୍ୟ ସ୍ୱିଡେନ୍ ଭଳି ଅତି ଉଚ୍ଚ । ପାହାଡ଼ ଓ ହ୍ରଦମାନଙ୍କ ଯୋଗୁଁ ଏଠି ଜଳ-ବିଦ୍ୟୁତ୍-ଶକ୍ତି ପ୍ରଚୁର ପରିମାଣରେ ମିଳେ ଓ ତାହାଦ୍ୱାରା ଶିଳ୍ପର ବିକାଶ ମଧ୍ୟ ଖୁବ୍ ହୋଇଛି । ସମସ୍ତେ ଜାଣନ୍ତି ଯେ ସ୍ୱୀଜର୍‌ଲ୍ୟାଣ୍ଡ ଘଣ୍ଟା ପାଇଁ ବିଖ୍ୟାତ । ପୃଥିବୀର ଶ୍ରେଷ୍ଠ ଘଣ୍ଟା ସବୁ ଏଇଠି ତିଆରି ହୁଏ । ଦେଖିଲି ଯେ ଏଠି ସବୁଠି ଘଣ୍ଟା ବିକ୍ରୀ ହେଉଛି, ରାସ୍ତାକଡ଼ ବହୁ ଦୋକାନ, ସିଗ୍ରେଟ୍ ଦୋକାନ, ରେଲ ଷ୍ଟେସନର ବହୁ ଦୋକାନ ଆଦି ସବୁଠି । ଏଠି ଘଣ୍ଟା ଖୁବ୍ ଶସ୍ତା ମଧ୍ୟ ।

ସେଠି ସେତେବେଳେ ବେଶ୍ ଗରମ ପଡ଼ୁଥାଏ । ସାଢ଼େ ଛ' ହଜାର ଫୁଟ ପାହାଡ଼ ଉପରେ ବରଫ ଭିତରେ ମଧ୍ୟ ଦେଖିଲି ଯେ ବିଶେଷ ଶୀତ ନାହିଁ । ଖରାରେ ଝାଳ ବୋହିବାର ଉପକ୍ରମ । ଜୁରିକ ପାଖ ଗୋଟିଏ ଛୋଟ ହ୍ରଦରେ ଦୁଇଦିନଯାକ ଉପରଓଳି ଖୁବ୍ ଗାଧୁଆ ଓ ପହଁରା ହେଲା । ଏଠି ବି ଶହ ଶହ ସ୍ତ୍ରୀ ପୁରୁଷ, ବାଳକ ବାଳିକା ଗାଧୋଇବା, ପହଁରିବା ପାଇଁ ଆସି ଭିଡ଼ କରଥାନ୍ତି । ପ୍ରାୟ କାର୍ତ୍ତିକ ବୁଡ଼ ପରି ଭିଡ଼ । ଏଠି ଗୋଟାଏ କଥା ବଡ଼ ବିସଦୃଶ ବୋଧ ହେଲା । ଗାଧୋଇବା ପାଇଁ ହ୍ରସ୍ୱ ପୋଷାକ ତ ଆଜିକାଲି ସମସ୍ତେ ସବୁଆଡ଼େ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ପିନ୍ଧନ୍ତି ଓ ସେଇଟାକୁ କେହି ଖରାପ ଦୃଷ୍ଟିରେ ଦେଖନ୍ତି ନାହିଁ । ଏ ତ ଏକ ସୁସ୍ଥ ମାନସିକତାର ଲକ୍ଷଣ ବୋଲି ମନେହୁଏ । ମାତ୍ର ଏଠି ହ୍ରଦ କୂଳରେ ଯେପରି ସ୍ୱାମୀ ସ୍ତ୍ରୀ ବା ପ୍ରଣୟୀ ପ୍ରଣୟିନୀ ସମସ୍ତଙ୍କ ମଝିରେ ନିର୍ବିକାର ଭାବରେ ଲଗାଲଗି ହୋଇ ଶୋଇଥାନ୍ତି ବା କୁଣ୍ଢାକୁଣ୍ଢି ହୋଇ ବସିଥାନ୍ତି ତାହା ରୁଚିକର ବୋଧ ହେଲା ନାହିଁ ।

★ ★

# ତିରିଶ

## ମିଲାନର ଶାନ୍ତିପ୍ରେମୀ

ଜୁଲାଇ ତେର ତାରିଖ ଲୁସର୍ନରୁ ମିଲାନ୍, ଇଟାଲୀରେ ପ୍ରବେଶ । ଉଡ଼ାଜାହାଜରେ ମାତ୍ର ଚାଳିଶ ମିନିଟ୍‌ର ବାଟ । ମଝିରେ ପଡ଼ିଲା ଉତ୍ତୁଙ୍ଗ ଆଲ୍‌ପ୍‌ସ ପର୍ବତମାଳାର ଇଟାଲୀୟ ଅଂଶ । ଦିନେ ଏ ପର୍ବତ ଏ ଦୁଇଦେଶ ମଧ୍ୟରେ ଦୁର୍ଲଙ୍ଘ୍ୟ ବ୍ୟବଧାନ ସୃଷ୍ଟି କରୁଥିଲା । ଏବେ ମଣିଷ କୁଦାମାରି କେତେ ମିନିଟ୍‌ରେ ତାହାର ଏ ପାଖରୁ ସେ ପାଖ ଯାଇ ପାରୁଛି । ଏହା ଭିତର ଦେଇ ଦୁଇ ଦେଶ ଭିତରେ ରେଲ ଲାଇନ୍ ମଧ୍ୟ ପଡ଼ିଛି ଓ ପୃଥିବୀର ଦୀର୍ଘତମ ସୁଡ଼ଙ୍ଗ ସିଁପ୍ଲୁଁ—ଏହି ଲାଇନ୍‌ରେ ରହିଛି । ଏହାର ଦୈର୍ଘ୍ୟ ତେର ମାଇଲ । ଏହାଠାରୁ ଟିକିଏ କମ ଲମ୍ବ ଆଉ ଏକ ସୁଡ଼ଙ୍ଗ ବି ଅଛି—ସିଁୟା ଗଥାର୍ଡ । ଏ ସୁଡ଼ଙ୍ଗ ଦୁଇଟି ଆଲ୍‌ପ୍‌ସ ପର୍ବତମାଳାକୁ ଏ ପାଖରୁ ସେ ପାଖ ଫୁଟେଇ ବାହାରି ଯାଇଛି । ପ୍ରଥମେ ମଣିଷ ପର୍ବତର ପେଟ ଫୁଟେଇ ବାଟ ଫିଟେଇଲା, ଏବେ ତାକୁ ଅବଜ୍ଞା କରି ଡେଇଁ ଯାଉଛି ।

ଉଡ଼ାଜାହାଜରୁ ଆଲ୍‌ପ୍‌ସର ଦୃଶ୍ୟ ଅତି ସୁନ୍ଦର ଦେଖାଯାଉଥାଏ । ପ୍ରଥମେ ଟିକିଏ ଟିକିଏ ମେଘ ଥିଲା, କ୍ରମେ ମେଘ ଦୂରେଇ ଯାଇ ପର୍ବତ ମାଳାର ତୁଷାର ଶୃଙ୍ଗ ଝଟକି ଉଠିଲା । ଶହେ ଦେଢ଼ ଶହ ମାଇଲ ଯାଏ ପର୍ବତମାଳାର ଶୃଙ୍ଗ ଶ୍ରେଣୀ ଦେଖାଯାଉଥାଏ । ଗୋଟାଏ ଧାଡ଼ି ପରେ ଆଉ ଗୋଟାଏ ଧାଡ଼ି, ଯେପରି କି ଏକ ମହାସାଗରର ଉତ୍ତୁଙ୍ଗ ଲହରୀମାଳା ଅକସ୍ମାତ୍ ମନ୍ତ୍ରବଳରେ ପ୍ରସ୍ତରୀଭୂତ ଓ ସ୍ଥିର ହୋଇଯାଇଛି । ଅତି ଭୀଷଣ ସୁନ୍ଦର ଦୃଶ୍ୟ । ଏଇ ଅଲ୍‌ପ୍‌ସ ଏକ ଅଂଶ ଅତିକ୍ରମ କରିବାକୁ ଯାଇ ନେପୋଲିୟନ୍‌ଙ୍କ ସୈନ୍ୟବାହିନୀର କି ଦୁର୍ଦ୍ଦଶା ନ ହୋଇଥିଲା ? ଅଥଚ ଆମେ ବେଶ୍ ଆରାମରେ ଉଷ୍ମ ଆସନରେ ବସି ଏହାର ସମସ୍ତ କଠୋରତା, ଶୀତଳତା ଓ ନିଃସଙ୍ଗତାର ବହୁ ଊର୍ଦ୍ଧ୍ୱରେ ରହି ଏହାର ସୌନ୍ଦର୍ଯ୍ୟ ମାତ୍ର ଉପଭୋଗ କରି କରି ଏହାକୁ ଟପିଗଲୁ ।

ମିଲାନ୍‌ରେ ମୋର ରହଣୀ ଦିନକ ପାଇଁ ଥିଲା ଓ ଏ ଦିନକର ସମସ୍ତ ସମୟ, ଦିନ ବାରଟାରୁ ରାତି ବାରଟା ପର୍ଯ୍ୟନ୍ତ ଆଲୋଚନା ଓ ସଭାରେ ହିଁ କଟିଲା । ସହର ଦେଖିବା ପାଇଁ

ଆଉ ଫୁରସତ୍ ମିଳିଲା ନାହିଁ । ମୋର ଋହଣୀ ହୋଇଥିଲେ ଶ୍ରୀମତୀ ମେଃ ଆ ଯୋରେସିନାଙ୍କ ଘରେ । ଏ ଭଦ୍ରମହିଳା ଏଠାର ସର୍ବୋଦୟ ସଂସ୍ଥାର ସମ୍ପାଦିକା । ସ୍ୱାମୀ ସିଏ ସ୍କୋ ଶିକ୍ଷକ । ଏଠି ଶାନ୍ତି, ଅହିଂସା ଆଉ ବିଷୟରେ ଉତ୍ସାହୀ ଗୋଟିଏ ତରୁଣ ଗୋଷ୍ଠୀ ରହିଛି । ଗାନ୍ଧୀଜୀଙ୍କର ବିଚାରଧାରା ବିଷୟରେ ବି ଏମାନେ ବେଶ୍ ଆଗ୍ରହୀ । ମତେ ଭେଟିବା ପାଇଁ ଏକଲା ଛଅ ସାତ ଯୁବକ ଯୁବତୀ ମେରିଆଙ୍କ ଘରକୁ ଆସିଥିଲେ । ସ୍ଥାନ ଏକତାଲା ନିକର ପରଫଣ୍ଟେ, ଏବେ ବି ପୂରା ହୋଇ ନ ଥାଏ, ଉଆର ଗ୍ଲୁଲିଥାଏ । ତା'ର ସାନ ହତା ଭିତରେ ଗଛ ଗୁଡ଼ିରେ ବସି ଦ୍ୱିପ୍ରହର ଭୋଜନ ସାଙ୍ଗେ ସାଙ୍ଗେ ଆଲାପ ଆଲୋଚନା ଆରମ୍ଭ ହେଲା । ଉପରଓଳି ପୁଣି ଆଉ କେତେ ଜଣ ଆସି ଜୁଟିଲେ ଓ ଆଲୋଚନା ଆହୁରି ଜମିଲା ।

ଏମାନଙ୍କ ଭିତରେ ଥିଲେ ମିକେଲ୍‌ନୋ କାମିଓଲେ ଓ ଡନ୍ ଚେକାରେ । ମିକେଲ୍‌ନୋ ଅହିଂସାରେ ବିଶ୍ୱାସୀ । ଅଲ୍ଗଦିନ ପୂର୍ବରୁ ପନ୍ଦର ଦିନ ଅନଶନ କରିଥିଲେ ପୁଲିସ୍ ଅତ୍ୟାଚାର ବିରୁଦ୍ଧରେ । ପୁଲିସ୍ ଗୋଟିଏ ଘଟଣାରେ କେତେକ ନିର୍ଦୋଷ ଲୋକଙ୍କୁ ଗିରଫ କରିଥିଲା, ତାହାର ପ୍ରତିବାଦରେ । ଅନଶନ ଫଳରେ ଗୋଟିଏ ସନ୍ତୋଷଜନକ ମିଳାମିଶା ହୋଇଗଲା । ତେବେ ଏହାଙ୍କୁ ଦେଖି ମୋର ମନେପଡ଼ିଲା ସ୍ୱର୍ଗତଃ କଳ୍ପଗୁଣ ବାମଦେବ ପ୍ରତାହାରଙ୍କ କଥା । ୧୯୩୦-୩୨ ସ୍ୱାଧୀନତା ଆନ୍ଦୋଳନରେ ଜେଲ୍ ଯାଇଥିଲେ । ତିନ ମାସ ଖଣ୍ଡେ ସି କ୍ଲାସରେ ରହି ସାରୁପଡ଼ ଝୋଲ ଓ ଗୋଡ଼ି ମିଶା ଭାତ ଖାଇବା ପରେ ମଧ୍ୟ ପାଟନା କ୍ୟାମ୍ପ୍ ଜେଲ୍‌ରେ ପହଞ୍ଚିଲା ବେଳକୁ ଓଜନ ଥିଲା ତିନଶହ ଦଶ ପାଉଣ୍ଡ । ତିନିଟା ଲେଖାଁ ଗାମୁଛା ଯୋଡ଼ି ତାଙ୍କ ପାଇଁ ଯେଉଁ ସ୍ପେଶାଲ ଜର୍ଦ୍ଦିଆ ତିଆରି ହୋଇଥିଲା ତା'ର ଗୋଟିଏ ଗୋଡ଼ରେ ଆମ ଭଳି ଜଣେ ଜଣେ ପୂରା ଗଳି ଯାଉଥିଲେ । ମିକେଲ୍‌ନୋ ଠିକ୍ ତାଙ୍କର ଦୋସର ।

ଡନ୍ ଚେକାରେ ଯୁବକ ପାଦ୍ରୀ । ଏହାଙ୍କର ମଧ୍ୟ ଗାନ୍ଧୀ ବିଚାରଧାରା ପ୍ରତି ଖୁବ୍ ଶ୍ରଦ୍ଧା । ନାନାପ୍ରକାର ସମାଜ ସେବା କାର୍ଯ୍ୟରେ ଯୋଗ ଦେଉଥାନ୍ତି । ଗୋଟିଏ ଅସୁବିଧା ହେଲା ଏମାନେ କେହି ଇଂରେଜୀ ଜାଣନ୍ତି ନାହିଁ । ମେରିଆ ହିଁ ବେଶ୍ କାମ ଚଳାଇବା ଭଳି ଜାଣିଥାନ୍ତି ଓ ତାଙ୍କର ଅନୁବାଦ ମାଧ୍ୟମରେ ଆଳାପ ଚାଲିଥାଏ । ସର୍ବୋଦୟ ଆନ୍ଦୋଳନ ଓ ଗାନ୍ଧୀଜୀଙ୍କର ଚିନ୍ତାଧାରା ବିଷୟରେ ହିଁ ଜାଣିବାର ଉତ୍ସୁକତା ସମସ୍ତଙ୍କର ଥିଲା । ଏହାଛଡ଼ା ଇଟାଲୀର ଶାନ୍ତି ଆନ୍ଦୋଳନ ଓ ସାଧାରଣ ପରିସ୍ଥିତି ବିଷୟରେ ବି କିଛି ଖବର ମିଳିଲା ।

ଇଟାଲୀରେ ଶାନ୍ତିବାଦୀ ଗୋଷ୍ଠୀ କିଛି କିଛି ଅଛନ୍ତି । ସେମାନଙ୍କ ଭିତରେ ସବୁଠାରୁ ଜଣାଶୁଣା ହେଲେ ଦାନଲେ ଦୋଲ୍‌ଚୀ ଓ ତାଙ୍କର ସହକର୍ମୀ ମଣ୍ଡଳୀ ।

ସିସିଲି ଦ୍ୱୀପରେ ତାଙ୍କୁ ସମସ୍ୟା ସମାଧାନ ଉଦ୍ୟମ ସାଙ୍ଗକୁ ନାନା ରଚନାତ୍ମକ କାମ ସେ ହାତକୁ ନେଇଛନ୍ତି । ତାଙ୍କ କର୍ମକ୍ଷେତ୍ର ଦେଖିବାକୁ ମୁଁ ପରେ ଯାଇଥିଲି । ଅନ୍ୟମାନେ ସେଭଳି କୌଣସି କାମ ପ୍ରାୟ କରୁନାହାନ୍ତି । ଯୁଦ୍ଧ ବିରୋଧରେ ଆଲୋଚନା, ପ୍ରଚାର ଆଦି ହିଁ

କରନ୍ତି । ତେବେ ସମାଜ ରଚନାରେ ମୌଳିକ ପରିବର୍ତ୍ତନ ଯେ ସ୍ଥାୟୀ ଶାନ୍ତି ପାଇଁ ଜରୁରୀ ଏହା ଏମାନେ ବୁଝିବା ଆରମ୍ଭ କଲେଣି ।

ସନ୍ଧ୍ୟାବେଳକୁ ଏଠା ବିଶ୍ୱବିଦ୍ୟାଳୟର କେତେକ ଛାତ୍ର ମୋ ପାଇଁ ଗୋଟିଏ ସଭାର ଆୟୋଜନ କରିଥିଲେ । ଖବର ମିଳିଲା ଯେ ଏମାନେ ସେଥିପାଇଁ କାନ୍ଥରେ ବାଡ଼ରେ ଯେଉଁସବୁ ପ୍ରଚାରପତ୍ର ମାରିଥିଲେ ସେସବୁ ମାଓବାଦୀ ଛାତ୍ରମାନେ ଚିରି ଦେଇଛନ୍ତି ଓ ସେଥିପାଇଁ ଉଭୟ ଦଳ ଭିତରେ ବଚସା ଓ ବୋଧହୁଏ ଧସ୍ତାଧସ୍ତି ବି ହୋଇଯାଇଛି । ତେବେ ମାଓବାଦୀଙ୍କର ଗାନ୍ଧୀବାଦ ଆତଙ୍କ ଏଠି ବି ବ୍ୟାପିଛି ।

ସଭାକୁ କୋଡ଼ିଏ ଜଣ ଖଣ୍ଡେ ଆସିଥିଲେ । ଅଧିକାଂଶ ଛାତ୍ରଛାତ୍ରୀ । ରାତି ସାଢ଼େ ଏଗାରଟା ଯାଏ ଜୋରଦାର ଆଲୋଚନା ଚାଲିଲା । ଜଣେ ଯୁବକ ମାଓପନ୍ଥୀ ହୋଇଥିଲେ, ଏବେ ସେଥିରୁ ଆସ୍ଥା ହରେଇଛନ୍ତି, ସେ ଗ୍ରାମଦାନ ଓ ସତ୍ୟାଗ୍ରହ ଆଦି ବିଷୟରେ ଭିନ୍ନ ଭିନ୍ନ କରି ପ୍ରଶ୍ନ କଲେ । ସଭା ଆହୁରି ଚାଲିଥାନ୍ତା, ମାତ୍ର ସକାଳୁ ଉଠି ପୁଣି ଟ୍ରେନ୍ ପାଇଁ ପ୍ଲେନ୍ ଧରିବା କଥାଥିବାରୁ ଏତିକରେ କ୍ଷାନ୍ତ ହେବାକୁ ହେଲା ।

★ ★

# ଏକତ୍ରିଂଶ

## ଇଟାଲୀର ଗାଂଧୀଙ୍କ ଆଶ୍ରମରେ

ରୋମ୍‌ରେ ମୋର ରହିବାର ବ୍ୟବସ୍ଥା କରିଥିଲେ ପ୍ରଫେସର ଏର୍‌ମିଲ୍‌ଲିଆ । ଏ ମହାଶୟ ଭାରତକୁ ଅନେକ ଥର ଆସିଛନ୍ତି ଓ ଏକ ସେବା ସଂସ୍ଥା ପକ୍ଷରୁ ଦକ୍ଷିଣ ଭାରତରେ କେତୋଟି କୃଷି ଉନ୍ନୟନ କେନ୍ଦ୍ର ମଧ୍ୟ ଗ୍ରାମଦାନ ଅଞ୍ଚଳମାନଙ୍କରେ ଆରମ୍ଭ କରିଛନ୍ତି । କୋରାପୁଟରେ ମଧ୍ୟ ଏଭଳି କେନ୍ଦ୍ର ଆରମ୍ଭ କରିବା ଉଦ୍ଦେଶ୍ୟରେ ସେ ଏଠାକୁ କେତେ ମାସ ତଳେ ଯାଇଥିଲେ ଓ ସେ ଜିଲ୍ଲାରେ ବହୁତ ବୁଲାବୁଲି କରି ସ୍ଥାନ ନିର୍ବାଚନ କରି ଯାଇଥିଲେ । ସେ ସମୟରେ ସେ ଫ୍ରାନ୍‌ସକୁ ଚାଲିଯାଇ ଥିବାରୁ ମୋର ବ୍ୟବସ୍ଥା ଏକ ହୋଟେଲ୍‌ରେ କରାଇ ଯାଇଥିଲେ । ଦାୟିତ୍ୱ ଦେଇ ଯାଇଥିଲେ ଡନ୍ କାର୍‌ଲୋଙ୍କ ଉପରେ ।

ଏଠାର ଏକ କ୍ୟାଥଲିକ୍ ଶାନ୍ତିବାଦୀ ସଂସ୍ଥା "ପାକସ୍ କ୍ରିସ୍ତି"ର ଡନ୍ କାର୍‌ଲୋ କୋଟେଲି ହେଉଛନ୍ତି ଅନ୍ୟତମ ମୁଖ୍ୟ ସଂଚାଳକ । ଏଭଳି ନିଷ୍ଠାପର, ଚରିତ୍ରବାନ, ସମଝଦାର ଓ ସ୍ନେହଶୀଳ ଯୁବକ ମୁଁ କମ ଦେଖିଛି । ଡନ୍ କାରଲୋ କ୍ୟାଥଲିକ ପାଦ୍ରୀ ଓ ସବୁ କ୍ୟାଥଲିକ ପାଦ୍ରୀଙ୍କ ଭଳି ଆଜୀବନ ବ୍ରହ୍ମଚର୍ଯ୍ୟର ବ୍ରତ ନେଇଛନ୍ତି । ତାଙ୍କର ଅନୁଷ୍ଠାନର କାମଦାମ ହିଁ ତାଙ୍କର ଜୀବନର ସାରସର୍ବସ୍ୱ । ଏ ସଂସ୍ଥାଟିର ଜନ୍ମ ପ୍ରଥମ ମହାଯୁଦ୍ଧ ପରେ । ଯୁଦ୍ଧଯୋଗୁଁ ଖ୍ରୀଷ୍ଟଧର୍ମାବଲମ୍ବୀ ଦେଶମାନଙ୍କ ଭିତରେ ହିଁ ଯେଉଁ ଉତ୍କଟ ବିଦ୍ୱେଷ ସୃଷ୍ଟି ହେଲା ତାହା ଦୂରକରି ବିଭିନ୍ନ ଦେଶର ଲୋକମାନଙ୍କ ଭିତରେ ପରିଚୟ ଓ ମୈତ୍ରୀ ବଢ଼ାଇବା ପାଇଁ ଏ ସଂସ୍ଥାର ସ୍ଥାପନା ହୋଇଥିଲା । ଏବେ ଇଂଲଣ୍ଡ, ଫ୍ରାନ୍‌ସ, ଇଟାଲି, ଜର୍ମାନୀ, ସ୍ପେନ୍ ଆଦି ଦେଶମାନଙ୍କରେ ଏହାର ଶାଖା ଅଛି ଓ ଏହା ପକ୍ଷରୁ ବିଭିନ୍ନ ସ୍ଥାନରେ ଭ୍ରମଣକାରୀ ଛାତ୍ରଛାତ୍ରୀମାନଙ୍କ ପାଇଁ ପାନ୍ଥନିବାସ ଚଳାଯାଏ ଓ ସେମାନଙ୍କର ଦେଶଭ୍ରମଣ ପାଇଁ ବିଭିନ୍ନ ପ୍ରକାରର ସୁବିଧା କରିଦିଆଯାଏ । ଏହାଛଡ଼ା ପରସ୍ପର ମିଳାମିଶା ଓ ପରିଚୟ ପାଇଁ ବିଭିନ୍ନ ଧରଣର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯାଏ । ଏବେ ବିଶ୍ୱଶାନ୍ତି ମଧ୍ୟ ଏ ସଂସ୍ଥାର ଲକ୍ଷ୍ୟ ଓ ସେଥିପାଇଁ ଏହା କାମ କରୁଛି ।

ରୋମ୍‌ରେ ଏହାର କେନ୍ଦ୍ରରେ ଏକ ସଭାର ଆୟୋଜନ ହୋଇଥିଲା ଓ ଏଥିରେ ବିଭିନ୍ନ ଦେଶର ଅନେକଗୁଡ଼ିଏ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ଓ ଗାନ୍ଧୀଜୀଙ୍କର ଆଦର୍ଶ ତଥା ଅହିଂସା ବିଷୟରେ ବେଶ ସରଗରମ ଆଲୋଚନା ଚାଲିଥିଲା ।

ଇଟାଲୀର ଲୋକଙ୍କର ସ୍ୱଭାବ ଇଂରେଜଙ୍କର ଓଲଟା କହିଲେ ଅତ୍ୟୁକ୍ତି ହେବ ନାହିଁ । ଇଂରେଜମାନେ ଯେତିକି ଚାପା ଏମାନେ ସେତିକି ଖୋଲା । ଦୁଃଖ, ଆନନ୍ଦ ବା କ୍ରୋଧ ଆଦି ମନର ଭାବକୁ ଏମାନେ ମୁକ୍ତ ଭାବରେ ପ୍ରକାଶ କରନ୍ତି । କଥାବାର୍ତ୍ତା ବେଳେ ମଧ୍ୟ ହାତ, ମୁହଁ, ଆଖିର ଭାବଭଙ୍ଗୀରେ ଅଧିକ ସଜୀବତା ପ୍ରକାଶ ପାଏ ।

ଏହାର ଏକ ମଜାର ଉଦାହରଣ ମିଳିଲା ସିସିଲିରେ ପହଞ୍ଚିବା ଦିନ । ଦାନିଲୋ ଡୋଲଚୀଙ୍କ କଥା ପୂର୍ବରୁ ଉଲ୍ଲେଖ କରିଛି । ସିସିଲିରେ ତାଙ୍କର କାମ ଦେଖିବା ପାଇଁ ମୁଁ ରୋମ୍‌ରେ ପହଞ୍ଚିବାର ପରଦିନ ସେଠାକୁ ଗଲି । ଉଡ଼ାଜାହାଜ ପାଲେର୍‌ମୋ ଘାଟିରେ ପହଞ୍ଚିବା ବେଳକୁ ଦେଖେ ଯେ ସେଠି ଏକାବେଳକେ ଲୋକାରଣ୍ୟ ଓ ସମସ୍ତେ ହାତ, ଟୋପି, ଛତା ହଲେଇ ପ୍ରାଣପଣେ ଚିତ୍କାର କରିବାରେ ଲାଗିଛନ୍ତି । ମୁଁ ବିଚାରିଲି ଯେ ବୋଧହୁଏ ଏ ଉଡ଼ାଜାହାଜରେ କୌଣସି ମନ୍ତ୍ରୀ ବା ଅନ୍ୟ ନେତା ଆସିଛନ୍ତି, ତାଙ୍କୁ ଅଭ୍ୟର୍ଥନା କରିବା-ପାଇଁ ଏ ଭିଡ଼ । ଜଣେ ବରବୁଢ଼ା ଯାତ୍ରୀ ଉଡ଼ାଜାହାଜରୁ ଓହ୍ଲାଇ ଓହ୍ଲାଇ ସିଡ଼ିରେ ଛିଡ଼ା ହୋଇପଡ଼ି ଟୋପି ହଲେଇବା ଆରମ୍ଭ କଲେ । ମୁଁ ଭାବିଲି ଏଇ ନିଶ୍ଚୟ ସେଇ ନେତା । କିନ୍ତୁ କାହିଁ ? ସେ ବୁଢ଼ା ତ ଓହ୍ଲେଇ ଭିଡ଼ ଭିତରେ ମିଶିଗଲା, ତା'ପ୍ରତି ତ କେହି ଖାସ୍ କିଛି ଦୃଷ୍ଟି ଦେଲେ ନାହିଁ ?

ଘାଟିର ବିଶ୍ରାମାଳୟ ଭିତରକୁ ଯାଇ ଦେଖେ ତ ତୁମୁଳ କାଣ୍ଡ । କୋଉ ବୁଢ଼ୀ ତା' ପୁଅ ଗାଲରେ ହାତ ବୁଲେଇ ଲୁହ ଗଡ଼ଉଛି, କିଏ କାହାକୁ ଚୁମା ଦେଉଛି, କାହାକୁ ତା'ର ବନ୍ଧୁବାନ୍ଧବ ପରିବାର ଘେରି ତା' ପିଠି ଥାପୁଡ଼ଉଛନ୍ତି, ଶେକ୍ ହ୍ୟାଣ୍ଡ କରୁଛନ୍ତି, ଏ ଭିଡ଼ ଭିତରେ ଆଉ ଚାଲିବାକୁ ସୁଦ୍ଧା ବାଟ ନାହିଁ । ହାଓଡ଼ାରୁ ପୁରୀ ଏକ୍‌ସପ୍ରେସ ଛାଡ଼ିବା ବେଳର ଦୃଶ୍ୟ ଆଖି ଆଗରେ ନାଚିଗଲା । "ହେ ରାମା ଭାଇ ! ମନେକରି ବାଉନ୍ଶ ଦବୁ ।" "ଆରେ ରଘୁ, ଜିନଷ ଉପରେ ନଜର ଦେଇଥିବୁ, ଶୋଇପଡ଼ିବୁ ନାହିଁ ।" ସେହିପରି କାରବାର, ହୋ'ହା । ପଦାରେ ମତେନେବାକୁ ଡୋଲ୍‌ଚୀଙ୍କ ସହକର୍ମୀ ଓରାନ୍‌ସିଓ ଆସିଥିଲେ । ତାଙ୍କୁ ପଚାରିଲି, ଘଟଣା କ'ଣ ? ସେ କହିଲେ ଯେ ଏଇଟା ଏଠାକାର ନିତିଦିନିଆ କାରବାର । ପ୍ରକୃତରେ ମଧ୍ୟ ତା' ପରଦିନ ସନ୍ଧ୍ୟାରେ ଫେରିବା ବେଳେ ଦେଖିଲି ଠିକ୍ ସେହି ଦୃଶ୍ୟର ପୁନରାବୃତ୍ତି ।

ଆଉ ଗୋଟାଏ କଥା ଲକ୍ଷ୍ୟ କଲି । ରୋମ୍-ପାଲେର୍‌ମୋ ଉଡ଼ାଜାହାଜ ଅବସ୍ଥା ମଧ୍ୟ ପୁରୀ ପାସେଞ୍ଜରର ଭଳି । ତା' ଭିତରେ ଯାବତ୍ ପାଉଁରୁଟି ଠୋଲା, ଆଇସ୍‌କ୍ରୀମ୍ ଖୋଳ, ବିସ୍କୁଟ ଓ କେକ୍‌ର ଟୁକୁରା ଆଦି ଅଳିଆ ପଡ଼ି ରହିଛି । ଯାତ୍ରୀମାନେ ଖିଆପିଆ କରି

ନିର୍ବିକାର ଚିତ୍ତରେ ସେ ସବୁ ତଳେ ପକେଇ ଦେଇଛନ୍ତି । ଯାହାହେଉ ମନରେ ଟିକେ ଶାନ୍ତି ଆସିଲା । ଆମେ ତା'ହେଲେ ଏ ବିଷୟରେ ପୃଥିବୀରେ ଏକୁଟିଆ ନୋହୁଁ ।

ଡାନିଲୋ ଡୋଲ୍‌ଚୀ ଜଣେ ସିଭିଲ୍ ଇଂଜିନିୟର୍ ଓ ଶାନ୍ତିବାଦୀ ମଧ୍ୟ । ଅହିଂସାରେ ତାଙ୍କର ଦୃଢ଼ ଆସ୍ଥା ଓ ସେହି ବାଟରେ ସମାଜ ସେବାର ବ୍ରତ ନେଇ ସେ ଆସି ପ୍ରାୟ କୋଡ଼ିଏ ବର୍ଷ ହେଲା ସିସିଲିରେ ବସିଛନ୍ତି । ଅହିଂସାରେ ତାଙ୍କର ଆସ୍ଥା ଓ ସତ୍ୟାଗ୍ରହ ଅନଶନ ଆଦି ପନ୍ଥା ଗ୍ରହଣ ଯୋଗୁଁ ସେ 'ଇଟାଲୀର ଗାନ୍ଧୀ' ଆଖ୍ୟା ପାଇଛନ୍ତି । ଇଟାଲୀର ଉତ୍ତର ଅଞ୍ଚଳରେ ବେଶ ଭଲ ରକମ ବୈଷୟିକ ବିକାଶ ହୋଇଛି ଓ ଲୋକଙ୍କ ଅବସ୍ଥା ମଧ୍ୟ ବେଶ ସଚ୍ଛଳ । ମାତ୍ର ସିସିଲି ସମେତ ଦକ୍ଷିଣ ଅଞ୍ଚଳ ଏବେ ବି ବହୁତ ପଛୁଆ ରହିଛି । ଏ ଅଂଶରେ ବେଶୀ ଲୋକ କୃଷି ଉପରେ ନିର୍ଭର କରନ୍ତି । ଶିଳ୍ପର ପ୍ରସାର ଯଥେଷ୍ଟ ହୋଇ ନାହିଁ । ବେକାରି ସମସ୍ୟା ବେଶ ଗୁରୁତର । ଦାରିଦ୍ର୍ୟ ମଧ୍ୟ ରହିଛି । ଏ ସବୁ ସାଙ୍ଗକୁ ସିସିଲିରେ ରହିଛି ଏକ ଗୁରୁତର ଡକେଇତି ସମସ୍ୟା, ଅନେକଟା ଆମ ଦେଶର ଚମ୍ବଲଘାଟୀ ଅଞ୍ଚଳର ଡାକୁ ସମସ୍ୟା ପରି । ଦାରିଦ୍ର୍ୟ ଓ ବେକାରି ଯୋଗୁଁ ଏ ସମସ୍ୟା ଗମ୍ଭୀର ଓ ଜଟିଳ ହୋଇଛି । ବହୁ ଲୋକ ଏହାକୁ ଏକ ଜୀବିକାର ସାଧନ ରୂପେ ଗ୍ରହଣ କରିଛନ୍ତି । ତେବେ ଏହା ମୂଳରେ ଏକ ହିଂସାତ୍ମକ ସଂଗଠନର ପରମ୍ପରା ମଧ୍ୟ ରହିଛି । 'ମାଫିଆ' ଇଟାଲୀର ଏକ ପ୍ରସିଦ୍ଧ ଗୁପ୍ତ ସଂଗଠନ । କେତେ ଶହ ବର୍ଷ ହେଲା ଏହା ଚାଲିଆସୁଛି । ଡକେଇତି, ନରହତ୍ୟା, ଚୋରା କାରବାର ଆଦି ହେଲା ଏହାର ଧନ୍ଦା । ଗାଁ ଓ ସହରର ମାତବ୍‌ବରମାନେ ନିଜ ନିଜର ପ୍ରତିପତ୍ତି କାଏମ ରଖିବା ପାଇଁ ଏହାର ସାହାଯ୍ୟ ନେଇଥାନ୍ତି । ବଡ଼ଲୋକମାନେ ଆପଣା ବିରୋଧୀ ବା ପ୍ରତିଦ୍ୱନ୍ଦ୍ୱୀକୁ ଖତମ କରିବାପାଇଁ ଓ ରାଜନୀତିକ ନେତାମାନେ ଭୋଟ ହାସଲ କରିବା ପାଇଁ ଏହାର ଶରଣାପନ୍ନ ହୋଇଥାନ୍ତି । ସେଥିପାଇଁ ଏ ସଂଗଠନର ମୂଳ ଖୁବ୍ ମଜବୁତ ଓ ତେଣୁ ଏହାକୁ ନିର୍ମୂଳ କରିବାର ସମସ୍ତ ଉଦ୍ୟମ ବ୍ୟର୍ଥ ହୋଇଛି ।

ଆମ ଦେଶର ତଥା ଅନ୍ୟାନ୍ୟ ପୁଂଜିବାଦୀ ଦେଶର ସହରମାନଙ୍କରେ ବି ଏହିଭଳି ଗୁଣ୍ଡା ସଂଗଠନ ରହିଛି ଓ ସେ ସବୁ ବି ଧନୀଲୋକ, ସମାଜପତି ଓ ରାଜନୀତିକ ଦଳମାନଙ୍କର ସମର୍ଥନ ଓ ଆଶ୍ରୟ ପାଇ ବେଶ ମଜବୁତ ହୋଇ ରହିଥାନ୍ତି । ତେବେ ଏମାନଙ୍କର ସଂଗଠନ ମାଫିଆ ଭଳି ଏତେ ବ୍ୟାପକ ଓ ରାଷ୍ଟ୍ରବ୍ୟାପୀ ହେବାର ଜଣା ନାହିଁ । ଇଟାଲୀ ବାହାରେ, ଆମେରିକା ଆଦିରେ, ଯେଉଁଠି ଇଟାଲୀୟ ଲୋକ ଅଛନ୍ତି ସେଠି ବି ଏହି ମାଫିଆ ସଂଗଠନର ଚେର ମାଡ଼ିଛି ।

ଲୋକଙ୍କର ଦାରିଦ୍ର୍ୟ ଓ ବେକାରିର ପ୍ରତିକାରର ଉପାୟ ଖୋଜିବା ପାଇଁ ଡୋଲଚୀ ଆସି ସିସିଲିରେ ବସିଲେ ଓ କ୍ରମେ ଡକେଇତି ସମସ୍ୟାର ମଧ୍ୟ ସମ୍ମୁଖୀନ ହେଲେ । ସେଠା ଲୋକଙ୍କର ଦୁରବସ୍ଥା ପ୍ରତି ଦେଶବାସୀ ଓ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବାପାଇଁ ସେ ଥରେ ଅନଶନ କରିଥିଲେ ଓ ତାହା ଫଳରେ ଏକ ନଦୀବନ୍ଧ ନିର୍ମାଣ ଯୋଜନା ହାତକୁ ନେବାକୁ ସରକାର ବାଧ୍ୟ ହୋଇଥିଲେ । ଆଉ ଥରେ ସେ ଏକ 'ଓଲଟ ଧର୍ମଘଟ' ଆରମ୍ଭ

କରି ଯଶସ୍ୱୀ ହୋଇଥିଲେ । ସେ ଦେଖିଲେ ଯେ ଗାଁ ଲୋକ ବେକାର ବସିଛନ୍ତି, ସେମାନଙ୍କର ଧନ୍ଦା ଲୋଡ଼ା । କୌଣସି ଦାବୀ ଜଣାଇବା ଓ ସେଥିପାଇଁ ଲଢ଼ିବାର ଏକ ଉପାୟ ହେଲା ଧର୍ମଘଟ । ମାତ୍ର ଯେ ବେକାର ସେ କି ଧର୍ମଘଟ କରିବ ? ଦୋଲଚୀ ବୁଦ୍ଧି ଦେଲେ ଯେ ବେକାର ଲୋକ ଓଲଟ ଧର୍ମଘଟ ରୂପେ କାମ କରନ୍ତୁ । ସେମାନଙ୍କୁ ନେଇ ସେ ଗୋଟିଏ ସରକାରୀ ରାସ୍ତା ମରାମତି କରିବେ ବୋଲି ସରକାରଙ୍କୁ ନୋଟିସ ଦେଇ କାମ ଆରମ୍ଭ କଲେ ।

ସରକାରୀ ରାସ୍ତାଘାଟ ବା କୋଠାବାଡ଼ିରେ ହାତଦେବା ତ ବେଆଇନ । ତୁରନ୍ତ ପୁଲିସ କାର୍ଯ୍ୟାନୁଷ୍ଠାନ ହେଲା । ଲୋକେ ଗିରଫ ହେଲେ । ଦେଶସାରା ଖବର କାଗଜରେ ଏ ଖବର ବାହାରିଲା ଓ ସବୁଠିଁ ସରକାର ଲୋକହସା ହୋଇଗଲେ । ସରକାର ଲୋକଙ୍କୁ କାମ ବି ଦେଉ ନାହିଁ କି ଖରାପ ରାସ୍ତା ମରାମତି କରୁ ନାହିଁ । ଅଥଚ ଲୋକେ କରିବାକୁ ଗଲେ ଗିରଫ କରୁଛି ? ସରକାର ଲଜ୍ଜିତ ହୋଇ ଗିରଫ ଲୋକଙ୍କୁ ଛାଡ଼ିଦେଲା ଓ ବାରକମିସ୍ତ୍ରୀ ବିଭାଗ ଜରିଆରେ ସେମାନଙ୍କୁ କାମ ଯୋଗାଇବା ବ୍ୟବସ୍ଥା ହେଲା ।

ଏବେ ସିସିଲିରେ ଦାରିଦ୍ର୍ୟ, ବେକାରୀ ଓ ଡାକୁ ସମସ୍ୟା ସହିତ ଲଢ଼ିବାପାଇ ଦୋଲଚୀ ସେଠାରେ ବହୁମୁଖୀ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଗ୍ରାମ ସମାଜର ମୌଳିକ ପରିବର୍ତ୍ତନ ଆଣିବା ମଧ୍ୟ ତାଙ୍କର ଲକ୍ଷ୍ୟ । ରାଜନୀତି ଓ ଗାଁର ମାତବ୍‌ବରମାନଙ୍କ ସହିତ ଯୋଗାଯୋଗ ଯୋଗୁଁ ମାଫିଆ ଶକ୍ତିଶାଳୀ ହୋଇଛି । ଏହାର ମୂଳକୁ ଦୋହଲାଇବା ପାଇଁ ସେ ଗାଁରେ ଲୋକଙ୍କର ସାମୂହିକ ଅଭିକ୍ରମ ଜାଗ୍ରତ କରିବା ପାଇଁ ଉଦ୍ୟମ କରୁଛନ୍ତି । ଯଦି ଗାଁର ସର୍ବସାଧାରଣ ଗଣତାନ୍ତ୍ରିକ ଢଙ୍ଗରେ ଗାଁର ସମସ୍ତ କାରବାର ବିଷୟରେ ନିର୍ଣ୍ଣୟ କରନ୍ତି ତେବେ ଏକ ନୂଆ ଗଣନେତୃତ୍ୱର ଉଦ୍ଭବ ହେବ ଓ ଗୁଣ୍ଡାଙ୍କ ସାହାଯ୍ୟରେ ଲୋକଙ୍କ ଉପରେ ପ୍ରଭୁତ୍ୱ କରୁଥିବା ପୁରୁଣା ମାତବ୍‌ବରମାନେ ଗାଦିଚ୍ୟୁତ ହେବା ସାଙ୍ଗେ ସାଙ୍ଗେ ମାଫିଆର ପ୍ରଭାବ ମଧ୍ୟ ଲୋପ ହେବ । ଏ ଦିଗରେ ତାଙ୍କୁ କିଛିଟା ସଫଳତା ମଧ୍ୟ ମିଳିଛି ।

ଏହାଛଡ଼ା ସେ ମାଫିଆ ସହିତ ସମ୍ପୃକ୍ତ ଥିବା ରାଜନୀତିକ ନେତାମାନଙ୍କର କାରବାର ବିଷୟରେ ତଥ୍ୟମୂଳକ ପ୍ରମାଣ, ଦଲିଲପତ୍ର ଆଦି ସଂଗ୍ରହ କରି ପ୍ରକାଶ କରିବା ଦ୍ୱାରା ଜନମତ ସଂଗଠିତ କରିବା ଉଦ୍ୟମ ମଧ୍ୟ କରୁଛନ୍ତି । ଏହିଭଳି ତଥ୍ୟ ପ୍ରକାଶ ପାଇବା ଫଳରେ ଏଠାର ପାର୍ଲମେଣ୍ଟର ଦୁଇଜଣ ସଦସ୍ୟ ନିକଟରେ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି ।

ଦାରିଦ୍ର୍ୟ ଓ ବେକାରୀ ନିବାରଣ ପାଇଁ ସେ ସ୍ଥାନୀୟ ହସ୍ତଶିଳ୍ପର ବିକାଶ, ନୂଆ କ୍ଷୁଦ୍ର ଶିଳ୍ପର ପ୍ରସାର, କୃଷି ଉନ୍ନୟନ, ସମବାୟ ସମିତି ଗଠନ ଆଦି କାମ ହାତକୁ ନେଇଛନ୍ତି । ଶିକ୍ଷାର ପ୍ରସାର ଓ ସଂସ୍କାର ପ୍ରତି ମଧ୍ୟ ଧ୍ୟାନ ଦେଇଛନ୍ତି ।

ଏବେ ଏଠାରେ ଚାରୋଟି କେନ୍ଦ୍ରରେ କୋଡ଼ିଏ କୋଡ଼ିଏ ଜଣ ସକ୍ରିୟ କର୍ମୀ କାମ କରୁଛନ୍ତି । ଏମାନଙ୍କ ଭିତରେ ଇଟାଲୀ ବ୍ୟତୀତ ୟୁରୋପର ଅନ୍ୟାନ୍ୟ ଦେଶରୁ ଆସିଥିବା ସ୍ୱୟଂସେବକ ମଧ୍ୟ ଅଛନ୍ତି । ଟ୍ରାପେଟୋ ଗାଁରେ ଥିବା କେନ୍ଦ୍ରକୁ ମୁଁ ଆସିଲି । ଗାଁଟି ସମୁଦ୍ର କୂଳରେ, ବେଶୀ ବଡ଼ ନୁହେଁ । ଘରଗୁଡ଼ିକ ଅଧିକାଂଶ ସାନ ସାନ କିନ୍ତୁ ପକ୍କା ।

କେନ୍ଦ୍ରଟି ଗାଁର ଦକ୍ଷିଣକୁ ଏକ ମୁଣ୍ଡିଆ ଉପରେ ରହିଛି । ଘରର ଛାତ ଉପରୁ ଭୂମଧ୍ୟସାଗରର ଘନନୀଳ ଜଳରାଶିର ମନୋରମ ଦୃଶ୍ୟ ଦେଖାଯାଏ । ଅଳ୍ପ ଦିନ ହେଲା ଏ କେନ୍ଦ୍ରର ଘରସବୁ ନୂଆ ତିଆରି ହୋଇଛି । ସବୁ ଆଧୁନିକ ସୁବିଧା ରହିଥିଲେ ମଧ୍ୟ ଖୁବ୍ ସାଦାସିଧା ।

ମୁଁ ପହଞ୍ଚିବା ଦିନ ଏଠି ଏକ ସେମିନାର ଆରମ୍ଭ ହେବାର ଥିଲା । ଫ୍ରାନ୍ସ, ସ୍ୱିଜରଲ୍ୟାଣ୍ଡ, ଇଟାଲି, ଅମେରିକା ଓ ଜ୍ୟାମେକାରୁ କୋଡ଼ିଏ ବାଇଶି ଜଣ ଏଥିରେ ଯୋଗ ଦେବାକୁ ଆସିଥିଲେ । ଏଥିରେ ଚର୍ଚ୍ଚାର ବିଷୟ ଥିଲା 'ଆର୍ଥିକ ବିକାଶ ଓ ସାମାଜିକ ପରିବର୍ତ୍ତନ ।' ଆର୍ଥିକ ବିକାଶର କାମ କରିବା ସାଙ୍ଗେ ସାଙ୍ଗେ ସାମାଜିକ ପରିବର୍ତ୍ତନକୁ ଗୁରୁତ୍ୱ ନ ଦେଇ କିପରି ଆଗେଇ ନେଇ ହେବ ଏଇ ହେଲା ସମସ୍ୟା । ଆମ ଦେଶରେ ଗ୍ରାମଦାନ ଆନ୍ଦୋଳନରେ ବି ଆମେ ଏଇ ସମସ୍ୟାର ସମ୍ମୁଖୀନ ହୋଇଥାଉ । ଏ ଥରର ଗୋଷ୍ଠୀରେ ବିଶେଷ ସମୟ ନେଇ ଗ୍ରାମଦାନର ଆଲୋଚନା ମଧ୍ୟ କରାହେଲା । ଏହାଛଡ଼ା ଦୋଲ୍‌ଚୀଙ୍କ କାମର ବିସ୍ତୃତ ବିବରଣ ମଧ୍ୟ ମିଳିଲା । ଏ ଗୋଷ୍ଠୀ ଛଅ ସାତ ଦିନ ଚାଲିବାର ଥିଲା । ମାତ୍ର ମୁଁ କେବଳ ଦେଢ଼ ଦିନ ରହି ଫେରି ଆସିବାରୁ ମୁଖ୍ୟ ବିଷୟର ଚର୍ଚ୍ଚାରେ ବିଶେଷ ଯୋଗ ପାରି ନ ଥିଲି ।

ସେ'ଦିନ ରାତିରେ ଖାଇ ସାରିବା ପରେ ସମସ୍ତେ ବାହାରିଲେ ସମୁଦ୍ରରେ ଗାଧୋଇବା ପାଇଁ । ରାତି ନଅଟା ହେଲେ ବି ସେତେବେଳେ ବେଶ୍ ଫରଚ୍ଛ । ମୋର ଗାଧୋଇବାର ଇଚ୍ଛା ନ ଥିଲା, କେବଳ ସମୁଦ୍ର ଦେଖିବାକୁ ଗଲି । ଏଭଳି ପୋଖରୀ ପରି ଶାନ୍ତ ସମୁଦ୍ର ମୁଁ ପୂର୍ବରୁ କେବେ ଦେଖି ନ ଥିଲି, ପବନ ନ ଥାଏ, ଚାରିଇଞ୍ଚ ଉଚ୍ଚର ଢେଉ କେବଳ ଖେଳୁଥାଏ । ସମୁଦ୍ର ମଧ୍ୟ ବେଶ ଅଗଭୀର, ଆରମ୍ଭରେ ବେଶ ଦୂରକୁ ଯାଇ ହେବ । ଗାଧୋଇବାର ଲୋଭ ହେଲା, ମାତ୍ର ଲୁଗାପଟା ନ ଥିଲା । ପର ଦିନ ଦ୍ୱିପ୍ରହରରେ ପୁଣି ସମସ୍ତେ ଆସିଲୁ ଓ ମନଇଚ୍ଛା ଗାଧୁଆ ହେଲା । ମାତ୍ର ଏ ଦିନ ସମୁଦ୍ରର ରୂପ ଏକାବେଳକେ ବଦଳି ଯାଇଥାଏ । ଏଣେ ଦ୍ୱିପ୍ରହରର ଜୁଆର ଓ ତା' ସାଙ୍ଗକୁ ପବନ । ପୁରୀ ସମୁଦ୍ର ଭଳି ବେଶ ବଡ଼ ବଡ଼ ଢେଉ ଉଠୁଥାଏ ।

ଏଠାର ଏକ ମଧୁର ସ୍ମୃତି ଟେରେସ୍ ଦମ୍ପତିଙ୍କର ଚାରିବର୍ଷର ପୁଅ ଲେଇଁ ସହିତ ବନ୍ଧୁତାର । ଟେରେସ୍ ଦମ୍ପତି ଫ୍ରାନ୍ସର ଲୋକ । ଦେଶ ଭ୍ରମଣ ପାଇଁ ମୋଟରରେ ବାହାରି ଏଠି ଆସି ପହଞ୍ଚିଥାଆନ୍ତି । ଶାନ୍ତିବାଦୀ । ସେମାନେ ସମୁଦ୍ରକୁ ଗାଧୋଇଗଲେ, ଲେଇଁ ଏକୁଟିଆ କୂଳରେ ବୁଲି ବୁଲି ମୋ ପାଖରେ ଆସି ବସିପଡ଼ିଲା ଓ ଗପ ଆରମ୍ଭ କଲା । ସେ ଫରାସୀ ଭାଷାରେ ଅନର୍ଗଳ ଗପି ଯାଉଥାଏ । ମୁଁ କେବଳ ଦୁଇ ଚାରିଟା ଶବ୍ଦ ବୁଝୁଥାଏ । ପାପା, ମାମାଁ, ଲା ମେର୍ (ସମୁଦ୍ର), ପୁର୍‌କୋଆ (କାହିଁକି ?) । ସେ ଅଜସ୍ର ପ୍ରଶ୍ନ ପଚାରି ଚାଲିଥାଏ । ମୋର କେବଳ ଉଇ, ଉଇ ହଁ ହଁ) କରି ମୁଣ୍ଡ ଝୁଙ୍କାଇବା ଛଡ଼ା ଅନ୍ୟ ଉପାୟ ନ ଥାଏ । କିନ୍ତୁ ଏମିତି ଆମ ଭିତରେ ବେଶ ବନ୍ଧୁତା ଜମିଉଠିଲା । ପରଦିନ ସେଠୁ ଚାଲି ଆସିବା ବେଳେ ଅତି ଖରାପ ଲାଗିଲା । ★ ★

# ବତିଶ

## ତୀର୍ଥ-ନଗରୀ ରୋମ୍

ରୋମ୍‌କୁ ପୁଣି ଫେରି ଆସିବା ପରେ ସେଠି ତିନି ଦିନ ରହଣୀ ଭିତରେ କେତେକଙ୍କ ଦେଖାସାକ୍ଷାତ କରିବା ଛଡ଼ା ରୋମ୍‌ର ଦର୍ଶନୀୟ ସ୍ଥାନ ସବୁ ଦେଖାହେଲା । ରୋମରେ ଭେଟିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ଭିତରେ ମିଃ ଲିଗୁତ୍ତିଙ୍କ ନାମ ଉଲ୍ଲେଖ ଯୋଗ୍ୟ । ଏ ହେଉଛନ୍ତି ରାଷ୍ଟ୍ରସଂଘର ଖାଦ୍ୟ ଓ କୃଷି ସଂଗଠନ (FAO)ରେ ପୋପ୍‌ଙ୍କର ପ୍ରତିନିଧି । ଏହାଙ୍କର ଗାନ୍ଧୀଜୀଙ୍କ ପ୍ରତି ଗଭୀର ଶ୍ରଦ୍ଧା ରହିଛି ଓ ବିନୋବାଜୀଙ୍କର ଗ୍ରାମଦାନ ଆନ୍ଦୋଳନକୁ ମଧ୍ୟ ସେ ପସନ୍ଦ କରନ୍ତି । ସେ କହିଲେ ଯେ ଖ୍ରୀଷ୍ଟଙ୍କର ଅନୁଯାୟୀମାନେ ଏକ ସମୟରେ ଗୋଷ୍ଠୀ ଜୀବନ ଯାପନ କରୁଥିଲେ । ସେଥିରେ କାହାରି କୌଣସି ବ୍ୟକ୍ତିଗତ ସମ୍ପତ୍ତି ରହୁ ନ ଥିଲା । ସମସ୍ତେ ସବୁ ସମ୍ପତ୍ତି ସମାନ ଭାବରେ ଭୋଗ କରୁଥିଲେ । ବିନୋବାଜୀ ସେହି ଆଦର୍ଶକୁ କାର୍ଯ୍ୟକାରୀ କରିବା ଉଦ୍ୟମ କରୁଛନ୍ତି । ଏଥିରେ ଜୋର ଜବରଦସ୍ତୀର ସ୍ଥାନ ନାହିଁ, କାରଣ ତାହା ମଣିଷର ଆତ୍ମାକୁ ବିନଷ୍ଟ କରେ ।

ସେ ପୁଣି କହିଲେ ଯେ ମଣିଷଠାରେ ବିଶ୍ୱାସ ହିଁ ସବୁଠାରୁ ବଡ଼ କଥା । ଆମେ ପରମାଣୁ ଶକ୍ତିର ରହସ୍ୟ ଉଦ୍‌ଘାଟନ କରିଛୁ ଓ ତାକୁ କାମରେ ଲଗାଇବାର ଉପାୟ ବାହାର କରିଛୁ । ମାତ୍ର କେବଳ ଆତ୍ମାର ଶକ୍ତି ବଳରେ ହିଁ ଭୟଙ୍କର ପରମାଣୁ ଶକ୍ତିକୁ ମଣିଷ ଆୟତ୍ତରେ ରଖିପାରିବ ।

ସେ ତାଙ୍କର ନିଜର ଜୀବନଦୃଷ୍ଟି ବିଷୟରେ କହିଲେ—"ମୋର ବିଶ୍ୱାସ ଯେ ଅତି ସାଧାରଣ କ୍ଷୁଦ୍ର ମନୁଷ୍ୟ ବି ବହୁତ କିଛି କରିପାରେ । ଯଦି ବହୁ ସଂଖ୍ୟକ କ୍ଷୁଦ୍ର, ସାଧାରଣ ନୁଷ୍ୟ ଅଜ୍ଞାତ ଓ କ୍ଷୁଦ୍ର ସ୍ଥାନରେ କ୍ଷୁଦ୍ର କ୍ଷୁଦ୍ର ସତ୍ ଉଦ୍ୟମ କରନ୍ତି ତେବେ ସେ ସବୁର ମୋଟ ପରିଣାମ ଖୁବ୍ ବିରାଟ ହୋଇଥାଏ ।"

ଦିନେ ରୋମ ଥିଲା ଏକ ପ୍ରାଚୀନ ପ୍ରାକ୍-ଖ୍ରୀଷ୍ଟୀୟ ସଭ୍ୟତାର ପ୍ରାଣକେନ୍ଦ୍ର । ତା'ପରେ କାଳକ୍ରମେ ୟୁରୋପରେ ଘଟିଲା ଖ୍ରୀଷ୍ଟଧର୍ମର ପ୍ରାବଲ୍ୟ ଏବଂ ପୁଣି ରୋମ୍ ହେଲା ନୂତନ

ନୂତନ ଧର୍ମ-ସାମ୍ରାଜ୍ୟର ପ୍ରଧାନ ପୀଠ । ଏବେ ବି ରୋମ୍ ଏ ଦୀର୍ଘ ଇତିହାସର ସ୍ମୃତିବୋଲା କଙ୍କାଳ ଧରି ଛିଡ଼ା ହୋଇଛି ।

ପ୍ରାଚୀନ ସାମ୍ରାଜ୍ୟ ଯୁଗର ରୋମ୍ ନଗରର ଭଗ୍ନାବଶେଷ ପ୍ରଧାନତଃ ବର୍ତ୍ତମାନ ସହରର ଗୋଟାଏ ଅଂଶ ଭିତରେ ହିଁ ରହିଛି । ସେ ଯୁଗରେ ତ ସହର ଏତେ ବଡ ନ ଥିଲା, ଅନେକ ଶ୍ରେଷ୍ଠ ଥିଲା । ସେ ଯୁଗର ସେ ସବୁ ବିରାଟ ଭବନ, ମନ୍ଦିର, ତୋରଣ ଆଦିରୁ ଅଧିକାଂଶ ଭାଙ୍ଗିରୁଜି ଯାଇଛି, କେବଳ ଖମ୍ବ ଓ ଭଙ୍ଗା କାନ୍ଥ ଛିଡା ହୋଇ ରହିଛି । ଭଙ୍ଗା ପଥର ସବୁ ଇତସ୍ତତଃ ପଡିଛି । ସେ ସବୁକୁ କୌଣସି ପ୍ରକାରେ ସଜଡ଼ା ଯାଇ ନାହିଁ । ସେ ସବୁ ଇତସ୍ତତଃ ବିକ୍ଷିପ୍ତ ପଥର ଓ ଭଗ୍ନାବଶେଷ ଗୁଡ଼ପଟେ ଉଦ୍ୟାନ ସଜେଇ ଦିଆଯାଇଛି ।

ଏହାଭିତରେ ସବୁଠାରୁ ବଡ ବୋଧହୁଏ କଲେସିୟମ୍ । ଏକ ବିରାଟ ତିନ ମହଲା ଉଚ୍ଚ ଗୋଲାକାର କ୍ରୀଡାଙ୍ଗଣ । ଚାରି ପାଖରେ ଦର୍ଶକମାନଙ୍କର ବସିବା ସ୍ଥାନ ଓ ମଝିରେ ଅଙ୍ଗନ । ଏଇଠି ସେ ଯୁଗରେ ପଳାତକ କ୍ରୀତଦାସ ଓ ଦଣ୍ଡପ୍ରାପ୍ତ ଅପରାଧୀମାନଙ୍କୁ କ୍ଷୁଧାତୁର ସିଂହ ମୁହଁରେ ପକେଇ ଦିଆ ହେଉଥିଲା ଓ ରୋମ୍ ର ସମ୍ରାଟଙ୍କ ସମେତ ହଜାର ହଜାର ନଗରବାସୀ ସେ ବିଚରାଙ୍କୁ ସିଂହ ଖଣ୍ଡ ଖଣ୍ଡ କରି ଛିଣ୍ଡେଇ ଖାଇବାର ବିଭତ୍ସ ଦୃଶ୍ୟକୁ ଉପଭୋଗ କରୁଥିଲେ । ଖ୍ରୀଷ୍ଟାନମାନେ ସେ ଆଦିଯୁଗରେ ସାମ୍ରାଜ୍ୟ ଓ ତତ୍କାଳୀନ ବିଷମତା ଓ ଅନ୍ୟାୟ ବିରୋଧରେ ବିଦ୍ରୋହୀ ଥିଲେ । ସାଧାରଣତଃ କ୍ରୀତଦାସ ଓ ଦରିଦ୍ର ଶ୍ରେଣୀର ଅତ୍ୟାଚାରିତ ଲୋକେ ହିଁ ଖ୍ରୀଷ୍ଟାନ ହେଉଥିଲେ । ସେମାନଙ୍କୁ ଅତି କ୍ରୁର ଭାବରେ ଦମନ କରାଯାଉଥିଲା ଓ ଏହିଭଳି ସିଂହ ମୁହଁରେ ମଧ୍ୟ ପକା ଯାଉଥିଲା । କେତେ ନା କେତେ ହଜାର ନରନାରୀଙ୍କର ରକ୍ତରେ ଏ ପ୍ରାଙ୍ଗଣ ଆପ୍ଲୁତ ନ ହୋଇଛି, ସେମାନଙ୍କର କି କରୁଣ ଆର୍ତ୍ତନାଦରେ ଏ ଭବନ ମୁଖରିତ ନ ହୋଇଛି ! ଏବେ ଏହାର ଭଗ୍ନାବଶେଷ ଦେଖି ମୋର ଆନନ୍ଦ ହେଲା । ବର୍ବର ରୋମନ ସାମ୍ରାଜ୍ୟ ମାନବ ଜାତି ପ୍ରତି ଏକ ଅଭିଶାପ ଥିଲା, ସବୁ ଯୁଗର ସବୁ ସାମ୍ରାଜ୍ୟ ପରି । ତାହା ଯେ ଲୋପ ହୋଇଛି, ସେଥିରେ ଦୁଃଖ କରିବାର କିଛି ନାହିଁ ।

କିନ୍ତୁ ସେ ଯୁଗର ସେ ବର୍ବରତାର ପ୍ରଭାବ ଯେ ସମ୍ପୂର୍ଣ୍ଣ ଲୋପ ହୋଇ ନ ଥିଲା ତାହାର ପ୍ରମାଣ ଇଟାଲୀରେ ମୁସୋଲିନୀଙ୍କର ବର୍ବର ଫାଶୀବାଦର ଅଭ୍ୟୁଦୟ । ମୁସୋଲିନୀ ଯେଉଁ ଘରେ ରହୁଥିଲେ ଓ ଯେଉଁ ଝରକା ତଳେ ଲୋକଙ୍କୁ ଦର୍ଶନ ଦେଉଥିଲେ, ବକ୍ତୃତା ଦେଉଥିଲେ ସେ ସବୁ ଏବେ ବି ରହିଛି, ତେବେ ସେଥିରେ ଗୋଟାଏ କ'ଣ ସରକାରୀ ଅଫିସ ଚାଲୁଛି । ମୁସୋଲିନୀଙ୍କର ସ୍ମୃତିକୁ ଯେ ଏବର ସଭ୍ୟ ଇଟାଲୀୟମାନେ ଲଜ୍ଜାଜନକ ଓ ଘୃଣ୍ୟ ମନେ କରନ୍ତି ଏହା ଏକ ଆଶ୍ୱାସର କଥା ।

ତେବେ ଇଟାଲୀର ସ୍ଥାପତ୍ୟ ଶିଳ୍ପ ଯେ ଅତି ଉଚ୍ଚକୋଟିର ଥିଲା ଏଥିରେ ସନ୍ଦେହ ନାହିଁ । ଭଙ୍ଗା ତୋରଣ ବା ଭବନମାନଙ୍କର ପଚିଶ ପଚିଶ ଫୁଟ ଉଚ୍ଚ ଖମ୍ବ ଛିଡ଼ାହୋଇଛି, ଏକାବେଳକେ ନିଖୁଣ ଗଢ଼ଣ, ଏବେ ବି ସେ କାଳର ସେ ପାଲିଶ ଅକ୍ଷୁଣ୍ଣ ରହିଛି । ଆମ

ଦେଶର ମନ୍ଦିରର ପଥର ପରି କ୍ଷୟ ପାଇ ନାହିଁ । ଏହା ଏ ଦେଶର ଜଳବାୟୁର ଗୁଣ । ଆମ ଦେଶର ପ୍ରବଳ ବର୍ଷା, ତୋଫାନ ଓ ପ୍ରଖର ସୂର୍ଯ୍ୟକିରଣ ପ୍ରକୃତର କୃତ ବଡ଼ବଡ଼ ପାହାଡ଼କୁ ମଧ୍ୟ ଭାଙ୍ଗିଚୂରି ମାଟିରେ ମିଶେଇ ଦେବାରେ ଅଧିକ ସଫଳ ହୁଏ, ଆଉ ମଣିଷର କୃତ ତ ଛାର କଥା ।

ଇଟାଲୀର ମଧ୍ୟଯୁଗର ଭାସ୍କର୍ଯ୍ୟ ଓ ଚିତ୍ରକଳା ମଧ୍ୟ ଶୀର୍ଷକୋଟିର । ମଧ୍ୟଯୁଗରେ ଏଠି ମିକେଲ୍ ଅଂଜେଲୋ ଲିଓନାର୍ଡୋ ଦା ଭିନ୍‌ଚୀ, ବଟ୍‌ଚେଲ୍ଲୀ, ଜୋତ୍ତୋ ଆଦି ମହାନ୍ ଶିଳ୍ପୀ ଓ ଚିତ୍ରକରଗଣ ଜନ୍ମଗ୍ରହଣ କରିଥିଲେ । ସେମାନଙ୍କର କୃତ ତ ସାରା ୟୁରୋପର ସଂଗ୍ରହାଳୟମାନଙ୍କରେ ରହିଛି । ଏଠି ରୋମ, ଫ୍ଲୋରେନ୍ସ ପ୍ରଭୃତିରେ ବିଶେଷ ରହିଛି । ଭୁବନେଶ୍ୱର ଯେପରି ଅସଂଖ୍ୟ ମନ୍ଦିରର ନଗରୀ ଥିଲା ସେହିପରି ରୋମ ଗୀର୍ଜାର ନଗରୀ । କାଥଲିକ୍‌ମାନଙ୍କର ସର୍ବ ପ୍ରଧାନ ଧର୍ମଗୁରୁ ପୋପ୍ ଏଇଠି ରହନ୍ତି । ମଧ୍ୟଯୁଗରେ ପ୍ରୋଟେଷ୍ଟାଣ୍ଟମାନେ ପୋପ୍‌ଙ୍କର ଆଧିପତ୍ୟକୁ ଅସ୍ୱୀକାର କରି ଅଲଗା ଅଲଗା ଧର୍ମ ସମ୍ପ୍ରଦାୟ ଗଢ଼ିବା ପୂର୍ବରୁ ପୋପ୍ ତ ସାରା ଖ୍ରୀଷ୍ଟାନ ଜଗତର ଧର୍ମଗୁରୁ ଥିଲେ । ସେତେବେଳେ ବିଭିନ୍ନ ଦେଶରୁ ତୀର୍ଥଯାତ୍ରୀମାନେ ରୋମ୍‌କୁ ଆସୁଥିଲେ ପୋପ୍‌ଙ୍କ ଦର୍ଶନ ପାଇଁ । ଏବେ ମଧ୍ୟ କ୍ୟାଥଲିକ୍‌ମାନେ ଆସନ୍ତି । ସେତେବେଳେ ପ୍ରତ୍ୟେକ ଦେଶ ଓ ସମ୍ପ୍ରଦାୟର ଲୋକେ ଏଠି ନିଜ ନିଜର ଗୀର୍ଜା ଗଢ଼ି ଯାଇଛନ୍ତି । ଭୁବନେଶ୍ୱରର ମନ୍ଦିର ସବୁ ପରି ଏଠା ଗୀର୍ଜା ମଧ୍ୟ ସାନରୁ ବଡ଼ ହରେକ ରକମର ଅଛି । ଏ ସବୁ ଭିତରେ ବୃହତ୍ତମ ଓ ସବୁଠାରୁ ବିଖ୍ୟାତ ହେଲା ସେଣ୍ଟ ପିଟରସ୍ ଗୀର୍ଜା ଓ ସବୁଠାରୁ ସୁନ୍ଦର ପୋପ୍‌ଙ୍କ ରାଜଧାନୀ ଭାଟିକାନ୍ ଭିତରେ ଥିବା ସୀସ୍‌ଟିନେ ଚାପେଲ୍ । ଏ ଶେଷୋକ୍ତଟିକୁ ମୁଁ ଦେଖିପାରିଲି ନାହିଁ । ଶନିବାର ଦିନ ତାହା ମାତ୍ର ସକାଳଓଳି ଖୋଲା ରହେ ବୋଲି ମତେ ଜଣା ନ ଥିଲା ଓ ଉପରଓଳି ପହଞ୍ଚି ଦେଖେ ତାହା ବନ୍ଦ ହୋଇ ସାରିଲାଣି । ଏଇଟା ଗୋଟାଏ ବଡ଼ ଆଶା ଅପୂର୍ଣ୍ଣ ରହିଗଲା ।

ସେଣ୍ଟ ପିଟର୍ସ ଗୀର୍ଜାରେ ପ୍ରାୟ ସବୁ ପୋପ୍‌ମାନଙ୍କର ପଥର ମୂର୍ତ୍ତି ରହିଛି, ଏ ସବୁ ବଡ଼ ବଡ଼ ଭାସ୍କରମାନଙ୍କ ଦ୍ୱାରା ଗଢ଼ା ଓ ଶିଳ୍ପ ହିସାବରେ ଖୁବ୍ ଉଚ୍ଚକୋଟିର । ତେବେ ଏ ସବୁଥିରେ ଆଧ୍ୟାତ୍ମିକ ପବିତ୍ରତା ଅପେକ୍ଷା କ୍ଷମତା ଓ ପ୍ରତିଷ୍ଠାର ଗରିମା ହିଁ ବେଶୀ ପ୍ରକାଶ ପାଇଛି । ଏଠାର ସବୁଠାରୁ ବିଖ୍ୟାତ ଓ ଭାବପୂର୍ଣ୍ଣ ମୂର୍ତ୍ତି ହେଲା ମିକେଲ୍ ଆଞ୍ଜେଲୋଙ୍କ ଗଢ଼ା 'ପିଏତା' — କ୍ରୁଶରୁ ଅବତାରିତ ଯୀଶୁଙ୍କର ମୃତ ଦେହକୁ କୋଳରେ ଧରିଥିବା ମେରୀ ମାତାଙ୍କର ମୂର୍ତ୍ତି । ଗାନ୍ଧୀଜୀ ୧୯୩୧ରେ ଗୋଲ୍‌ଟେବୁଲ୍ ବୈଠକରୁ ଫେରିବା ବେଳେ ରୋମ୍‌ରେ କିଛି ସମୟ ରହିଥିଲେ । ସେତେବେଳେ ସେ ଏ ଗୀର୍ଜା ଦେଖିବାକୁ ଆସି ବହୁ ସମୟ ଛିଡ଼ାହୋଇ ଏ ମୂର୍ତ୍ତିର ଧ୍ୟାନ କରିବା ସାଙ୍ଗେ ସାଙ୍ଗେ କାନ୍ଦିଥିଲେ । ସେ ଦିନ ବି ଦେଖିଲି ବହୁ ଦର୍ଶକ ସାଶ୍ରୁ ନୟନରେ ଏହାକୁ ଚାହିଁ ରହିଛନ୍ତି । ମୋର ମଧ୍ୟ ହୃଦୟ ଭାବାପ୍ଳୁତ ହୋଇ ଉଠିଲା ।

ଏହାର ଗମ୍ବୁଜର ଭିତର ଗୁମ୍ବଜରେ ମଧ୍ୟ ବିଶିଷ୍ଟ ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ଯୀଶୁଙ୍କର ତଥା ଖ୍ରୀଷ୍ଟାନ ସନ୍ଥମାନଙ୍କର ଜୀବନଗାଥାର ଚିତ୍ର ରହିଛି । ଅନ୍ୟ ବଡ଼ ବଡ଼ ଗିର୍ଜା ପରି ଏଠି ମଧ୍ୟ ପ୍ରଧାନ ପ୍ରାର୍ଥନାଂଗଣ ଛଡ଼ା ଗୃହ ପାଖରେ ଛୋଟ ଛୋଟ ପ୍ରାର୍ଥନାସ୍ଥଳ ରହିଛି । ଏହାଛଡ଼ା ରହିଛି ବହୁତ ଛୋଟ ଛୋଟ କୋଠରୀ, ଯେଉଁଠି ଭକ୍ତମାନେ ପାଦ୍ରୀଙ୍କ ନିକଟରେ ନିଜର ପାପ ସ୍ୱୀକାର କରି ତାପମୁକ୍ତ ହୋଇପାରିବେ । ବିଭିନ୍ନ ଭାଷାଭାଷୀଙ୍କ ପାଇଁ ଏଭଳି ସବୁ ଅଲଗା ଅଲଗା କୋଠରୀ ଅଛି ଓ ନିର୍ଦ୍ଦିଷ୍ଟ ସମୟରେ ସେହି ଭାଷା ଜାଣିଥିବା ପାଦ୍ରୀ ସେଠି ଉପସ୍ଥିତ ରହି ସ୍ୱୀକାରୋକ୍ତି ଶୁଣନ୍ତି ଓ ଆଶୀର୍ବାଦ ଦିଅନ୍ତି ।

ରୋମ୍‌ର କେନ୍ଦ୍ରସ୍ଥଳରେ ଏକ ବିରାଟ ବିଜୟ ଭବନ ରହିଛି । କେଉଁ ଯୁଦ୍ଧରେ ଜିତିବା ପରେ କେଉଁ ରାଜା ଏହାକୁ ଗଢ଼ାଇଥିଲେ ମୋର ମନେ ନାହିଁ କିନ୍ତୁ ରାଜକୀୟ ଦମ୍ଭ ଓ ଅହଂକାରର ପ୍ରତୀକ ଏତେ ବଡ଼ ନୀକମା ନିର୍ମାଣ ଦୁନିଆରେ କମ ଥିବ ।

ରୋମ୍‌ରୁ ମୋର ଦିନକ ପାଇଁ ଫ୍ଲୋରେନ୍‌ସ ଯାଇ ସେଠୁ ପୁଗୋସ୍ଲୋଭିଆ ଯିବାର କଥା । ଉଡ଼ାଜାହାଜ ଘାଟିକୁ ଡନ୍ କାର୍ଲୋ ତଥା ପାକ୍‌ସ କ୍ରିଷ୍ଟି ସଂସ୍ଥା ସହିତ ସଂପୃକ୍ତ ଦୁଇଜଣ ତରୁଣ ତରୁଣୀ ଅଲେସ୍‌ସାଂଡ୍ରୋ ଓ ସେଣ୍ଟୀନା ବିଦାୟ ଦେବା ପାଇଁ ଆସିଥିଲେ । ସେତେବେଳେ ଉଡ଼ାଜାହାଜ ଛାଡ଼ିବାକୁ ବେଶ ଡେରି କରୁଥାଏ । ଛିଡ଼ା ହୋଇ ଗପ କରୁଥାଉ । ଶେଷକୁ ଯେତେବେଳେ ଜାହାଜରେ ଚଢ଼ିବା ପାଇଁ ଡାକରା ଆସିଲା ସେତେବେଳେ ବିଦାୟ ନେବାକୁ ଯାଇ ମନେ ହେଲା ଯେପରି କେତେ କାଳର ଆପଣା ଲୋକଙ୍କୁ ଛାଡ଼ିଯାଉଛି । ଏଠି ପୂରା ପାଞ୍ଚ ଦିନର ରହଣୀ ଭିତରେ ନାନା ଉପଲକ୍ଷ୍ୟରେ ଡନ୍ କାର୍ଲୋ ଓ ତାଙ୍କର ସହକର୍ମୀମାନଙ୍କ ସହିତ ଏତେ ନିକଟତା ଓ ହୃଦ୍ୟତାର ସମ୍ପର୍କ ଅଜାଣତରେ ଗଢ଼ି ଉଠିଥିଲା ।

★ ★

# ତେତ୍ରିଶ

## ମେରିଆ କୋମ୍‌ବର୍ତ୍ତୀ

ଫ୍ଲୋରେନ୍‌ସ ଉଡ଼ାଜାହାଜରେ ରୋମ୍‌ରୁ ପଇଁଚାଳିଶ ମିନିଟ୍‌ର ବାଟ । ଏଠି ମୋର ରହଣୀ ଥିଲା ମାଦାମ୍ ମେରିଆ କୋମବର୍ତ୍ତୀଙ୍କ ଘରେ । ଭଦ୍ରମହିଳାଙ୍କ ବୟସ ସତୁରି ଉପରେ ହେବ । କ୍ୱେକର୍ ସମ୍ପ୍ରଦାୟର ଓ ଶାନ୍ତିବାଦୀ, ଘର ଟି ସହରର ଗୋଟାଏ ମୁଣ୍ଡରେ । ବେଶ ବଡ଼ ହତାବାଡ଼ି ଥିବା ବଗିଚା ପୁରୁଣାକାଳିଆ କୋଠା, ଏକକାଳରେ ଖୁବ୍ ଅବସ୍ଥାପନ୍ନ ଥିଲେ । ଏବେ ଅବସ୍ଥା ଆଉ ସେତେ ଭଲ ନାହିଁ । ଘରର ଅନେକ ଅଂଶ ଭଡ଼ା ଲଗେଇ ଦେଇଛନ୍ତି । ସରକାରୀ କାଗଜପତ୍ରର ଇଂରେଜୀ ଅନୁବାଦ କରି ମଧ୍ୟ କିଛି ରୋଜଗାର କରିବାକୁ ପଡ଼ୁଥାଏ ।

ସେଦିନ ସନ୍ଧ୍ୟାରେ ବସି ବସି ତାଙ୍କ ସହିତ ଖୁବ୍ ଗପ ହେଲା । ସେତେବେଳେ ଜାଣିଲି ଏ ବୃଦ୍ଧାଙ୍କର ଜୀବନଦୃଷ୍ଟି କି ଅପୂର୍ବ । ଅବହେଳିତ ଓ ଲାଞ୍ଛିତ ମାନବପାଇଁ ତାଙ୍କର କରୁଣା ଏବଂ ଏ କରୁଣାର ପ୍ରକାଶ କି ଅଭିନବ ।

"ଯେଉଁମାନେ ଅସୁନ୍ଦର, ଯେଉଁମାନଙ୍କର ଅନ୍ୟମାନଙ୍କ ସହ ମିଳାମିଶା କରିବାରେ ଆଚରଣ କୁଶଳତାର ଅଭାବ ରହିଥାଏ ଓ ଫଳରେ ଯେଉଁମାନଙ୍କର ସଙ୍ଗ ଅନ୍ୟମାନଙ୍କ ପ୍ରତି ଅପ୍ରୀତିକର ହୋଇଥାଏ ସେମାନଙ୍କ ପାଇଁ ମୁଁ ବରାବର ସହାନୁଭୂତି ଅନୁଭବ କରି ଆସିଛି । ସୌନ୍ଦର୍ଯ୍ୟର ଅଭାବ ବା ଅନ୍ୟକୁ ଅପ୍ରୀତିକର ବୋଧ ହେଉଥିବା ଚରିତ୍ରିକ ତ୍ରୁଟି ପାଇଁ ମଧ୍ୟ ସାଧାରଣତଃ କୌଣସି ବ୍ୟକ୍ତି ନିଜେ ଦାୟୀ ନ ଥାଏ । ପ୍ରକୃତି ଯାହାକୁ ବୁଦ୍ଧିଶକ୍ତି ଊଣା ଦେଇଥାଏ ସେ ସେତେ ବ୍ୟବହାର କୁଶଳ ହୋଇ ପାରେ ନାହିଁ । ପିଲାଦିନେ ସମାଜର ବେଷ୍ଟନୀ ଓ ପାରିବାରିକ ପରିସ୍ଥିତି ଯୋଗୁଁ ମଧ୍ୟ ମଣିଷର ବ୍ୟକ୍ତିତ୍ୱର ଗଢ଼ଣରେ ଦୋଷ ଦେଖାଯାଏ ।" ନିଜ ଜୀବନର ଅଭିଜ୍ଞତା ବର୍ଣ୍ଣନା କରି ସେ କହିଲେ ।

"ମୁଁ ତ ବିଚାରେ ଯେ ଯାହାକୁ ପ୍ରକୃତି ବଞ୍ଚିତ କରିଛି, ବୁଦ୍ଧି, ସୌନ୍ଦର୍ଯ୍ୟ ଓ ମନୋହାରିତା ଦେଇ ନାହିଁ ତା'ର ସ୍ନେହ ବେଶୀ ଲୋଡ଼ା । ସେପରି ଲୋକକୁ ସ୍ନେହ ଦେଇ ତା'ର ଜୀବନକୁ ସରସ କରିବା ଆମର କର୍ତ୍ତବ୍ୟ ବୋଲି ମୁଁ ବିଚାରେ ।"

ସେ ଆହୁରି କହି ଚାଲିଲେ "ମୁଁ ସାନ ଥିବାବେଳେ ସୁନ୍ଦରୀ ନ ଥିଲି। ମୋର ବୁଦ୍ଧି ବି ବେଶୀ ନ ଥିଲା। ତେବେ ସ୍ୱାସ୍ଥ୍ୟ ଭଲ ଥିଲା, ବେଶ ଫୁର୍ତ୍ତି ଥିଲି। ମତେ-ସାଙ୍ଗମାନେ ପ୍ରାୟ ପାର୍ଟିଆଦିକୁ ଡାକୁଥିଲେ । ପାର୍ଟିମାନଙ୍କରେ ତ ନାଚ ହୁଏ ଓ ନାଚରେ ଗୋଟାଏ ପାଳି ଆସେ ଯେତେବେଳେ ଝିଅମାନେ ନିଜ ନିଜର ନାଚର ସାଥୀ ବାଛନ୍ତି। ଏହି ସମୟରେ ମୁଁ ସବା ଶେଷ ଯାଏ ଅପେକ୍ଷା କରି ରହେ ଓ ଶେଷକୁ ଯେଉଁ ଯୁବକ ଜଣକ ବଳେ, ଯାହାକୁ ଅନ୍ୟ କେହି ବାଛି ନ ଥାନ୍ତି, ତାକୁ ହିଁ ବାଛେ । ମୁଁ ସେବଠୁଁ ଭାବିବା ଆରମ୍ଭ କଲି ଯେ ମତେ ତ ପ୍ରକୃତି ଅନେକ କିଛି ଦେଇଛି । ଯାହାକୁ ନ ଦେଇଛି ତାକୁ ଆନନ୍ଦ ଦେବା ମୋର କର୍ତ୍ତବ୍ୟ ।"

ଏହାକୁ ସେ ନିଜ ଜୀବନରେ କିପରି ଆଚରଣରେ କରିଥାନ୍ତି ତାହା ବର୍ଣ୍ଣନା କରି ସେ କହିଲେ, "ମୋର ପୁଅ ଅଠର କୋଡ଼ିଏ ବର୍ଷର ହୋଇଥିବା ବେଳେ ଆମ ଘରେ ବହୁତ ପାର୍ଟି ହେଉଥାଏ । ମୁଁ ମୋ ପୁଅକୁ ବରାବର କହେ, 'ଦେଖ ପୁଅ, ପାର୍ଟିକୁ ପ୍ରତିଥର ଗୋଟିଏ ଅସୁନ୍ଦରୀ ଝିଅକୁ ଡାକିବୁ ଓ ତାକୁ ତୋ ସାଙ୍ଗରେ ନାଚିବା ପାଇଁ ଦୁଇ ତିନିଥର ଅନୁରୋଧ କରିବୁ। ଏଥିରେ ତୋର ତ କିଛି ମାରି ନାହିଁ, ମାତ୍ର ତାକୁ କେତେ ଭଲ ଲାଗିବ। ସୁଖର କଥା ଯେ ତା'ର ମଧ୍ୟ ଏ ଦୃଷ୍ଟି ଆସିଛି ଓ ସେ ଏ ଅଭ୍ୟାସ ରଖିଛି । ମୋର ଜଣେ ବନ୍ଧୁଙ୍କର ସ୍ୱାମୀ ମରିଗଲେ । ସେ ଦାରୁଣ ଶୋକରେ ଅପ୍ରକୃତିସ୍ଥା ହୋଇ ଯାଇଥିଲେ । ମୋ ପୁଅ ତାଙ୍କ ପାଖକୁ ଯାଏ । ତାଙ୍କ ସହିତ ଖୁସି ଗପ କରେ । ଥଟ୍ଟା ଟାପରା କରେ। ତାଙ୍କର ସ୍ୱାମୀ ତ ଖୁବ୍ ବିଦ୍ୱାନ ଓ ଖ୍ୟାତନାମା ବ୍ୟକ୍ତି ଥିଲେ । ମାତ୍ର ମୋର ପୁଅର ସାନ୍ନିଧ୍ୟ ଦ୍ୱାରା ସେ ଅନୁଭବ କରନ୍ତି ଯେ ତାଙ୍କର ନିଜର ବି କିଛି ମୂଲ୍ୟ ଅଛି ।

"ମୁଁ ଏଭଳି ଅପ୍ରୀତିକର ଲୋକ ଜଣେ ଦୁଇ ଜଣଙ୍କୁ ଅନ୍ୟ ଆଠ ଦଶ ଜଣଙ୍କ ସହିତ ପାର୍ଟିକୁ ଡାକେ । ଅନ୍ୟମାନଙ୍କୁ ମୁଁ ଆଗରୁ କହି ଦେଇ ଥାଏ ଯେ ଆଜି ପାର୍ଟିକୁ ଏଭଳି ଜଣେ ଦୁଇଜଣ ନିରସ ବା ଗୋଆଁର ଲୋକ ଆସିବେ ମାତ୍ର ସମସ୍ତେ ଯେପରି ସେମାନଙ୍କ ସହ ମିଳାମିଶା କରନ୍ତି, ସେମାନଙ୍କୁ ଏଡ଼େଇ ନ ଯା'ନ୍ତି ।

"କୌଣସି ଲୋକ ଯଦି ମତେ ଭଲ ନ ଲାଗେ ତେବେ ମୁଁ ଦଶ ମିନିଟ ଟେବୁଲ ପାଖରେ ଶାନ୍ତ ଓ ନୀରବ ହୋଇ ବସିଯାଏ ଓ ସେ ମତେ କାହିଁକି ଭଲ ନ ଲାଗୁଛି ତାହା ଅନ୍ତର୍ନିରୀକ୍ଷଣ ଦ୍ୱାରା ବୁଝିବା ପାଇଁ ଚେଷ୍ଟା କରେ । ଏ ଭଲ ନ ଲାଗିବାଟା ମୋ ମନରୁ ପୋଛି ଦେବା ପାଇଁ ଚେଷ୍ଟା କରେ ।"

ଜଣେ ଭାରତୀୟ ଯୁବକଙ୍କ ସମ୍ବନ୍ଧରେ ସେ ନିଜର ଅନୁଭବ ଶୁଣାଇଲେ । ଜୁରିକରେ ଥିବା ତାଙ୍କର ଜଣେ ମହିଳା ବନ୍ଧୁଙ୍କ ପାଖରେ ଜଣେ ଭାରତୀୟ ଯୁବକ ଆସି ରହିଥିଲେ। ସେ ଜାତିରେ ବ୍ରାହ୍ମଣ ମାତ୍ର ଗାନ୍ଧୀଜୀଙ୍କର ପ୍ରେରଣାରେ ଛୁଆଁ ଛୁଇଁ ନମାନିବାରୁ ତାଙ୍କୁ ତାଙ୍କ ପରିବାର ଲୋକେ ବାଛନ୍ଦ କରିଥିଲେ । ସେ ଭାରତରେ କୌଣସି ଆଶ୍ରମରେ ଦଶବର୍ଷ ଖଣ୍ଡେ ରହିବା ପରେ ଆସି ୟୁରୋପରେ ପହଞ୍ଚିଥିଲେ । ମାଦାମ୍ କୋମବର୍ତ୍ତି ବର୍ଣ୍ଣନା

କଲେ ଯେ ତାଙ୍କ ଘର ଲୋକେ ଏଭଳି ରକ୍ଷଣଶୀଳ ଯେ ସେ ଘରକୁ ଫେରି ଦେଲେ ଘରର ଲୋକେ ସେ ଫେରି ହାତରେ ଛୁଇଁ ନ ଥିଲେ । ଚିମୁଟାରେ ଧରି ନିଆଁରେ ପକେଇ ଦେଉଥିଲେ ।

ଯାହା ହେଉ ସେ ଜୁରିକ୍‌ରେ କୌଣସି ପାଠାଗାରରେ କାମ କରି ରୋଜଗାର କରିବା ସାଙ୍ଗେ ସାଙ୍ଗେ ପଢ଼ାଶୁଣା ବି କରିବାକୁ ଚାହୁଁଥିଲେ । ମାତ୍ର ତାଙ୍କର ଜ୍ଞାନ କମ୍ ଥିଲା, ବୁଦ୍ଧି ବି । ଏହା ଯାଙ୍କୁ ତାଙ୍କଠାରେ ସରସତା ବା ମନୋହାରିତା ମଧ୍ୟ ନ ଥିଲା । ପରେ ସେ ଭଦ୍ରମହିଳା ଜୁଆଡ଼େ ବାହାରକୁ ବୁଲି ଯିବା ବେଳେ ମାଦାମ୍ କୋମ୍‌ବର୍ତ୍ତିଙ୍କୁ କହିଲେ ଯେ ସେ ଯୁବକଙ୍କୁ ଏକା ଛାଡ଼ି ଯିବାକୁ ଚାହାନ୍ତି ନାହିଁ । ତେଣୁ ମାଦାମ୍ ତାଙ୍କୁ ନିଜ ପାଖକୁ ଡକେଇ ନେଲେ । ଭାରତ ସହିତ ଏଇ ତାଙ୍କର ପ୍ରଥମ ପ୍ରତ୍ୟକ୍ଷ ପରିଚୟ ।

ଏ କାହାଣୀ ଶୁଣିବା ବେଳେ ମୁଁ ଚିନ୍ତୁଥାଏ ଯେ ଜଣେ ଗୃହତ୍ୟାଗୀ ଦୂର ବିଦେଶର ଅଖ୍ୟାତ ଯୁବକ ପାଇଁ ମଧ୍ୟ ସୃଷ୍ଟିର ସ୍ନେହର ନିର୍ଝର ପ୍ରବାହିତ ରହିଛି, ଏତେ ଦୂର ବିଦେଶରେ । ମାତ୍ର ଆମ ଦେଶର ଅସ୍ପୃଶ୍ୟତା କଳଙ୍କର କି ମର୍ମନ୍ତୁଦ ଚିତ୍ର ଏହାଙ୍କ ଆଗରେ ଉଦ୍‌ଘାଟିତ ନ ହେଲା !

ଭାରତ ସହିତ ଏହାଙ୍କର ସମ୍ପର୍କ ଖୁବ୍ ପ୍ରଗାଢ଼ । ଆଶାଦେବୀ ଆର୍ଯ୍ୟନାୟକମ୍‌ଙ୍କ ସମେତ ବହୁ ସର୍ବୋଦୟ ପନ୍ଥୀ ଭାରତୀୟ ଆସି ଏହାଙ୍କର ଆତିଥ୍ୟ ଗ୍ରହଣ କରିଛନ୍ତି । ଆଶାଦେବୀ ପରେ ଏଠି ସାତଦିନ କାଳ ରହିଥିଲେ ଓ ମାଦାମ୍ କୋମ୍‌ବର୍ତ୍ତି, ସେ ଓ ଅନ୍ୟ କେତେକ ବନ୍ଧୁ ମିଶି ଏକ ଅହିଂସାବାଦୀ ସଂଘ ଗଢ଼ିଥିଲେ ।

ଏଠି ବଳକା ସମୟତକ ମୁଁ ଏଠାର ଦର୍ଶନୀୟ ସ୍ଥାନ ସବୁ ଯେତେଦୂର ପାରେ ଦେଖିନେଲି । ଫ୍ଲୋରେନ୍‌ସ ମଧ୍ୟଯୁଗର ଇଟାଲୀୟ ଶିଳ୍ପକଳାର ଏକ ପ୍ରଧାନ ପୀଠ । ବହୁ ଖ୍ୟାତନାମା ଶିଳ୍ପୀ ଏଠି ଜନ୍ମ ଗ୍ରହଣ କରିଛନ୍ତି । ସହରଟି ଛୋଟ ମାତ୍ର ଏଥିରେ ବହୁ ସୁନ୍ଦର ସୁନ୍ଦର ଗୀର୍ଜା, ଭବନ ଓ ସଂଗ୍ରହାଳୟ ରହିଛି । ମିକେଲ୍ ଆଞ୍ଜେଲୋଙ୍କର ନିର୍ମିତ କେତେଗୁଡ଼ିଏ ବିଖ୍ୟାତ ମୂର୍ତ୍ତି ମଧ୍ୟ ଏଇଠି ଅଛି । ଦୁର୍ଭାଗ୍ୟ ବଶତଃ ଏଠାରେ ପ୍ରଧାନ ସଂଗ୍ରହାଳୟ ଗୁଡ଼ିକ ଦେଖିବାର ସୁଯୋଗ ମିଳିଲା ନାହିଁ । ପ୍ରଧାନ ଗୀର୍ଜା ଗୁଡ଼ିକ ବୁଲି ଦେଖିଥିଲି ।

★ ★

# ଚଉତିରିଶ

## ନବସାମ୍ୟବାଦୀ ଦେଶରେ

ଏଠୁ ମୋର ବେଲଗ୍ରେଡ୍—ଯୁଗୋସ୍ଲୋଭିଆର ରାଜଧାନୀ—ଯିବାର କଥା । ଯୁଗୋସ୍ଲୋଭିଆ ଯିବାର ବିଚାର ୟୁରୋପ ଯାତ୍ରା ଆରମ୍ଭରେ ମୋର ମନରେ ନ ଥିଲା । ଚେକୋସ୍ଲୋଭାକିଆ ରୁଷ୍ ପ୍ରଭୃତି ଯିବି ବୋଲି ବିଚାରିଥିଲି । ମାତ୍ର ରୁଷ୍ ଯିବାର ବିଶେଷ ସୁବିଧା ହୋଇ ପାରିଲା ନାହିଁ । ଲଣ୍ଡନରେ ପହଞ୍ଚି ବୁଝିଥିଲି ଯେ ରୁଷ୍ ସରକାରର ଭିସା ମିଳିବାକୁ ଅନ୍ତତଃ ଆଠଦିନ ଲାଗିବ । ସେତେଦିନ ଗୋଟିଏ ଜାଗାରେ ଅପେକ୍ଷା କରି ବସିଲେ ତ ହେବ ? ଏହାଛଡ଼ା ସେଠି ହୋଟେଲରେ ରହିଲେ ଦୈନିକ ଖର୍ଚ୍ଚ ଅନ୍ୟୂନ ଆଠ ପାଉଣ୍ଡ ବା ଖାହେ ଚୌରାଳିଶ ଟଙ୍କା ପଡ଼ିବ । ରୁଷ୍‌ରେ ଦୁଇ ଚାରି ଦିନରେ କ'ଣ ବା ଦେଖି ହେବ ? ଆଉ ତା'ଠୁ ବେଶୀ ଦିନ ରହିବାକୁ ହେଲେ ଅଣ୍ଟିରେ ଧନ କାହିଁ ? ତେଣୁ ରୁଷ୍ ଯିବାର ଇଚ୍ଛା ଓ ସେ ପାଖର ବାଟକୁ ଛାଡ଼ି ଦକ୍ଷିଣ ବାଟରେ ଫେରିବାର ସ୍ଥିର କଲି । ଲଣ୍ଡନରେ ଦେବୀଭାଇଙ୍କଠାରୁ ଯୁଗୋସ୍ଲୋଭିଆର ଶାନ୍ତି ସମିତିର ଅଧ୍ୟକ୍ଷଙ୍କର ନାମଧାମ ମିଳିଥିଲା । ସେଠୁ ସେ ତାଙ୍କୁ ଚିଠି ମଧ୍ୟ ଲେଖି ଦେଇଥିଲେ । ସେଠି ତିନିଦିନର ରହଣୀ ପାଇଁ ଏକ ହୋଟେଲରେ ବ୍ୟବସ୍ଥା କରାଇଥିଲି । ବେଲ୍‌ଗ୍ରେଡ଼ରୁ ଏଥେନ୍ସ ହୋଇ ଦିଲ୍ଲୀ ଫେରିବାର ସ୍ଥିର ଥିଲା ।

ଫ୍ଲୋରେନ୍ସରୁ ଜୁଲାଇ କୋଡ଼ିଏ ତାରିଖ ଦିପହରେ ରୋମ ହୋଇ ବେଲ୍‌ଗ୍ରେଡ଼ରେ ଉରରଓଲ ପହଞ୍ଚିବାର ଥିଲା । ବିମାନଘାଟୀରେ ପହଞ୍ଚି ଅପେକ୍ଷା କରି ରହି ରହି ଶେଷକୁ ହଠାତ୍ ମାଇକ୍‌ରେ ଘୋଷଣା ଶୁଣାଗଲା ଯେ କୁହୁଡ଼ିଆ ପାଗ ଯୋଗୁଁ ରୋମ୍‌ରୁ ଆସୁଥିବା ବିମାନ ଏଠାକୁ ନ ଆସି ପିସାଠାରେ ଉତୁରିବ । ସେଇ ଅଣେଇ ହୋଇଥିବା ମିନାର୍‌ର ବିଖ୍ୟାତ ପିସା । ଏଇ ବିମାନ ରୋମ୍‌କୁ ଆମକୁ ନେଇଯିବାର କଥା । ଘୋଷଣା ହେଲା ଯେ ଯାତ୍ରୀମାନଙ୍କୁ ବସ୍‌ରେ ପିସା ନେଇ ନିଆଯିବ । ପଚାଶ ମାଇଲ ବାଟ । ମୋ ମୁଣ୍ଡରେ ବଜ୍ର କାମୁଡ଼ିଲା; ଏସବୁ ଓଲଟ ଫେର ଭିତରେ ତ ମୋର ବେଲଗ୍ରେଡ଼ଗାମୀ ବିମାନ ଯାଇ ଅଧାବାଟରେ ହୋଇ ସାରିଥିବ !

ବିମାନଘାଟୀର କର୍ମଚାରୀଙ୍କୁ ମୁଁ ଏ ସମସ୍ୟା କଥା ଜଣାଇଲି । ଏବଂ ଆଧୁନିକ ବିମାନ ପରିବହନ ସଂଗଠନର କର୍ମକୁଶଳତାର ଏକ ଚମତ୍କାର ଅଭିଜ୍ଞତା ହାସଲ କଲି । କର୍ମଚାରୀ ଜଣକ ସାଙ୍ଗେ ସାଙ୍ଗେ କହିଦେଲେ ଯେ ମୁଁ ରୋମ୍‌ରୁ ବେଲଗ୍ରେଡ୍‌ଗାମୀ ପରବର୍ତ୍ତୀ ବିମାନରେ ଆପଣଙ୍କର ସ୍ଥାନ ସଂରକ୍ଷଣ କରି ଦେଉଛି । ମାତ୍ର ସମୟ ସାରଣୀରୁ ଦେଖାଗଲା ଯେ ସେଦିନ ରୋମ୍‌ରୁ ବେଲଗ୍ରେଡ୍ ଆଉ ବିମାନ ନାହିଁ । ନବଶ ଘଣ୍ଟା ବସି ରହିବାକୁ ହେବ । ତେବେ ପୁଣି ଖୋଜାଖୋଜି କଲାରୁ ମିଳିଲା ଯେ ମିଲାନ୍‌ରୁ ଗୋଟାଏ ବିମାନ ସନ୍ଧ୍ୟାବେଳେ ବେଲଗ୍ରେଡ୍‌କୁ ଯାଏ । ମାତ୍ର ତାକୁ ଧରିବାଭଳି ବିମାନ ଫ୍ଲୋରେନ୍‌ସରୁ ମିଲାନ୍‌କୁ ନାହିଁ । କର୍ମଚାରୀ ଜଣକ ସାଙ୍ଗେ ସାଙ୍ଗେ ନିର୍ଣ୍ଣୟ କଲେ ଯେ ମତେ ଟ୍ରେନରେ ମିଲାନ୍ ପଠେଇ ଦେବେ । କମ୍ପ୍ୟୁଟର ଦ୍ୱାରା ନିୟନ୍ତ୍ରିତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ମାର୍ଫତରେ କେତେ ମୁହୂର୍ତ୍ତ ଭିତରେ ବେଲଗ୍ରେଡ୍‌ଗାମୀ ବିମାନରେ ମୋ ପାଇଁ ସ୍ଥାନ ସଂରକ୍ଷଣ କରି ନେଲେ, ମତେ ଏକ ଟିକଟ ଦେଲେ ଓ ଜଣେ ବିମାନ ପରିଚାରିକାଙ୍କ ସହ ଟ୍ୟାକ୍‌ସୀରେ ସହରକୁ ପଠାଇ ଦେଲେ । ଏସବୁ ଲେଖିବାକୁ ଯେତେ ସମୟ ଲାଗିଲା ତା ଠୁଁ କମ୍ ସମୟରେ ଏ କାମ ହୋଇଗଲା ।

ସହର ଅଫିସର ଆଉ ଜଣେ କର୍ମଚାରୀ ସେଠୁ ମତେ ନେଇ ଏକ ପ୍ରଥମ ଶ୍ରେଣୀର ଟିକଟ କାଟି ମିଲାନ୍‌ଗାମୀ ଏକ୍‌ସପ୍ରେସ୍ ଗାଡ଼ିରେ ବସାଇ ଦେଲେ ଓ ଖାଇବା ଖର୍ଚ୍ଚ ତଥା ଟ୍ୟାକ୍‌ସୀ ଭଡ଼ା ଆଦି ପାଇଁ ସାଢ଼େ ପାଞ୍ଚ ହଜାର ଲିରେ ମୋ ହାତରେ ଦେଲେ । ଏଥିପାଇଁ ସେମାନେ ମୋଟରେ ଦେଢ଼ଶହ ଖଣ୍ଡେ ଟଙ୍କା ଖର୍ଚ୍ଚ କଲେ ।

ଏଠି କହିରଖେ ଯେ ଇଟାଲୀଦେଶରେ କୋଟିପତି ହେବା ଖୁବ୍ ସହଜ । ଏଠାର ମୁଦ୍ରା ଲିରା ଟଙ୍କାକେ ଶହେ ତେର ଖଣ୍ଡେ ମିଳେ । ତେଣୁ ଆପଣ ହଜାରେ ଟଙ୍କା ନେଇଗଲେ ସେଠି ଲକ୍ଷପତି ବୋଲେଇ ପାରିବେ ।

ଏହାଦ୍ୱାରା ମତେ ଇଟାଲୀର ରେଲରେ ଚଢ଼ିବାର ଏକ ସୁଯୋଗ ମିଳିଗଲା । ଟ୍ରେନ୍‌ଟିରେ ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ ଯିବା ଆସିବା ପାଇଁ ସଂଯୋଗ ବାଟ ରହିଛି । ପ୍ରଥମ ଶ୍ରେଣୀର ଡବାରେ ବସିବା ପାଇଁ ଗୋଟିଗୋଟିକିଆ ଚୌକି ରହିଛି, ଶୋଇବା ବ୍ୟବସ୍ଥା ନାହିଁ, ବୋଧହୁଏ ଗାଡ଼ିଟା କେବଳ ଦିନରେ ଯାତାୟାତ କରେ ବୋଲି । ପଛ ପାଖର ଶେଷମୁଣ୍ଡରେ ଏକ ବୈଠକଖାନା ଡବା ଅଛି । ତା'ର ଦିନ ପାଖରେ ବଡ଼ ବଡ଼ ଝରକା, ବସିବା ପାଇଁ ଭଲ ଚଉକୀ, ଟେବୁଲ ଆଦି ରହିଛି । ସେଠି ବସି ଚାରିପାଖର ଦୃଶ୍ୟ ବେଶ ଉପଭୋଗ କରିହୁଏ ।

ଗାଡ଼ି ବିଦ୍ୟୁତ୍ ଦ୍ୱାରା ଚାଲୁଥାଏ । ଫ୍ଲୋରେନ୍‌ସ ଛାଡ଼ିବା ପରେ ପ୍ରଥମେ କିଛି ବାଟ ପାହାଡ଼ିଆ ଅଞ୍ଚଳ ପଡ଼ିଲା, ଉପରକୁ ଚଢ଼ିବାକୁ ପଡ଼ିଲା । ସେତେବେଳେ ତା'ର ଗତି ଘଣ୍ଟାକୁ ଷାଠିଏ ମାଇଲ ପାଖାପାଖି ଥାଏ । ମାତ୍ର ପାହାଡ଼ ଶେଷ ହୋଇ ସମତଳ ଅଞ୍ଚଳ ଆରମ୍ଭ ହେବା ମାତ୍ରେ ତା'ର ଗତି ବଢ଼ି ଘଣ୍ଟାକୁ ଶହେ ମାଇଲ ଉପରକୁ ଉଠିଲା । ଦୁଇ ଶହ ମାଇଲ

ବାଟ ତିନ ଘଣ୍ଟାରୁ କମ ସମୟରେ ଅତିକ୍ରମ କରି ଆମେ ସାଢ଼େ ଗୁରିଟାରେ ମିଲନ ପହଞ୍ଚିଲୁ ।

ସେଠୁ ଯୁଗୋସ୍ଲୋଭିଅନ୍ ବିମାନ ପରିବହନ ସଂସ୍ଥା 'ଯାତ୍ର'ର ବିମାନ ଆମକୁ ବେଲଗ୍ରେଡ୍ ନେଲା । ଦେଖିଲି ଯେ ଏ ବିମାନଟି ଆମେରିକାନ କମ୍ପାନୀର ତିଆରି । ଜାଗ୍ରେବ୍ ଓ ବେଲଗ୍ରେଡ୍ ବିମାନଘାଟିମାନଙ୍କରେ ଲକ୍ଷ୍ୟ କରି ଦେଖିଲି ଯେ ଏ ସଂସ୍ଥାର ସବୁ ବିମାନ ହୁଏ ଆମେରିକାରୁ ଆମଦାନୀ ନହୁବା ଫ୍ରାନ୍ସରୁ । ରୁଷ ବିମାନ ଦେଖିବାକୁ ପାଇଲି ନାହିଁ ।

ମିଲନରୁ ଯାଇ ବିମାନ ପ୍ରଥମେ ଜାଗ୍ରେବରେ ଓହ୍ଲାଇଲା । କେତେ ଯାତ୍ରୀ ଓହ୍ଲାଇ-ଗଲେ, ଅଉ କେତେ ଚଢ଼ିଲେ । ଦେଖିଲି ମୋର ଆଗ ସିଟ୍‌ରେ ଜଣେ ଭାରତୀୟ ଭଳି ଦେଖା ଯାଉଥିବା ଭଦ୍ରଲୋକ ଆସି ବସିଲେ । ଟିକିଏ ଇତସ୍ତତଃ କରି ପଗ୍ଗରିଲି । ପରିଚୟ ହେଲା, ଜାଣିଲି ପ୍ରକୃତରେ ଭାରତୀୟ । ଭଦ୍ରଲୋକ ବେଲଗ୍ରେଡ୍‌ରେ ଥାନ୍ତି । ନାମ ଅଶୋକକୁମାର । ଏକ ପ୍ରସିଦ୍ଧ ଭାରତୀୟ ବ୍ୟବସାୟୀ ସଂସ୍ଥାର କର୍ମଗ୍ଗରୀ ଭାବରେ ସେଠି କାମ କରନ୍ତି । କୌଣସି କାମରେ ଜାଗ୍ରେବ୍ ଆସିଥିଲେ, ଫେରୁଛନ୍ତି । ମତେ ତାଙ୍କର ମୋଟରରେ ନେଇ ହୋଟେଲରେ ପହଞ୍ଚେଇ ଦେବାକୁ ଯାଚଲେ । ବିମାନଘାଟିରୁ ବେଲଗ୍ରେଡ୍ ସହର ବେଶ ଦୂର । ବାଟରେ ଖୁବ୍ ଆଳାପ ହେଲା । ଯୁଗୋସ୍ଲୋଭିଆ ବିଷୟରେ ତାଙ୍କର ମତାମତ ଶୁଣିବାକୁ ମିଳିଲା ।

ବାଟରେ ଦେଖିଲି ବଡ଼ ବଡ଼ ପୋଷ୍ଟର ସବୁ ଲଗିଛି । ସେଥିରେ 'ଜେପି' ଲେଖା । ଜୟପ୍ରକାଶ ତ ନିଶ୍ଚୟ ବୁଝାଉ ନ ଥିବ ! ଅଶୋକକୁମାରଙ୍କୁ ପଗ୍ଗରିଲି । ସେ ବୁଝାଇଲେ ଯେ ଏଇଟା 'ଯୁଗୋସ୍ଲୋଭିଆ ପେଟ୍ରୋଲ' ସଂସ୍ଥାର ବିଜ୍ଞାପନ । ଏଠି ରାଷ୍ଟ୍ରାୟତ୍ତ ଶିଳ୍ପ ବ୍ୟବସାୟ-ଗୁଡ଼ିକୁ ପରସ୍ପର ସହ ପ୍ରତିଯୋଗିତା କରିବାକୁ ଦିଆଯାଏ । ପେଟ୍ରୋଲ ଉତ୍ପାଦନ କରୁଥିବା ବା ମଟର ତିଆରି କରୁଥିବା ସଂସ୍ଥା ଦୁଇ ତିନୋଟି ଲେଖା ଅଛନ୍ତି ଓ ସେମାନେ ନିଜ ନିଜ ମାଲ ଯେପରି ଭଲ କଟିବ, ସଂସ୍ଥାର ଯଥେଷ୍ଟ ଲାଭ ରହିବ, ସେଥିପାଇଁ ଚେଷ୍ଟା କରନ୍ତି । ବିଜ୍ଞାପନ ଦିଅନ୍ତି, ଖର୍ଚ୍ଚ କମାନ୍ତି, କର୍ମକୁଶଳତା ବଢ଼ାନ୍ତି । ଫଳରେ ଏଠାରେ ଶିଳ୍ପବାଣିଜ୍ୟ କ୍ଷେତ୍ରରେ କର୍ମକୁଶଳତା ଖୁବ୍ ଉଚ୍ଚକୋଟିର ବୋଲି ସେ କହିଲେ । ସରକାରୀ ଅଫିସ୍-ମାନଙ୍କରେ ବି ଆମ ଦେଶ ଭଳି ଆଳସ୍ୟ ଓ ଅଯୋଗ୍ୟତା ନାହିଁ । ଫଳରେ ଦେଶ ଖୁବ୍ ଦ୍ରୁତ ଆର୍ଥିକ ଉନ୍ନତି କରୁଛି । ଖାଦ୍ୟ ପ୍ରଚୁର ମିଳେ ଓ ବେଶ ଶସ୍ତା । ଘର ବି ମିଳେ ତେବେ ସେତେ ଭଲ ନୁହେଁ । ଦେଖିଲି ଯେ ପୁଂଜିବାଦୀ ଶିଳ୍ପ ସଂସ୍ଥାର ପ୍ରତିଦ୍ୱନ୍ଦ୍ୱ ହେଇ ମଧ୍ୟ ସେ ସାମ୍ୟବାଦୀ ରାଷ୍ଟ୍ରର ନୀତିକୁ ବେଶ ପସନ୍ଦ କରୁଛନ୍ତି ।

ମୁଁ ଯେଉଁ ହୋଟେଲରେ ରହିଲି ତାର ନାମ 'ମ୍ୟାଜେଷ୍ଟିକ'—'ରାଜକୀୟ' । ସାମ୍ୟବାଦୀ ରାଜ୍ୟରେ ଖାପଛଡ଼ା ନାମ । ହୋଟେଲଟା ବେଶ ବଡ଼, ତେବେ ବେଶୀ ମହଙ୍ଗା ନୁହେଁ । ତିନ ଦିନର ଖର୍ଚ୍ଚ, ମୟୂ ବକସିସ, ଶହେ ଷାଠିଏ ଟଙ୍କା ନେଲେ । ବିଲ୍‌ରେ ଦେଖିଲି

ଲେଖା ଅଛି ସ୍ୱାସ୍ଥ୍ୟ ବୀମା ପାଇଁ ଦୈନିକ ତିନି ଦିନାର ନା କେତେ । ବେମାର ପଡ଼ିଥିଲେ ମାଗଣା ଚିକିତ୍ସା ମିଳିଥାନ୍ତା ।

ହୋଟେଲବାଲା ମୋ ପାଇଁ ଆସିଥିବା ଗୋଟିଏ ବାର୍ତ୍ତା ପହଞ୍ଚିବା ମାତ୍ରେ ମତେ ଦେଲେ, ଶାନ୍ତି କମିଟିର ସଭାପତି ଭ୍ଲାସ୍ତାନୋଭିଚ ଲେଖିଛନ୍ତି, ପରଦିନ ସକାଳ ଏଗାରଟାରେ ଦେଖା କରିବାକୁ ।

ବେଲଗ୍ରେଡ୍ ସହରଟି ବିଶେଷ ବଡ଼ ନୁହେଁ । ଆମ କଟକ ପରି ହେବ । ମାତ୍ର ଅନ୍ୟ ତୁଳନା ଚଳିବ ନାହିଁ, କାରଣ ରାସ୍ତାଘାଟ ଢେର ବେଶୀ ପରିଷ୍କାର ପରିଚ୍ଛନ୍ନ । ସଙ୍କୀର୍ଣ୍ଣ ଗଳି ଓ ଘିଞ୍ଚି ବସ୍ତି କାହିଁ ଦେଖିବାକୁ ମିଳିଲା ନାହିଁ । ତିନି ଦିନ ରହିବା ଭିତରେ ସହରଟା ବୁଲି ବୁଲି ହିଁ ବୁଲି ଦେଖିଲି । ପୁରୁଣା ସହର ଛଡ଼ା ଏଠି ରାଜଧାନୀର ଏକ ନୂଆ ଅଂଶ ମଧ୍ୟ ତିଆରି ହୋଇଛି । ଏଇଟା ପୁରୁଣା ସହରଠାରୁ ଟିକିଏ ଦୂର । ସବୁ ଆଧୁନିକ ଧରଣର କୋଠାବାଡ଼ି ଓ ତାହା ଭିତରେ ସବୁଠାରୁ ଉଚ୍ଚ ବାର ମହଲା ନା ତେର ମହଲା ଘରଟି ହେଲା କମ୍ୟୁନିଷ୍ଟ ପାର୍ଟିର ଅଫିସ୍ ।

ସହରଟି ଡାନ୍ୟୁବ୍ ନଈ କୂଳରେ । ନଈଟି ଏଠି ବାଙ୍କି ଯାଇଛି ଓ ଦକ୍ଷିଣ ଦିଗରୁ ଆସି ସହର ଉପକଣ୍ଠରେ ତାହା ସହିତ ମିଶିଛି ସାଭା ନଦୀ । ଏହିରୂପେ ସହରର ଦୁଇ ପାଖ ନଈ ଘେରି ରହିଛି, ଅନେକଟା ଆମ କଟକ ପରି ।

ଅନେକ ଉପରେ, ଭିଏନାଠାରେ, ଦାନ୍ୟୁବ୍‌ର ପ୍ରଥମ ଦର୍ଶନ ମିଳିଥିଲା । ସେଠିକା ଓ ଏଠିକା ରୂପ ଭିତରେ ବହୁତ ଫରକ । ସେଠି ସେ ଥିଲା କ୍ଷୀଣକାୟା, ଏଠି ବିଶାଳବକ୍ଷା, କଟକ ପାଖ କାଠଯୋଡ଼ି ପରି ପ୍ରାୟ । ନଦୀର ବକ୍ଷକୁ ଏକାଧିକ ଧାରାରେ ବିଭକ୍ତ କରି ମଝିରେ ଶୋଭାପାଉଛି ଗୁଳ୍ମ ମଣ୍ଡିତ ଦ୍ୱୀପ । ସହରର ଗୋଟାଏ ମୁଣ୍ଡରେ ନଈକୂଳରେ ଏକ ବିରାଟ ଉଦ୍ୟାନ ରହିଛି । ସେଠାରୁ ନଈର ଦୃଶ୍ୟ ଅତି ମନୋରମ । ଏ ଉଦ୍ୟାନ ଭିତରେ ଏକ ପୁରୁଣା ଦୁର୍ଗ ଓ ଏକ ସାମରିକ ସଂଗ୍ରହାଳୟ ମଧ୍ୟ ରହିଛି । ଅନ୍ୟ ଅଂଶରେ ସାଭା ନଦୀ ପୁରୁଣା ସହର ଓ ନୂଆ ରାଜଧାନୀ ମଝି ଦେଇ ବହି ଯାଇଛି । ଏ ନଦୀଟି ବେଶୀ ଚଉଡ଼ା ନୁହେଁ । ସେ ପାଖରୁ ପୁରୁଣା ସହରର ଦୃଶ୍ୟ ମଧ୍ୟ ଖୁବ୍ ସୁନ୍ଦର ।

ଶାନ୍ତି ସମିତିର ଅଫିସ୍‌ଟି ଉଲିକା ନାରୋଦ୍‌ନୋଗ୍ ଫ୍ରଣ୍ଟ । ଅର୍ଥାତ୍ 'ଜନ ସାମ୍ମୁଖ୍ୟ ପଥ'ରେ ଅବସ୍ଥିତ । ଏ ସହରର ରାସ୍ତାମାନଙ୍କର ନାମ ସବୁ ଏହିପରି— ମାର୍କସ ଓ ଏଙ୍ଗେଲସ୍ ମାର୍ଗ, ସର୍ବହାରା ବାହିନୀ ପଥ ଇତ୍ୟାଦି ।

କୋଠାର ଚାରି ମହଲା ଉପରେ ଶାନ୍ତି ସମିତି ଅଫିସ୍‌ରେ ଶ୍ରୀ ଭ୍ଲାସ୍ତାନୋଭିଚ ଭେଟ ହେଲେ । ଦୀର୍ଘକାୟ ସୁପୁରୁଷ । ବୟସ ଷାଠିଏ ପାଖ । ସମାଦରରେ ନେଇ ବସାଇଲେ ଓ ଭାରତର ସର୍ବୋଦୟ ଆନ୍ଦୋଳନ ତଥା ସାଧାରଣ ପରିସ୍ଥିତି ବିଷୟରେ ଆଗ୍ରହର ସହିତ ବାରମ୍ବାର ପ୍ରଶ୍ନ ପଚାରି ସବୁକଥା ଜାଣିବାକୁ ଚାହିଁଲେ । ଭାରତର ଜମି ସମସ୍ୟାର ସମାଧାନ

ନିକଟ ଭବିଷ୍ୟତରେ ହେବାର କେତେଦୂର ସମ୍ଭାବନା ଅଛି ତାହା ଜାଣିବାକୁ ଚାହିଁଥିଲେ । ସରକାରୀ ଉଦ୍ୟମ କି ଭଳି ଏ ଦିଗରେ ଅତି ବେପରୱା ଭାବରେ ଚାଲିଛି ତାହା ଦର୍ଶାଇଲି ଓ ଗ୍ରାମଦାନ ମାଧ୍ୟମରେ ଯେଉଁ ଉଦ୍ୟମ ଚାଲିଛି ତା'ର ପରିଚୟ ଦେଲି ।

ଇତିମଧ୍ୟରେ ଏଠାର ଶ୍ରମିକ ସଂଘମାନଙ୍କର ରାଷ୍ଟ୍ରୀୟ ମହାସଂଘର ଜନୈକ ବିଶିଷ୍ଟ କର୍ମୀ ଶ୍ରୀ ସାବା ନିସୀକାପା ଆସି ଆମ ସାଙ୍ଗରେ ଯୋଗଦେଲେ । ଏଠାର ଶ୍ରମିକ ଆନ୍ଦୋଳନ ସମ୍ବନ୍ଧରେ ମଧ୍ୟ ମୁଁ ଜାଣିବାକୁ ଉତ୍ସୁକ ବୋଲି ପୂର୍ବରୁ ଲେଖିଥିବାରୁ ଭୁନ୍ୟୋନୋଭିର୍ ନିସୀଲାପାଙ୍କୁ ମଧ୍ୟ ନିମନ୍ତ୍ରଣ କରିଥିଲେ ।

ଭାରତ ବିଷୟରେ ଆଲୋଚନା ପ୍ରସଙ୍ଗରେ ଦେଖିଲି ଯେ ଏମାନେ ଏଠା ବିଷୟରେ ବେଶ୍ ଖବର ରଖନ୍ତି । ଇନ୍ଦିରା ଗାନ୍ଧୀଙ୍କର ସରକାରର ଗତିବିଧି ବିଷୟରେ ସେମାନେ ଉତ୍ସୁକ ଭାବରେ ପ୍ରଶ୍ନ କରିଥିଲେ । ୟୁରୋପରେ ସବଂଦା ଦେଖିଛି ଯେ ଜଣେ ମହିଳା ଗୋଟାଏ ଏତେ ବଡ଼ ଦେଶର ପ୍ରଧାନମନ୍ତ୍ରୀ ହୋଇ ପାରିବାଟା ସବଂଦା ସମସ୍ତଙ୍କୁ ବେଶ୍ ବିସ୍ମିତ କରିଛି । ଇଂଲଣ୍ଡ, ଫ୍ରାନ୍ସ ପ୍ରଭୃତି ଦେଶମାନଙ୍କରେ ମହିଳାମାନଙ୍କୁ ଭୋଟ ଅଧିକାର ହିଁ ଏଇ ଆମ ଦେଖିବାରେ ମିଳିଛି, ବହୁତ ଲଢ଼େଇ ଭିଡ଼େଇ ପରେ । ସ୍ୱିଜରଲ୍ୟାଣ୍ଡ୍ ରେ ତ ମୁଁ ସେଠାକୁ ଯିବା ବେଳଯାଏ ମହିଳାମାନଙ୍କର ଭୋଟ ଅଧିକାର ନ ଥିଲା, ତା'ର ଅନେକ ପରେ ଏଇ ଏବେ ସେ'ଦିନ ମିଳିଲା ।

ଏପରି ଅବସ୍ଥାରେ ସେଠି କୌଣସି ମହିଳା ପ୍ରଧାନମନ୍ତ୍ରୀ ବା ତତ୍ତୁଲ୍ୟ ଉଚ୍ଚପଦକୁ ଉଠିବାର କଳ୍ପନା ସୁଦ୍ଧା ସେଠାର ଅଧିକାଂଶ ଦେଶର ଲୋକେ କରିପାରନ୍ତି ନାହିଁ । ତେଣୁ ଭାରତରେ ଯେ ଏଭଳି ଏକ କଥା ବେଶ୍ ସହଜ ଭାବରେ ଘଟିଗଲା ତାହା ସମସ୍ତଙ୍କୁ ବିସ୍ମିତ କରିଛି । ଲକ୍ଷ୍ୟକଲି ଯେ ଇନ୍ଦିରାଙ୍କ ପ୍ରତି ଏଠାରେ ଖୁବ୍ ସଦ୍ଭାବ ରହିଛି ।

★ ★

# ପଞ୍ଚତିରିଶ

## ଯୁଗୋସ୍ଲାଭିଆରେ ବିପ୍ଳବ ଓ ବିକାଶ

ଭାରତ ବିଷୟରେ ଆଲୋଚନାରୁ କ୍ରମେ ଯୁଗୋସ୍ଲାଭିଆ ଆଡ଼କୁ ଆଲୋଚନା ମୁହାଁଇଲା । ସେଠାର ରାଜନୀତି, ଅର୍ଥବ୍ୟବସ୍ଥା, ଶ୍ରମିକ ଆନ୍ଦୋଳନ ଆଦି ବିଭିନ୍ନ ବିଷୟରେ ଆଲୋଚନା ଆଗେଇ ଚାଲିଲା । ଇତିମଧ୍ୟରେ ଭୁସ୍କାନୋଭିଚ୍ ଅମ ଦୁଇ ଜଣଙ୍କୁ ମଧ୍ୟାହ୍ନ ଭୋଜନକୁ ନିମନ୍ତ୍ରଣ କଲେ ଓ ଆମେ ଅଳ୍ପଦୂରରେ ଥିବା ଏକ ହୋଟେଲକୁ ଗଲୁ । ସେଠି ମଧ୍ୟ ଖାଇବା ସାଙ୍ଗେ ସାଙ୍ଗେ ଓ ତାହା ପରେ ମଧ୍ୟ କଥାବାର୍ତ୍ତା ଚାଲିଲା ଶେଷକୁ ପ୍ରାୟ ତିନିଟା ବେଳକୁ ଆମେ ବିଦାୟ ନେଲୁ ।

ଏ ଚାରିଘଣ୍ଟା ଭିତରେ ଅନେକ କିଛି ଜାଣିବାକୁ ମିଳିଲା, ଯାହା ଭିତରେ ମିଳିଲା ଯୁଗୋସ୍ଲାଭିଆରେ କମ୍ୟୁନିଷ୍ଟ ଆନ୍ଦୋଳନର ଇତିହାସର ଏକ ଝଲକ ଓ ସେଥି ସହିତ ଗୁନ୍ଥି ହୋଇ ରହିଥିବା ଭୁସ୍କାନୋଭିଚ୍‌ଙ୍କର ନିଜ ଜୀବନର କାହାଣୀ ।

ଭୁସ୍କାନୋଭିଚ୍ ଅଳ୍ପ ବୟସରେ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ । ସେ ଯୁଗରେ ସେଠି ରାଜତନ୍ତ୍ର ଥିଲା ଓ ଚରମପନ୍ଥୀ ଆନ୍ଦୋଳନ ସବୁକୁ ଦୃଢ଼ ଭାବରେ ଦମନ କରାଯାଉଥିଲା । ଫଳରେ ସେ ମଧ୍ୟ ମାସେ, ଦୁଇମାସ, ଚାରିମାସ କରି ଅନେକ ଦିନ ଜେଲରେ କଟାଇଥିଲେ । ତାଙ୍କର ଭାଇ, ପୁତୁରା ପ୍ରଭୃତି ମଧ୍ୟ ସମସ୍ତେ କମ୍ୟୁନିଷ୍ଟ ଆନ୍ଦୋଳନରେ ଯୋଗ ଦେଇଥିଲେ ।

କ୍ରମେ ଆସିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ତାହା ଭିତରେ ଜର୍ମାନୀର ନାତ୍ସୀ ବାହିନୀ ଯୁଗୋସ୍ଲାଭିଆ ଦଖଲ କରିଗଲେ । ଫଳରେ ଭୁସ୍କାନୋଭିଚ୍ ଓ ଅନ୍ୟ ଚରମପନ୍ଥୀ ନାତ୍ସୀ ବିରୋଧୀମାନଙ୍କୁ ବନ୍ଦୀ ଶିବିରରେ ଆବଦ୍ଧ କରାଗଲା । ଯୁଦ୍ଧ ଶେଷ ପର୍ଯ୍ୟନ୍ତ ସେ ବନ୍ଦୀ ରହିଥିଲେ—ମୋଟ ସାଢ଼େ ଚାରି ବର୍ଷ । ତେଣେ ଜର୍ମାନୀର ନାତ୍ସୀ ଶାସକ ଗୋଷ୍ଠିଙ୍କର ଶକ୍ତି କମି ଆସିବା ବେଳକୁ ଏଣେ ମାର୍ଶାଲ ଟିଟୋଙ୍କ ନେତୃତ୍ୱରେ ମୁକ୍ତିଯୁଦ୍ଧ ଆରମ୍ଭ ହେଲା ଓ ନାତ୍ସୀ କବଳରୁ ଯୁଗୋସ୍ଲାଭିଆ ମୁକ୍ତ ହୋଇ ସେଠାରେ କମ୍ୟୁନିଷ୍ଟ

ଶାସନ ପ୍ରତିଷ୍ଠା ହେଲା । ଭ୍ଲାଡ଼ିମିର୍ ଜେଲରୁ ମୁକୁଳିଲେ ଓ ଦାୟିତ୍ୱପୂର୍ଣ୍ଣ ସରକାରୀ ପଦରେ ପ୍ରତିଷ୍ଠିତ ହେଲେ । ସେ ବିଭିନ୍ନ ଦେଶରେ ଯୁଗୋସ୍ଲାଭିଆର ରାଷ୍ଟ୍ରଦୂତ ପଦରେ ମଧ୍ୟ କାମ କରିଛନ୍ତି ।

ଜୀବନ କାହାଣୀ ବର୍ଣ୍ଣନା ପ୍ରସଙ୍ଗରେ ତାଙ୍କ ସହିତ ମୋର ବହୁତ ସମାନତା ବାହାରିଲା । ବୟସରେ ସେ ମୋଠୁଁ ତିନିବର୍ଷ ଟିକିଏ ମାତ୍ର ବଡ଼ । ପ୍ରାୟ ଏକା ସମୟରେ ଦୁହେଁ ରାଜନୀତିକ ଆନ୍ଦୋଳନରେ ପଶିଥିଲୁ । ସେ ନାତ୍‌ସୀ କାରାଗାରରେ ସାଢ଼େ ଚାରିବର୍ଷ କଟେଇବା ବେଳେ ମୁଁ ଇଂରେଜ ସାମ୍ରାଜ୍ୟର କାରାଗାରରେ ସେତିକି ସମୟ କଟେଇଥିଲି । ଆମ ପରିବାର ପରି ତାଙ୍କ ପରିବାରର ମଧ୍ୟ ପ୍ରାୟ ସମସ୍ତେ ମୁକ୍ତି ଆନ୍ଦୋଳନରେ ଥିଲେ । ଏହିପରି ଜୀବନର ଅଭିଜ୍ଞତାରେ ବହୁତ ସାମ୍ୟ ବାହାରିବା ଫଳରେ ଆମ ଦୁହିଁଙ୍କର ଖୁବ୍ ଜମିଲା । ଜେଲ ଅଭିଜ୍ଞତା ବିନିମୟ କଲୁ । ମୁଁ କହିଲି ଆମେ ତ ସବୁ ଜେଲରେ ପଢ଼ାଶୁଣାରେ ସମୟ କଟାଉଥିଲୁ । ଜ୍ଞାନ ଅର୍ଜନର ସେଇଟା ଏକ ମସ୍ତ ସୁଯୋଗ ଥିଲା ।

ସେ କହିଲେ—ଆମେ ବି ସେୟା କରୁଥିଲୁ । ଦେଶର ସବୁଠୁଁ ବଡ଼ ବଡ଼ ଜ୍ଞାନୀ ଗୁଣୀମାନେ ତ ଜେଲଖାନାରେ ହିଁ ମିଳୁ ଥିଲେ ।

ନାତ୍‌ସୀ ଆଧିପତ୍ୟ ଓ ସ୍ୱାଧୀନତା ସଂଗ୍ରାମରେ ଏ ଦେଶକୁ ବହୁତ ଭୋଗିବାକୁ ପଡ଼ିଥିଲା । ଦେଶର ବହୁ ଶିଳ୍ପ କାରଖାନା, ରାସ୍ତା, ପୋଲ ଆଦି ନାତ୍‌ସୀମାନେ ଧ୍ୱଂସ କରି ଦେଇଥିଲେ ଓ ଯାହା କିଛି ବଳିଥିଲା ତାହା ମୁକ୍ତି ସେନାନୀ ଧ୍ୱଂସ କରିଦେଲେ, ନାତ୍‌ସୀ-ମାନଙ୍କ ଗତିବିଧିରେ ବାଧା ଦେବାକୁ । ମୁକ୍ତି ପରେ ସେମାନଙ୍କୁ ସବୁକିଛି ନୂଆ କରି ଗଢ଼ିବାକୁ ପଡ଼ିଲା ।

"ଆପଣ ଯାହା କିଛି ଏବେ ଦେଖୁଛନ୍ତି ସେ ସବୁ ଗତ ପଚିଶ ବର୍ଷରେ ଶୂନ୍ୟରୁ ଆରମ୍ଭ କରି ଗଢ଼ା ହୋଇଛି । ଏ ବେଲଗ୍ରେଡ୍ ସହର ମଧ୍ୟ । ଏଥିରେ ତ ଅଧିକାଂଶ କୋଠାବାଡ଼ି ଯୁଦ୍ଧବେଳେ ପୁରାପୁରି ବିଧ୍ୱସ୍ତ ବା କ୍ଷତିଗ୍ରସ୍ତ ହୋଇଥିଲା ।"

"ଏ ସହର ବହୁତ ଦୁଃଖ ଅତ୍ୟାଚାର ଭୋଗିଛି ।" ସେ କହି ଚାଲିଲେ "ଏକ ଘାଟୀ ଜାଗାରେ ଅବସ୍ଥିତ ହୋଇଥିବାରୁ ଏହା ଉପରେ ଏହାର ଇତିହାସରେ ତେୟାଳିଶ ଥର ଆକ୍ରମଣ ହୋଇ ଏହା ବିଧ୍ୱସ୍ତ ହୋଇଛି । ସେଥିଭିତରୁ ତେର ଥର ତ ପୁରାପୁରି ମାଟିରେ ମିଶାଇ ଦିଆଯାଇଥିଲା । ମାତ୍ର ପ୍ରତ୍ୟେକ ଥର ପୁଣି ଉଠି ଛିଡ଼ା ହୋଇଛି ।"

ଏ କଥା ଶୁଣୁଥିଲା ବେଳେ ମୁଁ ଭାବୁଥାଏ ଯେ ମାନବର ଯେଉଁ ଅମର ଆତ୍ମା ଯୁଗେ ଯୁଗେ ସମସ୍ତ ବିପର୍ଯ୍ୟୟ, ଅତ୍ୟାଚାର ଅବମାନନାର ଗ୍ଲାନିକୁ ବେଖାତିର କରି, ପରାଜିତ କରି, ମୁଣ୍ଡ ଟେକି ଛିଡ଼ା ହୋଇଛି, ସଦାସର୍ବଦା ମାନବର ଗୌରବ, ମାନବତାର ସାର୍ବଭୌମତ୍ୱର ଜୟ ଘୋଷଣା କରିଛି ଏ ନଗରୀ ଯେପରି ସତେ ତାହାର ପ୍ରତୀକ ।

ଯୁଗୋସ୍ଲୋଭିଆର ବର୍ତ୍ତମାନ ଆର୍ଥିକ ପରିସ୍ଥିତି କଥା ପଡ଼ିଲା । ଯୁଦ୍ଧ ପରେ ସମାଜବାଦୀ ବ୍ୟବସ୍ଥା ମାଧ୍ୟମରେ ଦେଶର ଅର୍ଥବ୍ୟବସ୍ଥାର ବିକାଶ ଏମାନେ ଖୁବ୍ ଦ୍ରୁତ ଗତିରେ କରିପାରିଛନ୍ତି ଓ ପୂର୍ବରୁ ଉଲ୍ଲେଖ କରିଛି ଯେ ଏଥିରେ ଏମାନେ ଗତାନୁଗତିକ ଅର୍ଥାତ୍ ସୋଭିଏଟ୍ ରୁଷ୍‌ରେ ଅନୁସୃତ ଗତାନୁଗତିକ ପନ୍ଥାକୁ ଛାଡ଼ି ଏକ ଅଭିନବ ପ୍ରୟୋଗ ଆରମ୍ଭ କରିଛନ୍ତି, ଯାହାର ଦୁଇଟି ମୁଖ୍ୟ ଅଙ୍ଗ ହେଲା ଶିଳ୍ପ, ବାଣିଜ୍ୟ, କୃଷି ଆଦି ଉତ୍ପାଦକ ସଂସ୍ଥାମାନଙ୍କର ପରିଚାଳନାରେ ସେଥିରେ କାମ କରୁଥିବା ଶ୍ରମିକ ଓ କର୍ମଚାରୀମାନଙ୍କର କର୍ତ୍ତୃତ୍ୱ ଓ ଏକାପ୍ରକାରର ବସ୍ତୁ ଉତ୍ପାଦନ କରୁଥିବା ବା କାମ କରୁଥିବା ସଂସ୍ଥାମାନଙ୍କ ଭିତରେ ବ୍ୟବସାୟଗତ ପ୍ରତିଯୋଗିତା ।

ଶିଳ୍ପ, କୃଷି, ବ୍ୟବସାୟ ଆଦି ସଂସ୍ଥାମାନଙ୍କର ପରିଚାଳନା ପାଇଁ ପ୍ରତ୍ୟେକଟିରେ ଶ୍ରମିକମାନଙ୍କର ପ୍ରତିନିଧିମୂଳକ କାଉନ୍‌ସିଲ ବା ପରିଚାଳକ ମଣ୍ଡଳୀ ରହିଛି । ସଂସ୍ଥାର କାମଦାମ, ଉତ୍ପାଦନ ଯୋଜନା, ଲାଭର ବିନିଯୋଗ, ବାର୍ଷିକ ବଜେଟ ଆଦି ପ୍ରତ୍ୟେକ ବିଷୟର ନିଷ୍ପତ୍ତି ଏହି ପରିଚାଳକ ମଣ୍ଡଳୀ କରନ୍ତି । ସଂସ୍ଥାର ମ୍ୟାନେଜର ମଧ୍ୟ ଏହି ବ୍ୟବସ୍ଥା ସଭା ହିଁ ନିଯୁକ୍ତ କରେ । ଏ ବ୍ୟବସ୍ଥା ପ୍ରବର୍ତ୍ତିତ ହେବାର ପ୍ରଥମ ଅବସ୍ଥାରେ ମଣ୍ଡଳୀକୁ ଯେତେ ଅଧିକାର ଦିଆଯାଇଥିଲା ଏବେ ତାହାଠାରୁ ଅଧିକ ଅଧିକାର ଓ ସ୍ୱାତନ୍ତ୍ର୍ୟ ଦିଆଗଲାଣି । ଉଦାହରଣ ସ୍ୱରୂପ ପୂର୍ବେ ମ୍ୟାନେଜର ନିଯୁକ୍ତି ଉର୍ଦ୍ଧ୍ୱତନ କର୍ତ୍ତୃପକ୍ଷ ହିଁ କରୁଥିଲେ । ମଣ୍ଡଳୀ କେବଳ ନାମ ସୁପାରିଶ କରୁଥିଲେ । ଏବେ ମଣ୍ଡଳୀ ହିଁ ନିଯୁକ୍ତି ଦେଇଥାଏ । ସ୍ଥାନୀୟ ନଗରସଭା ବା ମ୍ୟୁନିସିପାଲିଟିକୁ ଏ ନିଯୁକ୍ତି ଅନୁମୋଦନ ବା ସ୍ୱୀକୃତି ପାଇଁ ଯାଏ, ମାତ୍ର ତାହା କେବଳ ଔପଚାରିକତା ମାତ୍ର । ପରିଚାଳକ ମଣ୍ଡଳୀର ନିଷ୍ପତ୍ତିକୁ ନଗରସଭା ସାଧାରଣତଃ ମାନି ହିଁ ନେଇଥାଏ । ଯଦି କୌଣସି କ୍ଷେତ୍ରରେ ନଗରସଭା ମଣ୍ଡଳୀର ନିଷ୍ପତ୍ତିକୁ ସ୍ୱୀକାର ନ କରେ ତେବେ ତାହା ପୁଣି ମଣ୍ଡଳୀକୁ ପୁନର୍ବିଚାର ପାଇଁ ଫେରିଯାଏ ।

ବଡ଼ ବଡ଼ ଶିଳ୍ପ ସଂସ୍ଥା ଓ ସରକାରୀ କୃଷି କ୍ଷେତ୍ରମାନଙ୍କରେ ବିଭିନ୍ନ ବିଭାଗର ବିଭାଗୀୟ ମଣ୍ଡଳୀ ମଧ୍ୟ ରହିଛି । ଏସବୁ ବିଭାଗୀୟ ମଣ୍ଡଳୀ ନିଜ ନିଜ ବିଭାଗ ଭିତରେ କାମର ଯୋଜନା ଗଢ଼ନ୍ତି, ତାହା ଭିତରେ ଉଠୁଥିବା ସ୍ଥାନୀୟ ସମସ୍ୟାର ସମାଧାନ କରନ୍ତି, ଶୃଙ୍ଖଳା ରକ୍ଷାର ଦାୟିତ୍ୱ ନିଅନ୍ତି । ସବୁ ବିଭାଗର ପ୍ରତିନିଧି ନେଇ ଗଢ଼ା ଯାଇଥିବା ସଂସ୍ଥାର ଉଚ୍ଚତମ ପରିଚାଳକ ମଣ୍ଡଳୀ ଉତ୍ପାଦନ ଯୋଜନା, ବଜେଟ ଓ ଲାଭର ବିନିଯୋଗ ବିଷୟରେ ବିଚାର କରିଥାଏ ।

ପ୍ରତ୍ୟେକ ସଂସ୍ଥାର ଯାହା ନେଟ୍ ଲାଭ ହୁଏ ତାହାର ଅଧେ ସରକାର ନେଇଥାଏ । ଏହାକୁ ସରକାରର ତିନୋଟି ମୁଖ୍ୟ ସ୍ତର : ସ୍ଥାନୀୟ ଶାସନ ବା କମ୍ୟୁନ୍ , ରିପବ୍ଲିକ୍ ବା ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବିଭିନ୍ନ ଅନୁପାତରେ ବାଣ୍ଟି ନିଅନ୍ତି । ବାକି ଅଧିକାର ଉପଭୋଗ ସେହି ଶିଳ୍ପର ସଂପ୍ରସାରଣ ପାଇଁ ପୁଂଜି ଲଗାଣ, ଶ୍ରମିକ କର୍ମଚାରୀମାନଙ୍କ ପାଇଁ

ଘର, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମ୍ବନ୍ଧୀୟ ସୁବିଧା ଯୋଗାଣର ବ୍ୟବସ୍ଥା ତଥା ମଜୁରି ବୃଦ୍ଧିରେ କରାଯାଏ । କେଉଁ ବାବତରେ ଲାଭର କେତେ ଅଂଶ ବ୍ୟୟ କରାଯିବ ତାହା ପରିଚାଳନା ମଣ୍ଡଳୀ ହିଁ ସ୍ଥିର କରିଥାଏ ।

ସାଧାରଣତଃ ସଂସ୍ଥାମାନଙ୍କର ଲାଭ କ୍ଷତିର ହିସାବ ପ୍ରତି ମାସରେ କରାଯାଇଥାଏ । ବଡ଼ ବଡ଼ ସଂସ୍ଥାମାନଙ୍କରେ ଅତି ବଡ଼ରେ ତିନି ମାସରେ ଥରେ ହିସାବ ହୁଏ । ସଂସ୍ଥାର ସାଧାରଣ ଆର୍ଥିକ ପରିସ୍ଥିତିକୁ ନଜରରେ ରଖି ଶ୍ରମିକମାନଙ୍କୁ ଏକ ପୂର୍ବାନୁମାନିତ (anticipatory) ବେତନ ଦିଆଯାଇଥାଏ । ଯଦି ଅନୁମାନରୁ ଅଧିକ ଲାଭ ହେବାର ଦେଖାଯାଏ ତେବେ ସେହି ଅନୁସାରେ ପ୍ରାପ୍ୟ ଅଧିକ ବେତନର ଅବଶିଷ୍ଟାଂଶ ପରେ ପୂରଣ କରିଦିଆଯାଏ । ଯଦି ଲାଭ ଊଣା ହୁଏ ବା ଓଲଟା କ୍ଷତି ହୁଏ ତେବେ ପୂର୍ବରୁ ଦିଆସରିଥିବା ବେତନର ଅଧିକା ଅଂଶଟା ଏକ ଗଚ୍ଛିତ ପାଣ୍ଠି (ରିଜର୍ଭ ଫଣ୍ଡ)ରୁ ପୂରଣ କରାଯାଏ । ଲାଭର କେତେକ ଅଂଶ ଏହି ଉଦ୍ଦେଶ୍ୟରେ ଏ ପାଣ୍ଠି ଆକାରରେ ଜମା କରାଯାଏ ।

ଆମେ ଯେଉଁ ହୋଟେଲରେ ଯାଇ ମଧ୍ୟାହ୍ନ ଭୋଜନ କଲୁଁ ତାହା 'ମେଟ୍ରୋପୋଲ୍ ଏଣ୍ଟରପ୍ରାଇଜ୍' ନାମକ ଏକ ସଂସ୍ଥାର ଅନ୍ତର୍ଗତ । ଏହା ହାତରେ ଅନେକଗୁଡ଼ିଏ ହୋଟେଲ ଓ ରେସ୍ତୋରାଁ ଅଛି । ଏହିଭଳି ସଂସ୍ଥା ବେଲ୍‌ଗ୍ରେଡ୍ ସହରରେ ତିନି ଚାରୋଟି ରହିଛି । ପ୍ରତି ସଂସ୍ଥା ଅନ୍ତର୍ଗତ ପ୍ରତ୍ୟେକ ହୋଟେଲ ଓ ରେସ୍ତୋରାଁର ନିଜସ୍ୱ ପରିଚାଳନା ମଣ୍ଡଳୀ ରହିଛି, ପୁଣି ସମଗ୍ର ସଂସ୍ଥାର ଏକ ସର୍ବୋଚ୍ଚ ମଣ୍ଡଳୀ ।

ଏ ସଂସ୍ଥାଗୁଡ଼ିକର ଅନ୍ତର୍ଭୁକ୍ତ ହୋଟେଲ ବା ରେସ୍ତୋରାଁ ଅମୁକ ସଂସ୍ଥାରେ ରହିବାକୁ ବାଧ୍ୟ ନୁହନ୍ତି । କୌଣସି ହୋଟେଲର ପରିଚାଳନା ମଣ୍ଡଳୀ ଇଚ୍ଛା କଲେ ଗୋଟିଏ ସଂସ୍ଥାକୁ ଛାଡ଼ି ଅନ୍ୟ ଗୋଟିକରେ ଯୋଗ ଦେଇ ପାରନ୍ତି ।

ହୋଟେଲ ଆଦିକୁ ଗରାଖ ଆକୃଷ୍ଟ କରିବା ପାଇଁ ପ୍ରତ୍ୟେକ ସଂସ୍ଥା ବିଜ୍ଞାପନ ଦେଇଥାନ୍ତି ଓ ଗରାଖମାନଙ୍କ ସୁଖ ସୁବିଧା ପ୍ରତି ବିଶେଷ ଧ୍ୟାନ ଦେଇଥାନ୍ତି । ସଂସ୍ଥାର ଲାଭରେ ଓ ସୁନାମରେ ପ୍ରତ୍ୟେକ କର୍ମଚାରୀ ଅଂଶୀଦାର ହୋଇଥିବାରୁ କାମଦାମରେ ଖୁବ୍ ତତ୍ପରତା ଦେଖାଇଥାନ୍ତି । ଗରାଖମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦେଇଥାନ୍ତି । ଦୋକାନ ବଜାରରେ ମଧ୍ୟ ସେଇଆ ଦେଖିବାକୁ ପାଇଲି ।

ହୋଟେଲ୍‌ରେ ସେଦିନ ନିରାମିଷ ଖାନା କ'ଣ ମିଳିବ ବୋଲି ପରିଚାରକକୁ ପଚାରିବାରୁ ସେ ବୁଝାଇଲା ଯେ 'ରିସୋର୍ତ୍ତୋ' ଖୁବ୍ ଭଲ ହେବ । ଭୁକ୍‌ସାନୋଭିଚ୍ ମଧ୍ୟ ତାକୁ ସମର୍ଥନ କଲାରୁ ମୁଁ କହିଲି ତା'ହେଲେ ରିସୋର୍ତ୍ତୋ ଆସୁ । ତା' ସାଙ୍ଗକୁ ସର୍ବିୟାନ୍ ସାଲାଡ୍ ଆସିଲାରୁ ଦେଖିଲି ଯେ 'ରିସୋତୋ' ମାନେ ଏକପ୍ରକାର ଖେଚୁଡ଼ି, ସେଥିରେ କୋବି, ସିମ,

ଗାଜର, ପିଆଜ ଆଦି ପରିବା ମିଶିଛି । ପରିବା ଅଂଶ ଟିକେ ବେଶୀ ଓ ଆମର ଖେଚୁଡ଼ି ରନ୍ଧାରେ ଚାଉଳଟା ଯେପରି ପୂରା ନରମ ହୋଇ ଘାଣ୍ଟି ହୋଇ ଯିବାରେ ଖେଚୁଡ଼ିର ଗୁଣ, ରିସାଟୋରେ ସେପରି ନ ହୋଇ ଭାତ ଗୋଟା ରହିଛି । ମଖନ ସଂଯୋଗରେ ଖାଇବାକୁ ବେଶ୍ ସୁସ୍ୱାଦୁ । ସର୍ବିଆନ୍ ସାଲାଡ୍ ଆମ ଭୂଦାନ ଅଫିସ୍ ସାଲାଡ୍‌ଠାରୁ ଭିନ୍ନ ନୁହେଁ । ଏଥିରେ ଚେକା ଚେକା ହୋଇ କଟା ହୋଇଥିବା ଟୋମାଟୋ, କାକୁଡ଼ି, ପିଆଜ ଓ ପ୍ରଚୁର ଲଙ୍କାମରିଚ । ଦେଖିଲି ଏଠି ଲଙ୍କାମରିଚ ଖୁବ୍ ଚଳେ । ନାମ ପାପ୍ରିକା ।

ଗୋଟାଏ କଥା ଲକ୍ଷ୍ୟ କଲି ଯେ ଅନ୍ୟ ଦେଶ ପରି ଏଠା ହୋଟେଲର ପରିଚାରକ-ମାନଙ୍କ ଭିତରେ ନ୍ୟୂନ ଭାବ ନାହିଁ ।

ୟୁରୋପର ଦେଶମାନଙ୍କରେ ଉଚ୍ଚ ନୀଚ ଭାବ ଆମ ଦେଶ ପରି ଉତ୍କଟ ନ ହେଲେ ମଧ୍ୟ ବେଶ୍‌କିଛି ଦେଖିବାକୁ ମିଳେ । ଉଚ୍ଚପଦସ୍ଥ ଓ ନିମ୍ନପଦସ୍ଥ ଲୋକଙ୍କ ଭିତରେ ଗୋଟାଏ ଦୂରତ୍ୱ ଥାଏ । ନିମ୍ନପଦସ୍ଥ ଲୋକେ ଗୋଟାଏ ମର୍ଯ୍ୟାଦା ରଖି ଚଳନ୍ତି । ଏଠି ସେଟା ନ ଥିବାର ବା କମ୍ ଥିବାର ମନେ ହେଲା । ପରିଚାରକମାନେ ବେଶ ସହଜ ସମାନଭାବରେ ସହ ଆଚରଣ ଓ କଥାବାର୍ତ୍ତା କରିବାର ମନେ ହେଲା ।

ଶିଳ୍ପ, ବ୍ୟବସାୟ ସଂସ୍ଥାର ପରିଚାଳକ ମଣ୍ଡଳୀକୁ ଦେଖାରେଖା କରିବାର ଅଧିକାର ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥା କମ୍ୟୁନ ବା ପଞ୍ଚାୟତର ରହିଛି । ଯଦି କୌଣସି ସଂସ୍ଥାର ପରିଚାଳନାରେ ଗୁରୁତର ବିଶୃଙ୍ଖଳା ଦେଖାଯାଏ ତେବେ କମ୍ୟୁନ୍ ତାହାର ପରିଚାଳନା ମଣ୍ଡଳୀକୁ ଭାଙ୍ଗିଦେଇ ଏଡ୍‌ହକ୍ ମଣ୍ଡଳୀ ନିଯୁକ୍ତ କରିପାରେ । କମ୍ୟୁନ୍‌ମାନେ ଲାଭର ଅଂଶ ପାଉଥିବାରୁ ସଂସ୍ଥାର ସୁପରିଚାଳନା ଉପରେ ନଜର ରଖିଥାନ୍ତି ।

ମୁଁ ପଚାରିଲି ଯେ ଏ ସବୁ ଭିତରେ ସ୍ଥାନୀୟ ରାଜନୀତି ଚାଲେ କି ନାହିଁ ? ବ୍ୟକ୍ତିମାନେ କ୍ଷମତାଲିପ୍ସା ବା ପରସ୍ପରର ବ୍ୟକ୍ତିଗତ ବିରୋଧ ଆଦି ଯୋଗୁଁ ଦଳାଦଳି ଓ ଠେଲାପେଲା ଏସବୁ ଭିତରେ ଚାଲେ କି ନାହିଁ ?

ଭ୍ୟୁସ୍ତାନୋଭିଚ୍ ଉତ୍ତର ଦେଲେ ଯେ ସେଭଳି ମଧ୍ୟ ଘଟେ ଓ ସ୍ଥାନୀୟ ରାଜନୀତିବାଲା ନାନା ଉଦ୍ଦେଶ୍ୟ ନେଇ ସଂସ୍ଥା କାମରେ ହସ୍ତକ୍ଷେପ କରନ୍ତି । ଏସବୁ ସତ୍ତ୍ୱେ ଶ୍ରମିକ ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ଏ ଦେଶର ଆର୍ଥିକ ବିକାଶ ବେଶ ଭଲଭାବରେ ଚାଲିଛି । ଦେଖାଯାଉଛି ଯେ ଏ ଦେଶର ରାଷ୍ଟ୍ରୀୟ ଉତ୍ପାଦନର ପରିମାଣ ବର୍ଷକୁ ଶତକଡ଼ା ଆଠରୁ ଦଶଭାଗ ବଢ଼ୁଛି । ଭାରତରେ ଆମର ବୃଦ୍ଧିର ହାର ମାତ୍ର ଅଢ଼େଇରୁ ତିନିଭାଗ ।

ଆଲୋଚନା ପ୍ରସଙ୍ଗରେ ଯୁଗୋସ୍ଲାଭ ବନ୍ଧୁମାନେ ଗୋଟିଏ କଥା ଉପରେ ଖୁବ୍ ଜୋର ଦେଇ ବୁଝାଇଲେ ଯେ ସେ ଦେଶରେ ଶିଳ୍ପ-ବ୍ୟବସାୟ ଆଦିର ମାଲିକ ରାଷ୍ଟ୍ର ବା

ସରକାର ନୁହେଁ, ସେ ସବୁ ସମାଜର ସମ୍ପତ୍ତି । ଏହିରୂପେ ସେମାନେ ସମାଜ ଓ ରାଷ୍ଟ୍ରର ଭିତରେ ପାର୍ଥକ୍ୟ କରନ୍ତି ଓ ରାଷ୍ଟ୍ର ହାତରେ କ୍ଷମତାର କେନ୍ଦ୍ରୀକରଣ ଚାହାନ୍ତି ନାହିଁ । ସର୍ବୋଦୟ ଆନ୍ଦୋଳନରେ ଗ୍ରାମୀକରଣ ମାଧ୍ୟମରେ ଜମି ଉପରେ ସମାଜର ମାଲିକାନା କାଏମ କରିବାର କଳ୍ପନା ସହିତ ଏ ବିଗ୍ରହର ସାମ୍ୟ ରହିଛି ।

★ ★

# ଛତିଶ

## ଯୁଗୋସ୍ଲାଭିଆ ବିଷୟରେ ଆହୁରି

ଯୁଗୋସ୍ଲାଭିଆର ଆର୍ଥିକ ସ୍ତର ପଶ୍ଚିମ ୟୁରୋପର ଦେଶମାନଙ୍କଠାରୁ ଯଥେଷ୍ଟ ତଳେ । ମାତ୍ର ଅନ୍ୟ ଗରିବ ଦେଶ ତୁଳନାରେ ଯଥେଷ୍ଟ ଉନ୍ନତ । ଏଠାରେ ଶ୍ରମିକମାନଙ୍କର ସାଧାରଣ ମଜୁରି ହାର ମାସକୁ ସାଢ଼େ ଛଅ ଶହରୁ ନଅ ଶହ ଟଙ୍କା ପର୍ଯ୍ୟନ୍ତ । କାମ ଓ ବ୍ୟକ୍ତିଗତ ଉତ୍ପାଦନ କ୍ଷମତା ଅନୁସାରେ ମଜୁରିରେ ତାରତମ୍ୟ ଘଟିଥାଏ ।

ଗାଁର ଚାଷୀମାନଙ୍କର ଅବସ୍ଥାର ସ୍ତର ବେଶ ଭଲ, ତେବେ ସଠିକ ହିସାବ ଦେବା କଠିନ ବୋଲି ବନ୍ଧୁମାନେ କହିଲେ । ପରିବାରର ମାସିକ ଆୟ ପାଞ୍ଚଶହରୁ ସାତଶହ ଭିତରେ ହେବ । ଦେଶର ଶତକଡ଼ା ଅଠଚାଳିଶ ଭାଗ ଲୋକ ଚାଷରୁ ଚଳନ୍ତି । ଚାଷଜମିର ଅଧିଭାଗ ବ୍ୟକ୍ତିଗତ ଚାଷୀଙ୍କ ହାତରେ ଓ କୋଡ଼ିଏ ଭାଗ ସାମୂହିକ କୃଷିକ୍ଷେତ୍ରରେ । ମାତ୍ର କୃଷି ଉତ୍ପାଦନର ଶତକଡ଼ା ଷାଠିଏ ଭାଗ ସାମୂହିକ କୃଷିକ୍ଷେତ୍ରରୁ ଆସିଥାଏ ବୋଲି ସେ ଜଣେଇଲେ ।

ସବୁ ଜମିରେ ସାମୂହିକ ଚାଷର ପ୍ରବର୍ତ୍ତନ ବିଷୟରେ ସେମାନେ କ'ଣ ଚିନ୍ତୁଛନ୍ତି ବୋଲି ପଚାରିବାରୁ ସେ କହିଲେ ଯେ, ଏ ଦେଶରେ ବିପ୍ଳବ ପରେ ସେଭଳି କରିବା ଉଦ୍ୟମ ହୋଇଥିଲା ମାତ୍ର ତା'ର ପରିଣାମ ଭଲ ହେଲା ନାହିଁ । ଉତ୍ପାଦନ ଉପରେ ତା'ର ମନ୍ଦ ପ୍ରଭାବ ପଡ଼ିଲା, ତେଣୁ ସେ ବ୍ୟବସ୍ଥା ବଦଳାଇ ଦିଆଗଲା ଓ ବ୍ୟକ୍ତିଗତ ଚାଷକୁ ସୁବିଧା ଦିଆଗଲା । ଏଠି ଏକର ପିଛା ଉତ୍ପାଦନ ଚୀନର ଦୁଇଗୁଣ ବୋଲି ସେ କହିଲେ ।

ବ୍ୟକ୍ତିଗତ ଚାଷୀଙ୍କ ହାତରେ ଅଧିକତମ ଜୋତର ପରିମାଣ ଦଶ ହେକ୍ଟାର ବା ପଚିଶ ଏକର । ସାମୂହିକ କୃଷିକ୍ଷେତ୍ର ପକ୍ଷରୁ ଚାଷୀମାନଙ୍କୁ ଉତ୍ପାଦନ ବଢ଼ାଇବା ଦିଗରେ ନୂଆ ନୂଆ ପଦ୍ଧତି ଶିଖାଇବା କାମ ମଧ୍ୟ ହୁଏ । ସାମୂହିକ କୃଷିକ୍ଷେତ୍ରମାନଙ୍କରେ ଶ୍ରମିକମାନଙ୍କ ମଜୁରି ସହରର କଳକାରଖାନା ଅପେକ୍ଷା ବି ଅନେକ କ୍ଷେତ୍ରରେ ବେଶୀ । ତାହାଛଡ଼ା ସେମାନେ ଘରୋଇ ଚାଷ ପାଇଁ କିଛି କିଛି ଜମି ପାଇଥାନ୍ତି, ଖାଦ୍ୟ ଶସ୍ତାରେ ପାଇଥାନ୍ତି ଓ

ଘର ମଧ୍ୟ । ଏହିରୂପେ ସହରର ଶ୍ରମିକଙ୍କ ଅପେକ୍ଷା ସେମାନେ ଅଧିକ ଭଲରେ ଥା'ନ୍ତି ବୋଲି ବନ୍ଧୁମାନେ ମତ ଦେଲେ ।

ବ୍ୟକ୍ତିଗତ କୃଷିକୁ ଚାଲୁ ରଖିବାର ଆଉ ଏକ କାରଣ ମଧ୍ୟ ଆଲୋଚନା ପ୍ରସଙ୍ଗରେ ଦୃଷ୍ଟିକୁ ଆସିଲା । ଏଠି କଳକାରଖାନାରେ ଯେତେ ପୁଂଜି ଲଗାଣ ହୋଇଛି ସେ ଅନୁପାତରେ ଉତ୍ପାଦନ କମ ହେଉଛି, ଅର୍ଥାତ୍ ସେ ସବୁର କର୍ମକୁଶଳତା ବା ଏଫିସିଏନ୍‌ସୀ ଯଥେଷ୍ଟ ଊଣା ରହିଛି । ଏବେ କେତେ ବର୍ଷ ହେଲା ଦେଶର ଶିଳ୍ପସଂସ୍ଥାମାନଙ୍କର କୁଶଳତା ବୃଦ୍ଧି ଦିଗରେ ଜୋର ଦିଆଯାଉଛି । ସେ ସବୁଥିରେ କାମ କରୁଥିବା ଲୋକଙ୍କ ସଂଖ୍ୟା କମେଇ ଦେଇ ଓ ଅନ୍ୟ ଭାବରେ ସେ ସବୁର କାମକୁ ସୁବ୍ୟବସ୍ଥିତ କରାଯାଉଛି । ଏ ସବୁ ଫଳରେ କଳକାର-ଖାନାମାନଙ୍କରେ ନୂଆ ନୂଆ କର୍ମସଂସ୍ଥାନର ସମ୍ଭାବନା ପୂର୍ବ ଅପେକ୍ଷା ଊଣା ହୋଇଯାଇଛି । ତେଣୁ ଗାଁରୁ ଅଧିକ ଲୋକ ସହରକୁ ଆସିବା ଏଠାର ଶାସକମାନେ ଚାହୁଁ ନାହାନ୍ତି । ସେଥିପାଇଁ ଚାଷର ଚାଲୁ ବ୍ୟବସ୍ଥାରେ ସେମାନେ କୌଣସି ରକମର ବିକ୍ଷେପ ସୃଷ୍ଟି କରିବାକୁ ଚାହାନ୍ତି ନାହିଁ ।

ଏଠାର ଛାତ୍ର ଓ ଯୁବକଙ୍କର ମତିଗତି ବିଷୟରେ ପଚାରିଲି । ଜଣାଗଲା ଯେ ଅନ୍ୟ ଅନେକ ଦେଶ ପରି ପ୍ରବଳ ନ ହେଲେ ମଧ୍ୟ ଛାତ୍ରମାନଙ୍କ ଭିତରେ ଏଠି ମଧ୍ୟ ଚହଲ ରହିଛି । ଅଳ୍ପ ଦିନ ତଳେ ଏଠା ଛାତ୍ରମାନେ ଶିକ୍ଷା ବ୍ୟବସ୍ଥାରେ କେତେକ ପରିବର୍ତ୍ତନର ଦାବୀ, ଯଥା ବିଶ୍ୱବିଦ୍ୟାଳୟମାନଙ୍କର ପରିଚାଳନାରେ ଛାତ୍ରମାନଙ୍କର ପରାମର୍ଶ ଗ୍ରହଣ, ଓ ଦେଶର ସାଧାରଣ ପରିସ୍ଥିତି ବିଷୟରେ ମଧ୍ୟ କେତେକ ଦାବୀ କରି ଏକ ବଡ଼ ଧରଣର ଆନ୍ଦୋଳନ ଆରମ୍ଭ କରିଥିଲେ । ରାଷ୍ଟ୍ରପତି ଟିଟୋ ସ୍ୱୟଂ ଏହାକୁ ସ୍ୱାଗତ କଲେ, ବିକ୍ଷୋଭକାରୀଙ୍କ ସଭାରେ ଆସି ପହଞ୍ଚିଲେ ଓ ଛାତ୍ରଙ୍କର ମୁଖ୍ୟ ମୁଖ୍ୟ ଦାବୀଗୁଡ଼ିକରୁ ସମର୍ଥନ କଲେ । ଫଳରେ ଏ ଆନ୍ଦୋଳନର ସମାଧାନ ସୁରୁଖୁରୁରେ ହୋଇଗଲା ।

ଏଠି ଛାତ୍ରମାନଙ୍କ ଭିତରେ ନାନା ଧରଣର ସାନବଡ଼ ଗୋଷ୍ଠୀ ଭିନ୍ନ ଭିନ୍ନ ଚିନ୍ତାଧାରାକୁ ଧରି ରହିଛି ବୋଲି ଭୁସ୍ୟାନୋଭିଚ୍‌ଙ୍କ କଥାରୁ ଜଣାଗଲା । ତାହା ଭିତରେ ସମାଜବାଦ ବା ସାମ୍ୟବାଦର ସମାଲୋଚନା ଓ ବିରୋଧ କରୁଥିବା ଗୋଷ୍ଠୀ ମଧ୍ୟ ଅଛି ମାତ୍ର ସେଥିରେ ଅତି ସାମାନ୍ୟ ସଂଖ୍ୟକ ଲୋକ ଅଛନ୍ତି ବୋଲି ସେ ଜଣାଇଲେ । ଏକ ମାଓବାଦୀ ଗୋଷ୍ଠୀ ମଧ୍ୟ ଥିବାର କଥା ଶୁଣି ସେମାନେ ଏଠି କ'ଣ ବିଚାର ବାଢ଼ୁଛନ୍ତି ବୋଲି ମୁଁ ପଚାରିଲି ।

ଭୁସ୍ୟାନୋଭିଚ୍ ଜବାବ ଦେଲେ ଯେ ଆଜି ଏ ଦେଶରେ ଯେଉଁ ପ୍ରକାରର ଆର୍ଥିକ ଅସମାନତା ରହିଛି ତାହାକୁ ଏମାନେ ପସନ୍ଦ କରୁନାହାନ୍ତି ଓ ସମ୍ପୂର୍ଣ୍ଣ ସମାନତା ସ୍ଥାପିତ ହେବା ଦରକାର ବୋଲି ଦାବୀ କରୁଛନ୍ତି । ମାତ୍ର ତାଙ୍କର ଏ ଦାବୀ ଦାରିଦ୍ର୍ୟର ସମାନତା ବା ଦାରିଦ୍ର୍ୟ ବଣ୍ଟନର ଦାବୀ ମାତ୍ର । ଏଭଳି କରି ବସିଲେ ଏ ଦେଶର ବିକାଶ ବନ୍ଦ ହୋଇଯିବ, କାରଣ ଶିକ୍ଷିତ ଓ ବିଶେଷ ଯୋଗ୍ୟତା ପ୍ରାପ୍ତ ଲୋକେ ଅଧିକ ପାରିଶ୍ରମିକ ନ ପାଇଲେ କାମ

କରିବାକୁ ରାଜି ହେବେ ନାହିଁ । ତେଣୁ ଏ ମାଓବାଦୀମାନେ ଆଦିମ ସମାନତାର ସମର୍ଥକ, ଏମାନଙ୍କ ଦାବୀରେ ବ୍ୟାବହାରିକତା ନାହିଁ, ଇତ୍ୟାଦି ।

ଏ ଧରଣର କଥା ନୂଆ ନୁହେଁ । ଆମଦେଶରେ ମଧ୍ୟ ଭୂଦାନ ବିରୋଧରେ, ଅଧିକ ସମାନତା ବିରୋଧରେ ବଡ଼ ବଡ଼ ଲୋକେ ଠିକ୍ ଏହି ଯୁକ୍ତି ବାଢ଼ିଛନ୍ତି । 'ଦାରିଦ୍ର୍ୟ ବଣ୍ଟନ' ଉଦ୍ୟମର ଉପହାସ କରିଛନ୍ତି । ତେବେ ଏହା ଗୋଟିଏ ବାସ୍ତବ ଓ ଜଟିଳ ପ୍ରଶ୍ନ ମଧ୍ୟ । ରୁଷ୍ ଦେଶରେ ବିପ୍ଳବର ପରେ ପରେ ସେମାନେ ଏହି ସମସ୍ୟାର ସମ୍ମୁଖୀନ ହୋଇଥିଲେ । ପ୍ରଥମେ କେତେଟା ସମାନତା ସ୍ଥାପନର ଉଦ୍ୟମ ସେଠାରେ ନେତା ଓ ଶାସକମାନେ କରିଥିଲେ ମାତ୍ର ପରେ ତାକୁ କୋହଳ କରିବାକୁ ପଡ଼ିଥିଲା । ଅନ୍ୟ ଦେଶପରି ତଥାକଥିତ ବଡ଼ ପାହ୍ୟାଚକୁ ବେଶୀ ବେତନ ସହିତ ଜୋଡ଼ିବାକୁ ପଡ଼ିଲା ।

ତେବେ ମୁଁ ଏସବୁ ବଖାନ ନ କରି ତାଙ୍କ କଥାର ମୃଦୁ ପ୍ରତିବାଦ କରି ଅପର ଦିଗଟା ପ୍ରତି ଦୃଷ୍ଟି ଆକର୍ଷଣ କଲି । ମୁଁ କହିଲି ଯେ ଦାରିଦ୍ର୍ୟ ଲୋପ ପାଇଁ ଉତ୍ପାଦନ ବଢ଼ାଇବାକୁ ହେଲେ ମଧ୍ୟ ଅସମାନତା କମିବା ଦରକାର ବୋଲି ଆଜିକାଲି ଅର୍ଥନୀତିଜ୍ଞମାନେ ବି କହିଲେଣି । କାରଣ ତାହା ନ ହେଲେ ଦେଶର ବଳକା ଧନ ଉତ୍ପାଦନ କାମରେ ନ ଲାଗି ଅନାବଶ୍ୟକ ବିଳାସ ସାମଗ୍ରୀରେ ବରବାଦ ହେଉଛି । ଆମ ଦେଶର ଶିକ୍ଷିତ ଲୋକେ ଆମେରିକା, ବିଲାତର ସ୍ତରକୁ ଆଖିରେ ରଖି ବେତନ ଦାବୀ କରୁଛନ୍ତି । ଭାରତରେ ବେତନ ଅତି ଊଣା ବୋଲି ପଳେଇଯାଇ ବିଲାତ ଆମେରିକାରେ ଚାକିରି କରୁଛନ୍ତି । ଏକ ଦିଗରେ ସେମାନଙ୍କୁ ଧନୀ ଦେଶମାନଙ୍କର ହାର ଅନୁସାରେ ଦରମା ଦେଇ ଅନ୍ୟ ଦିଗରେ ଦେଶର ଦାରିଦ୍ର୍ୟ ଦୂର କରିବା ଉଦ୍ୟମ ସଫଳ କରିବା ଅସମ୍ଭବ । ସେଥିପାଇଁ ଟଙ୍କା ପଇସା ଛଡ଼ା ଦେଶପ୍ରେମ, ସମାଜବୋଧ, ସେବାଭାବ ଆଦି ଅନ୍ୟ ପ୍ରେରଣାରେ କିପରି ଏମାନେ କାମ କରିବେ ତା'ର ବାଟ ଖୋଜିବା ଦରକାର । ଚୀନରେ ସାଂସ୍କୃତିକ ବିପ୍ଳବ ମାଧ୍ୟମରେ ଏଇକଥା କରିବା ପାଇଁ ଉଦ୍ୟମ କରା ହୋଇଥିଲା । ଆମ ଦେଶରେ ମଧ୍ୟ ଗାନ୍ଧୀଜୀ ଏହିଭଳି ଆଦର୍ଶ ଦେଶର ଯୁବକମାନଙ୍କ ସାମନାରେ ରଖିଥିଲେ ।

ଭୁସ୍ତାନୋଭିଚ୍ କହିଲେ, ହଁ, ଆମ ଦେଶରେ ମଧ୍ୟ ବିପ୍ଳବ ପରେ ପରେ ଏହିଭଳି ଆଦର୍ଶବାଦ ଥିଲା । ମାତ୍ର ବିପ୍ଳବ ପରେ ପଚାଶବର୍ଷ ଭିତରେ ନୂଆ ପିଢ଼ୀ ସେସବୁ କଥାକୁ ଭୁଲି ବସିଲାଣି ଓ ଏବେ ଅଧିକ ବାସ୍ତବବାଦୀ ବା ବ୍ୟବହାରବାଦୀ ଢଙ୍ଗରେ ଚିନ୍ତା କରୁଛି । ଏହା କହି ସେ ପୁଣି ସଫେଇ ଦେଲେ ଯେ ତଥାପି ଏ ଦେଶରେ ଅସମାନତା ଅନ୍ୟ ଦେଶଠୁଁ ଊଣା । ସର୍ବନିମ୍ନ ଓ ସର୍ବୋଚ୍ଚ ଆୟରେ ପାର୍ଥକ୍ୟ ସାଢ଼େ ତିନିଗୁଣରୁ ପାଞ୍ଚଗୁଣ ଭିତରେ । ଅତି ବିଶେଷ କ୍ଷେତ୍ରରେ ପାଞ୍ଚଗୁଣ ହୋଇଥାଏ ।

ଏହାପରେ ଶ୍ରମିକ ସଂଗଠନ ବିଷୟରେ ଚର୍ଚ୍ଚା ହେଲା । କିସିଲାପା ଏଠାର ରାଷ୍ଟ୍ରୀୟ ଶ୍ରମିକ ସଂସ୍ଥାର ଏକ ଉଚ୍ଚପାହ୍ୟାର କର୍ମୀ । ସେ ବିଷୟରେ ସେ ଅନେକ କିଛି ଖବର ଦେଲେ । ଏସବୁ ଦେଶରେ ଶ୍ରମିକ ସଂଗଠନର ପ୍ରଧାନ ଆଭିମୁଖ୍ୟ ମାଲିକ ବା କର୍ତ୍ତୃପକ୍ଷଙ୍କ

ସହିତ ଲଢ଼େଇ କରି ଦାବୀ ହାସଲ କରିବା ନୁହେଁ । ବିଶେଷ କରି ଏଠି ଶିଳ୍ପ ବ୍ୟବସାୟର ପରିଚାଳନା ଶ୍ରମିକ ପ୍ରତିନିଧି ହିଁ କରୁଥିବାରୁ ପରିଚାଳକ ଓ ଶ୍ରମିକ ଏକ । ତେଣୁ ଶ୍ରମିକ ସଂଘର କାମ କ'ଣ ? ବସିକାପା ଜଣାଇଲେ ଯେ ଶ୍ରମିକକୁଳକୁ ଦାୟିତ୍ୱ ତୁଲାଇବା ପାଇଁ ତାଲିମ ଦେବା, ସେମାନଙ୍କ ପାଇଁ ବୈଷୟିକ ଶିକ୍ଷାର ବ୍ୟବସ୍ଥା କରିବା ଓ ଶ୍ରମିକ ପରିଚାଳକ ମଣ୍ଡଳୀ ସାମନାରେ ଶ୍ରମିକମାନଙ୍କର ବିଶେଷକରି ବ୍ୟକ୍ତିବିଶେଷର ବା ଗୋଷ୍ଠୀବିଶେଷର ଦୃଷ୍ଟିକୋଣ ରଖିବାରେ ସାହାଯ୍ୟ କରିବା ଶ୍ରମିକ ସଂଘର ପ୍ରଧାନ କାମ ।

ସେ କହିଲେ ଯେ ଶ୍ରମିକମାନଙ୍କ ହାତକୁ ପରିଚାଳନା ଆସିବା ପରେ ଅଲଗା ଶ୍ରମିକ ସଂଘର ଆବଶ୍ୟକତା ନ ରହିବାର କଥା ମାତ୍ର ଅନେକ ସ୍ଥଳରେ ମ୍ୟାନେଜର୍ ଇଂଜିନିୟର ଗୋଷ୍ଠୀର କର୍ମଚାରୀମାନେ ସାଧାରଣ ଶ୍ରମିକମାନଙ୍କୁ ନାନା ଭାବରେ ପ୍ରଭାବିତ କରିଥାନ୍ତି । ପରିଚାଳକମଣ୍ଡଳୀକୁ କୌଶଳରେ ଦଖଲ କରି ନେଇଥାନ୍ତି । ସାଧାରଣ ଶ୍ରମିକ ଭରସିକରି ନିଜର ସ୍ୱାର୍ଥ ଓ ଅଧିକାର ରକ୍ଷା ପାଇଁ କିଛି କରିପାରନ୍ତି ନାହିଁ । ସେଭଳି କ୍ଷେତ୍ରରେ ଶ୍ରମିକମାନଙ୍କୁ ସଚେତନ ଓ ଆଗୁସାର କରାଇବା ଶ୍ରମିକ ଆନ୍ଦୋଳନର କାମ । ଏହାଛଡ଼ା ପରିଚାଳକମଣ୍ଡଳୀର ନିଷ୍ପତ୍ତି କୌଣସି ବ୍ୟକ୍ତି ବା ଖାସ୍ ଗୋଷ୍ଠୀ ବିରୋଧରେ ଗଲେ ଶ୍ରମିକ ସଂଘ ତାଙ୍କ ପକ୍ଷ ନେଇ ଲଢ଼େ ।

କଳକାରଖାନାର ମାଲିକାନା ସମାଜ ହାତକୁ ଆସିଗଲେ ହିଁ ସମାଜବାଦ ହୋଇଗଲା, ଅନ୍ତତଃ ଏଭଳି ଭ୍ରମ ଏଠି ନାହିଁ ଦେଖି ଆଶ୍ୱସ୍ତ ହେଲି । ଏହା ପରେ ମଧ୍ୟ ସାଧାରଣ ଶ୍ରମିକମାନଙ୍କୁ ସଚେତନ ଓ ସକ୍ଷମ କରିବାର ଆବଶ୍ୟକତା ଏମାନେ ବୁଝୁଁଛନ୍ତି ଓ ସେଥିପାଇଁ ଉଦ୍ୟମ କରୁଛନ୍ତି ।

ଏଠାର ଖବର କାଗଜମାନଙ୍କର ପରିଚାଳନା ବ୍ୟବସ୍ଥା ବିଷୟରେ ଜାଣିବା ପାଇଁ ଚାହିଁଲି । ସେମାନେ କହିଲେ ଯେ ଖବର କାଗଜର ବ୍ୟାବସାୟିକ ପରିଚାଳନା ପାଇଁ ତ ଶ୍ରମିକ ପରିଚାଳନା ମଣ୍ଡଳୀ ରହିଛି ମାତ୍ର ତା'ର ସମ୍ପାଦକୀୟ ନୀତି ନିର୍ଣ୍ଣୟ ପାଇଁ ସମ୍ପାଦକ ମଣ୍ଡଳୀ ମଧ୍ୟ ରହିଛି । ଯେଉଁ ସଂସ୍ଥା ପକ୍ଷରୁ କାଗଜ ବାହାରେ, ଯଥା—କମ୍ୟୁନିଷ୍ଟ ପାର୍ଟି ବା ସୋସାଲିଷ୍ଟ ଏଲାୟନ୍ସ, ସେହି ଏ ସମ୍ପାଦକ ମଣ୍ଡଳୀ ନିଯୁକ୍ତ କରେ । କୌଣସି ଗୋଷ୍ଠୀ ନୂଆ ପତ୍ରପତ୍ରିକା ବାହାର କରିବାକୁ ଚାହିଁଲେ ସ୍ଥାନୀୟ କମ୍ୟୁନର ଅନୁମତି ନେବାକୁ ପଡ଼ିଥାଏ । ଏଭଳି ଅନୁମତି ସହଜରେ ମିଳେ ଓ ଏଭଳି ଅନେକ ପତ୍ରିକା ବାହାରୁଛି ବୋଲି ଜାଣିବାକୁ ମିଳିଲା ।

ଭୁସ୍ବାନୋଭିଚ ଏଠାର ଶାନ୍ତି ସମିତିର ସଭାପତି ବୋଲି ଆଗରୁ କହିଛି । ଏ ଶାନ୍ତି ସମିତିର ପୂରା ନାମ : "ଲୋକମାନଙ୍କର ସ୍ୱାଧୀନତା, ସମାନତା ଓ ଶାନ୍ତି ନିମନ୍ତେ ସଂଘ ।" **( League for the Freedom, Equality and Peace of Peoples )**

ଅନ୍ୟ କମ୍ୟୁନିଷ୍ଟ ଦେଶ ପରି ଏ ସଂଘ ସାଧାରଣତଃ ଦେଶର ସରକାରୀ ନୀତିକୁ ହିଁ ସମର୍ଥନ କରିଥାଏ । ବିଭିନ୍ନ ସମସ୍ୟା ଉପରେ ବିବୃତି ଦେବା, ସଭାସମିତି ଆଦି କରିବା ହିଁ ଏହାର ମୁଖ୍ୟ କାମ ।

କଥାବାର୍ତ୍ତା ଶେଷରେ ସିନ୍ଦକାପା ମତେ ଅଧବାଟ ଯାଏ ବଳେଇ ଦେବାକୁ ଆସିଲେ । ସେ ଥରେ ଭାରତ ବୁଲି ଆସିଥିଲେ । ଏଠାର ଦୁଃଖ ଦାରିଦ୍ର୍ୟ ତାଙ୍କୁ ଖୁବ୍ ବ୍ୟଥିତ କରିଛି । ସେଥିପାଇଁ ସେ ବାରମ୍ବାର କହିଲେ ଯେ ଭାରତରେ ଦାରିଦ୍ର୍ୟ ଦୂର କରିବା ପାଇଁ ସମସ୍ତେ ମିଳିତ ଭାବରେ ଉଦ୍ୟମ କରିବା ଉଚିତ । କୌଣସି ପ୍ରକାରର ଆଦର୍ଶଗତ ବା ଦାର୍ଶନିକ ମତବାଦ ଏ ଉଦ୍ୟମର ପ୍ରତିବନ୍ଧକ ହେବା ଉଚିତ ନୁହେଁ । ଏହାଙ୍କର ଭାରତ ପ୍ରତି ଗଭୀର ବନ୍ଧୁଭାବ ରହିଥିବାର ଦେଖିଲି । ଭାରତର ସାଧାରଣ ଲୋକଙ୍କର ବ୍ୟବହାରରେ ସେ ମୁଗ୍ଧ ହୋଇଛନ୍ତି ବୋଲି ବାରମ୍ବାର ବ୍ୟକ୍ତ କଲେ ।

ଏ ଦିନ ସନ୍ଧ୍ୟାବେଳଟା ବଜାରରେ ବୁଲି ବୁଲି କରି କଟେଇଲି । ଦାନ୍ୟୁବ କୂଳରେ ଥିବା ଉଦ୍ୟାନ ଦେଖିଗଲି । ଆମ ହୋଟେଲ ପାଖରେ ହିଁ ଗୋଟାଏ ବଡ଼ ସୁପର ବଜାର ଧରଣର ଦୋକାନ ଥିଲା । ପାଞ୍ଚ ମହଲା କୋଠା । ପ୍ରତ୍ୟେକ ମହଲାରେ ଗୋଟାଏ ଗୋଟାଏ ବିଭାଗ ନାନା ପ୍ରକାରର ପଣ୍ୟଦ୍ରବ୍ୟରେ ଭରି ରହିଛି । ଅନ୍ୟାନ୍ୟ ଦୋକାନମାନଙ୍କରେ ମଧ୍ୟ ଜିନିଷର ଖୁବ୍ ପ୍ରାଚୁର୍ଯ୍ୟ । ଲକ୍ଷ୍ୟକଲି ଯେ ପାଶ୍ଚାତ୍ୟ ଦେଶ— ଇଂଲଣ୍ଡ, ଫ୍ରାନ୍ସ, ସ୍ୱିଜରଲାଣ୍ଡ, ଆମେରିକା ଆଦିର ତିଆରି ପ୍ରଚୁର ସାମଗ୍ରୀ, ଘଡ଼ି, କଲମ, କ୍ୟାମେରା ଆଦି, ଯଥେଷ୍ଟ ରହିଛି । ଏଠାର ସ୍ଥାନୀୟ ହସ୍ତଶିଳ୍ପର ମଧ୍ୟ ପ୍ରଚୁର ଜିନିସ ଦେଖିବାକୁ ମିଳିଲା । କାଠର ତିଆରି କଣ୍ଢା, ଚାମଚ, କାଗଜକଟା ଛୁରୀ, ସିଗ୍ରେଟ୍ କେସ, କାଠର ନାନାପ୍ରକାରର ବାସନ ଆଦି ଅନେକ ଜିନିଷପତ୍ର । ଏସବୁର କାରିଗରୀ ମଧ୍ୟ ଉଚ୍ଚକୋଟିର । ବେଶ ସୁନ୍ଦର । ଏହାଛଡ଼ା ଚମଡ଼ାର ବ୍ୟାଗ୍, କଣ୍ଢେଇ ଆଦି, ଉଲ୍‌ର ଜିନିଷ, ଏସବୁ ବି ଅନେକ ଥିଲା ।

ମଜା ଲାଗିଲା ଦେଖି ଯେ ଗୋଟାଏ ଜୋତା ଦୋକାନରେ ରହିଛି ଇଟାଲୀରେ ତିଆରି 'ମାଡ୍ରାସ୍' ଜୋତା !

ହୋଟେଲ୍ ପାଖରେ ହିଁ ଗୋଟିଏ ସଂଗ୍ରହାଳୟ ଥିଲା, ଜନସଂସ୍କୃତି ସଂଗ୍ରହାଳୟ । ବୁଲି ଦେଖିଲି । ଯୁଗୋସ୍ଲାଭିଆର ପୁରାତନ ସଂସ୍କୃତିର ବହୁ ନିଦର୍ଶନ ରହିଛି । ତାହାଛଡ଼ା ଅନେକ ଉତ୍କୃଷ୍ଟ ଚିତ୍ର ଓ ଭାସ୍କର୍ଯ୍ୟ ମଧ୍ୟ । ଆମ ଦେଶରେ ଆମେ ସାଧାରଣତଃ ପାଶ୍ଚାତ୍ୟ ଦେଶମାନଙ୍କ ଭିତରୁ ଇଂଲଣ୍ଡ, ଫ୍ରାନ୍ସ, ଇଟାଲୀ ଓ ଜର୍ମାନୀର ଶିଳ୍ପ ଓ ଚିତ୍ରକଳା ସହିତ ପରିଚିତ । ପୂର୍ବ ୟୁରୋପ ସହିତ ବିଶେଷ ସମ୍ପର୍କ ନ ଥାଏ । ମାତ୍ର ଏଠି ମୁଁ ଅନୁଭବ କଲି ଯେ ଏ ସବୁ ଦେଶର ଭାସ୍କର୍ଯ୍ୟ ଓ ଚିତ୍ରକଳାର ସ୍ତର ମଧ୍ୟ ଊଣା ନୁହେଁ । ଶେଷଦିନ ଆଧୁନିକ ଚିତ୍ରକଳା ଓ ଭାସ୍କର୍ଯ୍ୟର ଆଉ ଏକ ସଂଗ୍ରହାଳୟ ଦେଖିବାକୁ ସମୟ ମିଳିଲା । ଏ ସଂଗ୍ରହାଳୟଟି ଏକ ଆଧୁନିକ ଶୈଳୀର ନୂତନ ଭବନରେ ରହିଛି, ଦାନ୍ୟୁବ ନଦୀର ଅନତି ଦୂରରେ ଏକ ପ୍ରଶସ୍ତ ଉଦ୍ୟାନ ମଝିରେ ।

ଷ୍ଟକହଲ୍ମ ଓ ପ୍ୟାରିସ୍‌ର ଅତ୍ୟାଧୁନିକ କଳା ସଂଗ୍ରହାଳୟ ପରି ଏଠି ମଧ୍ୟ ମଣିଷର ମୁଣ୍ଡକୁ ଏକାବେଳକେ ଘୁରାଇ ଦେବା ଭଳି ଆଧୁନିକ ଚିତ୍ରକଳା ଓ ଭାସ୍କର୍ଯ୍ୟର ସଂଗ୍ରହ ରହିଛି । କୌଣସି କୌଣସି ଶିଳ୍ପକୃତି ଦେଖିଲେ ସନ୍ଦେହ ହୁଏ ଏହାକୁ ପ୍ରକୃତରେ ଗାମ୍ଭୀର୍ଯ୍ୟର ସହ ସୃଷ୍ଟି କରାହୋଇଛି ନା ଦର୍ଶକଙ୍କୁ ବୋକା ବନେଇବା ପାଇଁ କୌତୁକ ଛଳରେ ? ଅନ୍ୟ କେତେକ ଚିତ୍ର ବିଜ୍ଞାନଶାଳାର ଚୌମ୍ବକୀୟ ବା ବୈଦ୍ୟୁତିକ କ୍ଷେତ୍ରର ଗ୍ରାଫ୍ ପରି ଦେଖା ଯାଉଥାଏ । ଲୁହା ବା ପିତ୍ତଳର ବଡ଼ ବଡ଼ ନଟ୍ ବୋଲ୍ଟ ବା ମେସିନ୍‌ର ଅଂଶକୁ ମଚିରୁ ଫାଳ ଫାଳ କରି କଟା ହେବା ପରି ଅନ୍ୟ କେତେକ ଆଧୁନିକ ଭାସ୍କର୍ଯ୍ୟର ନମୁନା ଥାଏ । ଏହିପରି କେତେ କ'ଣ ।

ତେବେ ଏ ସଂଗ୍ରହାଳୟ ଦେଖୁ ଦେଖୁ ଗୋଟିଏ କଥା ଖିଆଲ ହେଲ । ୟୁଗୋସ୍ଲାଭିଆରେ ଯେ ଏଭଳି ଆଧୁନିକ କଳାକୃତି ଏତେ ସୃଷ୍ଟି ହେଉଛି ଓ ସେ ସବୁକୁ ଉତ୍ସାହିତ କରାଯାଉଛି ତାହା ଏଠାର ସାଂସ୍କୃତିକ ଆବହାଓ୍ୱାର ଅଧିକ ମୁକ୍ତତା ଓ ସୃଜନଶୀଳତାର ଦ୍ୟୋତକ । ରୁଷ୍‌ରେ ଏଭଳି ଆଧୁନିକ କଳାର ସ୍ଥାନ ନାହିଁ କହିଲେ ଚଳେ । ସେଠି ଷ୍ଟାଲିନ୍ ଅମଳରେ ସାହିତ୍ୟ ଓ କଳାକୁ ଯେଉଁ ଲୁହା ଗ୍ରୁଞ୍ଚ ଭିତରେ ପକାଗଲା ତାହା ଭିତରୁ ଉଧ୍ବାରିବାର ଉଦ୍ୟମ ଷ୍ଟାଲିନ୍‌ଙ୍କ ଅନ୍ତେ ସାହିତ୍ୟିକ ଓ କଳାକାରମାନେ କଲେ । ମାତ୍ର ସେ ଉଦ୍ୟମ ଏବେ ବି ସଂପୂର୍ଣ୍ଣ ସଫଳ ହୋଇନାହିଁ । ଆଧୁନିକ କଳାକୁ ସେଠି ଏବେ ନିରୁତ୍ସାହିତ କରାଯାଇଥାଏ । ଅନେକ ଆଧୁନିକ କଳା ଖୁଣ୍ଟେଭ କହିବା ପରି ଗଧ ଲାଙ୍ଗୁଡ଼ ଛଟାର ପରିଣାମ ବା କଳାକାରର ପାଗଳାମୀର ଅଭିବ୍ୟକ୍ତି ହୋଇପାରେ । ମାତ୍ର କୌଣସି ସମାଜରେ ଏଭଳି ପାଗଳାମୀ ପାଇଁ ମଧ୍ୟ ସୁଯୋଗ ରହିବା ସେ ସମାଜର ସାଂସ୍କୃତିକ ଆବହାଓ୍ୱାର ମୁକ୍ତତାର ଓ ସହନଶୀଳତାର ନିଦର୍ଶନ । ୟୁଗୋସ୍ଲାଭିଆରେ ଏହି ମୁକ୍ତତାର ସ୍ପର୍ଶ ମିଳିବାରୁ ଖୁସି ଲାଗିଲା ।

★ ★

# ସଇଁତିରିଶ

## ବେଲ୍‌ଗ୍ରେଡ୍‌ରେ ବିନୋବା ଭକ୍ତ

ଯୁଗୋସ୍ଲାଭିଆର ଏକ ସରକାରୀ କୃଷିକ୍ଷେତ୍ର ଦେଖିବାର ଇଚ୍ଛା ମୋର ଥିଲା ଓ ସେ କଥା ମୁଁ ଭୁସ୍କାନୋଭିଚ୍‌ଙ୍କୁ କହିଥିଲି । ସେ ସେଥିପାଇଁ ବ୍ୟବସ୍ଥା କରିବାର ଚେଷ୍ଟା କରିବେ ବୋଲି କହିଲେ । ତା'ପରଦିନ ମୁଁ ବେଲ୍‌ଗ୍ରେଡ୍‌ରେ ଥିବା ଭାରତର ରାଜଦୂତଙ୍କ ସହିତ ଦେଖାକରି ଗଲି । ତାଙ୍କୁ ମଧ୍ୟ ଏକଥା ସୁଚାଇଲି । ସେ ମଧ୍ୟ ସାଙ୍ଗେ ସାଙ୍ଗେ ଟେଲିଫୋନ ଯୋଗେ ଭୁସ୍କାନୋଭିଚ୍‌ଙ୍କର ଅଫିସ ଓ ଅନ୍ୟ କେତେକଙ୍କ ସହିତ ସମ୍ପର୍କ କରିବା ପରେ ମତେ ଜଣାଇଲେ ଯେ ଭୁସ୍କାନୋଭିଚ୍‌ଙ୍କ କଥାମତେ ଏହାର ବ୍ୟବସ୍ଥା କରାଯାଇଛି ଓ ଏ ବିଷୟରେ କଥାବାର୍ତ୍ତା କରିବା ପାଇଁ ମିଃ ସ୍ତୋୟନଚ୍ ନାମକ ଜଣେ ଭଦ୍ରବ୍ୟକ୍ତି ମତେ ତାଙ୍କ ଅଫିସରେ ବାରଟାବେଳେ ତାଙ୍କୁ ଦେଖା କରିବା ପାଇଁ ଅନୁରୋଧ କରିଛନ୍ତି ।

ରାଷ୍ଟ୍ରଦୂତ ଶ୍ରୀ ରିକ ଜୟପାଲଙ୍କ ସହିତ ଆଳାପ ପ୍ରସଙ୍ଗରେ ଯୁଗୋସ୍ଲାଭିଆ ବିଷୟରେ କେତେକ ଆଲୋଚନା ହେଲା । ସେଠାର ଶିଳ୍ପବ୍ୟବସାୟ ଆଦିର ଶ୍ରମିକ ପରିଚାଳନା ବ୍ୟବସ୍ଥାର ସେ ଖୁବ୍ ପ୍ରଶଂସା କଲେ । ମୁଁ ପୂର୍ବରୁ ଯେଉଁ କଥା ଶୁଣିଥିଲି ତାହାକୁ ସେ ସମର୍ଥନ କଲେ ଯେ ଗତ କୋଡ଼ିଏ ବର୍ଷ ଭିତରେ ଏ ବ୍ୟବସ୍ଥାର ଯଥେଷ୍ଟ ଉନ୍ନତି ଘଟିଛି, ଶ୍ରମିକମାନଙ୍କର ଦାୟିତ୍ୱବୋଧ ଓ ଦାୟିତ୍ୱ ତୁଲେଇବାର କ୍ଷମତା ମଧ୍ୟ ବଢ଼ିଛି ଏବଂ ଫଳରେ ଶ୍ରମିକ ପରିଚାଳନା ମଣ୍ଡଳୀମାନଙ୍କୁ ଅଧିକ କ୍ଷମତା ମଧ୍ୟ ଏବେ ଦିଆ ଯାଇଛି । ଏଠା ଲୋକଙ୍କର କର୍ମଠତାର ମଧ୍ୟ ସେ ପ୍ରଶଂସା କଲେ । ସେ କହିଲେ "ଏମାନେ କାମ ବେଳେ ଯେମିତି ମନଦେଇ କାମ କରନ୍ତି ସେମିତି କାମ ସରିଗଲେ ଫୂର୍ତ୍ତି କରିବାରେ ବି ଆଗୁଆ । ଏଠି ଅଫିସ୍ ଆଦିରେ କାମ ସକାଳ ସାତଟାରେ ଆରମ୍ଭ ହୁଏ ଓ ଦୁଇଟା ବେଳକୁ ଛୁଟି ହୋଇଯାଏ । ସାରା ଉପରଓଳି ଓ ସନ୍ଧ୍ୟାଟା ଏମାନେ ମଉଜ ମଜଲିସ୍ କରିବା ପାଇଁ ପାଆନ୍ତି ।"

ତାଙ୍କର ଏ କଥା ଶୁଣି ଗୋଟାଏ ରହସ୍ୟ ପରିଷ୍କାର ହୋଇଗଲା । ହୋଟେଲରେ ମୁଁ ଲକ୍ଷ୍ୟ କରିଥିଲି ଯେ କେତେକ ଯୁଗୋସ୍ଲାଭ ଲୋକ ସକାଳୁ ଖୁବ୍ ଚଞ୍ଚଳ ଚା' ଜଳଖିଆ

ଖାଇବାକୁ ଆସୁଛନ୍ତି, ୟୁରୋପରେ ଅନ୍ୟତ୍ର ଲୋକଙ୍କୁ ଏତେ ଚଞ୍ଚଳ ଖାଇବାକୁ ଆସିବା ଦେଖାଯାଏ ନାହିଁ । ତେବେ ସକାଳୁଆ ଅଫିସ୍ ଏହାର କାରଣ ।

ଶ୍ରୀ ଜୟପାଲ୍ ଭାରତ ପ୍ରତି ଯୁଗୋସ୍ଲାଭିଆର ବନ୍ଧୁଭାବର କଥା ମଧ୍ୟ ବଖାଣିଲେ ଓ ଏଠି ଗାନ୍ଧୀ ଜନ୍ମ ଶତବାର୍ଷିକୀ ଖୁବ୍ ଭଲ ଭାବରେ ପାଳିତ ହୋଇଥିଲା ବୋଲି ମଧ୍ୟ ସେ ଜଣାଇଲେ । ସେ କହିଲେ ଯେ ଏଇ ଶତବାର୍ଷିକୀ ଉପଲକ୍ଷ୍ୟରେ ଗାନ୍ଧୀଜୀଙ୍କର ଲେଖାର ଏକ ତିନିଶହ ପୃଷ୍ଠାର ସଂକଳନ ସର୍ବୋକ୍ରୋଏଶୀୟାନ୍ ଭାଷାରେ ପ୍ରକାଶିତ ହୋଇଛି । ଏଥିରେ ଗାନ୍ଧୀଜୀଙ୍କର ସଂକ୍ଷିପ୍ତ ଜୀବନୀ ଓ ବହୁଚିତ୍ର ଦିଆଯାଇଛି ଓ ବହିଖଣ୍ଡିକ ଅତି ଉପାଦେୟ ହୋଇଛି ବୋଲି ସେ କହିଲେ ।

ଏହାପରେ ମୁଁ "ଡିଗା ମାର୍କସ ଓ ଏଙ୍ଗେଲ୍ସ"ରେ ଏଠାର ଶ୍ରମିକ ସଂଗଠନ ସଂସ୍ଥାର ଭବନରେ ସ୍ତ୍ରୋୟନଚ୍‌ଙ୍କ ସନ୍ଧାନରେ ପହଞ୍ଚିଲି । "ଡିଗା"ମାନେ ବୋଧହୁଏ 'ଚୌକ', "ମାର୍କସ୍ ଓ ଏଙ୍ଗେଲ୍ସ୍"ର ବନାନ ଦେଖି ମନେ ପଡ଼ିଲା ପିଲାଦିନେ ଆମର ଜଣେ ଗୁରୁଜନସ୍ଥାନୀୟ ଆତ୍ମୀୟଙ୍କର ଇଂରେଜ ପଢ଼ା ଉଦ୍ୟମର କାହାଣୀ । ସି-ଏ-ଟି କ୍ୟାଟ, ବି-ଏ-ଟି ବ୍ୟାଟ୍ ସାର ଯେତେବେଳେ ଓ-ଏକ୍ସ ଠାରେ ସେ ପହଞ୍ଚିଲେ ସେତେବେଳେ ତାଙ୍କ ତୁଣ୍ଡରୁ 'ଅକ୍ସଅ' ଛଡ଼ା ଆଉ କିଛି ବାହାରିଲା ନାହିଁ । ଏଠି ମାର୍କସ ଓ ଏଙ୍ଗେଲ୍ସର ଉଚ୍ଚାରଣ ଆମ ସେଇ ମାଉସୀଙ୍କ ଅକସଅ ପରି ।

ମି: ସ୍ତ୍ରୋୟନଚ୍ ମୋ ପାଇଁ ଅପେକ୍ଷା କରିଥିଲେ । ମୋତେ ଦେଖିବା ମାତ୍ରେ ଅଭିବାଦନ କରି କହି ଉଠିଲେ "ମୁଁ ଓଡ଼ିଶା ଯାଇଛି, ସର୍ବୋଦୟ ସମ୍ମିଳନୀ ବେଳେ ପୁରୀରେ ଆଠ ଦିନ ଥିଲି, ବିନୋବାଙ୍କୁ ଦେଖିଛି ।"

ମୁଁ ଟିକିଏ ବିସ୍ମିତ ହୋଇ ପଚାରିବାରୁ ପୁଣି ବିସ୍ତୃତ ପରିଚୟ ମିଳିଲା । ସେ ପଚିଶର ଦଶନ୍ଧିରେ ବନାରସ ହିନ୍ଦୁବିଶ୍ୱବିଦ୍ୟାଳୟରେ ଭାରତୀୟ ଇତିହାସ ଓ ସଂସ୍କୃତି ବିଷୟରେ ସ୍ନାତକୋତ୍ତର ଅଧ୍ୟୟନ ପାଇଁ ଆସିଥିଲେ । ସେଇ ସମୟରେ ତାଙ୍କର ଭୂଦାନ ଆନ୍ଦୋଳନ ବିଷୟରେ ଅନୁସନ୍ଧିତ୍ସା ଜନ୍ମେ ଓ ସେ ଉଣେଇଶହ ପଞ୍ଚାବନର ପୁରୀ ସମ୍ମିଳନୀର ଆଠଦିନ ଯାକ ଥିଲେ । ଭୂଦାନ ଆନ୍ଦୋଳନ ବିଷୟରେ ଖୁବ୍ ଭଲରକମ ଓ୍ୱାକିବହାଲ୍ । ବିନୋବାଙ୍କ ପ୍ରତି ଖୁବ୍ ଶ୍ରଦ୍ଧା । ବିନୋବାଜୀଙ୍କ ବିଷୟରେ କହିଲେ "ତାଙ୍କୁ ଦେଖିଲେ ଗାନ୍ଧୀଙ୍କ କଥା ମନେ ପଡ଼େ । ଗାନ୍ଧୀଙ୍କ ପରି ସରଳ ଓ ଧର୍ମମୟ ଜୀବନ । ସାରା ଜୀବନ ଜନତାଙ୍କ ପାଇଁ ସମର୍ପଣ କରିଛନ୍ତି । ଜନତାର କଲ୍ୟାଣ ପାଇଁ ଚାଲି ଚାଲି ଦେଶସାରା ବୁଲୁଛନ୍ତି । ଏଭଳି ବୁଲିବା କିଛି ସହଜ ଓ ସାମାନ୍ୟ କଥା ନୁହେଁ । ଭୂଦାନ ଆନ୍ଦୋଳନକୁ ମଧ୍ୟ ମୁଁ ଖୁବ୍ ପସନ୍ଦ କରେ ।"

ସରକାରୀ କୃଷିକ୍ଷେତ୍ର ଦେଖିଯିବା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବାକୁ ମତେ ସେ ଆସିବାକୁ କହିଥିଲେ । କିନ୍ତୁ ମନେହେଲା ସେଇଟା ବାହାନା ମାତ୍ର । ଅସଲ

ଆଗ୍ରହ ଭାରତ, ବିନୋବା ଓ ସର୍ବୋଦୟ ଆନ୍ଦୋଳନ ବିଷୟରେ ଗପ କରିବା । ସେ ଭାରତରୁ ଫେରିବାର ବାର ଚଉଦ ବର୍ଷ ଭିତରେ ଭୂଦାନ ଆନ୍ଦୋଳନର କିଭଳି ପ୍ରଗତି ହୋଇଛି ତାହା ଜାଣିବାରୁ ଆଗ୍ରହ ପ୍ରକାଶ କଲେ । ମୁଁ ଗ୍ରାମଦାନ ଆନ୍ଦୋଳନର ଗତିବିଧି ବିଷୟରେ ବିସ୍ତୃତ ଭାବରେ ଜଣାଇଲି ।

କଥାରେ କଥାରେ ଜଣାପଡ଼ିଲା ଯେ ଏଠୁ ଯେଉଁ ଗାନ୍ଧୀ ରଚନା ସଂକଳନ ବାହାରିଥିବା କଥା ଆମର ରାଷ୍ଟ୍ରଦୂତ କହୁଥିଲେ ତା'ର ସଂକଳନ କର୍ତ୍ତା ଏଇ ମିଃ ସ୍ରୋସ୍ବନର୍ ଏହି ସଂକଳନ ପାଇଁ ସେ ପୂରା ବର୍ଷେ ପରିଶ୍ରମ କରିବା କଥା ବେଶି ଗର୍ବ ଓ ସନ୍ତୋଷର ସହିତ ପ୍ରକାଶ କଲେ । ଦୁର୍ଭାଗ୍ୟର କଥା ଯେ ତାଙ୍କ ପାଖରେ ସେ ସମୟରେ ବହିର ଖଣ୍ଡେ ହେଲେ କପି ନ ଥିବାରୁ ସେଇଟି ଦେଖିବାର ସୁଯୋଗ ମିଳିଲା ନାହିଁ ।

ଗାନ୍ଧୀଜୀଙ୍କର ବିଚାରଧାରା ପ୍ରତି ଶ୍ରଦ୍ଧା ଯୋଗୁଁ ସେ ଗାନ୍ଧୀ ରଚନା ସଂକଳନ କାମ ହାତକୁ ନେଲେ ଓ ତାହା ଫଳରେ ଯେ ଯେତେ ପଢ଼ାଶୁଣା କଲେ ତାହାଦ୍ୱାରା ତାଙ୍କର ସେ ଶ୍ରଦ୍ଧା ଆହୁରି ଦୃଢ଼ୀଭୂତ ହୋଇଛି ।

ବିନୋବାଜୀଙ୍କ ପ୍ରତି ନମସ୍କାର ଜଣାଇ କହିଲେ "ତାଙ୍କୁ ସେ କଥା ମନେ ପକାଇ ଦେବେ, ପଚାରିବେ ତାଙ୍କ ସହିତ ଜଣେ ଯୁଗୋସ୍ଲାଭ ଆଠ ଦିନ ଥିବା କଥା ତାଙ୍କର ମନେ ଅଛି କି ନାହିଁ ।"

ମୁଁ ପଚାରିଲି "ବିନୋବାଙ୍କ ସହିତ ପୂର୍ବରୁ ଆପଣଙ୍କର କିଛି କଥାବାର୍ତ୍ତା ଓ ଆଲୋଚନା ହୋଇଥିଲା କି ?"

ସେ କହିଲେ "ନା, ସେତେବେଳେ ମୋର ଇଂରେଜୀ ଜ୍ଞାନ ବହୁତ କମ ଥିବାରୁ ଇଚ୍ଛା ଥିଲେ ମଧ୍ୟ ସେଭଳି ଆଲୋଚନା କରିପାରି ନ ଥିଲି ।"

ଭୂଦାନ ଆନ୍ଦୋଳନ ହାଙ୍ଗକୁ ସମବାୟ କୃଷି ଉଦ୍ୟମ ମଧ୍ୟ ଚାଲୁଛି କି ନାହିଁ ବୋଲି ସେ ପଚାରିବାରୁ ମୁଁ ଜଣାଇଲି ଯେ ସେଭଳି ଉଦ୍ୟମ ଅଳ୍ପ କେତେକ ଗାଁରେ ସଫଳଭାବେ ଚାଲିଛି । ଅନ୍ୟ ବହୁ ଗାଁରେ ଲୋକେ ତାହା ଉତ୍ସାହର ସହିତ ଆରମ୍ଭ କରିଥିଲେ ମାତ୍ର ସେଥିପାଇଁ ଆବଶ୍ୟକ ହିସାବ କିତାବ ଜ୍ଞାନ, ପରିଚାଳନା ଶକ୍ତି ଆଦିର ଅଭାବରୁ ସେ ଉଦ୍ୟମ ଉଠେଇ ପା'ରି ନାହିଁ ।

ଯୁଗୋସ୍ଲାଭିଆର ଅଭିଜ୍ଞତା ଦର୍ଶାଇ ସେ ସମବାୟ କୃଷିର ଗୁରୁତ୍ୱ ଉପରେ ଖୁବ୍ ଜୋର ଦେଲେ । ସେ କହିଲେ ଯେ ସେଠି ସାଧାରଣ ଚାଷୀ ଏକ ହେକ୍ଟାର୍ ( ଅଢ଼େଇ ଏକର ) ଜମିରେ ସାଧାରଣତଃ ପନ୍ଦରରୁ କୋଡ଼ିଏ କୁଇଣ୍ଟାଲ ଗହମ ଫଳାଏ । (ଏକର ପିଛା ଷୋଳରୁ ବାଇଶ ମହଣ ) ମାତ୍ର ସମବାୟ କୃଷିକ୍ଷେତ୍ରରେ ଏହାର ଦୁଇଗୁଣ ଫଳେ ଓ ସରକାରୀ ଫାର୍ମରେ ତ ଷାଠିଏ କୁଇଣ୍ଟାଲ ଯାଏ ଫଳିଯାଏ ।

ଆଲୋଚନା ଅନ୍ୟାନ୍ୟ ବିଷୟକୁ ମଧ୍ୟ ଆଗେଇ ଚାଲିଲା ଓ ମଝିରେ ସେ ମଧ୍ୟାହ୍ନ ଭୋଜନ ପାଇଁ ହୋଟେଲକୁ ନେଇଗଲେ । ସେଇ ପୂର୍ବଦିନର ହୋଟେଲ । ଆଲୋଚନା ପ୍ରସଙ୍ଗରେ ଚେକୋସ୍ଲୋଭାକିଆ କଥା ଉଠିଲା, ରୁଷ୍‌ର ମତଗତ ବିଷୟରେ ମଧ୍ୟ । ଏଠି ଏମାନେ ସ୍ୱଭାବତଃ ରୁଷ୍‌ର କ୍ଷମତା ବିସ୍ତାର ନୀତିର ବିରୋଧୀ । ତାହାର ବିରୋଧରେ ସାହସର ସହିତ ଛିଡ଼ା ହୋଇ ମାର୍ଶାଲ ଟିଟୋ ଯୁଗୋସ୍ଲାଭିଆର ବାସ୍ତବ ସ୍ୱାଧୀନତା ହାସଲ କରିପାରିଛନ୍ତି । ସେଥିପାଇଁ ଚେକୋସ୍ଲୋଭିଆରେ ସେଠାର କମ୍ୟୁନିଷ୍ଟ ନେତାମାନେ ଟିକିଏ ଉଦାରନୀତି ଧରିବାକୁ ରୁଷ୍‌ର ନେତୃତ୍ୱରେ ସେଠାରେ ଯେଉଁ ସାମରିକ ଆକ୍ରମଣ ଚଳାଗଲା ତାହାର ବିରୋଧ ଯୁଗୋସ୍ଲାଭିଆର ଅଧିକାଂଶ ଲୋକ କରିଥାନ୍ତି ।

ଷ୍ଟୋୟନର୍ ଦୃଢ଼ ବିଶ୍ୱାସ ପ୍ରକାଶ କଲେ ଯେ ଚେକୋସ୍ଲୋଭାକିଆବାସୀ ଅବଶ୍ୟ ରୁଷ୍‌ର କବଳରୁ ମୁକ୍ତିଲାଭ କରିବେ, ମାତ୍ର ସେଥିପାଇଁ ସମୟ ଲାଗିବ । ରୁଷ୍‌ର ଛତ୍ରଛାୟାରେ ଥିବା ଅନ୍ୟ ପୂର୍ବ ୟୁରୋପୀୟ କମ୍ୟୁନିଷ୍ଟ ଦେଶମାନଙ୍କ ଭିତରେ ରୋମାନିଆର ଅବସ୍ଥା ଅପେକ୍ଷାକୃତ ଭଲ, ଅର୍ଥାତ୍ ସେଠାରେ ସେମାନେ ଅପେକ୍ଷାକୃତ ଭାବରେ ଅଧିକ ସ୍ୱାଧୀନ ନୀତି ଧରି ଚଳାଉଛନ୍ତି ବୋଲି ଷ୍ଟୋୟନର୍ ମତ ଦେଲେ । କହୁଁ କହୁଁ ସେ କହିଗଲେ ଯେ ରୁଷ୍ କେବେ ଯୁଗୋସ୍ଲାଭିଆ ଆକ୍ରମଣ କରିବାକୁ ସାହସ କରିବ ନାହିଁ । ସେ ଜାଣେ ଯେ ଯୁଗୋସ୍ଲାଭିକାନେ ଉତ୍ତମ ଯୋଦ୍ଧା ଜାତି । ଯଦି ଆକ୍ରମଣ ହୁଏ ତେବେ ଆମେ ଆପ୍ରାଣ ଲଢ଼େଇ କରିବୁ । ରୁଷ୍‌ର ଲାଲସେନା ବିରୋଧରେ ଆମର ଲାଲସେନାର ଲଢ଼େଇ ହେବ । ଲାଲସେନା ବନାମ ଲାଲସେନାର ଲଢ଼େଇ ଏକ ବିସଙ୍ଗତ କଥା, ମାତ୍ର କ'ଣ କରାଯିବ, ଗୋଟିଏ ଲାଲସେନା ଯଦି ନୀତିବିରୁଦ୍ଧ କାର୍ଯ୍ୟକଳାପରେ ଲିପ୍ତ ହୁଏ ତେବେ ତା'ର ବିରୋଧ କରିବାକୁ ହିଁ ହେବ ।

★ ★

# ଅଠତିରିଶ

## ଏକ ସରକାରୀ କୃଷିକ୍ଷେତ୍ର

ପ'ର ଦିନ ସକାଳୁ ଆମର ସରକାରୀ କୃଷିକ୍ଷେତ୍ର ଦେଖିଯିବାର ସ୍ଥିର ହୋଇଥିଲା । ସେ ଅନୁସାରେ ସକାଳୁ ସ୍ତୋୟାନଚ୍ ଓ ମୁଁ ଗୋଟିଏ କାର୍‌ରେ ରୱାନା ହେଲୁ । ବେଲ୍‌ଗ୍ରେଡ୍‌ର ଦକ୍ଷିଣପୂର୍ବକୁ ଷାଠିଏ କିଲୋମିଟର ଦୂରରେ ଏଇ କୃଷିକ୍ଷେତ୍ର । ରାସ୍ତା ଦାନ୍ୟୁବ୍ ନଈ କୂଳେ କୂଳେ ଚାଲିଥାଏ । କେତେବେଳେ ନଈଠାରୁ ଟିକିଏ ଦୂରେଇ ଯାଉଥାଏ, କେତେବେଳେ ବି ଏକାବେଳକେ ନଈ କୂଳ ଦେଇ ଚାଲିଥାଏ, ଅନେକଟା ମହାନଦୀ କୂଳ ଦେଇ ଯାଇଥିବା ବୌଦ୍ଧ-ସୋନପୁର ରାସ୍ତା ପରି । ଏଠି ମଧ୍ୟ ଦାନ୍ୟୁବ କଟକ ପାଖ ମହାନଦୀ ପରି, ହୁଏତ ତାହାଠାରୁ ମଧ୍ୟ ଅଧିକ ବିସ୍ତୀର୍ଣ୍ଣ । ଉପରମୁଣ୍ଡର କ୍ଷୁଦ୍ର ରୂପ ଆଉ ନାହିଁ । କୂଳରେ ପାହାଡ଼ ମୁଣ୍ଡିଆ, ଛୋଟ ଛୋଟ ବଣ, ମଝିରେ ମଝିରେ ଗାଁ । ନଈ ମଝିରେ ମଧ୍ୟ ବଡ଼ ବଡ଼ ପଠା, ସେଥିରେ ଖୁବ୍ ବଡ଼ ବଡ଼ ଗଛ ଥିବା ବଣ ।

ଏଠି ଦାନ୍ୟୁବର ବନ୍ୟା ବେଳେ ବେଳେ କୂଳ ଉଛୁଳାଇ ଗାଁ ଗଣ୍ଡା ବୁଡ଼େଇଦିଏ । ଏହି ଭଳି ଏକ ବେଶ୍ ବଡ଼ ବନ୍ୟା ଅଳ୍ପଦିନ ତଳେ ଆସିଥିଲା । ତା'ର ଚିହ୍ନ ନଈକୂଳର ଗଛମାନଙ୍କରେ ରହିଯାଇଛି । ସଡ଼କ ଉପରକୁ ବେଶ ଦୁଇତିନି ହାତ ଓ ଠାଏ ଠାଏ ଆହୁରି ଅଧିକ ପାଣି ଉଠିଥିଲା ।

ଯିବାବେଳେ ବାଟରେ ଯୁଗୋସ୍ଲାଭିଆର ରାଜନୀତିକ ବ୍ୟବସ୍ଥା ବିଷୟରେ ସ୍ତୋୟାନଚଙ୍କୁ ପଚାରି ବୁଝିଲି । ନିର୍ବାଚନ ପଦ୍ଧତି ବିଷୟରେ ମଧ୍ୟ ଆଲୋଚନା ହେଲା । ଏଠି କମ୍ୟୁନିଷ୍ଟ ପାର୍ଟି ଛଡ଼ା ସୋସାଲିଷ୍ଟ ଏଲାୟନ୍‌ସ ବୋଲି ଏକ ସଂଗଠନ ଅଛି । ଏ ଦୁଇ ଭିତରେ ପାର୍ଥକ୍ୟ କ'ଣ ତାହା ଜାଣିବାକୁ ଚାହିଁବାରୁ, ସ୍ତୋୟାନଚ୍ କହିଲେ ଯେ କମ୍ୟୁନିଷ୍ଟ ପାର୍ଟି ହେଲା ଖାସ କର୍ମୀଙ୍କର ସଂଗଠନ । ଏହାର ସଦସ୍ୟ ସଂଖ୍ୟା ଦଶ ଲକ୍ଷ ହେବ । ମାତ୍ର ସୋସାଲିଷ୍ଟ ଏଲାୟନ୍‌ସ ଏକ ଗଣ ସଂଗଠନ । ଯୁବକ, ମହିଳା, ଶ୍ରମିକ ପ୍ରଭୃତିଙ୍କର ଯେ ସବୁ ସ୍ୱତନ୍ତ୍ର ସଂଗଠନ ରହିଛି ସେ ସବୁ ଏହା ସହିତ ସଂଯୁକ୍ତ । ତଥାପି ତାହାର ସଦସ୍ୟତା ସ୍ୱତନ୍ତ୍ର । ଅର୍ଥାତ୍ ଏହା ସହିତ ସଂଯୁକ୍ତ ଥିବା କୌଣସି ଏକ ବିଶେଷ ଗୋଷ୍ଠିଗତ ବା

ଶ୍ରେଣୀଗତ ସଂଗଠନର ପ୍ରତ୍ୟେକ ସଦସ୍ୟ ଆପେ ଆପେ ସୋସାଲିଷ୍ଟ ଏଲାୟନ୍‌ସର ସଦସ୍ୟ ହୋଇଯାନ୍ତି ନାହିଁ । ସ୍ୱତନ୍ତ୍ର ଭାବରେ ଏହାର ସଦସ୍ୟ ହେବାକୁ ପଡେ । ଏହାର ମୋଟ ସଦସ୍ୟ ସଂଖ୍ୟା ଅଶୀ ଲକ୍ଷ ପାଖ ହେବ । ସ୍ମରଣ କରାଯାଇ ପାରେ ଯେ ଯୁଗୋସ୍ଲାଭିଆର ମୋଟ ଲୋକ ସଂଖ୍ୟା ଦୁଇକୋଟି ।

ଷ୍ଟୋୟନର୍ ଆନ୍ଦ୍ରିଚ ଜଣାଇଲେ ଯେ ସୋସାଲିଷ୍ଟ ଏଲାୟନ୍‌ସ ତାହା ସହିତ ସଂଯୁକ୍ତ ବିଭିନ୍ନ ସଂଗଠନମାନଙ୍କୁ ନୀତିଗତ ମାର୍ଗଦର୍ଶନ ଦେଇଥାଏ ମାତ୍ର ସେମାନେ ତାହା ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି ।

ସୋସାଲିଷ୍ଟ ଏଲାୟନ୍‌ସର ନିର୍ବାଚନ ଚାରି ବର୍ଷରେ ଥରେ ହୁଏ । ସାଧାରଣ ସଦସ୍ୟମାନେ ମ୍ୟୁନିସପାଲିଟି ବା ଜିଲ୍ଲା ସ୍ତରରେ ସମ୍ମିଳନୀ ପାଇଁ ପ୍ରତିନିଧି ବାଛନ୍ତି । ଏଠି ମନେ ରଖିବାକୁ ହେବ ଯେ ଏଠାର ଗୋଟାଏ 'ଜିଲ୍ଲା' ଆମର ଗୋଟାଏ 'ବ୍ଲକ' ଠାରୁ ବି ଟିକିଏ ସାନ ହେବ । ଏ ପ୍ରତିନିଧିମାନେ ସଂଗଠନର ସ୍ଥାନୀୟ କର୍ମକର୍ତ୍ତା, ସଭାପତି, ସମ୍ପାଦକ ଆଦି ନିଯୁକ୍ତ କରନ୍ତି । ରିପବ୍ଲିକ୍ ଅର୍ଥାତ୍ ଅମ ଏଠା ଅନୁସାରେ ରାଜ୍ୟ ସ୍ତରରେ —ଯୁଗୋସ୍ଲାଭିଆରେ ଛଅଗୋଟି ରିପବ୍ଲିକ୍ ବା ରାଜ୍ୟ ଓ ଦୁଇଟି 'ସ୍ୱଶାସିତ' ଅଞ୍ଚଳ ରହିଛି—ଓ ରାଷ୍ଟ୍ର ସ୍ତରରେ ମଧ୍ୟ ସଂଗଠନର କର୍ମକର୍ତ୍ତାମାନଙ୍କୁ ରାଜ୍ୟ ଓ ରାଷ୍ଟ୍ର ସ୍ତରୀୟ ସମ୍ମିଳନୀର ପ୍ରତିନିଧିମାନେ ହିଁ ବାଛନ୍ତି ।

ଏ ଦେଶର ବିଧାନସଭାମାନଙ୍କୁ ପ୍ରତିନିଧି ନିର୍ବାଚନ କରିବାରେ ଏହି ସୋସାଲିଷ୍ଟ ଏଲାୟନ୍‌ସ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସୋସାଲିଷ୍ଟ ଏଲାୟନ୍‌ସର କାର୍ଯ୍ୟକାରୀ ମଣ୍ଡଳୀ ପ୍ରତି ନିର୍ବାଚନ ମଣ୍ଡଳୀ ପାଇଁ କେତେଗୁଡ଼ିଏ ପ୍ରାର୍ଥୀଙ୍କର ନାମ ସୁପାରିଶ କରେ । ସେହି ନିର୍ବାଚନ ମଣ୍ଡଳୀର ଏଲାୟନ୍‌ସ ସମ୍ମିଳନୀରେ ସେ ତାଲିକା ଉପରେ ଆଲୋଚନା ହୁଏ ଓ ଯେଉଁ ଜଣେ, ଦୁଇଜଣ ବା ତିନିଜଣ ପ୍ରାର୍ଥୀଙ୍କ ସପକ୍ଷରେ ଅଧିକତମ ମତ ପ୍ରକାଶ ପାଏ ସେମାନେ ନିର୍ବାଚନରେ ଛିଡ଼ା ହୁଅନ୍ତି ଓ ନିଜ ନିଜ କଥା ପ୍ରଚାର କରନ୍ତି । ସେଥି ଭିତରୁ ଯେ ଜିତେ ସେ ବିଧାନ ସଭାର ସଦସ୍ୟ ହୁଏ । ଏହିରୂପେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ସବୁଯାକ ପ୍ରାର୍ଥୀ ସୋସାଲିଷ୍ଟ ଏଲାୟନ୍‌ସ ପକ୍ଷରୁ ହିଁ ବଛା ଯାଇଥାନ୍ତି ଓ ସମ୍ମିଳନୀର ପ୍ରତିନିଧିମାନଙ୍କ ମାଧ୍ୟମରେ ସେମାନଙ୍କ ପଛରେ ଥିବା ଜନମତର ଗୋଟାଏ ମୋଟାମୋଟି ଧାରଣା ମିଳିଥାଏ । ନିର୍ବାଚନ କ୍ଷେତ୍ରରେ ଏ ଗୋଟିଏ ପ୍ରକାରର ଅଭିନବ ପ୍ରୟୋଗ । ଷ୍ଟୋୟନର୍ ଆନ୍ଦ୍ରିଚ କହିଲେ ଯେ କୌଣସି ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ଅନ୍ୟୁନ ପଚିଶ ଜଣ ଭୋଟରଙ୍କ ସମର୍ଥନ ପାଇପାରିଲେ ନିର୍ବାଚନରେ ଛିଡ଼ା ହୋଇ ପାରନ୍ତି । ଏଭଳି କେତେଜଣ ସ୍ୱାଧୀନ ପ୍ରାର୍ଥୀ ବିଭିନ୍ନ ରାଜ୍ୟର ବିଧାନସଭା ଓ ରାଷ୍ଟ୍ରୀୟ ବିଧାନ ସଭାରେ ରହିଛନ୍ତି ବୋଲି ମଧ୍ୟ ସେ କହିଲେ ।

ଏଥିପୂର୍ବରୁ ଜୟପ୍ରକାଶଜୀ ଯୁଗୋସ୍ଲାଭିଆର ଏ ନିର୍ବାଚନ ପଦ୍ଧତିକୁ ଦେଖିଆସି ପସନ୍ଦ କରିଥିଲେ ଓ ଗ୍ରାମଦାନ ଗାଁର ଲୋକମାନେ ନିର୍ଦ୍ଦଳୀୟ ଭିତ୍ତିରେ କିଭଳି ବିଧାନସଭା

ଲୋକସଭାକୁ ପ୍ରତିନିଧି ନିର୍ବାଚନ କରିବେ ତାହାର ରୂପରେଖ ନିର୍ଣ୍ଣୟ କରାଯିବାବେଳେ ଏଇ ପଦ୍ଧତିର କେତେକ ଅଂଶ ସାମିଲ କରାଯାଇ ଏକ ନୂଆ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଥିଲା । ତେଣୁ ଏହା ବିଷୟରେ ପୂର୍ବରୁ ଅଳ୍ପ କିଛି ଧାରଣା ଥିଲା । ପ୍ରୋଫେସରଙ୍କ ସହ ଆଲୋଚନା ଫଳରେ ତାହା ଅଧିକ ସ୍ପଷ୍ଟ ହେଲା ।

ଅନ୍ୟ କମ୍ୟୁନିଷ୍ଟ ଦେଶମାନଙ୍କରେ କମ୍ୟୁନିଷ୍ଟ ପାର୍ଟିର କର୍ତ୍ତୃପକ୍ଷ ହିଁ ପ୍ରାର୍ଥୀ ମନୋନୟନ କରି ଛିଡ଼ା କରନ୍ତି, ଗଣତାନ୍ତ୍ରିକ ଦେଶମାନଙ୍କରେ ମଧ୍ୟ ବିଭିନ୍ନ ବିଭିନ୍ନ ଦଳର କର୍ତ୍ତୃପକ୍ଷମାନେ ହିଁ ପ୍ରାର୍ଥୀ ମନୋନୟନ କରନ୍ତି, ମାତ୍ର ଏସବୁ ଦେଶରେ ଏକାଧିକ ଦଳ ପ୍ରାର୍ଥୀ ଛିଡ଼ା କରନ୍ତି । କମ୍ୟୁନିଷ୍ଟ ଦେଶମାନଙ୍କରେ କେବଳ ଏକମାତ୍ର କମ୍ୟୁନିଷ୍ଟ ଦଳ ହିଁ ଛିଡ଼ା କରେ । ଏହି ଗୋଟିଏ ଦଳର ପ୍ରାର୍ଥୀଙ୍କ ବିରୋଧରେ ଶ୍ରମିକ ସଂଘ, ସମବାୟ ସମିତି ଆଦି ପକ୍ଷରୁ ପ୍ରାର୍ଥୀ ଛିଡ଼ା ହୋଇ ପାରନ୍ତି ମାତ୍ର କମ୍ୟୁନିଷ୍ଟ ଦଳ ସାମନାରେ ଏମାନଙ୍କର କେତେ ବା ଜୁ ରହୁଥିବ !

ଯୁଗୋସ୍ଲାଭିଆର ବ୍ୟବସ୍ଥା ଏହି ଦୃଷ୍ଟିରେ ଏହା ଅପେକ୍ଷା ଢେର ଉନ୍ନତ ଯେ ଏଥିରେ ପ୍ରାର୍ଥୀ ମନୋନୟନ ସୋସାଲିଷ୍ଟ ଏଲାୟେନ୍‌ସର ଏକ ସମ୍ମିଳନୀରେ ହେଉଥିବାରୁ ସେଥିରେ ସମ୍ମିଳନୀର ପ୍ରତିନିଧିମାନଙ୍କ ମାରଫତରେ ଏଲାୟେନ୍‌ସର ସାଧାରଣ ସଦସ୍ୟଙ୍କର ମତାମତ ପ୍ରକାଶ ପାଏ ଓ ଦୁଇତିନି ଣ ପ୍ରାର୍ଥୀ ଏଲାୟେନ୍‌ସ ପକ୍ଷରୁ ମନୋନୀତ ହେଉଥିବାରୁ ଭୋଟଦାତାମାନଙ୍କୁ ମଧ୍ୟ ବଛାବଛି କରିବାର ଅଧିକ ଅବକାଶ ମିଳେ ।

ଗଣତାନ୍ତ୍ରିକ ଦେଶମାନଙ୍କର ପଦ୍ଧତି ଅପେକ୍ଷା ମଧ୍ୟ ଏହା ଗୋଟାଏ ଗୁଣରେ ଭଲ ଯେ ଗଣତାନ୍ତ୍ରିକ ଦେଶରେ ଦଳମାନଙ୍କର ଉପରିସ୍ଥ କର୍ମକର୍ତ୍ତା ହିଁ ପ୍ରାର୍ଥୀ ମନୋନୟନ କରନ୍ତି । ସ୍ଥାନୀୟ ସ୍ତରରେ ମତାମତ ସେଥିରେ ଖୁବ୍ କମ ପ୍ରଭାବ ପକାଇଥାଏ । ଏଠି ବହୁସଂଖ୍ୟକ ଲୋକଙ୍କର ପ୍ରତିନିଧିମୂଳକ ସମ୍ମିଳନୀରେ ମନୋନୟନ ହେବାଦ୍ୱାରା ସେଥିରେ ସ୍ଥାନୀୟ ମତାମତ ଢେର ବେଶୀ ପ୍ରତିଫଳିତ ହୁଏ । × ×

ଗପ କରି କରି ଓ ବାଟର ଦୃଶ୍ୟ ଦେଖି ଦେଖି କୃଷି କ୍ଷେତ୍ରରେ ପହଞ୍ଚିଲୁ । ଜଣେ ମହିଳା ଆମକୁ ସ୍ୱାଗତ କରି ଅଫିସ ଭିତରକୁ ନେଇଗଲେ । ଏକତାଲା ପକ୍କା ଘର । ସାଧାରଣ ରକମର ଆସବାବ । ଅଫିସ ଭିତରେ ଜଣେ ଭଦ୍ରଲୋକ ଆମକୁ ସ୍ୱାଗତ କରି ନେଇ ବସାଇଲେ । ପରିଚୟ ଦେଲେ ଯେ ସେ ଏ କୃଷି କ୍ଷେତ୍ରରେ ଜଣେ ସହକାରୀ ସଂଚାଳକ ।

ପରିଚୟ ଓ କୁଶଳ ସମ୍ଭାଷଣ ପରେ ମୁଁ କୃଷିକ୍ଷେତ୍ର ବିଷୟରେ ବିଶଦ ବିବରଣୀ ଜାଣିବା ପାଇଁ ମୋର ଆଗ୍ରହ ପ୍ରକାଶ କଲି । ଇତି ମଧ୍ୟରେ ସରବତ ଓ କିଛି ଜଳଯୋଗ ସାମଗ୍ରୀ, କାଠି ଅଗରେ ଖୋସା ହେଇଥିବା ମିଠେଇ ନାନାପ୍ରକାର ଜିନିଷ, ଆସିଲା । ମୁଁ

ଷ୍ଟୋୟନଭଙ୍କୁ ପ୍ରଶ୍ନବାଚକ ମୁଦ୍ରାରେ ଚାହିଁଲି, "ଏଥିରେ ଆମିଷ ନାହିଁ ତ ?" ସେ ଅଭୟ ଦେଇ କହିଲେ "ନା, ଭାରତୀୟମାନେ ଅନେକେ ନିରାମିଷାଶୀ ଏହା ଆମେ ଜାଣୁ । ଆପଣଙ୍କ ପାଇଁ ଏଥିପ୍ରତି ଖିଆଲ ରଖାଯାଇଛି ।"

ଆଲୋଚନା ଆରମ୍ଭରେ ମୁଁ ଇଚ୍ଛା ପ୍ରକାଶ କଲି ଯେ ସେମାନେ ଯେବେ ରାଜି ହେବେ ତେବେ କଥାବାର୍ତ୍ତାକୁ ମୁଁ ଟେପ୍ ରେକର୍ଡ଼ କରିନେବି । ପରସ୍ପର ଭିତରେ ଟିକେ ଆଲୋଚନା ପରେ ଷ୍ଟୋୟନଭ୍ ଜଣାଇଲେ "ଆପଣ ଆଲୋଚନାରୁ କାଗଜରେ ଟିପି ନିଅନ୍ତୁ । ଟେପ୍ ରେକର୍ଡ ନ କରିବା ଭଲ ହେବ ।"

ୟୁରୋପରେ ଏ ପର୍ଯ୍ୟନ୍ତ ଅନ୍ୟ କେଉଁଠି ଟେପ୍ ରେକର୍ଡ଼ ବାବଦରେ ଏଭଳି ଅନିଚ୍ଛାର ସମ୍ମୁଖୀନ ହୋଇ ନ ଥିଲି । ସେହିପରି କୃଷିକ୍ଷେତ୍ରରୁ ଫେରିବା ବେଳେ ମୁଁ ଷ୍ଟୋୟନଭଙ୍କୁ କହିଲି ଯେ ଚାଲନ୍ତୁ ବାଟରେ ଗୋଟାଏ ଗାଁକୁ ଯିବା । ଗାଁ ସବୁ ତ ଦୂରରୁ ଦେଖୁଛୁ, ଗାଁ ଭିତରକୁ ଯିବା, ଲୋକଙ୍କ ସାଙ୍ଗରେ ଟିକେ କଥାବାର୍ତ୍ତା ହେବା । ମାତ୍ର ସେ କଥାଟାକୁ ବାଁରେଇ ଦେଲେ । ଗାଁରେ ଏଇକ୍ଷଣି କେହି ନ ଥିବେ, ଅସୁବିଧା ହେବ ଇତ୍ୟାଦି କହି । ମତେ ତୁଷ୍ଟ କରିବା ପାଇଁ ଶେଷକୁ କହିଲେ 'ଚାଲନ୍ତୁ, ଗୋଟିଏ ପ୍ରସିଦ୍ଧ ପୁରୁଣା ଦୁର୍ଗ ବାଟରେ ପଡ଼ିବ । ସେଇଟା ଦେଖି ଯିବା ।' ମୋର ମନେହେଲା କମ୍ୟୁନିଷ୍ଟ ଦେଶ ହିସାବରେ ଏଠି ଭାବପ୍ରକାଶ, ଚଳବୁଲ ଉପରେ ଯେ କିଛି ନା କିଛି କଟକଣା ରହିଛି ବା ବାସ୍ତବ କଟକଣା ନ ଥିଲେ ବି ଏକ ସାବଧାନତାର ମନୋଭାବ ରହିଛି ଏହା ତାହାର ଲକ୍ଷଣ ।

ଏ କୃଷିକ୍ଷେତ୍ରଟି ଆରମ୍ଭ ହୁଏ ୧୯୪୭ରେ । ଏଠା ପାଖ ସହରର ନଗରପାଳିକା ହାତରେ କିଛି ଜମି ଥିଲା, ପୂର୍ବତନ ଜମିଦାରମାନଙ୍କର ମଧ୍ୟ । ଏ ସବୁକୁ ନେଇ ଏହା ଆରମ୍ଭ ହେଲା । ଏହା ସାଙ୍ଗକୁ ମିଶିଲା ଜୋତର ସର୍ବୋଚ୍ଚ ସୀମା ଧାର୍ଯ୍ୟ ହେବା ଫଳରେ ଚାଷୀମାନଙ୍କ ଠାରୁ ମିଳିଥିବା ବଳକା ଜମି ଓ ଯୁଦ୍ଧ ବେଳେ ଶତ୍ରୁ, ଅର୍ଥାତ୍ ଜର୍ମାନୀର ନାତ୍ସୀ ସରକାର ସହ ସହଯୋଗ କରିଥିବା ଲୋକଙ୍କଠାରୁ ବାଜ୍ୟାପ୍ତ କରାଯାଇଥିବା ଜମି । ଏ ଅଞ୍ଚଳରେ ପୂର୍ବରୁ ଯେଉଁସବୁ କୃଷି ସମବାୟ କାମ କରୁଥିଲେ ସେ ସବୁ ଓ ଏଠାରେ ଥିବା ଏକ କ୍ଷୁଦ୍ରତର ସରକାରୀ କୃଷିକ୍ଷେତ୍ର ବି ଏଥିରେ ମିଶିଗଲେ । ଏହା ଭିତରେ ଅଙ୍ଗୁରଚାଷୀ ସମବାୟ, ଫଳବଗିଚା ସମବାୟ, ନଅଟା ଗାଁର ସରକାରୀ କୃଷି ସମବାୟ ଓ ପରେ ଆହୁରି ଏହିପରି ଅନେକ ଗାଁ ଏଥିରେ ମିଶିଲେ । ଏହିରୂପେ ଏହାର ଜମି ହେଲା ମୋଟରେ ସାଢ଼େ ତିନି ହଜାର ହେକ୍ଟାର ବା ୮୭୫୦ ଏକର । ପୂର୍ବ ବର୍ଷ ଏମାନେ ଆହୁରି ଦେଢ଼ ହଜାର ହେକ୍ଟାର ଜମି କିଣିଲେ । ଏହିରୂପେ ଏବେ ଏହାର ମୋଟ ଆୟତନ ସାଢ଼େ ବାର ହଜାର ଏକର ।

ଏ ଜମି କାହାଠାରୁ କିଣାହେଲା ବୋଲି ମୁଁ ପଚାରିଲି । ଜବାବ ମିଳିଲା ଚାଷୀଙ୍କଠାରୁ । କେଉଁ ଚାଷୀ ଜମି ବିକିବାକୁ ଚାହିଁଲେ ?

"କେତେକ ଚାଷୀ ଚାଷ ଛାଡ଼ି ସହରକୁ କାମ କରିବାକୁ ଚାଲିଗଲେ । ସେମାନଙ୍କର ଜମି, ଏହାଛଡ଼ା କୃଷିକ୍ଷେତ୍ରକୁ ବଢ଼ାଇବା ଦୃଷ୍ଟିରୁ ମଧ୍ୟ କେତେକ ଚାଷୀଙ୍କଠାରୁ ଜମି କିଣି ନିଆହେଲା ।" × ×

ଏ ଜମିର ବିନିଯୋଗ ନିମ୍ନମତେ କରାଯାଉଛି ବୋଲି ତାଙ୍କ କଥାରୁ ଜଣାଗଲା । ସାଢ଼େ ସାତ ଶହ ଏକର ଅଙ୍ଗୁର ଚାଷ, ସାଢ଼େ ସତର ଶହ ଏକର ଫଳବଗିଚା, ସାଢ଼େ ବାର ଶହ ଏକର ଜଙ୍ଗଲ ଓ ବାକି ଆଠ ହଜାର ତିନିଶହରେ ସାଧାରଣ ଚାଷ ।

ଏଠାର କର୍ମବ୍ୟବସ୍ଥା ବିଭିନ୍ନ କାର୍ଯ୍ୟକାରୀ ୟୁନିଟ୍ ବା ଏକକ ଭିତ୍ତିରେ ସଂଗଠିତ । ଫଳ ବଗିଚା, ଦ୍ରାକ୍ଷାକ୍ଷେତ୍ର, ଗୋଶାଳା, ଅଟୋକଲ, ବିକ୍ରି ବିଭାଗ ଆଦି ପାଇଁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଏକକ ରହିଛି । ବ୍ୟକ୍ତିଗତ ଚାଷୀଙ୍କର ସହିତ ସହଯୋଗ ପାଇଁ ମଧ୍ୟ ଗୋଟିଏ ଏକକ ରହିଛି । ଏସବୁ ଏକକ ସ୍ୱାୟତ୍ତ ଶ୍ରମିକ ପରିଚାଳନା ନୀତିରେ ଚାଲେ । ପ୍ରତି ଏକକ ନିଜର ଯୋଜନା, ବଜେଟ ଆଦି ତିଆରି କରନ୍ତି । ସେ ସବୁ ପୁଣି କୃଷିକ୍ଷେତ୍ରର କେନ୍ଦ୍ରୀୟ ପରିଚାଳନା ମଣ୍ଡଳୀଠାରେ ପେଶ ହୁଏ ଓ ସେ ସବୁକୁ ଏକତ୍ର କରି କୃଷିକ୍ଷେତ୍ରର ମୋଟ ଯୋଜନା ଓ ବଜେଟ ତିଆରି ହୁଏ । ଟଙ୍କା ଲଗାଣ ଏକତ୍ର ଗୋଟିଏ ସୂତ୍ରରୁ ହୁଏ । ମାତ୍ର ଲାଭର ବିନିଯୋଗର ଯୋଜନା ପ୍ରତ୍ୟେକ ଏକକ କରିଥାନ୍ତି ।

ଏଥିରେ ମୋଟ ଛଅଶହ ଲୋକ କାମ କରନ୍ତି । ଏଠାର କେନ୍ଦ୍ରୀୟ ପରିଚାଳନା-ମଣ୍ଡଳୀର ମୋଟ ସଦସ୍ୟ ସଂଖ୍ୟା ପଚିଶ, ସେଥିଭିତରୁ ଜଣେ ହେଲେ ଡିରେକ୍ଟର ବା ପରିଚାଳକ । ଏହାର କାର୍ଯ୍ୟକାରୀ ସମିତିର ସଦସ୍ୟ ସଂଖ୍ୟା ପନ୍ଦର । କେନ୍ଦ୍ରୀୟ ପରିଚାଳନା ମଣ୍ଡଳୀ ହିଁ ପରିଚାଳକଙ୍କୁ ନିଯୁକ୍ତ କରେ ।

ପ୍ରତି ଏକକର ମଧ୍ୟ ନିଜସ୍ୱ କାର୍ଯ୍ୟକାରୀ ସମିତି ରହିଛି । ଏ ସମିତି ସବୁ ଦିନନିତି କାରବାର ବୁଝାସୁଝା କରେ । ଅବଶ୍ୟ ନିତିଦିନିଆ ଦାୟିତ୍ୱ ତୁଲାଇବା ପାଇଁ ପ୍ରତି ଏକକରେ ମଧ୍ୟ ଜଣେ ଜଣେ ପରିଚାଳକ ଅଛନ୍ତି । ଏକକର ସାଧାରଣ ସଭାରେ ସେଥିରେ କାମ କରୁଥିବା ସମସ୍ତ ଶ୍ରମିକ ଓ କର୍ମଚାରୀ ସଦସ୍ୟ । ଏହାର ବୈଠକ ବର୍ଷରେ ପାଞ୍ଚ ଛଅ ଥର ଲେଖା ହୁଏ । ଏ ବୈଠକରେ ଏକକର କାମର ଯୋଜନା ବିଷୟରେ ଆଲୋଚନା ହୁଏ, ଦରକାର ହେଲେ ସେଥିରେ ଅଦଳବଦଳ ମଧ୍ୟ କରାଯାଏ । ଏକକର କାର୍ଯ୍ୟକଳାପ ଓ ବିଶେଷ କରି ଆର୍ଥିକ ପରିସ୍ଥିତିର ସମୀକ୍ଷା ମଧ୍ୟ କରାଯାଏ । କାମର ଉନ୍ନତି ବିଧାନ ଦିଗରେ ନୂଆ ନୂଆ ସୂଚନା ଓ ପରାମର୍ଶ ମଧ୍ୟ ଏ ବୈଠକମାନଙ୍କରେ ମିଳେ ଓ ସେ ସବୁ ଉପରେ ମଧ୍ୟ ବିଚାର କରାଯାଏ ।

କାର୍ଯ୍ୟକାରୀ ସମିତି ଆବଶ୍ୟକତା ଅନୁସାରେ ମାସରେ ଥରେ ବା ଅଧିକ ଥର ବସିଥାଏ । ଏ ସବୁଥିରେ ନିଷ୍ପତ୍ତି ସିଧାସଳଖ ସଂଖ୍ୟାଗରିଷ୍ଠତା ଦ୍ୱାରା ହିଁ କରାଯାଇଥାଏ ।

ଏ କୃଷିକ୍ଷେତ୍ରର ପ୍ରଧାନ ଉତ୍ପନ୍ନ ଦ୍ରବ୍ୟ ହେଲା : ଗହମ, ମକା, ଚିନି ତିଆର ପାଇଁ ବିଟ୍, ରାମତିଲା ଜାତୀୟ ତୈଳବୀଜ, ମାଂସ, ଦୁଧ ଓ ମଦ । ଗହମ ଓ ମକା ଏହି କୃଷି-କ୍ଷେତ୍ରର ଅଟାକଲରେ ପେଷାଯାଏ । ବିଟ୍ ଓ ରାମତିଲା ବାହାରର ଚିନିକଲ ଓ ତେଲ କଳରୁ ବିକାଯାଏ ।

× × ×

ଏଠାର ମୋଟ ଜମି ଭିତରୁ ଶତକଡ଼ା ତିରିଶ ଭାଗ ଜମିରେ ଜଳସେଚନ ବ୍ୟବସ୍ଥା ରହିଛି । ପାଣି ମାଡ଼ୁଥିବା ଜମିରେ ଗହମ, ମକା, ପଶୁଖାଦ୍ୟ, ଫଳବଗିଚା ଓ ପନିପରିବା ଚାଷ କରାଯାଏ । ଏ ଜମିରେ ଗହମ, ତୈଳବୀଜ ଓ ମକାର ଉନ୍ନତ ଧରଣର ବିହନ ମଧ୍ୟ ଉତ୍ପାଦନ କରାଯାଏ ଓ ଆଖପାଖର ଚାଷୀଙ୍କୁ ବିକାଯାଏ ।

ଏଠାର ପଶୁମାନଙ୍କୁ ଏଠି କାଟିବାର ବ୍ୟବସ୍ଥା ନାହିଁ । ଅନ୍ୟ କାରଖାନାକୁ ପଶୁ ବିକାଯାନ୍ତି ।

ଗୋଶାଳା ଦେଖିବା ପାଇଁ ଇଚ୍ଛାପ୍ରକାଶ କରିବାରୁ ପୁଣି ଏକ ନାସ୍ତି ଶୁଣିବାକୁ ହେଲା । ସଞ୍ଚାଳକ ମହାଶୟ କହିଲେ ଯେ ଏଠାକୁ କେତେକ ନୂଆ ଘୁଷୁରି ଏବେ ଅଣା ହୋଇଛନ୍ତି । କାଳେ ସେମାନଙ୍କଠାରୁ କୌଣସି ରୋଗ ବ୍ୟାପିବ ସେଥିପାଇଁ ଗୋଶାଳା ଓ ଘୁଷୁରିଶାଳା କ୍ୱାରଂଟାଇନ୍ କରି ରଖାଯାଇଛି । ଗୋରୁମାନଙ୍କୁ ମଧ୍ୟ ବାହାର ଲୋକଙ୍କ ମାଧ୍ୟମରେ ରୋଗ ବ୍ୟାପିପାରେ ବୋଲି ସାଧାରଣତଃ ବାହାର ଲୋକଙ୍କ ସଂସ୍ପର୍ଶରେ ଆସିବାକୁ ଦିଆଯାଏ ନାହିଁ ।

ଜଣାଗଲା ଯେ ଏଠାରେ ଦୁଧ ଦେବା ଗାଈ ତିନି ଶହ, ମାଂସ ପାଇଁ ଗାଈ ବଳଦ ପାଞ୍ଚ ଶହ ଓ ପନ୍ଦରରୁ କୋଡ଼ିଏ ହଜାର ଘୁଷୁରି ଥାଆନ୍ତି । ଏମାନଙ୍କର ଦେଖାରେଖ କରିବା ପାଇଁ ସତୁରି ଜଣ ଲୋକ ଅଛନ୍ତି ।

ଏଠି ଦୁଧ ଉତ୍ପାଦନ ଗାଈ ପିଛା ଦୈନିକ ହାହାହାରି ପନ୍ଦର ଲିଟର । ସର୍ବୋଚ୍ଚ ତିରିଶ ଲିଟର ।

ଏଠାର ମୋଟ ବାର୍ଷିକ ଉତ୍ପାଦନର ମୂଲ୍ୟ ନଅକୋଟି ଡଲାର ବା ବା ପ୍ରାୟ ସାଢ଼େ ପାଞ୍ଚ କୋଟି ଟଙ୍କା । ଏକର ପିଛା ସାଢ଼େ ଚାରି ହଜାର ଟଙ୍କାରୁ ଟିକେ କମ ।

ଏଠାର ଫସଲର ଏକର ପିଛା ଉତ୍ପାଦନ ହାରର ନିମ୍ନମତେ ହିସାବ ମିଳିଲା :

| | | |
|---|---|---|
| ଗହମ | ଏକରକୁ | ଅଠର କୁଇଣ୍ଟାଲ |
| ମକା | ଏକରକୁ | ଅଠେଇଶ ତିରିଶ କୁଇଣ୍ଟାଲ |
| ବିଟ୍ | | ୨୪୦ କୁଇଣ୍ଟାଲ |

ଦରଦାମ : ଗହମ କିଲୋ ପଞ୍ଚଷଠି ସତୁରି ପଇସା, ମକା କିଲୋ ୪୦।୪୫ ପଇସା, ବିଟ କିଲୋ ବାର ତେର ପଇସା, ତୈଳବୀଜ ପ୍ରାୟ ଏକ ଟଙ୍କା ।

ପୂର୍ବଦିନ ବେଲ୍‌ଗ୍ରେଡ୍‌ର ବଜାରରେ ବୁ ବୁଲି କଲବେଳେ ଦୋକାନମାନଙ୍କରେ ଦର ଦେଖୁଥିଲି । ପନିପରିବାର ଦର ନିମ୍ନମତେ ଦେଖିବାକୁ ମିଳିଥିଲା : ଟମାଟୋ କିଲେ ଦୁଇଟଙ୍କା ଷୋଳ ପଇସା, ସେଓ (ଏପଲ୍) କିଲେ ଟଙ୍କାଏ ଅଶି, ଲଙ୍କାମରିଚ କିଲେ ତିନି ଟଙ୍କା, ଆଳୁ ଟଙ୍କାଏ, ବନ୍ଧାକୋବି ତିରିଶ ପଇସା ।

ଫେରିବାବେଳେ ବାଟରେ ସ୍ମେଦେରେଭୋ ସହରରେ ହାଟ ଦେଖିବା ପାଇଁ ଅଟକିଥିଲୁ । ଏ ସହରଟି ଆକାରରେ ଆମର କେନ୍ଦ୍ରାପଡ଼ା ବା ଯାଜପୁର ପରି ହେବ, ତେବେ କହିବା ବାହୁଲ୍ୟ, ଆମ ସହରମାନଙ୍କର ଅସହନୀୟ ଦାରିଦ୍ର୍ୟ ଓ ଅପରିଚ୍ଛନ୍ନତା ଏଠି ନାହିଁ । ସହରର ଗୋଟାଏ ମୁଣ୍ଡରେ ସପ୍ତାହରେ ଥରେ ହାଟ ବସେ । ଫଳ, ପନିପରିବା, ମାଛ, ମାଂସ, ମକା, ଗହମ ଆଦି ସବୁ ରକମର ଜିନିଷ କୃଷୀମାନେ ବିକିବାକୁ ଆଣନ୍ତି, ଫୁଲ ମଧ୍ୟ ପ୍ରଚୁର ଆସିଥାଏ । ଉପରେ ରଙ୍ଗ ବେରଙ୍ଗର ପ୍ଲାଷ୍ଟିକ୍ ଓ କ୍ୟାମ୍ବିସ୍‌ର ଛାଉଣି, ତଳେ ଜିନିଷପତ୍ର ରଖିବା ଓ ବସାଉଠା ପାଇଁ କାଠର ଟେବୁଲ, ବେଞ୍ଚ । ବିକାଳୀମାନେ ଅଧିକାଂଶ ସ୍ତ୍ରୀଲୋକ । କାଠର ଡାଲା, ବେତର ଟୋକେଇ ଆଦିରେ ଜିନିଷପତ୍ର ରଖା ହୋଇଛି । ଗୋଟାଏ ମୁଣ୍ଡକୁ ବଦାରେ ଗହମ ଓ ମକା ହାଟ । ବୋରାରେ ପୂରାଇ କୃଷୀମାନେ ବିକିବାକୁ ଆଣିଛନ୍ତି । ଆମଆଡ଼େ ହାଟ ପରି ହିଁ ଚହଲ ଲାଗିଥାଏ, ଏଠି କୁଆଡ଼େ ଗୋରୁ ହାଟ ବି ହୁଏ, ଟିକିଏ ଛଡ଼ାରେ ଗୋଟାଏ ପଡ଼ିଆରେ । ତେବେ ଏ ପାଳି ନ ଥିଲା ।

ଏଠି ଦେଖିଲି ଯେ ପନିପରିବା ଦରଦାମ୍ ବେଲ୍‌ଗ୍ରେଡ୍‌ଠାରୁ ସସ୍ତା, ସ୍ୱଭାବତଃ ।

କୃଷିକ୍ଷେତ୍ରର ମୂଲମଜୁରିର ହାର ବିଷୟରେ ପଚାରି ଯାହା ବୁଝିଲି ସେଥିରୁ ଜଣାଗଲା ଯେ ଏଠାରେ ନ୍ୟୁନତମ ମଜୁରି ମାସକୁ ସାତଶହ ଦିନାର - ଚାରିଶହ କୋଡ଼ିଏ ଟଙ୍କା ଓ ଉଚ୍ଚତମ ବେତନ, ଯାହାକି ଏଠାର ଫଚାଳକ ପାଆନ୍ତି, ବାଇଶଶହ ଦିନାର ବା ତେରଶହ କୋଡ଼ିଏ ଟଙ୍କା । ଟ୍ରାକ୍ଟର ଚାଳକମାନେ ଆଠଶହ, ନଅଶହ ଓ ଏପରିକି ହଜାର ଟଙ୍କା ଯାଏ ମାସକୁ ଉପାର୍ଜନ କରନ୍ତି । ଯେଉଁ ମାସରେ କାମ ବେଶୀ ଥାଏ ସେ ମାସରେ ଅଧିକ ପାଆନ୍ତି । କମ୍ବାଇନ୍ ବା ଫସଲ କଟା ଓ ବଡ଼ା ବନ୍ଧା ଯନ୍ତ୍ରର ଚାଳକ ସବୁଠୁଁ ବେଶୀ ରୋଜଗାର କରନ୍ତି । ସବୁଠାରୁ କମ ପାଆନ୍ତି, ସଫେଇବାଲା, ଷ୍ଟେନୋଗ୍ରାଫର ଓ କିରାଣୀ, ପହରାବାଲା ଇତ୍ୟାଦି । ଷ୍ଟେନୋଗ୍ରାଫର୍‌ର ଦରମା ସାଢ଼େ ଚାରିଶହ ପାଞ୍ଚଶହ ଟଙ୍କା ।

ଏ ହେଲା ବୁନିଆଦୀ ଦରମା । ଏହାଛଡ଼ା ପ୍ରତି ଛଅ ମାସରେ ଥରେ ଲାଭ କ୍ଷତିକୁ ହିସାବ କରି ସମସ୍ତଙ୍କୁ ଲଭ୍ୟାଂଶ ବିତରଣ କରାଯାଏ । ଏହିରୂପେ ଗତବର୍ଷ ହାରାହାରି ମାସିକ ଆୟ ଛଅଶହ ତିରିଶ ଟଙ୍କା ବା ହଜାରେ ପଚାଶ ଦିନାର ଯାଏ ଯାଇଥିଲା ।

ଏଠି ସବୁ ଶ୍ରମିକ, କର୍ମଚାରୀ ଆଦିଙ୍କୁ ଘରଭଡ଼ା ଦେବାକୁ ପଡ଼ିଥାଏ । ପ୍ରତି ପିଲା ପାଇଁ ବାପମା'ଙ୍କୁ ମାସିକ ପ୍ରାପ୍ୟ ତିରିଶ ଟଙ୍କା ଅଧିକ ଭତ୍ତା ଦିଆଯାଇଥାଏ । ଏହାଛଡ଼ା ସମସ୍ତେ ସେ ଦେଶରେ ପ୍ରଚଳିତ ସାମାଜିକ ସୁରକ୍ଷା ବ୍ୟବସ୍ଥାର ସବୁ ସୁବିଧା ପାଆନ୍ତି ।

ଫେରିବା ବେଳେ ସ୍ତୋୟାନରଙ୍କଠାରୁ ଏ ବିଷୟରେ ବିଶେଷ ତଥ୍ୟ ମିଳିଲା । ଏଠି ସାମାଜିକ ସୁରକ୍ଷା ବ୍ୟବସ୍ଥା ସମସ୍ତଙ୍କ ପାଇଁ, ଅର୍ଥାତ୍ କେବଳ ସରକାରୀ କର୍ମଚାରୀ ବା କଳକାରଖାନାର ଶ୍ରମିକ ଓ କର୍ମଚାରୀମାନଙ୍କ ପାଇଁ ନୁହେଁ । ଚାଷୀମାନଙ୍କ ପାଇଁ ମଧ୍ୟ ଏହା ପ୍ରଯୋଜ୍ୟ । ପୁରୁଷମାନଙ୍କୁ ଷାଠିଏ ଓ ସ୍ତ୍ରୀଲୋକଙ୍କୁ ପଞ୍ଚାବନ ବର୍ଷରେ ପେନ୍‌ଶନ ମିଳେ । ନ୍ୟୁନତମ ହାର ମାସକୁ ତିନିଶହ ଦିନାର ବା ଶହେ ଅଶି ଟଙ୍କା । ବେଶୀ ଦରମା ପାଉଥିବା କର୍ମଚାରୀମାନେ ବେଶୀ ପାଆନ୍ତି, ସବୁ ଦେଶ ପରି । ଉଚ୍ଚତମ ପେନ୍‌ଶନ ହାର ବାରଶହ ଟଙ୍କା ପର୍ଯ୍ୟନ୍ତ ଯାଏ ।

ପ୍ରତି ମାସରେ ପ୍ରତ୍ୟେକେ ନିଜ ଆୟର ସାମାନ୍ୟ ଅଂଶ ସ୍ୱାସ୍ଥ୍ୟ ବୀମା ପାଣ୍ଠିକୁ ଦିଅନ୍ତି । କେହି ବେମାର ପଡ଼ିଲେ ତା'ର ସବୁ ଖର୍ଚ୍ଚ ଏହି ବୀମା ବ୍ୟବସ୍ଥା ପକ୍ଷରୁ ବହନ କରାଯାଏ । ଯଦି କାହାରିକୁ ହାସପାତାଲ୍‌ରେ ଦାଖଲ ହେବାକୁ ପଡ଼େ ତେବେ ସେତିକି ସମୟ ପାଇଁ ସେ ଅଧା ଦରମା ଓ ହାସପାତାଲର ପୁରା ଖର୍ଚ୍ଚ ପାଇଥାଏ । ପ୍ରଥମ ମାସର ଖର୍ଚ୍ଚ ସେ ଯେଉଁ ସଂସ୍ଥା ଅଧୀନରେ କାମ କରୁଥାଏ ସେହି ସଂସ୍ଥା ଦିଏ, ପରବର୍ତ୍ତୀ ମାସର ଖର୍ଚ୍ଚ ସ୍ୱାସ୍ଥ୍ୟ ବୀମା ଯୋଜନା ପକ୍ଷରୁ ଦିଆଯାଏ ।

ଗୋଟିଏ କଥା ସେତେବେଳେ ପଚାରିବାକୁ ମନେ ହେଲା ନାହିଁ; ବ୍ୟକ୍ତିଗତ ଚାଷୀଙ୍କର ହାସପାତାଲ ଖର୍ଚ୍ଚ ପ୍ରଥମ ମାସ ପାଇଁ କିଏ ଦିଏ ? ସେ ନିଜେ ?

ଅନ୍ୟାନ୍ୟ ଦେଶ ପରି ଏଠି ବେକାର ଭତ୍ତା ବ୍ୟବସ୍ଥା ଅଛି । ପିଲାଙ୍କର ପାଠପଢ଼ା ସବୁତକ ମାଗଣା । ପ୍ରତି ପିଲାର ଭରଣପୋଷଣ ପାଇଁ ବାପମା'ଙ୍କୁ ବର୍ଷକୁ ତିନିଶହ ଝଣ୍ଡେ ଟଙ୍କା, ପାଞ୍ଚଶହ ଦିନାର୍, ଭତ୍ତା ମିଳେ ।

× ×

ଏସବୁ ଗପ କରି କରି ଡାନ୍ୟୁବ୍ କୂଳେ କୂଳେ ବେଲ୍‌ଗ୍ରେଡ୍ ଫେରୁଥାଉ । ମଟରର ରେଡିଓଟା ଖୋଲାଥାଏ । ଗୀତ ଓ ଯନ୍ତ୍ର ସଙ୍ଗୀତର ଝଙ୍କାର ଭାସି ଆସୁଥାଏ ! ମଝିରେ ମଝିରେ ଗଦ୍ୟ, ବୋଧହୁଏ ସମ୍ବାଦ ପରିବେଷଣ ବା ଘୋଷଣା । ହଠାତ୍ ଏହା ଭିତରେ ଏକ ଗୀତର ଧ୍ୱନି ଆସି କାନ ଓ ମନ ଉଭୟଙ୍କୁ ଧକ୍‌କା ଦେଲା—"କ୍ୟା କରୁଁ ମୁଝେ ତୋ ଏକ ବୁଡ୍‌ଢ଼ା ମିଲ୍ ଗୟା"—ହିନ୍ଦୀ ଫିଲ୍‌ମୀ ଗୀତ ! ଏ କେଉଁଠୁ ଆସିଲା ରେ ବାବା ! ଗପ ବନ୍ଦ କରି କାନ ପାତିଲୁ । ଫିଲ୍‌ମୀ ଗୀତ, କବୀରଙ୍କ ଭଜନ, ପୁଣି ମଝିରେ ମଝିରେ ବର୍ଣ୍ଣନା । ସ୍ତୋୟାନର୍ ବୁଝାଇ ଦେଲେ ଯେ ଭାରତବର୍ଷ ବିଷୟରେ ଏକ କାର୍ଯ୍ୟକ୍ରମ ପ୍ରଚାର କରାଯାଉଛି । ଏଥିରେ ଭାରତର ବିଭିନ୍ନ ଅଞ୍ଚଳର ସଭ୍ୟତା ଓ ସଂସ୍କୃତି ବିଷୟରେ ବର୍ଣ୍ଣନା କରାଯାଉଛି । ଅବୋଧ ସର୍ବକ୍ରୋଟ ଭାଷା ଭିତରେ ବନାରସ, ଏଲାହାବାଦ, ଏ ସବୁ ନାମ ଶୁଣାଗଲା । ଏହା ସାଙ୍ଗକୁ ପୁଣି ଗଜଲ, ଟପ୍‌ପା ଆଦି ସଙ୍ଗୀତର ନମୁନା, ଉଚ୍ଚକୋଟିର ସୀତାର ଆଲାପ, ପୁଣି ଦିଲ୍ଲୀ, ଆଗ୍ରା, ତାଜମହଲର ନାମ । ତା'ପଛକୁ ବମ୍ବେ, ତ୍ରିଭାଂଦ୍ରମ୍, କଥାକଳି ନାଚ ଓ ଭରତ ନାଟ୍ୟମ୍‌ର ସଙ୍ଗୀତ ଓ ତାଳ । ଚାଲିଲା ବେଶ ଚାଳିଶ ମିନିଟ୍ କି ଆହୁରି ବେଶୀ । ବେଲ୍‌ଗ୍ରେଡ୍‌ରେ ପହଞ୍ଚିବା ଯାଏ ସରି ନ ଥିଲା । ଯୁଗୋସ୍ଲାଭିଆରେ ଭାରତ

ପ୍ରତି ଯେଉଁ ସଦ୍ଭାବ ମୁଁ ପ୍ରଥମରୁ ଅନୁଭବ କରୁଥିଲି ଏହା ତାହାର ଏକ ନିଦର୍ଶନ ବୋଲି ମୁଁ ଅନୁଭବ କଲି ।

"ଏହି ରେଡ଼ିଓ ପ୍ରୋଗ୍ରାମ୍‌ଟା ସତେ ଅବା ଆଜି ଦିନରେ ଆମର କାର୍ଯ୍ୟକ୍ରମର ପରିପୂରକ ରୂପେ ପରିକଳ୍ପନା କରାଯାଇଥିବା ପରି ମନେ ହେଉଛି ।" ଶ୍ରୋଏଡର୍ ମନ୍ତବ୍ୟ କଲେ । ମୁଁ ସେଥିରେ ପ୍ରସନ୍ନ ଚିତ୍ତରେ ହଁ ଭରିଲି ।

★ ★

# ଅଣଚାଳିଶ

## ଏଥେନ୍ସରେ ଦିନେ

ଆଦ୍ୟରୁ ମୋର ଗ୍ରୀସ୍ ଯିବାର କୌଣସି ଯୋଜନା ନ ଥିଲା । ସେଠାର କାହାରି ସହିତ, କୌଣସି ସଂସ୍ଥା ସହିତ, ଯୋଗସୂତ୍ର ବି ନ ଥିଲା ଓ ସେଠି କେତେବର୍ଷ ହେଲା ଯେଉଁ ଦକ୍ଷିଣପନ୍ଥୀ ଏକଛତ୍ର ଶାସନ ଚାଲିଛି ତାହା ଦାଉରେ ସେଠି କୌଣସି ପ୍ରଗତିଶୀଳ ଗୋଷ୍ଠୀ ଖୋଲଖୋଲି ଭାବରେ କାମ କରିବାର ସମ୍ଭାବନା ମଧ୍ୟ ଅତି ଊଣା ରହିଛି । ତା'ର ପ୍ରାଚୀନ ସଭ୍ୟତାର ଭଗ୍ନାବଶେଷ, କୋଠାବାଡ଼ି, ମନ୍ଦିର, ମୂର୍ତ୍ତିକଳା ଆଦି ପାଇଁ ଗ୍ରୀସ୍ ପ୍ରସିଦ୍ଧ ଓ ଏକ ପ୍ରଧାନ ଟୁରିଷ୍ଟ ଆକର୍ଷଣ । ମାତ୍ର କେବଳ ଏସବୁ ଦେଖିବା ପାଇଁ ସେଠାକୁ ଯିବାର ମୋର ଇଚ୍ଛା ନ ଥିଲା ।

ବେଲଗ୍ରେଡ଼୍‌ରୁ ସୋଭିଏତ୍ ୟୁନିୟନ୍ ହୋଇ ଭାରତ ଫେରିବାର ଇଚ୍ଛା ମୋର ଥିଲା । ମାତ୍ର ଏହାର ସୁବିଧା ହୋଇ ପାରିଲା ନାହିଁ । ତେଣୁ ସେଠାକୁ ଯିବାର ଆଶା ତ୍ୟାଗ କରି ବେଲ୍‌ଗ୍ରେଡ଼୍‌ରୁ ହିଁ ଭାରତ ଫେରିବା ମନସ୍ଥ କରିଥିଲି । ଏଥିପାଇଁ ଉଡ଼ାଜାହାଜର ସୁବିଧାଜନକ ଯୋଗାଯୋଗ ମିଳିଲା ଏଥେନ୍ସ ବାଟେ । ତେଣୁ ଏଥେନ୍ସରେ ଗୋଟିଏ ଦିନ ରହିବାର ଠିକ୍ କଲି ।

ବେଲ୍‌ଗ୍ରେଡ଼୍‌ରୁ ଉଡ଼ାଜାହାଜ ଛାଡ଼ିଲା ସନ୍ଧ୍ୟାବେଳେ । ଅନେକ ବାଟ ପର୍ଯ୍ୟନ୍ତ ଦାନ୍ୟୁବ ନଦୀ ତଳେ ଆମ ସହିତ ଏକା ଦିଗରେ ଚାଲିଥାଏ । ତଳେ ନଦୀର ଦୃଶ୍ୟ ଓ ପଶ୍ଚିମ ଆକାଶରେ ସୂର୍ଯ୍ୟାସ୍ତରେ ବର୍ଣ୍ଣ ବୈଭବ ଉପଭୋଗ କରି କରି ଆମେ ଚାଲିଥାଉ । କ୍ରମେ ଅନ୍ଧାର ଘୋଟି ଆସିଲା, ବେଶ୍ ଶୀଘ୍ର, ଏ କଥା ମନେ ପକେଇ ଦେଇ ଯେ ଆମେ ୟୁରୋପର ଦକ୍ଷିଣତମ ସୀମା ପାଖରେ ପହଞ୍ଚିଲୁଣି, ପ୍ରାଚ୍ୟ ଦେଶର ସୀମାନ୍ତରେ ମଧ୍ୟ ।

ଘଣ୍ଟାକରେ ତଳେ ଭାସି ଉଠିଲା ଏଥେନ୍ସ ନଗରୀର ଆଲୋକମାଳା, ତା'ର ପୋତାଶ୍ରୟର ସୀମାରେଖା । ମାତ୍ର କୌଣସି କାରଣରୁ ଆମ ଜାହାଜ ଆକାଶରେ ପ୍ରାୟ ଅଧଘଣ୍ଟାଏ ଚକ୍କର କାଟିବା ପରେ ମାଟି ଛୁଇଁଲା । ଏହା ଭିତରେ ଆମେ ଏକାଧିକ ଥର ଏଥେନ୍ସର ନିଶୀଥ ସଜ୍ଜା ଆକାଶରୁ ଉପଭୋଗ କରିବାର ସୁଯୋଗ ପାଇଲୁ ।

ଏଥେନ୍‌ସରେ ମୋର ରହିବାର ବ୍ୟବସ୍ଥା ଉଡ଼ାଜାହାଜ କମ୍ପାନୀ ହିଁ କଲେ, ହୋଟେଲ ଖର୍ଚ୍ଚ ସେଇମାନେ ହିଁ ଦେଲେ । ଏପରି ନିୟମ ଯେ ବାଟରେ ଚବିଶ ଘଣ୍ଟା ପର୍ଯ୍ୟନ୍ତ ରହଣୀର ଖର୍ଚ୍ଚ ଉଡ଼ାଜାହାଜ କମ୍ପାନୀ ବହନ କରିବେ ।

ପରଦିନ ରାତିରେ ଦିଲ୍ଲୀଗାମୀ ଉଡ଼ାଜାହାଜ ମିଳିବାର କଥା । ସାରା ଦିନଟି ମୋ ହାତରେ ଥାଏ । ସକାଳୁ ଝଣ୍ଟେ ଏଥେନ୍‌ସର ମାନଚିତ୍ର ହାତରେ ଧରି ଚଞ୍ଚଳ ବାହାରି ପଡ଼ିଲି । ଠିକ୍ କଲି ଯେ ଚାଲି ଚାଲି ହିଁ ବୁଲିବି, ଏଥେନ୍‌ସ ସହରର ପୁରୁଣାକାଳର ଭଗ୍ନସ୍ତୂପ କୋଠାବାଡ଼ି, ତୋରଣ, ମନ୍ଦିର ଆଦିରେ ପୂର୍ଣ୍ଣ । ଏହା ଭିତରେ ପ୍ରଧାନ ହେଲା ସହରର ପ୍ରାୟ ମଝିରେ ଥିବା ଏକ୍ରୋପୋଲିସ୍ । ଗୋଟିଏ ମୁଣ୍ଡିଆ ଉପରେ ବିରାଟ ମନ୍ଦିର, ସହରବାସୀଙ୍କର ସମବେତ ହେବାର ସ୍ଥାନ ଥିଲା । ଭାଙ୍ଗିରୁଜି ଗଲାଣି । ବଡ଼ ବଡ଼ ଖୁଣ୍ଟ ସବୁ ଛିଡ଼ା ହୋଇଛି । ଭବନରେ ଲାଗିଥିବା ଭଙ୍ଗା ପଥର ଖଣ୍ଡମାନ ଇତସ୍ତତଃ ବିକ୍ଷିପ୍ତ ହୋଇ ପଡ଼ି ରହିଛି । ଏଥିରୁ ମିଳିଥିବା ମୂର୍ତ୍ତି ଓ ଅନ୍ୟ ସ୍ଥାପତ୍ୟର ନିଦର୍ଶନ ସବୁ ସଂଗ୍ରହ କରି ତଳେ ଏକ ସଂଗ୍ରହାଳୟରେ ରଖାଯାଇଛି । ଏହା ଭିତରେ ଗ୍ରୀକ୍ ସ୍ଥାପତ୍ୟର କେତେକ ଶ୍ରେଷ୍ଠତମ କୃତି—ଖ୍ରୀଷ୍ଟପୂର୍ବ ଯୁଗ ଦୁଇ ହଜାର ବର୍ଷ ତଳର—ରହିଛି ।

ଏକ୍ରୋପୋଲିସ୍ ପାହାଡ଼ ଉପରୁ ଏଥେନ୍‌ସ ନଗର ଓ ଆଖପାଖ ଅଞ୍ଚଳର ମନୋରମ ଦୃଶ୍ୟ ଦେଖାଯାଏ, ଚାରିଆଡ଼ଟା ପାହାଡ଼ିଆ ଭୂଇଁ । ଛୋଟ ବଡ଼ ମୁଣ୍ଡିଆ ସବୁ ଦୂରରେ ମୁଣ୍ଡ ଟେକିଛନ୍ତି । ଏଥିଭିତରୁ କେତେକଙ୍କ ଉପରେ ପ୍ରାଚୀନ କୀର୍ତ୍ତିର ଭଗ୍ନାବଶେଷ ରହିଛି । ଭ୍ରମଣକାରୀମାନେ ଗାଇଡ୍ ବହି ଦେଖି ଦେଖି ସେଥିରେ ଲେଖାଥିବା ପ୍ରତ୍ୟେକଟି ଦର୍ଶନୀୟ ସ୍ଥାନର ପରିକ୍ରମା କରନ୍ତି, ବହିରେ ଟିକ୍‌ମାର୍କ ଦେଇ ଚାଲନ୍ତି, କେତେଟା ଦେଖାହେଲା । ଏକ୍ରୋପୋଲିସ୍ ଉପରୁ ମତେ ଦୂରରେ ପ୍ରାଚୀନ ଏଂଫିଥିଏଟର ସଭା ଓ କ୍ରୀଡ଼ାଙ୍ଗଣ ଦେଖିବାକୁ ମିଳିଲା, ଯାହା ଚାରିପଟେ ଅର୍ଦ୍ଧବୃତ୍ତାକାରରେ କେତେ ହଜାର ଲୋକଙ୍କର ବସିବା ପାଇଁ ପାହାଚ ପାହାଚ ହୋଇ ଆସନ ରହିଛି । ଅନ୍ୟ କେତେକ ଛୋଟବଡ଼ ଭଗ୍ନାବଶେଷ ମଧ୍ୟ ଏଠି ସେଠି ଦିଶୁଥାଏ । ଏସବୁକୁ ଗୋଟି ଗୋଟି କରି ପରିକ୍ରମା କରିବାର ପ୍ରବୃତ୍ତି ଆଉ ମୋର ହେଲା ନାହିଁ । ଗୋଟାଏ ଭଗ୍ନାବଶେଷ ଦେଖିଦେଲେ ସବୁ ଦେଖିନେଲି ବୋଲି ବିଚାରିଲି ।

ଏକ୍ରୋପୋଲିସ୍‌ରୁ ଓହ୍ଲାଇ ଫେରିବା ବାଟରେ ପଡ଼ିଲା ସେଇ ଉଦ୍ୟାନ; ଯେଉଁଠି ବସି ସୋକ୍ରେଟିସ୍ ତାଙ୍କର ବୈପ୍ଳବିକ ବିଚାରଧାରା ଏଥେନ୍‌ସର ଯୁବକମାନଙ୍କ ଭିତରେ ପ୍ରଚାର କରୁଥିଲେ । ଏହାଦ୍ୱାରା ସେ ଦେଶର ଯୁବଗୋଷ୍ଠୀଙ୍କ ମନକୁ କଳୁଷିତ କରୁଛନ୍ତି ବୋଲି ଅଭିଯୋଗ କରାଯାଇ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା । ସେ ହସି ହସି ବିଷ ପିଇ ମୃତ୍ୟୁ ବରଣ କଲେ । ତାଙ୍କର ବନ୍ଦୀଶାଳା ଯେଉଁ ସ୍ଥାନରେ ଥିଲା ବୋଲି କଥିତ ସେ ସ୍ଥାନ ମଧ୍ୟ ବାଟରେ ପଡ଼ିଲା । ଲୋକେ ପ୍ରାଚୀନ ଇତିହାସର ସ୍ମୃତି ଏଇ ଏଥେନ୍‌ସର ବାଟଘାଟରେ ଜଡ଼ିତ ନ ରହିଛି । ୟୁରୋପର ପ୍ରାଚୀନତମ ଓ ଶ୍ରେଷ୍ଠତମ ସଭ୍ୟତାର ଜନ୍ମଭୂମି ଏଥେନ୍‌ସ, ଏବେ ଏକ ସାମରିକ ଏକଛତ୍ରବାଦ କବଳିତ ଅନୁନ୍ନତ ଦେଶର ରାଜଧାନୀ । ମାର୍କିନ୍ ସାମ୍ରାଜ୍ୟର

ଆଗୁଆ ଘାଟି । ଛୁଣ୍ଡା ନେଙ୍ଗଡ଼ା ପିଲା ଭିକାରୀ ରୋମ୍‌ର ଭାଟିକାନ୍‌ରେ ଦେଖିଥିଲି, ୟୁରୋପରେ ଦ୍ୱିତୀୟଥର ପୁଣି ଏଠି ଦେଖିଲି ।

ଏକ୍ରୋପୋଲିସର ମୁଣ୍ଡିଆ ତଳେ ମନୋହାରୀ ବଜାର । ଶ୍ରେଷ୍ଠ ଶ୍ରେଷ୍ଠ ଦୋକାନ, ଭ୍ରମଣକାରୀଙ୍କର ସଉକ ଓ ସ୍ମୃତିଚିହ୍ନର ଆବଶ୍ୟକତା ମେଣ୍ଟାଇବା ପାଇଁ ନାନା ପ୍ରକାରର ମନୋହାରୀ ପଣ୍ୟଦ୍ରବ୍ୟରେ ପୂର୍ଣ୍ଣ, ଆମ ପୁରୀ ବଡ଼ଦାଣ୍ଡରେ ଦୋକାନମାନଙ୍କ ପରି । ପ୍ରତିବର୍ଷ ଏଠାକୁ ବହୁ ଲକ୍ଷ, ବୋଧହୁଏ କୋଟି ପାଖାପାଖି, ଭ୍ରମଣକାରୀ ଆସନ୍ତି ଓ ସେମାନଙ୍କ ପାଇଁ ହୋଟେଲ, ଯାନବାହନ ଓ ସୌଖିନିଆ ଜିନିଷ ଯୋଗାଇ ପ୍ରଚୁର ଲୋକ ଦୁଇ ପଇସା ରୋଜଗାର କରୁଛନ୍ତି । ଜୁଲାଇ ମାସଟା ତ ଭ୍ରମଣକାରୀଙ୍କର ଅସଲ ମଉସୁମ । ଏଥେନ୍ସସାରା ତ ମେଳା ମେଳା ହୋଇ ବୁଲୁଥାନ୍ତି । ଯେଉଁଠି ଦେଖିବ ତରୁଣ ତରୁଣୀ ଲେଖାଏଁ ଗୋଟାଏ ଗୋଟାଏ ଦଳ ।

ଉଡ଼ାଜାହାଜ ଅଫିସ୍‌ରେ ଖବର ନେବାକୁ ଯାଇ ବୁଝିଲି ଯେ କୌଣସି କାରଣରୁ ଉଡ଼ାଜାହାଜଟି ଲଣ୍ଡନରୁ ଆଠ ଦଶ ଘଣ୍ଟା ଡେରିରେ ଛାଡ଼ିବ । ତେଣୁ ରାତି ଦଶଟା ବଦଳରେ ସକାଳ ଛଅଟାରେ ଏଥେନ୍ସ ପହଞ୍ଚିବାର ଅନୁମାନ । ଯେତେ ଡେରି ହେଉ ପଛେ 'କ୍ୱାଂଟାସ୍' କମ୍ପାନୀର ଏ ସର୍ଭିସ ଅପେକ୍ଷା ଅଧିକ ସହଳ କୌଣସି ଜାହାଜ ମିଳିବାର ସମ୍ଭାବନା ନ ଥିଲା । ତେଣୁ ତା'ରପାଇଁ ଅପେକ୍ଷା କରିବା ସ୍ଥିର କଲି । ଆଜି ରାତିକର ହୋଟେଲ୍ ଖର୍ଚ୍ଚ ମଧ୍ୟ ଉଡ଼ାଜାହାଜ କମ୍ପାନୀ ଭରଣା କଲେ ।

ଇଟାଲୀରେ ଦେଖିଥିଲି, ଏଠି ବି ଦେଖିଲି, ଦୋକାନ ବଜାର ସବୁ ଦିନ ଗୋଟାଏ ଦେଢ଼ଟା ଆଡ଼କୁ ବନ୍ଦ ହୋଇଯାଏ । ପୁଣି ଚାରିଟା ଆଡ଼କୁ ଖୋଲେ । ଲୋକେ ଖାଇପିଇ ଦିବାନିଦ୍ରାଟା ବେଶ୍ ଉପଭୋଗ କରୁଥିବେ । ଉତ୍ତର ଓ ପଶ୍ଚିମ ୟୁରୋପରେ ଏପରି ଦିବାନିଦ୍ରା ସ୍ୱପ୍ନର ଅଗୋଚର, ୟୁଗୋସ୍ଲାଭିଆ ପରି କମ୍ୟୁନିଷ୍ଟ ଦେଶମାନେ ବି ଏହାକୁ ବିଦାୟ ଦେଇଥିବାର ମନେ ହୁଏ । ମାତ୍ର ଦକ୍ଷିଣରେ, ଏପରିକି ସ୍ପେନ୍‌ରେ ମଧ୍ୟ ଏ ପ୍ରାଚ୍ୟଦେଶୀୟ ଅଏଶ୍‌ର ଅଭ୍ୟାସଟି ବଜାୟ ରହିଛି ।

ଏଠି ମୁଁ ବି ଏହାର ପାଲରେ ପଡ଼ିଗଲି । ସକାଳଯାକ ବୁଲିବାଲି ଆସି ଖାଇଦେଇ ଲମ୍ବହୋଇ ପଡ଼ିଗଲି । ଉଠିବାବେଳକୁ ଦେଖେ ବେଳ ଗଡ଼ିଗଲାଣି । ପ୍ରଧାନ ଶିଳ୍ପ ସଂଗ୍ରହାଳୟଟି ତ ଦେଖିବାର ଥିଲା । ଦୌଡ଼ାଦୌଡ଼ି କରି ପହଞ୍ଚି ଦେଖେ ତ ବନ୍ଦ ହେବାକୁ ଅଳ୍ପ ସମୟ ବାକି । ଫଳରେ ଏଇଟି ଅଦେଖା ରହିଗଲା । ପରବର୍ତ୍ତୀରେ ଆଉ କେତୋଟି ଶ୍ରେଷ୍ଠ ଶ୍ରେଷ୍ଠ ସଂଗ୍ରହାଳୟ ବୁଲି ଦେଖିଲି । ପ୍ରାଚୀନ ସଂସ୍କୃତିର ନାନା ନିଦର୍ଶନ ସଂଗ୍ରହ କରି ରଖା ହୋଇଛି । ଗୋଟିଏ କଥା ମନେ ହେଲା । ଏକ କାଳରେ ଏସବୁ ସୁନ୍ଦର ସୁନ୍ଦର ଜିନିଷ ଲୋକଙ୍କର ଘରେ ଘରେ ନିତିଦିନିଆ କାରବାରରେ ଲାଗୁଥିଲା । ସେମାନଙ୍କ ଜୀବନକୁ ସୌନ୍ଦର୍ଯ୍ୟର ସ୍ପର୍ଶରେ ସରସ କରୁଥିଲା । ଏବେ ତା'ର ସ୍ଥାନ ନେଇଛି ପ୍ଲାଷ୍ଟିକର ବାସନ ଓ କାରଖାନାର ଛାଞ୍ଚରେ ଢଳା ଆସବାବ । ମାସେ ପକ୍ଷେରେ ଥରେ ସଂଗ୍ରହାଳୟ ବୁଲି ଆସିଲେ ଯାଇ କଳାର ଦର୍ଶନ ମିଳୁଛି ।

★ ★

# ଚାଳିଶ

## ଘରମୁହାଁ

ହୋଟେଲବାଲା ଭୋର୍‌ରୁ ଉଠେଇଦେଲେ । ସଜବାଜ ହୋଇ ବି. ଓ. ଏ. ସି. କମ୍ପାନୀର ଅଫିସ୍‌ରେ ପହଞ୍ଚିଲୁ । ସେଠୁ ବସ୍‌ଯୋଗେ ଉଡ଼ାଜାହାଜ ଘାଟି । ଠିକ୍ ଛଅଟାବେଳେ ଅଷ୍ଟ୍ରେଲିଆର 'କ୍ୱାଂଟାସ୍' କମ୍ପାନୀର ୭୦୭ ଜେଟ୍ ବିମାନ ଏଥେନ୍‌ସ ଛାଡ଼ିଲା । ଅଳ୍ପବାଟ ଦକ୍ଷିଣମୁହାଁ ଯାଇ ପୁଣି ପୂର୍ବକୁ ମୁହାଁଇଲା, ପ୍ରଥମ ରହଣୀ ତେହେରାନ୍ ଆଡ଼କୁ । ତଳୁ ସମୁଦ୍ର, ଓ ଛୋଟ ଛୋଟ ଦ୍ୱୀପର ପୁଞ୍ଜ ଉଭେଇଯାଇ ଆରମ୍ଭ ହେଲା ଏସିଆ ମାଇନର୍‌ର ରୁକ୍ଷ, ପାର୍ବତ୍ୟ ଭୂମି । ଧୂସର ପର୍ବତ, ପୀତାଭ ମାଟି, ସବୁ ମନେ ହେଲା ଶୁଷ୍କ, କ୍ୱଚିତ୍ କେଉଁଠି ଶ୍ୟାମଳିମାର ସ୍ପର୍ଶ । ଆମ ବାଁପଟେ ଅମର ଉଡ଼ାବାଟର ପ୍ରାୟ ସମାନ୍ତରଭାବରେ ଲମ୍ବି ରହିଥାଏ ଏସିଆ ମାଇନର୍‌ର ସୁଉଚ୍ଚ ତୁଷାରଶୋଭିତ ପର୍ବତମାଳା : କୋରୋଗ୍‌ଲୁ ଦାଗଲାଇ, ବୋଲ୍‌ବନ ଦାଗଲାଇ । କ୍ଷଣକ ପାଇଁ ଦେଖା ଦେଇ ଉଭେଇଗଲା ଏକ କ୍ଷୀଣକାୟା ନଦୀ ଓ ଗୋଟିଏ ବଡ଼ଧରଣର ହ୍ରଦ । ମାନଚିତ୍ରକୁ ମିଳେଇ ଅନୁମାନ କଲି ଏଇଟି ତୁର୍କୀ ଦେଶର ମଝିରେ ଥିବା ନଦୀ 'କଜିଲ୍ ଇର୍‌ମାକ୍' ଓ ତାହା ଯେଉଁଥିରୁ ବାହାରିଛି (ନା ଯେଉଁଥିରେ ପଡ଼ୁଛି ?) ସେ ହ୍ରଦ 'ତୁଜ୍ ଗୋଲୁ' । ମଝିରେ ମଝିରେ ସବୁ ଦୃଶ୍ୟ ମେଘ ଢାଙ୍କି ଦେଉଥାଏ । ପୁଣି ମେଘ ଫାଙ୍କରେ ଯାହା ଦେଖାଯାଉଥାଏ ତାହା ମନେ ହେଉଥାଏ ଯେପରିକି ମରୁଭୂମିର ବାଲି ।

କ୍ରମେ ତେହେରାନ ପାଖେଇ ଆସିଲା । ଉଡ଼ାଜାହାଜ ତଳକୁ ଖସିଲା । ଏବେ ଦେଖାଗଲା ଇରାନ ଦେଶର ସାନ ବଡ଼ ଗାଁ, ଚଷ ଜମି, ହଳଦିଆ ବାଲି ମଝିରେ ସବୁଜର ସ୍ପର୍ଶ । ତେହେରାନ୍ ବିମାନ ଘାଟିରେ ଓହ୍ଲାଇବାବେଳକୁ ଆମମାନଙ୍କ ଘଡ଼ିରେ ସମୟ ନଅଟା, ଏଥେନ୍‌ସରୁ ଠିକ୍ ତିନିଘଣ୍ଟାର ଉଡ଼ାଣ, ମାତ୍ର ବିମାନଚାଳକ ଘୋଷଣା କଲେ ସ୍ଥାନୀୟ ସମୟ ସାଢ଼େ ଦଶଟା, ଘଡ଼ି ମିଳେଇ ନିଅନ୍ତୁ । ଆରେ, ପଶ୍ଚିମମୁହାଁ ଗଲାବେଳେ ଯେତିକି ସମୟ ଲାଭ ଖାତାରେ ଜମା ହୋଇଥିଲା ସେତିକି ଏଥର ପୂର୍ବମୁହାଁ ଫେରିବା ବେଳକୁ ଗଣି ଗଣି କରି ଖେସାରତ ଦେବାକୁ ହେବ । ଆଗରୁ ଇତାଲୀ ଫେରିବାବେଳେ

ଘଣ୍ଟାଟାଏ ଯାଇଛୁ, ଦକ୍ଷିଣ ୟୁରୋପର ଖଗ୍‌ରାଦନ ସମୟ ହିସାବରେ, ଏବେ ଦେଢ଼ଘଣ୍ଟା ଗଲା । ଦିଲ୍ଲୀ ପହଞ୍ଚିବାବେଳକୁ ଆଉ ଦୁଇଘଣ୍ଟା ଯିବ ।

ମାତ୍ର ଏଥିରେ ଗୋଟାଏ ଆଡ଼େ ସମୟ ଖାତାରେ ଖର୍ଚ୍ଚ ଲେଖାଦେବାବେଳକୁ ଭୋଜନ ଖାତାରେ ଲାଭ ଜମା ହୁଏ ।

ସମୟ ଶୀଘ୍ର ଶୀଘ୍ର ଗଡ଼ିଯିବାରୁ ବ୍ରେକ୍‌ଫାଷ୍ଟ, ଲଞ୍ଚ, ଅପରାହ୍ଣର ଟୀ' ମଧ୍ୟ ଶୀଘ୍ର ଶୀଘ୍ର ଅଳ୍ପ ସମୟ ପରେ ପରେ ମିଳିଯିବାକୁ ଲାଗିଲା, ଦୁଇଟା ପରିବର୍ତ୍ତେ ତିନିଟା ଭୋଜନ ।

ତେହେରାନ୍‌ରେ ରହଣି ଘଣ୍ଟାଏ । ପୁଣି ସମସ୍ତେ ବିମାନରେ ବୋଝେଇ ହୋଇ ଉଡ଼ାଣ ଆରମ୍ଭ । ଏଠୁ ଦିଲ୍ଲୀ ତିନିଘଣ୍ଟାର ବାଟ । ପୁଣି ସେଇ ଊଷର ଧୂସର ଭୂଇଁ, ପର୍ବତମାଳା, ମଝିରେ ମଝିରେ କ୍ଷୀଣତୋୟା ନଦୀ । ଇରାନ୍ ଟପି ଆଫଗାନିସ୍ତାନ, ତା'ପରେ ପାକିସ୍ତାନର ଉତ୍ତର ଅଂଶ । ସିନ୍ଧୁ ନଦୀ ଆସିଲା, କ୍ଷଣେ ଦେଖାଦେଇ ଚାଲିଗଲା । ଏହାପରେ ଭାରତ ଭୂମି । ଉପରୁ ଧରଣୀବକ୍ଷକୁ ଚାହିଁଲେ ତ କେଉଁଠି ବାଡ଼ ନାହିଁ, ଗାର ନାହିଁ ଯେ ଏଇଠୁ ଏ ଦେଶଟା ସରି ସେ ଦେଶଟା ଆରମ୍ଭ ହେବ ବୋଲି ବିଧାତାର ବିଧାନର ସୂଚନା ଦେବ । ପୃଥିବୀର ଏମୁଣ୍ଡରୁ ସେମୁଣ୍ଡ ସେଇ ଏକ ଭୂଇଁ ସେଇ ଏକ ମଣିଷଜାତିକୁ କୋଳରେ ଧରି ରହିଛି ।

ଏକା ମଣିଷ; କିନ୍ତୁ ବିବର୍ତ୍ତନର ପାକଚକ୍ରରେ ବାଣ୍ଟିହୋଇଗଲା ରଙ୍ଗ, ଭାଷା ଓ ଧର୍ମର ଅସଂଖ୍ୟ ଗଣ୍ଡିଦ୍ୱାରା । ମନଭିତରର ଏ ଗଣ୍ଡିକୁ ସେ କ୍ରମେ ମାଟିରେ ଉତାରିଲା, ଭୂଇଁରେ ବାଡ଼ ପୋତିଲା, କହିଲା ଏ ଖଣ୍ଡକ ମୋର, ସେ ଖଣ୍ଡକ ତୋର । ସେ ବାଡ଼ ଉପରେ କାଳକ୍ରମେ ମଡ଼ାହେଲା କଣ୍ଟା ତାର, ତା' ପଛରେ ସଜା ହେଲା ତୋପ କମାଣ । ଏଇ ବାଡ଼ ହେଲା ମୁଖ୍ୟ, ମଣିଷ ହେଲା ଗୌଣ । ତା'ପାଇଁ ବୋହିଲା ରକ୍ତନଦୀ ।

ମାତ୍ର ଏବେ ଏ ବାଡ଼କୁ ବିଜ୍ଞାନ ତୁଚ୍ଛ କରିଦେଲାଣି । ତା'ର ଗଡ଼ବାଧକୁ ଚାହିଁ ଏବେ ଏସବୁ ଅତି ସଙ୍କୀର୍ଣ୍ଣ । ଆମେ କେତେ ସହଜରେ ଛଅଘଣ୍ଟାରେ ପାଞ୍ଚଟା ବାଡ଼ ଡେଇଁ ଆସିଲୁ ! ମାନବର ଜାଗ୍ରତ ଆତ୍ମା କି ଏବେ ଆଉ ଏ ଭେଦବାଡ଼କୁ ସହ୍ୟ କରିବାକୁ ପ୍ରସ୍ତୁତ ନୁହେଁ ।

ଯେ ଦିନ ପାଖେଇ ଆସୁଛି ଯେତେବେଳେ ଯେଉଁ ମଣିଷ ଦିନେ ଏସବୁ ବାଡ଼ ପୋତିଥିଲା, ତା'ର ବଂଶଧର ସେ ବାଡ଼ସବୁକୁ ଉପାଡ଼ି ଫିଙ୍ଗିଦେବେ । ପୁଣି ଧରଣୀ ହେବ ସବୁ ମଣିଷଙ୍କର ଏକ ମା । ଏ ନୂତନ ଦିନର ଇଙ୍ଗିତ ମୁଁ ସବୁଠି ଦେଖି ଆସିଲି ।

ଉଡ଼ାଜାହାଜ ପାଲମ୍ ବିମାନଘାଟିର ମାଟି ଛୁଇଁଲା । ଦରଜା ଖୋଲିଲା । ଏକ ଗ୍ରୀଷ୍ମ ଅପରାହ୍ଣର ପ୍ରଖର ସୂର୍ଯ୍ୟ ଓ ଝାଞ୍ଜାଏ ଗରମ ଝାଞ୍ଜିପବନ ମତେ ମାତୃଭୂମିକୁ ସ୍ୱାଗତ ଜଣାଇଲେ ।

—ସମାପ୍ତ—